# ଧରିତ୍ରୀ DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ମଙ୍ଗଳବାର, ଜୁଲାଇ ୨୨/୨୦୨୫ (୧୪ ପୃଷ୍ଠା) | Bhubaneswar, Tuesday, July 22/2025 | Page 14 | ₹ 7.00 | SAMBALPUR

୫୧ଶ ଭାଗ ୨୩୭ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 51 ISSUE 237 | ମୂଲ୍ୟ ₹୭/-




**ପଦାର୍ପଣରେ ପ୍ଲେୟର ଅଫ୍ ଦି ମ୍ୟାଚ୍ ହେଲେ ଓୱେନ** ୧୪

ୱେଷ୍ଟଇଣ୍ଡିଜ୍ ବିପକ୍ଷ ପ୍ରଥମ ଟି୨୦ରେ ଅନ୍ତର୍ଜାତୀୟ ପଦାର୍ପଣ କରି ପ୍ଲେୟର ଅଫ୍ ମ୍ୟାଚ୍ ହୋଇଛନ୍ତି ଅଷ୍ଟ୍ରେଲିଆର ମିଚେଲ ଓୱେନ।

**୧୦୦ କୋଟି କ୍ଲବ୍‌ରେ 'ସୈୟାରା'** ୦୮

ରିଲିଜ୍ ହେବାର ୩ ଦିନ ମଧ୍ୟରେ ନବାଗତ ଅହାନ ପାଣ୍ଡେ ଏବଂ ଅନୀତ ପଡ୍ଡାଙ୍କ ଅଭିନୀତ 'ସୈୟାରା' ଫିଲ୍ମ ୧୦୦ କୋଟି କ୍ଲବ୍‌ରେ ପହଞ୍ଚିଛି।





ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥର ତୁଳସୀଚଉରା ଛକ (ଚନ୍ଦନପୁର) ନିକଟରେ ଅଗ୍ନିଶମ ବିଭାଗ ଗାଡ଼ି ଧକ୍କାରେ ଛାତ୍ରଙ୍କ ମୃତ୍ୟୁ ଘଟଣାକୁ ନେଇ ସ୍ଥାନୀୟ ଲୋକଙ୍କ ରାସ୍ତାରୋକୋ।

# ନାବାଳିକା ହକି ପ୍ରଶିକ୍ଷାର୍ଥୀଙ୍କୁ ଗଣବଳାତ୍କାର

## ଯାଜପୁରରେ ୨ କୋଚ୍‌ଙ୍କ ଜଘନ୍ୟକାଣ୍ଡ

**ରାଜ୍ୟରେ ଗୁରୁଶିଷ୍ୟ ପରମ୍ପରାକୁ କଳୁଷିତ କରିଦେବା ଭଳି ଆଉ ଏକ ଘଟଣା ଘଟିଛି ଯାଜପୁର ସହରରେ। ହକି ଟ୍ରେନିଂ ସେଣ୍ଟରରେ ପ୍ରଶିକ୍ଷଣ ନେଉଥିବା ସଂଖ୍ୟାଲଘୁ ସମ୍ପ୍ରଦାୟର ଜଣେ ନାବାଳିକା (୧୫)ଙ୍କୁ ତାଙ୍କର ୨ କୋଚ୍‌ଙ୍କ ସମେତ ୩ଜଣ ଗଣବଳାତ୍କାର କରିଛନ୍ତି। ଅଭିଯୁକ୍ତମାନଙ୍କ ଧମକ ଏବଂ ଲୋକଲଜ୍ଜା ଭୟରେ ମାନସିକ ଓ ଶାରୀରିକ ଯନ୍ତ୍ରଣାରେ ଛଟପଟ ହେଉଥିବା ପୀଡ଼ିତା ଘଟଣାର ୧୭ ଦିନ ପରେ ରବିବାର ରାତି ୧୧ଟାରେ ଯାଜପୁର ଟାଉନ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ପୋଲିସ ମାମଲା ରୁଜୁ କରିବା ସହ ୩ ଅଭିଯୁକ୍ତଙ୍କ ସମେତ ୪ଜଣଙ୍କୁ ଅଟକ ରଖିଥିବା ଜଣାପଡ଼ିଛି। ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅଧ୍ୟାପକଙ୍କ ଦ୍ୱାରା ଯୌନ ନିର୍ଯାତନାର ଶିକାର ହୋଇଥିବା ଛାତ୍ରୀ ସୌମ୍ୟାଶ୍ରୀ ବିଶି ନ୍ୟାୟ ନ ପାଇ ଆତ୍ମାହୁତି ଦେବା ଘଟଣା ସାରା ଦେଶରେ ଚହଳ ପକାଇଛି। ଏ ଘଟଣାରେ ସରକାରୀ ଉଦାସୀନତା ଅଭିଯୋଗ ଆଣି ବିରୋଧୀ ସରକାରଙ୍କୁ ଘେରିଚାଲିଛନ୍ତି। ଏଭଳିସ୍ଥଳେ ଯାଜପୁରରେ ଜଣେ ନାବାଳିକା ହକି ପ୍ରଶିକ୍ଷାର୍ଥୀ କୋଚ୍‌ମାନଙ୍କ ଦ୍ୱାରା ଗଣବଳାତ୍କାର ଶିକାର ହୋଇଛନ୍ତି। ଏସବୁ ଘଟଣାରୁ ଶିକ୍ଷାନୁଷ୍ଠାନ ଏବଂ ପ୍ରଶିକ୍ଷଣ କେନ୍ଦ୍ରରେ ଛାତ୍ରୀଙ୍କ ପାଇଁ ସୁରକ୍ଷିତ ପରିବେଶ ନ ଥିବା ସ୍ପଷ୍ଟ ହେଉଛି।**

### ନୀରବ ରହିଥିଲେ ଜିଲା କ୍ରୀଡ଼ାଧିକାରୀ

ନାବାଳିକାଙ୍କୁ ଗଣବଳାତ୍କାର ସମ୍ପର୍କରେ ତାଙ୍କ ମା' ଗତ ୧୪ ତାରିଖରେ ଜିଲା କ୍ରୀଡ଼ାଧିକାରୀ ଫକୀର ମୋହନ ଟୁଡୁଙ୍କୁ ସାକ୍ଷାତ୍ କରି ଜଣାଇଥିଲେ। ଜିଲା କ୍ରୀଡ଼ାଧିକାରୀ ଲିଖିତ ଭାବେ ଜଣାଇବାକୁ ତାଙ୍କୁ କହିଥିଲେ। ଏହାପରେ ନାବାଳିକାଙ୍କ ମା' ଗତ ୧୬ ତାରିଖରେ ଲିଖିତ ଭାବେ ଟୁଡୁଙ୍କ ନିକଟରେ ଅଭିଯୋଗ କରିଥିଲେ। ତଦନୁଯାୟୀ ୩ ଦିନ ମଧ୍ୟରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ଟୁଡୁ ତାଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ୩ ଦିନ ଅତିକ୍ରାନ୍ତ ହୋଇ ସାରିଥିଲେ ବି ଜିଲା କ୍ରୀଡ଼ାଧିକାରୀ କୌଣସି ପ୍ରକାର ପଦକ୍ଷେପ ନ ନେଇ ନୀରବି ଯାଇଥିଲେ। ଏପରିକି ପୀଡିତା ଏକାଧିକ ଥର ଟୁଡୁଙ୍କୁ ଫୋନ୍ କରିଥିଲେ ବି ସେ କଲ୍ ଗ୍ରହଣ କରି ନ ଥିଲେ ବୋଲି ନାବାଳିକାଙ୍କ ମା' ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ଜିଲା କ୍ରୀଡାଧିକାରୀ ଟୁଡୁଙ୍କ ମତାମତ ନେବାକୁ ସୋମବାର ସନ୍ଧ୍ୟାରେ ତାଙ୍କ ମୋବାଇଲକୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ କଲ୍ ଗ୍ରହଣ କରି ନ ଥିଲେ।

ଯାଜପୁର,୨୧।୭(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ସହର ମାନସାପୋଲ ନିକଟରେ ରହୁଥିବା ଜଣେ ନାବାଳିକା ହକି ଖେଳାଳିଙ୍କୁ ୨ ଜଣ କୋଚ୍ ଓ ସେମାନଙ୍କ ଜଣେ ସହଯୋଗୀ ଉପହାର ଦେବା ବାହାନାରେ ଏକ ହୋଟେଲକୁ ନେଇ ଗଣବଳାତ୍କାର କରିଛନ୍ତି। ଏନେଇ ନାବାଳିକା ଜଣକ ରବିବାର ରାତି ୧୧ଟାରେ ଯାଜପୁର ଟାଉନ ଥାନାରେ ଲିଖିତ ଅଭିଯୋଗ କରିବା ପରେ ବିଏନ୍ଏସ୍ ଦଫା ୭୦(୨), ୩୫୧(୨), ୭୪, ୩(୫) ଏବଂ ପ୍ରୋଟେକ୍ସନ ଅଫ୍ ଚିଲ୍ଡ୍ରେନ ଫ୍ରମ୍ ସେକ୍ସୁଆଲ ଅଫେନ୍ସ (ପୋକ୍‌ସୋ) ଆକ୍ଟ-୨୦୧୨ ଅନୁଯାୟୀ ଏକ ମାମଲା(ନଂ. ୩୪୧/୨୦୨୫) ରୁଜୁ ହୋଇଛି। ସୋମବାର ଯାଜପୁର କୋର୍ଟରେ ନାବାଳିକାଙ୍କ ବୟାନ ରେକର୍ଡ କରାଯାଇଛି। ଘଟଣାରେ ୪ ଜଣଙ୍କୁ ପୋଲିସ ଅଟକ ରଖିଥିବାବେଳେ ଅନ୍ୟ ଜଣେ ଫେରାର ଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି।


ଅଭିଯୋଗ ଅନୁଯାୟୀ ପୀଡ଼ିତା ଗତ ୭ ବର୍ଷ ହେଲା ଯାଜପୁର ହକି ପ୍ରଶିକ୍ଷଣ କେନ୍ଦ୍ରରେ ତାଲିମ ନେଉଥିଲେ। ☞ପୃଷ୍ଠା-୪

# ଇଡି ସବୁ ସୀମା ଟପୁଛି: ସୁପ୍ରିମ୍‌କୋର୍ଟ

ନୂଆଦିଲ୍ଲୀ,୨୧।୭

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସବୁ ସୀମା ଟପୁଛି ବୋଲି ସୋମବାର ସୁପ୍ରିମକୋର୍ଟ ଭର୍ତ୍ସନା କରିଛନ୍ତି। ତଦନ୍ତ ବେଳେ ଆଇନଗତ ପରାମର୍ଶ ଦେବା କିମ୍ବା ମହକିଲଙ୍କ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଓକିଲମାନଙ୍କୁ ଇଡି ସମନ୍ କରୁଥିବାରୁ ଏହା ଉପରେ ସର୍ବୋଚ୍ଚ ଅଦାଲତ ଗମ୍ଭୀର ଚିନ୍ତାବ୍ୟକ୍ତ କରିଛନ୍ତି। ଏଥିସହ ଏହି ପ୍ରସଙ୍ଗରେ ଗାଇଡ୍‌ଲାଇନ ପ୍ରସ୍ତୁତ କରାଯିବା ଆବଶ୍ୟକ ବୋଲି କହିଛନ୍ତି। ବରିଷ୍ଠ ଆଇନଜୀବୀ ଅରବିନ୍ଦ ଦତାର ଓ ପ୍ରତାପ ବେଣୁଗୋପାଳଙ୍କୁ ଇଡି ପକ୍ଷରୁ ସମନ କରାଯିବା ପରେ ଲିଗାଲ ପ୍ରଫେଶନର ସ୍ୱାଧୀନତା ଉପରେ ଏପରି କାର୍ଯ୍ୟାନୁଷ୍ଠାନର ପ୍ରଭାବ ସମ୍ପର୍କରେ ସୁପ୍ରିମକୋର୍ଟ ନିଜ ଆଡୁ ଏକ ମାମଲାର ଶୁଣାଣି କରୁଛନ୍ତି। ସିଜେଆଇ ବି.ଆର୍. ଗବଇ ଏବଂ ଜଷ୍ଟିସ୍ କେ. ବିନୋଦଚନ୍ଦ୍ରନ୍‌ଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହାର ଶୁଣାଣି ବେଳେ କହିଛନ୍ତି, ଜଣେ ଆଇନଜୀବୀ ଓ ତାଙ୍କ ମହକିଲଙ୍କ ମଧ୍ୟରେ ଯୋଗାଯୋଗ ଏକ ଅଗ୍ରାଧିକାର। ☞ପୃଷ୍ଠା-୪

# ଉପରାଷ୍ଟ୍ରପତିଙ୍କ ଇସ୍ତଫା



ଜଗଦୀପ ଧନକର

ନୂଆଦିଲ୍ଲୀ,୨୧।୭

ଉପରାଷ୍ଟ୍ରପତି ଜଗଦୀପ ଧନକର ସୋମବାର ରାତିରେ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ନିକଟକୁ ପଠାଇଥିବା ଇସ୍ତଫାପତ୍ରରେ ଧନକର ସ୍ୱାସ୍ଥ୍ୟଗତ କାରଣରୁ ପଦ ଛାଡ଼ିଥିବା ଦର୍ଶାଇଛନ୍ତି। ଧନକର ନିଜ ଇସ୍ତଫାପତ୍ରରେ ଉଲ୍ଲେଖ କରିଛନ୍ତି, ସ୍ୱାସ୍ଥ୍ୟଗତ କାରଣରୁ ଓ ଡାକ୍ତରଙ୍କ ପରାମର୍ଶକ୍ରମେ ସେ ସମ୍ବିଧାନ ଅନୁଚ୍ଛେଦ ୬୭(ଏ) ଅନୁସାରେ ଭାରତର ଉପରାଷ୍ଟ୍ରପତି ପଦରୁ ତତ୍କାଳ ଇସ୍ତଫା ଦେଇଛନ୍ତି। ୨୦୨୨ ଅଗଷ୍ଟ ୧୧ରେ ଦେଶର ଚତୁର୍ଦ୍ଦଶ ଉପରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଧନକରଙ୍କ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଏହା ଇତିହାସ ନୁହେଁ**


# ଥାନାରେ ବିଷ ପିଇଲେ ଯୁବତୀ

- **କୋହଳ ଦଫା ଲଗାଇ ପ୍ରେମିକଙ୍କୁ ପୋଲିସ ଖସାଇବାର ପ୍ରତିବାଦ**
- **ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ପରେ ପ୍ରତାରଣା**

ନୟାଗଡ଼,୨୧।୭(ଲୋକନାଥ ମିଶ୍ର)

ନୟାଗଡ଼ ଜିଲାର ଇଟାମାଟି ଥାନାରେ ସୋମବାର ପୂର୍ବାହ୍ନରେ ନ୍ୟାୟ ନ ମିଳିବାରୁ ଜଣେ ଯୁବତୀ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିବା ପରେ ପ୍ରତାରଣା କରି ଜେଲ ଯାଇଥିବା ପ୍ରେମିକଙ୍କୁ ଜାମିନ ମିଳିଛି। ତେବେ ଅଭିଯୁକ୍ତଙ୍କ ବିରୋଧରେ ପୋଲିସ କୋହଳ ଦଫା ଲଗାଇଥିବାରୁ ତାଙ୍କୁ ଜାମିନ ମିଳିଥିବା ଅଭିଯୋଗ କରି ଯୁବତୀ ଜଣକ ତାହାର ପ୍ରତିବାଦରେ ଥାନାରେ ବିଷ ପିଇ ଦେଇଛନ୍ତି। ଯୁବତୀଙ୍କୁ ଗୁରୁତର ଅବସ୍ଥାରେ ପୋଲିସ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛି। ପରିବାର ପକ୍ଷରୁ ଭୁବନେଶ୍ୱର ରେଫର କରିବାକୁ କୁହାଯାଉଥିବାବେଳେ ପୀଡିତାଙ୍କ ଅବସ୍ଥା ନିୟନ୍ତ୍ରଣାଧୀନ ରହିଥିବା ଡାକ୍ତର କହିଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟରେ ନୟାଗଡ଼ ତହସିଲଦାର ରାକେଶ ସ୍ୱାଇଁ ପହଞ୍ଚି ମାଜିଷ୍ଟ୍ରେଟ ଭାବେ ଯୁବତୀଙ୍କ ବୟାନ ରେକର୍ଡ କରିଛନ୍ତି।

ଅଭିଯୋଗ ଅନୁସାରେ, ଇଟାମାଟି ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ଶରଧାପୁର ଗାଁର ସିଆର୍‌ପିଏଫ୍ ସିପାହି ଚାକିରି କରିଥିବା ଆଲୋକ ସ୍ୱାଇଁ ଭଲ ପାଇଥିଲେ। ବିବାହ କରିବାକୁ ପ୍ରତିଶ୍ରୁତି ଦେଇ ତାଙ୍କ ସହ ଆଲୋକ ଶାରୀରିକ ସମ୍ପର୍କ ରଖିଥିଲେ। ପରେ ବିବାହ କରିବାକୁ ରାଜି ହୋଇ ନ ଥିଲେ। ବାରମ୍ବାର ବୁଝାଇବା ପରେ ଅସଫଳ ହେବାରୁ ଗତ ଫେବୃଆରୀରେ ଇଟାମାଟି ଥାନାରେ ଯୁବତୀ ଜଣକ ଅଭିଯୋଗ କରିଥିଲେ। ପୋଲିସ ବିଏନ୍ଏସ୍ ଦଫା ୬୯ ଏବଂ ୩୫୧(୨) ଅନୁଯାୟୀ ମାମଲା (୪୨/୨୦୨୫) ରୁଜୁକରି ଆଲୋକଙ୍କୁ କୋର୍ଟ ଚାଲାଣ କରିଥିଲା। ଇତିମଧ୍ୟରେ ଆଲୋକ ଜାମିନରେ ମୁକୁଳିଥିବାବେଳେ ତାଙ୍କ ପରିବାର ପକ୍ଷରୁ ପୀଡ଼ିତାଙ୍କ ପରିବାର ଉପରେ ନିର୍ଯାତନା ବଢ଼ିଯାଇଥିଲା। ରବିବାର ଆଲୋକ ଓ ପୀଡ଼ିତାଙ୍କ ପରିବାର ମଧ୍ୟରେ ବିବାହ ପ୍ରସଙ୍ଗକୁ ନେଇ ଗଣ୍ଡଗୋଳ ହୋଇଥିଲା। ଥାନାରେ ଅଭିଯୋଗ ପରେ ପୋଲିସ ୨ଟି ମାମଲା ରୁଜୁ କରି ତଦନ୍ତ କରିଥିଲା। ସୋମବାର ପୋଲିସ ପୀଡ଼ିତାଙ୍କୁ ଥାନାକୁ ଡକାଇ ☞ପୃଷ୍ଠା-୪






# ସ୍କୁଲ ଉପରେ ଖସିପଡ଼ିଲା ପ୍ରଶିକ୍ଷଣ ବିମାନ

**ବାଂଲାଦେଶ: ଦୁର୍ଘଟଣାରେ ୨୦ ମୃତ, ଶତାଧିକ ଆହତ**

ଢାକା,୨୧।୭

ବାଂଲାଦେଶ ବାୟୁସେନାର ଏଫ୍-୭ ବିଜିଆଇ ପ୍ରଶିକ୍ଷଣ ବିମାନ ସୋମବାର ସ୍ଥାନୀୟ ସମୟ ଦ୍ୱିପହର ୧.୩୦ ସମୟରେ ଉତ୍ତର ଢାକାର ଦିଆବାରି ଅଞ୍ଚଳରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ସ୍ଥାନୀୟ ମାଇଲଷ୍ଟୋନ ସ୍କୁଲ ଆଣ୍ଡ୍ କଲେଜ କ୍ୟାମ୍ପସର ୪ ମହଲା କୋଠାରେ ବିମାନଟି ଖସିପଡ଼ିଛି, ଫଳରେ ସ୍କୁଲ ଏବଂ ଏହାର ଆଖପାଖ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ଦୁର୍ଘଟଣାରେ ୨୦ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଶତାଧିକ ଆହତ ହୋଇଛନ୍ତି। ଏହି ପ୍ଲେନ୍ କ୍ରାଶର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି, ଯେଉଁଥିରେ ସ୍କୁଲ ଛାତ୍ରୀଛାତ୍ରମାନେ ଜୀବନ ବିକଳରେ ଏଣେତେଣେ ଦୌଡୁଥିବାର ଦେଖିବାକୁ ମିଳିଛି।

ସ୍ଥାନୀୟ ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ, ଏଫ୍-୭ ଟ୍ରେନର ବିମାନ ସୋମବାର ଦ୍ୱିପହର ୧.୦୬ରେ ଉଡ଼ାଣ ଆରମ୍ଭ କରିଥିଲା। ଏହାର ୨୪ ମିନିଟ୍ ପରେ ଏହା କ୍ରାଶ ହୋଇଯାଇଥିଲା। ତେବେ ଦୁର୍ଘଟଣାର କାରଣ ସମ୍ପର୍କରେ ବର୍ତ୍ତମାନ ସୁଦ୍ଧା ଜଣାପଡ଼ିନାହିଁ। ଏଫ୍-୭ ଏକ ଚାଇନିଜ୍ ବିମାନ ହୋଇଥିବା ନେଇ ଢାକାସ୍ଥିତ ହାଜରତ ଶାହଜଲାଲ ଇଣ୍ଟରନ୍ୟାଶନାଲ ଏୟାରପୋର୍ଟରେ ଜଣେ ବରିଷ୍ଠ ଅଧିକାରୀ ☞ପୃଷ୍ଠା-୪



ମାଇଲଷ୍ଟୋନ ସ୍କୁଲର କ୍ୟାମ୍ପସ ମଧ୍ୟରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି।

# ବାଇକ୍ ଚୋର ଗ୍ୟାଙ୍ଗର ୭ ଗିରଫ

ରାଉରକେଲା,୨୧।୭(ସଙ୍ଗୀତା ଜେନା)



ଜବତ ବାଇକ୍ ଓ କଟାଯାଇଥିବା ଯନ୍ତ୍ରପାତି।



ଖବରଦାତା ସମ୍ମିଳନୀରେ ଡିଏସ୍‌ପି ସୂଚନା ଦେଉଛନ୍ତି।

■ ଯାନବାହନ ଯନ୍ତ୍ରପାତି ତରଲେଇ ବେପାର କରୁଥିଲେ
■ ୪ ବାଇକ ସମେତ କଟାଯାଇଥିବା ଯନ୍ତ୍ରପାତି ଜବତ

ରାଉରକେଲା ପ୍ଲାଣ୍ଟସାଇଟ୍ ଥାନା ପୋଲିସ ଏକ ବଡ଼ଧରଣର ବାଇକ୍ ଚୋର ଗ୍ୟାଙ୍ଗ୍‌କୁ ଧରିବାରେ ସଫଳ ହୋଇଛି। ଏହି ଗ୍ୟାଙ୍ଗ୍‌ର ସଦସ୍ୟ, ଗ୍ୟାରେଜ ମାଲିକଙ୍କ ସମେତ ମୋଟ ୭ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ମଧୁସୂଦପାଲୀ ରେଳବାଇ କଲୋନିର ଅନିମେଷ ବାରା(୨୨), ଗୋପବନ୍ଧୁପାଲୀ ୱାର୍ଡ ନଂ. ୧୩ର ମନିଷ ମଣ୍ଡଳ(୨୪), ୱାର୍ଡ ନଂ. ୨ର ବିଶାଳ ସାହୁ(୩୦), ଉଦିତନଗର ବାସନ୍ତୀ କଲୋନିର ବିପୁଳ ଆଜମେରା, ଗୋପବନ୍ଧୁପାଲୀ ୱାର୍ଡ ନଂ. ୧୩ର ଏମ୍‌ଡି ସମୀର(୨୦), ଗୋପବନ୍ଧୁପାଲୀର ସଞ୍ଜୟ ପ୍ରସାଦ(୫୫) ଏବଂ ସରକାରୀ ଆଇଟିଆଇ ଲକ୍ଷ୍ମୀ ନଗରର ବିଜୟ ବେହେରା(୪୭)। ସେମାନଙ୍କ ନିକଟରୁ ୪ଟି ବାଇକ୍, ୫ଟି ବାଇକ୍‌ର ଖଣ୍ଡ ଖଣ୍ଡ ଯନ୍ତ୍ରପାତି, ବୋଲେରୋ ଏବଂ ଗ୍ରାଇଣ୍ଡର ମେଶିନ ଜବତ ହୋଇଛି। ଏହି ଘଟଣାରେ ପ୍ଲାଣ୍ଟସାଇଟ୍ ଥାନାରେ ପୃଥକ୍ ମାମଲା (ନଂ.୪୭୦/୨୫, ୫୦୫/୨୫, ୫୦୬/୨୫, ୫୧୧/୨୫, ୫୧୨/୨୫, ୫୧୮/୨୫, ୫୨୧/୨୫, ୫୩୨/୨୫ ଏବଂ ୫୩୮/୨୫) ରୁଜୁ କରି ଅଭିଯୁକ୍ତମାନଙ୍କୁ ଅପରାହ୍ନ ୪ଟାରେ କୋର୍ଟଚାଲାଣ କରାଯାଇଛି। ଚୋର ଗ୍ୟାଙ୍ଗର ଅନ୍ୟ ସଦସ୍ୟମାନଙ୍କୁ ଖୋଜାଯାଉଛି ବୋଲି ସୋମବାର ମଧ୍ୟାହ୍ନ ସାଢ଼େ ୧୨ଟାରେ ପ୍ଲାଣ୍ଟସାଇଟ୍ ଥାନା ପରିସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଡିଏସ୍‌ପି ଅମରେନ୍ଦ୍ର ଷଣ୍ଢ ଓ ଥାନାଧିକାରୀ ବିବସ୍ୱ ପ୍ରଧାନ ସୂଚନା ପ୍ରଦାନ କରିଛନ୍ତି।

ଡିଏସ୍‌ପି ଷଣ୍ଢଙ୍କ ସୂଚନା ଅନୁଯାୟୀ, ବିଭିନ୍ନ ସମୟରେ ଲୋକଙ୍କ ବାଇକ୍ ଚୋରି ଅଭିଯୋଗ ହେଉଥିଲା। ଉକ୍ତ ଅଭିଯୋଗକୁ ଭିତ୍ତିକରି ଅନୁସନ୍ଧାନ ଜାରି ରହିଥିଲା। ତେବେ ଏପରି ଏକ ରାକେଟ ସମ୍ପର୍କରେ ଜଣାପଡ଼ିବା ପରେ ସହରର ବିଭିନ୍ନ ସ୍ଥାନରେ ଥିବା ଗ୍ୟାରେଜ ଗୁଡ଼ିକରେ ତଦନ୍ତ କରାଯାଇଥିଲା। ତଦନ୍ତ ବେଳେ ଉକ୍ତ ଗ୍ୟାରେଜଗୁଡ଼ିକୁ ବୋଲେରୋରେ କଟିଂ ଯନ୍ତ୍ରପାତି ପରିବହନ କରାଯାଉଥିଲା। ୪ଟି ବାଇକ ଅକ୍ଷତ ଅବସ୍ଥାରେ ଥିବାବେଳେ ଅନ୍ୟଗୁଡ଼ିକ କଟାଯାଇଥିଲା। ଅଭିଯୁକ୍ତମାନଙ୍କ ମଧ୍ୟରେ ବିଶାଳଙ୍କ ବିରୋଧରେ ପ୍ଲାଣ୍ଟସାଇଟ୍ ଥାନାରେ ଗୋଟିଏ ଆପରାଧିକ ମାମଲା ରହିଛି। ସେହିପରି ସଞ୍ଜୟଙ୍କ ନାଁରେ ୪ଟି, ମନିଷଙ୍କ ନାଁରେ ଗୋଟିଏ ମାମଲା ରହିଛି। ବିଜୟଙ୍କ ନାଁରେ ରଘୁନାଥପାଲୀ ଓ ଟାଙ୍ଗରପାଲୀ ଥାନାରେ ମୋଟ ୧୧ଟି ଆପରାଧିକ ମାମଲା ରହିଛି। ଅନ୍ୟ ସମ୍ପୃକ୍ତଙ୍କ ବିରୋଧରେ ଥିବା ମାମଲା ବାବଦରେ ପୋଲିସ ଖୋଳତାଡ କରୁଛି ବୋଲି ଡିଏସ୍‌ପି ଷଣ୍ଢ କହିଥିଲେ।

### ଜବତ ବୋଲେରୋକୁ ନେଇ ଚର୍ଚ୍ଚା

ବାଇକ୍ ଚୋରି ମାମଲାରେ ଖଣ୍ଡ ଖଣ୍ଡ ହୋଇଥିବା ଯନ୍ତ୍ରପାତି ପରିବହନରେ ବ୍ୟବହୃତ ବୋଲେରୋ (ନଂ.ଓଆର୍୧୪ଟି/୫୮୫୦)କୁ ନେଇ ଚର୍ଚ୍ଚା ଜୋର୍‌ଧରିଛି। ଉକ୍ତ ଗାଡ଼ିରେ ରାଉରକେଲା ସ୍କ୍ରାପ୍ ଡିଲର ସିଣ୍ଡିକେଟ୍ ଉଲ୍ଲେଖ ଥିବାରୁ ପୋଲିସ ସନ୍ଦେହ ଘନେଇଛି। ଉକ୍ତ ଅପରାଧରେ ସିଣ୍ଡିକେଟ୍‌ର ସଦସ୍ୟମାନେ ସାମିଲ ଥାଇପାରନ୍ତି ବୋଲି ପୋଲିସ କହିଛି। ତେବେ ଉକ୍ତ ବୋଲେରୋକୁ ତଦନ୍ତ ପରିସରଭୁକ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଛି।

## କୋଏଲ ନଦୀକୁ ଡେଇଁ ନାବାଳିକା ନିଖୋଜ

ରାଉରକେଲା,୨୧।୭(ସଙ୍ଗୀତା ଜେନା)

ରାଉରକେଲା ସେକ୍ଟର-୧୫ ଥାନା ଅନ୍ତର୍ଗତ ସେକ୍ଟର-୧୬ ଡୁମକେଲା ଘାଟରେ ସୋମବାର କୋଏଲ ନଦୀକୁ ଡେଇଁ ଜଣେ ନାବାଳିକା ନିଖୋଜ ଥିବା ସୂଚନା ମିଳିଛି। ନିଖୋଜ ନାବାଳିକା ହେଲେ ସେକ୍ଟର-୯ ଡାଇପୋଷ ବସ୍ତିର ପୁନମ ମହତୋ(୧୪)। ସେ ସେକ୍ଟର-୧୬ ଏନ୍‌ଏସି ସ୍କୁଲର ୯ମ ଶ୍ରେଣୀରେ ପଢୁଥିଲେ। ପୋଲିସ, ଅଗ୍ନିଶମ ବାହିନୀ ଏବଂ ଓଡ୍ରାଫ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ତେବେ ଖବର ଲେଖାଯିବା ସୁଦ୍ଧା (ସନ୍ଧ୍ୟା ୭ଟା) ନିଖୋଜଙ୍କ ପତ୍ତା ମିଳିନାହିଁ। ନଦୀକୂଳରେ ତାଙ୍କ ସାଇକେଲ ଓ ଚପଲ ପଡ଼ିଛି।

ନିଖୋଜ ନାବାଳିକାଙ୍କ ପରିବାର ଲୋକଙ୍କ ସୂଚନା ଅନୁସାରେ, ରବିବାର ସନ୍ଧ୍ୟାରେ ପୁନମ ତାଙ୍କ ମା'ଙ୍କଠାରୁ ୧ ହଜାର ଟଙ୍କା ନେଇ ଡୁମକେଲା ସ୍ଥିତ ଅଜା ଘରକୁ ଯାଇଥିଲେ। ସୋମବାର ସକାଳ ପ୍ରାୟ ୮ଟାରେ ସେ ସେକ୍ଟର-୧୫ସ୍ଥିତ ତାଙ୍କର ଜଣେ ଝିଅ ସାଙ୍ଗ ଘରକୁ ଯାଇ ମା' ଦେଇଥିବା ସବୁ ଟଙ୍କା ଖର୍ଚ୍ଚ ହୋଇଯାଇଥିବା କହିଥିଲେ। ମା' ଟଙ୍କା ବିଷୟରେ ପଚାରିଲେ କ'ଣ ଉତ୍ତର ଦେବି। ଯାହାହେଉ ମୁଁ ନଦୀକୁ ଡେଇଁ ପଡ଼ିବି ବୋଲି ପୁନମ କୁଆଡେ ତାଙ୍କ ସାଙ୍ଗଙ୍କୁ କହିଥିଲେ। ଉକ୍ତ ସାଙ୍ଗ ପୁନମଙ୍କ ମା'ଙ୍କୁ ଫୋନ୍ ଯୋଗେ ଏ ସମ୍ପର୍କରେ ଜଣାଇବାରୁ ସେ ଏହାକୁ ଗୁରୁତ୍ୱ ଦେଇ ନ ଥିଲେ। ମଧ୍ୟାହ୍ନରେ ପୁନମ ନ ଫେରିବାରୁ ଘର ଲୋକେ ବହୁ ଖୋଜାଖୋଜି କରି ଅପରାହ୍ନ ସାଢ଼େ ୩ଟାରେ ଥାନାରେ ସୂଚନା ଦେଇଥିଲେ। ପରେ କୋଏଲ ନଦୀ କୂଳରେ ଖୋଜାଖୋଜି କରିବାରୁ ପୁନମଙ୍କ ସାଇକେଲ ଓ ଚପଲ ପଡ଼ିଥିବା ଦେଖାଯାଇଥିଲା। ପୋଲିସ ଘଟଣାର ତଦନ୍ତ କରୁଛି।

## ସାମ୍ବାଦିକଙ୍କ ସୁରକ୍ଷା ଦାବିରେ ଏସ୍‌ପି, ଏଡିଏମ୍‌ଙ୍କୁ ଦାବିପତ୍ର ପ୍ରଦାନ

ରାଉରକେଲା,୨୧।୭(ଦିନେଶ ମିଶ୍ର)

ଅଲ ଓଡିଶା ରିପୋର୍ଟର ଆସୋସିଏଶନ ରାଉରକେଲା ପକ୍ଷରୁ ଖବରଦାତାମାନଙ୍କ ସୁରକ୍ଷାକୁ ନେଇ ଏସ୍‌ପି ଓ ଏଡିଏମ୍‌ଙ୍କୁ ସୋମବାର ଦାବିପତ୍ର ପ୍ରଦାନ କରାଯାଇଛି। ଗତ ୧୨ ତାରିଖରେ ମାଲକାନଗିରିରେ କାର୍ଯ୍ୟରତ ଖବରଦାତା ସି. ନରେଶଙ୍କୁ ନିର୍ମମ ହତ୍ୟା କରାଯାଇଛି। ରାଜ୍ୟରେ ଦିନକୁ ଦିନ ଖବରଦାତାମାନଙ୍କ ପ୍ରତି ହିଂସା ବଢ଼ିବାରେ ଲାଗିଛି। ତେଣୁ ମାଲକାନଗିରି ଘଟଣାରେ ଉଚିତ ତଦନ୍ତ କରି ଦୋଷୀଙ୍କୁ ଗିରଫ କରିବା ସହ ମୃତକଙ୍କ ପରିବାରକୁ ନ୍ୟାୟ ପ୍ରଦାନ କରିବା ପାଇଁ ରାଉରକେଲା ଆସୋସିଏଶନ ପକ୍ଷରୁ ଦାବି ହୋଇଥିଲା। ଏହି ପରିପ୍ରେକ୍ଷୀରେ ଆସୋସିଏଶନର କର୍ମକର୍ତ୍ତା ପୋଲିସ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ରାଉରକେଲା ଏସ୍‌ପି ନିତେଶ ୱାଧୱାନିଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ସେହିଭଳି ରାଉରକେଲା ଅତିରିକ୍ତ ଜିଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କୁ ମଧ୍ୟ ଏହାର ନକଲ ପ୍ରଦାନ କରାଯାଇଥିଲା। ଦାବିପତ୍ର ପ୍ରଦାନ ସମୟରେ ଆସୋସିଏଶନର ସୁରଜିତ ନନ୍ଦ, ଚନ୍ଦନ ସାମନ୍ତସିଂହାର, ବିଜୟ କୁମାର ପ୍ରଧାନ, ଜୟପ୍ରକାଶ ଦିଗାର, ଦିଲୀପ ଶର୍ମା, ଦିନେଶ କୁମାର ମିଶ୍ର, ମହେଶ୍ୱର ସିଂ, ଜ୍ୟୋତିକୃଷ୍ଣ ମିଶ୍ର, ସମା ପରବିନ୍, ସନ୍ତୋଷ ପ୍ରଧାନଙ୍କ ସମେତ ବହୁ ଖବରଦାତା ଉପସ୍ଥିତ ଥିଲେ।

## ବାଇକ୍ ଚାଳକ ମୃତ, ୨ ଆହତ

### ବିଶ୍ରା ମସଜିଦ୍ ରୋଡ୍‌ରେ ସିରିଜ୍ ଦୁର୍ଘଟଣା

ରାଉରକେଲା/ବନ୍ଧମୁଣ୍ଡା,୨୧।୭ (ସଙ୍ଗୀତା ଜେନା/ସୁବ୍ରତ ଡେ):

ବିଶ୍ରା ଥାନା ଅନ୍ତର୍ଗତ ମସଜିଦ ଛକରେ ସୋମବାର ପୂର୍ବାହ୍ନ ୧୧ଟାରେ ସିରିଜ୍ ଦୁର୍ଘଟଣା ହୋଇଛି। ଏକ ପିକ୍‌ଅପ୍ ଭ୍ୟାନ୍ ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବାଙ୍ଗୁରକେଲାର ପୁସା ଲାକ୍ରା(୫୫)। ଏହି ଦୁର୍ଘଟଣାରେ ଅନ୍ୟ ୨ଜଣ ଆହତ ହୋଇ ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଘଟଣାସ୍ଥଳରେ ପୋଲିସ ପହଞ୍ଚି ପିକ୍‌ଅପ୍ ଭ୍ୟାନ୍ ଏବଂ ବାଇକ୍‌କୁ ଜବତ କରିଛି। ତେବେ ଜଣେ ନାବାଳକ ପିକ୍‌ଅପ୍ ଭ୍ୟାନ୍ ଚଳାଉଥିବା ଯୋଗୁ ଏପରି ଦୁର୍ଘଟଣା ଘଟିଥିବା କୁହାଯାଉଥିବା ବେଳେ ପୋଲିସ ଗାଡ଼ି ମାଲିକ ଆଜମ ଅଂସାରୀଙ୍କୁ ଅଟକ ରଖିଛି। ନାବାଳକ ଗାଡ଼ି ଚାଳକ ଫେରାର ଅଛନ୍ତି। ପ୍ରତ୍ୟକ୍ଷଦର୍ଶୀମାନଙ୍କ ସୂଚନା ଅନୁଯାୟୀ, ଉକ୍ତ ପିକ୍‌ଅପ୍ ଭ୍ୟାନ୍ (ନଂ. ଓଡ଼ି୧୪ଡି/୪୯୬୭) ଦ୍ରୁତଗତିରେ ଯାଉଥିଲା ବେଳେ ବିଶ୍ରା ମସଜିଦ ସମ୍ମୁଖରେ ଛିଡା ହୋଇଥିବା ୨ଟି ଅଟୋକୁ ପ୍ରଥମେ ଧକ୍କା ଦେଇଥିଲା। ଏଥିରେ ଗୋଟିଏ ଅଟୋ ପ୍ରାୟ ୧୫ ଫୁଟ୍ ଉପରକୁ ଉଠି ଏକ ଗଛରେ ଲାଗିଯାଇଥିଲା ଏବଂ ଅନ୍ୟ ଅଟୋ ରାସ୍ତା ତଳକୁ ଖସିଯାଇଥିଲା। ଏଥିରେ କେହି ନ ଥିବାରୁ ଜୀବନ ବଞ୍ଚିଯାଇଥିଲା। ପରେ ପିକ୍‌ଅପ୍ ଭ୍ୟାନ୍ ବାଙ୍ଗୁରକେଲାରୁ ବିଶ୍ରା ଆସୁଥିବା ପୁସାଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ବାଇକ୍‌ରେ ବସିଥିବା ପୁସାଙ୍କ ସମେତ ଫୁଲମଣି ଓରାମ ଓ ଲୋଟେରୁ ଓରାମ ଆହତ ହୋଇଥିଲେ। ସମସ୍ତ ଆହତଙ୍କୁ ବିଶ୍ରା ଗୋଷ୍ଠୀ ଚିକିତ୍ସାଳୟକୁ ପଠାଯାଇଥିଲା। ସେଠାରେ ଡାକ୍ତର ପୁସାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ଅନ୍ୟ ୨ଆହତଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା।

## ୬ ଘରୋଇ ବସ୍‌କୁ ଜରିମାନା

ରାଉରକେଲା,୨୧।୭(ବିପ୍ଳବ ରଞ୍ଜନ ଦାଶ)

### ପରିବହନ ନିୟମ ଉଲ୍ଲଂଘନ ଅଭିଯୋଗ




ଜରିମାନା ଆଦାୟ ହୋଇଥିବା ଘରୋଇ ବସ୍।

ପରିବହନ ନିୟମ ଉଲ୍ଲଂଘନ ଅଭିଯୋଗରେ ରାଉରକେଲା ପରିବହନ ବିଭାଗ ପକ୍ଷରୁ ୬ଟି ଘରୋଇ ବସ୍‌ରୁ ୬୫ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ବିଭାଗୀୟ ସୂଚନା ଅନୁସାରେ, ସୋମବାର ସକାଳ ୧୦ଟାରେ ଯାଜପୁରରୁ ରାଉରକେଲା ଆସୁଥିବା ଏକ ଘରୋଇ ବସ୍ (ନଂ.ଓଡି୦୫ଜେ/୯୪୩୧)ରେ ମାଲ ବୋଝେଇ ହୋଇଥିବା ଦେଖାଯାଇଥିଲା। ରାଉରକେଲା ନ୍ୟୁ ବସ୍‌ଷ୍ଟାଣ୍ଡରେ ପରିବହନ ବିଭାଗ ପକ୍ଷରୁ ଉକ୍ତ ବସ୍‌ରେ ଚଢାଉ କରି ଜରିମାନା ଆଦାୟ ହୋଇଥିଲା। ଝାଡ଼ଖଣ୍ଡର ୨ଟି ଘରୋଇ ବସ୍ (ନଂ.ଜିଏଚ୦୧ ସିଏମ/୭୧୬୪ ଏବଂ ନଂ.ଜିଏଚ୍୦୭ଏମ/୮୬୪୮) ମଧ୍ୟରୁ ଗୋଟିଏ ବସ୍ କଣ୍ଡକ୍ଟରଙ୍କ ଲାଇସେନ୍ସ ନ ଥିବାରୁ ଜରିମାନା କରାଯାଇଥିଲା। ସେହିପରି ଅନ୍ୟ ବସ୍‌ର ଫିଟ୍‌ନେସ ପ୍ରମାଣପତ୍ର ନ ଥିବାରୁ ଉକ୍ତ ବସ୍‌କୁ ଜବତ କରାଯାଇଥିଲା। ସେହିପରି ଅନ୍ୟ ୩ଟି ଘରୋଇ ବସ୍ (ନଂ.ଓଡି୨୩ପି/୮୫୪୬, ନଂ.ଓଡି୧୬ଏ/୭୨୧୯ ଏବଂ ନଂ.ଓଡି୧୬କେ/୮୩୫୧)ର କଣ୍ଡକ୍ଟରଙ୍କ ଲାଇସେନ୍ସ ନ ଥିବା ଯୋଗୁ ଜରିମାନା ଆଦାୟ କରାଯାଇଥିଲା। ଏ ନେଇ ରାଉରକେଲା ପରିବହନ ବିଭାଗ ଅଧିକାରୀ ଭି. ସାମନ୍ତସିଂହାରଙ୍କୁ ପଚାରିବାରୁ ସେ କହିଲେ, ରାଉରକେଲା ସହରରେ ପରିବହନ ନିୟମ ଉଲ୍ଲଂଘନ କରୁଥିବା ପ୍ରତ୍ୟେକ ଯାନବାହନ ଉପରେ ଲଗାମ ଲଗାଯାଉଛି। ଆଗକୁ ଏହି ଧାରା ଜାରି ରହିବ ବୋଲି ସେ କହିଥିଲେ।

## ସାପ କାମୁଡ଼ାରେ ଗାଈ ଚରାଳି ମୃତ

ରାଉରକେଲା/ବନ୍ଧମୁଣ୍ଡା,୨୧।୭ (ସଙ୍ଗୀତା ଜେନା/ସୁବ୍ରତ ଡେ)

ବିଶ୍ରା ଥାନା ଅନ୍ତର୍ଗତ ଖୁଣ୍ଟଗାଁ ମଧୁପୁର ଅଞ୍ଚଳରେ ସାପ କାମୁଡ଼ାରେ ସୋମବାର ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଯୋଯୋ କିରୋ(୫୫)। ପୋଲିସ ଏକ ମାମଲା ରୁଜ କରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଯୋଯୋ ସକାଳ ପ୍ରାୟ ୮ଟାରେ ଗ୍ରାମ ନିକଟ ଜଙ୍ଗଲକୁ ଗାଈ ଚରାଇବାକୁ ଯାଇଥିଲେ। ସେଠାରେ ଏକ ବିଷାକ୍ତ ସାପ ତାଙ୍କୁ କାମୁଡ଼ି ଦେଇଥିଲା। ପରିବାର ଲୋକେ ତାଙ୍କୁ ତୁରନ୍ତ ବିଶ୍ରା ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ପୋଲିସ କରାଟେ ଚାମ୍ପିୟନଶିପ୍‌ରେ ଅଭିଷେକଙ୍କୁ କାଂସ୍ୟ ପଦକ




ଅଭିଷେକ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି।

ରାଉରକେଲା,୨୧।୭(ଦିନେଶ ମିଶ୍ର)

ଆମେରିକାର ବାର୍ମିଂହାମ୍ ସହରରେ ଆୟୋଜିତ ୨୧ତମ ବିଶ୍ୱ ପୋଲିସ ଗେମ୍ସ-୨୦୨୫ ଉଦ୍‌ଯାପିତ ହୋଇଯାଇଛି। ଭାରତୀୟ ପୋଲିସ କଣ୍ଟ୍ରୋଲ ବୋର୍ଡ ପକ୍ଷରୁ ସର୍ବଭାରତୀୟ ପୋଲିସ କରାଟେ ଚାମ୍ପିୟନଶିପ୍‌ରେ ବ୍ୟକ୍ତିଗତ କାଟା ବର୍ଗରେ ଚାମ୍ପିୟନ୍ ହୋଇ ରାଉରକେଲା ପୋଲିସରେ କାର୍ଯ୍ୟରତ ଅଭିଷେକ ପଟ୍ଟନାୟକ ସହର ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି। ଏହି ବିଶ୍ୱ ପୋଲିସ ଗେମ୍ସ କରାଟେ ଚାମ୍ପିୟନଶିପ୍‌ରେ ଭାରତୀୟ ପୋଲିସକୁ ରାଉରକେଲାର ଅଭିଷେକ ପ୍ରତିନିଧିତ୍ୱ କରି କାଂସ୍ୟ ପଦକ ହାସଲ କରିଥିଲେ। ଅଭିଷେକ ସୋମବାର ରାଉରକେଲା ଫେରିବା ଅବସରରେ ରେଳ ଷ୍ଟେଶନରେ ରାଉରକେଲା ପୋଲିସ ସମେତ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

## ମହାସମାରୋହରେ ସ୍ୱାଧୀନତା ଦିବସ ପାଳନକୁ ଗୁରୁତ୍ୱ

ରାଉରକେଲା,୨୧।୭(ବିପ୍ଳବ ରଞ୍ଜନ ଦାଶ)




ବୈଠକରେ ଅତିରିକ୍ତ ଜିଲାପାଳ ସୂଚନା ପ୍ରଦାନ କରୁଛନ୍ତି।

୭୯ତମ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ସୋମବାର ଆଇଟିଡିଏ ସମ୍ମିଳନୀ କକ୍ଷରେ ରାଉରକେଲା ଅତିରିକ୍ତ ଜିଲାପାଳ ତଥା ରାଉରକେଲା ମହାନଗର ନିଗମ ଆୟୁକ୍ତ ଆଶୁତୋଷ କୁଲକର୍ଣ୍ଣୀଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ରାଉରକେଲାରେ ମହାସମାରୋହରେ ସ୍ୱାଧୀନତା ଦିବସ ପାଳନ କରିବାକୁ ଅତିରିକ୍ତ ଜିଲାପାଳ ବୈଠକରେ ଗୁରୁତ୍ୱ ଦେଇଥିଲେ। ପରେଡ ପଡିଆରେ ସାଜସଜ୍ଜା, ସଫେଇ, ପାନୀୟ ଜଳ ଯୋଗାଣ, ଅଭ୍ୟାସ ପରେଡ, ଟ୍ରାଫିକ୍ ନିୟନ୍ତ୍ରଣ, ସହରରେ ଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ବ୍ୟବସ୍ଥା ବିଷୟରେ ଆଲୋଚନା କରାଯାଇଥିଲା। ରାଉରକେଲା ମହାନଗର ନିଗମ ଅଧୀନ ବିଭିନ୍ନ ବିଭାଗର ଅଧିକାରୀମାନଙ୍କୁ ଏହି କାର୍ଯ୍ୟ ସମ୍ପାଦନା ଉପରେ ଗୁରୁତ୍ୱ ଦେବା ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ। ଅଗଷ୍ଟ ୧୫ ତାରିଖ ସକାଳ ୫ଟା ସମୟରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଡାକବାଜି ଯନ୍ତ୍ର ଯୋଗେ ରାମଧୂନ ପରିବେଷଣ କରାଯିବ। ୬ଟାରେ ସମସ୍ତ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପ୍ରଭାତ ଫେରି, ୭ଟା ୩୦ରେ ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ଜାତୀୟ ପତାକା ଉତ୍ତୋଳନ କରାଯିବ। ୯ଟା ୧୫ରେ ଉଦିତନଗର ପଡିଆଠାରେ ମୁଖ୍ୟ ଅତିଥି ଜାତୀୟ ପତାକା ଉତ୍ତୋଳନ କରି ପରେଡରେ ଅଭିବାଦନ ଗ୍ରହଣ କରିବେ। ସେଠାରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହେବ। ଏହି ଅବସରରେ ପ୍ରାଥମିକ, ଉଚ୍ଚ ପ୍ରାଥମିକ, ହାଇସ୍କୁଲ ଓ ମହାବିଦ୍ୟାଳୟସ୍ତରୀୟ ପ୍ରବନ୍ଧ ଲିଖନ, ବକ୍ତୃତା, ଦେଶାତ୍ମବୋଧକ ସଙ୍ଗୀତ ଗାନ ଆଦି ପ୍ରତିଯୋଗିତା ସହ ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ଡେପୁଟି କଲେକ୍ଟର ସାଧ୍ୱୀ ଦେହୁରିଆ, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୀମା ଫାତିମା ଏକ୍କାଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ଶିକ୍ଷକ ଓ ଅଧ୍ୟାପକମାନେ ଉପସ୍ଥିତ ଥିଲେ।

## କେରଳର ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ବିୟୋଗରେ ଶୋକ

ରାଉରକେଲା,୨୧।୭(ସଙ୍ଗୀତା ଜେନା)

କେରଳର ପୂର୍ବତନ ମୁଖ୍ୟମନ୍ତ୍ରୀ, ସିପିଆଇଏମ୍‌ର ପ୍ରତିଷ୍ଠାତା ତଥା ପୂର୍ବତନ ପଲିଟ୍‌ବ୍ୟୁରୋ ସଦସ୍ୟ ଭି. ଏସ୍. ଅଚ୍ୟୁତାନନ୍ଦନଙ୍କ ସୋମବାର ତିରୁବନ୍ତପୁରମଠାରେ ପରଲୋକ ହୋଇଛି। ତାଙ୍କୁ ୧୦୧ ବର୍ଷ ବୟସ ହୋଇଥିଲା। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେଲା ପରେ ଦଳୀୟ ପତାକାକୁ ଅର୍ଦ୍ଧନମିତ କରାଯିବା ସହିତ ତାଙ୍କୁ ସମ୍ମାନ ଜଣାଇ ୩ଦିନିଆ ଶୋକ ପାଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ ସିପିଆଇଏମ୍ ଜିଲା କାର୍ଯ୍ୟାଳୟ ଏ.କେ.ଜି ଭବନ ଶକ୍ତିନଗରଠାରେ ଜିଲା ସମ୍ପାଦକ ପ୍ରମୋଦ ସାମଲଙ୍କ ସଭାପତିତ୍ୱରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ସମ୍ପାଦକ ମଣ୍ଡଳୀ ସଦସ୍ୟ ଶ୍ରୀମନ୍ତ ବେହେରା, ସୁରେନ୍ଦ୍ର ଦାଶ, ରାଉରକେଲା ଆଞ୍ଚଳିକ କମିଟି ସମ୍ପାଦକ ରାଜକିଶୋର ପ୍ରଧାନ, ଜିଲା କମିଟି ସଦସ୍ୟ ବସନ୍ତ ନାୟକ, ଆଞ୍ଚଳିକ କମିଟି ସମ୍ପାଦକ ମଣ୍ଡଳୀ ସଦସ୍ୟ ବିଶ୍ୱଜିତ ମାଝୀ, ଏନ୍. ଏନ୍. ପାଣିଗ୍ରାହୀ, ପ୍ରଭାତ ମହାନ୍ତି, ଅରୁଣ ମହାରଣା, ଅନାଦି ସାହୁ, ଏନ୍. କେ. ରାଉତରାୟ, ପ୍ରମୋଦ ପରିଡା, ରାଜୀବ ବସନ୍ତ ରାୟ ପ୍ରମୁଖ ଉପସ୍ଥିତ ରହି ଅଚ୍ୟୁତାନନ୍ଦନଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହିତ ସ୍ମୃତିଚାରଣ କରିଥିଲେ।



ଶକ୍ତି ନଗରସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଶ୍ରଦ୍ଧାଞ୍ଜଳି ଦିଆଯାଉଛି।

## ବିନା ଗାଡ଼ିରେ ପେଟ୍ରୋଲ ମନା

ରାଉରକେଲା,୨୧।୭(ଦିନେଶ ମିଶ୍ର)




ପେଟ୍ରୋଲ ପମ୍ପରେ ବାଇକ୍‌ରେ ତେଲ ପକାଇବା ପରେ ବାଟରେ କଢାଯାଉଛି।

ରାଜ୍ୟର ବିଭିନ୍ନ ପଟ୍ରୋଲ ପମ୍ପ ଆଉ କୌଣସି ଗ୍ରାହକଙ୍କୁ ଡବା କିମ୍ବା ପ୍ଲାଟିକ୍ ବୋତଲରେ ପେଟ୍ରୋଲ ଦେବେ ନାହିଁ ବୋଲି ନିୟମ ହେବା ପରେ ସୋମବାର ଏହାର ପ୍ରଭାବ ରାଉରକେଲା ସହରରେ ଦେଖିବାକୁ ମିଳିଛି। ନିକଟରେ ବାଲେଶ୍ୱର ଏଫଏମ୍ ସ୍ୱୟଂଶାସିତ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶି ପେଟ୍ରୋଲ ଢାଳି ହୋଇ ନିଆଁ ଲଗାଇ ମୃତ୍ୟୁ ଘଟଣା ସାରା ରାଜ୍ୟରେ ହଇଚଇ ସୃଷ୍ଟି କରିଥିବାରୁ ରାଜ୍ୟ ସରକାରଙ୍କ ଏଭଳି ନିଷ୍ପତ୍ତିକୁ ବିଭିନ୍ନ ମହଲରୁ ସ୍ୱାଗତ କରାଯାଇଛି। ଅନ୍ୟପକ୍ଷେ ଏହି ନିୟମ ଯୋଗୁ ରାଉରକେଲା ସହରର ବିଭିନ୍ନ ପେଟ୍ରୋଲ ପମ୍ପରେ ଡବା ଓ ବୋତଲ ଧରି ଆସିଥିବା ଗ୍ରାହକଙ୍କୁ ପେଟ୍ରୋଲ ନ ମିଳିବାରୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ସେକ୍ଟର-୨ସ୍ଥିତ ଗାୟତ୍ରୀ ମନ୍ଦିର ନିକଟ ପେଟ୍ରୋଲ ପମ୍ପ ସମେତ ଚୌଧୁରୀ ପେଟ୍ରୋଲ ପମ୍ପ, ଛେଣ୍ଡ ପେଟ୍ରୋଲ ପମ୍ପ, ସାତ-ସତର ପେଟ୍ରୋଲ ପମ୍ପ, ସହଯୋଗ ପେଟ୍ରୋଲ ପମ୍ପ, ଆମ୍ବାଗାନ, ପାନପୋଷ ଭଳି ବହୁ ପେଟ୍ରୋଲ ପମ୍ପକୁ ପ୍ଲାଷ୍ଟିକ ବୋତଲ ଧରି ଆସିଥିବା ଗ୍ରାହକଙ୍କୁ ପେଟ୍ରୋଲ ଦିଆଯାଇ ନ ଥିଲା। ଫଳରେ ବହୁ ଲୋକ ବାଧହୋଇ ଅନ୍ୟ ଲୋକଙ୍କ ଗାଡ଼ିରେ ତେଲ ପକାଇ କିଛି ଦୂରରେ ଉକ୍ତ ଗାଡିରୁ ତେଲ ବାହାର କରି ଡବାରେ ନେଉଥିବା ଦେଖିବାକୁ ମିଳିଥିଲା। ଏଥିସହ ସହରରେ ଯେଉଁ ବ୍ୟବସାୟୀ ନିଜ ଦୋକାନରେ ବେଆଇନ ଭାବେ ପେଟ୍ରୋଲ ରଖି ବିକ୍ରି କରୁଥିଲେ ସେମାନେ ମଧ୍ୟ ଏହି ନିୟମ ଯୋଗୁ ନିରାଶ ହୋଇଛନ୍ତି। ଅନ୍ୟପକ୍ଷେ ସହରର ଅନ୍ୟ କିଛି ପେଟ୍ରୋଲ ପମ୍ପରେ ଏହି ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରାଯାଇଥିବା ଜଣାପଡିଛି। ଏ ନେଇ ଜିଲା ଯୋଗାଣ ଅଧିକାରୀ ସଞ୍ଜୟ କୁମାର ସାହୁଙ୍କୁ ପଚାରିବାରୁ ସେ କହିଥିଲେ, ଡବା ଓ କୌଣସି ଖୋଲା ପାତ୍ରରେ ପେଟ୍ରୋଲ ଦେବା କୌଣସି ନିୟମ ନାହିଁ। ତଥାପି ବହୁ ପେଟ୍ରୋଲ ପମ୍ପ ମାଲିକ ଏହି ନିୟମକୁ ନ ମାନି ଖୋଲାରେ ଗ୍ରାହକଙ୍କୁ ପେଟ୍ରୋଲ ଦେଉଥିବାରୁ ବିଭିନ୍ନ ସମୟରେ ବଡ ବଡ଼ ଦୁର୍ଘଟଣା ଘଟୁଥିବା ଦେଖିବାକୁ ମିଳିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଉଚିତ ପଦକ୍ଷେପ ନିଆଯାଇଛି। କୌଣସି ପେଟ୍ରୋଲ ପମ୍ପରେ ଖୁଲମଖୁଲା ପେଟ୍ରୋଲ ବିକ୍ରି ଅଭିଯୋଗ ଆସିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସାହୁ କହିଥିଲେ।

## ଆର୍‌ଏସ୍‌ପିରେ ବୃକ୍ଷରୋପଣ ଅଭିଯାନ

ରାଉରକେଲା,୨୧।୭(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପିର ନୂତନ ପ୍ଲେଟ ମିଲ ବିଭାଗ ପ୍ରଶାସନିକ ଭବନ ନିକଟରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ସୋମବାର ଆୟୋଜିତ ହୋଇଯାଇଛି। କାରଖାନା ପରିବେଶର ସବୁଜିମା ବୃଦ୍ଧି ସହିତ ଏହାର ଚତୁଃପାର୍ଶ୍ୱକୁ ସବୁଜ ସୁନ୍ଦର କରିବା ହେଉଛି ଏହି ଅଭିଯାନର ଉଦ୍ଦେଶ୍ୟ। ଏହି ଅଭିଯାନରେ ନୂତନ ପ୍ଲେଟ ମିଲ ଓ ଏସ୍‌ପିପି ବିଭାଗର ସିଜିଏମ୍ ଆର୍. କେ. ବିସାରେ ନେତୃତ୍ୱ ନେଇ ପ୍ରଥମ ଚାରାରୋପଣ କରିଥିଲେ। ତାଙ୍କ ସହ ସୁରକ୍ଷା ଇଞ୍ଜିନିୟରିଂ ବିଭାଗର ଜିଏମ୍ ଅବକାଶ ବେହେରା ଏବଂ ବହୁ ବିଭାଗୀୟ ମୁଖ୍ୟ ଉପସ୍ଥିତ ଥିଲେ। ନୂତନ ପ୍ଲେଟ ମିଲ ବିଭାଗର ଜିଏମ୍ ନୀଳମଣି ମହାପାତ୍ର ଏବଂ ଡିଏସ୍‌ଓ ସୁମନ କୁମାର ସମ୍ପୃକ୍ତ ବିଭାଗ ସହ ମିଳିତ ଭାବେ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଉଲ୍ଲେଖନୀୟ, ଆର୍‌ଏସ୍‌ପି ୨୦୨୫-୨୬ ଆର୍ଥିକ ବର୍ଷରେ କାରଖାନା ପରିସରରେ ୫୦ହଜାର ଗଛ ଲଗାଇବା ଲକ୍ଷ୍ୟ ରଖିଛି। ଏଯାଏ ୧୦ହଜାର ବୃକ୍ଷରୋପଣ ହୋଇସାରିଛି।




ବୃକ୍ଷରୋପଣ ଅଭିଯାନରେ ସାମିଲ ଆର୍‌ଏସ୍‌ପି ଅଧିକାରୀ।

**ଜୁନିୟର ମହିଳା ଆଡଭୋକେଟ୍‌ଙ୍କୁ ମାଡ଼ ଅଭିଯୋଗ**

ବଲାଙ୍ଗୀର, (ବୀରେନ୍ଦ୍ର କୁମାର ଝାଙ୍କର): ବଲାଙ୍ଗୀର ସିଭିଲ କୋର୍ଟ ସମ୍ମୁଖରେ ଜଣେ ଜୁନିୟର ମହିଳା ଆଡଭୋକେଟ୍‌ଙ୍କୁ ସୋମବାର ତାଙ୍କ ନିଜ ଭାଇ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ତେବେ କେଉଁ କାରଣରୁ ତାଙ୍କ ଭାଇ ମହିଳା ଜୁନିଅର ଆଡଭୋକେଟ୍‌ଙ୍କୁ ମାଡ଼ ମାରିଲେ ତାହା ଜଣାପଡିନାହିଁ। ଏସଂକ୍ରାନ୍ତରେ ଟାଉନ ଥାନାରେ ଏକ ମାମଲା ରୁଜୁ ହୋଇଥିବା ଜଣାପଡିଛି।

# ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣରେ ବିଳମ୍ବ

## ୩ ଶ୍ରେଣୀ କୋଠରିରେ ୧୬୩ ପିଲା

ଲାଠୋର, ୨୧।୭(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ସାହାଜପାଣି ପଞ୍ଚାୟତ ସାହାଜପାଣି ଗ୍ରାମରେ ଅନୁସୂଚିତ ଜାତି ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ସେବାଶ୍ରମରେ ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣରେ ବିଳମ୍ବ ହେଉଛି। ଫଳରେ ୩ ଶ୍ରେଣୀ କୋଠରୀରେ ୧୬୩ ପିଲା ବସୁଛନ୍ତି। ଦୀର୍ଘ ବର୍ଷରୁ ଅର୍ଦ୍ଧ ନିର୍ମିତ ଅବସ୍ଥାରେ ପଡ଼ିରହିଥିବା ଅତିରିକ୍ତ ଶ୍ରେଣୀ ଗୃହକୁ ସମ୍ପୂର୍ଣ୍ଣ କରିବା ପାଇଁ ଦାବି ହେଉଥିଲେ ମଧ୍ୟ କେହି କର୍ଣ୍ଣପାତ କରୁ ନ ଥିବା ଅଭିଯୋଗ ହେଉଛି।

ସୂଚନା ଅନୁସାରେ ୧୯୫୪ ମସିହାରେ ସ୍ଥାପିତ ଉକ୍ତ ସେବାଶ୍ରମରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୧୬୩ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି।



ସାହାଜପାଣି ସେବାଶ୍ରମରେ ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡ଼ି ରହିଥିବା ଅତିରିକ୍ତ ଶ୍ରେଣୀ ଗୃହ।

ସେମାନଙ୍କ ପାଇଁ କେବଳ ୩ଟି ଶ୍ରେଣୀ ଗୃହ ରହିଛି। ଉକ୍ତ ୩ଟି ଶ୍ରେଣୀ ଗୃହରେ ୧୬୩ ଛାତ୍ରୀଛାତ୍ର ବସି ପାଠ ପଢ଼ିବା ପାଇଁ ଜାଗା ନିଅଣ୍ଟ ହେଉଛି। ସେମାନେ ଗେଞ୍ଜାଗେଞ୍ଜି ହୋଇ ବସୁଛନ୍ତି। ପିଲାଙ୍କ ସୁବିଧା ଦୃଷ୍ଟିରୁ ୨୦୧୭ ମସିହାରେ ୭ ଲକ୍ଷ ଟଙ୍କା ବ୍ୟୟରେ ଦୁଇଟି ଶ୍ରେଣୀ ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଥିଲା। କାମକୁ ଜଣେ ପେଟି ଠିକାଦାର କଲେ। ଗୃହ ଛାତ ପଡ଼ିବା ପର୍ଯ୍ୟନ୍ତ ନିର୍ମାଣ କରି ଠିକାଦାର ଟଙ୍କା ସରିଗଲା କହି କାମ ବନ୍ଦ କରିଦେଇଥିଲେ। ସେହି ଛାତ ପଡ଼ିବା ଅବସ୍ଥାରେ ଗୃହଟି ଦୀର୍ଘ ୮ ବର୍ଷ ହେଲା ସେମିତି ପଡ଼ିରହିଛି। କେହି କୌଣସି ପ୍ରକାର ପଦକ୍ଷେପ ଗ୍ରହଣ କରୁନାହାନ୍ତି। ଇତି ମଧ୍ୟରେ ଅନେକ ଥର ବିଭାଗୀୟ ଅଧିକାରୀ ତଥା ଖପ୍ରାଖୋଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସେବାଶ୍ରମକୁ ପରିଦର୍ଶନରେ ଆସି ସମସ୍ୟା ଉପରେ ଅବଗତ ହୋଇ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଶ୍ରେଣୀ ଗୃହ ନିର୍ମାଣ ସମ୍ପୂର୍ଣ୍ଣ ହୋଇପାରୁ ନାହିଁ। ସରକାର ଅନୁସୂଚିତ ଜାତି ଜନଜାତି ଉନ୍ନୟନ ବିଭାଗକୁ ପର୍ଯ୍ୟାପ୍ତ ପରିମାଣରେ ଅନୁଦାନ ରାଶି ପ୍ରଦାନ କରୁଛନ୍ତି। ହେଲେ ୮ ବର୍ଷ ହୋଇଗଲା ଦୁଇଟି ଶ୍ରେଣୀ ଗୃହ ନିର୍ମାଣ ସମ୍ପୂର୍ଣ୍ଣ ହୋଇ ନ ପାରି ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡ଼ିରହିଛି। ଏହା ନିଶ୍ଚିତ ଭାବେ ଏକ ପରିତାପର ବିଷୟ ବୋଲି ବିଭିନ୍ନ ମହଲରେ ସମାଲୋଚନା ହେଉଛି। ଖପ୍ରାଖୋଲ ବ୍ଲକ ପ୍ରଶାସନ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ଅର୍ଦ୍ଧ ନିର୍ମିତ ଅବସ୍ଥାରେ ପଡ଼ି ରହିଥିବା ଅତିରିକ୍ତ ଶ୍ରେଣୀ ଗୃହକୁ ସମ୍ପୂର୍ଣ୍ଣ କରିବା ପାଇଁ ସାଧାରଣରେ ଦାବି ହେଉଛି। ଏନେଇ ସେବାଶ୍ରମ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଯଦୁମଣି ଭୁଏଙ୍କୁ ପଚାରିବାରୁ ସେ କହିଥିଲେ, ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନକୁ ବାରମ୍ବାର ଅବଗତ କରାଯାଇଛି। ସେମାନେ ପରିଦର୍ଶନରେ ମଧ୍ୟ ଆସିଛନ୍ତି। ପଚାରିଲେ କେବେ ଫଣ୍ଡ ନାହିଁ ବୋଲି କହୁଛନ୍ତି ତ ଆଉ କେବେ ଫଣ୍ଡ ଦେଇ ଶୀଘ୍ର କାମ କରାଯିବ କହି ସମୟ ଗଡ଼େଇ ଚାଲିଛନ୍ତି ବୋଲି ସେ କହିଥିଲେ।

# ଯୌନ ନିର୍ଯାତନା ସଚେତନତା କର୍ମଶାଳା



ସଚେତନତା କର୍ମଶାଳାରେ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ, ଛାତ୍ରୀମାନେ ଉପସ୍ଥିତ।

କଣ୍ଟାବାଞ୍ଜି, ୨୧।୭(ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ମହିଳା ସ୍ନାତକ ମହାବିଦ୍ୟାଳୟରେ ଯୌନ ନିର୍ଯାତନା ସଚେତନତା କର୍ମଶାଳା ଓ ଶପଥ ପାଠ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ଅଧ୍ୟାପକ, ଅଧ୍ୟାପିକା,କର୍ମଚାରୀ, ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ସଦସ୍ୟା/ସଦସ୍ୟ, ଛାତ୍ରୀମାନେ ଉପସ୍ଥିତ ଥିଲେ। ଏହି କର୍ମଶାଳାରେ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ପୁରୋହିତ, ଯୌନ ଉତ୍ପୀଡନ (ନିବାରଣ, ନିଷେଧ ଓ ପ୍ରତିକାର) ଆଇନ ୨୦୧୩ ଓ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ଆଇନ ୨୦୧୫ରେ ଥିବା ବିଭିନ୍ନ ପ୍ରକାରର ଧାରା, କାର୍ଯ୍ୟକ୍ଷେତ୍ରରେ ଯୌନ ନିର୍ଯାତନାର ପ୍ରକାର ଭେଦ, ଏହାର ପ୍ରଭାବ, ଅଭିଯୋଗ କରିବାର ପ୍ରକ୍ରିୟା, ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ଦାୟିତ୍ୱ, ଦଣ୍ଡବିଧାନ ବ୍ୟବସ୍ଥା ଉପରେ ବୁଝାଇଥିଲେ। ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି)ର ଅଧ୍ୟକ୍ଷା, ଅଧ୍ୟାପିକା ସୁନନ୍ଦା ରଥ କର୍ମ ସଂସ୍ଥାନର ସମସ୍ତ ଅଂଶୀଦାର ଯୌନ ନିର୍ଯାତନା ରୋକିବା ପାଇଁ କଣ କରିବା ଉଚିତ ଓ କଣ ନ କରିବା ଉଚିତ ସେ ବିଷୟରେ ବିସ୍ତୃତ ଭାବରେ ବୁଝାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ସମସ୍ତ ସଭ୍ୟା/ସଭ୍ୟ, ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ/ଅଧ୍ୟାପିକା, କର୍ମଚାରୀ ଓ ପ୍ରାୟ ୨ଶହରୁ ଅଧିକ ଛାତ୍ରୀ ଏହି କର୍ମଶାଳାରେ ଉପସ୍ଥିତ ହୋଇ ସଚେତନତା ଦିଗଦର୍ଶନ ପ୍ରାପ୍ତି କରିଥିଲେ। ଶେଷରେ ଅଧ୍ୟକ୍ଷ ସମସ୍ତ ଅଂଶୀଦାରଙ୍କୁ କଣ କର୍ତ୍ତବ୍ୟ କରିବା ଉଚିତ ଓ ଅକର୍ତ୍ତବ୍ୟ ନ କରିବା ଉଚିତ ଶପଥ ପାଠ କରାଇଥିଲେ। ଅଧ୍ୟକ୍ଷ ଏହି କର୍ମଶାଳାର ସୁଫଳ ସମସ୍ତଙ୍କୁ ନିଶ୍ଚୟ ମିଳିବ ବୋଲି ଆଶାବ୍ୟକ୍ତ କରିଛନ୍ତି।

# ମିଳିତ ଅଭିଯୋଗ ଶୁଣାଣି, ସମାଧାନ ଶିବିର

## ୯୩ ଅଭିଯୋଗ ପଞ୍ଜୀକୃତ

ଖପ୍ରାଖୋଲ, ୨୧।୭(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ପଞ୍ଚାୟତ ସମିତି ସଭା ଗୃହଠାରେ ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶିବିରରେ ଜିଲାପାଳ ଗୌରବ ଶିବାଜୀ ଇସବୱାଲ ଓ ଆରକ୍ଷୀ ଅଧୀକ୍ଷକ ଅଭିଲାଷ ଜି ଯୋଗଦେଇଥିଲେ। ମୋଟ ୯୩ ଅଭିଯୋଗ ପଞ୍ଜୀକୃତ ହୋଇଥିବାବେଳେ ୨୨ ଗୋଷ୍ଠୀଗତ ଓ ୭୧ଟି ବ୍ୟକ୍ତିଗତ ଅଭିଯୋଗ ହୋଇଥିବା ଜଣାଯାଇଛି। ଏହି ଅବସରରେ ବେଲପଡ଼ା, ପାଟଣାଗଡ଼, ମୁରିବାହାଲ ବ୍ଲକ ଅଞ୍ଚଳର ବିଭିନ୍ନ ଅଭିଯୋଗ ଆସିଥିବା ଜଣାଯାଇଛି। ଶିବିରରେ ବଲାଙ୍ଗିର ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାତ କୁମାର ମହାପାତ୍ର, ପାଟଣାଗଡ଼ ଉପ ଜିଲାପାଳ ସୁନୀଲ କୁମାର ମେହେର, ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ତହସିଲଦାର ସତ୍ୟସୁନ୍ଦର ରାଉତରାୟ, ଜିଲା ମୁଖ୍ୟ କୃଷି ଅଧିକାରୀ ବାବୁଲି ଚରଣ ସେଠୀ, ଉଦ୍ୟାନ କୃଷି ଉପ ନିର୍ଦ୍ଦେଶକ ଏସ. ଚୌଧୁରୀ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।



ମିଳିତ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିରରେ ଅଧିକାରୀ ଓ ଅଭିଯୋଗକାରୀ।

# ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଭାଜପାର ବିକ୍ଷୋଭ



ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଭାଜପା ନେତା ଓ କର୍ମୀମାନେ କଂଗ୍ରେସ ନେତାଙ୍କ କୁଶପୁତ୍ତଳିକା ଦାହ କରୁଛନ୍ତି।

- ବଳାତ୍କାର ମାମଲାରେ ଛାତ୍ର କଂଗ୍ରେସ ନେତା ଗିରଫ ପ୍ରସଙ୍ଗ
- ରାହୁଲ, ଭକ୍ତଙ୍କ କୁଶପୁତ୍ତଳିକା ଦାହ କଲା ଭାଜପା

ବଲାଙ୍ଗୀର, ୨୧।୭ (ବୀରେନ୍ଦ୍ର କୁମାର ଝାଙ୍କର)

ଜଣେ ଛାତ୍ରୀଙ୍କୁ ବଳାତ୍କାର ମାମଲାରେ ଗିରଫ ହୋଇଥିବା ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଉଦିତ ପ୍ରଧାନଙ୍କ ଗିରଫଦାରୀ ଘଟଣାକୁ ନେଇ ବଲାଙ୍ଗୀର ଭାଜପା ପକ୍ଷରୁ ସ୍ଥାନୀୟ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହା ସହ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଦାସଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ବହୁ ଭାଜପା ନେତା ଓ କର୍ମୀ, ଯୁବମୋର୍ଚ୍ଚା ସଦସ୍ୟ ବିକ୍ଷୋଭ କାର୍ଯ୍ୟକ୍ରମରେ ଯୋଗଦେଇ କଂଗ୍ରେସ ଛାତ୍ର ନେତାଙ୍କ କୁକର୍ମକୁ କଡା ସମାଲୋଚନା କରିଥିଲେ। ଭାଜପା ନେତା ଗୋପାଳଜୀ ପାଣିଗ୍ରାହୀ, ଭାଜପା ଯୁବ ମୋର୍ଚ୍ଚା ସଭାପତି ଅମରଜିତ ପଟେଲ, ବରିଷ୍ଠ ଭାଜପା ନେତା ପିତାମ୍ବର ଖମାରୀ, ଅମିତ ସିଂ ନିନା, ହରିଙ୍କ ଛତ୍ରିଆ, ଲଳିତ ଶର୍ମା, ରଶ୍ମିରେଖା ଦାନୀ ଓ ଅନ୍ୟମାନେ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି କଂଗ୍ରେସ ନେତାଙ୍କ ଦୋମୁହାଁ ନୀତିକୁ କଡା ସମାଲୋଚନା କରିଥିଲେ। ଫକୀର ମୋହନ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଛାତ୍ରୀ ମୃତ୍ୟୁ ଘଟଣାରେ ବନ୍ଦ ଡାକରା ଦେଇଥିବା କଂଗ୍ରେସ ନେତା ଏବେ କଂଗ୍ରେସ ଛାତ୍ର ସଭାପତିଙ୍କ କୁକର୍ମକୁ ନେଇ କ'ଣ କହିବେ ବୋଲି ପ୍ରଶ୍ନ କରିଥିଲେ। କଂଗ୍ରେସ ଶାସନ ସମୟରେ ମହିଳାମାନେ ବେଶୀ ନିର୍ଯାତନାର ଶିକାର ହୋଇଛନ୍ତି ବୋଲି ଅଭିଯୋଗ କରିଥିଲେ। ଏହି ଅବସରରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଦାସଙ୍କ କୁଶପୁତ୍ତଳିକା ଦାହ କରିଥିଲେ। କଂଗ୍ରେସ ବିରୋଧରେ ନାରାବାଜି କରିଥିଲେ। ଭାଜପା ସରକାରକୁ ବଦନାମ କରିବାକୁ ଉଦ୍ୟମ କରିଥିବା କଂଗ୍ରେସ ଏବେ ନିଜେ ହରଡଘଣାରେ ପଡିଛି ବୋଲି କହିଥିଲେ।

# ଛତିଶଗଡ଼ରୁ ଆସୁଥିବା ଧାନବୋଝେଇ ୨ ଟ୍ରକ୍ ଜବତ

## ତଦନ୍ତ କରି ରିପୋର୍ଟ ଦେବାକୁ ଯୋଗାଣ ବିଭାଗକୁ ଚିଠି

ଦେଓଗାଁ, ୨୧।୭
(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବିଭିନ୍ନ ସମୟରେ ଛତିଶଗଡ଼ ରାଜ୍ୟରୁ ବେଆଇନ ଭାବେ ଧାନ ଓ ଚାଉଳ ଦେଓଗାଁ, ଗୁଡଭେଲା ସମେତ କଳାହାଣ୍ଡି ଜିଲାର କେତେକ ରାଇସମିଲ୍‌କୁ ରିସାଇକ୍ଲିଂ ପାଇଁ ଆସୁଥିବା ଅଭିଯୋଗ ହୋଇଆସୁଥିଲା। ଗତ ୩ଦିନ ତଳେ ଏ ନେଇ ଡଙ୍ଗାପଥର ଏକ ରାଇସମିଲରେ ଛତିଶଗଡ଼ରୁ ଆସିଥିବା ଟ୍ରକରୁ ମିଲ ଭିତରେ ଚାଉଳ ଓହ୍ଲାଉଥିବା ଫଟୋ ସହ ଖବର ଗଣମାଧ୍ୟମରେ ପ୍ରକାଶ ପାଇଥିଲା । ଫଳରେ କେତେକ ମିଲରଙ୍କ ମଧ୍ୟରେ ଛନକା ପଶିଥିବା ଦେଖିବାକୁ ମିଳିଥିଲା। ତେବେ ଏତେ ଅଭିଯୋଗ ପରେ ମଧ୍ୟ ଜିଲା ଯୋଗାଣ ବିଭାଗ ଜାଣିଅଜଣା ହୋଇ ହାତବାନ୍ଧି ବସିରହିବା ପରିତାପର ବିଷୟ ବୋଲି ସାଧାରଣରେ ଆଲୋଚନାର ବିଷୟ ହୋଇଛି। ସୋମବାର ଅପରାହ୍ନରେ ଛତିଶଗଡରୁ ବେଆଇନଭାବେ ଧାନ ବୋଝେଇ ହୋଇଆସୁଥିବା ୨ଟି ଟ୍ରକକୁ ଦେଓଗାଁ ପୋଲିସ ଭୂତିଆରବାହାଲ ନିକଟରେ ସନ୍ଦେହରେ ଅଟକ ରଖି ତଦନ୍ତ କରିଥିଲା । ପୋଲିସର ସୂଚନା ଅନୁସାରେ ଆସୁଥିବା ଦୁଇଟି ଟ୍ରକ ନଂ. ସିଜି୦୪ ଜେସି ୭୬୬୫ ଓ ସିଜି୦୬ ଜିଏନ ୯୧୫୧କୁ ପାଟ୍ରୋଲିଂ ସମୟରେ ଅଟକାଇ ଚେକିଂ କରିବା ସମୟରେ ଉକ୍ତ ଟ୍ରକରେ ଧାନ ବୋଝେଇ ହୋଇଥିବା ପୋଲିସ ଜାଣିବାକୁ ପାଇଥିଲା। ଉଭୟ ଟ୍ରକର କାଗଜପତ୍ର ଯାଞ୍ଚ କରିବା ପରେ ଜାଲିଆତିହୋଇ ଧାନ ଚାଲାଣ ହେଉଥିବା ସନ୍ଦେହକରି ୨ଜଣ ଡ୍ରାଇଭର ଛତିଶଗଡ ସୀତାପୁର ଥାନା ଅନ୍ତର୍ଗତ ବସନା ଗ୍ରାମର ବ୍ୟାସଦେବ ବାଗ (୩୦) ଓ ରାଏପୁର ଥାନା ଅନ୍ତର୍ଗତ ଶ୍ୟାମନଗରର ଗାଡିରାମ ଯାଦବ(୪୪)ଙ୍କୁ ଅଟକରଖି ପୋଲିସ ଅଧିକ ଛାନ୍‌ଭିନ କରୁଛି। ଦୁଇଟି ଟ୍ରକରେ ୧୩୫୦ ବସ୍ତା ଧାନ ବୋଝେଇ ହୋଇଥିବା ପୋଲିସ ସୂଚନା ଦେଇଛି। ଧାନ ବୋଝେଇ ଟ୍ରକଟି ଛତିଶଗଡ ରାଜ୍ୟ ମହାସମୁଦ୍ର ଜିଲାର ବରଡିହି ସାବିତ୍ରୀ ରାଇସମିଲରୁ ଧାନ ବୋଝେଇ ହୋଇ କଳାହାଣ୍ଡି ଜିଲା ଭତାପଡାର ମା' ମାଣିକେଶ୍ୱରୀ ଇଣ୍ଟରପ୍ରାଇଜେସକୁ ଚାଲାଣ ହେଉଥିବା ଚାଲାଣଚିଠିରେ ଉଲ୍ଲେଖ ରହିଛି। ଅନ୍ୟ ରାଜ୍ୟରୁ ଆଉ ଏକ ରାଜ୍ୟକୁ ଧାନ ଚାଲାଣ ବେଆଇନ ବୋଲି ସରକାର ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏନେଇ ଥାନା ଅଧିକାରୀ ବୁଲୁ ମୁଣ୍ଡାଙ୍କୁ ପଚାରିବାରୁ ଏବିଷୟରେ ଜିଲା ଯୋଗାଣ ବିଭାଗର ଅଧିକାରୀଙ୍କୁ ତଦନ୍ତ ପାଇଁ ଦେଓଗାଁ ଥାନା ସିସି ନଂ ୦୨୦୦୦୧୦/୨୧।୭।୨୦୨୫ରେ ଚିଠି ଦେଇଛି। ସେ ମଙ୍ଗଳବାର ଆସି ତଦନ୍ତ କରିବେ ବୋଲି କହିଛନ୍ତି କହିବା ସହ ପୁଣି ଏ ବିଷୟରେ ଜିଲାପାଳଙ୍କୁ ମଧ୍ୟ ଅବଗତ କରିଛୁ ବୋଲି ସୂଚନା ଦେଇଛନ୍ତି। ଏ ଦିଗରେ ବିଭାଗୀୟ ଅଧିକାରୀ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେବା ପାଇଁ ସାଧାରଣରେ ଦାବି ହୋଇଛି।



ଦେଓଗାଁ ଥାନାରେ ଜବତ ହୋଇଥିବା ଦୁଇଟି ଧାନ ବୋଝେଇ ଟ୍ରକ୍।

# ପ୍ରମାଣ ଅଭାବରୁ ୪ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

## ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ ପରିସରରେ ଯୁବକଙ୍କୁ ହତ୍ୟା ମାମଲା

ବଲାଙ୍ଗୀର, ୨୧।୭ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ ପରିସରରେ ଜଣେ ଉଠାଦୋକାନୀଙ୍କୁ ହତ୍ୟା ମାମଲାର ୪ ଅଭିଯୁକ୍ତ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। ବଲାଙ୍ଗୀର ଜିଲା ଦୌରାଜଜ୍‌ଙ୍କ କୋର୍ଟରେ ସୋମବାର ଏହି ମାମଲାର ଫଇସଲା ହୋଇଥିଲା। ୨୦୨୨ ଅଗଷ୍ଟ ୧୬ରେ ହସ୍ପିଟାଲ ପରିସରରେ ଅଜୁ ଦୋରା ନାମକ ଜଣେ ଉଠା ଦୋକାନୀଙ୍କୁ କେତେଜଣ ଦୁର୍ବୃତ୍ତ ହତ୍ୟା କରି ଫେରାର୍ ହୋଇଯାଇଥିଲେ। ପୁଅକୁ ବଞ୍ଚାଇବାକୁ ଯାଇ ଅଜୁଙ୍କ ମା' ଜୟନ୍ତୀ ଦୋରା ମଧ୍ୟ ଦୁର୍ବୃତ୍ତମାନଙ୍କ ଆକ୍ରମଣର ଶିକାର ହୋଇଥିଲେ। ମୃତ ଅଜୁଙ୍କ ପରିବାର ଲୋକେ ଘଟଣା ସମ୍ପର୍କରେ ବଲାଙ୍ଗୀର ଟାଉନ୍ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଲିଖିତ ଅଭିଯୋଗକୁ ଆଧାର କରି ଉକ୍ତ ହତ୍ୟାକାଣ୍ଡରେ ସମ୍ପୃକ୍ତ ଥିବା ସନ୍ଦେହ କରି ଟାଉନ୍ ଥାନା ପୋଲିସ ସେତେବେଳେ ୪ ଯୁବକ ମୁନା ଦୋରା, ଚନ୍ଦ୍ର ପ୍ରଧାନ, ରାହୁଲ ପାଣିଗ୍ରାହୀ ଓ ସୋମ ପୁଞ୍ଜିଙ୍କୁ ଗିରଫ୍ କରି କୋର୍ଟ ଚାଲାଣ କରିଥିଲେ। ଏହି ମାମଲାରେ କୋର୍ଟରେ ୨୬ଜଣଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇଥିଲା। ଘଟଣାର ପାରିପାର୍ଶ୍ୱିକ ସ୍ଥିତି, ଦୁଇ ପକ୍ଷ ଓକିଲଙ୍କ ଯୁକ୍ତି ଓ ସମସ୍ତ ସାକ୍ଷୀଙ୍କ ବୟାନକୁ ବିଚାରକୁ ନେଇ ପ୍ରମାଣ ଅଭାବରୁ ସୋମବାର ଜିଲା ଦୌରା ଜଜ୍ ୪ ଯୁବକଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଅଭିଯୁକ୍ତଙ୍କ ପକ୍ଷରୁ ଆଡଭୋକେଟ୍ ଆନନ୍ଦ ପାଣିଗ୍ରାହୀ, ଅଙ୍କିତା ତ୍ରିପାଠୀ ଓ ଆଡଭୋକେଟ୍ ଅରବିନ୍ଦାକ୍ଷ ପୂଝାରୀ ମାମଲା ପରିଚାଳନା କରିଥିଲେ।

# ରାଜ୍ୟ ସନ୍ତରଣ ପ୍ରତିଯୋଗିତା ପାଇଁ ବଲାଙ୍ଗୀରରୁ ୧୭ ଖେଳାଳି ମନୋନୀତ

ବଲାଙ୍ଗୀର, ୨୧।୭ (ବୀରେନ୍ଦ୍ର କୁମାର ଝାଙ୍କର)

ରାଜ୍ୟ ସନ୍ତରଣ ପ୍ରତିଯୋଗିତା ପାଇଁ ବଲାଙ୍ଗୀର ଜିଲାର ୧୭ ଖେଳାଳି ମନୋନୀତ ହୋଇଥିବା ଜଣାପଡିଛି। ବଲାଙ୍ଗୀର ରାଜେନ୍ଦ୍ର ନାରାୟଣ ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସ ଠାରେ ସନ୍ତରଣ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାର ବିଭିନ୍ନ ସ୍ଥାନରୁ ୧୫୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ୧୭ଜଣ ଖେଳାଳୀ ୬୫ତମ ରାଜ୍ୟ ସନ୍ତରଣ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି। ଜୁଲାଇ ୨୩ ରୁ୨୫ ଯାଏଁ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ ସନ୍ତରଣଗାର ଠାରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ। ଜିଲା କ୍ରୀଡା ଅଧିକାରୀ ପରାଶର ବାଗ, ରାଜ୍ୟ ସନ୍ତରଣ ସଂଘ ଉପସଭାପତି ସୁମିତ ରଞ୍ଜନ ପୁରୋହିତ, କୋଚ ନରେଶ ପ୍ରଧାନ ଓ ମେନେଜର ସୁରେଶ ପ୍ରଧାନ ମନୋନୀତ ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ବଲାଙ୍ଗୀର ଏମ୍‌ପି, ଉପଜିଲାପାଳଙ୍କୁ ସ୍ମାରକପତ୍ର

## ଲୋଇସିଂହା ନୂଆପଡ଼ା ରେଳଫାଟକ ବନ୍ଦ ଉଦ୍ୟମକୁ ବିରୋଧ

ଲୋଇସିଂହା,୨୧।୭(ସୁଶାନ୍ତ ବାରିକ)

ରେଳ ବିଭାଗ ପକ୍ଷରୁ ବଲାଙ୍ଗୀର ଜିଲା ଲୋଇସିଂହା ନୂଆପଡ଼ା ରେଳ ଫାଟକକୁ ସବୁଦିନ ପାଇଁ ବନ୍ଦ ଉଦ୍ୟମ ହେଉଛି। ବିକଳ୍ପ ରାସ୍ତା ନ ଦେଇ ଫାଟକୁ ହଠାତ୍ ବନ୍ଦ ଯୋଜନା ନେଇ ଉକ୍ତ ରାସ୍ତା ଦେଇ ଯାତାୟତ କରୁଥିବା ଲୋକଙ୍କ ମଧ୍ୟରେ ଅସନ୍ତୋଷ ତେଜିବାରେ ଲାଗିଛି। ଫାଟକ ବନ୍ଦ ନ କରିବା ପାଇଁ ଲୋଇସିଂହା ନୂଆପଡ଼ାର ଏକ ପ୍ରତିନିଧି ଦଳ ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓଙ୍କୁ ସାକ୍ଷାତକରି ଏସଂକ୍ରାନ୍ତରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗ ପାଇ ଏମ୍‌ପି ସିଂଦେଓ ଜିଲା ପ୍ରଶାସନ ସହ ଆଲୋଚନା କରିବା ସହିତ ଦିଲ୍ଲୀ ଗସ୍ତରୁ ଫେରିଲା ପରେ ନିଜେ କ୍ଷେତ୍ର ପରିଦର୍ଶନ କରିବେ ବୋଲି ଉକ୍ତ ପ୍ରତିନିଧି ଦଳକୁ ଜଣାଇଛନ୍ତି। ଅଭିଯୋଗ ଅନୁଯାୟୀ, ଲୋଇସିଂହା ବସ୍ତିର ଲୋକେ ରେଳଧାରଣା ପାର ହୋଇ ୨୬ନଂ. ଜାତୀୟ ରାଜପଥକୁ ଆସିଲା ପରେ ସ୍କୁଲ, କଲେଜ, ସରକାରୀ, ବେସରକାରୀ କାର୍ଯ୍ୟାଳୟ, ଦୋକାନବଜାର ଯାଇଥାନ୍ତି। ହେଲେ ଜିଲା ପ୍ରଶାସନ ପକ୍ଷରୁ ଅନୁଧ୍ୟାନ ନ କରି ଏବଂ ସ୍ଥାନୀୟ ଲୋକଙ୍କ ମତାମତ ନ ନେଇ ଉକ୍ତ ଫାଟକ ବନ୍ଦ ପାଇଁ ରେଳ କର୍ତ୍ତୃପକ୍ଷଙ୍କୁ ଅନୁମତି ପ୍ରଦାନ କରିବା ଘଟଣା ଅଞ୍ଚଳବାସୀଙ୍କୁ ମର୍ମାହତ କରିଛି ବୋଲି ଏମ୍‌ପି ସିଂଦେଓଙ୍କୁ ଦିଆଯାଇଥିବା ସ୍ମାରକପତ୍ରରେ ଦର୍ଶାଯାଇଛି। ଉକ୍ତ ସ୍ମାରକପତ୍ରରେ ଆହୁରି ଦର୍ଶାଯାଇଛି, ଉକ୍ତ ଫାଟକରୁ ୧ ଶହ ମିଟର ଦୂରରେ ଥିବା ବସ୍ତି ଫାଟକକୁ କିଛିଦିନ ପୂର୍ବରୁ ବନ୍ଦ କରି ଏକ ଅଣ୍ଡର ଗ୍ରାଉଣ୍ଡ ପୋଲ ନିର୍ମାଣ କରାଯାଇଛି। ଏହି ଅଣ୍ଡରଗ୍ରାଉଣ୍ଡ ପୋଲରେ ବର୍ଷା ଦିନରେ ଆଣ୍ଠୁଏ ପାଣି ଜମୁଛି। ସନ୍ଧ୍ୟାରେ ଅଣ୍ଡରଗ୍ରାଉଣ୍ଡ ପୋଲ ରାସ୍ତା ଦେଇ ଛାତ୍ରୀ, ମହିଳାମାନେ ଯିବାଆସିବା ପାଇଁ ଅସୁରକ୍ଷିତ ମଣୁଛନ୍ତି। ଏହାବାଦ ଜରୁରୀକାଳୀନ ସେବା ଯଥା ଆମ୍ବୁଲାନ୍ସ, ଅଗ୍ନିଶମ ସେବା ଅଣ୍ଡରଗ୍ରାଉଣ୍ଡ ପୋଲରେ ପ୍ରଭାବିତ ହେଉଥିବାରୁ ନୂଆପଡ଼ା ରେଳ ଫାଟକ ରାସ୍ତା ହିଁ ନିର୍ଭରଯୋଗ୍ୟ ବୋଲି ସ୍ମାରକପତ୍ରରେ ଦର୍ଶାଯାଇଛି। ଏହି ଘଟଣାକୁ ନେଇ ଉକ୍ତ ପ୍ରତିନିଧି ଦଳ ଉପଜିଲାପାଳ ଆଲୋକ ପଟେଲଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟି ଉପରୋକ୍ତ ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରକାଶ ଥାଉକି ବୁଧବାର ସ୍ଥାନୀୟ ପ୍ରଶାସନର ଉପସ୍ଥିତିରେ ରେଳ ବିଭାଗ ଅଧିକାରୀ ପୋଲିସ ଫୋର୍ସ ନେଇ ବଳପୂର୍ବକ ଉକ୍ତ ଫାଟକ ବନ୍ଦ ଉଦ୍ୟମ ବେଳେ ଉତ୍ତେଜନା ପ୍ରକାଶ ପାଇଥିଲା।



ରେଳଫାଟକ ବନ୍ଦ ନ କରିବା ଲାଗି ପ୍ରତିନିଧି ଦଳ ଉପଜିଲାପାଳଙ୍କୁ ସ୍ମାରକପତ୍ର ଦେଉଛନ୍ତି।

# ଅବ୍ୟବସ୍ଥା ବିରୋଧରେ ଚାଷୀମାନଙ୍କ ମେଳି

- ଚାଷ ଜମିକୁ ଜଳ ଯୋଗାଣରେ ଅବ୍ୟବସ୍ଥା
- ବୃହତ୍ତ ଉଠାଜଳସେଚନ ପ୍ରକଳ୍ପ ଅଚଳ
- ଚାଷ ବାଧାପ୍ରାପ୍ତ ଯୋଗୁ ଚାଷୀଙ୍କ ଅସନ୍ତୋଷ

ଟିଟିଲାଗଡ଼, ୨୧।୭(ଶରତ ମିଶ୍ର)

ବଲାଙ୍ଗୀର ଜିଲାର ଶିଳ୍ପବିହୀନ, ଦାଦନ ପ୍ରବଣ ଟିଟିଲାଗଡ଼ ବ୍ଲକରେ ସାଧାରଣ ଜନତା ହାହାକାର ହୋଇପଡିଛନ୍ତି। ବର୍ତ୍ତମାନ ଖରିଫ୍ ଋତୁରେ ସ୍ୱଳ୍ପ ବୃଷ୍ଟି ଚାଷୀମାନଙ୍କୁ ବ୍ୟଥିତ କରିଛି। ଏପରି ସ୍ଥଳେ ବ୍ଲକ ଅନ୍ତର୍ଗତ ଗୁରୁଜିଭଟା, ଡୁଙ୍ଗୁରିପାଲିଠାରେ ଥିବା ବୃହତ୍ତ ଉଠାଜଳସେଚନ ପ୍ରକଳ୍ପ ଅଚଳ ହେବା ଚାଷୀଙ୍କ ଦୁଃଖ ବଢାଇ ଦେଇଛି ବୋଲି ବ୍ଲକ ଅନ୍ତର୍ଗତ ଭାଲେଗାଁ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଚାଷୀମେଳିରେ ଚାଷୀମାନେ ମତ ପ୍ରକାଶ କରିଛନ୍ତି। ଚାଷ ଜମିକୁ ଜଳ ଯୋଗାଣରେ ଅବ୍ୟବସ୍ଥା ବିରୋଧରେ, ଅଚଳ ବୃହତ୍ତ ଉଠାଜଳସେଚନ ପ୍ରକଳ୍ପ କାର୍ଯ୍ୟକ୍ଷମ ଦାବିରେ ଏହି ଚାଷୀମେଳି ହୋଇଥିଲା। ଭାଲେଗାଁ ସରପଞ୍ଚ ଯୁଗଳ କିଶୋର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଚାଷୀ ମେଳିରେ ଟିଟିଲାଗଡ଼ କୃଷକ ସଂଘର୍ଷ ଅଭିଯାନ ସମିତି ଆବାହକ ବାଳକୃଷ୍ଣ ଷାଣ୍ଢ, ବେଣୁଧର ଝାଙ୍କର, ପ୍ରଭାକର ସାହୁ, ଦେବରାଜ ମାଝୀ, ମେଘବର୍ଣ୍ଣ କୁମ୍ଭାର, ଗୋକୁଲ ସୁନାନୀ ଚାଷୀଙ୍କୁ କ୍ରମାଗତ ଅବହେଳା ନେଇ ଚିନ୍ତା ପ୍ରକଟ କରିଥିଲେ। ୩୫ କୋଟି ଟଙ୍କାରେ ନିର୍ମିତ ଗୁରୁଜିଭଟା ବୃହତ୍ତ ଉଠାଜଳସେଚନ ପ୍ରକଳ୍ପ ସମେତ ଡୁଙ୍ଗରିପାଲି, ବେଲଗାଁ, ଭୁସକିମାଲ, ଶିଶକେଲା ଆଦି ବଲାଙ୍ଗୀର ଜିଲାର କେତେକ ସ୍ଥାନରେ ଏବଂ କଳାହାଣ୍ଡି ଜିଲାର କେତେକ ସ୍ଥାନରେ ନିର୍ମିତ ୧୫ଟି ବୃହତ୍ତ ଉଠା ଜଳସେଚନ ପ୍ରକଳ୍ପରେ ସରକାରଙ୍କ ଅବହେଳା ଯୋଗୁ ତାଲା ପଡିଛି। ଏହା ଚାଷୀଙ୍କ ପ୍ରତି ଉପହାସ ବୋଲି ଚାଷୀ ନେତା କ୍ଷୋଭ ପ୍ରକାଶ କରିଛନ୍ତି। ବର୍ତ୍ତମାନ ଖରିଫରେ ବର୍ଷାଭାବ ସମୟରେ ରୁଆ, ବିହୁଡା ପାଇଁ ଚାଷ ଜମିରେ ପାଣି ନାହିଁ। ଏପଟେ ଉଠା ଜଳସେଚନ ପ୍ରକଳ୍ପଗୁଡିକରେ ତାଲା ପଡିବା ନିନ୍ଦନୀୟ। ଏନେଇ ପ୍ରଶାସନ ତଥା ରାଜ୍ୟ ସରକାର ତ୍ୱରିତ ପଦକ୍ଷେପ ଗ୍ରହଣ ନ କଲେ ଚାଷୀମାନେ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବେ ବୋଲି ଚାଷୀନେତାମାନେ ଚେତାବନୀ ଦେଇଛନ୍ତି। ସଭାରେ ବିଶିଷ୍ଟ ଚାଷୀ ନେତା ଯୋଗେଶ୍ୱର କଟା, ପରମେଶ୍ୱର ରଣା, ଯାଦବ ମାଝୀ, ଅମରେଶ ଜ୍ୟୋତି, ମନୋଜ ବିଶି, ସୁବଳ ବାଗ, ପିତାମ୍ବର ମାଝୀ, ହେମବନ୍ତ ଗହୀର, ପ୍ରକାଶ ସାହୁ, ଚିତ୍ତରଞ୍ଜନ ସାହୁ, ରୋହିତ ସାହୁ, ଇନ୍ଦ୍ରମଣି ମାଝୀ, ତ୍ରିନାଥ ସାହୁ, କପିଳଦେବ ଷାଣ୍ଢ, ଘିନୁ ପୋଢ଼, ବୈବସ୍ୱତ ପ୍ରମୁଖ ଉପସ୍ଥିତ ରହି ମତବ୍ୟକ୍ତ କରିଥିଲେ।



ଭାଲେଗାଁ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଚାଷୀମେଳିରେ ଉପସ୍ଥିତ ଚାଷୀମାନେ।

# କ୍ଷେତ୍ରକୁ ଯାଇ ଚାଷୀ ପଞ୍ଜୀକରଣ କଥା ଦେଖ

## ଡିଆରସିଏସ୍‌ଙ୍କୁ ତାଗିଦ୍ କଲେ ଜିଲାପାଳ

ସୋନପୁର,୨୧।୭(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲାପାଳ ଅନ୍ୟା ଦାସଙ୍କୁ ସୋମବାର ଭିନ୍ନ ରୂପରେ ଦେଖିବାକୁ ମିଳିଥିଲା। ଡୁଙ୍ଗୁରିପାଲି ବ୍ଲକ କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଚାଲିଥିଲା। ଜିଲାପାଳ ଜନସାଧାରଣଙ୍କ ଅଭିଯୋଗ ଶୁଣୁଥିଲେ। ଏହି ସମୟରେ ସୋନପୁର ଏଆରସିଏସଙ୍କ ପାଣ୍ଡୁ ଚରଣ ସାହୁଙ୍କ ଜୁଲାଇ ୧୯ରୁ ୨୭ ତାରିଖ ପର୍ଯ୍ୟନ୍ତ ଛୁଟିକୁ ନେଇ ଜିଲାପାଳ ଡିଆରସିଏସ୍ ସଞ୍ଜୟ କୁମାର ତ୍ରିପାଠୀଙ୍କ ଉପରେ ବିରକ୍ତି ହୋଇଥିଲେ। ଗତ ଶନିବାରଠାରୁ ୨୦୨୫-୨୬ ଖରିଫ ଋତୁର ଧାନ ବିକ୍ରି ପାଇଁ ଜିଲାରେ ଚାଷୀ ପଞ୍ଜୀକରଣ ଆରମ୍ଭ ହୋଇଛି। ଏଭଳି ସ୍ଥିତିରେ ତାଙ୍କ ବିନା ଅନୁମତିରେ ଏଆରସିଏସ୍‌ଙ୍କୁ କିଭଳି ଇଏଲ(ଆର୍ଣ୍ଣଡ୍ ଲିଭ୍)ରେ ରହିବାକୁ ଅନୁମତି ଦେଲେ ବୋଲି ଜିଲାପାଳ ପ୍ରଶ୍ନ କରିଥିଲେ। ଜିଲା ସମବାୟ ବିଭାଗରେ ଯିଏ ଚାହୁଁଛି ମନଇଚ୍ଛା ଛୁଟିରେ ରହୁଛି। ଏଥିପାଇଁ ଡିଆରସିଏସ୍‌ଙ୍କୁ ଦାୟୀ କରିବା ସହ ମଙ୍ଗଳବାର ସୁଦ୍ଧା ଏଆରସିଏସ୍ ଯେଭଳି କାର୍ଯ୍ୟରେ ଯୋଗଦେବା ତାହା ନିଶ୍ଚିତ କରିବାକୁ କହିଥିଲେ। ଏପରିକି ଜିଲାପାଳ ଦାସ ଡିଆରସିଏସ୍‌ଙ୍କୁ ଶିବିର ସ୍ଥଳ ଛାଡି ବାହାରକୁ ଚାଲିଯିବାକୁ ଓ ଚାଷୀ ପଞ୍ଜୀକରଣ ବୁଝିବାକୁ ନିର୍ଦ୍ଦେଶ ଦେଇଥିଲେ। ସମସ୍ତ ଅଧିକାରୀଙ୍କ ଉପସ୍ଥିତିରେ ଡିଆରସିଏସ୍ ତ୍ରିପାଠୀ ଲଜ୍ଜିତ ହୋଇ ବାହାରକୁ ଚାଲି ଯାଇଥିଲେ। ଶାନ୍ତ ସ୍ୱାଭାବର ଜିଲାପାଳଙ୍କ ଏଭଳି କଡା ଆଭିମୁଖ୍ୟକୁ ଦେଖି ଅଧିକାରୀଙ୍କ ମଧ୍ୟରେ ନାନା ଆଲୋଚନା ସୃଷ୍ଟି ହୋଇଛି। ଏ ସମ୍ପର୍କରେ ଏଆରସିଏସ୍ ପାଣ୍ଡୁ ଚରଣ ସାହୁଙ୍କୁ ପଚାରିବାରୁ ତାଙ୍କ ଝିଅ ନୂତନ ଭାବେ ସରକାରୀ ଚାକିରି ପାଇଛି। ଝିଅକୁ ଛାଡିବାକୁ ସେ ଗୁଜୁରାଟ ଯାଇଛନ୍ତି। ଏଥିପାଇଁ ସେ ଏଚ୍‌ଆର୍‌ଏମ୍‌ଏସ୍ ପୋର୍ଟାଲରେ ଆବେଦନ କରି ଛୁଟିରେ ଯାଇଥିବା କହିଛନ୍ତି।



ଅଭିଯୋଗ ଶୁଣାଣି ଶିବିରରେ ଜିଲାପାଳ ଡିଆରସିଏସ୍‌ଙ୍କୁ ତାଗିଦ୍ କରୁଛନ୍ତି।

# ଭାରତୀୟ ଟିମ୍ ସହ ଜର୍ମାନୀରେ ଏହେସାସ

ବୀରମହାରାଜପୁର,୨୧।୭
(ଯୁଗଳ କିଶୋର ମିଶ୍ର)

ଭାରତୀୟ ଟିମ୍ ସହ ଜର୍ମାନୀରେ ପହଞ୍ଚିଛନ୍ତି ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରର ଏହେସାସ ହୋତା। ଏଥର ବିଶ୍ୱ ବିଶ୍ୱବିଦ୍ୟାଳୟ ପ୍ରତିଯୋଗିତା ଜର୍ମାନୀରେ ଅନୁଷ୍ଠିତ ହେଉଥିବାବେଳେ ବିଭିନ୍ନ କ୍ରୀଡା ପାଇଁ ଭାରତୀୟ ଟିମର ଖେଳାଳି ଜର୍ମାନ ଗସ୍ତ କରିଛନ୍ତି। ତେବେ ଭାରତୀୟ ଟାଏକୋଣ୍ଡୋ ଟିମରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ତଥା ପଶ୍ଚିମ ଓଡ଼ିଶାରୁ ଏକମାତ୍ର ଖେଳାଳିଭାବେ ଏହେସାସ ରହିଛନ୍ତି। ଜର୍ମାନ ଗସ୍ତ ପୂର୍ବରୁ ଅମୃତସରଠାରେ ଭାରତୀୟ ଟାଏକୋଣ୍ଡୋ ଖେଳାଳୀମାନଙ୍କୁ ଦୀର୍ଘ ୧ମାସ ଧରି ଉନ୍ନତ ମାନର ତାଲିମ ପ୍ରଦାନ କରାଯାଇଥିଲା। ପୂର୍ବରୁ ଅନେକ ଥର ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଅଶଂଗ୍ରହଣ କରି ସେ ସଫଳତା ପାଇଥିଲେ ହେଁ ଅଲିମ୍ପିକ୍ସ ସହ ସମକ୍ଷକ ଥିବା ଏଭଳି ଏକ ପ୍ରତିଯୋଗିତାରେ ଭାଗନେବା ପାଇଁ ସେ ଦୀର୍ଘ ୧୭ ବର୍ଷହେଲା ପ୍ରଚେଷ୍ଟା ଜାରି ରଖିଥିଲେ। ଏଣୁ ଏଭଳି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ତାଙ୍କ ପାଇଁ ସୌଭାଗ୍ୟ ବୋଲି ଏହେସାସ କହିଛନ୍ତି। ଏହେସାସଙ୍କ ସଫଳତା ପାଇଁ ଏବେ ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବିଦ୍ୟୁଭୂଷଣ ମିଶ୍ର, ରେଜିଷ୍ଟ୍ରାର ନୃପରାଜ ସାହୁ, ସ୍ପୋର୍ଟସ ଡାଇରେକ୍ଟର ଅଭିନାଶ କର, ସ୍ପୋର୍ଟସ କାଉନସିଲ ସେକ୍ରେଟାରୀ ଡ. ଦେବେନ୍ଦ୍ର ମହାଲିକ, ସିଡିସି ଅଧ୍ୟକ୍ଷ ଡ. ସଂଯୁକ୍ତା ଦାଶ, କୋଚ ରାମ କୁମାର ସାହୁ, ବରଗଡ ଇମ୍ପେରିଆଲ କଲେଜର ମ୍ୟାନେଜିଙ୍ଗ ଡାଇରେକ୍ଟର ଦୀପକ ଗୋଏଲ, ଅଧ୍ୟକ୍ଷ ଦୁର୍ଗେଶ ଶତପଥୀ, ରାଜ୍ୟ ଟାଏକୋଣ୍ଡୋ ସଂଘ ସମ୍ପାଦକ ମନମୋହନ ଭଞ୍ଜ, ଜିଲା କ୍ରୀଡା ଅଧିକାରୀ ଚିତ୍ତରଞ୍ଜନ ମିଶ୍ର, ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ସୁବର୍ଣ୍ଣପୁର ଜିଲା ଟାଏକୋଣ୍ଡୋ ସଂଘ ସଭାପତି ରବୀନ୍ଦ୍ର ହୋତା ଏବଂ ଜିଲା ଟାଏକୋଣ୍ଡୋ ସଂଘ ଆଇନ ପରାମର୍ଶଦାତା ଶେଷଦେବ ବାରିକ ସଫଳତା କାମନା କରିଛନ୍ତି।



ଏହେସାସ ହୋତା

# ବାଇକ୍ ଚୋରି, ଥାନାରେ ମାମଲା

ବିନିକା,୨୧।୭(ରାମ ଗୋପାଳ ବାଘ )

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଶଙ୍କରା ପଞ୍ଚାୟତ କୌଡ଼ିଆମୁଣ୍ଡା ଗ୍ରାମର ସୁଙ୍କାନ କୁମ୍ଭାରଙ୍କ ବାଇକ ଚୋରୀ ହୋଇଥିବା ନେଇ ବିନିକା ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନାଅନୁସାରେ, ରବିବାର ଅପରାହ୍ନ ସମୟରେ କୌଡିଆମୁଣ୍ଡା ଗ୍ରାମର ସୁଙ୍କାନ କୁମ୍ଭାର ବାଇକ ଯୋଗେ ନିଜ କ୍ଷେତକୁ ଯାଇଥିଲେ। କେନାଲ ମୁଖ୍ୟ ରାସ୍ତାରେ ବାଇକକୁ ରଖି କାମ କରୁଥିଲେ। କାମ ସାରି ଫେରିଲା ପରେ ବାଇକ ସେଠାରେ ନ ଥିବା ଦେଖିବାକୁ ପାଇଥିଲେ। ସବୁଆଡେ ଖୋଜାଖୋଜି କରିଥିଲେ ହେଁ ବାଇକକୁ ପାଇ ନ ଥିଲେ। ଏନେଇ ରବିବାର ରାତିରେ ବିନିକା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ସୋମବାର ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ତଦନ୍ତକାରୀ ଅଧିକାରୀ ନିରୁପମା ସ୍ୱାଇଁ ସୂଚନା ଦେଇଛନ୍ତି । ସେହିପରି ମାର୍ଚ୍ଚ ୧୭ ତାରିଖ କୌଡ଼ିଆମୁଣ୍ଡା ଗ୍ରାମର ସୁବଳ ଘିବିଲାଙ୍କ ବାଇକ, ଏପ୍ରିଲ ୯ ତାରିଖ ଶଙ୍କରା ଗ୍ରାମର ସୁଧାଂଶୁ ପାଣ୍ଡେଙ୍କ ବାଇକ୍ କୌଡ଼ିଆମୁଣ୍ଡା ସାପ୍ତାହିକ ବଜାରରୁ ଚୋରି ହୋଇଥିଲା। ତେବେ ଅଞ୍ଚଳରୁ କ୍ରମାଗତଭାବେ ବାଇକ୍ ଚୋରି ହେଉଥିବାରୁ ପୋଲିସ ପାଟ୍ରୋଲିଂ କଡାକଡି କରିବାକୁ ସାଧାରଣରେ ଦାବି ହେଉଛି।

# ପ୍ରାଥମିକ ଚିକିତ୍ସା, ଟ୍ରାଫିକ କ୍ଲବ ତାଲିମ ଶିବିର




ସୋନପୁର ବାଳିକା ଉଚ୍ଚ ବିଦ୍ୟାଳୟ ଶିବିରରେ ଛାତ୍ରୀ ଓ ସାଧନ କର୍ମୀ।

ସୋନପୁର,୨୦।୭
(ମୃତ୍ୟୁଞ୍ଜୟ ଶତପଥୀ)

ଭାରତୀୟ ରେଡକ୍ରସ ଓଡ଼ିଶା ଶାଖାଙ୍କ ଆହ୍ୱାନ ତଥା ସୁବର୍ଣ୍ଣପୁର ଜିଲା ଶିକ୍ଷା ଅଧିକାରୀ ମୀନାରାଣୀ ମଙ୍ଗଳଙ୍କ ନିର୍ଦ୍ଦେଶକ୍ରମେ ସୁବର୍ଣ୍ଣପୁର ଜିଲାର ୨୦ଟି ଉଚ୍ଚ ବିଦ୍ୟାଳୟରେ ଜୀବନ କୌଶଳ ସମ୍ବନ୍ଧୀୟ ପ୍ରାଥମିକ ଚିକିତ୍ସା ଓ ୩ ଗୋଟି ହାଇସ୍କୁଲରେ ଟ୍ରାଫିକ କ୍ଲବ ସମ୍ବନ୍ଧୀୟ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ଜୁନିୟର ରେଡକ୍ରସ ଅଫିସର ରବିଚନ୍ଦ୍ର ପଶାୟତଙ୍କ ପରିଚାଳନାରେ ଶିବିର ଆୟୋଜିତ ହୋଇଥିଲା। ସାଧନ କର୍ମୀ ଆଶିଷ ନାଏକ, ସସ୍ମିତା ସାହୁ, ନିମାଇ ଚରଣ ମଲ୍ଲିକ, ଚନ୍ଦ୍ରମଣି ବାଘ, ତପସ୍ୱିନୀ ଦାସ, ଗୋପେଶ ପଣ୍ଡା, ଚନ୍ଦ୍ର ଶେଖର ମହାପାତ୍ର, ହୃଷୀକେଶ ଚାନ୍ଦ, ହୃଷୀକେଶ ଡ଼ାଙ୍ଗ, ଜଗଦୀଶ ଦାଶ ଓ ପ୍ରାଥମିକ ଚିକିତ୍ସା ଅଧ୍ୟାପକ ରବିଚନ୍ଦ୍ର ପଶାୟତ ପ୍ରମୁଖ ଜିଲାର ବିଭିନ୍ନ ସ୍କୁଲରେ ଛାତ୍ରୀଛାତ୍ରଙ୍କୁ ତାଲିମ ପ୍ରଦାନ କରିଥିଲେ। ଆକସ୍ମିକ ସଡକ ଦୁର୍ଘଟଣାରେ ଆହତ ବ୍ୟକ୍ତିର ଜୀବନକୁ କିଭଳି ଜରୁରୀ ଆଶୁ ଚିକିତ୍ସା ମାଧ୍ୟମରେ ବଞ୍ଚା ଯାଇପାରିବ, ଗୁଡ ସମରିଟାନର କର୍ତ୍ତବ୍ୟ ଓ ୧୧୨ ଆମ୍ବୁଲାନ୍ସ ସେବାର ଉପଯୋଗ ବିଷୟରେ ସଚେତନମୂଳକ ତଥ୍ୟ ଓ ପ୍ରଦର୍ଶନ ଭିତ୍ତିକ ତାଲିମ ପ୍ରଦାନ କରାଯାଇଥିଲା। ପ୍ରାଥମିକ ଚିକିତ୍ସା ଲକ୍ଷ୍ୟ, ମୂର୍ଚ୍ଛା, ରକ୍ତସ୍ରାବ, ଚୋକିଂ, ସାପ କାମୁଡାରେ ସୁରକ୍ଷା, ନିଆଁରୁ ସୁରକ୍ଷା, ରୋଗୀ ସ୍ଥାନାନ୍ତରଣ, ବିଭିନ୍ନ ପ୍ରକାର ବ୍ୟାଣ୍ଡେଜ ଭଳି କୌଶଳ ଜୁନିୟର ରେଡକ୍ରସ ସ୍ୱେଚ୍ଛାସେବୀଙ୍କୁ ସାଧନ କର୍ମୀମାନେ ଶିଖାଇଥିଲେ। କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ ବିସିସି, ସାଧନ କର୍ମୀ, ପରାମର୍ଶଦାତା, ପ୍ରଧାନଶିକ୍ଷକ ବୃନ୍ଦ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରାୟ ୫୦୦୦ ଛାତ୍ରୀଛାତ୍ରଙ୍କୁ ପ୍ରାଥମିକ ଚିକିତ୍ସା ଓ ଟ୍ରାଫିକ କ୍ଲବ ତାଲିମ ଦିଆଯାଇଥିଲା। ଏଡିଇଓ ଘନଶ୍ୟାମ ମେହେର, ଉପସଭାପତି ଗତିକୃଷ୍ଣ ମିଶ୍ର ଆଗାମୀ ଦିନରେ ଜୁନିୟର ରେଡକ୍ରସ କାର୍ଯ୍ୟକ୍ରମକୁ ତୃଣମୂଳସ୍ତରରେ ତ୍ୱରାନ୍ୱିତ କରିବାକୁ ମତବ୍ୟକ୍ତ କରିଛନ୍ତି।

# ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ଗଠିତ

## ବିଷ୍ଣୁଚରଣ ସଭାପତି, ଇନ୍ଦ୍ରଜିତ ସମ୍ପାଦକ, ଭୂଷଣ କୁମାର କୋଷାଧ୍ୟକ୍ଷ



ବିଷ୍ଣୁ ଚରଣ ପଣ୍ଡା



ଇନ୍ଦ୍ରଜିତ ପରୁଆ



ଭୂଷଣ କୁମାର ପାତ୍ର

ବୀରମହାରାଜପୁର,୨୧।୭
(ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଜଗନ୍ନାଥ ମନ୍ଦିର ନୂତନ ପରିଚାଳନା କମିଟି ବୈଠକ ଅନୁଷ୍ଠାନ ସଭାପତି ବିଷ୍ଣୁ ଚରଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ରବିବାର ସନ୍ଧ୍ୟା ୭ଟାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଚଳିତ ରଥଯାତ୍ରା ଆୟବ୍ୟୟ ଉପସ୍ଥାପନ କରିଥିଲେ ରଥଯାତ୍ରା ଅର୍ଥ କମିଟି କୋଷାଧ୍ୟକ୍ଷ ବିଜୟ କୁମାର ତ୍ରିପାଠୀ। ବୈଠକରେ ପରିଚାଳନା କମିଟି ସମ୍ପାଦକ ଶମ୍ଭୁ ପ୍ରସାଦ ହୋତା, କୋଷାଧ୍ୟକ୍ଷ ଭୂଷଣ କୁମାର ପାତ୍ର, ବରିଷ୍ଠ ସଦସ୍ୟ ସୁଦାମ ଚରଣ ସେଠୀ, ରମାକାନ୍ତ ପୁରୋହିତ, ବରିଷ୍ଠ ନାଗରିକ ସଙ୍ଗଠନ ସଭାପତି ଡ଼ ପ୍ରଫୁଲ୍ଲ କୁମାର ରଥ, ଭଗବାନ ମିଶ୍ର, ସନ୍ତୋଷ କୁମାର ଷଡଙ୍ଗୀ, ଇନ୍ଦ୍ରଜିତ ପ୍ରରୁଆ, ବଳରାମ କାଣ୍ଡ, ସନ୍ତୋଷ କୁମାର ଷଡଙ୍ଗୀ, ଲଳିତ କୁମାର କର, ପୀତବାସ ପଣ୍ଡା, ଦୈତ୍ୟାରି ମହାକୁଡ଼, ଚମ୍ପେଶ୍ୱର ଦାସ, ଛବିଳ କର୍ଣ୍ଣ, ଦାମୋଦର ହୋତା ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ନୂତନ ପରିଚାଳନା କମିଟି ଗଠିତ ହୋଇଥିଲା। ସଭାପତିଭାବେ ବିଷ୍ଣୁ ଚରଣ ପଣ୍ଡା, ସମ୍ପାଦକ ଇନ୍ଦ୍ରଜିତ ପରୁଆ, କୋଷାଧ୍ୟକ୍ଷ ଭାବେ ଭୂଷଣ କୁମାର ପାତ୍ରଙ୍କୁ ପୁନର୍ବାର ମନୋନୀତ କରାଯାଇଥିଲା। ସେହିପରି ସହ ସମ୍ପାଦକଭାବେ ଦୈତାରି ମହାକୁଡ଼, ସହ କୋଷାଧ୍ୟକ୍ଷ ବିଜୟ କୁମାର ତ୍ରିପାଠୀ, ପରିଚାଳନା କମିଟି ସଦସ୍ୟ ଭାବେ ଲଳିତ କୁମାର କର, ପ୍ରକାଶ କୁମାର ହୋତା, ଯୁଗଳ କିଶୋର ମିଶ୍ର, ମନରଞ୍ଜନ ତରିଆ, ଜମ୍ପେଶର ପ୍ରଧାନ, ପ୍ରଫୁଲ୍ଲ କୁମାର ଡାଙ୍ଗ, କୃଷ୍ଣଚନ୍ଦ୍ର ମଲ୍ଲିକ, ରମାକାନ୍ତ ପୁରୋହିତ, ମାଗୁଣି ଦାସ ଓ ବଳରାମ କାଣ୍ଡ ପ୍ରମୁଖ ସର୍ବସମ୍ମତି କ୍ରମେ ମନୋନୀତ ହୋଇଥିଲେ। ଅଗଷ୍ଟ ୨ ତାରିଖ ପରେ ନୂତନ ପରିଚାଳନା କମିଟି ଶପଥପାଠ କରି ଦାୟିତ୍ୱ ଗ୍ରହଣ କରିବେ ବୋଲି ସ୍ଥିର ହୋଇଛି। ପୂର୍ବତନ ସମ୍ପାଦକ ଶମ୍ଭୁ ଭୂଷଣ ହୋତଙ୍କୁ ଚଳିତ ମାସର ନୀତିକାନ୍ତି ପରିଚାଳନା କରିବା ସହିତ ଅଗଷ୍ଟ ପ୍ରଥମ ସପ୍ତାହରେ ନୂତନ ପରିଚାଳନା କମିଟିକୁ ଦାୟିତ୍ୱ ହସ୍ତାନ୍ତର କରିବେ ବୋଲି ପ୍ରସ୍ତାବ ଗ୍ରହଣ କରାଯାଇଛି। ଭଗବାନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ବିଡିଓଙ୍କୁ କଂଗ୍ରେସର ଦାବିପତ୍ର

ଉଲୁଣ୍ଡା, ୨୧।୭(ଗୌରଚନ୍ଦ୍ର ପରିଛା)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକରେ ଏମ୍‌ଜିଏନ୍‌ଆରଇଜିଏସ୍ କାମରେ ଦୁର୍ନୀତି ହେଉଛି। ବିଭିନ୍ନ ପଞ୍ଚାୟତରେ ଏହି ଯୋଜନାରେ ଶ୍ରମିକ ବଦଳରେ ମେଶିନ ଲଗାଇ, କିଛି ଶ୍ରମିକଙ୍କ ଫଟୋ ଦେଖାଇ ଅର୍ଥ ଆତ୍ମସାତ କରାଯାଇଥିବା କଂଗ୍ରେସ ଅଭିଯୋଗ କରିଛି। ଏହାର ଭିଜିଲାନ୍ସ ତଦନ୍ତ ଦାବି କରି ସୋମବାର ବ୍ଲକ କଂଗ୍ରେସ ସଭାପତି ପ୍ରଭୁଦତ୍ତ ବସ୍ତିଆଙ୍କ ନେତୃତ୍ୱରେ ପ୍ରମୋଦ କୁମାର ଗୁରୁ, ଭୋଲାନାଥ ସାଗର, ରାମଚନ୍ଦ୍ର ବାରିକ, ଦୀନବନ୍ଧୁ ଜଗଦଲା, ରାମନାରାୟଣ ହରିପାଲ, ସୁରେନ୍ଦ୍ର ମହାକୁରଙ୍କ ସମେତ ବହୁ ଦଳୀୟ କର୍ମକର୍ତ୍ତା ବ୍ଲକ କାର୍ଯ୍ୟାଳୟ ଯାଇ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବିଡ଼ିଓଙ୍କ ଅନୁପସ୍ଥିତରେ ହେଡ୍‌କ୍ଲର୍କଙ୍କୁ ପ୍ରଦାନ କରିଥିଲେ ।

# ୟୁପି ସ୍କୁଲରୁ ନାଗସାପ ଉଦ୍ଧାର

ଅମରପାଲି,୨୧।୭(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ପିତାମହୁଲ ପଞ୍ଚାୟତ ଅନ୍ତର୍ଗତ ଟେଭାପଦର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ସୋମବାର ଏକ ବିରାଟକାୟ ନାଗସାପ ଉଦ୍ଧାର ହୋଇଛି। ପ୍ରତ୍ୟେକ ଦିନଭଳି ସୋମବାର ବିଦ୍ୟାଳୟର ରୋଷେଇଆ ମଧ୍ୟାହ୍ନଭୋଜନ ରାନ୍ଧିବାକୁ ରୋଷେଇ ଘର କବାଟ ଖୋଲିବାବେଳେ ଏକ ସାପ ଦେଖି ପ୍ରଧାନ ଶିକ୍ଷକ ଲାଲସିଂ ଭୋଇଙ୍କୁ ଜଣେଇଥିଲେ । ଏନେଇ ପ୍ରଧାନ ଶିକ୍ଷକ ଭୋଇ ତୁରନ୍ତ ବଡ ଖମାର ଗ୍ରାମର ସାପ ଧରାଳି ଅମିତ ଭୋଇଙ୍କୁ ଖବର ଦେଇଥିଲେ। ଅମିତ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ରୋଷେଇ ଘରୁ ସାପଟିକୁ ସୁରକ୍ଷିତ ଉଦ୍ଧାର କରି ନିକଟସ୍ଥ ଜଙ୍ଗଲରେ ଛାଡି ଦେଇଥିବା ଜଣାପଡିଛି। ସାପଟି ଗୋଖର ପ୍ରଜାତିର ଏବଂ ତାର ଲମ୍ବ ପ୍ରାୟ ୬ ଫୁଟ ହେବ ବୋଲି ଜଣା ପଡିଛି।



ଉଦ୍ଧାର କରାଯାଇଥିବା ନାଗସାପ।

# ଆଧ୍ୟାତ୍ମିକ ପ୍ରବଚନ କାର୍ଯ୍ୟକ୍ରମ

ବୀରମହାରାଜପୁର, ୨୧।୭
(ଯୁଗଳ କିଶୋର ମିଶ୍ର )

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସଦର ମହକୁମାସ୍ଥିତ ବରିଷ୍ଠ ନାଗରିକ ସଙ୍ଗଠନ କାର୍ଯ୍ୟାଳୟରେ ସୋମବାର ପୂର୍ବାହ୍ନ ୧୧ଟାରେ ଏକ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂର୍ବ ନିର୍ଦ୍ଧାରିତ ସୂଚୀମତେ ପବିତ୍ର ଶ୍ରାବଣ ମାସର ଦ୍ୱିତୀୟ ସୋମବାର ଅବସରରେ ଭଗବାନ ଶିବ ଶଙ୍କରଙ୍କ ଉପରେ ଆଧ୍ୟାତ୍ମିକ ପ୍ରବଚନ ରଖିଥିଲେ ଅନୁଷ୍ଠାନର ପୂର୍ବତନ ସଭାପତି କୃଷ୍ଣଚନ୍ଦ୍ର ପାଢୀ। ନନ୍ଦିଘୋଷ ଆଧ୍ୟାତ୍ମିକ ପରିଷଦର ସଭାପତି ଯୁଗଳ କିଶୋର ମିଶ୍ର, ବ୍ୟାସ ଗାୟକ ସତ୍ୟ ନାରାୟଣ ଚାନ୍ଦ, ଦ୍ୱିତୀକୃଷ୍ଣ ପଣ୍ଡା, ଶଙ୍କର ମେହେର, ଦିଲ୍ଲୀପ ତ୍ରିପାଠୀ, ମୀନକେତନ ମେହେର ପ୍ରମୁଖ ବାଦ୍ୟଯନ୍ତ୍ର, ପାଳିଆ ଓ ଶବ୍ଦ ଗ୍ରହଣରେ ସହଯୋଗ କରିଥିଲେ। ଅନୁଷ୍ଠାନର ସଭାପତି ଡ. ପ୍ରଫୁଲ୍ଲ କୁମାର ରଥଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ପ୍ରବଚକ ଭୂଷଣ କୁମାର ପାତ୍ର, ସମ୍ପାଦକ ସନ୍ତୋଷ କୁମାର ଷଡଙ୍ଗୀ, ପାରାୟଣ ଗାୟକ ଶ୍ରୀନିବାସ ନାୟକ, ପୀତବାସ ପଣ୍ଡା,ପୂର୍ବତନ ସଭାପତି ଭଗବାନ ମିଶ୍ର, ଚମରା ମହାକୁର, ଜ୍ଞାନେନ୍ଦ୍ର ତ୍ରିପାଠୀ, ଦିଲ୍ଲୀପ ମିଶ୍ର, ନିତ୍ୟାନନ୍ଦ ତ୍ରିପାଠୀ, ବଳରାମ କାଣ୍ଡ, ରାଧେଶ୍ୟାମ ରାଏ, ଶ୍ୟାମସୁନ୍ଦର ସେଠି, ଦାମୋଦର ମିଶ୍ର, ପବନାନନ୍ଦ, ଶିକ୍ଷାବିତ ସୂର୍ଯ୍ୟ ନାରାୟଣ ପାଣିଗ୍ରାହୀ, ଗୋପୀନାଥ ମହାକୁର, ବାସୁଦେବ ପଣ୍ଡା, ଅନୁଷ୍ଠାନର ସଦସ୍ୟମାନଙ୍କ ସହିତ ଉପଖଣ୍ଡ ପୋଲିସ ଅଧିକାରୀ ହେମନ୍ତ ରାଓ ଉପସ୍ଥିତ ଥିଲେ।

# ତରଭା ଜେଏନ୍‌ଭି ଛାତ୍ରୀଛାତ୍ରଙ୍କ କୃତିତ୍ୱ

## କ୍ଲଷ୍ଟରସ୍ତରୀୟ ଆଥ୍‌ଲେଟିକ ମିଟ୍

ତରଭା, ୨୧।୭(ମାନଭଞ୍ଜନ ମିଶ୍ର)

ମଧ୍ୟପ୍ରଦେଶର ଅମରକଣ୍ଟକରେ ଜୁଲାଇ ୧୭ରୁ ୧୯ ତାରିଖ ପର୍ଯ୍ୟନ୍ତ ଆୟୋଜିତ ୩୪ତମ ଜେଏନଭି କ୍ଲଷ୍ଟର ସ୍ତରୀୟ ତ୍ରିଦିବସୀୟ ଆଥଲେଟିକ ମିଟରେ ତରଭା ପିଏମଶ୍ରୀ ଜବାହର ନବୋଦୟ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଉଲ୍ଲେଖନୀୟ ସଫଳତା ହାସଲକରି ବିଦ୍ୟାଳୟର ଗୌରବ ବୃଦ୍ଧି କରିଛନ୍ତି। ଏଥିରେ ଭୋପାଳ, ଉଜ୍ଜେନ, ବିଳାସପୁର, ରାୟପୁର ଓ କଟକ କ୍ଲଷ୍ଟର ଅଧୀନରେ ଥିବା ୧୧୩ ଜେଏନଭିରୁ ଚୟନିତ ହୋଇଥିବା ୩୦୩ ପ୍ରତିଯୋଗୀଙ୍କ ମଧ୍ୟରୁ ରାୟପୁର କ୍ଲଷ୍ଟର ଅଧୀନରେ ଥିବା ତରଭା ଜେଏନଭିର ୮ ଜଣ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଏମାନଙ୍କ ମଧ୍ୟରୁ ୮୦ ମିଟର ହଡଲସରେ ପ୍ରଥମ ସ୍ଥାନ ହାସଲ କରି ଆରାଧ୍ୟା ଅନୁଭା ସାହୁ ସ୍ୱର୍ଣ୍ଣ ପଦକ ଜିଣିଛନ୍ତି। ୧୦୦, ୨୦୦ମିଟର ଦୌଡ଼, ରିଲେରେସ ଓ ଲମ୍ଫଡିଆଁରେ ଦ୍ୱିତୀୟ ସ୍ଥାନ ଅଧିକାର କରି ଆଦ୍ୟାଶା ପ୍ରଧାନ ୪ଟି ରୌପ୍ୟ ପଦକ, ଟ୍ରିପଲ ଜମ୍ପ ଓ ରିଲେରେସରେ ଦ୍ୱିତୀୟ ସ୍ଥାନରେ ରହି ସୌମ୍ୟା ଶୁଭଦର୍ଶିନୀ ଅମାତ ୨ ଟି ରୌପ୍ୟ ପଦକ, ଡିସକସ ଫିଙ୍ଗାରେ ଦ୍ୱିତୀୟ ସ୍ଥାନ ଅଧିକାର କରି ସଂପ୍ରୀତରାଜ ସେଠୀ ରୌପ୍ୟ ପଦକ, ୪୦୦ ମିଟର ଦୌଡରେ ଦ୍ୱିତୀୟ ସ୍ଥାନ ହାସଲ କରି ନଳିନୀ ନାୟକ ରୌପ୍ୟ ପଦକ ଓ ଟ୍ରିପଲ ଜମ୍ପରେ ତୃତୀୟ ସ୍ଥାନ ଅଧିକାର କରି ଧ୍ରୁବରାଜ ଭୁଏ ବ୍ରୋଞ୍ଜ ପଦକ ଜିଣି ବିଦ୍ୟାଳୟ ପାଇଁ ସୁନାମ ଆଣିଛନ୍ତି। ବିଦ୍ୟାଳୟ କ୍ରୀଡା ଶିକ୍ଷକ ମନମୋହନ ପଟେଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀମାନେ ପ୍ରଶିକ୍ଷଣ ନେଉଥିଲେ। ଏହି ପ୍ରତିଯୋଗିତାରେ ରାୟପୁର କ୍ଲଷ୍ଟର ତାର ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଟକ କ୍ଲଷ୍ଟରକୁ ହରାଇ ୨୦ ସ୍ୱର୍ଣ୍ଣ, ୨୨ ରୌପ୍ୟ ଓ ୨୦ ବ୍ରୋଞ୍ଜ ପଦକ ସହ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି। ଏହି ଖବର ମିଳିବାପରେ ତରଭା ଜେଏନଭି ଛାତ୍ରୀଛାତ୍ର, ଶିକ୍ଷକ ଓ ଅବିଭାବକ ମହଲରେ ଖୁସିର ଲହରୀ ଖେଳି ଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ ନିଶିକାନ୍ତ ସାମକୁଁଓର କୃତି ପ୍ରତିଯୋଗୀଙ୍କୁ ଅଭିନନ୍ଦନ ଜଣାଇବା ସହିତ ଅନ୍ୟ ଛାତ୍ରଛାତ୍ରୀ ମାନଙ୍କୁ ମଧ୍ୟ ଏପରି ଉଦାହରଣ ସୃଷ୍ଟି କରି ବିଦ୍ୟାଳୟକୁ ଗୌରବାନ୍ୱିତ କରିବା ପାଇଁ ଆହ୍ୱାନ ଦେଇଛନ୍ତି।



କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀମାନେ।

# ବରିଷ୍ଠ ନାଗରିକ ସମାଜର ଦିଗ୍‌ଦର୍ଶକ

## ବରିଷ୍ଠ ନାଗରିକ ସଙ୍ଗଠନର ବୈଠକ

ଅମରପାଲି, ୨୧।୭(ପୀତାମ୍ବର ସାହୁ)

ସମାଜକୁ ସଠିକ ମାର୍ଗରେ ନେବା ପାଇଁ ପୂର୍ବରୁ ଥିବା ବିଭିନ୍ନ ନୀତି ନିୟମକୁ ମାନି ଚାଲିବାକୁ ହେବ। ଏହି ସବୁ ପୁରାତନ ନୀତି ନିୟମ ବିଷୟରେ ପରାମର୍ଶ ଦେବା ଓ ସମାଜରେ ସଂସ୍କାର ଆଣିବା ପାଇଁ ବରିଷ୍ଠ ନାଗରିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ତେଣୁ ବରିଷ୍ଠ ନାଗରିକ ସମାଜର ଦିଗଦର୍ଶକ। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଖଣ୍ଡହତାଠାରେ ସୋମବାର ଅନୁଷ୍ଠିତ ବରିଷ୍ଠ ନାଗରିକ ସଙ୍ଗଠନ ବୈଠକରେ ଉପସ୍ଥିତ ବରିଷ୍ଠ ନାଗରିକମାନେ ଏହି ମତବ୍ୟକ୍ତ କରିଛନ୍ତି। ଖଣ୍ଡହତାସ୍ଥିତ ବରିଷ୍ଠ ନାଗରିକ ସଙ୍ଗଠନ ସଭାପତି ବ୍ରଜଗୋପାଳ ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ଅବସରପ୍ରାପ୍ତ ଶିକ୍ଷକ ଅକ୍ଷୟ କୁମାର ମିଶ୍ର ଅତିଥିଭାବେ ଯୋଗଦେଇଥିଲେ। ସଙ୍ଗଠନ ସମ୍ପାଦକ ଘାସିରାମ ମଲ୍ଲିକ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଏହି ସଙ୍ଗଠନ ପାଇଁ ପୂର୍ବରୁ ସଭାପତି, ସମ୍ପାଦକ ଓ କୋଷଧକ୍ଷ ଚୟନ କରାଯାଇଥିବାବେଳେ ବାକି ଥିବା ବିଭିନ୍ନ ପଦବୀ ପାଇଁ ଚୟନ କରାଯାଇଥିଲା। ସର୍ବସମ୍ମତିକ୍ରମେ ଗଙ୍ଗାଧର ସାହୁଙ୍କୁ ଉପସଭାପତି, କେଶବ ସାହୁ ସହ ସମ୍ପାଦକ ଭାବେ ଚୟନ କରାଯାଇଛି। ଏହା ସହିତ ରତ୍ନାକର ବିଶ୍ୱାଳ, ମୁରାରୀ କୁମାର ମିଶ୍ର, ରତ୍ନାକର ପ୍ରଧାନ, ବୃନ୍ଦାବନ ବେହେରା, ତପସ୍ୱିନୀ ବାଘ, କୃଷ୍ଣପ୍ରିୟ ନାଏକ, ପ୍ରହଲ୍ଲାଦ ନାଏକ, କଲ୍ପେଶ୍ୱର ମିଶ୍ର ପ୍ରମୁଖଙ୍କୁ କାର୍ଯ୍ୟକାରୀ ସଦସ୍ୟଭାବେ ଚୟନ କରାଯାଇଛି। ସୂଚନାଯୋଗ୍ୟ ପୂର୍ବ ବୈଠକରେ ଖଣ୍ଡହତାରେ ବରିଷ୍ଠ ନାଗରିକ ସଙ୍ଗଠନ ଗଠନ କରାଯିବ ସହିତ ଏଥିପାଇଁ ବ୍ରଜଗୋପାଳ ମହାପାତ୍ରଙ୍କୁ ସଭାପତି ଓ ଘାସୀରାମ ମଲ୍ଲିକଙ୍କୁ ସମ୍ପାଦକ ଓ କୋଷଧାକ ଭାବେ ଯୁଗ୍ମ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଏହି ବୈଠକରେ ଖଣ୍ଡହତା ଅଞ୍ଚଳର ଶତାଧିକ ବରିଷ୍ଠ ନାଗରିକ ଯୋଗଦେଇଥିଲେ।



ବୈଠକରେ ଉପସ୍ଥିତ ବରିଷ୍ଠ ନାଗରିକମାନେ।

# ପ୍ରକଳ୍ପ ଅଛି, ମିଳୁନି ପାଣି


ହୁମା ପଞ୍ଚାୟତରେ ବସୁଧା ଯୋଜନାରେ ନିର୍ମିତ ଓଭରହେଡ ଟ୍ୟାଙ୍କ।

- ଫେଲ୍ ମାରିଛି ବସୁଧା ଯୋଜନା
- ମହାନଦୀର ଦୂଷିତ ପାଣି ପିଉଛନ୍ତି ହୁମା ଗ୍ରାମବାସୀ
- ୨ମାସ ପରେ ନିଆଯାଉନି ପଦକ୍ଷେପ

ସମ୍ବଲପୁର,୨୧।୭(ଭବାନୀ ଶଙ୍କର ଭୋଇ)

ମହାନଦୀ କୂଳରେ ଅବସ୍ଥିତ ସମ୍ବଲପୁର ମାନେଶ୍ୱର ବ୍ଲକ ହୁମା ଗ୍ରାମ ପଞ୍ଚାୟତର ସଦର ଗାଁ ହୁମା। ବକ୍ର ମନ୍ଦିର ପାଇଁ ବିଶ୍ୱରେ ନିଜର ସ୍ୱତନ୍ତ୍ର ପରିଚୟ ହାସଲ କରିଥିବା ଏହି ଗାଁରେ ଏବେ ପାନୀୟ ଜଳ ସମସ୍ୟା ଦେଖାଦେଇଛି। ପାଇପ ଜଳଯୋଗାଣ ବ୍ୟବସ୍ଥା ବ୍ୟାହତ ହୋଇଥିବାରୁ ଏଭଳି ସ୍ଥିତି ହୋଇଛି। ଲୋକେ ପିଇବା ପାଣି ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ହୁମା ବକ୍ର ମନ୍ଦିର ନିକଟରେ ବସୁଧା ଯୋଜନାରେ ଓଭରହେଡ ଟାଙ୍କି ନିର୍ମାଣ କରାଯାଇ ପାଇପ ଯୋଗେ ଗ୍ରାମବାସୀଙ୍କୁ ପିଇବା ପାଣି ଯୋଗାଇ ଦିଆଯାଉଥିଲା। ହେଲେ ଦୀର୍ଘ ୨ମାସରୁ ଉର୍ଦ୍ଧ୍ୱ ହେବ ଏହା ଅଚଳ ହୋଇପଡିଛି। ସ୍ଥାନୀୟ ଲୋକେ ଗ୍ରାମ ପଞ୍ଚାୟତ, ବ୍ଲକ କାର୍ଯ୍ୟାଳୟ ଓ ବିଭାଗୀୟ ଯନ୍ତ୍ରୀଙ୍କୁ ସମସ୍ୟା ବିଷୟରେ ଜଣାଇଥିଲେ ମଧ କୌଣସି ସୁଫଳ ମିଳି ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଆବଶ୍ୟକତା ଦୃଷ୍ଟିରୁ ବର୍ଷାଋତୁରେ ଦୂଷିତ ଥିବା ମହାନଦୀର ପାଣିକୁ ବ୍ୟବହାର କରୁଥିବାରୁ ଜଳବାହିତ ରୋଗ ବ୍ୟାପିବାର ଆଶଙ୍କା ଦେଖାଦେଇଛି। ଏ ନେଇ ହୁମା ଗ୍ରାମପଞ୍ଚାୟତର ନିର୍ବାହୀ ଅଧିକାରୀ ଲବଣୀଧର ଦାସଙ୍କୁ ପଚାରିବାରୁ ୨ମାସ ତଳେ ମୋଟର ଖରାପ ହୋଇଯିବା ପରେ ପଞ୍ଚାୟତ ପକ୍ଷରୁ ମରାମତି କରାଯାଇଥିଲା। ଦୁଇଦିନ ଚାଲିବା ପରେ ପୁଣିଥରେ ମୋଟର କାମ କଲାନାହିଁ। ପଞ୍ଚାୟତ ପକ୍ଷରୁ ବିଡିଓ ଚିତ୍ତରଞ୍ଜନ ମଲ୍ଲିକଙ୍କୁ ଅବଗତ କରିଥିଲୁ। ବିଭାଗୀୟ ଯନ୍ତ୍ରୀ ଗାଁକୁ ଆସି ସ୍ଥିତି ଅନୁଧ୍ୟାନ କରିବା ପରେ ଜଳସ୍ତର କମ୍ ରହିବା ଯୋଗୁ ଏଭଳି ସମସ୍ୟା ହୋଇଥିବା କହିଥିଲେ। ତେବେ ବିଗତ ଏକମାସ ହେବ ଲଗାତାର ବର୍ଷା ହେଉଥିବା ଏବଂ ଜଳସ୍ତର ବଢିଥିବା ବେଳେ ଜଳ ଉପଲବ୍ଧ ନ ହେବା ତଥାପି ମୋଟର ଓଭରହେଡ ଟ୍ୟାଙ୍କକୁ ପାଣି ଉଠାଇ ପାରୁ ନ ଥିବାରୁ ଆମେ ଅସହାୟ ହୋଇପଡିଛୁ ବୋଲି ନିର୍ବାହୀ ଅଧିକାରୀ ଦାସ କହିଛନ୍ତି। ସମସ୍ୟା ସମ୍ପର୍କରେ ମାନେଶ୍ୱର ବ୍ଲକରେ ଅବସ୍ଥାପିତ ବିଭାଗୀୟ ଯନ୍ତ୍ରୀ ଆଦର୍ଶ ଦେହୁରୀ କହିଛନ୍ତି, ହୁମାରେ ପୂର୍ବରୁ ୮୦ଫୁଟ ତଳେ ପାଣି ରହିଥିଲା। ସେଥିପାଇଁ ୨୦୦ ଫୁଟ ପର୍ଯ୍ୟନ୍ତ ତଳୁ ପାଣି ଉଠାଇବା କ୍ଷମତା ଥିବା ମୋଟର ଲଗାଯାଇଥିଲା। ଏବେ ଆଖପାଖରେ ଅନେକ ବୋରୱେଲ ଖୋଲାଯିବା ପରେ ଜଳସ୍ତର ୨୫୦ଫୁଟ ତଳକୁ ଖସିଯାଇଛି। ଯାଦ୍ୱାରା ମୋଟର ଓଭରଲୋଡ ହୋଇ ବାରମ୍ବାର ପୋଡ଼ିଯାଉଛି। ସେଥିପାଇଁ ଏବେ ଅଧିକ କ୍ଷମତା ବିଶିଷ୍ଟ ପମ୍ପ ବସାଇବା ପାଇଁ ବ୍ୟବସ୍ଥା କରୁଛୁ ବୋଲି ସେ କହିଥିଲେ।

# ରାଜ୍ୟସ୍ତରୀୟ ସମ୍ବଲପୁରୀ ଦିନ୍ ପାଇଁ ପ୍ରସ୍ତୁତି

**ଚଳିତ ବର୍ଷ ଭୁବନ ଭୋଇଙ୍କୁ ସମ୍ବଲପୁରୀ ଜାତୀୟ ସମ୍ମାନ**

ସମ୍ବଲପୁର,୨୧।୭(ଭବାନୀ ଶଙ୍କର ଭୋଇ)

ଅଗଷ୍ଟ ୧ ତାରିଖରେ ସମ୍ବଲପୁରରେ ଆୟୋଜିତ ହେବାକୁ ଥିବା ରାଜ୍ୟସ୍ତରୀୟ ସମ୍ବଲପୁରୀ ଦିନ୍ ପାଇଁ ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରାଠାରେ ସୋମବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟସ୍ତରୀୟ ସମ୍ବଲପୁରୀ ଦିନ ଅବସରରେ ପ୍ରତିବର୍ଷ ସମ୍ବଲପୁରୀ ସାହିତ୍ୟ, ନୃତ୍ୟ, ଗୀତ, ବାନ୍ଧକଳା ଏବଂ ନାଟକ କ୍ଷେତ୍ରରେ ଜୀବନବ୍ୟାପୀ ସାଧନା ପାଇଁ ଜଣେ ବ୍ୟକ୍ତିଙ୍କୁ ସମ୍ମାନୀତ କରାଯାଇଆସୁଛି। ଚଳିତବର୍ଷ ୧୩ତମ ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଜାତୀୟ ସମ୍ମାନ କୁମ୍ଭାରୀ ଭଗବାନ ପାର୍ଟୀ ନାଟକର ପୁରୋଧା ତଥା ବୀର ସୁରେନ୍ଦ୍ର ସାଏଙ୍କ ଭୂମିକାରେ ୫ ହଜାର ରାତି ଅଭିନୟ କରି ସାରିଥିବା ଭୂବନ ଭୋଇଙ୍କୁ ପ୍ରଦାନ କରାଯିବାକୁ ବୈଠକରେ ସ୍ଥିର କରାଯାଇଛି। ସମ୍ବଲପୁରୀ ଭାଷା, ସାହିତ୍ୟ ଏବଂ ସଂସ୍କୃତିର ପ୍ରଚାର ପ୍ରସାର ଦିଗରେ ଗୁରୁ ସତ୍ୟନାରାୟଣଙ୍କ ଅତୁଳନୀୟ ଅବଦାନର ସ୍ମୃତି ଚାରଣ କରାଯାଇ ବିଗତ ୧୨ ବର୍ଷ ହେବ ୧୨ଜଣ ପ୍ରତିଭାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇ ସାରିଛି। ଭୂବନ ଭୋଇ ଗୁରୁ ଭଗବାନ ସାହୁଙ୍କ ଉତ୍ତରାଧୀକାରୀ ଭାବେ ସମ୍ବଲପୁରୀ ନାଟକକୁ ଆଜି ପର୍ଯ୍ୟନ୍ତ ପରିବେଷଣ କରିଆସୁଛନ୍ତି। ଭଗବାନ ସାହୁଙ୍କ ପରେ ଭୂବନ ତାଙ୍କର ନାଟକ ଦଳକୁ ପରିଚାଳନା କରି ଆସୁଛନ୍ତି। କୌଣସି ନିର୍ଦ୍ଦିଷ୍ଟ ଚରିତ୍ରରେ ଲଗାତାର ୪୦ବର୍ଷ ଧରି ୫ହଜାରରୁ ଅଧିକ ରାତି ଅଭିନୟ କରି ସେ ରେକର୍ଡ ସୃଷ୍ଟି କରି ପାରିଛନ୍ତି। ଚଳିତ ବର୍ଷ ତାଙ୍କୁ ଏହି ଜାତୀୟ ସମ୍ମାନ ପ୍ରଦାନ ପାଇଁ ଚୟନ କରାଯାଇଥିବା ସୂଚନା ଦିଆଯିବା ପରେ ଭୂବନ ଭୋଇ ଖୁସି ପ୍ରକଟ କରିଛନ୍ତି। ଡେରା ପରିସରରେ ଅନୁଷ୍ଠିତ ବୈଠକରେ ସାଂସ୍କୃତିକ ସଂଯୋଜକ ଦଶରଥ ମେହେର, ରାଜେଶ ସ୍ୱାଇଁ, ଡ. ସ୍ୱୟଂ ପ୍ରକାଶ ପଣ୍ଡା, ରାହୁଲ ଗୁପ୍ତା, ମୁଖ୍ୟ ସଂଯୋଜକ ମାନସ ରଞ୍ଜନ ବକ୍ସି, ସଙ୍ଗଠନ ସଂଯୋଜକ ସୁବୋଧ ଦୋରା, ମଞ୍ଚର ବହୁ ସଦସ୍ୟଙ୍କ ସମେତ ନାରୀଶକ୍ତି ଏବଂ ପଶ୍ଚିମାଞ୍ଚଳ ଲେଖକ ମଞ୍ଚ ଏବଂ ପଶ୍ଚିମାଞ୍ଚଳ ଯୁବ ଏକତା ମଞ୍ଚ ସଦସ୍ୟମାନେ ଉପସ୍ଥିତ ଥିଲେ।

# ହୀରାଖଣ୍ଡ ସାମ୍ମୁଖ୍ୟର ପ୍ରତିଷ୍ଠା ଦିବସ

**ମଞ୍ଚ ଅଭିନେତା ବିପିନ ବିହାରୀ ଦାଶଙ୍କୁ ହୀରାଖଣ୍ଡ ସମ୍ମାନ**

ସମ୍ବଲପୁର,୨୧।୭(ବି.ଶଙ୍କର)

ହୀରାଖଣ୍ଡ ସାମ୍ମୁଖ୍ୟର ପ୍ରତିଷ୍ଠା ଦିବସ ସମ୍ବଲପୁରସ୍ଥିତ ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନରେ ରବିବାର ରାତି ୮ଟାରେ ଅନୁଷ୍ଠିତ ହୋଇଯାଇଛି। ସାମ୍ମୁଖ୍ୟର ସଭାପତି ରାମାନୁଜ ପଣ୍ଡା ଏଥିରେ ଅଧ୍ୟକ୍ଷତା କରିଥିଲେ। ପୂର୍ବତନ ଏମ୍‌ପି ଭବାନୀ ଶଙ୍କର ହୋତା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ହୀରାଖଣ୍ଡ ଅଞ୍ଚଳର ଶୋଷଣ କରି ପ୍ରବଞ୍ଚନାମୂଳକଭାବେ ଉପେକ୍ଷା ଓଡ଼ିଶାର ଶାସନ ବ୍ୟବସ୍ଥାର ଅଙ୍ଗ ହୋଇ ରହିଯାଇଛି। ପଶ୍ଚିମ ଓଡ଼ିଶାରେ ବିଭିନ୍ନ ଉନ୍ନୟନ ପ୍ରକଳ୍ପ ଘୋଷଣା ଓ ଅର୍ଥ ମଞ୍ଜୁରୀ ହେବା ପରେ ଚଞ୍ଚକତା କରି ଉକ୍ତ ଅର୍ଥ ରାଶିକୁ ଉପକୂଳ ଓଡ଼ିଶାରେ ଖର୍ଚ୍ଚ କରିବାର ପରମ୍ପରା ବହୁଦିନରୁ ଚାଲି ଆସିଛି। ମାର୍ଚ୍ଚମାସରେ ଏଭଳି ସମୟରେ ଅର୍ଥ ଆସେ, ଯାହାକି ଖର୍ଚ୍ଚ କରିବାର କୌଣସି ରାସ୍ତା ନ ଥାଏ। ଏହି ଅର୍ଥ ଫେରିବ ଓ କେଉଁଠି ଖର୍ଚ୍ଚ କରାଯିବ ତାହା ପୂର୍ବରୁ ନିର୍ଦ୍ଧାରିତ ହୋଇଥାଏ। କେନ୍ଦୁପତ୍ର ପାଣ୍ଠିଠାରୁ ଆରମ୍ଭ କରି ବରଗଡ଼ କ୍ୟାନସର ହସ୍ପିଟାଲ ପର୍ଯ୍ୟନ୍ତ କିଭଳି ଛଳନା କରାଯାଇଛି ସେ ସମ୍ପର୍କରେ ମୁଖ୍ୟ ଅତିଥି ହୋତା ଆଲୋଚନା କରିଥିଲେ।

ମୁଖ୍ୟବକ୍ତା ଭାବେ ଐତିହାସିକ ଦୀପକ କୁମାର ପଣ୍ଡା ଯୋଗଦେଇ କଳିଙ୍ଗ, ଉତ୍କଳ, କୋଶଳ, ଦକ୍ଷିଣ କୋଶଳ ଓ ହୀରାଖଣ୍ଡର ଭୌଗୋଳିକ ଇତିହାସ ସମ୍ପର୍କରେ ଆଲୋଚନା କରିଥିଲେ। ପଶ୍ଚିମ ଓଡ଼ିଶା ଦକ୍ଷିଣ କୋଶଳର ବିଶାଳ ଭୂଖଣ୍ଡର ଅଂଶବିଶେଷ ଥିଲା। ମାତ୍ର ହୀରାଖଣ୍ଡ ଏହି ଅଞ୍ଚଳର ନିଜସ୍ୱ ପ୍ରକୃତ ଭୌଗଳିକ ପରିଚୟ ଥିଲା। ହୀରାଖଣ୍ଡର ଅସ୍ତିତ୍ୱ ସମ୍ପର୍କରେ ମୁଖ୍ୟବକ୍ତା ପଣ୍ଡା ବିଭିନ୍ନ ପ୍ରମାଣ ଦର୍ଶାଇଥିଲେ। ଏହି ଅବସରରେ ସର୍ବାଧିକ ବୀର ସୁରେନ୍ଦ୍ର ସାଏ ନାଟକ ମଞ୍ଚସ୍ଥ କରି ଆସିଥିବା ବରଗଡ ଜିଲା କୁମ୍ଭାରୀ ସ୍ଥିତ ବ୍ରଜେଶ୍ୱରୀ ନୃତ୍ୟ କଳା ପରିଷଦ ଓ ସମ୍ବଲପୁରର ସୁନାମଧନ୍ୟ କବି, ନାଟ୍ୟକାର, ନାଟ୍ୟ ନିର୍ଦ୍ଦେଶକ, ଅଭିନେତା ଓ ସାଂସ୍କୃତିକ ସଙ୍ଗଠକ ବିପିନ ବିହାରୀ ଦାଶଙ୍କୁ ହୀରାଖଣ୍ଡ ସମ୍ମାନ-୨୦୨୫ ପ୍ରଦାନ କରାଯାଇଥିଲା। ଏଥିସହ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ବୀର ସୁରେନ୍ଦ୍ର ସାଏ ମହାନ ନାଟକର ଅଭିନେତା ଭୂବନ ଭୋଇ, ବାସୁଦେବ ପ୍ରଧାନ ଓ ମନୋରଞ୍ଜନ ଚିରଗୁନ ସଂଳାପ ଉପସ୍ଥାପନ କରି ଦର୍ଶକଙ୍କୁ ବିମୋହିତ କରିଥିଲେ। ସହସମ୍ପାଦକ ତର୍ପଣ ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ। ଡ.ସତ୍ୟନାରାୟଣ ଠାକୁର, ତାପସ ଦାସ, ବିଜୟଲକ୍ଷ୍ମୀ ବେହେରା ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଅଖିଳ ପଟ୍ଟନାୟକ ଓ ପ୍ରଶାନ୍ତ ପାଟଯୋଶୀ ମାନପତ୍ର ପାଠ କରିଥିବା ବେଳେ ଲଳିତ ବେବର୍ତ୍ତା ଧନ୍ୟବାଦ ଅର୍ପଣ କରିଥିଲେ।

# କର୍ମକ୍ଷେତ୍ରରେ ନିର୍ଯାତନା ନିବାରଣ ଶୀର୍ଷକ କର୍ମଶାଳା


ଓଏସ୍‌ଓୟୁ ମୁଖ୍ୟାଳୟ ସ୍ଥିତ ପ୍ରେକ୍ଷାଳୟଠାରେ ସୋମବାର ଆୟୋଜିତ କର୍ମଶାଳାରେ ଅତିଥି ଓ ବକ୍ତାମାନେ।

ସମ୍ବଲପୁର,୨୧।୭(ବି.ଶଙ୍କର)

ସମ୍ବଲପୁର ସ୍ଥିତ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଓଏସ୍‌ଓୟୁ) ମୁଖ୍ୟାଳୟ ସ୍ଥିତ ପ୍ରେକ୍ଷାଳୟରେ ସୋମବାର ସନ୍ଧ୍ୟାରେ କର୍ମକ୍ଷେତ୍ରରେ ନିର୍ଯାତନା ନିବାରଣ ଶୀର୍ଷକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ନିବାରଣ, ନିଷେଧ ଏବଂ ପ୍ରତିକାର ଆଇନ ୨୦୧୩ ଅନ୍ତର୍ଗତ କର୍ମକ୍ଷେତ୍ରରେ ମହିଳାମାନଙ୍କ ପ୍ରତି ଲିଙ୍ଗ ସମ୍ବେଦନଶୀଳତା ଏବଂ ନିବାରଣ ବିଷୟରେ ଅତିଥି ବକ୍ତାମାନେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଓଏସ୍‌ଓୟୁ କୁଳପତି ପ୍ରଫେସର ଶ୍ୟାମସୁନ୍ଦର ପଟ୍ଟନାୟକ ଯୋଗ ଦେଇ ବିଭିନ୍ନ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସୁରକ୍ଷିତ ଏବଂ ଅନ୍ତର୍ଭୁକ୍ତ ପରିବେଶ ପ୍ରତି ପାଳନ କରିବା ପାଇଁ ବିଶ୍ୱବିଦ୍ୟାଳୟର ପ୍ରତିବଦ୍ଧତା ଉପରେ କୁଳପତି ପଟ୍ଟନାୟକ ଗୁରୁତ୍ୱାରୋପ କରିଥିଲେ। ସେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି(ଆଇସିସି)ର ସଦସ୍ୟ ଏବଂ ସମାବେଶକୁ ଲିଙ୍ଗ ସମ୍ବେଦନଶୀଳତାର ଗୁରୁତ୍ୱ ଉପରେ ସମ୍ବୋଧିତ କରିଥିଲେ। ଏହା ସହିତ ଯେକୌଣସି ପ୍ରକାରର ନିର୍ଯାତନା ବିରୋଧରେ ଏକ କଠୋର ଶୂନ୍ୟ ସହିଷ୍ଣୁତା ନୀତି ଉପରେ ମଧ୍ୟ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ କୁଳସଚିବ ଡ.ଚିତ୍ତ ରଞ୍ଜନ ସାହୁ, ଅର୍ଥ ନିୟନ୍ତ୍ରକ ନଳିନୀ ରଞ୍ଜନ ଷଡଙ୍ଗୀ, ଆଡଭୋକେଟ ସଂଯୁକ୍ତା ହୋତା, ଡ. ସୁରେଶ ଚନ୍ଦ୍ର ପଟେଲ, ସୁଶ୍ରୀ ଶୀତଲ ପୂର୍ଣ୍ଣିମା, ଡ. ଲକ୍ଷ୍ମୀ ନାରାୟଣ ପାଣିଗ୍ରାହୀ, ଡ. ଉତ୍ତମ କୁମାର ପ୍ରଧାନ, ସୁପ୍ରିତା ମିଶ୍ର, ଡ.ସୁନିତା ପୂର୍ତ୍ତି, ଡ.ବୀଣା ଓରାମ ଏବଂ ସମସ୍ତ ଅଧ୍ୟାପକ ଏବଂ କର୍ମଚାରୀ ଉପସ୍ଥିତ ଥିଲେ। କର୍ମକ୍ଷେତ୍ରରେ ନିର୍ଯାତନା, ବିଶେଷକରି ମହିଳାମାନଙ୍କ ପ୍ରତି ନିବାରଣ, ପ୍ରତିକାର ଏବଂ ଦାୟିତ୍ୱ ପାଇଁ ସଚେତନତା ବୃଦ୍ଧି ଓ ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ କର୍ମଶାଳାର ଲକ୍ଷ୍ୟ ଥିଲା। ଏହି ପଦକ୍ଷେପ ଲିଙ୍ଗ ସମ୍ବେଦନଶୀଳ, ନିରାପଦ ଏବଂ ସହାୟକ ଶୈକ୍ଷିକ ଏବଂ ବୃତ୍ତିଗତ ପରିବେଶ ପ୍ରତି ଓଏସଓୟୁର ପ୍ରତିବଦ୍ଧତାକୁ ପୁନଃନିର୍ଦ୍ଦେଶ କରିପାରିଛି।

# ଭାଜପା ଯୁବମୋର୍ଚ୍ଚାର ବିକ୍ଷୋଭ

**କଂଗ୍ରେସ ଦଳ ନିଜ ନେତା, କର୍ମୀଙ୍କୁ ନୀତିଶିକ୍ଷା ଦେଉ**

ସମ୍ବଲପୁର,୨୧।୭(ବି.ଶଙ୍କର)

ସମ୍ବଲପୁର ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ସୋମବାର ସନ୍ଧ୍ୟା ୭ଟାରେ ସ୍ଥାନୀୟ ଗୋଲବଜାର ଛକରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ କୁଶପୁତ୍ତଳିକା ଦାହ କରିଛି। ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ଉଦିତ ପ୍ରଧାନ ଜଣେ ଛାତ୍ରୀକୁ ବଳାତ୍କାର କରି ଗିରଫ ହୋଇଛନ୍ତି। କଂଗ୍ରେସ ଦଳରେ ଏଭଳି ନେତା ପୂର୍ବରୁ ମଧ ଥିଲେ, ବର୍ତ୍ତମାନ ମଧ ରହିଛନ୍ତି। କିନ୍ତୁ ପରିତାପର ବିଷୟ ଯେ, ଓଲଟା କଂଗ୍ରେସ ଦଳ ସର୍ବଦା ଭାଜପା ସରକାରଙ୍କୁ ବଦନାମ କରୁଛି। ପ୍ରଥମେ ନିଜ ଦଳର ନେତା ଓ କର୍ମୀମାନଙ୍କୁ ନୀତିଶିକ୍ଷା ଦିଅନ୍ତୁ ବୋଲି ଆନ୍ଦୋଳନକାରୀମାନେ ସ୍ଲୋଗାନ ଦେଇଛନ୍ତି। ଜିଲା ଭାଜପା ଯୁବ ମୋର୍ଚ୍ଚା କୋଷାଧ୍ୟକ୍ଷ କାହ୍ନୁରାମ ଶର୍ମାଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ଯୁବନେତା ରିକି ବେହେରା, ସୌମିତ୍ର ଯତି, ତାପସ ପଣ୍ଡା, ରାହୁଲ ମୋଦକ, ହରିହର ପଣ୍ଡା, କବିନ୍ଦ୍ର ମହାପାତ୍ର, ସନ୍ତୋଷ ଡାଲୁଆ, ବରିଷ୍ଠ ନେତା ଅନୀଲ ବେହେରା, ସମୀର ରଞ୍ଜନ ବାବୁ, ରୁନୁ ପ୍ରଧାନ, ଅଞ୍ଜଳି ଦୀପ, କ୍ରିଷ୍ଣା ମହାକୁର, ଅଜୟ ଗଡଗୟାଁ ପ୍ରମୁଖ ସାମିଲ ହୋଇଥିଲେ।

# ସିଟି ରେଳ ଷ୍ଟେଶନ ଚନ୍ଦ୍ରଶେଖର ବେହେରାଙ୍କ ନାମରେ ନାମିତ ହେଉ

ସମ୍ବଲପୁର,୨୧।୭(ବି.ଶଙ୍କର)

ସମ୍ବଲପୁର ସିଟି ରେଳ ଷ୍ଟେଶନକୁ ସ୍ୱାଧୀନତା ସଂଗ୍ରାମୀ ଚନ୍ଦ୍ରଶେଖର ବେହେରାଙ୍କ ନାମରେ ନାମିତ କରାଯିବାକୁ ଦାବି ହୋଇଛି। ଏନେଇ ସୋମବାର ଓଡ଼ିଶା ସାଂସ୍କୃତିକ ସମାଜ ପତ୍ର ପ୍ରେରଣ କରି କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କଠାରେ ଦାବି କରିଛି। ଦାବିପତ୍ରରେ ଉଲ୍ଲେଖ ରହିଛି ଯେ, ସମ୍ବଲପୁର ମାଟିର ଚନ୍ଦ୍ରଶେଖର ଏକାଧାରରେ ଜଣେ ଉଚ୍ଚକୋଟୀର ଆଇନଜ୍ଞ, ସମାଜସେବୀ, ସମାଜ ସଂସ୍କାରକ, ସମ୍ବଲପୁର ପୌରସଭାର ପ୍ରଥମ ନଗରପାଳକ, ଶିକ୍ଷାନୁରାଗୀ, ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନର ମୁଖ୍ୟ ପୁରୋଧା ଥିଲେ। ଏଥିସହ ସ୍ୱାଧୀନତା ସଂଗ୍ରାମରେ ମଧ ତାଙ୍କ ଅତୁଳନୀୟ ଅବଦାନ ଥିଲା। ମହାତ୍ମା ଗାନ୍ଧୀ ସମ୍ବଲପୁର ଆଗମନ ସମୟରେ ତାଙ୍କ ଗୃହରେ ଅବସ୍ଥାନ କରିଥିଲେ। ସମ୍ବଲପୁରରେ ଓଡ଼ିଆ ଭାଷାର ପୁନଃ ପ୍ରଚଳନର ସେ ମୁଖ୍ୟ ବିଦ୍ଧାଣୀ। ଏପରି ବହୁବିଧ ବ୍ୟକ୍ତିତ୍ୱ ଥିବା ମହାମନୀଷୀଙ୍କ ନାମରେ ସମ୍ବଲପୁର ସିଟି ରେଳ ଷ୍ଟେଶନକୁ ତାଙ୍କ ନାମରେ ନାମିତ କରିବାକୁ ଓଡ଼ିଶା ସାଂସ୍କୃତିକ ସମାଜ ସଭାପତି ଡ. ପରେଶ ଦାନୀ, ସମ୍ପାଦକ ଦୀନବନ୍ଧୁ ପଣ୍ଡା ଦାବି ଉପସ୍ଥାପନ କରିଛନ୍ତି।

# ନିର୍ଯାତନା ରୋକିବାକୁ କଠୋର କାର୍ଯ୍ୟାନୁଷ୍ଠାନ ଆବଶ୍ୟକ

ସମ୍ବଲପୁର,୨୧।୭
(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ନେତାଜୀ ସୁଭାଷ ଚନ୍ଦ୍ର ବୋଷ ମହାବିଦ୍ୟାଳୟରେ ସୋମବାର କର୍ମକ୍ଷେତ୍ରରେ ଯୌନ ନିର୍ଯାତନା ସମ୍ବନ୍ଧୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ଡ. ପ୍ରଦୀପ କୁମାର ହରପାଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ଆଇନଜୀବୀ ତଥା ଜୁଭେନାଇଲ ବୋର୍ଡ ସଦସ୍ୟା ବୀଣା ମହାପାତ୍ର, ଶିକ୍ଷାବିତ୍ ପ୍ରଫେସର ନିରୂପମା ବଡପଣ୍ଡା ଅତିଥିଭାବେ ଯୋଗଦେଇ ମହାବିଦ୍ୟାଳୟ ପରିସରରେ ଯୌନ ନିର୍ଯାତନାକୁ ନେଇ ଆଇନଗତ କାର୍ଯ୍ୟାନୁଷ୍ଠାନ ବିଷୟରେ ଅବଗତ କରାଇଥିଲେ। ଅତିଥିମାନେ କହିଥିଲେ, ଦେଶରେ ଯେ କୌଣସି ନିର୍ଯାତନା ବିରୋଧରେ କଠୋର ଆଇନ ରହିଛି। କେବଳ କଠୋର କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ରହିଛି। ଅଧ୍ୟାପିକା ଡ.ଶ୍ରଦ୍ଧାମୟୀ ପୁରୋହିତଙ୍କ ସଂଯୋଜନାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଅଧକ୍ଷ ଡ. ହରପାଳ ମହାବିଦ୍ୟାଳୟ ପରିସରରେ ଯୌନ ନିର୍ଯାତନା ରୋକିବା ପାଇଁ ଗ୍ରହଣ କରାଯାଇଥିବା ପଦକ୍ଷେପ ବିଷୟରେ ଅବଗତ କରାଇଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳର ପ୍ରଶାସନିକ ଅଧିକାରୀ ତଥା ସ୍ନାତକୋତ୍ତର ଇତିହାସ ବିଭାଗ ମୁଖ୍ୟ ଡ. ଦୁଲାଲ କୁମାର ସା ଅନୁଷ୍ଠାନରେ ଶୃଙ୍ଖଳା ବଜାୟ ରଖିବା ପାଇଁ ଛାତ୍ରୀଛାତ୍ରମାନେ ସହଯୋଗ କରିବାକୁ ଆହ୍ୱାନ କରିଥିଲେ। ଅଧ୍ୟାପିକା ରୋଜାଲିନ ସେଠ ଆଭ୍ୟନ୍ତରୀଣ ଅଭିଯୋଗ ସମିତିର କାର୍ଯ୍ୟକାରିତା ଉପରେ ଛାତ୍ରୀମାନଙ୍କୁ ଅବଗତ କରାଇଥିଲେ। ଅଧ୍ୟାପିକା ଡ ରଶ୍ମିତା ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ୟବସାୟୀ ମୋହନଲାଲ ଯାଜୋଡ଼ିଆଙ୍କ ପରଲୋକ

ସମ୍ବଲପୁର,୨୧।୭
(ଭବାନୀ ଶଙ୍କର ଭୋଇ)


ମୋହନଲାଲ ଯାଜୋଡିଆ

ସମ୍ବଲପୁର ଜିଲା ବୁର୍ଲାର ବିଶିଷ୍ଟ ବ୍ୟବସାୟୀ ତଥା ଗୁପ୍ତା ମେଡିକାଲ ହଲର ପରିଚାଳକ ମୋହନଲାଲ ଯାଜୋଡ଼ିଆଙ୍କ ରବିବାର ବିଳମ୍ବିତ ରାତିରେ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୭୩ ବର୍ଷ ହେଉଥିଲା। ମୃତ୍ୟୁଶଯ୍ୟା ନିକଟରେ ସ୍ତ୍ରୀ, ପୁତ୍ରଙ୍କ ସମେତ ଗୁପ୍ତା ପରିବାରର ସଦସ୍ୟମାନେ ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ବୁର୍ଲା ହାଇସ୍କୁଲ ଆଲୁମ୍ନି ଆସୋସିଏଶନ ତରଫରୁ ଗଭୀର ଶୋକ ପ୍ରକାଶ କରାଯାଇଛି।

# ମା' ପାଇଁ ବୃକ୍ଷଟିଏ କାର୍ଯ୍ୟକ୍ରମ


ମୁଖ୍ୟଅତିଥି ହେମସାଗର ଭୋଇ ଚାରା ରୋପଣ କରୁଛନ୍ତି।

କୁଚିଣ୍ଡା,୨୧।୭(ବିରଞ୍ଚି ଦର୍ବା)

ସମ୍ବଲପୁର ଜିଲା କୁଚିଣ୍ଡା ସ୍ଥିତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟରେ ସୋମବାର ମା' ପାଇଁ ବୃକ୍ଷଟିଏ କାର୍ଯକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଅଧକ୍ଷା ଜ୍ୟୋସ୍ନାପ୍ରିୟା ବେହେରାଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ଆଇଟିଡିଏର ପ୍ରକଳ୍ପ ପ୍ରଶାସକ ହେମସାଗର ଭୋଇ ମୁଖ୍ୟଅତିଥି, ପଞ୍ଚାୟତିରାଜ ମନ୍ତ୍ରୀଙ୍କ ପ୍ରତିନିଧି ବିଭୂତି କଲ୍ୟାଣ ପଟେଲ, ସମାଜସେବୀ ପ୍ରାଣବନ୍ଧୁ ନାଥ, ଡିଏଲସି ସଭ୍ୟ ତଥା ଅବସରପ୍ରାପ୍ତ କଲେଜ ଅଧକ୍ଷ ରଞ୍ଜନ କୁମାର ମହାପାତ୍ର, ଅନ୍ୟତମ ଡିଏଲସି ସଭ୍ୟ ପ୍ରଫୁଲ୍ଲ କୁମାର ସାହୁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଥିଲେ। ଅତିଥିମାନେ ଶିକ୍ଷାର୍ଥୀଙ୍କୁ ବୃକ୍ଷର ମହତ୍ତ୍ୱ ସମ୍ପର୍କରେ ଅଭିଭାଷଣ ଦେବାସହ ସମସ୍ତେ କିପରି ଭାବେ ନିଜ ମା ନାମରେ ଚାରା ରୋପଣ କରି ପୃଥିବୀ ତଥା ନିଜ ପରିବେଶକୁ ପ୍ରଦୂଷଣ ମୁକ୍ତ କରିପାରିବେ ସେ ସମ୍ପର୍କରେ ବକ୍ତବ୍ୟ ଦେଇଥିଲେ। ଏହି ଅବସରରେ ଅତିଥି ବୃନ୍ଦ, ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ର ମିଳିତ ଭାବେ ବିଦ୍ୟାଳୟ ପରିସରରେ ଚାରା ରୋପଣ କରିଥିଲେ। ବିଦ୍ୟାଳୟର ଇଂରାଜୀ ଅଧାପକ ଉଜ୍ଜଳ ମିଶ୍ର ସଭା ପରିଚାଳନା କରିଥିଲେ। ହିନ୍ଦୀ ଶିକ୍ଷୟିତ୍ରୀ ରାଧା ପାଣ୍ଡେ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ସଙ୍ଗୀତ ଶିକ୍ଷକ ଅନୁରାଗ ଶ୍ରୀବାସ୍ତବଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ପ୍ରଦୂଷଣମୁକ୍ତ, ନିଯୁକ୍ତି ସୃଷ୍ଟିକାରୀ କାରଖାନା ଖୋଲ

**ନୃସିଂହ ଗୁରୁ ସ୍ମୃତି ସମିତି ପକ୍ଷରୁ ଆଲୋଚନାଚକ୍ର**


ନୃସିଂହ ଗୁରୁ ସ୍ମୃତି ସମିତି ଆୟୋଜିତ ପଶ୍ଚିମ ଓଡ଼ିଶାରେ ଦ୍ରୁତ ଶିଳ୍ପାୟନର ପ୍ରଭାବ ଶୀର୍ଷକ ଆଲୋଚନାଚକ୍ରକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

ସମ୍ବଲପୁର,୨୧।୭(ବି.ଶଙ୍କର)

ପଶ୍ଚିମ ଓଡ଼ିଶାରେ ବହୁ ସଂଖ୍ୟକ ଶିଳ୍ପାନୁଷ୍ଠାନ ଗଢି ଉଠିଛି। ତେଣୁ ଆଉ ନୂଆ କାରଖାନା ଖୋଲିବାକୁ ସରକାର ଅନୁମତି ଦିଅନ୍ତୁ ନାହିଁ। ରାଜ୍ୟରେ ନୂତନ ଖଣିଭିତ୍ତିକ କାରଖାନା ପରିବର୍ତ୍ତେ ପ୍ରଦୂଷଣ ବିହୀନ, ନିଯୁକ୍ତି ସୃଷ୍ଟିକାରୀ କାରଖାନା ଖୋଲିବା ଉପରେ ସରକାର ଗୁରୁତ୍ୱାରୋପ କରନ୍ତୁ। ସ୍ୱାଧୀନତା ସଂଗ୍ରାମୀ ନୃସିଂହ ଗୁରୁ ସ୍ମୃତି ସମିତି ପକ୍ଷରୁ ପଶ୍ଚିମ ଓଡ଼ିଶାରେ ଦ୍ରୁତ ଶିଳ୍ପାୟନର ପ୍ରଭାବ ଶୀର୍ଷକ ଆଲୋଚନାଚକ୍ରରେ ବକ୍ତାମାନେ ଏହି ମତ ରଖିଛନ୍ତି।

ସ୍ଥାନୀୟ ଭିଏସ୍‌ଏସ୍ ମାର୍ଗସ୍ଥିତ ଶିଳା ଟାୱାର ସମ୍ମିଳନୀ କକ୍ଷରେ ରବିବାର ରାତିରେ ସ୍ୱାଧୀନତା ସଂଗ୍ରାମୀ ନୃସିଂହ ଗୁରୁ ସ୍ମୃତି ସମିତି ପକ୍ଷରୁ ଆୟୋଜିତ ଆଲୋଚନାଚକ୍ର ସ୍ମୃତି ସମିତି ସଭାପତି ତଥା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପୂର୍ବତନ କୁଳପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢୀଙ୍କ ପୌରୋହିତ୍ୟରେ ହୋଇଥିଲା। ଏହି ଆଲୋନାଚକ୍ରକୁ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ସଚିନ ରାମଚନ୍ଦ୍ର ଯାଧବ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଆଇଆଇଏମ ସମ୍ବଲପୁର ନିର୍ଦ୍ଦେଶକ ପ୍ରଫେସର ମହାଦେଓ ଜୟସ୍ୱାଲ, ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବିଦ୍ୟୁଭୂଷଣ ମିଶ୍ର, ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶ୍ୟାମସୁନ୍ଦର ପଟ୍ଟନାୟକ, ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦୀପକ କୁମାର ସାହୁ ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଦୀପକ କୁମାର ବେହେରା ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ସମ୍ବଲପୁରର ପୂର୍ବତନ ଏମପି ଭବାନୀ ଶଙ୍କର ହୋତା ଆଲୋଚନାଚକ୍ରର ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ସ୍ମୃତି ସମିତି ଉପସଭାପତି ତଥା ଶିକ୍ଷାବିତ୍ ଅରବିନ୍ଦ ମହାପାତ୍ର ନୃସିଂହ ଗୁରୁଙ୍କ ଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲେ। ସ୍ମୃତି ସମିତି ସମ୍ପାଦକ ହେମନ୍ତ କୁମାର ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ଆଲୋଚନାଚକ୍ରର ପ୍ରଥମ ବୈଷୟିକ ଅଧିବେଶନକୁ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅର୍ଥନୀତି ବିଭାଗ ମୁଖ୍ୟ ପ୍ରଫେସର ସଂଯୁକ୍ତା ଦାସ ସଂଯୋଜନା କରିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ଅଧ୍ୟାପିକା ଡ. ଦୀପ୍ତିମୟୀ ଦାଶ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଅର୍ଥନୀତି ବିଭାଗ ମୁଖ୍ୟ ଡ. ଉମାଚରଣ ପତି, ସମ୍ବଲପୁର ବିଶ୍ୱିଦ୍ୟାଳୟ ବାୟୋଟେକ୍ନୋଲୋଜି ଓ ବାୟୋଇନ୍‌ଫର୍ମେଟିକ୍ସ ବିଭାଗ ପ୍ରଫେସର ଅମୀୟ ପଟେଲ ଶିଳ୍ପାୟନର ବିଭିନ୍ନ ଦିଗ ଉପରେ ବକ୍ତବ୍ୟ ରଖିଥିଲେ। ଆଦିତ୍ୟ ଆଲୁମିନିୟମର ପୂର୍ବତନ ଉପସଭାପତି ଇଞ୍ଜିନିୟର ସୁଶାନ୍ତ ଗୁରୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

ଦ୍ୱିତୀୟ ବୈଷୟିକ ଅଧିବେଶନରେ ଜେଏସ୍‌ଡବ୍ଲ୍ୟୁ ଷ୍ଟିଲର ଓଡ଼ିଶା ମୁଖ୍ୟ ଇଞ୍ଜିନିୟର ଅଶେଷ ପାଢୀ, ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିଗମ ବୋର୍ଡର ଅବସରପ୍ରାପ୍ତ ଆଞ୍ଚଳିକ ଅଧିକାରୀ ଡ. ହାଡିବନ୍ଧୁ ପାଣିଗ୍ରାହୀ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଗବେଷଣା ଅଧିକାରୀ ଡ. ଚନ୍ଦନ ସାହୁ, ଭିସୁଟ୍ ପ୍ରଫେସର ରାକେଶ ରୋଶନ ଦାସ, ଝାରସୁଗୁଡା ପରିବେଶ ସୁରକ୍ଷା ସମିତି ଆବାହକ ସତ୍ୟନାରାୟଣ ରାଓ, ପରିବେଶ କର୍ମୀ ପୀତାମ୍ବର ମିଶ୍ର, ପରିବେଶ ବିଜ୍ଞାନ ବିଭାଗ ଅବସରପ୍ରାପ୍ତ ପ୍ରଫେସର ସଞ୍ଜୟ କୁମାର ପଟ୍ଟନାୟକ ଏବଂ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପରିବେଶ ବିଜ୍ଞାନ ବିଭାଗ ମୁଖ୍ୟ ପ୍ରଫେସର ମଳୟ କୁମାର ମହାନନ୍ଦ ଆଲୋଚନାରେ ଭାଗ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ଲଜପତ ରାୟ ଆଇନ ମହାବିଦ୍ୟାଳୟ ଅଧକ୍ଷ ଡ.ବିଜୟାନନ୍ଦ ବେହେରା, ଗଙ୍ଗାଧର ମେହେର ମହାବିଦ୍ୟାଳୟ ପୂର୍ବତନ ଉପାଧକ୍ଷ ପ୍ରଫେସର କାମଦେବ ସାହୁ, ସ୍ତମ୍ଭକାର ବିମଳ ପାଣ୍ଡିଆ, ଅବସରପ୍ରାପ୍ତ ଜିଲା ଶିକ୍ଷାଧିକାରୀ ଡ.ପ୍ରମୋଦ ପଣ୍ଡା, ବରିଷ୍ଠ ନାଗରିକ ବେଣୁଧର ତ୍ରିପାଠୀଙ୍କ ସମେତ ବିଭିନ୍ନ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଯୋଗ ଦେଇଥିଲେ।




# ୭ ସାଇକେଲକୁ ନେଇ ତନାଘନା

**ସୌମ୍ୟାଶ୍ରୀ ଆତ୍ମାହୁତି ମାମଲା**

- ବଢୁଛି ସସପେନ୍ସ, ହଟୁନି ପରଦା
- ପୁଣି ପହଞ୍ଚିଲେ କ୍ରାଇମବ୍ରାଞ୍ଚ ଟିମ୍

ବାଲେଶ୍ୱର,୨୧।୭(ବାଞ୍ଛାନିଧି ଦେ)

ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଇଣ୍ଟିଗ୍ରେଟେଡ୍ ବିଏଡ୍ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୁତି ଘଟଣାର ପ୍ରକୃତ ରହସ୍ୟ ଜାଣିବା ପାଇଁ ଚାଲିଛି ଜୋର୍‌ଦାର ତନାଘନା। ୟୁଜିସି ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍, କ୍ରାଇମବ୍ରାଞ୍ଚ ଟିମ୍ ଓ ଉଚ୍ଚଶିକ୍ଷା ବିଭାଗର ଉଚ୍ଚସ୍ତରୀୟ ତଦନ୍ତ କମିଟି ପକ୍ଷରୁ ଖୋଳତାଡ଼ ଜାରି ରହିଛି। ବିଶେଷକରି କ୍ରାଇମବ୍ରାଞ୍ଚ ଟିମ୍ ଘଟଣା ଉପରୁ ପରଦା ହଟାଇବା ଦିଗରେ ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରି ରଖିଛି।

ସୋମବାର କ୍ରାଇମବ୍ରାଞ୍ଚର ସିଏଡବ୍ଲ୍ୟୁ ଆଣ୍ଡ ସିଡବ୍ଲ୍ୟୁ ଶାଖା ଡିଏସ୍‌ପି ଇମାନ କଲ୍ୟାଣ ନାୟକ, ଇନ୍‌ସପେକ୍ଟର ପାଞ୍ଚାଳି ରାଉତ ପୁଣି ମହାବିଦ୍ୟାଳୟରେ ପହଞ୍ଚି ୨ଘଣ୍ଟା ଧରି ଘଟଣାର ବିଭିନ୍ନ ଦିଗ ଉପରେ ତଦନ୍ତ କରିଥିଲେ। ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ଫିରୋଜ ପାଢ଼ୀ, ଆଇସିସି ସଦସ୍ୟା ଓ କେତେଜଣ ଛାତ୍ରୀଛାତ୍ରଙ୍କୁ ପଚରାଉଚରା କରିଥିଲେ। ଅପରପକ୍ଷରେ କଲେଜ ଷ୍ଟୋର୍ ରୁମ୍‌ରେ ଥିବା ୭ଟି ସାଇକେଲକୁ ନେଇ ସନ୍ଦେହ ଦେଖାଦେଇଛି। ଘଟଣା ଘଟିବା ଦିନ ଠାରୁ ଛାତ୍ରୀଛାତ୍ର ଏହି ୭ଟି ସାଇକେଲ କଲେଜରୁ ନ ନେଇ ପଳାଇଥିବା ଦେଖିବାକୁ ମିଳିଥିଲା। ଏହାପରେ କଲେଜ କର୍ତ୍ତୃପକ୍ଷ ଷ୍ଟୋର ରୁମ୍‌ରେ ସାଇକେଲଗୁଡ଼ିକୁ ନେଇ ରଖିଥିଲେ। ସେବେଠାରୁ ସାଇକେଲଗୁଡ଼ିକ କାହାର, କାହିଁକି ନେଉ ନାହାନ୍ତି, ହୁଏତ ସେମାନେ ଘଟଣାର ପ୍ରତ୍ୟକ୍ଷଦର୍ଶୀ ଥାଇପାରନ୍ତି ବୋଲି ଆଶା କରାଯାଉଛି। ଏହି ସାଇକେଲ ସମ୍ପର୍କରେ ମଧ୍ୟ ତଦନ୍ତକାରୀ ଟିମ୍ ଗୁରୁତ୍ୱ ଦେଇଛନ୍ତି। ଆଇସିସିର ସଦସ୍ୟାଙ୍କ ଭୂମିକା ଉପରେ ସନ୍ଦେହ ଦେଖାଦେଇଛି। ବାରମ୍ବାର ୩ ତଦନ୍ତକାରୀ ଟିମ୍ ପକ୍ଷରୁ ସେମାନଙ୍କୁ ପଚରାଉଚରା ଜାରି ରହିଛି। ସୌମ୍ୟାଶ୍ରୀଙ୍କ ଅଭିଯୋଗ ବେଳର ଆଇସିସି ପକ୍ଷରୁ ଦିଆଯାଇଥିବା ରିପୋର୍ଟକୁ ନେଇ କ୍ରାଇମବ୍ରାଞ୍ଚ ଟିମ୍ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି। କ୍ରାଇମବ୍ରାଞ୍ଚ ଡିଏସ୍‌ପି ନାୟକ ଗଣମାଧ୍ୟମକୁ ପ୍ରତିକ୍ରିୟାରେ କହିଛନ୍ତି, ଠିକ୍ ଭାବରେ ତଦନ୍ତ ଚାଲିଛି। ଏ ଯାଏ କାହାକୁ ଅଟକ ରଖାଯାଇନାହିଁ। ସମସ୍ତେ ତଦନ୍ତରେ ସହଯୋଗ କରୁଛନ୍ତି।

ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ପାଢ଼ୀ କହନ୍ତି, କଲେଜରେ ଏବେ ପାଠ ପଢ଼ା ସ୍ୱାଭାବିକ ହୋଇଛି। ଘଟଣା ଯୋଗୁ କୌଣସି ପିଲା ଏଠାରୁ ଟିସି ନେଇ ଅନ୍ୟତ୍ର ଯିବା ମୋ ନଜରକୁ ଆସି ନାହିଁ। ଫକୀରମୋହନ ମହାବିଦ୍ୟାଳୟର ଗରିମା ବଜାୟ ରଖିବା ପାଇଁ ସମସ୍ତଙ୍କ ଉଦ୍ୟମ ଓ ସହଯୋଗ ଆବଶ୍ୟକ। ଘଟଣା ଦିନଠାରୁ ଏହି ସାଇକେଲଗୁଡ଼ିକ କଲେଜରେ ଅଛି। କଲେଜ ବନ୍ଦ ଥିବାରୁ ହୁଏତ ଛାତ୍ରୀଛାତ୍ର ସାଇକେଲ ନେବା ପାଇଁ ଆସିପାରି ନ ଥାନ୍ତି। ଯେଉଁ ପିଲା ସାଇକେଲ ନେବାକୁ ଆସିବେ ତାଙ୍କୁ ଦିଆଯିବ ବୋଲି ସେ କହିଛନ୍ତି।



ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ସମ୍ମୁଖରେ କ୍ରାଇମବ୍ରାଞ୍ଚ ଟିମ୍।

# ଲିଜ୍ ଜମିରୁ ହଟିବ ସ୍ଥିତିବାନ୍

- ଅଣଚାଷ ଲିଜ୍ ଜମିର ସ୍ୱତ୍ୱରେ ଲେଖାଯିବ 'ପଟ୍ଟାଦାର'
- ସରକାରୀ ଜମି ସୁରକ୍ଷା ଲାଗି ସବୁ ଜିଲାପାଳଙ୍କୁ ଏସିଏସ୍‌ଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୨୧।୭
(ରବିନାରାୟଣ ଜେନା)

ରାଜସ୍ୱ କ୍ଷେତ୍ରରେ କିଭଳି ଅଧିକ ସଂସ୍କାର ଆସିବ ସେନେଇ ପକ୍ଷରୁ ଗୁରୁତ୍ୱ ଦିଆଯାଉଛି। ଏହି କ୍ରମରେ ସରକାରୀ ଜମିକୁ ସୁରକ୍ଷାଦେବା ପାଇଁ ଲିଜ୍ ଜମିରେ କେତେକ ପରିବର୍ତ୍ତନ ଅଣାଯାଇଛି। ସରକାରଙ୍କ ପକ୍ଷରୁ ସମସ୍ତ ଅଣଚାଷ ଲାଗି ପ୍ରଦାନ କରାଯିବା ଲିଜ୍ ଜମିରେ 'ପଟ୍ଟାଦାର' ବୋଲି ସ୍ୱତ୍ୱରେ ଉଲ୍ଲେଖ ରହିବ। ଅଣଚାଷ ଜମି ପାଇଁ ଆଉ ସ୍ଥିତିବାନ୍ ଲେଖାଯିବ ନାହିଁ। ଏହି ନିୟମକୁ କଡ଼ାକଡ଼ି ଭାବେ ପାଳନ କରିବା ଲାଗି ନିକଟରେ ରାଜସ୍ୱ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ(ଏସିଏସ୍) ଦେଓରଞ୍ଜନ କୁମାର ସିଂ ସବୁ ଜିଲାପାଳଙ୍କୁ ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି।

ଏସିଏସ୍ ଜିଲାପାଳମାନଙ୍କୁ ପ୍ରଦାନ କରିଥିବା ପତ୍ରରେ ଦର୍ଶାଇଛନ୍ତି, ବିଭିନ୍ନ କ୍ଷେତ୍ରରେ ସରକାରୀ ଜମି ବିଭିନ୍ନ ବ୍ୟକ୍ତିବିଶେଷ କିମ୍ବା ଅନୁଷ୍ଠାନକୁ ଲିଜ୍ ସୂତ୍ରରେ ପ୍ରଦାନ କରାଯାଇଛି। ସେଥିମଧ୍ୟରେ ଶିଳ୍ପ, ବାଣିଜ୍ୟ, ନିଗମ, ସ୍ଥାନୀୟ କର୍ତ୍ତୃପକ୍ଷ ଏବଂ ଉଦ୍ୟୋକ୍ତା ମଧ୍ୟ ରହିଛନ୍ତି। ତେବେ ଅଣଚାଷ, ବାଣିଜ୍ୟ ଓ ଶିଳ୍ପ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିବା ଜମି ସ୍ୱତ୍ୱରେ ଭୁଲ୍‌ବଶତଃ ସ୍ଥିତିବାନ୍ ବୋଲି ଉଲ୍ଲେଖ ରହିଛି। ଏହି ବେଆଇନ ଓ ଅନିୟମିତ କାର୍ଯ୍ୟ ଯୋଗୁ ସରକାରଙ୍କୁ ବିଭିନ୍ନ ସମୟରେ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଏହି ପରିପ୍ରେକ୍ଷୀରେ ସରକାରୀ ଜମି ରେକର୍ଡ କରିବା ପ୍ରଣାଳୀକୁ ଅନୁସରଣ କରିବାକୁ ପଡ଼ିବ। ସରକାରଙ୍କ ପକ୍ଷରୁ ଯଦି ଚାଷକ୍ଷେତ୍ରରେ ଜମି ପ୍ରଦାନ କରାଯାଇଛି କିମ୍ବା କରାଯିବ, ସେକ୍ଷେତ୍ରରେ ସ୍ୱତ୍ୱରେ ସ୍ଥିତିବାନ୍/ରୟତି ଉଲ୍ଲେଖ କରାଯିବ। କିନ୍ତୁ ଅଣଚାଷ ଉଦ୍ଦେଶ୍ୟରେ ଜମି ଦିଆଗଲେ ତା'ର ସ୍ୱତ୍ୱରେ ଆଉ ସ୍ଥିତିବାନ୍ ଉଲ୍ଲେଖ ରହିବ ନାହିଁ। ଏହି କ୍ଷେତ୍ରରେ ବିଧିବଦ୍ଧ ଭାବେ ସରକାରୀ ଜମି ଲିଜ୍ ପ୍ରଦାନବେଳେ ସଂପୃକ୍ତ ପଟ୍ଟାଦାରଙ୍କ ନାମରେ ଏକ ସ୍ୱତନ୍ତ୍ର ଖାତା ପ୍ରସ୍ତୁତ ହେବ। ଜମିର ସ୍ୱତ୍ୱରେ 'ପଟ୍ଟାଦାର' ବୋଲି ଉଲ୍ଲେଖ ରହିବ। ପଟ୍ଟାର ଶେଷ ଅବଧି ମଧ୍ୟ ସେଥିରେ ଉଲ୍ଲେଖ କରିବାକୁ ଏସିଏସ୍ ଦର୍ଶାଇଛନ୍ତି।

ଏଥିସହ ବିଭିନ୍ନ କ୍ଷେତ୍ରରେ ସରକାରୀ ଜମି ଲିଜ୍ ପ୍ରଦାନ ବେଳେ ଭୁଲ୍‌ବଶତଃ ସ୍ଥିତିବାନ୍ ଉଲ୍ଲେଖ ରହିଛି। ସେସବୁ କ୍ଷେତ୍ରରେ ସ୍ୱତନ୍ତ୍ର ଭାବେ ଯାଞ୍ଚ କରାଯାଇ ସଂଶୋଧନ କରାଯିବା ଆବଶ୍ୟକ। ଏହାକୁ ଦୃଷ୍ଟିରେ ରଖି ସମସ୍ତ ତହସିଲଦାରଙ୍କୁ ଏକ ନିର୍ଦ୍ଦେଶନାମା ଜାରି କରନ୍ତୁ, ଯେଉଁଥିରେ ବେଆଇନ ଭାବେ ଉଲ୍ଲେଖଥିବା ସ୍ଥିତିବାନ୍ ସ୍ୱତ୍ୱକୁ ପଟ୍ଟାଦାରରେ ପରିବର୍ତ୍ତନ କରିବା ଦିଗରେ ପଦକ୍ଷେପ ନେବେ। ଏହିସବୁ କାର୍ଯ୍ୟକୁ ଅତିରିକ୍ତ ଜିଲାପାଳ ତଦାରଖ କରିବେ ଏବଂ ନିଜେ କାଉଣ୍ଟର ଦସ୍ତଖତ କରିବେ। ଏ କ୍ଷେତ୍ରରେ ଜିଲାପାଳଙ୍କ ପକ୍ଷରୁ କି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ତା'ର ରିପୋର୍ଟ ମାସକ ମଧ୍ୟରେ ପ୍ରଦାନ କରିବାକୁ ଏସିଏସ୍ ଦର୍ଶାଇଛନ୍ତି।


# ଶପଥ ନେଲେ ହାଇକୋର୍ଟ ବିଚାରପତି ମାନସ ରଞ୍ଜନ ପାଠକ


ହାଇକୋର୍ଟ ମୁଖ୍ୟ ବିଚାରପତି ହରିଶ୍ ଟଣ୍ଡନ ବିଚାରପତି ମାନସ ରଞ୍ଜନ ପାଠକଙ୍କୁ ଶପଥ ପାଠ କରାଉଛନ୍ତି।

କଟକ,୨୧।୭(କାର୍ତ୍ତିକ ସାହୁ)

ଗୁଆହାଟୀ ହାଇକୋର୍ଟରୁ ଓଡ଼ିଶା ହାଇକୋର୍ଟକୁ ବଦଳି ହୋଇ ଆସିଥିବା ବିଚାରପତି ମାନସ ରଞ୍ଜନ ପାଠକ ସୋମବାର ଆନୁଷ୍ଠାନିକ ଭାବେ ଶପଥ ଗ୍ରହଣ କରିଛନ୍ତି। ହାଇକୋର୍ଟ ପୁରୁଣା ବିଲ୍ଡିଂର ନିଉ କନ୍‌ଫରେନ୍ସ ହଲ୍‌ରେ ସୋମବାର ପୂର୍ବାହ୍ନ ୧୦ଟାରେ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଛି। ରାଷ୍ଟ୍ରପତି ଭବନରୁ ଆସିଥିବା ବିଚାରପତି ପାଠକଙ୍କ ବଦଳି ସମ୍ପର୍କିତ ପତ୍ର ପ୍ରଥମେ ପାଠ କରାଯିବା ପରେ ହାଇକୋର୍ଟ ମୁଖ୍ୟ ବିଚାରପତି ହରିଶ୍ ଟଣ୍ଡନ ବିଚାରପତି ପାଠକଙ୍କୁ ଶପଥ ପାଠ କରାଇଛନ୍ତି। ଶପଥ ଗ୍ରହଣ ଉତ୍ସବରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ହାଇକୋର୍ଟ ସମସ୍ତ କାର୍ଯ୍ୟରତ ବିଚାରପତି, ପୂର୍ବତନ ବିଚାରପତି, ଆଡ୍‌ଭୋକେଟ୍ ଜେନେରାଲ୍ ପୀତାମ୍ବର ଆଚାର୍ଯ୍ୟ, ହାଇକୋର୍ଟ ବାର୍ ଆସୋସିଏଶନ୍ କର୍ମକର୍ତ୍ତା, ବରିଷ୍ଠ ଆଇନଜୀବୀ, ହାଇକୋର୍ଟ ରେଜିଷ୍ଟ୍ରାର, ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

 କ୍ଲିନିକ ଦ୍ୱାରା ପ୍ରମାଣିତ
ମୂତ୍ରରୋଗଜନିତ ରୋଗ° >୯୩%* ଉପଶମ କରେ




ବୈଦ୍ୟନାଥ ପ୍ରୋସ୍‌ଟେଡ
• ସାଧାରଣ ପ୍ରବାହକୁ ଫେରାଇ ଆଣେ
• ବ୍ଲାଡର ନିୟନ୍ତ୍ରଣରେ ଉନ୍ନତି ଆଣେ
Scan to buy online
www.baidyanath.com
amazon Flipkart TATA 1mg
1800 102 1855 (10 am - 6 pm)
°Urinary problems like Frequent Urination, Burning Sensation of Urine, Painful Micturition & Discomfort in the urinary tract.
*As per Randomized Placebo Control Clinical Study for 90 days on subjects suffering from urinary problems.

# ରାଜ୍ୟପାଳଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ

**ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ନେଇ ବଢ଼ିଲା ଚର୍ଚ୍ଚା**

ଭୁବନେଶ୍ୱର,୨୧।୭(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ରାଜ୍ୟପାଳ ହରିବାବୁ କମ୍ଭମ୍‌ପାଟିଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ରାଜ୍ୟପାଳଙ୍କ ସହ ପ୍ରାୟ ଘଣ୍ଟାଏରୁ ଅଧିକ ସମୟ ଧରି ସେ ଆଲୋଚନା କରିବା ପରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ନେଇ ଚର୍ଚ୍ଚା ଜୋର୍ ଧରିବା ଆରମ୍ଭ ହୋଇଛି। ରାଜ୍ୟରେ ଭାଜପା ଶାସନକୁ ଆସିବା ପରେ ମନ୍ତ୍ରିମଣ୍ଡଳର ୬ଟି ପଦବୀ ଖାଲି ପଡ଼ିଥିଲା। ସରକାର ଗଠନକୁ ବର୍ଷେ ପୂରଣ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଉକ୍ତ ୬ ମନ୍ତ୍ରୀ ପଦ ଖାଲି ରହିଛି। ଅନ୍ୟପଟେ ମନ୍ତ୍ରୀମଣ୍ଡଳରେ କିଛି ପରିବର୍ତ୍ତନ କରାଯାଇପାରେ ବୋଲି ମଧ୍ୟ କିଛିଦିନ ହେଲା ଚର୍ଚ୍ଚା ଜୋର୍ ଧରିଛି। ତେଣୁ ରାଜ୍ୟପାଳଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ଏହି ଭେଟଘାଟ ଉକ୍ତ ଚର୍ଚ୍ଚାକୁ ଆହୁରି ବଢାଇ ଦେଇଛି।

ସୂଚନାଯୋଗ୍ୟ, କିଛିଦିନ ତଳେ ମୁଖ୍ୟମନ୍ତ୍ରୀ ନୂଆଦିଲ୍ଲୀ ଗସ୍ତରେ ଯାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିଥିଲେ। ଏହି ସମୟରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ନେଇ ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନା ହୋଇଥାଇପାରେ ବୋଲି ରାଜନୈତିକ ମହଲରୁ ଶୁଣିବାକୁ ମିଳୁଛି। ସେହିପରି ମନମୋହନ ସାମଲ ଭାଜପା ରାଜ୍ୟ ସଭାପତି ହେବାପରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ନେଇ ତାଙ୍କର ପ୍ରତିକ୍ରିୟା ରଖିଥିଲେ। ପୂର୍ବରୁ ଭାଜପା ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂ ତୋମାର ଦଳର ରାଜ୍ୟ ସଭାପତି ଚୟନ ପରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ କରାଯିବ ବୋଲି କହିଥିଲେ। ତେଣୁ ମନମୋହନ ୪ର୍ଥ ଥର ଲାଗି ସଭାପତି ହେବାପରେ ଲିଙ୍ଗରାଜ ମନ୍ଦିରରୁ ଦର୍ଶନ ସାରି ଫେରିବା ପରେ ଗଣମାଧ୍ୟମ ପ୍ରତିନିଧିମାନେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହେବ ନା ନାହିଁ ବୋଲି ପ୍ରଶ୍ନ କରିଥିଲେ। ସେ ତାଙ୍କ ପ୍ରତିକ୍ରିୟାରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଖୁବଶୀଘ୍ର ହେବ ବୋଲି କହିଥିଲେ।


ରାଜ୍ୟପାଳ ହରିବାବୁ କମ୍ଭମ୍‌ପାଟିଙ୍କୁ ସାକ୍ଷାତ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

# ପ୍ରକାଶ ପାଇଲା ଯୁକ୍ତ୨ ଦ୍ୱିତୀୟ ମେଧା ତାଲିକା

**୨ଲକ୍ଷ ୧୩ହଜାର ୫୪୭ଟି ସିଟ୍ ଖାଲି**

ଭୁବନେଶ୍ୱର,୨୧।୭
(ସୁଚିସ୍ମିତା ସାହୁ)

ଯୁକ୍ତ୨ ନାମଲେଖା ପାଇଁ ପ୍ରଥମ ପର୍ଯ୍ୟାୟ ଦ୍ୱିତୀୟ ଚୟନ ମେଧା ତାଲିକା ସୋମବାର ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରକାଶ ପାଇଛି। ଏହି ପର୍ଯ୍ୟାୟ ନାମଲେଖା ପାଇଁ ୫୨ହଜାର ୯୫୫ ଜଣ ଚୟନ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ପ୍ରଥମ ଚୟନରେ ସ୍ଲାଇଡ୍ ଅପ୍ କରିଥିବା ୨୮ହଜାର ୩୧୩ ଛାତ୍ରୀଛାତ୍ର ରହିଛନ୍ତି। କଳାରେ ସର୍ବାଧିକ ୩୮ହଜାର ୧୬୫ ଛାତ୍ରୀଛାତ୍ର ଚୟନ ହୋଇଥିବା ବେଳେ ବିଜ୍ଞାନରେ ୧୧ ହଜାର ୮୭୬ଜଣ ଚୟନ ହୋଇଛନ୍ତି। ସେହିପରି ବାଣିଜ୍ୟରେ ୨ହଜାର ୪୦୩, ସଂସ୍କୃତରେ ୧୭୧ ଏବଂ ଧନ୍ଦାମୂଳକରେ ୩୩୯ ଛାତ୍ରୀଛାତ୍ର ଚୟନ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ୨୬ ହଜାର ୮୬୧ ଛାତ୍ରୀ ଓ ୨୬ ହଜାର ୯୨ ଜଣ ଛାତ୍ର ଓ ୨ଜଣ ଅନ୍ୟ ଜେଣ୍ଡର ରହିଥିବା ଗଣଶିକ୍ଷା ବିଭାଗ ତଥ୍ୟରୁ ଜଣାଯାଇଛି। ସୂଚନାଯୋଗ୍ୟ, ୫ଲକ୍ଷ ୬୮ହଜାର ୬୧୫ ସିଟ୍‌ରେ ନାମଲେଖାଇବାକୁ ପ୍ରଥମ ପର୍ଯ୍ୟାୟ ପ୍ରଥମ ଚୟନରେ ୩ଲକ୍ଷ ୫୫ହଜାର ୬୮ ଛାତ୍ରୀଛାତ୍ର ନାମଲେଖାଇଛନ୍ତି। ପ୍ରଥମ ଚୟରେ ମୋଟ ୬୨.୪୫% ସିଟ୍ ପୂରଣ ହୋଇଥିବାବେଳେ ୨ଲକ୍ଷ ୧୩ହଜାର ୫୪୭ଟି ସିଟ୍ ଫାଙ୍କା ପଡିଛି।

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
"ନୈନଂ ଛିନ୍ଦନ୍ତି ସସ୍ତ୍ରାଣୀ ନୈନଂ ଦହତି ପାବକଃ
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ"



ଆବିର୍ଭାବ
୧୯୩୦
ତିରୋଧାନ
୧୨.୦୭.୨୦୨୫

ଁ ସୀତା ଆପଟ
ଗୁଆଲି, ବଡ଼ବିଲ, କେନ୍ଦୁଝର
ଆପଣଙ୍କ ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା ଆମ୍ଭମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇରହିବ। ଶ୍ରୀଜଗନ୍ନାଥଙ୍କ କୃପାରୁ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ।
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସହ
ହତଭାଗ୍ୟ ପୁତ୍ର/ପୁତ୍ରବଧୂ:ଭୀମସେନ, ରଙ୍ଗ, ନବ, ରସାନନ୍ଦିନୀ, କୁଶ, ଆଦ୍ରମଣୀ,
ଝିଅ/ଜ୍ୱାଇଁ: ରାଧା, ଦୁଃଖୀ, ସୁରେନ୍ଦ୍ର
ନାତିନାତୁଣୀ:ମିଟୁ, ଜିତୁ, ଗୁରୁ, ବ୍ରହ୍ମା, ଅମିତ, ସ୍ୱପ୍ନା, ମୀନାକ୍ଷୀ ଏବଂ ଆପଟ ପରିବାରବର୍ଗ।

# ପ୍ଲାଷ୍ଟିକ ବୋତଲରେ ମିଳିବନି ପେଟ୍ରୋଲ, ଡିଜେଲ

- ବିନା ଲାଇସେନ୍ସରେ ଖୋଲାରେ ବିକିଲେ ଚଢ଼ଉ
- କାଚ, ଆଲୁମିନିୟମ କିମ୍ବା ଷ୍ଟିଲ୍ ଜାର୍‌ରେ ମିଳିବ
- ପେଟ୍ରୋଲିୟମ ରୁଲ୍ ଅନୁପାଳନ ଉପରେ ଗୁରୁତ୍ୱ ବଢ଼ିବ

ଭୁବନେଶ୍ୱର,୨୧।୭(ସୁନିତ୍ ମିଶ୍ର)

କୌଣସି ପେଟ୍ରୋଲ ପମ୍ପ ପକ୍ଷରୁ ଏଣିକି ପ୍ଲାଷ୍ଟିକ ବୋତଲରେ ପେଟ୍ରୋଲ କିମ୍ବା ଡିଜେଲ ଦିଆଯିବ ନାହିଁ। ପେଟ୍ରୋଲିୟମ ଆଇନ ଅନୁଯାୟୀ କୌଣସି ତେଲଟାଙ୍କି ପ୍ଲାଷ୍ଟିକ ବୋତଲରେ ତେଲ ବିକିବାର ପ୍ରାବଧାନ ମଧ୍ୟ ନାହିଁ। ଏହି ନିୟମକୁ ଅଧିକ କଡ଼ାକଡ଼ି କରାଯିବ। ହେଲେ ଗ୍ରାହକଙ୍କ ସମସ୍ୟାକୁ ଦେଖି ଏହି ନିୟମକୁ କଡ଼ାକଡ଼ି ଭାବେ ଲାଗୁ କରାଯାଉ ନ ଥିଲା। ହେଲେ ଏଣିକି ଏହା ଉପରେ ରୋକ ଲାଗିବ। ପେଟ୍ରୋଲିୟମ ଆଇନ ଅନୁଯାୟୀ ଗ୍ରାହକମାନେ ଚାହିଁଲେ କାଚ ବୋତଲରେ ପେଟ୍ରୋଲ ନେଇପାରିବେ। ଯେଉଁମାନେ ୨୦ରୁ ୨୫ ଲିଟର ପର୍ଯ୍ୟନ୍ତ ପେଟ୍ରୋଲ କିମ୍ବା ଡିଜେଲ ନେବାକୁ ଚାହୁଁଛନ୍ତି ସେମାନେ ଆଲୁମିନିୟମ କିମ୍ବା ଷ୍ଟିଲ୍ ପାତ୍ର ଯେଉଁଥିରେ ମୁହଁ ବନ୍ଦ କରିବାର ଠିକ୍ ବ୍ୟବସ୍ଥା ରହିଥିବ ସେଥିରେ ନେଇପାରିବେ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଯେଉଁମାନେ ରାସ୍ତାକଡ଼ରେ ଖୋଲାରେ ବିନା ଲାଇସେନ୍ସରେ ପେଟ୍ରୋଲ ଓ ଡିଜେଲ ବିକ୍ରି କରୁଛନ୍ତି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ରାସ୍ତାକଡ଼ରେ ଆଉ ଯେପରି ପେଟ୍ରୋଲ କିମ୍ବା ଡିଜେଲ ବିକ୍ରି ନ ହେବ ସେଥିପ୍ରତି ଚଢ଼ାଉ କରାଯିବ ବୋଲି ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି।

ଯୋଗାଣ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ସୋମବାର ରାଜ୍ୟର ୩ ପ୍ରମୁଖ ତୈଳ କମ୍ପାନୀର ଅଧିକାରୀ ଏବଂ ଡିଲର ସଂଘର ସଦସ୍ୟମାନେ ଉପସ୍ଥିତ ରହି ଏହା ଉପରେ ଆଲୋଚନା ହୋଇଛି। ଏହି ଅବସରରେ ତୈଳ କମ୍ପାନୀ ଏବଂ ଡିଲର ସଂଘ ପକ୍ଷରୁ ମନ୍ତ୍ରୀଙ୍କୁ ପେଟ୍ରୋଲିୟମ ଆଇନ ଯାହା ରହିଛି ସେନେଇ ବୁଝାଇଥିଲେ। ମନ୍ତ୍ରୀ ମଧ୍ୟ ସମସ୍ତ କଥା ଜାଣିବା ପରେ କେନ୍ଦ୍ର ସରକାରଙ୍କ ଅଧୀନ ତୈଳ ମନ୍ତ୍ରଣାଳୟର ନିୟମ ଜାଣିବା ପରେ ଏହାକୁ ପରିବର୍ତ୍ତନ କରି ପେଟ୍ରୋଲ ପମ୍ପଗୁଡିକରୁ ସମ୍ପୂର୍ଣ୍ଣ ଖୋଲାରେ ତେଲ ବିକ୍ରି ବନ୍ଦ କରାଯାଇପାରିବ ନାହିଁ ବୋଲି ବୁଝିଛନ୍ତି। କାରଣ ଚାଷୀମାନେ ସେମାନଙ୍କ ଜେନେରେଟର ଚଳାଇବା ଏବଂ ଅନ୍ୟ ଯନ୍ତ୍ରପାତିର ବ୍ୟବହାର ଯେପରିକି ବିଭିନ୍ନ ଅଫିସ୍‌ରେ ଚାଲୁଥିବା ଜେନେରେଟରର ବ୍ୟବହାର ଲାଗି ପେଟ୍ରୋଲ ପମ୍ପରୁ ଖୋଲାରେ ତେଲ ନେବା ଏକ ଜରୁରୀ କାର୍ଯ୍ୟ। ତେଣୁ ପେଟ୍ରୋଲିୟମ ରୁଲ୍ ଅନୁଯାୟୀ ଏଣିକି ପେଟ୍ରୋଲ ପମ୍ପଗୁଡିକ କାଚ ବୋତଲରେ ନ ହେଲେ ଆଲୁମିନିୟମ ଏବଂ ଷ୍ଟିଲ ବୋତଲରେ ତେଲ ବିକ୍ରି କରିବେ ବୋଲି ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି। ମନ୍ତ୍ରୀ ଆହୁରି କହିଛନ୍ତି, ଯେଉଁମାନେ ଆଇନ ବିରୋଧରେ ଯାଇ କାର୍ଯ୍ୟ କରିବେ ଏହା ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏନେଇ ସମସ୍ତ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବାହାରେ ବିନା ଲାଇସେନ୍ସରେ ପେଟ୍ରୋଲ ବିକ୍ରି କରିଲେ ସିଜ୍ କରିବା ଲାଗି ଅଧିକାରୀମାନଙ୍କୁ କୁହାଯାଇଛି। ଉତ୍କଳ ପେଟ୍ରୋଲିୟମ ଡିଲର ଆସୋସିଏଶନ ସାଧାରଣ ସମ୍ପାଦକ ସଞ୍ଜୟ ଲାଠ କହିଛନ୍ତି, ନିୟମ କିଛି ବଦଳାଯାଇ ନାହିଁ। ଯାହା ନିୟମ ରହିଛି ତାକୁ କିପରି କଡ଼ାକଡ଼ି କରାଯିବ ସେନେଇ ଆଲୋଚନାରେ ନିଷ୍ପତ୍ତି ହୋଇଛି। ପ୍ଲାଷ୍ଟିକରେ ଇଲେକ୍ଟ୍ରିସିଟି ଫର୍ମେଶନ ହେବାର ଅଧିକ ସମ୍ଭାବନା ରହିଛି, ସେଥିଲାଗି ପେଟ୍ରୋଲିୟମ ଜିନିଷ ସେଥିରେ ବ୍ୟବହାର କରାଯିବା ନେଇ ବାରଣ ହୋଇଥାଏ। କେଉଁଠାରେ କିଛି ଅସୁବିଧା ହୋଇନାହିଁ ବୋଲି ଲୋକମାନେ ଏହା ଉପରେ ଗୁରୁତ୍ୱ ଦେଉନାହାନ୍ତି ମାତ୍ର ଏଥିରେ ସମ୍ଭାବନା ଅଧିକ ଥାଏ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶି ପେଟ୍ରୋଲ ଢାଳିହୋଇ ନିଜ ଦେହରେ ନିଆଁ ଲଗାଇ ଆତ୍ମହତ୍ୟା କରିବା ପରେ ଏନେଇ ଯାଞ୍ଚ ଆରମ୍ଭ ହୋଇଛି। ପ୍ରଥମେ ସେ କେଉଁଠାରୁ ପେଟ୍ରୋଲ ଆଣିଥିଲେ ନା ତାଙ୍କୁ କିଏ ଦେଇଥିଲା ତାକୁ ନେଇ ବହୁ ଚର୍ଚ୍ଚା ଚାଲିଲା। ପରବର୍ତ୍ତୀ ସମୟରେ ସେ ଏକ ପମ୍ପରୁ ପେଟ୍ରୋଲ ଆଣିଥିବା ଜଣାପଡିବା ପରେ ଏହି ନିୟମକୁ କଡ଼ାକଡ଼ି କରାଯାଇଛି।

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ସାହିତ୍ୟ ଅକାଦେମି ଏବଂ ଓଡ଼ିଶା ସାହିତ୍ୟ ଏକାଡ଼େମି ପକ୍ଷରୁ ପୂର୍ବାଞ୍ଚଳୀୟ ଲେଖକ ସମ୍ମିଳନୀ, ସ୍ଥାନ: ସମ୍ମିଳନୀ କକ୍ଷ, ସଂସ୍କୃତି ଭବନ(ଭଞ୍ଜକଳା ମଣ୍ଡପ ପଛପଟ), ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜାତୀୟ ଅଭିଲେଖାଗାର ପକ୍ଷରୁ ଷୋଡ଼ଶ ମାସିକ ଆଲୋଚନାଚକ୍ର, ସ୍ଥାନ: କନ୍‌ଫରେନ୍ସ ହଲ୍, ସମୟ: ଅପରାହ୍ନ ୫ଟା

## ବାଲେଶ୍ୱର
- ସୌମ୍ୟାଶ୍ରୀଙ୍କ ଉଦ୍ଦେଶ୍ୟରେ ରାଜ୍ୟସ୍ତରୀୟ ସ୍ମୃତିଚାରଣ ସଭା,ସ୍ଥାନ: ବାଇତପୁର ଗଣ୍ଡ ଯାତ୍ରା ପଡ଼ିଆ, ଭୋଗରାଇ,
- ସମୟ: ପୂର୍ବାହ୍ନ ୧୦ଟା।

## ଭଦ୍ରକ
- ସ୍ମୃତିସଭା ଓ ସ୍ମରଣିକା ଉନ୍ମୋଚନ, ସ୍ଥାନ: ଭଗବାନପୁର, ଧାମନଗର, ସମୟ: ପୂର୍ବାହ୍ନ ୧୦ଟା।
- ରମା ଦେବୀଙ୍କ ଶ୍ରାଦ୍ଧୋତ୍ସବ, ସ୍ଥାନ: ଭଦ୍ରକ ମହିଳା ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ମୟୂରଭଞ୍ଜ
- ରକ୍ତଦାନ ଶିବିର, ସ୍ଥାନ: ପିଆର୍‌ଏମ୍ ମେଡିକାଲ କଲେଜ, ରଙ୍ଗାମାଟିଆ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ସମନ୍ୱୟ କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ବାରିପଦା, ସମୟ: ଅପରାହ୍ନ ୪ଟା।

## ବ୍ରହ୍ମପୁର
- ବିଇଏମ୍‌ସି କର୍ପୋରେଶନ ବୈଠକ, ସ୍ଥାନ: ବିଇଏମସି ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦ୍ରାପଡ଼ା
- ରାଜ୍ୟସ୍ତରୀୟ ସାହାଣୀ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ, ସ୍ଥାନ: ମିନି ଷ୍ଟାଡିୟମ, ରାଜକନିକା, ସମୟ: ସକାଳ ୮ଟା।
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ସାନମଙ୍ଗ, ଆଳି, ସମୟ: ପୂର୍ବାହ୍ନ ୧୦ଟା।
- ମା' ମଙ୍ଗଳା କମିଟି ପକ୍ଷରୁ ନାମଯଜ୍ଞ, ସ୍ଥାନ: କଳାବୁଦା, ଗରଦପୁର, ସମୟ: ସନ୍ଧ୍ୟା ୬ଟା।

## ନୟାଗଡ଼
- ଅଙ୍ଗଦାନ କରିଥିବା ଯୁବକଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ସମାରୋହ, ସ୍ଥାନ: କଣ୍ଟିଲୋ ପଞ୍ଚାୟତ କଲ୍ୟାଣ ମଣ୍ଡପ, ସମୟ: ଅପରାହ୍ନ ୫ଟା।

## ରାୟଗଡ଼ା
- ବିଶ୍ୱ ଆଦିବାସୀ ଦିବସ ପାଳନ ନେଇ ପ୍ରସ୍ତୁତି ବୈଠକ, ସ୍ଥାନ: ସୌଣ୍ଡିକ ଭବନ, ମୁନିଗୁଡା, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ
- ଜିଲା ପରିଷଦର ବିଭିନ୍ନ ଯୋଜନା ଉପରେ ସମୀକ୍ଷା, ସ୍ଥାନ:ସଦ୍‌ଭାବନା ସଭାଗୃହ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା।
- ଶିଶୁ ଅଧିକାର ସମ୍ପର୍କିତ ବୈଠକ, ସ୍ଥାନ: ଦକ୍ଷତା ବିକାଶ ତାଲିମ କେନ୍ଦ୍ର ସଭାଗୃହ, କୋରାପୁଟ,
- ସମୟ: ପୂର୍ବାହ୍ନ ୧୧ଟା ୩୦।

## ସମ୍ବଲପୁର
- ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ହୀରାକୁଦ କଲୋନୀ ସ୍ଥିତ ଯୋଗ କେନ୍ଦ୍ର, ସମୟ : ସକାଳ ୬ଟା।
- ଯୋଗ ପରିବାର ଆୟୋଜନରେ ଯୋଗ ଶିବର, ସ୍ଥାନ: ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ ସକାଳ ୬ଟା।
- ରାଧା ଶ୍ରୀନିବାସ ସେବା ଟ୍ରଷ୍ଟ ଆୟୋଜନରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ସ୍ଥାନ: ହାଉସିଂ ବୋର୍ଡ କଲୋନୀସ୍ଥିତ ଆରୋଗ୍ୟ ନିକେତନ, ସମୟ : ସକାଳ ୮ଟା।

## ବଲାଙ୍ଗୀର
- ଉପମୁଖ୍ୟମନ୍ତ୍ରୀଙ୍କ ପୋଷଣ କିଟ୍ ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ଖପ୍ରାଖୋଲ ପଞ୍ଚାୟତ ସମିତି ସଭାଗୃହ, ସମୟ: ମଧ୍ୟାହ୍ନ ୧୨ଟା।

## ବରଗଡ଼
- ସଂଯୁକ୍ତ କୃଷକ ସଂଗଠନର ଦାବିପତ୍ର ପ୍ରଦାନ, ସ୍ଥାନ: ତହସିଲ କାର୍ଯ୍ୟାଳୟ, ବରଗଡ଼,ସମୟ: ପୂର୍ବାହ୍ନ ୧୧ଟା।

## କଳାହାଣ୍ଡି
- ପିସିସି ସଭାପତିଙ୍କ ବିରୋଧରେ ଭାଜପାର ବିକ୍ଷୋଭ, ସ୍ଥାନ: ଭବାନୀପାଟଣା ଗାନ୍ଧୀ ଛକ, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରଧାନଶିକ୍ଷକ ସମ୍ମିଳନୀ, ସ୍ଥାନ: ଭବାନୀପାଟଣା ଟାଉନ ହଲ, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ
- ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହ, ବୌଦ୍ଧ, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ଆନ୍ତଃ ଜିଲା ସାହାଣୀ କପ୍ ଫୁଟବଲର ଷଷ୍ଠ ଦିବସ, ସ୍ଥାନ: ଜିଲା ଷ୍ଟାଡିୟମ ବୌଦ୍ଧ, ସମୟ: ଅପରାହ୍ନ ୧ଟା ୩୦।

## ଦେବଗଡ଼
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ପଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ସୁବର୍ଣ୍ଣପୁରର ମା' ସୁରେଶ୍ୱରୀ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ସନ୍ଧ୍ୟା ଆଳତି, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା ୩୦।
- ତରଭା ମା' ପାଟ ମାହେଶ୍ୱରୀ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା ଓ ମଙ୍ଗଳ ଆଳତୀ, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା ୪୫।

## ନୂଆପଡ଼ା
- ମୁଖ୍ୟମନ୍ତ୍ରୀ ବାୟୁସେବା ଯୋଜନାରେ ଉତ୍ତମ ସ୍ୱାସ୍ଥ୍ୟସେବା କାର୍ଯ୍ୟକ୍ରମ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା।

# ଆୟୁଷ ଇଣ୍ଟର୍ନଶିପ୍ ଭତ୍ତା ବୃଦ୍ଧି ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବି

ଭୁବନେଶ୍ୱର,୨୧।୭(ବନ୍ଦନା ସେଠୀ)

ରାଜ୍ୟ ସରକାରଙ୍କ ଅଧୀନରେ ଥିବା ୭ଟି ସରକାରୀ ଆୟୁଷ ମହାବିଦ୍ୟାଳୟ ଓ ହସ୍ପିଟାଲରେ କାର୍ଯ୍ୟ କରୁଥିବା ହାଉସ ସର୍ଜନଙ୍କ ଭତ୍ତା ବୃଦ୍ଧି ପାଇଁ ରାଜ୍ୟ ସରକାର ପାଖରେ ବହୁଦିନରୁ ଦାବି ହୋଇଆସୁଛି। ରାଜ୍ୟ ସରକାର ଏମ୍‌ବିବିଏସ୍ ଓ ବିଡିଏସ୍ ଛାତ୍ରୀଛାତ୍ରଙ୍କ ଭତ୍ତାକୁ ୪୨ ହଜାର ଟଙ୍କାକୁ ବୃଦ୍ଧି କରିଥିବାବେଳେ ଆୟୁଷ ହାଉସ ସର୍ଜନଙ୍କ କ୍ଷେତ୍ରରେ ସମ୍ପୂର୍ଣ୍ଣ ଚୁପ୍ ରହିଛନ୍ତି। ଏଭଳି ମନୋଭାବ ସହିତ ହାଉସ ସର୍ଜନଙ୍କୁ ଉପେକ୍ଷା କରାଯାଉଥିବା ଅଭିଯୋଗ ହୋଇଛି। ଏହିକ୍ରମରେ ଓଡ଼ିଶା ଆୟୁଷ ବିକାଶ ପରିଷଦ ପକ୍ଷରୁ ଡା. ତ୍ରୈଲୋକ୍ୟନାଥ ମହାରଣା ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହଲିଙ୍ଗ, ସ୍ୱାସ୍ଥ୍ୟ ସଚିବ, କେନ୍ଦ୍ର ସରକାରଙ୍କ ଆୟୁଷ ବିଭାଗ ମନ୍ତ୍ରୀ, ସଚିବ ଓ ରାଜ୍ୟ ସରକାରଙ୍କ ଆୟୁଷ ନିର୍ଦ୍ଦେଶକଙ୍କୁ ମେଲ୍ ମାଧ୍ୟମରେ ଦାବିପତ୍ର ପ୍ରଦାନ କରିଛନ୍ତି। ପୂର୍ବରୁ ଅଲ୍ ଓଡ଼ିଶା ଆୟୁଷ ଷ୍ଟୁଡେଣ୍ଟ ଆସୋସିଏଶନ ପକ୍ଷରୁ ଆୟୁଷ ହାଉସ ସର୍ଜନଙ୍କ ୧୭ହଜାର ଟଙ୍କା ଭତ୍ତାକୁ ଆୟୁଷ ମେଡ଼ିକାଲ ଅଫିସରଙ୍କ ମାସିକ ବେତନର ୫୦% ହାରରେ ବୃଦ୍ଧି କରି ଡାଇନାମିକ ଷ୍ଟାଇପେଣ୍ଡ୍ ଦେବାକୁ ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ, ସଚିବ ଓ ଆୟୁଷ ନିର୍ଦ୍ଦେଶକଙ୍କ ସହିତ ଆଲୋଚନା କରାଯାଇଥିଲା। ଏନେଇ ଆୟୁଷ ନିର୍ଦ୍ଦେଶକ ରାଜ୍ୟର ୭ଟି ସରକାରୀ ଆୟୁଷ କଲେଜ ଅଧ୍ୟକ୍ଷଙ୍କୁ ୨୦୨୪ ନଭେମ୍ବର ୧୮ରେ ପତ୍ର ସଂଖ୍ୟା – ୭୬୯୯ ଲେଖି ଆୟୁଷ ଇଣ୍ଟର୍ନଶିପ୍ ଭତ୍ତା ବୃଦ୍ଧି ପାଇଁ ମତାମତ ଲୋଡିଥିଲେ। ଶେଷରେ ଆୟୁଷ ନିର୍ଦ୍ଦେଶକ ରାଜ୍ୟ ଆୟୁଷ ଛାତ୍ର ସଂସଦ ପ୍ରତିନିଧିଙ୍କ ସହିତ ଆଲୋଚନା କରି ଅତିଶୀଘ୍ର ବର୍ଦ୍ଧିତ ହାରରେ ଆୟୁଷ ହାଉସ ସର୍ଜନ ଛାତ୍ରୀଛାତ୍ରଙ୍କୁ ଡାଇନାମିକ୍ ଷ୍ଟାଇପେଣ୍ଡ ଦେବା ପାଇଁ ଫାଇଲ ସରକାରଙ୍କୁ ପଠାଇବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏପରିକି ଏହା ଅତିଶୀଘ୍ର କାର୍ଯ୍ୟକାରୀ ହେଉଥିବା ନେଇ ବିଭିନ୍ନ ଆୟୁଷ ମହାବିଦ୍ୟାଳୟରେ ଯୋଗଦେଇ ସ୍ୱାସ୍ଥ୍ୟମନ୍ତ୍ରୀ ସୂଚନା ଦେଇଥିଲେ। ଇତି ମଧ୍ୟରେ ୩ମାସ ବିତିଯାଇଥିଲେ ମଧ୍ୟ ଭତ୍ତା ବୃଦ୍ଧି କ୍ଷେତ୍ରରେ କୌଣସି ପ୍ରକାର ପଦକ୍ଷେପ ନେଇ ନ ଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଶାଗ ଭିତରେ ମଦରଙ୍ଗା**
**ନଈ ଭିତରେ ଗଙ୍ଗା**
**ପର୍ବତ ଭିତରେ ହିମାଳୟ**
**ଲୟ ଭିତରେ ଜୟ।**

ଶାଗ ଭିତରେ ମଦରଙ୍ଗା ଶାଗ ଶ୍ରେଷ୍ଠ ହୋଇଥିବା ବେଳେ ନଈ ଭିତରେ ଗଙ୍ଗା ଓ ପର୍ବତ ଭିତରେ ହିମାଳୟ ନିଜ ନିଜର ଶୀର୍ଷତ୍ୱ ପ୍ରତିପାଦନ କରିଥାନ୍ତି। ସେହିପରି ଏକାନ୍ତ ଚିତ୍ତରେ କୌଣସି କାର୍ଯ୍ୟ କଲେ ସେଥିରେ ସଫଳତା ମିଳିଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଷୋଳ ଚାଷେ ମୂଳା,**
**ତା'ର ଅର୍ଦ୍ଧେକ ତୁଳା,**
**ତା'ର ଅର୍ଦ୍ଧେକ ଧାନ,**
**ବିନା ଚାଷେ ପାନ।**

ଚାଷ ପାଇଁ ପରିଶ୍ରମ ଲୋଡ଼ା। ଏଠାରେ ମୂଳା, ତୁଳା, ଧାନ ଓ ପାନ ଚାଷର ବିଧି ବର୍ଣ୍ଣନା କରାଯିବା ସହ ପାନ ଏକ ଲାଭଜନକ ବ୍ୟବସାୟ ହୋଇଥାଏ ବୋଲି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ–ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରାଃଲିଃ



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ନାରୀ ନିର୍ଯାତନା ପ୍ରସଙ୍ଗରେ ସାଲିସ୍‌ର ପ୍ରଶ୍ନ ଉଠୁନାହିଁ: ଭକ୍ତ

- ବାଲେଶ୍ୱର ଦିବଂଗତ ଛାତ୍ରୀଙ୍କୁ ନ୍ୟାୟ ପାଇଁ ଆନ୍ଦୋଳନ ଜାରି ରହିବ
- ନିମାପଡ଼ା ପ୍ରସଙ୍ଗରେ ପୋଲିସ ହାତ ଖାଲି

ଭୁବନେଶ୍ୱର,୨୧।୭(ରବିନାରାୟଣ ଜେନା)



ଖବରଦାତା ସମ୍ମିଳନୀରେ ପିସିସି ସଭାପତି ଭକ୍ତ ଦାସ ଓ ଦଳୀୟ ନେତୃବୃନ୍ଦ।

ନାରୀ ନିର୍ଯାତନା ପ୍ରସଙ୍ଗରେ କୌଣସି ପରିସ୍ଥିତିରେ ବି ସାଲିସ୍‌ର ପ୍ରଶ୍ନ ଉଠୁନାହିଁ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। ସୋମବାର କଂଗ୍ରେସ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଭକ୍ତ କହିଛନ୍ତି, ବାଲେଶ୍ୱର ଫକୀର ମୋହନ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମହତ୍ୟା ଏବଂ ବଳଙ୍ଗାରେ ଜଣେ ଝିଅକୁ ନିଆଁ ଲଗାଇ ପୋଡ଼ିବା ଘଟଣା ରାଜ୍ୟ ସରକାରଙ୍କ ନିଷ୍କ୍ରିୟତାକୁ ସ୍ପଷ୍ଟ କରୁଛି। ଏପର୍ଯ୍ୟନ୍ତ ପୋଲିସ ସୌମ୍ୟାଶ୍ରୀଙ୍କ ଘଟଣାର ନିର୍ଯାସରେ ପହଞ୍ଚିପାରି ନ ଥିବାବେଳେ ବଳଙ୍ଗା ଘଟଣାରେ ଅପରାଧୀ ଖୋଲାରେ ବୁଲୁଛନ୍ତି। ସରକାରଙ୍କ ନିଷ୍କ୍ରିୟତାରୁ ଅପରାଧୀମାନେ ବଳ ପାଉଛନ୍ତି।

ଏହି ପରିପ୍ରେକ୍ଷୀରେ ଚଳିତ ମାସ ୨୪ରେ ସୌମ୍ୟାଶ୍ରୀଙ୍କ ଏକାଦଶାହକୁ ସମସ୍ତ ଓଡ଼ିଶାବାସୀ ଶ୍ରଦ୍ଧାଞ୍ଜଳି ଦିବସ ରୂପେ ପାଳନ କରିବା ଲାଗି ଭକ୍ତ ନିବେଦନ କରିଛନ୍ତି। ଏହାସହ ନିମାପଡ଼ା ପୋଡ଼ି ଘଟଣାରେ ଚିକିତ୍ସିତ ହେଉଥିବା ଛାତ୍ରୀଙ୍କ ଆଶୁଆରୋଗ୍ୟ କାମନା କରିଛନ୍ତି। ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟ, କଲେଜରେ ୧ ମିନିଟ୍ ନୀରବ ପ୍ରାର୍ଥନା ସହ ଗୋଟିଏ ଦିନ ଶିକ୍ଷାନୁଷ୍ଠାନ ବନ୍ଦ କରିବାକୁ ସେ ଅନୁରୋଧ କରିଛନ୍ତି।

ସେ ପୁଣି କହିଛନ୍ତି, ରାଜ୍ୟରେ ନାରୀ ନିର୍ଯାତନା ବନ୍ଦ ନ ହେବା ଯାଏ ଆମ ସଂଗ୍ରାମ ଜାରି ରହିବ। ବାଲେଶ୍ୱର ପୀଡ଼ିତା ମୁଖ୍ୟମନ୍ତ୍ରୀ, ରାଜ୍ୟ ଶିକ୍ଷାମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ, ସାଂସଦ, ବିଧାୟକ, ଜିଲା ଆରକ୍ଷୀ ଅଧୀକ୍ଷକ ସମସ୍ତଙ୍କୁ ନିବେଦନ କରିବା ସତ୍ତ୍ୱେ ସାହାଯ୍ୟ ତ ଦୂରେ ଥାଉ, କେହିବି କର୍ଣ୍ଣପାତ କରି ନ ଥିଲେ। ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଜବାବ ଦେବାକୁ ପଡ଼ିବ। ଏହି ଘଟଣାକୁ ନେଇ କଂଗ୍ରେସ ଜୁଡିସିଆଲ କମିଟି ଦ୍ୱାରା ଅନୁସନ୍ଧାନ କରିବାକୁ ଦାବି କରିଥିଲା, କିନ୍ତୁ ସରକାର କ୍ରାଇମବ୍ରାଞ୍ଚ ତଦନ୍ତ କରୁଛନ୍ତି। ଏହି ତଦନ୍ତର ମୁଖିଆ ଭାବେ ଏଭଳି ଜଣେ ଅଫିସରଙ୍କୁ ରଖାଯାଇଛି, ଯାହାଙ୍କ ବିରୁଦ୍ଧରେ ନିର୍ଯାତନାର ବିରାଟ ଇତିହାସ ରହିଛି।

ଏହି ଅବସରରେ ଭକ୍ତ ସାମ୍ବାଦିକଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତରରେ କହିଥିଲେ, ନାରୀ ସମ୍ମାନ ହେଉଛି ସାମାଜିକ ନ୍ୟାୟ ଏବଂ ଆମର ଲଢ଼େଇ ନାରୀ ନ୍ୟାୟ ପାଇଁ। ସରକାର ଆଜିପର୍ଯ୍ୟନ୍ତ ରାଜ୍ୟ ମହିଳା କମିଶନ ନିଯୁକ୍ତ କରିପାରିନାହାନ୍ତି। ଯଦି ନିଜ ଦଳର ଏବିଭିପି ଛାତ୍ରୀଙ୍କୁ ନ୍ୟାୟ ଦେବାରେ ସରକାରଙ୍କ ପକ୍ଷେ ସମ୍ଭବ ହେଲାନାହିଁ ତେବେ ଏ ସରକାର କ୍ଷମତାରେ ରହିବା କୌଣସି ଅଧିକାର ନାହିଁ ବୋଲି ସେ କହିଥିଲେ। ଏବିଭିପି ନିଜ ଛାତ୍ରୀନେତ୍ରୀଙ୍କୁ ମଧ୍ୟ ସୁରକ୍ଷା ଦେଇପାରିଲା ନାହିଁ। କିନ୍ତୁ ରାଜ୍ୟ କଂଗ୍ରେସ ଛାତ୍ର ସଭାପତି ଗିରଫ ହେବାର କେଇଘଣ୍ଟା ଭିତରେ ତାଙ୍କୁ ଦଳରୁ ନିଲମ୍ବନ କରାଗଲା। ନାରୀ ପ୍ରତି ଅନ୍ୟାୟ କ୍ଷେତ୍ରରେ କୌଣସି ପ୍ରକାର ସାଲିସ୍ କରାଯିବ ନାହିଁ ବୋଲି ଭକ୍ତ କହିଛନ୍ତି। ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ପିସିସି ଉପସଭାପତି ତଥା ବିଧାୟକ ତାରାପ୍ରସାଦ ବାହିନୀପତି, ରମେଶ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

ପ୍ରଥମ ପୃଷ୍ଠାରୁ...

## ନାବାଳିକା ହକି...

ସେ ୩।୭।୨୦୨୫ ସନ୍ଧ୍ୟା ସମୟରେ ଘରକୁ ଫେରୁଥିବା ବେଳେ ହକି କୋଚ୍ ସାର୍ଥକ ଓ ସନ୍ଦୀପ ସ୍ୱାଇଁ ତାଙ୍କୁ ଫୋନ କରି ଏକ ଉପହାର ଅଛି ଆସି ନେଇଯିବାକୁ କହିଥିଲେ। କିନ୍ତୁ ବିଳମ୍ବ ହୋଇ ଯାଇଥିବାରୁ ନାବାଳିକା ଆଉ ଉପହାର ନେବାକୁ ଯାଇ ନ ଥିଲେ। ହେଲେ ଯାଜପୁର ଗାନ୍ଧୀ ଛକ ନିକଟରେ ନାବାଳିକା ଅନ୍ୟ ସାଙ୍ଗମାନଙ୍କ ସହ ଠିଆ ହୋଇ କଥା ହେଉଥିଲେ। ଏହାକୁ କୋଚ୍ ସାର୍ଥକ ଓ ସନ୍ଦୀପ ନିରୀକ୍ଷଣ କରିଥିଲେ। ସେଠାରୁ ନାବାଳିକା ଘରକୁ ଯିବା ବାଟରେ ତାଙ୍କୁ ସାର୍ଥକ, ସନ୍ଦୀପ ଓ ସେମାନଙ୍କ ସହଯୋଗୀ ସାଗର ଅଟକାଇ ଜବରଦସ୍ତ ବାଇକରେ ବସାଇ ସହରର ଜ୍ୟୋତି ହୋଟେଲକୁ ନେଇ ଯାଇଥିଲେ। ସେଠାରେ ୩ ଜଣ ନାବାଳିକାଙ୍କୁ ଗଣବଳାତ୍କାର କରିଥିଲେ। ଏହାପରେ ନାବାଳିକା କାନ୍ଦି କାନ୍ଦି ଲଜ୍‌ର କବାଟ ବାଡ଼େଇ ଥିଲେ। ଏହା ଶୁଣି ଲଜ୍‌ର ଜଣେ କର୍ମଚାରୀ ରୁମ୍ ଭିତରପଟୁ କବାଟ ଖୋଲିବାକୁ କହିଥିଲେ। ନାବାଳିକାଙ୍କ ହାତ ନ ପାଇବାରୁ ସାଗର କବାଟ ଖୋଲିଥିଲେ। ଏହାପରେ ଯେଉଁଠୁ ଉଠେଇଥିଲ ସେଠାରେ ଛାଡି ଦେବାକୁ ନାବାଳିକା ଅନୁରୋଧ କରିବାରୁ ଦୁଇ ଜଣ ନେଇ ତାଙ୍କୁ ଛାଡ଼ିଥିଲେ। ଏହି ଘଟଣା ସମ୍ପର୍କରେ କାହାରିକୁ କହିଲେ ଜୀବନରୁ ମାରିଦେବୁ ବୋଲି ଅଭିଯୁକ୍ତମାନେ ନାବାଳିକାଙ୍କୁ ଧମକ ଦେଇଥିଲେ। ଏନେଇ ନାବାଳିକା ସମସ୍ତ ବିଷୟ ତାଙ୍କ ମା'ଙ୍କୁ କହିଥିଲେ। ଘଟଣାର ପ୍ରାୟ ୧୭ ଦିନ ଅତିକ୍ରାନ୍ତ ହେବା ପରେ ନାବାଳିକା ଜଣକ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଯାଜପୁର ଟାଉନ ଥାନାଧିକାରୀ ଶରତ ଚନ୍ଦ୍ର ପାତ୍ରଙ୍କୁ ପଚାରିବାରୁ ସେ କହିଛନ୍ତି, ଅଭିଯୋଗ ଅନୁସାରେ ତଦନ୍ତ ଚାଲିଛି। ଏଯାଏ କାହାରିକୁ ଗିରଫ କରାଯାଇନାହିଁ। ଖୁବ୍‌ଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ। ଅନ୍ୟପକ୍ଷରେ ପୋଲିସ ପୀଡ଼ିତାଙ୍କୁ ଡାକ୍ତରୀ ମାଇନା କରିବା ନିମନ୍ତେ ଯାଜପୁର ମେଡିକାଲକୁ ପଠାଇବା ସହ ବିଚାରପତିଙ୍କ ନିକଟରେ ନାବାଳିକାକୁ ହାଜର କରାଯାଇ ତାଙ୍କ ବୟାନ ରେକର୍ଡ଼ କରାଯାଇଛି।

## ଇଡି ସବୁ ସୀମା...

ସେମାନଙ୍କ ବିରୋଧରେ ନୋଟିସ କିପରି ଜାରି କରାଯାଇପାରିବ? ଏଥିପାଇଁ କେତେକ ଗାଇଡ୍‌ଲାଇନ୍ ରହିବା ଉଚିତ। ଇଡି ସବୁ ସୀମା ଲଙ୍ଘୁଛି। ବରିଷ୍ଠ ଆଇନଜୀବୀ ଦତାରଙ୍କ ଭଳି ଲିଗାଲ ପ୍ରଫେଶନାଲଙ୍କୁ ଇଡି ନୋଟିସ ପଠାଇବା ଦ୍ୱାରା ସେମାନଙ୍କ ବୃତ୍ତି ପ୍ରଭାବିତ ହୋଇପାରେ ବୋଲି ସିଜେଆଇ ଗବଇ କହିଛନ୍ତି। ଇଡି ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଆଟର୍ନି ଜେନେରାଲ ଆର୍. ଭେଙ୍କଟରମଣି ଏବଂ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ମଧ୍ୟ ସିଜେଆଇଙ୍କ ସହ ଏଥିରେ ସହମତି ପ୍ରକାଶ କରିଛନ୍ତି। ଆଇନଗତ ପରାମର୍ଶ ଦେଉଥିବା ଓକିଲଙ୍କୁ ସମନ କରାଯାଇପାରିବ ନାହିଁ ବୋଲି ଉଭୟେ କହିଛନ୍ତି।

## ଉପରାଷ୍ଟ୍ରପତିଙ୍କ ଇସ୍ତଫା...

କାର୍ଯ୍ୟକାଳ ୨୦୨୭ ଅଗଷ୍ଟ ୧୦ରେ ଶେଷ ହୋଇଥାନ୍ତା। ତେବେ ସଂସଦ ମୌସୁମୀ ଅଧିବେଶନର ପ୍ରଥମ ଦିନରେ ରାଜ୍ୟ ସଭାରେ ଅଧ୍ୟକ୍ଷତା କରିବା ପରେ ସେ ହଠାତ୍ କାହିଁକି ଇସ୍ତଫା ଦେଲେ ସେନେଇ କିଛି ଜଣାପଡ଼ିନାହିଁ।

## ଥାନାରେ ବିଷ...

ତାଙ୍କ ଭାଇଙ୍କୁ ଗିରଫ କରାଯିବ ବୋଲି ପୋଲିସ କହିଥିଲା। ଭାଇଙ୍କୁ ଗିରଫ କରାଯିବା କଥା ଶୁଣିବା ପରେ ପୀଡ଼ିତା ଥାନା ଭିତରେ ବିଷ ପିଇ ଦେଇଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ପୀଡ଼ିତା କହିଛନ୍ତି, ଆଲୋକ ତାଙ୍କୁ ପ୍ରତାରଣା କରିଛନ୍ତି। ପୋଲିସ ତାଙ୍କୁ ସହଯୋଗ ନ କରି ଆଲୋକଙ୍କୁ ଅନୁକମ୍ପା ଦେଖାଇ କୋହଳ ଦଫା ଲଗାଇଥିବାରୁ ସେ ଜାମିନରେ ଆସି ଅୟସ କରୁଛନ୍ତି। ହେଲେ ତାଙ୍କୁ ନର୍କ ଯନ୍ତ୍ରଣା ଭୋଗିବାକୁ ପଡୁଛି। ତାଙ୍କୁ ଏବେ କିଏ ବାହା ହେବ। ତାଙ୍କ ଇଜ୍ଜତ ସେ କ'ଣ ଫେରି ପାଇବେ କି ବୋଲି ପୀଡ଼ିତା କହିଛନ୍ତି। ଏହାସହିତ ଆଲୋକଙ୍କ ପରିବାର ସବୁବେଳେ ନିର୍ଯାତନା ଦେଉଛନ୍ତି। ରବିବାର ଆଲୋକଙ୍କ ପରିବାର ପକ୍ଷରୁ ତାଙ୍କ ଭାଇଙ୍କୁ ମାରପିଟକରି କେସ୍ ଦେଲେ। ତଦନୁଯାୟୀ ପୋଲିସ ମାମଲା ରୁଜୁ କରି ଭାଇଙ୍କ ଗିରଫ କରିବାକୁ କହିଲା। ପୋଲିସଠାରୁ ନିରାଶ ହେବା ପରେ ଜୀବନକୁ ତୁଚ୍ଛ ମନେ କରି ବିଷ ପିଇଦେଲି ବୋଲି ଯୁବତୀ କହିଛନ୍ତି।

ଏନେଇ ନୟାଗଡ଼ ଏସ୍‌ଡିପିଓ ଜ୍ୟୋତି ସାମନ୍ତରାୟ ଓ ଇଟାମାଟି ଥାନା ଆଇଆଇସି ପ୍ରିୟବ୍ରତ ରାଉତଙ୍କୁ ପଚାରିବାରେ ପୀଡିତାଙ୍କୁ ପୋଲିସ ଅବହେଳା କରିନାହିଁ। ଫେବୃଆରୀରେ ପୀଡ଼ିତାଙ୍କ ଅଭିଯୋଗକ୍ରମେ ନଂ.୪୨/୨୫ରେ ମାମଲା କରାଯାଇ ଆଲୋକଙ୍କୁ ରାୟପୁରରୁ ଗିରଫକରି ଜେଲ ପଠାଯାଇଛି। ରବିବାର ମାରପିଟ ଘଟଣାରେ ଆଲୋକଙ୍କ ବାପାଙ୍କ ଅଭିଯୋଗକ୍ରମେ ନଂ.୨୬୪/୨୫ରେ ମାମଲା ହୋଇଛି। ଏଥିରେ ପୀଡିତାଙ୍କ ଭାଇଙ୍କ ନାଁ ମୁଖ୍ୟ ଅଭିଯୁକ୍ତ ରହିଛି। ସେପଟେ ପୀଡ଼ିତାଙ୍କ ପରିବାର ଅଭିଯୋଗ କ୍ରମେ ୨୬୫/୨୫ ନମ୍ବରରେ ମାମଲା ହୋଇଛି। ବଳାତ୍କାର ମାମଲାରେ ପୋଲିସ ଚାର୍ଜଶିଟ ଦାଖଲ କରିନାହିଁ। କୋର୍ଟରେ ମାମଲା ଥିବାବେଳେ ପୀଡ଼ିତା ବୋହୂ ହେବାକୁ ଜିଦ୍ କରିବା ପରେ ପୋଲିସ କିଭଳି ନ୍ୟାୟ ଦେବ। ଥାନାରେ ପୀଡ଼ିତା ବିଷ ପିଇବା ଘଟଣାକୁ ଆମେ ଅଣଦେଖା ମଧ୍ୟ କରିନାହୁଁ। ବିଷ ପିଇବାର ଦୃଶ୍ୟ ସିସିଟିଭି ଫୁଟେଜ୍‌ରେ ଅଛି ବୋଲି ସେମାନେ କହିଛନ୍ତି।

## ସ୍କୁଲ ଉପରେ...

ସୂଚନା ଦେଇଛନ୍ତି। ଦୁର୍ଘଟଣାରେ ୨୦ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଶତାଧିକ ଆହତ ହୋଇଥିବା ନେଇ ଢାକାସ୍ଥିତ ଅଗ୍ନିଶମ ସେବା ଏବଂ ନାଗରିକ ପ୍ରତିରକ୍ଷାର ମହାନିର୍ଦ୍ଦେଶକ ବ୍ରିଗେଡିଅର ଜେନେରାଲ ଜାହେଦ କମଲ ସୂଚନା ଦେଇଛନ୍ତି। ଆହତଙ୍କ ମଧ୍ୟରୁ ୫୦ ଜଣଙ୍କ ଅବସ୍ଥା ଗୁରୁତର ଥିବା ବେଳେ ଅଧିକାଂଶ ଛାତ୍ରୀଛାତ୍ର ରହିଛନ୍ତି। ସେମାନଙ୍କୁ ଢାକାସ୍ଥିତ କମ୍ବାଇନଡ୍ ମିଲିଟାରୀ ହସ୍ପିଟାଲ (ସିଏମ୍‌ଏଚ୍), ଢାକା ମେଡିକାଲ କଲେଜ ହସ୍ପିଟାଲ, ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବର୍ନ ଆଣ୍ଡ ପ୍ଲାଷ୍ଟିକ ସର୍ଜରି (ଏନ୍‌ଆଇବିପିଏସ୍)ରେ ଭର୍ତ୍ତି କରାଯାଇଛି। ଘଟଣାସ୍ଥଳରେ ବାଂଲାଦେଶ ସେନା, ଅଗ୍ନିଶମ ବାହିନୀ,ସିଭିଲ ଡିଫେନ୍ସର ୮ଟି ୟୁନିଟ୍, ଏୟାରଫୋର୍ସ ହେଲିକପ୍ଟର ଆଦି ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ଉଦ୍ଧାର କାର୍ଯ୍ୟ ତତ୍ପରତାର ସହ ଜାରି ରହିଛି ଏବଂ ଦୁର୍ଘଟଣାର ତଦନ୍ତ କରାଯିବ ବୋଲି ବାଂଲାଦେଶ ଅନ୍ତରୀଣ ସରକାରଙ୍କ ମୁଖ୍ୟ ପରାମର୍ଶଦାତା ମହମ୍ମଦ ୟୁନୁସ୍ କହିଛନ୍ତି। ସେହିପରି ସେ ଘଟଣାକୁ ନେଇ ଶୋକ ପ୍ରକଟ ମଧ୍ୟ କରିଛନ୍ତି। ଏହି ବିମାନ ଦୁର୍ଘଟଣା ପାଇଁ ବାଂଲାଦେଶରେ ଦିନକ ପାଇଁ ଶୋକ ଘୋଷଣା କରାଯାଇଛି। ମାଇଲ୍‌ଷ୍ଟୋନ ସ୍କୁଲ ଆଣ୍ଡ୍ କଲେଜରେ କିଣ୍ଡରଗାର୍ଟେନଠାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ୨୦୦୦ରୁ ଅଧିକ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ନେଇ ସ୍ଥାନୀୟ ଗଣମାଧ୍ୟମରେ ପ୍ରକାଶ ପାଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ପରିବାରର ଖର୍ଚ୍ଚ ବୃଦ୍ଧି ପାଇଲେ ମଧ୍ୟ ଯାତ୍ରା, ବାଣିଜ୍ୟ, ବ୍ୟବସାୟ ପାଇଁ ଦିନଟି ବହୁତ ଭଲ। ଆଲୋଚନା କ୍ରମରେ ଘରର କେତେକ ରହିଯାଇଥିବା କାମ କରିବା ସକାଶେ ଚିନ୍ତା କରିପାରନ୍ତି। ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ବନ୍ଧୁ ଓ ପଡ଼ୋଶୀଙ୍କ ସହ ବିଭିନ୍ନ ପ୍ରକାର ଆଲୋଚନାରେ ସମୟ କଟାଇପାରନ୍ତି।

**ବୃଷ**
ଆଜିର ଯାତ୍ରା ଖର୍ଚ୍ଚ ସକାଶେ ପୂର୍ବ ପ୍ରତିଶ୍ରୁତି ଅନୁଯାୟୀ ବନ୍ଧୁଙ୍କ ନିକଟରୁ ଅର୍ଥ ସାହାଯ୍ୟ ଲାଭକରି ଖୁସି ହେବେ। କର୍ମକ୍ଷେତ୍ରରେ ଉପରିସ୍ଥ କର୍ମଚାରୀଙ୍କ ନିକଟରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ ସାଧନ କରିପାରନ୍ତି। ପରିସ୍ଥିତିକୁ ଲକ୍ଷ୍ୟକରି ପ୍ରଶାସନିକ ସ୍ତରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିନେବାକୁ ପଡ଼ିପାରେ। ଘରୋଇ କଳହକୁ ନେଇ ଅଶାନ୍ତି ଲାଗିରହିବ।

**ମିଥୁନ**
ବିଭିନ୍ନ ସମସ୍ୟା ମଧ୍ୟରେ ଗତି କରୁଥିବା କାରଣରୁ ବ୍ୟସ୍ତତା ବୃଦ୍ଧିପାଇବ। ବନ୍ଧୁଙ୍କ ସାହାଯ୍ୟରେ ନୂତନ କର୍ମାରମ୍ଭକରି ଉତ୍ସାହିତ ହେବେ ଓ ସଫଳତା ହାସଲ କରିବେ। ଦୂରଯାତ୍ରା, ଶିଳ୍ପ, ବାଣିଜ୍ୟ, ବ୍ୟବସାୟରେ ସାମାନ୍ୟ ପ୍ରତିବନ୍ଧକ ଦେଖାଦେଇପାରେ। ନିଜର ସ୍ୱାର୍ଥ କିମ୍ବା ସମ୍ମାନହାନି କାରଣରୁ ବନ୍ଧୁଙ୍କ ଉପରେ ଖପ୍ପା ହୋଇପାରନ୍ତି।

**କର୍କଟ**
କୌଣସି ବନ୍ଧୁଙ୍କ ପରୋକ୍ଷ ଶତ୍ରୁତା କର୍ମକ୍ଷେତ୍ର ପାଇଁ ପ୍ରତିକୂଳତା ସୃଷ୍ଟିକରିବ। ତଥାପି ଅପରାହ୍ନରେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁମିଳନରୁ ଉତ୍ସାହିତ ହେବେ। ଶତ୍ରୁମାନଙ୍କ ସକ୍ରିୟତା ବୃଦ୍ଧି ପାଇବା ହେତୁ ସାମୟିକ ବ୍ୟସ୍ତ ରହିପାରନ୍ତି। ସାମାଜିକ ସ୍ତରରେ ମନ ବୁଝିଲା ଭଳି କଥା କହି ଅନ୍ୟକୁ ଆପଣାର କରିପାରନ୍ତି।

**ସିଂହ**
ରବିଙ୍କ ପ୍ରଭାବରୁ ଆରୋଗ୍ୟ, ସରକାରୀ ଅନୁକମ୍ପା, ବିଶିଷ୍ଟ ବ୍ୟକ୍ତିଙ୍କ ସଙ୍ଗଲାଭର ସୁଯୋଗ ପ୍ରାପ୍ତ ହେବ। ପରିସ୍ଥିତିରେ ପଡ଼ି ଇଚ୍ଛା ନ ଥାଇ ମଧ୍ୟ ସମ୍ପର୍କୀୟଙ୍କ ସକାଶେ ବ୍ୟୟ କରିବାକୁ ବାଧହେବେ। ବକେୟା ଅର୍ଥ ଆଦାୟ କରିବାରେ ବନ୍ଧୁଙ୍କ ସହ ଉଚ୍ଚବାଚ ଘଟିପାରେ। ପାରିବାରିକ ସମସ୍ୟା ସୁଧାରିବାକୁ ଯାଇ ବ୍ୟସ୍ତ ବିବ୍ରତ ହୋଇପାରନ୍ତି।

**କନ୍ୟା**
ଆଜି ଯାହା ମନକୁ ଆସୁଛି କଲେ କୌଣସି ଅସୁବିଧା ହେବନାହିଁ। ଆଲୋଚନା ପରିସରରେ, ବନ୍ଧୁଗହଣରେ, ଯାତ୍ରା କାଳରେ ସୁସମ୍ପର୍କ ଓ ସହାନୁଭୂତି ଲାଭକରିବେ। ପାରିବାରିକ କ୍ଷେତ୍ରକୁ ଶନିଙ୍କ ଦୃଷ୍ଟି ସନ୍ଦେହ କିମ୍ବା ଭୁଲ୍ ବୁଝାମଣାଜନିତ କଳହ ସୃଷ୍ଟିକରିବ। ଯାନବାହନରେ ଯାନ୍ତ୍ରିକ ତ୍ରୁଟି ଆପଣଙ୍କ ଯାତ୍ରାକୁ ବିଳମ୍ବିତ କିମ୍ବା ସ୍ଥଗିତ କରିଦେଇପାରେ।

**ତୁଳା**
ପାରିବାରିକ ଜୀବନରେ କେତେକ ବ୍ୟତିକ୍ରମ ରହିଥିଲେ ମଧ୍ୟ ଆଜିର କାମ ସକାଶେ ଅସୁବିଧା ହେବନାହିଁ। ଶିଳ୍ପ, ବ୍ୟବସାୟରେ ସଫଳତା ମିଳିବ। ଯାତ୍ରା, ଆନୁଷ୍ଠାନିକ କାମ ଓ ଆଲୋଚନା ପରିସରରେ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରୁହନ୍ତୁ। କ୍ରୀଡ଼ା, ସାହିତ୍ୟାଦି କ୍ଷେତ୍ର ଶୁକ୍ରଙ୍କ ବିଳାସ ସ୍ଥାନାରୋହଣରୁ ଭଲ ରହିବ।

**ବିଛା**
ଭାଗ୍ୟସ୍ଥାନରେ ଏକାଧିକ ଗ୍ରହ ରହି ଆପଣଙ୍କୁ ଦେହରେ ବଳ ଓ ମନରେ ଧୈର୍ଯ୍ୟ ପ୍ରଦାନ କରିବେ। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ, କିନ୍ତୁ ଅତ୍ୟଧିକ ଖର୍ଚ୍ଚାନ୍ତ ହେବାକୁ ପଡ଼ିପାରେ। ଶିଳ୍ପ, ବାଣିଜ୍ୟ, ପରିବହନ ତଥା ପ୍ରଶାସନିକ ସ୍ତରରେ ବ୍ୟସ୍ତତା ଦୂର ହେବ। ପାଖ ଲୋକ ଈର୍ଷାପରାୟଣ ହୋଇ ଅପପ୍ରଚାର କରିପାରନ୍ତି।

**ଧନୁ**
କେନ୍ଦ୍ରରେ ବୃହସ୍ପତିଙ୍କ ସ୍ଥିତି ହେତୁ ସମସ୍ୟା ଆସିଲେ ମଧ୍ୟ ଅସୁବିଧା ହେବନାହିଁ। କେତେକ କ୍ଷେତ୍ରରେ ଠିକ୍ ନିଷ୍ପତ୍ତି ନେବାରେ ସମସ୍ୟା ଦେଖାଦେବ। ଭଲ ସମ୍ପର୍କ ଥିବା ବ୍ୟକ୍ତିଟି ଭୁଲ୍ ଧାରଣା ପୋଷଣକରି ଦୂରେଇ ରହିବ। ରପ୍ତାନି ବାଣିଜ୍ୟରେ ଉନ୍ନତି ଘଟିବ, କିନ୍ତୁ ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହୋଇପାରନ୍ତି।

**ମକର**
ପାରିବାରିକ ସ୍ତରରେ ସ୍ୱାର୍ଥସାଧନ ପରିପ୍ରେକ୍ଷୀରେ ନିଜ ଲୋକମାନେ ଶତ୍ରୁତା କରିପାରନ୍ତି। ପୂର୍ବ ସ୍ଥିରୀକୃତ ଯୋଜନା ଠିକ୍ ଭାବରେ ବଦଳାଇବା କଷ୍ଟକର ହେବ। ସମସ୍ୟା ଆସିଲେ ମଧ୍ୟ ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟକଲେ ଉପକୃତ ହେବେ। ସାମାଜିକ କ୍ଷେତ୍ରରେ କିମ୍ବା ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହୋଇପାରନ୍ତି।

**କୁମ୍ଭ**
ସାମାଜିକ ସ୍ତରରେ ସମ୍ମାନ ପ୍ରଶଂସାରେ ନିଜକୁ ଭାଗ୍ୟବାନ୍ ମନେକରିବେ। ଆତ୍ମୀୟଙ୍କ ସହଯୋଗରେ ଯାତ୍ରା, ନୂତନ ସମ୍ପର୍କ ଓ ଅର୍ଥପ୍ରାପ୍ତି ସୂଚନା ରହିଛି। ବୁଝାମଣାର ଅଭାବଜନିତ ଛୋଟ କଥାକୁ ନେଇ କଳହ ସୃଷ୍ଟି ହୋଇପାରେ। ପରିବାରରେ ପୁତ୍ରକନ୍ୟାଙ୍କ ଆବଶ୍ୟକତା କିମ୍ବା ଇଚ୍ଛା ପୂରଣ ଅଭାବରୁ ଚିନ୍ତିତ ରହିପାରନ୍ତି।

**ମୀନ**
ପୂର୍ବର ସମସ୍ୟା ଧୀରେ ଧୀରେ ଦୂରେଇଯାଉଥିବା ଅନୁଭବକରି ଉତ୍ସାହିତ ହେବେ। କ୍ରୀଡ଼ା, ସାହିତ୍ୟ, ସାମ୍ବାଦିକତା, ସଙ୍ଗୀତ କ୍ଷେତ୍ରରେ ସଫଳତା ଅର୍ଜନ କରିବେ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ମଧ୍ୟ ସୁଫଳ ମିଳିବ। କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରିବା ଭଲ।

ଆଜି ଜୁଲାଇ ୨୨ତାରିଖ,ଶ୍ରାବଣ କୃଷ୍ଣ ଦ୍ୱାଦଶୀଯୁକ୍ତ ତ୍ରୟୋଦଶୀ ମଙ୍ଗଳବାର। ରାଶିନକ୍ଷତ୍ର–ମୃଗଶିରା/ବୃଷ, ଦିବା ଘ. ୦୮।୧୫ ମି. ଗତେ ମିଥୁନ ଚନ୍ଦ୍ର, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ। ଘ.୦୮।୩୭ ଗତେ, ଘ. ୧୦।୩୪ ମଧ୍ୟେ, ଘ.୦୧।୧୧ ଗତେ, ଘ.୦୧।୩୦ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୩।୦୮ ଗତେ, ଘ.୦୪।୪୫ ମଧ୍ୟେ ରାହୁକାଳ।

# ଅଧ୍ୟକ୍ଷ, ଗଣିତ ଅଧ୍ୟାପକ ନିଲମ୍ବିତ

## ସ୍ୱାମୀ ଅରୂପାନନ୍ଦ ଜୁନିୟର କଲେଜ

### ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗ ପ୍ରସଙ୍ଗ

ରଘୁନାଥପୁର,୨୧ା୭
(ରାଜେନ୍ଦ୍ର ନାରାୟଣ ସିଂହ)

ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗରେ ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକ୍ କୃତ୍ତିାଙ୍ଗସ୍ଥିତ ସ୍ୱାମୀ ଅରୁପାନନ୍ଦ ଜୁନିୟର କଲେଜ ଅଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ ଓ ଗଣିତ ଅଧ୍ୟାପକ ଶାଶ୍ୱତ ମହାନ୍ତିଙ୍କୁ ସୋମବାର ନିଲମ୍ବନ କରାଯାଇଛି। ଜିଲାପାଳଙ୍କ ଜରିଆରେ ଉପଜିଲାପାଳ ପ୍ରଶାନ୍ତ କୁମାର ତରାଇଙ୍କ ପକ୍ଷରୁ ଏହି ନିର୍ଦ୍ଦେଶନାମା ପ୍ରକାଶ ପାଇଛି।

ସୂଚନାଯୋଗ୍ୟ, ୨୦୨୫ ଜାନୁଆରୀ ୧୫ରେ ଏହି କଲେଜର ଜଣେ ଛାତ୍ରୀ ଗଣିତ ଅଧ୍ୟାପକ ମହାନ୍ତିଙ୍କ ବିରୋଧରେ ଅସଦାଚରଣ ଅଭିଯୋଗ କରିଥିଲେ। ଏନେଇ ସମ୍ପୃକ୍ତା ଛାତ୍ରୀ ଅଧ୍ୟକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ। ଛାତ୍ରୀଙ୍କ ଅଭିଯୋଗ ଅନୁଯାୟୀ ଅଧ୍ୟକ୍ଷ ସାହୁ ତୁରନ୍ତ ଏକ କମିଟି ଗଠନକରି ସମ୍ପୃକ୍ତ ଅଧ୍ୟାପକ ମହାନ୍ତିଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। ଏହାଛଡା କମିଟି ମଧ୍ୟ ଏ ସମ୍ପର୍କରେ ତଦନ୍ତ କରି ଅଧ୍ୟକ୍ଷଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ୨୦୨୫ ଏପ୍ରିଲ ୨ରେ ଛାତ୍ରୀ ଜଣକ ଅଧ୍ୟକ୍ଷ ସାହୁଙ୍କୁ ଏକ ଲିଖିତ ଦରଖାସ୍ତ କରିଥିଲେ। ସେଥିରେ ଅଧ୍ୟାପକ ମହାନ୍ତି ତାଙ୍କର ଭୁଲ୍ ବୁଝିପାରି କ୍ଷମା ପ୍ରାର୍ଥନା କରିଥିବା ଏବଂ ଆପୋସ ସମାଧାନ ହୋଇଥିବା ସମ୍ପର୍କରେ ଦର୍ଶାଇଥିଲେ। ଏଣୁ ଉକ୍ତ ଅଭିଯୋଗକୁ ଆଉ ଆଗକୁ ନନେଇ ପରିସମାପ୍ତି କରିବାପାଇଁ ଛାତ୍ରୀ ଜଣକ ଅଧ୍ୟକ୍ଷଙ୍କୁ ଲିଖିତ ଭାବେ ଜଣାଇଥିଲେ। ଗତ କିଛିଦିନ ତଳେ ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି ଅଭିଯୋଗ ପ୍ରକୋଷ୍ଠରେ ଜଣେ ସାମାଜିକ କର୍ମୀ ଏନେଇ ଅଭିଯୋଗ କରିଥିଲେ। ୨୦୨୫ ଜୁଲାଇ ୧୯ରେ ଜିଲାପାଳଙ୍କ ପକ୍ଷରୁ ଅଧ୍ୟକ୍ଷ ସାହୁଙ୍କୁ ୩ ଦିନ ମଧ୍ୟରେ ଏହି ଘଟଣା ସମ୍ପର୍କିତ ରିପୋର୍ଟ ପ୍ରଦାନ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ମାତ୍ର ଅଧ୍ୟକ୍ଷ ସାହୁଙ୍କ ରିପୋର୍ଟ ସନ୍ତୋଷଜନକ ନ ହେବାରୁ ଉଭୟ ଅଧ୍ୟକ୍ଷ ଓ ଅଧ୍ୟାପକଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଅନ୍ୟପକ୍ଷେ ଛାତ୍ରୀଙ୍କ ବାପାଙ୍କ ପକ୍ଷରୁ ସୋମବାର କଲେଜ କର୍ତ୍ତୃପକ୍ଷଙ୍କୁ ଏକ ଦରଖାସ୍ତ ଦିଆଯାଇଛି। ସେଥିରେ ସେ ତାଙ୍କ ଜ୍ଞାତସାରରେ ଏହି ଘଟଣାର ସମାଧାନ ତଥା ପରିସମାପ୍ତି ହୋଇଥିବା ଉଲ୍ଲେଖ କରିଛନ୍ତି।

# ଆର୍‌ଡିସି କାର୍ଯ୍ୟାଳୟ ଘେରାଉ କଲା ବିଜେଡି

## ନାରୀ ସୁରକ୍ଷା, ଏଫ୍‌ଏମ୍ କଲେଜ ଛାତ୍ରୀଙ୍କୁ ନ୍ୟାୟ ଦାବି

କଟକ,୨୧ା୭(ଶିଲ୍ପା ପ୍ରିୟଦର୍ଶିନୀ)



କଟକରେ ବିଜୁ ଜନତା ଦଳ ପକ୍ଷରୁ ଆର୍‌ଡିସି କାର୍ଯ୍ୟାଳୟ ଘେରାଉ କରି ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି, ଅସୁରକ୍ଷିତ ନାରୀ ସମାଜ, ଓଡ଼ିଶାରେ ନାରୀମାନଙ୍କ ଉପରେ ହେଉଥିବା ଅତ୍ୟାଚାର ଆଦି ବିଭିନ୍ନ ପ୍ରସଙ୍ଗ ନେଇ ସୋମବାର କଟକରେ ବିଜୁ ଜନତା ଦଳ ଆର୍‌ଡିସି କାର୍ଯ୍ୟାଳୟ ଘେରାଉ କରି ଏକ ଦାବିପତ୍ର ପ୍ରଦାନ କରିଛି। ବିଜେଡି ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ରଙ୍କ ନେତୃତ୍ୱରେ କଟକ ରିଂରୋଡସ୍ଥିତ ସନସାଇନ ପଡିଆଠାରେ ସମାବେଶ କରାଯାଇଥିଲା। ଏଥିରେ ରାଜ୍ୟ ସଭା ସଦସ୍ୟ ଦେବାଶିଷ ସାମନ୍ତରାୟ, ଆଠଗଡ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ପୂର୍ବତନ ବିଧାୟକ ପ୍ରତାପ ଜେନା, ବରିଷ୍ଠ ନେତା ଅଶୋକ ପଣ୍ଡା, କଟକ ମେୟର ସୁବାସ ସିଂ, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ, ଚୌଦ୍ୱାର କଟକ ବିଧାୟକ ସୌଭିକ ବିଶ୍ୱାଳ, ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ବରିଷ୍ଠ ନେତା ଅତନୁ ସବ୍ୟସାଚୀ ନାୟକ, ଲେଖାଶ୍ରୀ ସାମନ୍ତସିଂହାର ଓ ଅନ୍ୟାନ୍ୟ ନେତାମାନେ ଏକଜୁଟ ହୋଇ ମୁଖ୍ୟତଃ ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ଆତ୍ମାହୁତି ଘଟଣା, ପୁରୀ ବଲଙ୍ଗାରେ ଦୁର୍ବୃତ୍ତମାନେ ପୋଡିଦେଇଥିବା ନାବାଳିକା ଘଟଣା ଏବଂ ରାଜ୍ୟରେ ସବୁଦିନ ଘଟୁଥିବା ଆପରାଧିକ ଘଟଣାକୁ ବିରୋଧ କରି ସ୍ୱର ଉଠାଇଛନ୍ତି। ଭାଜପା ସରକାର ଯୋଗୁ ଓଡ଼ିଶା ଆଜି ସାରା ବିଶ୍ୱରେ ନିନ୍ଦିତ ହୋଇଛି। ଏହି ଦୁଇଟି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯାଉ ଏବଂ ତୁରନ୍ତ ନ୍ୟାୟ ପ୍ରଦାନ କରାଯାଉ ବୋଲି ଦଳ ଦାବି କରିଛି। ସରକାର ଶାସନ କରିବାରେ ବିଫଳ ହୋଇଛନ୍ତି। ବିଜେଡି ସରକାର ସମୟରେ ଏଭଳି ଛାତ୍ରୀ କେବେ ଦେହରେ ନିଆଁ ଲଗାଇବା ଉଦ୍ୟମ କରିନାହିଁ। ହେଲେ ଭାଜପା ସରକାରର ୧ ବର୍ଷ ଶାସନରେ ଏଭଳି ଅଘଟଣ ଘଟିଛି। ଯଦି ଭାଜପା ସରକାର ଶାସନ କରି ପାରୁନାହାନ୍ତି ତେବେ ମୁଖ୍ୟମନ୍ତ୍ରୀ ଇସ୍ତଫା ଦିଅନ୍ତୁ ବୋଲି ଦଳ ଦାବି କରିଛି। ସନସାଇନ ପଡିଆଠାରୁ ଏକ ବିଶାଳ ପ୍ରତିବାଦ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ଆର୍‌ଡିସି କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା। ପରେ ଏକ ପ୍ରତିନିଧି ମଣ୍ଡଳୀ ଆର୍‌ଡିସି ବି. ପରମେଶ୍ୱରନଙ୍କୁ ଦାବିପତ୍ର ପ୍ରଦାନ କରିଥିବାବେଳେ ରାଜ୍ୟ ସରକାରଙ୍କୁ ଅବଗତ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ସୂଚନା ମିଳିଛି। ପ୍ରତିବାଦ ଓ ସମାବେଶରେ ବିଜେଡିର ଶତାଧିକ କର୍ମୀ ଯୋଗଦେଇଥିଲେ।

# ଉଦିତ୍ ଗିରଫ ହେବା ପରେ ଭକ୍ତଙ୍କ ଇସ୍ତଫା ଦାବି କଲା ଯୁବମୋର୍ଚ୍ଚା

ଭୁବନେଶ୍ୱର,୨୧ା୭(ସୁନିତ୍ ମିଶ୍ର)




ବିଜେପି ଯୁବମୋର୍ଚ୍ଚା ପକ୍ଷରୁ ମାଷ୍ଟର କ୍ୟାଣ୍ଟିନ୍ ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ଜଣେ ଛାତ୍ରୀଙ୍କୁ ବଳାତ୍କାର କରିବା ଅଭିଯୋଗରେ ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ଉଦିତ୍ ପ୍ରଧାନ ଗିରଫ ହୋଇଛନ୍ତି। ଗତ କିଛିଦିନ ତଳେ ଅଭିଯୁକ୍ତ ଉଦିତ ପ୍ରଧାନ ନାରୀ ସୁରକ୍ଷା ପ୍ରସଙ୍ଗରେ ରାଜରାସ୍ତାକୁ ଓହ୍ଲାଇ କୁମ୍ଭୀର କାନ୍ଦଣା କାନ୍ଦୁଥିଲେ, ଏହାସହ ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବିକରି କୁଶପୁତ୍ତଳିକା ଦାହ କରୁଥିଲେ। ରାଜରାସ୍ତା ବନ୍ଦ କରି ଜନସାଧାରଣଙ୍କୁ ହଇରାଣ କରୁଥିଲେ। ଏବେ ତାଙ୍କ ଅସଲ ଚେହେରା ପଦାରେ ପଡ଼ିଯାଇଛି। ଏହି ଘଟଣାରେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଭକ୍ତ ଚରଣ ଦାସ ଇସ୍ତଫା ଦିଅନ୍ତୁ ବୋଲି ଭାଜପା ଯୁବମୋର୍ଚ୍ଚା ସଭାପତି ଅଭିଳାଷ ପଣ୍ଡା କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଅଭିଳାଷ କହିଛନ୍ତି, ମହିଳାଙ୍କୁ ନ୍ୟାୟ ଦେବା ପାଇଁ ଆନ୍ଦୋଳନ କରୁଥିବା ବ୍ୟକ୍ତି ନିଜେ ବଳାତ୍କାରୀ ବୋଲି ଜଣାପଡ଼ିଛି। କଂଗ୍ରେସ ବର୍ତ୍ତମାନ ସୁଦ୍ଧା ଉଦିତ୍‌ଙ୍କୁ ଖାଲି ସଭାପତି ପଦରୁ ନିଲମ୍ବିତ କରି ନିଜ କର୍ତ୍ତବ୍ୟ ଶେଷ କରିଦେଇଛି ବୋଲି ଭାବୁଛି। ଆଉ ତାଙ୍କ ଦଳ ଉପରେ କେହି ଆଙ୍ଗୁଠି ଉଠାଇବେ ନାହିଁ ବୋଲି ସେମାନେ ଭାବିଛନ୍ତି। ଏହାକୁ ଯେତେ ନିନ୍ଦା କଲେ ତାହା କମ୍ ହେବ। ଉଦିତ୍ ଛାତ୍ର କଂଗ୍ରେସ ସଭାପତି ହେବାର ବହୁ ପୂର୍ବରୁ ମଧ୍ୟ ବିଭିନ୍ନ ଆପରାଧିକ କାର୍ଯ୍ୟକଳାପରେ ଜଡ଼ିତ ଥିଲେ। ୨୭ ମେ ୨୦୨୪ରେ ଖଣ୍ଡଗିରି ଥାନାରେ ଉଦିତ୍‌ଙ୍କ ନାମରେ ଡକାୟତି ଅଭିଯୋଗ ହୋଇଥିଲା। କେବଳ ସେତିକି ନୁହେଁ ଟଙ୍କା ଠକେଇ, ଆପରାଧିକ ମାନସିକତା ରଖି ମାରଧର କରିବା ଭଳି ଅଭିଯୋଗ ମଧ୍ୟ ତାଙ୍କ ନାମରେ ରହିଛି। ଏସବୁ ଅପରାଧ ବିଷୟରେ ଜାଣିବା ସତ୍ତ୍ୱେ ଥାନାରେ ଏଫଆଇଆର୍ ହେବାର ମାତ୍ର ୩ ମାସ ପରେ ଅର୍ଥାତ୍ ୧୩ ଅଗଷ୍ଟ ୨୦୨୪ରେ କଂଗ୍ରେସ ତାଙ୍କୁ ପୁରସ୍କାର ଦେଇ ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ଭାବେ ଦାୟିତ୍ୱ ଦେଇଛି। ଏଭଳି ଅପରାଧୀଙ୍କୁ କାହିଁକି ନିଯୁକ୍ତି ଦିଆଯାଇଥିଲା ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କିଛିଦିନ ତଳେ ପିସିସି ସଭାପତି ଭକ୍ତ ଦାସ ବାଲେଶ୍ୱର ଏଫ୍‌ଏମ୍ କଲେଜ ଘଟଣାରେ ରାଜ୍ୟ ସରକାରଙ୍କୁ ଦାୟୀ କରୁଥିଲେ। ନୈତିକତା ଆଧାରରେ ମୁଖ୍ୟମନ୍ତ୍ରୀ ଓ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କରୁଥିଲେ। ଏବେ ତାଙ୍କ ଦଳର ନେତା ଯାହାଙ୍କ ନାଁରେ ବଳାତ୍କାରଠାରୁ ଆରମ୍ଭକରି ଅନ୍ୟାନ୍ୟ ଆପରାଧିକ ମାମଲା ରହିଛି, ସେଭଳି ବ୍ୟକ୍ତିଙ୍କୁ ଗୁରୁତ୍ୱପୂର୍ଣ୍ଣ ପଦରେ ନିଯୁକ୍ତି ଦେଇଥିବାରୁ ନୈତିକତା ଦୃଷ୍ଟିରୁ ଭକ୍ତ ଦାସ ନିଜେ ଇସ୍ତଫା ଦିଅନ୍ତୁ। କଂଗ୍ରେସ ତାଙ୍କ ଦଳୀୟ ନେତାଙ୍କ କାର୍ଯ୍ୟକଳାପରେ କିଭଳି କାର୍ଯ୍ୟାନୁଷ୍ଠାନ ନେବ ତାକୁ ଦେଖିବା ବାକି ରହିଲା। ତେବେ ଏହି ଘଟଣାକୁ ନେଇ ଯୁବମୋର୍ଚ୍ଚା ପକ୍ଷରୁ ମାଷ୍ଟର କ୍ୟାଣ୍ଟିନ ଛକଠାରେ କଂଗ୍ରେସ ବିରୋଧରେ ଆନ୍ଦୋଳନ କରାଯିବା ସହିତ ପିସିସି ସଭାପତିଙ୍କ ଇସ୍ତଫା ଦାବିରେ କୁଶପୁତ୍ତଳିକା ଦାହ କରାଯାଇଛି।

# ଆର୍‌ଏସ୍‌ପିରେ ଦୁର୍ଘଟଣା, ଠିକା ଶ୍ରମିକ ମୃତ

ରାଉରକେଲା,୨୧ା୭
(ସଙ୍ଗୀତା ଜେନା)

ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି)ର ଷ୍ଟିଲ୍ ମେଲ୍ଟିଂ ଶପ୍(ଏସ୍‌ଏମ୍‌ଏସ୍)-୨ରେ ପାଇପ୍ ସଫେଇ କରୁଥିବାବେଳେ ଲୁହା ପିଣ୍ଡୁଳା ପଡିବାରୁ ଜଣେ ଠିକା ଶ୍ରମିକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବିଶ୍ରା ବ୍ଲକ ଭାଲୁଲତା ଜରେଇକେଲା ଗ୍ରାମର ଅଭିରାମ ମହତୋ(୫୨)। ଖବର ପାଇ ବିଭିନ୍ନ ଶ୍ରମିକ ସଙ୍ଗଠନର କର୍ମକର୍ତ୍ତା ଘଟଣାସ୍ଥଳରେ ପହଞ୍ଚି ମୃତକ ପରିବାରକୁ ଅନୁକମ୍ପାମୂଳକ ଚାକିରି ଏବଂ କ୍ଷତିପୂରଣ ଦାବି କରିଛନ୍ତି। ତେବେ ଖବର ଲେଖାଯିବା ସୁଦ୍ଧା (ସନ୍ଧ୍ୟା ୬ଟା) ଦାବି ପୂରଣ ହୋଇ ନ ଥିବାରୁ ମୃତଦେହକୁ ସେଲ୍ ପରିଚାଳିତ ଆଇଜିଏଚ୍ ଶବ ବ୍ୟବଚ୍ଛେଦ ଗୃହରେ ରଖାଯାଇଛି।

ସୂଚନା ଅନୁସାରେ, ଅଭିରାମ ଏସ୍‌ଏମ୍‌ଏସ୍-୨ରେ କାର୍ଯ୍ୟ କରୁଥିବା ଠିକା ସଂସ୍ଥା ମେସର୍ସ ଲକି କନ୍‌ଷ୍ଟ୍ରକ୍ସନ ଅଧୀନରେ ଦୀର୍ଘ ୮ ବର୍ଷ ହେଲା କାମ କରିଆସୁଥିଲେ। ସୋମବାର ସକାଳ 'ଏ' ଶିଫ୍ଟରେ ସେ କାମକୁ ଆସି କନଭର୍ଟର 'ବି' ନିକଟରେ ଶାବଳ ଦ୍ୱାରା ପାଇପ୍ ସଫେଇ କରୁଥିଲେ। ଏହି ସମୟରେ ଉକ୍ତ ପାଇପରୁ ଜାମ୍ ଲୁହା ପିଣ୍ଡୁଳା ହଠାତ୍ ବାହାରି ଆସି ତାଙ୍କ ଉପରେ ପଡ଼ିବାରୁ ସେ ଚାପି ହୋଇଯାଇଥିଲେ। ତାଙ୍କୁ ତୁରନ୍ତ ଆର୍‌ଏସ୍‌ପି ଫାଷ୍ଟ ଏଡ୍‌କୁ ନିଆଯାଇଥିଲା। ପରେ ଆଇଜିଏଚ୍‌କୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ନିୟମ ଅନୁଯାୟୀ ପରିବାର ଲୋକଙ୍କୁ ଅନୁକମ୍ପାମୂଳକ ଚାକିରି ସହ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ରାଶି ପ୍ରଦାନ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ମୃତଦେହ ଗ୍ରହଣ କରାଯିବ ନାହିଁ ବୋଲି ଶ୍ରମିକ ନେତା ନୀହାର ଦାସ କହିଥିଲେ। ଅନ୍ୟପକ୍ଷେ ଏହି ଘଟଣାକୁ ନେଇ ଆର୍‌ଏସ୍‌ପିର ଭାରପ୍ରାପ୍ତ ଡିଆଇସି ଆଲୋକ ବର୍ମା ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ପରିବାରକୁ କାରଖାନା ପକ୍ଷରୁ ଯଥାସମ୍ଭବ ସହଯୋଗ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।




# ନିରପେକ୍ଷ ତଦନ୍ତ କରାନ୍ତୁ ସରକାର: ବିଜେଡି

## ଉଦିତ୍ ପ୍ରଧାନଙ୍କ ଗିରଫ ଘଟଣା

ଭୁବନେଶ୍ୱର,୨୧ା୭(ସୁନିତ୍ ମିଶ୍ର)

ଜଣେ ଯୁବତୀଙ୍କୁ ବଳାତ୍କାର ଅଭିଯୋଗରେ ଛାତ୍ର କଂଗ୍ରେସ ସଭାପତିଙ୍କ ଗିରଫ ପ୍ରସଙ୍ଗରେ ବିଜେଡି ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛି। ଶଙ୍ଖ ଭବନଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ମୁଖପାତ୍ର ଇପ୍ସିତା ସାହୁ କହିଛନ୍ତି, ଛାତ୍ର କଂଗ୍ରେସ ସଭାପତି ଥିବା ଉଦିତ ପ୍ରଧାନଙ୍କ ବିରୋଧରେ ଯେଉଁ ଅଭିଯୋଗ ଆସିଛି, ତାହା ଅତ୍ୟନ୍ତ ସଙ୍ଗିନ। ପୀଡ଼ିତା ମହିଳାଙ୍କ ଅଭିଯୋଗ ଆଧାରରେ ସରକାର ନିରପେକ୍ଷ ତଦନ୍ତ କରି ଦୋଷୀଙ୍କୁ ଉପଯୁକ୍ତ ଦଣ୍ଡ ଦେବାର ବ୍ୟବସ୍ଥା କରନ୍ତୁ। କେବଳ ଏହି ଘଟଣା ନୁହେଁ, ସମଗ୍ର ରାଜ୍ୟରେ ଯେଉଁଠି ନାରୀମାନଙ୍କ ଉପରେ ଅତ୍ୟାଚାର ହେଉଛି, ପ୍ରତ୍ୟେକ କ୍ଷେତ୍ରରେ ସରକାର ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରିବା ସହିତ ନିରପେକ୍ଷ ତଦନ୍ତ କରି ଦୋଷୀମାନଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡ ବ୍ୟବସ୍ଥା କରନ୍ତୁ ବୋଲି ସେ କହିଛନ୍ତି।

# ରନ୍ଧନ ଗ୍ୟାସ୍ ନିଆଁରେ ପୋଡ଼ିଗଲେ

ବ୍ରହ୍ମପୁର,୨୧ା୭
(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ନିମଖଣ୍ଡି ଥାନା ଅନ୍ତର୍ଗତ ନୀଳାଞ୍ଚଳ ନଗର ୫ମ ଲାଇନ୍‌ରେ ସୋମବାର ସନ୍ଧ୍ୟାରେ ଏକ ଅଭାବନୀୟ ଘଟଣା ଘଟିଛି। ଘରେ ରନ୍ଧନ ଗ୍ୟାସ୍ ନିଆଁରେ ପୋଡ଼ିହୋଇ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ହରିଶଙ୍କର ରଥଙ୍କ ସ୍ତ୍ରୀ ନମିତା(୫୫)। ସେ ଘରେ ଏକା ଥିବାବେଳେ ଏହି ଅଘଟଣ ଘଟିଛି। ଖବରପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ତାଙ୍କୁ ଅର୍ଦ୍ଧଦଗ୍ଧ ଅବସ୍ଥାରେ ଉଦ୍ଧାର କରି ଏମ୍‌କେସିଜି ମେଡିକାଲ ପଠାଇଥିଲେ। ସେଠାରେ ନମିତାଙ୍କୁ ଡାକ୍ତର ମୃତ ଘୋଷଣା କରିଛନ୍ତି। ମାନସିକ ଅନଗ୍ରସର ନମିତା ଗ୍ୟାସ୍ ଲଗାଇ କିଛି ଖାଦ୍ୟ ପ୍ରସ୍ତୁତ କରୁଥିବା ବେଳେ ଅସାବଧାନତାରୁ ନିଆଁ ଲାଗି ଯାଇଥିବା ପ୍ରାଥମିକ ତଦନ୍ତରୁ ଅନୁମାନ କରାଯାଉଥିବା ପୋଲିସ କହିଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ସନ୍ଧ୍ୟା ହୋଇଯାଇଥିବାରୁ ଜବତ ମୃତଦେହ ବ୍ୟବଚ୍ଛେଦ ନ ହୋଇ ସଂରକ୍ଷିତ ରଖାଯାଇଛି।

ସୂଚନା ଅନୁଯାୟୀ, ହରିଶଙ୍କର ସ୍ତ୍ରୀ ନମିତା ଓ ଝିଅ ସହ ନୀଳାଞ୍ଚଳ ନଗରରେ ଏକ ଘର ଭଡ଼ା ନେଇ ରହୁଥିଲେ। ନମିତା ମାନସିକ ଅନଗ୍ରସର ଥିଲେ। ସୋମବାର ହରିଶଙ୍କର ଓ ତାଙ୍କ ଝିଅ ଘରେ ତାଲା ପକାଇ କୌଣସି କାମରେ ବାହାରକୁ ଯାଇଥିଲେ। ନମିତା ତାଲା ବନ୍ଦ ଘର ଭିତରେ ରହିଯାଇଥିଲେ। ସନ୍ଧ୍ୟାରେ ଘରୁ ଧୂଆଁ ବାହାରୁଥିବା ଦେଖି ଘର ମାଲିକ ପୋଲିସ ଓ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ତେବେ ନିଆଁ କିପରି ଲାଗିଲା ସେ ନେଇ ତଦନ୍ତ ଚାଲିଥିବା ପୋଲିସ କହିଛି।

# ବାହୁଙ୍ଗିରେ ରେଟ୍ରୋ ରିଫ୍ଲେକ୍ଟିଭ୍ ଟ୍ୟାପ ଲଗାଇବାକୁ ପରାମର୍ଶ

## କାଉଡ଼ିଆଙ୍କ ପାଇଁ ସତର୍କ ସୂଚନା ଜାରି

କଟକ,୨୧ା୭(କାର୍ତ୍ତିକ ସାହୁ)

ଶ୍ରାବଣ ମାସରେ ମହାଦେବଙ୍କୁ ଜଳଲାଗି ପାଇଁ କାଉଡ଼ିଆ (ଶ୍ରଦ୍ଧାଳୁ)ମାନେ ପାଣିଭାର ନେଇ ଶୈବପୀଠ ଅଭିମୁଖେ ଯାତ୍ରା କରୁଛନ୍ତି। ସେମାନେ ରାଜ୍ୟ ରାଜପଥ ଅଥବା ଜାତୀୟ ରାଜପଥରେ ଯିବା ବେଳେ ବିପଦର ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ପରିବହନ କର୍ତ୍ତୃପକ୍ଷ (ଏସ୍‌ଟିଏ) ପକ୍ଷରୁ ସତର୍କ ସୂଚନା ଜାରି ହୋଇଛି। ଶୈବପୀଠକୁ ଜଳାଭିଷେକ ପାଇଁ ଯାଉଥିବା କାଉଡ଼ିଆ ଭକ୍ତଙ୍କ ସୁରକ୍ଷିତ ଯାତ୍ରା କାମନା କରି ଏସ୍‌ଟିଏ ପକ୍ଷରୁ ସୂଚନା ସର୍ବସାଧାରଣଙ୍କ ଗୋଚରାର୍ଥେ ସୋସିଆଲ ମିଡିଆ 'ଏକ୍ସ' ଜରିଆରେ ପ୍ରଦାନ କରାଯାଇଛି। ସୂଚନା ଅନୁସାରେ, ଜଳ ଲାଗି ପାଇଁ ଯିବା ସମୟରେ ସୁରକ୍ଷିତ ଯାତ୍ରା ଉପରେ ଗୁରୁତ୍ୱ ଦିଅନ୍ତୁ। ରାସ୍ତାରେ ପଥଚାରୀଙ୍କ ପାଇଁ ଉଦ୍ଦିଷ୍ଟ ବାଟରେ ଯାଆନ୍ତୁ। ସୁରକ୍ଷିତ ଭାବେ ଏକଦମ ରାସ୍ତାକଡ଼ରେ ଚାଲନ୍ତୁ। ଅତ୍ୟନ୍ତ ସତର୍କତାର ସହ ରାସ୍ତା ପାର ହୁଅନ୍ତୁ। ଉଭୟ ପାର୍ଶ୍ୱ ରାସ୍ତା ଭଲ ଭାବେ ଦେଖି ଗାଡ଼ି ଚଳାଚଳ ହେଉ ନ ଥିବା ସମୟରେ ଆଗକୁ ବଢ଼ନ୍ତୁ। ବାହୁଙ୍ଗିରେ ରେଟ୍ରୋ ରିଫ୍ଲେକ୍ଟିଭ୍ ଟ୍ୟାପ ଲଗାଇବାକୁ ପରାମର୍ଶ ଦିଆଯାଇଛି। ଗ୍ରୁପ୍ ବା ଗୋଷ୍ଠୀରେ ପଛକୁ ପଛ ଧାଡ଼ିରେ ଚାଲନ୍ତୁ। ଏହାଦ୍ୱାରା ଗାଡ଼ି ଚାଳକ ଆପଣଙ୍କୁ ସହଜରେ ଦେଖିପାରିବେ। କୌଣସି ସମୟରେ ମଝି ରାସ୍ତାରେ ଚାଲନ୍ତୁ ନାହିଁ କିମ୍ବା ଅଟକନ୍ତୁ ନାହିଁ। ରାତିରେ ଚାଲିବା ବେଳେ ଟର୍ଚ୍ଚ ଲାଇଟ ବ୍ୟବହାର କରନ୍ତୁ। ଥକ୍କା ଲାଗିଲେ ବିଶ୍ରାମ ନିଅନ୍ତୁ। ସତେଜ ଅନୁଭବ କଲେ ସଡ଼କରେ ଯାତ୍ରା କରନ୍ତୁ। ମହାଦେବଙ୍କ କୃପାରୁ କାଉଡ଼ିଆମାନଙ୍କ ଯାତ୍ରା ନିରାପଦ ଓ ମଙ୍ଗଳମୟ ହେଉ ବୋଲି କୁହାଯାଇଛି।

ଉଲ୍ଲେଖଯୋଗ୍ୟ ଯେ, ନିକଟରେ ବୈପାରୀଗୁଡ଼ାରେ କାଉଡ଼ିଆମାନେ ସଡ଼କରେ ଚାଲିଚାଲି ପାଣିଭାର ନେଇ ଯାଉଥିବା ବେଳେ ଏକ ଦୁର୍ଘଟଣା ଘଟିଥିଲା, ଯଦ୍ୱାରା ଜଣେ କାଉଡ଼ିଆଙ୍କ ମୃତ୍ୟୁ ଘଟିଥିଲା। ଏହାପରେ ଏଭଳି ଅଘଟଣ ଆଗାମୀ ଦିନରେ ନ ଘଟିବା ପାଇଁ ଏସ୍‌ଟିଏ ପକ୍ଷରୁ ଏଭଳି ସତର୍କତା ସୂଚନା ଜାରି କରାଯାଇଥିବା ଜଣାଯାଇଛି।

# ନିଷ୍ଠାର ସହ ସରକାରୀ କାର୍ଯ୍ୟ କର: ବାଚସ୍ପତି

## ନବାଗତ ଉପବିଭାଗୀୟ ଅଧିକାରୀଙ୍କ କର୍ମଶାଳା

ଭୁବନେଶ୍ୱର,୨୧ା୭
(ରବିନାରାୟଣ ଜେନା)

ସରକାରୀ କର୍ମଚାରୀଙ୍କ କର୍ତ୍ତବ୍ୟନିଷ୍ଠ ତଥା ଜନସହଯୋଗ ଦ୍ୱାରା ରାଜ୍ୟ ତଥା ଦେଶର ପ୍ରତ୍ୟେକ କାର୍ଯ୍ୟକ୍ରମ ତ୍ୱରାନ୍ୱିତ ହୋଇପାରିବ ବୋଲି ବାଚସ୍ପତି ସୁରମା ପାଢ଼ୀ କହିଛନ୍ତି। ସୋମବାର ରାଜ୍ୟ ସଚିବାଳୟର ନବନିଯୁକ୍ତ ତାଲିମ ଗ୍ରହଣକାରୀ ଉପବିଭାଗୀୟ ଅଧିକାରୀମାନେ ବିଧାନସଭାର କାର୍ଯ୍ୟାବଳୀ ଓ କାର୍ଯ୍ୟଧାରା ସମ୍ପର୍କରେ ଜ୍ଞାନ ଆହରଣ ଅବସରରେ ବାଚସ୍ପତି କହିଲେ, ପ୍ରତ୍ୟେକ ଅଧିକାରୀ ସରକାରଙ୍କ କାର୍ଯ୍ୟକୁ ସୁଚାରୁରୂପେ ପରିଚାଳନା କରିବା ଦ୍ୱାରା ଆମ ରାଜ୍ୟର ଅଶେଷ ଉପକାର ସାଧିତ ହୋଇପାରିବ। ଅଧିକାରୀମାନଙ୍କ କର୍ତ୍ତବ୍ୟ, ମହତ୍ ଚିନ୍ତାଧାରା କାର୍ଯ୍ୟରେ ରୂପାନ୍ତରିତ ହୋଇପାରିଲେ ସମାଜର ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିବ। ବିଧାନସଭାର କାର୍ଯ୍ୟାବଳୀକୁ ସୁନିଶ୍ଚିତ ତଥା ଶୃଙ୍ଖଳିତ କରିବା ପାଇଁ ଓଡ଼ିଶା ବିଧାନସଭା କାର୍ଯ୍ୟବିଧି ଓ କାର୍ଯ୍ୟ ପରିଚାଳନା ନିୟମାବଳୀ ପ୍ରଣୀତ ହୋଇଛି। ଗଣତନ୍ତ୍ରର ମୂଳମନ୍ତ୍ର ହେଉଛି ଶାସନ ବ୍ୟବସ୍ଥାର ବିକେନ୍ଦ୍ରୀକରଣ। ଶାସକ ଓ ଶାସିତମାନଙ୍କ ମଧ୍ୟରେ ସୁନ୍ଦର ସମନ୍ୱୟ କ୍ଷେତ୍ରରେ ଅଧିକାରୀମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଚାକିରି ଜୀବନରେ ଅନୁଭୂତି ଓ ଅଭିଜ୍ଞତା ଅର୍ଜନ କରିବା ପାଇଁ ସୁଯୋଗ ମିଳିଥାଏ। ଏହି ସୁଯୋଗର ସଦ୍‌ବ୍ୟବହାର କରି ଜନସାଧାରଣଙ୍କ ନିକଟରେ ଯୋଜନାର ସୁଫଳ ପହଞ୍ଚାଇବାରେ ସମସ୍ତେ ଦାୟିତ୍ୱବାନ୍ ହୋଇ କାର୍ଯ୍ୟ କରିବା ଦରକାର ବୋଲି ବାଚସ୍ପତି କହିଥିଲେ।

କାର୍ଯ୍ୟକ୍ରମରେ ବିଧାନସଭାର ସଚିବ ସତ୍ୟବ୍ରତ ରାଉତ, ଗବେଷଣା ଶାଖାର ନିର୍ଦ୍ଦେଶକ ଡ. ତ୍ରିବିକ୍ରମ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



ତୁମେ ଯେତେବେଳେ ଲୋକମାନଙ୍କୁ ତୁଷ୍ଟ କରିବାକୁ ଚାହିଁ– ସେତେବେଳେ ତୁମେ ସବୁ କିଛିକୁ ତା'ବାଟରେ ଯିବା ପାଇଁ ଛାଡ଼ିଦିଅ । ଏବଂ ଅପେକ୍ଷା କରି ବସ– କେତେବେଳେ ପ୍ରକୃତି ମନୁଷ୍ୟ ଉପରେ ପ୍ରଗତିକୁ ଜବରଦସ୍ତି ଲଦି ଦେବ । କିନ୍ତୁ ଏହା ସୃଷ୍ଟିର ସତ୍ୟ ନୁହେଁ । ମଣିଷର ଯଥାର୍ଥ କର୍ତ୍ତବ୍ୟ ହେଲା– ତା'ର ପ୍ରଗତି ଲାଗି ପ୍ରକୃତିକୁ ବାଧ୍ୟ କରିବା । –ଶ୍ରୀମା




# ଏହା ଇତିହାସ ନୁହେଁ

କେନ୍ଦ୍ର ସରକାରଙ୍କ ଅଧୀନ ନ୍ୟାଶନାଲ କାଉନ୍‌ସିଲ ଅଫ୍ ଏଜୁକେଶନାଲ ରିସର୍ଚ୍ଚ ଆଣ୍ଡ୍ ଟ୍ରେନିଂ (ଏନ୍‌ସିଇଆର୍‌ଟି) ମୁଖ୍ୟତଃ ସେଣ୍ଟ୍ରାଲ ବୋର୍ଡ ଅଫ୍ ସେକେଣ୍ଡାରୀ ଏଜୁକେଶନ (ସିବିଏସ୍‌ଇ) ଅନୁବନ୍ଧିତ ସ୍କୁଲଗୁଡ଼ିକ ପାଇଁ ପାଠ୍ୟପୁସ୍ତକ ପ୍ରସ୍ତୁତ କରିଥାଏ । ଏହି କ୍ରମରେ ବିଶେଷକରି ସିଲାବସ ବଦଳାଯିବା ସହ ବିଭିନ୍ନ ଶ୍ରେଣୀର ପାଠ୍ୟ ପୁସ୍ତକର ବିଷୟଗୁଡ଼ିକରେ ପରିବର୍ତ୍ତନ କିମ୍ବା ସଂଶୋଧନକୁ ନେଇ ଏହା ୭୦ ଦଶକରୁ ଅଧିକାଂଶ ସମୟରେ ବିବାଦରେ ରହିଆସିଛି । ଚଳିତ ଶିକ୍ଷାବର୍ଷ ପ୍ରାରମ୍ଭରେ ଏନ୍‌ସିଇଆର୍‌ଟି ଇଂଲିଶ ନାମ ଥିବା କେତେକ ବହିର ହିନ୍ଦୀ ନାମକରଣ କରିଥିଲା ଏବଂ ଏହାକୁ ନେଇ ଭାଷାବିତ୍‌ମାନେ ପ୍ରଶ୍ନ ଉଠାଇଥିଲେ । ଉଦାହରଣ ସ୍ୱରୂପ, ସିବିଏସ୍‌ଇ ଷଷ୍ଠ ଶ୍ରେଣୀର ଇଂଲିଶ ପୁସ୍ତକର ନାମ 'ହନିସକଲ୍'କୁ ବଦଳାଇ ହିନ୍ଦୀରେ ପୂର୍ବୀ ଏବଂ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ଇଂଲିଶ ପୁସ୍ତକ 'ମେରିଗୋଲ୍ଡ ୱାନ୍ ଆଣ୍ଡ୍ ଟୁ'ର ନାମ 'ମୃଦଙ୍ଗ' ଏବଂ ତୃତୀୟ ଶ୍ରେଣୀ ଇଂଲିଶ ବହି 'ମେରିଗୋଲ୍ଡ-ଥ୍ରି'ର ନାମ 'ସନ୍ତୁର' କରାଯାଇଥିଲା । ପୂର୍ବୀ ଶାସ୍ତ୍ରୀୟ ସଙ୍ଗୀତ ରାଗର ନାମ ହୋଇଥିବାବେଳେ ଓ ଅନ୍ୟସବୁ ବାଦ୍ୟଯନ୍ତ୍ରର ନାମ । ଏହାସହ ଅତୀତରେ ଦ୍ୱାଦଶ ଶ୍ରେଣୀର ଇତିହାସ ବହିର ଗୋଟିଏ ଅଧ୍ୟାୟରେ ମହାତ୍ମା ଗାନ୍ଧୀଙ୍କ ହତ୍ୟା ବିଷୟରେ ଏବଂ ସପ୍ତମ ଶ୍ରେଣୀ ଇତିହାସ ବହିରେ ମୋଗଲ ସମ୍ରାଟଙ୍କ ସଫଳତାର କାହାଣୀରେ ପରିବର୍ତ୍ତନ କରାଯାଇଥିଲା । ଦଶମ ଶ୍ରେଣୀର ପାଠ୍ୟପୁସ୍ତକରୁ 'ଇଭୋଲ୍ୟୁଶନ' ବା କ୍ରମବିବର୍ତ୍ତନ ବିଷୟକୁ ବଦଳାଯାଇ ଇତିହାସର ବିକୃତୀକରଣ କରାଯାଇଥିଲା । ଦ୍ୱାଦଶ ଶ୍ରେଣୀ ରାଜନୀତି ବିଜ୍ଞାନ ବହିରୁ ଗୁଜରାଟ ଦଙ୍ଗା ଓ ବାବ୍ରୀ ମସ୍‌ଜିଦ ଭଙ୍ଗ ବିଷୟକୁ ମଧ୍ୟ ବାଦ୍ ଦିଆଯାଇଥିଲା ।

ଏବେ ଏନ୍‌ସିଆରଟି ଦ୍ୱାରା ପ୍ରକାଶିତ ଅଷ୍ଟମ ଶ୍ରେଣୀର ନୂଆ ଇତିହାସ ବହି 'ଏକ୍ସପ୍ଲୋରିଂ ସୋସାଇଟି: ଇଣ୍ଡିଆ ଆଣ୍ଡ୍ ବିଅଣ୍ଡ୍'ରେ ଓଡ଼ିଶାର ପାଇକ ବିଦ୍ରୋହ ସମ୍ପର୍କିତ ଲେଖାକୁ ସମ୍ପୂର୍ଣ୍ଣ ଭାବେ ବାଦ୍ ପକାଇ ଦିଆଯାଇଛି, ଯେଉଁଥିପାଇଁ ଭବିଷ୍ୟତ ପିଢ଼ି ଓଡ଼ିଆ ଜାତି ସମ୍ପର୍କରେ ଏକ ଭ୍ରମ ଧାରଣା ପାଇବେ । ସତେଯେମିତି ଏହି ଉପମହାଦେଶର ଇତିହାସରେ ଓଡ଼ିଆ ଜାତିର କୌଣସି ଅବଦାନ ନାହିଁ । ପାଠ୍ୟପୁସ୍ତକରୁ ପାଇକ ବିଦ୍ରୋହ ବିଷୟ ବାଦ୍ ପଡ଼ିବାକୁ ନେଇ ବିଭିନ୍ନ ମହଲରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ପରେ ୨୧ ଜୁଲାଇ ୨୦୨୫ରେ ଏନ୍‌ସିଇଆର୍‌ଟି ସ୍ପଷ୍ଟୀକରଣ ଦେଇଛି । ସଂସ୍ଥା ପକ୍ଷରୁ କୁହାଯାଇଛି ଯେ, ଆସନ୍ତା ସେପ୍ଟେମ୍ବର ଆଡ଼କୁ ଆସିବାକୁ ଥିବା 'ଏକ୍ସପ୍ଲୋରିଂ ସୋସାଇଟି: ଇଣ୍ଡିଆ ଆଣ୍ଡ୍ ବିଅଣ୍ଡ୍'ର ଦ୍ୱିତୀୟ ଭାଗରେ ପାଇକ ବିଦ୍ରୋହକୁ ସ୍ଥାନିତ କରାଯିବ । ଉଲ୍ଲେଖଯୋଗ୍ୟ ଯେ, ଏନ୍‌ସିଇଆର୍‌ଟି ୨୦୧୭ରେ ଅଷ୍ଟମ ଶ୍ରେଣୀ ଇତିହାସ ବହିରେ ପାଇକ ବିଦ୍ରୋହକୁ ସ୍ଥାନିତ କରିଥିଲା । ଏବେ କ'ଣ ଏମିତି ହେଲା ଯେ, ଗତ ସପ୍ତାହରେ ପ୍ରକାଶ ପାଇଥିବା ଅଷ୍ଟମ ଶ୍ରେଣୀ ନୂଆ ଇତିହାସ ବହିରେ ବଙ୍ଗଳାର ସନ୍ନ୍ୟାସୀ ବିଦ୍ରୋହ, ବିହାରର କୋଲ ଓ ସାନ୍ତାଳ ବିଦ୍ରୋହ ଥିବାବେଳେ ଓଡ଼ିଶାର ପାଇକ ବିଦ୍ରୋହକୁ ବାଦ୍ ଦିଆଗଲା ବୋଲି ପ୍ରଶ୍ନ ଉଠିବା ସ୍ୱାଭାବିକ । ଏହା ପାଇକଙ୍କ ବଳିଦାନ ପ୍ରତି ଚରମ ଉପହାସ ବୋଲି କେତେକେ କହୁଥିବା ବେଳେ ଆଉ କିଛି ଓଡ଼ିଆ ଅସ୍ମିତା କଥା ଉଠାଇଲେଣି । ୧୮୧୭ର ପାଇକ ବିଦ୍ରୋହରେ ଖୋର୍ଦ୍ଧାର ପାଇକମାନେ ଇଂରେଜ ବିରୋଧରେ ରକ୍ତାକ୍ତ ସଂଗ୍ରାମ କରିଥିଲେ । ଏଠାରେ ମନେ ପକାଇ ଦିଆଯାଇପାରେ ଯେ, ଓଡ଼ିଶାରେ ବିଗତ ବର୍ଷଗୁଡ଼ିକରୁ ପାଇକ ବିଦ୍ରୋହକୁ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମର ସ୍ୱୀକୃତି ଲାଗି ଦାବି କରାଯାଇଆସୁଛି । କେବଳ ଏତିକି ନୁହେଁ, ୨୪ ଡିସେମ୍ବର ୨୦୧୮ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଇଆଇଟି ଭୁବନେଶ୍ୱର ଗସ୍ତ ବେଳେ ସେହିଠାରୁ ପାଇକ ବିଦ୍ରୋହ ସମ୍ପର୍କିତ ସ୍ମାରକ ଡାକ ଟିକେଟ ଓ ମୁଦ୍ରା ଉନ୍ମୋଚନ କରିଥିଲେ । ବିଦ୍ରୋହର ସ୍ମୃତି ଉଜାଗର କରିବା ସକାଶେ ଏଥିଲାଗି ଆର୍ଥିକ ଅନୁଦାନ ପ୍ରଦାନ କରାଯାଇଛି । କେନ୍ଦ୍ର ସରକାର ଏଥିପାଇଁ ୧୦୦ କୋଟି ଟଙ୍କା ଓ ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀ ଆଇଓସିଏଲ୍ ୯୦ କୋଟି ଟଙ୍କା ଦେଇଥିବା ବେଳେ ଓଡ଼ିଶା ସରକାର ପାଇକ ବିଦ୍ରୋହ ସ୍ମୃତି ସ୍ମାରକୀ ପ୍ରତିଷ୍ଠା ସକାଶେ ବରୁଣେଇ ପାଦଦେଶରେ ୧୦ ଏକର ଜାଗା ଦେଇଛନ୍ତି । ଏପରି କି ତତ୍କାଳୀନ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଡିସେମ୍ବର ୨୦୧୯ରେ ବରୁଣେଇ ପାହାଡ଼ ପାଦଦେଶରେ ପାଇକ ବିଦ୍ରୋହ ସ୍ମାରକୀର ଶିଳାନ୍ୟାସ କରିଥିଲେ । ପାଇକ ବିଦ୍ରୋହ ଉପରେ ଅଧିକ ଗୁରୁତ୍ୱ ଦିଆଯାଇ ଆସୁଥିବା ବେଳେ ଏନ୍‌ସିଇଆର୍‌ଟି ପ୍ରସ୍ତୁତ ଅଷ୍ଟମ ଶ୍ରେଣୀ ଇତିହାସ ବହିରୁ ତାହାକୁ ବାଦ୍ ଦିଆଯିବା ଓ ବିରୋଧ ପରେ ତାହାକୁ ସାମିଲ କରିବା ନେଇ ଦିଆଯାଇଥିବା ସ୍ପଷ୍ଟୀକରଣ ସୂଚାଉଛି ଯେ, ସଂସ୍ଥାର ଏଭଳି ମାନସିକତା ବାସ୍ତବ ଇତିହାସକୁ ନିଶ୍ଚିହ୍ନ କରିବା ଲାଗି ଗୋଟେ ଷଡ଼ଯନ୍ତ୍ର ଚାଲିଛି । ମନେହେଉଛି ଯେପରି କିଛି ଲୋକଙ୍କ ଇଚ୍ଛା ଅନୁଯାୟୀ ଓଡ଼ିଶାର ଅତୀତକୁ ନୂତନ ଭାବେ ସୃଷ୍ଟି କରାଯିବାର ପ୍ରୟାସ ହେଉଛି । ପୁଣି ଯାହାକୁ ଯାହା ସୁହାଉଛି ସେହି ଅନୁଯାୟୀ ଇତିହାସର ବିକୃତୀକରଣ କରାଯାଉଛି । ଲାଗୁଛି ଯେମିତି ଏନ୍‌ସିଇଆର୍‌ଟି ଏସବୁ ପାଇଁ ମାଧ୍ୟମ ପାଲଟି ଯାଇଛି । ଓଡ଼ିଶାର ଏହି ବିଦ୍ରୋହକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମ ବୋଲି ଦାବି କରାଯାଉଥିବାବେଳେ ଏହାକୁ ସମ୍ପୂର୍ଣ୍ଣ ଭାବେ ଇତିହାସ ପୃଷ୍ଠାରୁ ନିଶ୍ଚିହ୍ନ କରିଦେବାର ପ୍ରୟାସ ଏକ ମନ୍ଦ ଉଦ୍ଦେଶ୍ୟର ପରିଚୟ ଦେଉଛି । ଯଦି ଜଣାଶୁଣା ଏବଂ ତଥ୍ୟ ଥିବା ଭଳି ପାଇକ ବିଦ୍ରୋହର ଇତିହାସକୁ ଏଭଳି କରାଯାଉଛି, ସେଥିରୁ ବୁଝିବାକୁ ହେବ ଦେଶବ୍ୟାପୀ ଅନେକ ବିଷୟକୁ ଏହିପରି ବିକୃତ କରାଯାଇଛି । ଏହା କରିକୁଲମ୍ ପ୍ରସ୍ତୁତକର୍ତ୍ତାଙ୍କ ମୂର୍ଖାମିର ପରିଚୟ ହୋଇପାରେ, ନଚେତ୍ ଦୁଷ୍ଟ ଓ କ୍ଷତିକାରକ ମାନସିକତାର ଲକ୍ଷଣ ଦର୍ଶାଉଛି ।

# ଆଇନର ସାମ୍ପ୍ରତିକ ମୂଲ୍ୟବୋଧ



ହରେକୃଷ୍ଣ ପଣ୍ଡା

ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀଙ୍କ ମୃତ୍ୟୁ ପରେ ସରକାର କହୁଛନ୍ତି ଦୋଷୀଙ୍କୁ କଠୋରରୁ କଠୋର ଦଣ୍ଡ ଦିଆଯିବ, ପୋଲିସ କହୁଛି ନିରପେକ୍ଷ ତଦନ୍ତ ହେବ । ଏଇଭଳି ଲୋମହର୍ଷଣକାରୀ ଘଟଣା ଓଡ଼ିଶାରେ ନୂଆ ନୁହେଁ । ଅତୀତ ଛବିରାଣୀ, ଅଞ୍ଜନା, ପରୀ, ପିଣ୍ଟୁ, ମମିତା, ଇତିଶ୍ରୀ, ବେବିନା, ସସ୍ମିତା, ରୁଚିକା, ସ୍ମିତାରାଣୀ, ମାଧବୀଲତାଙ୍କ ମୃତ୍ୟୁ ଜନ ମାନସରୁ ଉଭେଇ ଯାଇଛି । ଏହିସବୁ ଘଟଣା ସାରା ଓଡ଼ିଶା କାହିଁକି ଭାରତରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିଲା । ଏବେ ସେହିଭଳି ଏକ ମର୍ମନ୍ତୁଦ ଘଟଣା ଆମ ହୃଦୟକୁ ବିଦାରିତ କରିପକାଉଛି । ସମ୍ବେଦନଶୀଳ ଗୋଷ୍ଠୀ ଚିନ୍ତା କରିବା କଥା ଜଣକ ମୃତ୍ୟୁ ପରେ ଆଉ ଏଭଳି ଘଟଣାର ପୁନରାବୃତ୍ତି ନ ହେଉ । କିନ୍ତୁ କାହିଁକି ଏକାଧିକ ସମ୍ଭବ ହୋଇପାରିଲା ? ଏହାର ନିରାକରଣ ଦିଗରେ ଯଦି ଚିନ୍ତା କରାଯାଇ ପାରିଥାଆନ୍ତା ତେବେ ଆଜି ଏଭଳି ମର୍ମନ୍ତୁଦ ଘଟଣା ଘଟି ନ ଥାଆନ୍ତା । ଆମ୍ଭେମାନେ ଗୋଟିଏ ପଟେ ଆଇନ ଓ ଆଇନର ରକ୍ଷକ, ଅନ୍ୟପଟେ ଆଜିର ସମାଜରେ ବଡ଼ପଣିଆ ଅର୍ଜନ କରିଥିବା ବହୁ ବ୍ୟକ୍ତିଙ୍କଠାରେ ମଣିଷପଣିଆର ଅଭାବ । ଭାବ ଓ ସମ୍ବେଦନାରେ ପରିପୂର୍ଣ୍ଣ ବ୍ୟକ୍ତି ହିଁ ଏହି ରୀତିନୀତିକୁ ବୁଝନ୍ତି । ଆମ ସମାଜରେ ଉଦ୍ଦୀପ୍ତ ବାସନା, ଅନିୟନ୍ତ୍ରିତ ତୃଷ୍ଣା ବହନ କରିଚାଲୁଥିବା ଗୋଟିଏ ବଡ଼ମଣିଷ ସମାଜ ରହିଛି । ସେମାନେ ସବୁ କ୍ଷେତ୍ରରେ କିଛି ଶକ୍ତି ଆହରଣ କରି ଭଦ୍ରମୁଖା ତଳେ ବଞ୍ଚିଛନ୍ତି । ଏହିଭଳି ଗୋଟିଏ ଗୋଷ୍ଠୀ ଶିକ୍ଷା, ସ୍ୱାସ୍ଥ୍ୟ, ଶାସନ, ପ୍ରଶାସନ, ରାଜନୀତି ଓ ସାମାଜିକ ସ୍ତରରେ ବହୁ ଦିନରୁ ପ୍ରତିପତ୍ତି ବିସ୍ତାର କରିଆସିଛନ୍ତି । ଏମାନେ ସବୁପ୍ରକାର ବେଆଇନ କାର୍ଯ୍ୟ, ପ୍ରତିଶୋଧର ବାଟ ତିଆରି କରିଥାଆନ୍ତି । ଦୁର୍ନୀତି କିପରି କରାହୁଏ ଏମାନେ ତା'ର କୌଶଳ ତିଆରି କରି ଶୋଷକମାନଙ୍କୁ ବାଟ ବତାଇ ଦିଅନ୍ତି । ଏମାନେ ହେଉଛନ୍ତି ଅଦୃଶ୍ୟ ଇଲାକାର ଅଦୃଶ୍ୟ ରାଜା । ଅଦ୍ୟାବଧି ଏମାନଙ୍କ ପାଖକୁ ଆଇନ ଯାଇ ପାରିନାହିଁ, କି ସ୍ପର୍ଶ କରିପାରିନାହିଁ ।

ଦୁଃଖର କଥା ନିର୍ଦ୍ଦୋଷ ନାରୀ ସତ୍ୟ ପ୍ରତିଷ୍ଠା କରିବାକୁ ଚାହୁଁଥିବା ବେଳେ ସମାଜରେ ନିର୍ଯ୍ୟାତନାର ଶିକାର ହେଉଛନ୍ତି । ଏଥିପାଇଁ ଆମ ବ୍ୟବସ୍ଥା ଦାୟୀ ନୁହେଁ ତ ? ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଦୋଷୀକୁ ଧରିଦେଇ ପାରନ୍ତି । କିନ୍ତୁ ଏପରି ଯେ ଆଉ ନ ହେବ ସେଥିପାଇଁ ଗ୍ୟାରେଣ୍ଟି ଦେଇ ପାରିବେ କି ? ସବୁ କ୍ଷେତ୍ରରେ ଏକ ସତ୍ୟ ପ୍ରତିଷ୍ଠା କରିପାରିବେ କି ? ଆଜି ଆମ ସମାଜରେ ସତ୍ୟର ପ୍ରତିଷ୍ଠା ପାଇଁ ବିବେକୀମାନେ ଉଦ୍ୟମ କରୁଛନ୍ତି କିନ୍ତୁ ତାହା ପ୍ରତିଷ୍ଠା ହୋଇ ପାରୁ ନାହିଁ କାହିଁକି ?

ପ୍ରଥମେ ଦେଖିବା ଆମ ଆଇନଗତ ଦିଗ । ଆମ ଆଇନରେ ଅଛି "ହଜାରେ ଦୋଷୀ ବରଂ ଖସି ଯାଆନ୍ତୁ କିନ୍ତୁ ଜଣେ ହେଲେ ନିର୍ଦ୍ଦୋଷ ଦଣ୍ଡ ନ ପାଆନ୍ତୁ" । ତେବେ ଏହି ଆଇନର ପରିବର୍ତ୍ତନର ଆବଶ୍ୟକତା ରହିଛି । ଏଭଳି ଏକ ସନ୍ଦେହାତ୍ମକ ପ୍ରଶ୍ନବାଚୀ ଏବେ ଆଇନରେ ସୃଷ୍ଟି ନ ହେବା ପାଇଁ ଆଇନ ବିଶେଷଜ୍ଞମାନେ ନିଜ ଗବେଷଣା ଦ୍ୱାରା ସାବ୍ୟସ୍ତ କରି ଆଉ ଏକ ନୂତନ ଆଇନ ବା ଜନତାଙ୍କ ପାଇଁ ଆଶା ଭରସା ଯଦି ସୃଷ୍ଟି କରନ୍ତେ ତେବେ ସମାଜରେ ଠିକ୍ ନ୍ୟାୟ ବ୍ୟବସ୍ଥା ପ୍ରତିଷ୍ଠା ହୋଇପାରନ୍ତା । ଆଉ ଏକ ଆଇନଗତ ଦ୍ୱନ୍ଦ୍ୱ ରହିଛି, ତା'ହେଲା ହତ୍ୟା, ବଳାତ୍କାର କ୍ଷେତ୍ରରେ 'ଆଇ ୱିଟ୍‌ନେସ' ବା ସ୍ୱଚକ୍ଷୁରେ ଦେଖିଥିବା ସାକ୍ଷୀ ବିହୁନେ ଦଣ୍ଡ ବ୍ୟବସ୍ଥା ଆଇନରେ ନାହିଁ । ଏହା ବିଗତ ଶତାବ୍ଦୀରେ ଆବଶ୍ୟକ ଥିଲା । କିନ୍ତୁ ଏବେ ନାଗରିକମାନଙ୍କ ଚରିତ୍ର ଯେତେବେଳେ ବଦଳି ଯାଇଛି, ଯାବତୀୟ କୁକର୍ମକୁ ଚାପିଦିଆଯିବା ପାଇଁ ଶକ୍ତିଗୁଡ଼ିଏ ସୃଷ୍ଟି ହୋଇଗଲେଣି । ଏ କ୍ଷେତ୍ରରେ ରାଜନୀତି ଯେତେବେଳେ ନିଜ ଦଳ ଓ ଦଳୀୟ କର୍ମୀଙ୍କ ସୁରକ୍ଷା ପାଇଁ କାମ କରୁଥିବା ଦେଖାଗଲାଣି, ସେତେବେଳେ ଜଣେ ବଳାତ୍କାରୀ ଯଦି ତାଙ୍କ ଦଳର ହୋଇଥିବେ ତେବେ ସେମାନେ ତା' ପଛରେ ଏକ ଶକ୍ତିରୂପେ ଠିଆ ହେବେ ନାହିଁ କି ? ଏପରି କ'ଣ ଓଡ଼ିଶା କାହିଁକି ସାରା ଭାରତବର୍ଷରେ ଉଦାହରଣର ଅଭାବ ରହିଛି ? ଅତୀତରେ ଓଡ଼ିଶାରେ ମମିତା ମେହେରଙ୍କ ଭଳି ଲୋମଟାଙ୍କୁରା ଘଟଣାରେ ଅଦୃଶ୍ୟ ଶକ୍ତିମାନେ କ'ଣ କେହି ଦଣ୍ଡ ପାଇଲେ ? ଏଠାରେ ଅନୁଭୂତ ହେଲା ଯେ ନ୍ୟାୟିକ ବ୍ୟବସ୍ଥାରେ ଅଭାବନୀୟ ସ୍ଥିତି ଲାଗି ରହିଛି ।



ଆମେ ଜାଣୁ ଆମ ଦେଶରେ ବିଚାରପତିମାନେ ଆଇନରେ ବନ୍ଧା । ସେମାନେ ପ୍ରକୃତରେ ଦୋଷୀ କିଏ ଜାଣୁଥିଲେ ହେଁ ତାଙ୍କୁ ବିନା ସାକ୍ଷୀ ପ୍ରମାଣରେ କାଠଗଡ଼ାରେ ଠିଆ କରାଇବା କ୍ଷମତା ବା ସ୍ୱାଧୀନତା ସମ୍ବିଧାନରେ ଦିଆଯାଇ ନାହିଁ । ଏବେ ବେଳ ଆସିଛି ଭାରତ ସରକାର ୧୮୬୦ର ଆଇନକୁ ଯେଭଳି ଗୋଟିଏ ଗୋଟିଏ ପରିବର୍ତ୍ତନ କରି ଚାଲିଛନ୍ତି ସେହିଭଳି ସମ୍ବିଧାନରେ ଥିବା ନ୍ୟାୟିକ ବ୍ୟବସ୍ଥାକୁ ସୁଦୂରପ୍ରସାରୀ କରିବା ପାଇଁ ଅପରାଧ ଆଉ ବୃଦ୍ଧି ନ ଘଟିବା ଲାଗି ସମ୍ବିଧାନ ପରିବର୍ତ୍ତନ ନ କରି ଆଇନର ଧାରାରେ ଏଥିପାଇଁ ସଂଯୁକ୍ତ କରାଯାଇ ପାରିବ । ମୋଟ ଉପରେ କହିବାକୁ ଗଲେ ତାଟିତଳେ ରହି ଗୁଳି ମାରୁଥିବା, ହିଂସାକୁ ଭିଆଉଥିବା, ସମର୍ଥନ ଓ ପ୍ରୋତ୍ସାହନ ଦେଉଥିବା ବ୍ୟକ୍ତିର ମୁଖା ଖୋଲିଦେବା ପାଇଁ ସିଏ ଯିଏ ହେଉନା କାହିଁକି ତାଙ୍କୁ ଯେତେବେଳେ ଆଇନର କାଠଗଡ଼ାକୁ ଅଣାଯାଇପାରିବ ସେତେବେଳେ ସବୁଠି ନ୍ୟାୟ ପ୍ରତିଷ୍ଠା ହୋଇପାରିବ । ଆମେ ଦେଖୁଛେ ଆମ ଦେଶରେ ନ୍ୟାୟ ପ୍ରତିଷ୍ଠା ପାଇଁ ବହୁ ମହିଳା, ଯୁବକ, ସାମ୍ବାଦିକ, ସାମାଜିକ କର୍ମୀ, ମାନବାଧିକାର କର୍ମୀ ରାଜନୈତିକ ଆକ୍ରୋଶର ଶିକାର ହୋଇ ମୃତ୍ୟୁବରଣ କରୁଛନ୍ତି । କିନ୍ତୁ ସେମାନଙ୍କ ମୃତ୍ୟୁର କାରଣ ଜଣାପଡ଼େନି । ଏଭଳି ଏକ ବ୍ୟବସ୍ଥା ହୁଅନ୍ତା ଯେଉଁଥିରେ ହିଂସା ଭିଆଉଥିବା ଅଦୃଶ୍ୟ ଶକ୍ତିକୁ ସହଜରେ ଦୋଷୀ ବୋଲି ସାବ୍ୟସ୍ତ କରଯାଇ ପାରନ୍ତା । ଦେଖନ୍ତୁ ହିଂସା, ଅପରାଧ ଭଳି କାର୍ଯ୍ୟର ଅନୁସନ୍ଧାନ କରି ନ୍ୟାୟ ଦେବା ପାଇଁ ଆମ ଦେଶରେ ପୋଲିସ ବିଭାଗ, କ୍ରାଇମ ବ୍ରାଞ୍ଚ ବିଭାଗ, ଆହୁରି ଅନେକ ବିଭାଗ ଗଠନ କରାଯାଇଛି । କିନ୍ତୁ ଏମାନେ କ'ଣ ମାନବିକ ଦୃଷ୍ଟିକୋଣରୁ ବିଚାର କରି ନିରପେକ୍ଷ ନା ଅନୁରକ୍ତ ହୋଇ ଥାଆନ୍ତି ? କିନ୍ତୁ ତ୍ୱରିତ ଦଣ୍ଡଦେବା ବ୍ୟବସ୍ଥା ଦିଗରେ ଆଇନର ବାଟ ସିଧା ନ ଥାଏ । ତେବେ ଏକବିଂଶ ଶତାବ୍ଦୀରେ ଆଇନର ଉପଧାରାଗୁଡ଼ିକ ପରିବର୍ଦ୍ଧିତ ହେବା ଆବଶ୍ୟକ କରୁ ନାହିଁ କି ? ବର୍ତ୍ତମାନର ଆଇନ ସମ୍ପର୍କରେ ପଣ୍ଡିତ ମହେଶ୍ୱର କହିଛନ୍ତି ଯେ, ଆଇନ ବର୍ତ୍ତମାନ ବହୁରୂପୀ ଏଣ୍ଡୁଅରେ ରୂପାନ୍ତରିତ । ସାର୍ବଭୌମ ସାମାଜିକ ଜୀବନର ଅନ୍ତରାୟ । ରାଜା ମହାରାଜା ଦୁଇଟି ଆଇନ ପ୍ରଣୟନ କରିଥିଲେ ଗୋଟିଏ ହେଉଛି କଚ୍ଛିମାହାଲ ଓ ଅନ୍ୟଟି ହେଉଛି ପକ୍କିମାହାଲ । ପ୍ରଥମଟି ହେଉଛି ରାଜକର୍ମଚାରୀମାନେ ବିଚାର କରି ଦଣ୍ଡ ଦେବାର ବ୍ୟବସ୍ଥା ଓ ଅନ୍ୟଟି ହେଉଛି ରାଜା ନିଜେ ବିଚାର କରି ଦଣ୍ଡଦେବା । ବର୍ତ୍ତମାନ ଆଇନ ଦରବାରୀ ନଚେତ୍ ରାଜନୈତିକ ଦଳର ଇସ୍ତାହାର ବୋଲି ସେ ଆଖ୍ୟା ଦେଇଛନ୍ତି । ବାସ୍ତବରେ ଦେଖିବାକୁ ଗଲେ ଦଣ୍ଡ ବ୍ୟବସ୍ଥା ଦୃଷ୍ଟାନ୍ତମୂଳକ ହୋଇ ପାରୁ ନ ଥିବାରୁ ତାହା ଅପରାଧୀଙ୍କୁ ସଚେତନ କରି ପାରୁନାହିଁ । ଜନଚରିତ୍ର ଏଭଳି ହୋଇ ଯାଇଛି ଯେ ତାହା ବଦଳାଇବା ଖୁବ୍ କଷ୍ଟକର । ବର୍ତ୍ତମାନ ପ୍ରତ୍ୟେକ କ୍ଷେତ୍ରରେ ପ୍ରବେଶ କରିଥିବା ସମସ୍ୟା, ଅବାଞ୍ଛନୀୟତା, ବିଡ଼ମ୍ବନା ଏଥିପାଇଁ ଦୋଷ କାହାକୁ ଦେବା ? ପ୍ରତ୍ୟକ୍ଷବାଦ ପୃଷ୍ଠଭୂମିରେ ଜନ୍ମ ନେଇଥିବା ଭୌତିକବାଦ ପ୍ରାୟ ସମସ୍ତ ନୈତିକ ମୂଲ୍ୟର ଉପଯୋଗିତା ଆବଶ୍ୟକତାକୁ ମାନିବା ପାଇଁ ରାଜି ନୁହେଁ । ଆଇନ ଅଛି କିନ୍ତୁ ସେ ଅଦୃଶ୍ୟ ଶକ୍ତିକୁ ଭେଦ କରି ସେମାନଙ୍କୁ ଦଣ୍ଡିତ କରି ପାରୁନାହିଁ । ଏଠି ବିଷକୁ ଅମୃତ ମାନ୍ୟତା, କ୍ଷତିକୁ ଲାଭ ବୋଲି ମନେକରି ତାକୁ ପାଇବା ପାଇଁ ସମସ୍ତେ ଲାଳାୟିତ । ଯାହାଫଳରେ ଆଇନ ଆଖିରେ ଲୁହ ନୁହେଁ ତା' ପରିବର୍ତ୍ତେ ଲହୁ ଝରୁଛି । ନ୍ୟାୟକୁ ଠିକ୍ ଏବଂ ଅଦୃଶ୍ୟ ଜାଗାରେ ପହଞ୍ଚାଇବା ପାଇଁ, ଆଇନ ବିଶାରଦ ଓ ଆଇନ ଗବେଷକମାନେ ଗବେଷଣା ଉପଲବ୍ଧ ଜ୍ଞାନକୁ ପ୍ରସାରିତ କରବା ଉଚିତ ।

ସୟଦପୁର, ଯାଜପୁର
ମୋ: ୯୪୩୭୩୧୫୬୨୩

# ଭୁଲ୍ ବୁଝାମଣା



ରାଧାଶ୍ୟାମ ରାଉଳ

କେତେକ କ୍ଷେତ୍ରରେ କୌଣସି ନା କୌଣସି କାରଣରୁ ତ କେତେକ କ୍ଷେତ୍ରରେ କୌଣସି କାରଣ ନ ଥାଇ ଭୁଲ୍ ବୁଝାମଣା ସୃଷ୍ଟି ହୁଏ । ତେବେ ଭୁଲ୍ ବୁଝାମଣା ସୃଷ୍ଟି ଓ ବଢ଼ିବା ହେବା ମୂଳରେ ରହୁଛି ଜଣେ ଅନ୍ୟଜଣଙ୍କୁ କିମ୍ବା ପରସ୍ପରକୁ ବୁଝି ନ ପାରିବାର ଅଦୂରଦର୍ଶୀ ମାନସିକତା । ଘୃଣା, ବିଦ୍ୱେଷ, ସନ୍ଦେହ, ଅସୂୟା, ଗର୍ବ, ଅହଂକାର, ଔଦ୍ଧତ୍ୟ ଭଳି ତତ୍ତ୍ୱ ଭୁଲ୍ ବୁଝାମଣା ଉତ୍ପତ୍ତିର ପ୍ରମୁଖ କାରଣ ।

ଭଲ କଥାବାର୍ତ୍ତା କରୁଥିବା, ଭଲ ବ୍ୟବହାର ପ୍ରଦର୍ଶନ କରୁଥିବା ବ୍ୟକ୍ତିଟି ଅନ୍ୟର ପ୍ରରୋଚନାରେ ହେଉ କିମ୍ବା ନିଜର ଅହଂକାର ଯୋଗୁ ହେଉ, ହଠାତ୍ ଯଦି ଆପଣଙ୍କୁ ଭୁଲ୍ ବୁଝିବେ, ଆପଣଙ୍କ ସହ ଅବାନ୍ତର ଯୁକ୍ତିତର୍କ କରିବସିବେ, ଅସମ୍ମାନ ପ୍ରଦର୍ଶନ କରିବେ ତ ତାଙ୍କର ସେଭଳି ଅମାର୍ଜିତ ଆଚରଣରେ ଆପଣ ସ୍ତବ୍ଧ, ଚକିତ ହେବେ ହିଁ ହେବେ । କଥା ଆଉ ଆଗକୁ ନ ବଢ଼େଇ ସୃଷ୍ଟ ପରିସ୍ଥିତିକୁ ନିଜ ନିୟନ୍ତ୍ରଣରେ ରଖିବାକୁ ଆପଣ ନାନା ଚେଷ୍ଟାକରି ହୁଏତ ବିଫଳ ହେବେ । ସେଇଠୁ ଅନନ୍ୟୋପାୟ ହୋଇ ଅଗତ୍ୟା ନୀରବରେ ହେଜିବା ସାର ହେବ, 'ଓଃ ଥରେ ନୁହେଁ, ଦୁଇଥର ନୁହେଁ, ବାରମ୍ବାର ଜୀବନରେ ଏମିତି ମଣିଷ ଚିହ୍ନିବାରେ କେଉଁଠି ନା କେଉଁଠି ଭୁଲ ହୋଇଯାଉଛି, ସତରେ !'

ସବୁ ସମୟରେ, ସବୁକ୍ଷେତ୍ରରେ ଭୁଲ ବୁଝାମଣା ବିଗାଡ଼ିଦିଏ ସମ୍ପର୍କକୁ, ଉଜାଡ଼ିଦିଏ ସଂସାରକୁ ! ପ୍ରେମରେ, ଭକ୍ତିରେ, କର୍ମରେ, ଧର୍ମରେ, ଭାବ ବିନିମୟରେ, ନୀତିନିୟମ ବ୍ୟବସ୍ଥାରେ, କଳା, ସାହିତ୍ୟ, ସଂସ୍କୃତି, ଶିକ୍ଷା, କ୍ରୀଡ଼ା, ରାଜନୀତି ଇତ୍ୟାଦି ପ୍ରାୟ ସବୁକ୍ଷେତ୍ରକୁ ଭୁଲ ବୁଝାମଣା ଏମିତି ଆବୋରି ବସିଛି ଯେ ଯାହାର ପ୍ରଭାବରେ ବଢ଼ିଚାଲିଛି ସଂଘର୍ଷ, ସଂଘାତ, ସନ୍ତ୍ରାସ, ତିକ୍ତତା, ଶତ୍ରୁତା, ହିଂସ୍ରତା, ବିଶୃଙ୍ଖଳା, ବ୍ୟଭିଚାର, ଅରାଜକତା ।

ବାଲ୍ୟାବସ୍ଥାରୁ ବର୍ତ୍ତମାନ ପର୍ଯ୍ୟନ୍ତ ଆମେ ବିଭିନ୍ନ ପର୍ଯ୍ୟାୟ ଦେଇ ଆସିବା ଭିତରେ ବିଭିନ୍ନ ସମୟରେ କାହାର ନା କାହାର ଭୁଲ୍ ବୁଝାମଣାର ଶିକାର ହୋଇଆସୁଛୁ । ଘରେ, ବାହାରେ, ସାହିବସ୍ତିରେ, ରାସ୍ତାଘାଟରେ, ହାଟବଜାରରେ, ସଭାସମିତିରେ, ବୃତ୍ତିକ୍ଷେତ୍ରରେ, ପ୍ରବୃତ୍ତିକ୍ଷେତ୍ରରେ, ସାଙ୍ଗସାଥୀ, ବନ୍ଧୁମହଲରେ କେତେବେଳେ ନା କେତେବେଳେ ଭୁଲ ବୁଝାମଣା ସୃଷ୍ଟି ହେଉଛି । କେଉଁଠି ଏହାର ପ୍ରଭାବ ଓ ଭୋଗକାଳ କିଛିକ୍ଷଣ, କିଛିଦିନ, କିଛିବର୍ଷ । ତା'ପରେ ଭୁଲ୍ ବୁଝାମଣାର କୁହୁଡ଼ିକା ଅପସରି ଯାଇ ସମ୍ପର୍କ ପୁଣି ସହଜ, ସ୍ୱଚ୍ଛନ୍ଦ ହୁଏ । କେଉଁଠି ପୁଣି ଏହାର ପ୍ରଭାବ ଭୟଙ୍କର ହୋଇ ଜୀବନଧାରାକୁ ଏମିତି ଆଚ୍ଛନ୍ନ, ଆକ୍ରାନ୍ତ କରିରଖେ ଯେ ସେଥିରୁ ମୁକ୍ତି ମିଳିବା ଅସମ୍ଭବ ସାବ୍ୟସ୍ତ ହୁଏ ।

ଜୀବନରେ ଦୈବାତ୍ ପ୍ରେମରେ ପଡ଼ିବା ବିଚିତ୍ର କଥା ନୁହେଁ । ହେଲେ ପ୍ରେମ ବ୍ୟାପାରରେ ଦୁଇ ଅଂଶୀଦାର ଅର୍ଥାତ୍ ପ୍ରେମିକ ଓ ପ୍ରେମିକା ମଧ୍ୟରେ ଉତ୍ତମ ବୁଝାମଣା ଯଦି ରହିଲା, ତେବେ ପ୍ରେମରେ ସଫଳତା ମିଳିବ । ଆଉ ଯଦି ଭୁଲ୍ ବୁଝାମଣା ମୁଣ୍ଡଟେକିଲା, ତେବେ ଅବସ୍ଥା ହେବ ଅସମ୍ଭାଳ, ପରିସ୍ଥିତି ଅଣାୟତ୍ତ ହେବା ଥୟ । ପ୍ରେମ ପରି ବନ୍ଧୁତା ମଧ୍ୟ ପବିତ୍ର ସମ୍ପର୍କର ନମୁନା । ବନ୍ଧୁତା ଭିତରେ ଯଦି ଭୁଲ୍ ବୁଝାମଣା ପଶିବ, ତେବେ ତାହା ଶତ୍ରୁତାର ରୂପ ନେବ ନିଶ୍ଚୟ ।



ନିଜର କର୍ତ୍ତବ୍ୟନିଷ୍ଠା, ପରିଶ୍ରମ, ଅଧ୍ୟବସାୟ, ସାଧନା, ପରାକାଷ୍ଠା ଥିବା ସତ୍ତ୍ୱେ କର୍ମକ୍ଷେତ୍ରରେ ହେଉ ଅବା ସାଧନା କ୍ଷେତ୍ରରେ, ଯେଉଁମାନଙ୍କୁ ମୁଁ ଗ୍ରହଣ କରିଆସିଛି, ଯେଉଁମାନେ ମୋ ଦୈନନ୍ଦିନ କାର୍ଯ୍ୟଶୈଳୀ ଓ ଜୀବନଚର୍ଯ୍ୟାକୁ ଭୂୟସୀ ପ୍ରଶଂସା କରିଆସିଛନ୍ତି, ସେମାନେ କୌଣସି ନା କୌଣସି ଭିତ୍ତିହୀନ, ଅବାସ୍ତବ କାରଣ ପାଇଁ ମୋତେ ଭୁଲ୍ ବୁଝିଛନ୍ତି । ସେଇ ଦାୟରେ, ମୋ ଦୀର୍ଘ ଛତିଶବର୍ଷର କର୍ମମୟ ଜୀବନରେ ମୁଁ ସହକର୍ମୀଙ୍କର ଚୁଗୁଲି, ଷଡଯନ୍ତ୍ରର ଶିକାର ହୋଇଛି । କର୍ତ୍ତୃପକ୍ଷଙ୍କ ଆକ୍ରୋଶର ଶିକାର ହୋଇ ଅନ୍ୟତ୍ର ବଦଳିହେବାର ମାନସିକ ଚାପ ଓ ଉତ୍ପୀଡ଼ନକୁ ନୀରବରେ ସହିଛି । ଜଣେ କର୍ତ୍ତୃପକ୍ଷ ନିଜ କ୍ଷମତାର ଅପପ୍ରୟୋଗ କରି ମୋର ପ୍ରାପ୍ୟ ଟଙ୍କାରୁ ମୋତେ ବଞ୍ଚିତ କରିଛନ୍ତି । ଅନୁରୂପ ଭାବେ ହାଇସ୍କୁଲ ପଢ଼ିବା ସମୟର ସାଙ୍ଗ ପ୍ରଦୀପ ମାତ୍ରାଧିକ ବାହାଦୁରିର ପ୍ରଭାବରେ ଏବେ ଏ ପରିଣତ ବୟସରେ ମୋତେ ହୃଦୟହୀନ କହିବା, ଯୁକ୍ତ୩ ପଢ଼ୁଥିବା ସମୟର ସାଙ୍ଗ ଅନିଲ ନିଜକୁ ମାନ୍ୟଗଣ୍ୟ ମନେକରି ମୋତେ ବଦରାଗୀ, ବେସରମ କହିବା, ସମବୟସ୍କ ସାହିତ୍ୟିକ ବନ୍ଧୁ ମକରନ୍ଦ ବାବୁ ଏକ ସମ୍ଭ୍ରାନ୍ତ ସାହିତ୍ୟାନୁଷ୍ଠାନରେ ଶୀର୍ଷ ପଦବୀରେ ରହିବା ପରେ ଆମ ଦୀର୍ଘବର୍ଷର ବନ୍ଧୁତାକୁ ଭୁଲିଯାଇ ମୋତେ ଅବଜ୍ଞା, ଅବହେଳା କରିବା, ନିଜ କଲୋନୀରେ ଦୁର୍ନୀତି, ଭ୍ରଷ୍ଟାଚାର ବିରୋଧରେ ସ୍ୱରୋତ୍ତୋଳନ କରି ନ୍ୟସ୍ତସ୍ୱାର୍ଥଗୋଷ୍ଠୀର ଆହ୍ୱାନ, ଅଦଉତିକୁ ସାମ୍ନା କରିବା ଇତ୍ୟାଦି ବାସ୍ତବରେ ମୋ ଜୀବନରେ ଅତ୍ୟନ୍ତ ଦୁଃଖଦାୟକ ଓ ଦୁର୍ଭାଗ୍ୟଜନକ ଅନୁଭୂତି !

ମନରେ ସ୍ୱତଃ ପ୍ରଶ୍ନ ଆସିବା ସ୍ୱାଭାବିକ, ଭୁଲ ବୁଝାମଣା କ'ଣ ଏମିତି ଦୟନୀୟତା ଓ ଦୁର୍ଗତିପ୍ରାପ୍ତ ହୁଏ ସବୁବେଳେ ? ଏଇ ଯେମିତି ନୀତିଭ୍ରଷ୍ଟ, ଦୁର୍ନୀତିଗ୍ରସ୍ତଙ୍କୁ ସଦାଚାରୀ, ନୀତିନିଷ୍ଠ, ସତ୍ୟନିଷ୍ଠ ; ଅନାଡ଼ି, ଅକାଳକୁଷ୍ମାଣ୍ଡମାନଙ୍କୁ ମହାଜ୍ଞାନୀ ; ଅସାହିତ୍ୟିକଙ୍କୁ ବିଶିଷ୍ଟ ସାହିତ୍ୟିକ ; କର୍ମକୋଡ଼ି ବାହାଦୁରିଆଙ୍କୁ କର୍ମଯୋଗୀ ; ଭ୍ରଷ୍ଟାଚାରୀ, ଟାଉଟରଙ୍କୁ ସୁଧାରକ, ସଂସ୍କାରକ ଉପାଧିରେ ଭୂଷିତ କରିବା । ଆଉ ସବୁ ତ୍ରୁଟିବିଚ୍ୟୁତି, ବିଲକ୍ଷଣ, ବ୍ୟତିକ୍ରମ, ବିରୋଧାଭାସକୁ ବରଦାସ୍ତ କରୁଥିବା, ମୁଣ୍ଡପାତି ସହୁଥିବା ସହୃଦୟ ମଣିଷଙ୍କୁ ଇତର, ନଗଣ୍ୟ ମନେକରି ସେମାନଙ୍କ ସହ ଅନୁଚିତ ଆଚରଣ ଓ ବେପରୁଆ ବ୍ୟବହାର ପ୍ରଦର୍ଶନ କରିବା ?

ନିଜ ସପକ୍ଷରେ ନିଜର ଯୁକ୍ତି, 'ମୋର ଆଜ୍ଞା, କିଛି ଭୁଲ ନାହିଁ । ଦୟାକରି ମୋତେ ଭୁଲ ବୁଝନ୍ତୁନାହିଁ 'ର ଭାବାର୍ଥ କି ଶବ୍ଦାର୍ଥ କିଏ ବୁଝୁଛି, ଆଜିର ସଙ୍କଟପୂର୍ଣ୍ଣ ସମୟରେ । ଭୁଲ ବୁଝାମଣା ଏକ ନକାରାତ୍ମକ ଅନୁଚିନ୍ତା । ଏହାର ପାର୍ଶ୍ୱପ୍ରତିକ୍ରିୟା ପ୍ରବଳ । ଏହାକୁ ପ୍ରତିହତ କରିବା ସାଧ୍ୟାତୀତ ନିଶ୍ଚୟ । ଆମେ ସେଇ ଭୁଲ୍ ବୁଝାମଣାର ପାପଚକ୍ର ଭିତରେ ଅହରହ ଧନ୍ଦିହେଉଛୁ ।

ବୀମାବିହାର, ମର୍କତନଗର,
ସେକ୍ଟର-୬, କଟକ
ମୋ:୯୪୩୭୦୯୦୯୮୫

## ଏଇ ଭାରତରେ

ଭାରତ ସ୍ୱାଧୀନତା ପାଇବା ପରଠାରୁ ଏଯାବତ୍ ଅଧିକାଂଶ ଗାଁର ଇତିହାସକୁ ଖୋଜିଲେ ଜଣେ ଆଇଏଏସ୍ କିମ୍ବା ଆଇପିଏସ୍ ଅଧିକାରୀ ମିଳିବେ ନାହିଁ । ହେଲେ ଉତ୍ତରପ୍ରଦେଶର ମାଧପଟି ଗାଁ ଆଇଏଏସ୍ ଫ୍ୟାକ୍ଟ୍ରି ଭାବେ ଜଣାଶୁଣା । ଅର୍ଥାତ୍ ଏହି ଗାଁରୁ ଏଯାବତ୍ କେନ୍ଦ୍ର ଲୋକସେବା ଆୟୋଗ(ୟୁପିଏସ୍‌ସି) ଦ୍ୱାରା ପରିଚାଳିତ ସିଭିଲ ସର୍ଭିସ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ୪ ଆଇଏଏସ୍‌ଙ୍କ ସମେତ ମୋଟ ୫୦ ଜଣ ଆଇଏଏସ୍, ଆଇପିଏସ୍ ଓ ଆଇଆର୍‌ଏସ୍ ହେବାର ସୌଭାଗ୍ୟ ଲାଭ କରିପାରିଛନ୍ତି । କେବଳ ଏତିକି ନୁହେଁ, ଏହି ଗାଁରୁ ଅନେକେ ମଧ୍ୟ ମହାକାଶ ବିଜ୍ଞାନୀ, ଆଣବିକ ଗବେଷଣା, ନ୍ୟାୟିକ ସେବା ଏବଂ ବ୍ୟାଙ୍କିଙ୍ଗ୍‌ର ଉଚ୍ଚ ପଦପଦବୀରେ ଆସୀନ ହୋଇଛନ୍ତି । ଜଉନପୁର ଜିଲାର ଏହି ଗାଁରେ ୭୫ଟି ପରିବାର ରହୁଛନ୍ତି । ବଡ଼ କଥା ହେଉଛି, ଏଠାରେ କୌଣସି କୋଚିଂ ସେଣ୍ଟର ନାହିଁ । ତଥାପି ପ୍ରତିବର୍ଷ ଜଣଙ୍କ ପରେ ଜଣେ ସିଭିଲ ସର୍ଭିସ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇଚାଲିଛନ୍ତି ।

## ୫୦ ବର୍ଷ ତଳର ଧରିତ୍ରୀ

**୨୨ ଜୁଲାଇ ୧୯୭୬**

- ଭାରତ ଓ ପାକିସ୍ତାନ ମଧ୍ୟରେ ବିମାନ ଚଳାଚଳ ଆରମ୍ଭ କରାଯାଇଥିବା ବେଳେ ପ୍ରଥମଥର ପାଇଁ ଭାରତର ଏକ ବିମାନରେ ପାକିସ୍ତାନ ପାଇଁ ମନୋନୀତ ଭାରତର ରାଷ୍ଟ୍ରଦୂତ କେ.ଏସ୍. ବାଜପେୟୀ ନୂଆଦିଲ୍ଲୀରୁ ଇସଲାମାବାଦ ଅଭିମୁଖେ ଲାହୋର ଯାତ୍ରା କରିଛନ୍ତି ।
- ଆମେରିକା ଦ୍ୱାରା ପ୍ରେରିତ ଅମାନବ ମହାକାଶଯାନ ଭାଇକିଙ୍ଗ-୧ ନିରାପଦରେ ମଙ୍ଗଳ ଗ୍ରହ ପୃଷ୍ଠରେ ଅବତରଣ କରିଛି ।

## ଚିରନ୍ତନୀ

ବିଶ୍ୱର ତରଙ୍ଗେ ଭାସି
ଅଭାବର ରାଶି ରାଶି
ଜମିଅଛି କେତେ ଶତ ମୋର ଏ
ଅନ୍ତରେ,
ନିବିଡ଼ ସେ ଆଲିଙ୍ଗନେ
ଉଠିବ ପୂରି ସଘନେ
ନୀରବ ନିଭୃତ ଏହି ନିଶୀଥ ରାତ୍ରରେ ।
–(ଆଶ୍ଳେଷ ସ୍ୱର୍ଗ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | 7 | | 9 |
| | | | | 3 | 2 | | | |
| | | | 8 | | | | 1 | |
| 7 | | 2 | | | 8 | | | |
| | 1 | 6 | | | 9 | | 5 | |
| | | | | | 4 | | 6 | |
| | 2 | 1 | | | | 6 | | |
| | | | | 9 | | 2 | 7 | |
| | | 9 | 5 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 7 | 1 | 2 | 6 | 4 | 3 | 9 | 8 | 5 |
| 9 | 4 | 8 | 5 | 2 | 1 | 3 | 6 | 7 |
| 6 | 3 | 5 | 7 | 8 | 9 | 4 | 1 | 2 |
| 5 | 7 | 1 | 8 | 6 | 4 | 2 | 9 | 3 |
| 3 | 6 | 4 | 2 | 9 | 5 | 1 | 7 | 8 |
| 2 | 8 | 9 | 3 | 1 | 7 | 5 | 4 | 6 |
| 4 | 2 | 3 | 1 | 7 | 6 | 8 | 5 | 9 |
| 1 | 5 | 7 | 9 | 3 | 8 | 6 | 2 | 4 |
| 8 | 9 | 6 | 4 | 5 | 2 | 7 | 3 | 1 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଆୟକର ଲାଗୁ ହେଉ

ମହାଶୟ,

ରାଜ୍ୟରେ ଯାତ୍ରା କଳାକାରମାନେ ବାର୍ଷିକ ୬୦ରୁ ୭୦ ଲକ୍ଷ ଟଙ୍କା ଆୟ କରୁଥିବାରୁ ସେମାନେ ଆୟକର ଦେବାକୁ ବାଧ୍ୟ । ଯଦି ଦେଉ ନ ଥିବେ ତେବେ ସେମାନଙ୍କ ପାଇଁ ନୂଆ ନିୟମ ଲାଗୁ କରାଯାଉ । ସେହିପରି ଚଳଚ୍ଚିତ୍ରରେ ମଧ୍ୟ ବାର୍ଷିକ ଆୟ ଥାଇ ବି ଆୟକରରୁ ରିହାତି ପାଉଛନ୍ତି । କିନ୍ତୁ ଗାଡ଼ି ମାଲିକମାନେ ଆୟକର ପରିସରଭୁକ୍ତ । ଯାତ୍ରା ମାଲିକମାନଙ୍କୁ କଳାକାରଙ୍କ ତାଲିକା ମଗାଯାଉ । ସେମାନଙ୍କଠାରୁ ସରକାର ରାଜସ୍ୱ ପାଇପାରିବେ । ନିୟମ ସମସ୍ତଙ୍କ ପାଇଁ ସମାନ ହେଉ, ଯେପରି ଏହାକୁ କେହି ଖିଲାପ ନ କରନ୍ତି । ଏହା କଡ଼ାକଡ଼ି ପାଳନ କରାଯାଉ ।

–ରମେଶ ଚନ୍ଦ୍ର ବେହେରା, ଆୟତପୁର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଭଲ୍ୟୁମ୍-୨ରେ ସ୍ଥାନ ପାଇବ 'ପାଇକ ବିଦ୍ରୋହ'

ଭୁବନେଶ୍ୱର,୨୧।୭ (ସୁଚିସ୍ମିତା ସାହୁ)

## ସ୍ପଷ୍ଟୀକରଣ ଦେଲା ଏନ୍‌ସିଇଆରଟି

ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ ରୁହାଯାଉଥିବା ଓଡ଼ିଶାର 'ପାଇକ ବିଦ୍ରୋହ'କୁ ନ୍ୟାସନାଲ କାଉନ୍‌ସିଲ ଅଫ୍ ଏଜୁକେଶନାଲ ରିସର୍ଚ୍ଚ ଆଣ୍ଡ ଟ୍ରେନିଂ (ଏନ୍‌ସିଇଆରଟି) ପାଠ୍ୟପୁସ୍ତକରୁ ବାଦ୍ ଦିଆଯାଇଛି। ଏହା ଜଣାପଡିବା ପରେ ରାଜ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇବା ସହ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଏପରିସ୍ଥିତିରେ ଏନ୍‌ସିଇଆରଟି ପକ୍ଷରୁ ସୋମବାର ଏକ ପ୍ରେସ୍ ବିବୃତି ମାଧ୍ୟମରେ ସ୍ପଷ୍ଟୀକରଣ ଦିଆଯାଇଛି। ସେଥିରେ ଉଲ୍ଲେଖ କରାଯାଇଛି ଯେ, ୮ମ ଶ୍ରେଣୀର ସୋସିଆଲ ସାଇନ୍ସ ପୁସ୍ତକ 'ଏକ୍ସପ୍ଲୋରିଂ ସୋସାଇଟି: ଇଣ୍ଡିଆ ଆଣ୍ଡ ବିଅଣ୍ଡ' ଭଲ୍ୟୁମ୍-୧ର ନୂତନ ସଂସ୍କରଣ ପ୍ରକାଶ ପାଇଛି। ଏହାର ଭଲ୍ୟୁମ୍-୨ର ପ୍ରସ୍ତୁତି ବର୍ତ୍ତମାନ ପର୍ଯ୍ୟାୟରେ ପହଞ୍ଚିଛି। ଆସନ୍ତା ସେପ୍ଟେମ୍ବର କିମ୍ବା ଅକ୍ଟୋବରରେ ଏହା ପ୍ରକାଶ ପାଇବାର ସମ୍ଭାବନା ରହିଛି। ସେଥିରେ ଆଞ୍ଚଳିକ ଆନ୍ଦୋଳନ ଏବଂ ସଶସ୍ତ୍ର ବିଦ୍ରୋହ ସଂକ୍ରାନ୍ତ ପାଠ୍ୟକ୍ରମ ରହିବ। ଓଡ଼ିଶାର ପାଇକ ବିଦ୍ରୋହ ବା ଖୋର୍ଦ୍ଧା ବିଦ୍ରୋହ ସହ ପଞ୍ଜାବରେ କୁକା ଆନ୍ଦୋଳନ ବା ଶିଖ ବିଦ୍ରୋହ ଆଦି ବିଷୟଗୁଡ଼ିକ ସ୍ଥାନ ପାଇବ ବୋଲି ସ୍ପଷ୍ଟ କରାଯାଇଛି। ସୂଚନାଯୋଗ୍ୟ, ଗତ ସପ୍ତାହରେ ଏନ୍‌ସିଇଆରଟି ପକ୍ଷରୁ ପ୍ରକାଶିତ ୮ମ ଶ୍ରେଣୀ ସୋସିଆଲ ସାଇନ୍ସ ବହିର ଭଲ୍ୟୁମ୍-୧ରୁ 'ପାଇକ ବିଦ୍ରୋହ' ବିଷୟକୁ ବାଦ୍ ଦିଆଯାଇ ଥିବାରୁ ଏହାକୁ ନେଇ ଅଭିଯୋଗ ଓ ପ୍ରତିବାଦ ଉଠିଥିଲା। ସେଥିରେ ବଙ୍ଗଳାର ସନ୍ୟାସୀ ବିଦ୍ରୋହ, ବିହାରର କୋଲ୍ ବିଦ୍ରୋହ ଓ ସାନ୍ତାଳଙ୍କ ବିଦ୍ରୋହ ସ୍ଥାନ ପାଇଥିବା ବେଳେ ଖୋର୍ଦ୍ଧାର ପାଇକ ବିଦ୍ରୋହକୁ ବାଦ୍ ଦେବା ବୀର ପାଇକଙ୍କ ଗୌରବମୟ ତ୍ୟାଗ ଓ ବଳିଦାନ ପ୍ରତି ଏକ ଚରମ ଉପହାସ ବୋଲି ମତପ୍ରକାଶ ପାଇଥିଲା। ଏହାକୁ ନେଇ ଓଡ଼ିଆ ଅସ୍ମିତା ପରିଷଦ ଅଭିଯୋଗ ଉଠାଇବା ସହ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ରବିବାର ପତ୍ର ଲେଖିଥିଲେ। ଅନ୍ୟ କେତେକ ସଙ୍ଗଠନ ଓ ବୁଦ୍ଧିଜୀବୀମାନେ ମଧ ରାଜ୍ୟ ସରକାର ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି କରିଥିଲେ।

# ଇନ୍‌ଫର୍ମର ସନ୍ଦେହରେ ୨ଜଣଙ୍କୁ ହତ୍ୟାକଲେ ମାଓବାଦୀ

ମାଲକାନଗିରି,୨୧।୭(ଦୁର୍ଯୋଧନ ପାତ୍ର)

ଛତିଶଗଡ଼ ବିଜାପୁର ଜିଲ୍ଲା ଛଟୁବାଇ ଓ ତୋରେମ ଗାଁର ୨ଜଣ ବ୍ୟକ୍ତିଙ୍କୁ ମାଓବାଦୀମାନେ ଇନ୍‌ଫର୍ମର ସନ୍ଦେହରେ ରବିବାର ରାତିରେ ହତ୍ୟାକରି ଗାଁ ଦାଣ୍ଡରେ ଫୋପାଡି ଚାଲି ଯାଇଛନ୍ତି। ମୃତକ ହେଲେ କବାସୀ ଜେମା ଓ ମଙ୍ଗଳ କର୍ସମ।

ସୂଚନା ଅନୁଯାୟୀ, ଛଟୁବାଇ ଓ ତୋରେମ ଗାଁର ୨ଜଣ ବ୍ୟକ୍ତିଙ୍କୁ ରବିବାର ରାତିରେ ୧୫ରୁ ଊର୍ଦ୍ଧ୍ୱ ସଶସ୍ତ୍ର ମାଓବାଦୀ ତାଙ୍କ ଘରୁ ଅପହରଣକରି ନେଇ ହତ୍ୟା କରିଥିଲେ। ପରେ ଗାଁ ଦାଣ୍ଡରେ ମୃତଦେହ ଫିଙ୍ଗି ଚାଲିଯାଇଥିଲେ। ମୃତଦେହ ନିକଟରୁ ମିଳିଥିବା ପୋଷ୍ଟରରେ ଉଲ୍ଲେଖ କରିଥିଲେ, ଏହି ୨ଜଣ ପୋଲିସ ସୂଚନାଦାତା ଥିବାରୁ ଏମାନଙ୍କୁ ହତ୍ୟା କରାଯାଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତକରିବା ସହ ଉକ୍ତ ଅଞ୍ଚଳରେ କୋମ୍ବିଂକୁ ଜୋର୍‌ଦାର କରିଛି। ବିଜାପୁର ପୋଲିସ ସୂଚନା ଦେଇଛି, ଗ୍ରାମ ଲୋକମାନଙ୍କୁ ସୁରକ୍ଷା ଦେବା ଆମର ମୂଳଲକ୍ଷ୍ୟ। ଆଗାମୀ ଦିନରେ ଆହୁରି ଅଧିକ କ୍ୟାମ୍ପ ପ୍ରତିଷ୍ଠା କରି ଗ୍ରାମକୁ ସୁରକ୍ଷା ଯୋଗାଇବା ସହ ଛତିଶଗଡ଼କୁ ସମ୍ପୂର୍ଣ୍ଣ ମାଓବାଦୀମୁକ୍ତ କରାଯିବ।

# ସ୍ୱଚ୍ଛ ସହର ସର୍ଭେରେ ମିଳିଥିବା ପୁରସ୍କାର ମୁଖ୍ୟମନ୍ତ୍ରୀଙ୍କ ନିକଟରେ ପ୍ରଦର୍ଶିତ

## ସ୍ୱଚ୍ଛ ସହର ସର୍ଭେରେ ଆସ୍କା ବିଜ୍ଞପିତ ଅଞ୍ଚଳ ଦେଶରେ ୨ୟ

ଭୁବନେଶ୍ୱର,୨୧।୭(ସୁନିତ୍ ମିଶ୍ର)

ଦେଶର ସ୍ୱଚ୍ଛ ସହର ସର୍ଭେରେ ଗଞ୍ଜାମ ଜିଲାର ଆସ୍କା ବିଜ୍ଞପିତ ଅଞ୍ଚଳ ପରିଷଦ ୨ୟ ସ୍ଥାନ ହାସଲ କରିଛି। ଗତ ୧୭ ତାରିଖରେ ନୂଆଦିଲ୍ଲୀର ବିଜ୍ଞାନ ଭବନ ଠାରେ ଗୃହ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ଏଥି ନିମନ୍ତେ ସ୍ୱଚ୍ଛ ସର୍ବେକ୍ଷଣ ପୁରସ୍କାର ୨୦୨୪-୨୫ ପ୍ରଦାନ କରିଛନ୍ତି। ସୋମବାର ଲୋକସେବା ଭବନଠାରେ ଆସ୍କା ବିଧାୟକ ସରୋଜ କୁମାର ପାଢ଼ୀ ଏବଂ ଅଧ୍ୟକ୍ଷା ବିନୀତା ସ୍ୱାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିକଟରେ ଏହି ସାର୍ଟିଫିକେଟ ଓ ଟ୍ରଫି ପ୍ରଦର୍ଶନ କରିଛନ୍ତି। ମୁଖ୍ୟମନ୍ତ୍ରୀ ଏହିସଫଳତା ପାଇଁଖୁସିବ୍ୟକ୍ତ କରିବା ସହିତ ଉଭୟ ବିଧାୟକ ଓ ଅଧ୍ୟକ୍ଷାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏହିପରି ସ୍ୱଚ୍ଛ ଅଭିଯାନ ଜାରି ରଖି ୧ମ ସ୍ଥାନ ହାସଲ କରିବା ପାଇଁ ଉଦ୍ୟମ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ସୂଚନାଯୋଗ୍ୟ, ୨୦ ହଜାରରୁ ୫୦ ହଜାର ଜନସଂଖ୍ୟା ବିଶିଷ୍ଟ କ୍ୟାଟେଗୋରିରେ ଗଞ୍ଜାମ ଜିଲାର ଆସ୍କା ଦେଶରେ ସ୍ୱଚ୍ଛ ସହର ଭାବେ ୨ୟ ସ୍ଥାନ ହାସଲ କରି ଏହି ପୁରସ୍କାର ପାଇଛି।

# ହତ୍ୟା ମାମଲା: ବାପ, ପୁଅଙ୍କୁ ଆଜୀବନ ଜେଲ

ଅନୁଗୋଳ,୨୧।୭ (ଜ୍ୟୋତିରଞ୍ଜନ ସାହୁ)

ଏକ ହତ୍ୟା ମାମଲାର ବିଚାର କରି ଅନୁଗୋଳ ଅତିରିକ୍ତ ସେସନ ଜଜ୍ ତଥା ସ୍ୱତନ୍ତ୍ର ଜଜ୍ ଭିଜିଲାନ୍ସ ସୋମବାର ଅଭିଯୁକ୍ତ ବନ୍ତଳା ଥାନା ବଡ଼କନ୍ତକୁଲୁ ଗ୍ରାମର ବିଶ୍ୱନାଥ ସାହୁ ଏବଂ ତାଙ୍କ ପୁଅ ଶିଶିର ସାହୁଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ମାମଲାରୁ ପ୍ରକାଶ, ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଅନୁଗୋଳ ଜିଲା ବନ୍ତଳା ଥାନା ବଡ଼କନ୍ତକୁଲୁ ଗ୍ରାମରେ ୨୦୨୧ ଜୁନ ୩୦ରେ ଏକ ହତ୍ୟାକାଣ୍ଡ ଘଟିଥିଲା। ଅଭିଯୁକ୍ତ ବିଶ୍ୱନାଥ ସାହୁ ଏବଂ ତାଙ୍କ ପୁଅ ଶିଶିର ସାହୁ ସେହି ଗ୍ରାମର ଟୁଟୁ ବେହେରା ଏବଂ ତାଙ୍କ ପରିବାର ଲୋକଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟରେ ଘରେ ପଶିଥିଲେ। ଟୁଟୁ ବେହେରାଙ୍କ ପୁତୁରା ଅଖିଳ ବେହେରା ଏହାର ପ୍ରତିବାଦ କରିବାରୁ ଶିଶିର ଗୁଳି ଚଳାଇଥିଲା। ଫଳରେ ଅଖିଳଙ୍କ ମୃତ୍ୟୁ ହୋଇଥିଲା। ଏହାପରେ ବିଶ୍ୱନାଥ ଟାଙ୍ଗିଆରେ ଟୁଟୁଙ୍କୁ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଏ ନେଇ ଟୁଟୁ ବନ୍ତଳା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ଉଭୟ ବାପ ଓ ପୁଅଙ୍କୁ ଗିରଫ କରିଥିଲା। ଏହି ମାମଲାର ବିଚାର କରୁଥିବା ଅତିରିକ୍ତ ସେସନ ଜଜ୍ ତଥା ସ୍ୱତନ୍ତ୍ର ଜଜ୍ ଭିଜିଲାନ୍ସ ଅଭିଯୁକ୍ତ ବିଶ୍ୱନାଥ ଏବଂ ପୁଅ ଶିଶିରଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ସରକାରଙ୍କ ପକ୍ଷରୁ ଏହି ମାମଲାକୁ ଆଡିଶିନାଲ ପି.ପି. ତାପସ ରଞ୍ଜନ ମିଶ୍ର ଏବଂ ଧ୍ରୁବ ଚରଣ ସାହୁ ପରିଚାଳନା କରିଥିଲେ।


# ଓଡ଼ିଶା ସରକାର
## ଜଙ୍ଗଲ ଏବଂ ପରିବେଶ ବିଭାଗ

### ଏନ୍‌ଟିପିସି ଲିଃ, ଦର୍ଲିପାଲି ଏସ୍‌ଟିପିପି ଦ୍ୱାରା ମେକ୍ ଅପ୍ ୱାଟର (ଏମ୍‌ୟୁଡବ୍ଲ୍ୟୁ) ପାଇପଲାଇନ୍ ଏବଂ ୧୩୨ କେଭି ବୈଦ୍ୟୁତିକ ଟ୍ରାନ୍ସମିଶନ୍ ଲାଇନ୍‌ର ପର୍ଯ୍ୟାୟ-୧/୨ ଜଙ୍ଗଲ ଜମିର ପରିବର୍ତ୍ତନ ମଞ୍ଜୁରୀ

**ପରିଶିଷ୍ଟ-୧**

Government of India/ଭାରତ ସରକାର
Ministry of Environment, Forest & Climate Change/
ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ
Eastern Regional Office/ପୂର୍ବାଞ୍ଚଳ କ୍ଷେତ୍ରୀୟ କାର୍ଯ୍ୟାଳୟ
A/3, Chandrasekharpur/ଏ/୩, ଚନ୍ଦ୍ରଶେଖରପୁର
Bhubaneswar-751023/ଭୁବନେଶ୍ୱର-୭୫୧୦୨୩
ଟେଲିଫୋନ୍: ୦୬୭୪-୨୩୦୧୨୧୩, ୨୩୦୧୨୪୮, ୨୩୦୨୪୫୨, ୨୩୦୨୪୫୩
ଫାକ୍ସ: ୦୬୭୪-୨୩୦୨୪୩୨, ଇ-ମେଲ୍: roez.bsr-mef@nic.in

ନଂ. ୫-ଓଆର୍‌ସି୨୭୯/୨୦୧୬-ବିଏଚ୍‌ୟୁ — ୧ ନଭେମ୍ବର, ୨୦୧୬

ପ୍ରାପ୍ତେଷୁ,
ପ୍ରଧାନ ସଚିବ,
ଜଙ୍ଗଲ ଏବଂ ପରିବେଶ ବିଭାଗ,
ଓଡ଼ିଶା ସରକାର,
ଭୁବନେଶ୍ୱର

ବିଷୟ:-ଏନ୍‌ଟିପିସି ଲିମିଟେଡ୍ ଦ୍ୱାରା ସୁନ୍ଦରଗଡ଼ ଜିଲ୍ଲାରେ ଏହାର ଦର୍ଲିପାଲି ସୁପର ଥର୍ମାଲ ପାୱାର ପ୍ରୋଜେକ୍ଟ ପାଇଁ ହୀରାକୁଦ ଜଳଭଣ୍ଡାରରୁ ଜଳ ଉଠାଇବା ନିମନ୍ତେ ମେକ୍ ଅପ୍ ୱାଟର (ଏମ୍‌ୟୁଡବ୍ଲ୍ୟୁ) ପାଇପଲାଇନ୍ ଓ ୧୩୨ କେଭି ବୈଦ୍ୟୁତିକ ଟ୍ରାନ୍ସମିଶନ ଲାଇନ୍ ବିଛାଇବା ନିମନ୍ତେ ଓଡ଼ିଶାର ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଜିଲ୍ଲାରେ ୨୫.୫୬ ହେକ୍ଟର ଜଙ୍ଗଲ ଜମି (ମୂଳତଃ ପ୍ରସ୍ତାବିତ ୨୫.୭୬ ହେକ୍ଟର)ର ପରିବର୍ତ୍ତନ କରିବା।

ମହାଶୟ,

ଜଙ୍ଗଲ (ସଂରକ୍ଷଣ) ଅଧିନିୟମ, ୧୯୮୦ର ଧାରା ୨ ଅଧୀନରେ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ଆଗୁଆ ଅନୁମୋଦନ ଲୋଡ଼ିବା ପାଇଁ ଉପରଦର୍ଶିତ ବିଷୟରେ ରାଜ୍ୟ ସରକାରଙ୍କ ଚିଠି ସଂ.୧୦ଏଫ(ସିଓଏନଏସ)୨୯୨/୨୦୧୫-୯୮୭୩/ଏଫ୍ ଆଣ୍ଡ ଇ, ତାରିଖ ୨୩.୦୫.୨୦୧୬ ଏବଂ ସଂ.୧୭୮୧୭/ଏଫ୍ ଆଣ୍ଡ ଇ, ତାରିଖ: ୨୪.୦୯.୨୦୧୬କୁ ସନ୍ଦର୍ଭକୁ ନେବା ପାଇଁ ମୋତେ ନିର୍ଦ୍ଦେଶ ଦିଆଯାଇଛି।

ରାଜ୍ୟ ସରକାରଙ୍କ ପ୍ରସ୍ତାବ ଉପରେ ଯଥେଷ୍ଟ ବିଚାର କରିବା ପରେ ଏବଂ ୨୫.୧୦.୨୦୧୬ରେ ଅନୁଷ୍ଠିତ ଆଞ୍ଚଳିକ କ୍ଷମତାସମ୍ପନ୍ନ କମିଟିର ନିଷ୍ପତ୍ତି ଆଧାରରେ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଏନ୍‌ଟିପିସି ଲିମିଟେଡ୍ ଦ୍ୱାରା ସୁନ୍ଦରଗଡ଼ ଜିଲ୍ଲାରେ ଏହାର ଦର୍ଲିପାଲି ସୁପର ଥର୍ମାଲ ପାୱାର ପ୍ରୋଜେକ୍ଟ ପାଇଁ ହୀରାକୁଦ ଜଳଭଣ୍ଡାରରୁ ଜଳ ଉଠାଇବା ନିମନ୍ତେ ମେକ୍ ଅପ୍ ୱାଟର (ଏମ୍‌ୟୁଡବ୍ଲ୍ୟୁ) ପାଇପଲାଇନ୍ ଓ ୧୩୨ କେଭି ବୈଦ୍ୟୁତିକ ଟ୍ରାନ୍ସମିଶନ ଲାଇନ୍ ବିଛାଇବା ନିମନ୍ତେ ଓଡ଼ିଶାର ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଜିଲ୍ଲାରେ ୨୫.୫୬ ହେକ୍ଟର ଜଙ୍ଗଲ ଜମି (ମୂଳତଃ ପ୍ରସ୍ତାବିତ ୨୫.୭୬ ହେକ୍ଟର)ର ପରିବର୍ତ୍ତନ କରିବା ଲାଗି ଏତଦ୍ୱାରା 'ସୈଦ୍ଧାନ୍ତିକ ରୂପେ' ଅନୁମୋଦନ ପ୍ରଦାନ କରୁଅଛି, ଯାହା ନିମ୍ନଲିଖିତ ସର୍ତ୍ତାବଳୀ ପୂରଣ ଉପରେ ନିର୍ଭର କରିବ:

(i) ପରିବର୍ତ୍ତନ ପାଇଁ ପ୍ରସ୍ତାବିତ ଜଙ୍ଗଲ ଜମିର ଆଇନଗତ ସ୍ଥିତି ଅପରିବର୍ତ୍ତିତ ରହିବ।
(ii) ଭାରତର ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ରିଟ୍ ପିଟିସନ (ସିଭିଲ) ନଂ.୨୦୨/୧୯୯୫ରେ ତା୨୮.୦୩.୨୦୦୮, ୨୪.୦୪.୨୦୦୮ ଏବଂ ୦୯.୦୫.୨୦୦୮ରିଖର ଆଦେଶ ଏବଂ ଏ ବାବଦରେ ମନ୍ତ୍ରଣାଳୟ ଦ୍ୱାରା ଏହାର ଚିଠି ସଂ. ୫-୩/୨୦୦୭-ଏଫ୍‌ସି, ତାରିଖ ୦୫.୦୨.୨୦୦୯ ଜରିଆରେ ଜାରି ନିର୍ଦ୍ଦେଶାବଳୀ ଅନୁଯାୟୀ ରାଜ୍ୟ ସରକାର ୟୁଜର ଏଜେନ୍ସିଠାରୁ ଏହି ପ୍ରସ୍ତାବ ଅଧୀନରେ ପରିବର୍ତ୍ତିତ ହେବା ଲାଗି ପ୍ରସ୍ତାବିତ ଜଙ୍ଗଲ କ୍ଷେତ୍ରର ନେଟ୍ ପ୍ରେଜେଣ୍ଟ ମୂଲ୍ୟ (ଏନ୍‌ପିଭି) ଆଦାୟ କରିବେ। ଏହି ସର୍ତ୍ତର ଅନୁପାଳନ ସମ୍ପର୍କରେ ଅବଗତ କରାଇବା ସମୟରେ ଯେଉଁ ଜଙ୍ଗଲ ପାଇଁ ଏନ୍‌ପିଭି ଆଦାୟ କରାଯାଉଛି ତାହାର ଜୈବ-ଶ୍ରେଣୀ ଏବଂ ଘନତ୍ୱକୁ ଦର୍ଶାଯିବ।
(iii) ବର୍ତ୍ତମାନ ଦରରେ ନେଟ୍ ପ୍ରେଜେଣ୍ଟ ମୂଲ୍ୟ (ଏନ୍‌ପିଭି) ପରିଶୋଧ କରିବା ସମୟରେ, ଭାରତର ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିଷ୍ପତ୍ତି ଅନୁଯାୟୀ ଯଦି ଏନ୍‌ପିଭି ଲାଗି ଅତିରିକ୍ତ ଅର୍ଥରାଶି ପୈଠ କରିବାର ଆବଶ୍ୟକତା ପଡ଼େ ତେବେ ତାହାକୁ ପୈଠ କରିବା ପାଇଁ ୟୁଜର ଏଜେନ୍ସି ଏକ ପ୍ରତିଜ୍ଞାପତ୍ର ଦାଖଲ କରିବ।
(iv) ପରିବର୍ତ୍ତିତ ହେବା ପାଇଁ ପ୍ରସ୍ତାବିତ ଜଙ୍ଗଲ ଜମି କ୍ଷେତ୍ର ଅର୍ଥାତ୍ ୨୫.୫୬ ହେକ୍ଟର ବଦଳରେ ରାଜ୍ୟ ସରକାରଙ୍କ ଦ୍ୱାରା ଝାରସୁଗୁଡ଼ା ବନଖଣ୍ଡ ଅଧୀନରେ କୋଲାବିରା ରେଞ୍ଜର ଗୁଡ଼ିଗାଁ ଗ୍ରାମରେ ଚିହ୍ନଟ ହୋଇଥିବା ୫୧.୫୨ ହେକ୍ଟର ଅବକ୍ଷୟିତ ଜଙ୍ଗଲ ଜମିରେ ଦୁଇଗୁଣା କ୍ଷତିପୂରଣମୂଳକ ବନୀକରଣ କରିବେ ଓ ତାହାର ରକ୍ଷଣାବେକ୍ଷଣ କରିବେ, ଯାହାର ଖର୍ଚ୍ଚ ୟୁଜର ଏଜେନ୍ସି ବହନ କରିବ।
(v) ୟୁଜର ଏଜେନ୍ସି ସାମ୍ପ୍ରତିକ ମଜୁରି ଦରରେ ୧୦ ବର୍ଷ ଲାଗି କ୍ଷତିପୂରଣମୂଳକ ବନୀକରଣ ଲାଗି ବନୀକରଣ ଓ ରକ୍ଷଣାବେକ୍ଷଣ ଖର୍ଚ୍ଚକୁ ରାଜ୍ୟ ଜଙ୍ଗଲ ବିଭାଗକୁ ସ୍ଥାନାନ୍ତର କରିବ।
(vi) ପ୍ରକଳ୍ପ ଅଧୀନରେ ୟୁଜର ଏଜେନ୍ସିଠାରୁ ପ୍ରାପ୍ତ ହୋଇଥିବା ସମସ୍ତ ପାଣ୍ଠିକୁ ଅସ୍ଥାୟୀ ସିଏଏମ୍‌ପିଏକୁ ସ୍ଥାନାନ୍ତର କରାଯିବ, ଯାହାକୁ କର୍ପୋରେଶନ ବ୍ୟାଙ୍କ, ସିଜିଓ କମ୍ପ୍ଲେକ୍ସ, ଲୋଧି ରୋଡ୍, ନୂଆଦିଲ୍ଲୀ-୧୧୦୦୦୩ରେ ଅସ୍ଥାୟୀ ସିଏଏମ୍‌ପିଏର ସଞ୍ଚୟ ବ୍ୟାଙ୍କ ଖାତାରେ ଜମା କରାଯିବ।
(vii) ୟୁଜର ଏଜେନ୍ସି ରାଜ୍ୟ ସରକାରଙ୍କ ଦ୍ୱାରା ଚିଠି ସଂ. ୧୦(ସିଓଏନ୍‌ଏସ୍)୨୯୨/୨୦୧୫-୯୮୭୩/ଏଫ୍ ଆଣ୍ଡ ଇ, ତାରିଖ: ୨୩.୦୫.୨୦୧୬ ରେ ନିର୍ଦ୍ଧାରିତ ସର୍ତ୍ତାବଳୀର ଅନୁପାଳନ କରିବ।
(viii) ୟୁଜର ଏଜେନ୍ସି ମନ୍ତ୍ରଣାଳୟ ଦ୍ୱାରା ଚିଠି ସଂ. ୭-୨୫/୨୦୧୨-ଏଫ୍‌ସି, ତାରିଖ: ୦୫.୦୫.୨୦୧୪ ଏବଂ ୧୯.୧୧.୨୦୧୪ରେ ଜାରି ଜଙ୍ଗଲ ଅଞ୍ଚଳ ମଧ ଦେଇ ଟ୍ରାନ୍ସମିଶନ୍ ଲାଇନ ବିଛାଇବା ପାଇଁ ନିର୍ଦ୍ଦେଶାବଳୀର ଅନୁପାଳନ କରିବ।
(ix) ୟୁଜର ଏଜେନ୍ସି ରାଜ୍ୟ ଜଙ୍ଗଲ ବିଭାଗର ପରାମର୍ଶ ସହ ଟ୍ରାନ୍ସମିଶନ୍ ଲାଇନ୍ ତଳେ ପ୍ରଥମ ଅଧିକାରରେ ଛୋଟ ପ୍ରଜାତି (ସମ୍ଭବତଃ ଔଷଧୀୟ ଜାତୀୟ ବୃକ୍ଷ)ର ରୋପଣ ପାଇଁ ଏକ ସବିଶେଷ ସୃଜନ ଓ ରକ୍ଷଣାବେକ୍ଷଣ ଯୋଜନା ପ୍ରସ୍ତୁତ କରିବ ଏବଂ ରାଜ୍ୟ ଜଙ୍ଗଲ ବିଭାଗ ଦ୍ୱାରା ଉକ୍ତ ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ପାଣ୍ଠି ପ୍ରଦାନ କରିବ।
(x) ପରିବର୍ତ୍ତିତ ହେଉଥିବା ଜଙ୍ଗଲ ଜମିର ପରିସୀମାକୁ ପ୍ରକଳ୍ପ ଖର୍ଚ୍ଚରେ ଚାରି ଫୁଟ ଉଚ୍ଚ ରିଇନ୍‌ଫୋର୍ସଡ୍ ସିମେଣ୍ଟ କଂକ୍ରିଟ୍ ସ୍ତମ୍ଭ ଉଠାଯାଇ ଚିହ୍ନିତ କରାଯିବ, ପ୍ରତ୍ୟେକ ସ୍ତମ୍ଭରେ ତାହାର କ୍ରମିକ ସଂଖ୍ୟା, ଡିଜିପିଏସ୍ ନିର୍ଦ୍ଦେଶାଙ୍କ, ଫରୱାର୍ଡ ଓ ବ୍ୟାକ୍ ବିୟରିଂ ଏବଂ ସ୍ତମ୍ଭରୁ ସ୍ତମ୍ଭ ମଧ୍ୟରେ ଦୂରତା ଖୋଦିତ କରାଯିବ ଏବଂ ଡିଜିପିଏସ୍ ନକ୍ସା ସହ ସଫ୍ଟ କପି ଶେପ୍ ଫାଇଲରେ ଦାଖଲ କରାଯିବ।
(xi) ରାଜ୍ୟ ଜଙ୍ଗଲ ବିଭାଗ/ୟୁଏ ସିଏ ନିମନ୍ତେ ପ୍ରସ୍ତାବିତ ହୋଇଥିବା ଝାରସୁଗୁଡ଼ା ବନଖଣ୍ଡ ଅଧୀନରେ କୋଲାବିରା ରେଞ୍ଜର ଗୁଡ଼ିଗାଁ ଗ୍ରାମରେ ଚିହ୍ନଟ ହୋଇଥିବା ୫୧.୫୨ ହେକ୍ଟର ପତିତ ଜଙ୍ଗଲ ଜମିର ଡିଜିପିଏସ୍ ନକ୍ସା ସହିତ ଶେପ୍ ଫାଇଲରେ ସଫ୍ଟ କପି ଦାଖଲ କରିବେ, ଯେଉଁଥିରେ ପ୍ରତ୍ୟେକ ସୀମା ସ୍ତମ୍ଭର ଫରୱାର୍ଡ ଓ ବ୍ୟାକୱାର୍ଡ ବିୟରିଂ ଏବଂ ସେଗୁଡ଼ିକ ମଧ୍ୟରେ ଦୂରତା ଦର୍ଶାଯାଇଥିବ।
(xii) ପ୍ରକଳ୍ପର ଭୂତଳ ପାଇପଲାଇନ ସମ୍ବନ୍ଧୀୟ ବସ୍ତୁଗତ ପ୍ରଭାବକୁ ନିୟମିତ ଭାବେ ତଦାରଖ କରାଯିବ ଏବଂ ଅଞ୍ଚଳ ଉପରେ କୌଣସି ପ୍ରତିକୂଳ ପ୍ରଭାବ ସମ୍ପର୍କରେ ତୁରନ୍ତ ସୂଚନା ଦିଆଯିବ ଏବଂ ପ୍ରକଳ୍ପ ସମ୍ବନ୍ଧୀୟ ଗତିବିଧିକୁ ତୁରନ୍ତ ବନ୍ଦ କରାଯିବ।
(xiii) ଜଙ୍ଗଲ ଜମିରେ କୌଣସି ଶ୍ରମ ଶିବିର ପ୍ରତିଷ୍ଠା କରାଯିବ ନାହିଁ।
(xiv) ୟୁଜର ଏଜେନ୍ସି ଉକ୍ତ ସ୍ଥାନରେ କାର୍ଯ୍ୟରତ ଶ୍ରମିକ ଓ କର୍ମଚାରୀମାନଙ୍କୁ ବିକଳ୍ପ ଇନ୍ଧନ ଯୋଗାଇଦେବ ଯାହାଦ୍ୱାରା ଆଖପାଖ ଜଙ୍ଗଲ ଅଞ୍ଚଳରେ କୌଣସି କ୍ଷୟକ୍ଷତି ଏବଂ ଚାପକୁ ଏଡ଼ାଇ ହେବ।
(xv) ପ୍ରକଳ୍ପ କାର୍ଯ୍ୟ ସମ୍ବନ୍ଧୀୟ କୌଣସି କାର୍ଯ୍ୟ ପାଇଁ ଜଙ୍ଗଲ ଭିତରେ କୌଣସି ଅତିରିକ୍ତ କିମ୍ବା ନୂତନ ପଥ ନିର୍ମାଣ କରାଯିବ ନାହିଁ।
(xvi) ୟୁଜର ଏଜେନ୍ସି ଦ୍ୱାରା ସଂଲଗ୍ନ ଜଙ୍ଗଲ ଅଞ୍ଚଳରୁ ମାଟି କିମ୍ବା କୌଣସି ପଦାର୍ଥ ଅଣାଯିବ ନାହିଁ କିମ୍ବା ନିର୍ମାଣ ସମୟରେ ସୃଷ୍ଟି ହୋଇଥିବା ଆବର୍ଜନାକୁ ସଂଲଗ୍ନ ଜଙ୍ଗଲ ଅଞ୍ଚଳରେ ନିଷ୍କାସନ କରାଯିବ ନାହିଁ।
(xvii) ଉପଭୋକ୍ତା ଏଜେନ୍ସି କାର୍ଯ୍ୟ ସମ୍ପାଦନ କରିବା ସମୟରେ ଆଖପାଖ ଜଙ୍ଗଲ ଅଞ୍ଚଳରେ କୌଣସି ପ୍ରକାର ଗଛ କାଟିବେ ନାହିଁ କିମ୍ବା ଜଙ୍ଗଲ ବୃଦ୍ଧିକୁ କୌଣସି ପ୍ରକାରେ କ୍ଷତି ପହଞ୍ଚାଇବେ ନାହିଁ।
(xviii) ଜଙ୍ଗଲ ଜମି ପ୍ରସ୍ତାବରେ ନିର୍ଦ୍ଧାରିତ ହୋଇଥିବା କାର୍ଯ୍ୟ ବ୍ୟତୀତ ଅନ୍ୟ କୌଣସି ଉଦ୍ଦେଶ୍ୟରେ ବ୍ୟବହୃତ ହେବ ନାହିଁ ଏବଂ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପୂର୍ବ ଅନୁମୋଦନ ବିନା କୌଣସି ପରିସ୍ଥିତିରେ ଅନ୍ୟ କୌଣସି ଉପଭୋକ୍ତା ଏଜେନ୍ସି, ବିଭାଗ କିମ୍ବା ବ୍ୟକ୍ତିଙ୍କୁ ହସ୍ତାନ୍ତର କରାଯିବ ନାହିଁ।
(xix) ଅନୁସୂଚିତ ଜନଜାତି ଓ ପାରମ୍ପରିକ ଜଙ୍ଗଲ ବାସିନ୍ଦା (ଜଙ୍ଗଲ ଅଧିକାରର ସ୍ୱୀକୃତି) ଆଇନ, ୨୦୦୬ ଅନୁଯାୟୀ ରାଜ୍ୟ ସରକାର ଜମିର ଅଧିକାରର ବନ୍ଦୋବସ୍ତକୁ ସମ୍ପୂର୍ଣ୍ଣ କରିବେ ଏବଂ ତା' ସପକ୍ଷରେ ଏହି ମନ୍ତ୍ରଣାଳୟର ଚିଠି ସଂ. ୧୧-୯/୧୯୯୮-ଏଫ୍‌ସି (ଅଂଶ), ତାରିଖ: ୦୩.୦୮.୨୦୦୯ ସହିତ ପଠନପୂର୍ବକ ଚିଠି ସଂ. ୧୧-୯/୧୯୯୮-ଏଫ୍‌ସି (ଅଂଶ), ତାରିଖ: ୦୫.୦୨.୨୦୧୩ରେ ନିର୍ଦ୍ଧାରିତ ହୋଇଥିବା ଅନୁଯାୟୀ ପ୍ରାମାଣିକ ତଥ୍ୟ ଦାଖଲ କରିବେ।
(xx) ଜଙ୍ଗଲ ଓ ବନ୍ୟପ୍ରାଣୀ ସଂରକ୍ଷଣ, ସୁରକ୍ଷା ଓ ବିକାଶ ପାଇଁ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ସମୟ ସମୟରେ ଧାର୍ଯ୍ୟ କରିଥିବା ଅନ୍ୟ କୌଣସି ସର୍ତ୍ତକୁ ୟୁଜର ଏଜେନ୍ସି ଦ୍ୱାରା ପାଳନ କରାଯିବ।
(xxi) ୟୁଜର ଏଜେନ୍ସି ଏବଂ ରାଜ୍ୟ ସରକାର ପ୍ରକଳ୍ପ ପାଇଁ ସମ୍ପ୍ରତି ବଳବତ୍ତର ଥିବା ପ୍ରଯୁଜ୍ୟ ସମସ୍ତ ଆଇନ, ନିୟମାବଳୀ, ବିନିୟମ ଏବଂ ମାର୍ଗଦର୍ଶିକାର ବ୍ୟବସ୍ଥାର ଅନୁପାଳନକୁ ସୁନିଶ୍ଚିତ କରିବେ।

ଉପରୋକ୍ତ ସର୍ତ୍ତାବଳୀ ପାଳନ ସମ୍ପର୍କିତ ରିପୋର୍ଟ ଓଡ଼ିଶା ସରକାରଙ୍କଠାରୁ ମିଳିବା ପରେ ଏହି ମନ୍ତ୍ରଣାଳୟ ଦ୍ୱାରା ଜଙ୍ଗଲ (ସଂରକ୍ଷଣ) ଆଇନ, ୧୯୮୦ର ଧାରା ୨ ଅଧୀନରେ ଉକ୍ତ ଜଙ୍ଗଲ ଜମିର ପରିବର୍ତ୍ତନ ପାଇଁ ଚୂଡ଼ାନ୍ତ/ପର୍ଯ୍ୟାୟ-II ଅନୁମୋଦନ ପ୍ରଦାନ କରାଯିବ। **ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ତରଫରୁ ଜଙ୍ଗଲ ଜମି ହସ୍ତାନ୍ତର ପାଇଁ ଚୂଡ଼ାନ୍ତ/ପର୍ଯ୍ୟାୟ-୨ ଅନୁମୋଦନ ନ ମିଳିବା ପର୍ଯ୍ୟନ୍ତ ଓଡ଼ିଶା ରାଜ୍ୟ ସରକାର ଏହାକୁ ୟୁଜର ଏଜେନ୍ସିକୁ ହସ୍ତାନ୍ତର କରିପାରିବେ ନାହିଁ।** ତଥାପି, ରାଜ୍ୟ ସରକାର ଚାହିଁଲେ ଚିଠି ସଂ. ୧୧-୩୦୬/୨୦୧୪-ଏଫ୍‌ସି, ତାରିଖ: ୨୮.୦୮.୨୦୧୫ ଜରିଆରେ ଜାରି ହୋଇଥିବା ମନ୍ତ୍ରଣାଳୟ ନିର୍ଦ୍ଦେଶାବଳୀ ଅନୁଯାୟୀ ୟୁଜର ଏଜେନ୍ସିକୁ କାର୍ଯ୍ୟ ଆରମ୍ଭ କରିବାକୁ ଅନୁମତି ଦେଇପାରିବେ।

ଆପଣଙ୍କର ବିଶ୍ୱସ୍ତ,
(ଆର୍.କେ. ସାମଲ)
ଜଙ୍ଗଲ ସଂରକ୍ଷକ (କେନ୍ଦ୍ରୀୟ)
ତାରିଖ: ୧.୧୧.୨୦୧୬

ନିମ୍ନଲିଖିତଙ୍କୁ ନକଲ:-
୧. ଜଙ୍ଗଲ ମହାନିରୀକ୍ଷକ (ଏଫ୍‌ସି), ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ, ଇନ୍ଦିରା ପର୍ଯ୍ୟାବରଣ ଭବନ, ଆଲିଗଞ୍ଜ, ଜୋରବାଗ ରୋଡ୍, ନୂଆଦିଲ୍ଲୀ - ୧୧୦୦୦୩।
୨. ଉପସଚିବ, ଆର୍‌ଓଏଚ୍‌କ୍ୟୁ, ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ, ଇନ୍ଦିରା ପର୍ଯ୍ୟାବରଣ ଭବନ, ଅଗ୍ନି ବ୍ଲକ୍, ଆଲିଗଞ୍ଜ, ଜୋରବାଗ ରୋଡ୍, ନୂଆଦିଲ୍ଲୀ - ୧୧୦୦୦୩।
୩. ପ୍ରଧାନ ମୁଖ୍ୟ ଜଙ୍ଗଲ ସଂରକ୍ଷକ, ଜଙ୍ଗଲ ବିଭାଗ, ଓଡ଼ିଶା ସରକାର, ଅରଣ୍ୟ ଭବନ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର - ୭୫୧୦୨୩।
୪. ଅତିରିକ୍ତ ପିସିସିଏଫ୍ ଏବଂ ନୋଡାଲ ଅଧିକାରୀ (ଏଫ୍‌ସି), ପିସିସିଏଫ୍‌ଙ୍କ କାର୍ଯ୍ୟାଳୟ, ଜଙ୍ଗଲ ବିଭାଗ, ଓଡ଼ିଶା ସରକାର, ଅରଣ୍ୟ ଭବନ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର - ୭୫୧୦୨୩।
୫. ବନଖଣ୍ଡ ଅଧିକାରୀ, ସୁନ୍ଦରଗଡ଼/ଝାରସୁଗୁଡ଼ା, ଜିଲ୍ଲା: ସୁନ୍ଦରଗଡ଼/ଝାରସୁଗୁଡ଼ା, ଓଡ଼ିଶା।
୬. ମହାପ୍ରବନ୍ଧକ (ଭାରପ୍ରାପ୍ତ), ଦର୍ଲିପାଲି ଏସଟିପିପି, ନ୍ୟାସନାଲ ଥର୍ମାଲ ପାୱାର କର୍ପୋରେଶନ୍ ଲିଃ, ସ୍ଥାନ/ପୋଷ୍ଟ: ଦର୍ଲିପାଲି, ଜିଲ୍ଲା: ସୁନ୍ଦରଗଡ଼ - ୭୭୦୦୭୨, ଓଡ଼ିଶା।
୭. ଗାର୍ଡ ଫାଇଲ୍

ଜଙ୍ଗଲ ସଂରକ୍ଷକ (କେନ୍ଦ୍ରୀୟ)

**ପରିଶିଷ୍ଟ-୨**

Government of India/ଭାରତ ସରକାର
Ministry of Environment, Forest & Climate Change/ପରିବେଶ,
ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ
Eastern Regional Office/ପୂର୍ବାଞ୍ଚଳ କ୍ଷେତ୍ରୀୟ କାର୍ଯ୍ୟାଳୟ
A/3, Chandrasekharpur/ଏ/୩, ଚନ୍ଦ୍ରଶେଖରପୁର
Bhubaneswar-751023/ଭୁବନେଶ୍ୱର-୭୫୧୦୨୩

ନଂ. ୫-ଓଆର୍‌ସି୨୭୯/୨୦୧୬-ବିଏଚ୍‌ୟୁ — ୨୪ ଏପ୍ରିଲ, ୨୦୨୫

ପ୍ରାପ୍ତେଷୁ,
ଅତିରିକ୍ତ ମୁଖ୍ୟ ସଚିବ,
ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ,
ଓଡ଼ିଶା ସରକାର,
ଭୁବନେଶ୍ୱର - ୭୫୧୦୦୧

ବିଷୟ:- ଏନ୍‌ଟିପିସି ଲିମିଟେଡ୍ ଦ୍ୱାରା ସୁନ୍ଦରଗଡ଼ ଜିଲ୍ଲାରେ ଏହାର ଦର୍ଲିପାଲି ସୁପର ଥର୍ମାଲ ପାୱାର ପ୍ରୋଜେକ୍ଟ ପାଇଁ ହୀରାକୁଦ ଜଳଭଣ୍ଡାରରୁ ଜଳ ଉଠାଇବା ନିମନ୍ତେ ମେକ୍ ଅପ୍ ୱାଟର (ଏମ୍‌ୟୁଡବ୍ଲ୍ୟୁ) ପାଇପଲାଇନ୍ ଓ ୧୩୨ କେଭି ବୈଦ୍ୟୁତିକ ଟ୍ରାନ୍ସମିଶନ ଲାଇନ୍ ବିଛାଇବା ନିମନ୍ତେ ଓଡ଼ିଶାର ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଜିଲ୍ଲାରେ ୨୫.୫୬ ହେକ୍ଟର ଜଙ୍ଗଲ ଜମି (ମୂଳତଃ ପ୍ରସ୍ତାବିତ ୨୫.୭୬ ହେକ୍ଟର)ର ପରିବର୍ତ୍ତନ କରିବା।

ମହାଶୟ,

ମୋତେ ରାଜ୍ୟ ସରକାରଙ୍କ ଚିଠି ସଂ.୧୦ଏଫ୍(ସିଓଏନ୍‌ଏସ୍) ୨୯୨/୨୦୧୫-୯୮୭୩/ଏଫ୍ ଆଣ୍ଡ ଇ, ତାରିଖ: ୨୩.୦୫.୨୦୧୬ ଏବଂ ସଂ. ୧୭୮୧୭/ଏଫ୍ ଆଣ୍ଡ ଇ, ତାରିଖ: ୨୪.୦୯.୨୦୧୬କୁ ସନ୍ଦର୍ଭିତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି, ଯେଉଁଥିରେ ବନ (ସଂରକ୍ଷଣ ଏବଂ ସମ୍ବର୍ଦ୍ଧନ) ଅଧିନିୟମ, ୧୯୮୦ର ଧାରା-୨ ଅନୁଯାୟୀ ଏନ୍‌ଟିପିସି ଲିମିଟେଡ୍ ଦ୍ୱାରା ସୁନ୍ଦରଗଡ଼ ଜିଲ୍ଲାରେ ଏହାର ଦର୍ଲିପାଲି ସୁପର ଥର୍ମାଲ ପାୱାର ପ୍ରୋଜେକ୍ଟ ପାଇଁ ହୀରାକୁଦ ଜଳଭଣ୍ଡାରରୁ ଜଳ ଉଠାଇବା ନିମନ୍ତେ ମେକ୍ ଅପ୍ ୱାଟର (ଏମ୍‌ୟୁଡବ୍ଲ୍ୟୁ) ପାଇପଲାଇନ୍ ଓ ୧୩୨ କେଭି ବୈଦ୍ୟୁତିକ ଟ୍ରାନ୍ସମିଶନ ଲାଇନ୍ ବିଛାଇବା ନିମନ୍ତେ ଓଡ଼ିଶାର ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଜିଲ୍ଲାରେ ୨୫.୫୬ ହେକ୍ଟର ଜଙ୍ଗଲ ଜମି (ମୂଳତଃ ପ୍ରସ୍ତାବିତ ୨୫.୭୬ ହେକ୍ଟର)ର ପରିବର୍ତ୍ତନ କରିବା ଲାଗି ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ଆଗୁଆ ଅନୁମୋଦନ ଲୋଡ଼ାଯାଇଥିଲା। ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ପ୍ରସ୍ତାବର ବିହିତ ବିଚାର ପରେ ଏବଂ ୨୫.୧୦.୨୦୧୬ରେ ଅନୁଷ୍ଠିତ ଆଞ୍ଚଳିକ କ୍ଷମତାସମ୍ପନ୍ନ କମିଟି ବୈଠକର ନିଷ୍ପତ୍ତି ଆଧାରରେ ମନ୍ତ୍ରଣାଳୟ ଦ୍ୱାରା ଏହି କାର୍ଯ୍ୟାଳୟର ୦୧.୧୧.୨୦୧୬ର ସମାନ ସଂଖ୍ୟକ ଚିଠି ଜରିଆରେ ଉକ୍ତ ଜଙ୍ଗଲ ଜମିର ପରିବର୍ତ୍ତନ ପାଇଁ ସୈଦ୍ଧାନ୍ତିକ ଅନୁମୋଦନ ଦିଆଯାଇଛି, ଯାହା ନିର୍ଦ୍ଦିଷ୍ଟ ସର୍ତ୍ତାବଳୀର ପୂରଣ ଉପରେ ନିର୍ଭର କରିବ। ସୈଦ୍ଧାନ୍ତିକ ଅନୁମୋଦନରେ ନିର୍ଦ୍ଧାରିତ ସର୍ତ୍ତାବଳୀ ସଂକ୍ରାନ୍ତରେ ରାଜ୍ୟ ସରକାର ଅନୁପାଳନ ରିପୋର୍ଟ ଦାଖଲ କରିଛନ୍ତି ଏବଂ ପ୍ରସ୍ତାବର ଚୂଡ଼ାନ୍ତ ଅନୁମୋଦନକୁ ମଞ୍ଜୁର କରିବା ପାଇଁ ଅନୁରୋଧ କରିଛନ୍ତି।

୨. ଏହି ପରିପ୍ରେକ୍ଷୀରେ, ମୋତେ ଏହା ଦର୍ଶାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ଯେ, ଅତିରିକ୍ତ ପିସିସିଏଫ୍ ଏବଂ ନୋଡାଲ ଅଧିକାରୀ (ଏଫ୍‌ସିଏ), ଓଡ଼ିଶାଙ୍କ ଦ୍ୱାରା ସେମାନଙ୍କର ଚିଠି ସଂ.୭୫୩୫/୯ଏଫ୍ (ଇଟି)-୦୪/୨୦୧୬ ତାରିଖ: ୦୨.୦୪.୨୦୨୫ ଜରିଆରେ ଦାଖଲ କରାଯାଇଥିବା ଅନୁପାଳନ ରିପୋର୍ଟ ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ୨୨.୦୪.୨୦୨୫ରେ ପରିବେଶ ୱେବ୍ ପୋର୍ଟାଲରେ ଅନୁପାଳନ ରିପୋର୍ଟ ଅପଲୋଡ୍ କରାଯିବା ଆଧାରରେ ଏତଦ୍ୱାରା ବନ (ସଂରକ୍ଷଣ ଏବଂ ସମ୍ବର୍ଦ୍ଧନ) ଅଧିନିୟମ, ୧୯୮୦ର ଧାରା ୨ ଅଧୀନରେ ଏନ୍‌ଟିପିସି ଲିମିଟେଡ୍ ଦ୍ୱାରା ସୁନ୍ଦରଗଡ଼ ଜିଲ୍ଲାରେ ଏହାର ଦର୍ଲିପାଲି ସୁପର ଥର୍ମାଲ ପାୱାର ପ୍ରୋଜେକ୍ଟ ପାଇଁ ହୀରାକୁଦ ଜଳଭଣ୍ଡାରରୁ ଜଳ ଉଠାଇବା ନିମନ୍ତେ ମେକ୍ ଅପ୍ ୱାଟର (ଏମ୍‌ୟୁଡବ୍ଲ୍ୟୁ) ପାଇପଲାଇନ୍ ଓ ୧୩୨ କେଭି ବୈଦ୍ୟୁତିକ ଟ୍ରାନ୍ସମିଶନ ଲାଇନ୍ ବିଛାଇବା ନିମନ୍ତେ ଓଡ଼ିଶାର ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଜିଲ୍ଲାରେ ୨୫.୫୬ ହେକ୍ଟର ଜଙ୍ଗଲ ଜମି (ମୂଳତଃ ପ୍ରସ୍ତାବିତ ୨୫.୭୬ ହେକ୍ଟର)ର ପରିବର୍ତ୍ତନ କରିବା ଲାଗି **ପର୍ଯ୍ୟାୟ-୨/ଚୂଡ଼ାନ୍ତ** ଅନୁମୋଦନ ଦିଆଯାଉଛି, ଯାହା ନିମ୍ନଲିଖିତ ସର୍ତ୍ତାବଳୀର ପୂରଣ ଉପରେ ନିର୍ଭର କରିବ:

**କ: ଜଙ୍ଗଲ ଜମିକୁ ହସ୍ତାନ୍ତର କରାଯିବା ପୂର୍ବରୁ ଅନୁପାଳନ କରାଯିବାକୁ ଥିବା ସର୍ତ୍ତାବଳୀ।**

i) ରାଜ୍ୟ ସରକାର ପ୍ରଯୁଜ୍ୟ ହୋଇଥିବା ଅନୁଯାୟୀ ଏଫ୍‌ଆର୍‌ଏ, ୨୦୦୬ର ସମ୍ପୂର୍ଣ୍ଣ ଅନୁପାଳନକୁ ସୁନିଶ୍ଚିତ କରିବେ।
ii) ରାଜ୍ୟ ସରକାର ଏହା ସୁନିଶ୍ଚିତ କରିବେ ଯେ, ସମୟ ସମୟରେ ମନ୍ତ୍ରଣାଳୟର ନିର୍ଦ୍ଦେଶ ଅନୁଯାୟୀ ଉପରୋକ୍ତ ପ୍ରସ୍ତାବ ପାଇଁ ଏନ୍‌ପିଭି ଆଦାୟ କରାଯାଇଛି।
iii) ରାଜ୍ୟ ସରକାର ଏହା ସୁନିଶ୍ଚିତ କରିବେ ଯେ, ୟୁଜର ଏଜେନ୍ସି ପରିବେଶୀୟ (ସୁରକ୍ଷା) ଅଧିନିୟମ, ୧୯୮୬ର ବ୍ୟବସ୍ଥା ଅନୁଯାୟୀ ପରିବେଶୀୟ ମଞ୍ଜୁରୀ ପ୍ରାପ୍ତ କରିବ।
iv) ରାଜ୍ୟ ସରକାର ଏହା ସୁନିଶ୍ଚିତ କରିବେ ଯେ, ୟୁଜର ଏଜେନ୍ସିକୁ ପରିବର୍ତ୍ତିତ ଜଙ୍ଗଲ ଜମି ହସ୍ତାନ୍ତର କରାଯିବା ପୂର୍ବରୁ ଅଞ୍ଚଳର କେଏମ୍‌ଏଲ୍ ଫାଇଲଗୁଡ଼ିକ ପରିବର୍ତ୍ତିତ ହେବ ଏବଂ ସିଏ ଅଞ୍ଚଳକୁ ଇ-ଗ୍ରୀନ୍ ୱାଚ୍ ପୋର୍ଟାଲରେ ସମସ୍ତ ଆବଶ୍ୟକୀୟ ବିବରଣୀ ସହ ଅପଲୋଡ୍ ହେବ।
v) ରାଜ୍ୟ ସରକାର ଏହା ସୁନିଶ୍ଚିତ କରିବେ ଯେ, ପରିବର୍ତ୍ତିତ ଜଙ୍ଗଲ ଜମିକୁ ପ୍ରକଳ୍ପ ଖର୍ଚ୍ଚରେ ଚାରି ଫୁଟ ଉଚ୍ଚ ରିଇନ୍‌ଫୋର୍ସଡ୍ ସିମେଣ୍ଟ କଂକ୍ରିଟ୍ ସ୍ତମ୍ଭ ଦ୍ୱାରା ଭୂମିରେ ସୀମାଙ୍କିତ କରାଯିବ, ପ୍ରତ୍ୟେକ ସ୍ତମ୍ଭରେ ତାହାର କ୍ରମିକ ସଂଖ୍ୟା, ସ୍ତମ୍ଭରୁ ସ୍ତମ୍ଭ ମଧ୍ୟରେ ଦୂରତା ଏବଂ ଜିପିଏସ୍ ନିର୍ଦ୍ଦେଶାଙ୍କ ରହିବ।

**ଖ: ଜମିକୁ ୟୁଜର ଏଜେନ୍ସିକୁ ହସ୍ତାନ୍ତର କରିବା ପରେ ଅନୁପାଳନ କରାଯିବା ପାଇଁ ଜରୁରୀ ସର୍ତ୍ତାବଳୀ।**

i) ରାଜ୍ୟ ସରକାର ଏହା ସୁନିଶ୍ଚିତ କରିବେ ଯେ, ପରିବର୍ତ୍ତିତ ଜଙ୍ଗଲ ଜମିର ଆଇନଗତ ସ୍ଥିତି ଅପରିବର୍ତ୍ତିତ ରହିବ।
ii) ରାଜ୍ୟ ସରକାର ଏହା ସୁନିଶ୍ଚିତ କରିବେ ଯେ, ପର୍ଯ୍ୟାୟ-୨ ମଞ୍ଜୁରୀ ତାରିଖଠାରୁ ଦୁଇ ବର୍ଷ ମଧ୍ୟରେ ରାଜ୍ୟ ଜଙ୍ଗଲ ବିଭାଗ ଝାରସୁଗୁଡ଼ା ବନଖଣ୍ଡ ଅଧୀନରେ କୋଲାବିରା ରେଞ୍ଜର ଗୁଡ଼ିଗାଁ ଗ୍ରାମରେ ଚିହ୍ନଟ ହୋଇଥିବା ୫୧.୫୨ ହେକ୍ଟର ପତିତ ଜଙ୍ଗଲ ଜମିରେ କ୍ଷତିପୂରଣମୂଳକ ଭାବେ ବନୀକରଣ କରାଯିବ ଏବଂ ତତ୍‌ପଶ୍ଚାତ୍ ୟୁଜର ଏଜେନ୍ସିର ବ୍ୟୟରେ ତାହାର ରକ୍ଷଣାବେକ୍ଷଣ କରାଯିବ। ସିଏ ଯୋଜନାରେ ସମ୍ପୃକ୍ତ ଅଞ୍ଚଳର ସ୍ୱଜାତୀୟ ପ୍ରଜାତିର ଉଦ୍ଭିଦ ରୋପଣ କରାଯିବ। ଅତି କମ୍‌ରେ ୧୮ ମାସ ପୁରୁଣା ବିହନ ରୋପଣ କରାଯିବ। ବୃକ୍ଷରୋପଣ କାର୍ଯ୍ୟକୁ ଗହନ ଭାବେ ତଦାରଖ ଓ ଜିଓ ଟ୍ୟାଗିଂ ବ୍ୟବହାର କରି ତଥ୍ୟଭୁକ୍ତ କରାଯିବା ଆବଶ୍ୟକ, ଯାହାଦ୍ୱାରା ନିୟମିତ ବ୍ୟବଧାନରେ ବୃକ୍ଷଗୁଡ଼ିକର କାନୋପି ଘନତ୍ୱ ଓ ଜୀବିତତା ତଥା ବୃଦ୍ଧିର ମୂଲ୍ୟାୟନ କରାଯାଇପାରିବ।
(iii) ରାଜ୍ୟ ସରକାର ଏହା ସୁନିଶ୍ଚିତ କରିବେ ଯେ, ରାଜ୍ୟ ଜଙ୍ଗଲ ବିଭାଗ ଅନୁମୋଦିତ ପ୍ଲାନ୍/ଯୋଜନା ଅନୁଯାୟୀ ପର୍ଯ୍ୟାୟ-୨ ମଞ୍ଜୁରୀ ତାରିଖଠାରୁ ଦୁଇ ବର୍ଷ ଅବଧି ମଧ୍ୟରେ ଟ୍ରାନ୍ସମିଶନ୍ ଲାଇନ୍ ତଳେ ପ୍ରଥମ ଅଧିକାର ଭାବେ ଛୋଟ ପ୍ରଜାତି (ଔଷଧୀୟ ଉଦ୍ଭିଦ ବାଞ୍ଛନୀୟ)ର ବୃକ୍ଷରୋପଣ କାର୍ଯ୍ୟ ସମ୍ପାଦନ କରିବ ଏବଂ ତା'ପରେ ୟୁଜର ଏଜେନ୍ସି ଦ୍ୱାରା ସିଏଏମ୍‌ପିଏ ଖାତାରେ ଜମା କରାଯାଇଥିବା ପାଣ୍ଠିକୁ ବ୍ୟବହାର କରି ତାହାର ରକ୍ଷଣାବେକ୍ଷଣ କରିବ।
(iv) ରାଜ୍ୟ ସରକାର ଏହା ସୁନିଶ୍ଚିତ କରିବେ ଯେ, ୟୁଜର ଏଜେନ୍ସି ମନ୍ତ୍ରଣାଳୟ ଦ୍ୱାରା ଜାରି ଚିଠି ସଂ. ୭-୨୫/୨୦୧୨-ଏଫ୍‌ସି, ତାରିଖ: ୦୫.୦୫.୨୦୧୪ ଓ ୧୯.୧୧.୨୦୧୪ ଜରିଆରେ ଜଙ୍ଗଲ ଅଞ୍ଚଳରେ ଟ୍ରାନ୍ସମିଶନ୍ ଲାଇନ୍ ବିଛାଇବା ସଂକ୍ରାନ୍ତୀୟ ନିର୍ଦ୍ଦେଶାବଳୀକୁ ଅନୁପାଳନ କରିବ।
(v) ରାଜ୍ୟ ସରକାର ଏହା ସୁନିଶ୍ଚିତ କରିବେ ଯେ, ୟୁଜର ଏଜେନ୍ସି ବନ୍ୟପ୍ରାଣୀଙ୍କର ବିଜୁଳି ଆଘାତଜନିତ ମୃତ୍ୟୁକୁ ପ୍ରତିରୋଧ କରିବା ପାଇଁ ଆବଶ୍ୟକୀୟ ଗ୍ରାଉଣ୍ଡ କ୍ଲିୟରାନ୍ସ ସମେତ ଉପଯୁକ୍ତ ସ୍ଥାନଗୁଡ଼ିକରେ ସର୍କିଟ୍ ବ୍ରେକର୍ ସ୍ଥାପନ କରିବ।
(vi) ରାଜ୍ୟ ସରକାର ଏହା ସୁନିଶ୍ଚିତ କରିବେ ଯେ, ୟୁଜର ଏଜେନ୍ସି ହାତୀ କରିଡର୍ ପାଇଁ ସିଇଏ ମାନଦଣ୍ଡ ଅନୁଯାୟୀ ଜଙ୍ଗଲ/ଅଣ-ଜଙ୍ଗଲ ଜମିରେ ଟାୱାର ଓ ଟ୍ରାନ୍ସମିଶନ୍ ଲାଇନର ସୁଦୃଢ଼ୀକରଣ/ରକ୍ଷଣାବେକ୍ଷଣ କରିବା ପାଇଁ ସମସ୍ତ ପଦକ୍ଷେପ ଗ୍ରହଣ କରିବ ଏବଂ ବନ୍ୟପ୍ରାଣୀଙ୍କର ବିଦ୍ୟୁତ୍ ଆଘାତଜନିତ ମୃତ୍ୟୁ ନ ହେବାକୁ ସୁନିଶ୍ଚିତ କରିବା ଲାଗି ସିଡବ୍ଲ୍ୟୁଏଲ୍‌ଡବ୍ଲ୍ୟୁ, ଓଡ଼ିଶାଙ୍କ ଦ୍ୱାରା ବିନିର୍ଦ୍ଦିଷ୍ଟ ଏପରି ଅନ୍ୟାନ୍ୟ ସର୍ତ୍ତାବଳୀର ଅନୁପାଳନ କରିବ।
(vii) ରାଜ୍ୟ ସରକାର ଏହା ସୁନିଶ୍ଚିତ କରିବେ ଯେ, ୟୁଜର ଏଜେନ୍ସି ନିଜ ଖର୍ଚ୍ଚରେ ବାର୍ଡ ଡିଫ୍ଲେକ୍ଟର ଯୋଗାଇବ, ପକ୍ଷୀଙ୍କ ହତାହତକୁ ଏଡ଼ାଇବା ପାଇଁ ଯାହାକୁ ଉପଯୁକ୍ତ ବ୍ୟବଧାନର ଦୂରତାରେ ଟ୍ରାନ୍ସମିଶନର ଉପରିସ୍ଥ କଣ୍ଡକ୍ଟରରେ ସ୍ଥାପନ କରାଯିବ।
(viii) ରାଜ୍ୟ ସରକାର ଏହା ସୁନିଶ୍ଚିତ କରିବେ ଯେ, ପାହାଡ଼ିଆ ତଥା ଢାଲୁ ଅଞ୍ଚଳରେ, ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ତାରିଖ: ୦୫.୦୫.୨୦୧୪ ଓ ୧୯.୧୧.୨୦୧୪ର ବିଦ୍ୟମାନ ନିର୍ଦ୍ଦେଶାବଳୀ ଅନୁଯାୟୀ ବିଦ୍ୟୁତ୍ ଆଘାତଜନିତ ମୃତ୍ୟୁର ଦୁର୍ଭାଗ୍ୟଜନକ ଘଟଣାକୁ ବନ୍ଦ କରିବା ପାଇଁ ତାରଗୁଡ଼ିକର ନୁଆଁଣ ଓ ଦୋଳନକୁ ବିଚାରକୁ ନେଇ ଟାୱାରଗୁଡ଼ିକର ଅତିରିକ୍ତ ଉଚ୍ଚତା ସହିତ ପର୍ଯ୍ୟାପ୍ତ ଗ୍ରାଉଣ୍ଡ କ୍ଲିୟରାନ୍ସର ରକ୍ଷଣାବେକ୍ଷଣ କରାଯିବ।
(ix) ରାଜ୍ୟ ସରକାର ଏହା ସୁନିଶ୍ଚିତ କରିବେ ଯେ, ୟୁଜର ଏଜେନ୍ସି କଟାଯିବା ପାଇଁ ଚିହ୍ନଟ ହୋଇଥିବା ସର୍ବାଧିକ ବୃକ୍ଷଗୁଡ଼ିକୁ ସଫଳ ଭାବେ ପ୍ରତିରୋପଣ କରିବା ଲାଗି ଯଥାସମ୍ଭବ ପ୍ରୟାସ କରିବ ଏବଂ ଏହା ନିଶ୍ଚିତ କରିବ ଯେ କେବଳ ଅପରିହାର୍ଯ୍ୟ ହୋଇଥିବା ସ୍ଥଳରେ ହିଁ ବୃକ୍ଷଗୁଡ଼ିକୁ କଟାଯିବ ଓ ତାହା ମଧ କେବଳ ରାଜ୍ୟ ଜଙ୍ଗଲ ବିଭାଗର କଡ଼ାକଡ଼ି ତତ୍ତ୍ୱାବଧାନ ଅଧୀନରେ କରାଯିବ।
x) ରାଜ୍ୟ ସରକାର ଏବଂ ୟୁଜର ଏଜେନ୍ସି ଏହା ସୁନିଶ୍ଚିତ କରିବେ ଯେ, ପାଇପଲାଇନ୍‌କୁ ଭୂସ୍ତରର ୧.୫ ମିଟର ଗଭୀରତାରେ ବିଛାଯିବ ଏବଂ ଏମ୍‌ୟୁଡବ୍ଲ୍ୟୁ ପାଇପଲାଇନ୍ ସୁଡ଼ଙ୍ଗର ପ୍ରସ୍ଥ ରାଜ୍ୟ ସରକାରଙ୍କ ପ୍ରସ୍ତାବ ଅନୁସାରେ ୩.୫୩୦ ମିଟରରୁ ୭.୧୮୬ ମିଟର ମଧ୍ୟରେ ରହିବ ଏବଂ ପାଇପଲାଇନ୍ ବିଛାଯିବା ପରେ ତୁରନ୍ତ ଭୂମିକୁ ସମତଳ କରାଯିବ।
xi) ରାଜ୍ୟ ସରକାର ଏବଂ ୟୁଜର ଏଜେନ୍ସି ଏହା ସୁନିଶ୍ଚିତ କରିବେ ଯେ, ପ୍ରକଳ୍ପର ଭୂତଳ ଏମ୍‌ୟୁଡବ୍ଲ୍ୟୁ ପାଇପଲାଇନ୍ ସଂକ୍ରାନ୍ତୀୟ ବସ୍ତୁଗତ ପ୍ରଭାବକୁ ନିୟମିତ ଭାବେ ତତ୍ତ୍ୱାବଧାନ କରାଯିବ ଏବଂ ସମ୍ପୃକ୍ତ ଅଞ୍ଚଳ ଉପରେ କୌଣସି ପ୍ରତିକୂଳ ପ୍ରଭାବକୁ ତୁରନ୍ତ ରିପୋର୍ଟ କରାଯିବ ଏବଂ କେବଳ ପ୍ରକଳ୍ପ ସମ୍ବନ୍ଧିତ ଗତିବିଧିଗୁଡ଼ିକୁ ତୁରନ୍ତ ବନ୍ଦ କରାଯିବ।
xii) ରାଜ୍ୟ ସରକାର ଏହା ସୁନିଶ୍ଚିତ କରିବେ ଯେ, ୟୁଜର ଏଜେନ୍ସି ଏମ୍‌ୟୁଡବ୍ଲ୍ୟୁ ପାଇପଲାଇନ୍ ଅପ୍ରତ୍ୟାଶିତ ଲିକେଜ୍ ପାଇଁ ପର୍ଯ୍ୟାପ୍ତ ସୁରକ୍ଷାମୂଳକ ପଦକ୍ଷେପ ଗ୍ରହଣ କରିବ।
xiii) ରାଜ୍ୟ ସରକାର ଏହା ସୁନିଶ୍ଚିତ କରିବେ ଯେ, ଭାରତର ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟଙ୍କ ଚୂଡ଼ାନ୍ତ ନିଷ୍ପତ୍ତି ଅନୁଯାୟୀ ଯଦି ଆବଶ୍ୟକ ହୁଏ ତେବେ ୟୁଜର ଏଜେନ୍ସି ଏନ୍‌ପିଭିର ଅତିରିକ୍ତ ରାଶି ପୈଠ କରିବ।
xiv) ରାଜ୍ୟ ସରକାର ଏହା ସୁନିଶ୍ଚିତ କରିବେ ଯେ, ୟୁଜର ଏଜେନ୍ସି ସମ୍ପୃକ୍ତ ଅଞ୍ଚଳରେ ବନ୍ୟପ୍ରାଣୀଙ୍କ ସୁରକ୍ଷା ଓ ସଂରକ୍ଷଣ ପାଇଁ ସମସ୍ତ ସମ୍ଭବ ପଦକ୍ଷେପ ଗ୍ରହଣ କରିବ।
xv) ରାଜ୍ୟ ସରକାର ଏହା ସୁନିଶ୍ଚିତ କରିବେ ଯେ, ସମ୍ପୃକ୍ତ ଅଞ୍ଚଳରେ ବଣୁଆ ହାତୀଙ୍କ ଚଳପ୍ରଚଳ ସମୟରେ ୟୁଜର ଏଜେନ୍ସି ନିଜର ସମସ୍ତ ନିର୍ମାଣ ଗତିବିଧି ଅର୍ଥାତ୍ ସୁଡ଼ଙ୍ଗ ଖନନ ଓ ପାଇପଲାଇନ୍ ବିଛାଇବା କାର୍ଯ୍ୟକୁ ବନ୍ଦ ରଖିବ। ୟୁଜର ବନ୍ୟପ୍ରାଣୀ, ବିଶେଷକରି ସମ୍ପୃକ୍ତ ଅଞ୍ଚଳର ବଣୁଆ ହାତୀଙ୍କୁ ବିଚଳିତ ନ କରିବା ପାଇଁ ପ୍ରାକ୍-ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିବ।
xvi) ରାଜ୍ୟ ସରକାର ଏହା ସୁନିଶ୍ଚିତ କରିବେ ଯେ, ଜଙ୍ଗଲ ଜମି ଉପରେ କୌଣସି ଶ୍ରମ ଶିବିର ସ୍ଥାପନ କରାଯିବ ନାହିଁ ଏବଂ ଆଖପାଖ ଜଙ୍ଗଲ ଅଞ୍ଚଳ ପ୍ରତି କୌଣସି କ୍ଷୟକ୍ଷତି ଓ ଚାପକୁ ଏଡ଼ାଇବା ପାଇଁ ୟୁଜର ଏଜେନ୍ସି ସାଇଟରେ କାମ କରୁଥିବା ଶ୍ରମିକ ଓ କର୍ମଚାରୀଙ୍କ ପାଇଁ ବୈକଳ୍ପିକ ଇନ୍ଧନ ଯୋଗାଇବା ବାଞ୍ଛନୀୟ।
xvii) ରାଜ୍ୟ ସରକାର ଏବଂ ୟୁଜର ଏଜେନ୍ସି ଏହା ସୁନିଶ୍ଚିତ କରିବେ ଯେ, ପ୍ରକଳ୍ପ କାର୍ଯ୍ୟ ସମ୍ବନ୍ଧୀୟ କୌଣସି ଗତିବିଧି ପାଇଁ ଜଙ୍ଗଲ ଅଞ୍ଚଳ ମଧ୍ୟରେ କୌଣସି ଅତିରିକ୍ତ କିମ୍ବା ନୂଆ ପଥ ନିର୍ମାଣ କରାଯିବ ନାହିଁ।
xviii) ରାଜ୍ୟ ସରକାର ଏବଂ ୟୁଜର ଏଜେନ୍ସି ଏହା ସୁନିଶ୍ଚିତ କରିବେ ଯେ, କାର୍ଯ୍ୟ ସମ୍ପାଦନ ସମୟରେ ୟୁଜର ଏଜେନ୍ସି ଆଖପାଖର ଜଙ୍ଗଲ ଅଞ୍ଚଳରେ କୌଣସି ବୃକ୍ଷ କାଟିବ ନାହିଁ କିମ୍ବା ଜଙ୍ଗଲ ବୃଦ୍ଧିକୁ କୌଣସି ଉପାୟରେ କ୍ଷତିଗ୍ରସ୍ତ କରିବ ନାହିଁ।
xix) ରାଜ୍ୟ ସରକାର ଏବଂ ୟୁଜର ଏଜେନ୍ସି ଏହା ସୁନିଶ୍ଚିତ କରିବେ ଯେ, ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ଆଗୁଆ ଅନୁମୋଦନ ବିନା ପ୍ରସ୍ତାବର ଲେ'ଆଉଟ୍ ପ୍ଲାନକୁ ପରିବର୍ତ୍ତନ କରାଯିବ ନାହିଁ।
xx) ରାଜ୍ୟ ସରକାର ଏବଂ ୟୁଜର ଏଜେନ୍ସି ଏହା ସୁନିଶ୍ଚିତ କରିବେ ଯେ, ୟୁଜର ଏଜେନ୍ସି ଦ୍ୱାରା ସଂଲଗ୍ନ ଜଙ୍ଗଲ ଅଞ୍ଚଳରୁ ମାଟି କିମ୍ବା କୌଣସି ପଦାର୍ଥ ଅଣାଯିବ ନାହିଁ କିମ୍ବା ନିର୍ମାଣ ସମୟରେ ସୃଷ୍ଟି ହୋଇଥିବା ଆବର୍ଜନାକୁ ସଂଲଗ୍ନ ଜଙ୍ଗଲ ଅଞ୍ଚଳରେ ନିଷ୍କାସନ କରାଯିବ ନାହିଁ।
xxi) ରାଜ୍ୟ ସରକାର ଏହା ସୁନିଶ୍ଚିତ କରିବେ ଯେ, ଜଙ୍ଗଲ ଜମିକୁ ପ୍ରସ୍ତାବରେ ବିନିର୍ଦ୍ଦିଷ୍ଟ ହୋଇଥିବା ବ୍ୟତୀତ ଅନ୍ୟ କୌଣସି ଉଦ୍ଦେଶ୍ୟ ପାଇଁ ବ୍ୟବହାର କରାଯିବ ନାହିଁ ଏବଂ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ଆଗୁଆ ଅନୁମୋଦନ ବିନା ତାହାକୁ ଅନ୍ୟ କୌଣସି ୟୁଜର ଏଜେନ୍ସି, ବିଭାଗ କିମ୍ବା ବ୍ୟକ୍ତିଙ୍କୁ ହସ୍ତାନ୍ତର କରାଯାଇପାରିବ ନାହିଁ।
xxii) ରାଜ୍ୟ ସରକାର ଏହା ସୁନିଶ୍ଚିତ କରିବେ ଯେ, ସମୀପବର୍ତ୍ତୀ ଅଞ୍ଚଳର ବୃକ୍ଷରାଜି ଓ ଜୀବଜନ୍ତୁଙ୍କ ପ୍ରତି କୌଣସି କ୍ଷତି କରାଯିବ ନାହିଁ।
xxiii) ରାଜ୍ୟ ସରକାର ଏହା ସୁନିଶ୍ଚିତ କରିବେ ଯେ, ସମ୍ପୃକ୍ତ ବନଖଣ୍ଡ ଅଧିକାରୀ ଆଖପାଖ ଅଞ୍ଚଳରେ ଜଙ୍ଗଲ ଉପରେ ଯେପରି କୌଣସି ପ୍ରତିକୂଳ ପ୍ରଭାବ ନ ପଡ଼େ ତାହା ନିଶ୍ଚିତ କରିବା ପାଇଁ ତତ୍ତ୍ୱାବଧାନ କରିବେ ଓ ଆବଶ୍ୟକୀୟ ପ୍ରଶମନ ପଦକ୍ଷେପ ଗ୍ରହଣ କରିବେ।
xxiv) ରାଜ୍ୟ ସରକାର ଏହା ସୁନିଶ୍ଚିତ କରିବେ ଯେ, ୟୁଜର ଏଜେନ୍ସି ନିୟମିତ ଭାବେ ପ୍ରତିବର୍ଷ ମାର୍ଚ୍ଚ ଶେଷରେ ରାଜ୍ୟର ନୋଡାଲ୍ ଅଧିକାରୀ (ଏଫ୍‌ସିଏ) ଏବଂ ମନ୍ତ୍ରଣାଳୟର ସମନ୍ୱିତ ଆଞ୍ଚଳିକ କାର୍ଯ୍ୟାଳୟରେ ନିର୍ଦ୍ଧାରିତ ସର୍ତ୍ତାବଳୀ ଅନୁପାଳନର ଆତ୍ମ-ତତ୍ତ୍ୱାବଧାନ ରିପୋର୍ଟ ଦାଖଲ କରିବ।
xxv) ରାଜ୍ୟ ସରକାର ଏହା ସୁନିଶ୍ଚିତ କରିବେ ଯେ, ସମ୍ପୃକ୍ତ ଅଞ୍ଚଳରେ ବନୀକରଣ, ଉଦ୍ଭିଦ ଓ ବନ୍ୟଜୀବଙ୍କ ସଂରକ୍ଷଣ ଏବଂ ପ୍ରବନ୍ଧନ ସ୍ୱାର୍ଥରେ ସମୟ ସମୟରେ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ଲାଗୁ କରାଯାଇଥିବା ଅନ୍ୟ ଯେକୌଣସି ସର୍ତ୍ତାବଳୀକୁ ୟୁଜର ଏଜେନ୍ସି ଦ୍ୱାରା ଅନୁପାଳନ କରାଯିବ।
xxvi) ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟଙ୍କ ଆଦେଶର ପରିଣତିସ୍ୱରୂପ ମନ୍ତ୍ରଣାଳୟ ଦ୍ୱାରା ଜାରି କରାଯାଇଥିବା ଅନ୍ୟ କୌଣସି ନିର୍ଦ୍ଦେଶ ଏହି ଅନୁମୋଦନକୁ ପ୍ରଭାବିତ କରିବ।
xxvii) ରାଜ୍ୟ ସରକାର ଏବଂ ୟୁଜର ଏଜେନ୍ସି ଏହା ସୁନିଶ୍ଚିତ କରିବେ ଯେ, ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ଏବଂ ଏହି ପ୍ରକଳ୍ପ ସଂକ୍ରାନ୍ତରେ ସମ୍ପୃକ୍ତ ସମୟରେ ବଳବତ୍ତର ରହିଥିବା ସମସ୍ତ ଅଧିନିୟମ, ନିୟମାବଳୀ, ନିୟାମକ, ନିର୍ଦ୍ଦେଶାବଳୀ, ଏନ୍‌ଜିଟି ଆଦେଶ(ମାନ) ଏବଂ ମାନ୍ୟବର ଅଦାଲତଙ୍କ ଆଦେଶ(ମାନ)ର ବ୍ୟବସ୍ଥାବଳୀର ଅନୁପାଳନ କରାଯିବ।
xxviii) ଉପରୋକ୍ତ ଯେକୌଣସି ସର୍ତ୍ତାବଳୀର ଉଲ୍ଲଂଘନ ବନ (ସଂରକ୍ଷଣ ଏବଂ ସମ୍ବର୍ଦ୍ଧନ) ଅଧିନିୟମ, ୧୯୮୦ର ଉଲ୍ଲଂଘନ ଭାବେ ପରିଗଣିତ ହେବ ଏବଂ ବନ (ସଂରକ୍ଷଣ ଏବଂ ସମ୍ବର୍ଦ୍ଧନ ଅଧିନିୟମ), ୧୯୮୦ ତଥା ବନ (ସଂରକ୍ଷଣ ଏବଂ ସମ୍ବର୍ଦ୍ଧନ) ନିୟମାବଳୀ, ୨୦୨୩ ଅଧୀନରେ ମନ୍ତ୍ରଣାଳୟର ୨୯.୧୨.୨୦୨୩ ତାରିଖର ଚିଠି ଜରିଆରେ ଜାରି ଏକୀକୃତ ନିର୍ଦ୍ଦେଶାବଳୀ ଓ ସ୍ପଷ୍ଟୀକରଣର ପରିଚ୍ଛେଦ ୧.୧୬ରେ ନିର୍ଦ୍ଧାରିତ ହୋଇଥିବା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ଆପଣଙ୍କର ବିଶ୍ୱସ୍ତ,
ପଦ୍ମା ମହାନ୍ତି
(ଡା. ପଦ୍ମା ମହାନ୍ତି)
ଜଙ୍ଗଲ ଉପ ମହାନିରୀକ୍ଷକ (ସି)

ନିମ୍ନଲିଖିତଙ୍କୁ ନକଲ:-
୧. ଜଙ୍ଗଲ ମହାନିରୀକ୍ଷକ (ଆର୍‌ଓଏଚ୍‌କ୍ୟୁ), ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ, ଇନ୍ଦିରା ପର୍ଯ୍ୟାବରଣ ଭବନ, ଜୋରବାଗ ରୋଡ୍, ଆଲିଗଞ୍ଜ, ନୂଆଦିଲ୍ଲୀ - ୧୧୦୦୦୩।
୨. ଅତିରିକ୍ତ ପିସିସିଏଫ୍ ଏବଂ ନୋଡାଲ୍ ଅଧିକାରୀ (ଏଫ୍‌ସିଏ), ଜଙ୍ଗଲ ବିଭାଗ, ଓଡ଼ିଶା ସରକାର, ଅରଣ୍ୟ ଭବନ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର।
୩. ଅତିରିକ୍ତ ମହାପ୍ରବନ୍ଧକ (ଏଚ୍‌ଆର୍), ଦର୍ଲିପାଲି ଏସ୍‌ଟିପିପି, ନ୍ୟାଶନାଲ ଥର୍ମାଲ ପାୱାର କର୍ପୋରେଶନ ଲିଃ, ସ୍ଥାନ/ପୋଷ୍ଟ: ଦର୍ଲିପାଲି, ଜିଲ୍ଲା: ସୁନ୍ଦରଗଡ଼ - ୭୭୦୦୨୫, ଓଡ଼ିଶା।

ଜଙ୍ଗଲ ଉପ ମହାନିରୀକ୍ଷକ (ସି)

**ପ୍ରକଳ୍ପ: ମେସର୍ସ ଏନ୍‌ଟିପିସି ଲିଃ ଦ୍ୱାରା ମେକ୍ ଅପ୍ ୱାଟର୍ (ଏମ୍‌ୟୁଡବ୍ଲ୍ୟୁ) ପାଇପଲାଇନ୍ ଏବଂ ୧୩୨ କେଭି ଟ୍ରାନ୍ସମିଶନ୍ ଲାଇନ୍**

**ଜଙ୍ଗଲ ଜମି ଅନୁସୂଚୀ - ଝାରସୁଗୁଡ଼ା ଜିଲ୍ଲା - ୨୨.୭୬ ହେକ୍ଟର**

| କ୍ର. ସଂ. | ଗ୍ରାମର ନାମ | ତହସିଲର ନାମ | ଖାତା ସଂ. | ପ୍ଲଟ୍ ସଂ. | ରକବା ଏକରରେ | ରକବା ହେକ୍ଟରରେ | କିସମ |
|---|---|---|---|---|---|---|---|
| ୧ | କେଛୋବାହାଲ | ଝାରସୁଗୁଡ଼ା | ୧୦୩/୨୦ | ୧୬୪୨ | ୩.୯୦୩ | ୧.୫୭୯ | ଜଙ୍ଗଲ |
| ୨ | ଚାନ୍ଦିନିମାଳ | ଝାରସୁଗୁଡ଼ା | ୧୨୦ | ୫୨୩ | ୦.୦୧୪ | ୦.୦୦୬ | ଗ୍ରାମ୍ୟ ଜଙ୍ଗଲ |
| ୩ | ଚାନ୍ଦିନିମାଳ | ଝାରସୁଗୁଡ଼ା | ୧୨୦ | ୫୫୨ | ୦.୦୧୫ | ୦.୦୦୬ | ଗ୍ରାମ୍ୟ ଜଙ୍ଗଲ |
| ୪ | ଚାନ୍ଦିନିମାଳ | ଝାରସୁଗୁଡ଼ା | ୧୨୦ | ୫୬୯ | ୨.୫୬୯ | ୧.୦୪୦ | ଗ୍ରାମ୍ୟ ଜଙ୍ଗଲ |
| ୫ | ଚାନ୍ଦିନିମାଳ | ଝାରସୁଗୁଡ଼ା | ୧୨୦ | ୭୧୬/୧୩୫୮ | ୦.୦୨୫ | ୦.୦୧୦ | ଗ୍ରାମ୍ୟ ଜଙ୍ଗଲ |
| ୬ | ଚାନ୍ଦିନିମାଳ | ଝାରସୁଗୁଡ଼ା | ୧୨୦ | ୭୨୫ | ୦.୧୭୧ | ୦.୦୬୯ | ଗ୍ରାମ୍ୟ ଜଙ୍ଗଲ |
| ୭ | ଚାନ୍ଦିନିମାଳ | ଝାରସୁଗୁଡ଼ା | ୧୨୦ | ୭୧୫/୧୩୦୬ | ୦.୦୭୦ | ୦.୦୨୮ | ଗ୍ରାମ୍ୟ ଜଙ୍ଗଲ |
| ୮ | ଚାନ୍ଦିନିମାଳ | ଝାରସୁଗୁଡ଼ା | ୧୨୦ | ୫୨୫ | ୦.୦୦୩ | ୦.୦୦୧ | ଗ୍ରାମ୍ୟ ଜଙ୍ଗଲ |
| ୯ | ଚାନ୍ଦିନିମାଳ | ଝାରସୁଗୁଡ଼ା | ୧୨୦ | ୫୭୦/୧୩୦୭ | ୦.୦୧୭ | ୦.୦୦୭ | ଗ୍ରାମ୍ୟ ଜଙ୍ଗଲ |
| ୧୦ | ଚାନ୍ଦିନିମାଳ | ଝାରସୁଗୁଡ଼ା | ୧୨୦ | ୭୧୭ | ୦.୧୭୬ | ୦.୦୭୧ | ଗ୍ରାମ୍ୟ ଜଙ୍ଗଲ |
| ୧୧ | ଚାନ୍ଦିନିମାଳ | ଝାରସୁଗୁଡ଼ା | ୧୨୦ | ୫୨୬ | ୩.୯୬୦ | ୧.୬୦୩ | ଗ୍ରାମ୍ୟ ଜଙ୍ଗଲ |
| ୧୨ | ରାଜପୁର | ଝାରସୁଗୁଡ଼ା | ୧୮୫ | ୧୬୦/୧୩୪୨ | ୦.୮୪୮ | ୦.୩୪୩ | ଗ୍ରାମ୍ୟ ଜଙ୍ଗଲ |
| ୧୩ | ରାଜପୁର | ଝାରସୁଗୁଡ଼ା | ୧୮୫ | ୧୬୦/୧୩୪୩ | ୦.୪୧୩ | ୦.୧୬୭ | ଗ୍ରାମ୍ୟ ଜଙ୍ଗଲ |
| ୧୪ | ରାଜପୁର | ଝାରସୁଗୁଡ଼ା | ୧୮୫ | ୧୬୦/୧୩୫୪ | ୦.୦୩୨ | ୦.୦୧୩ | ଗ୍ରାମ୍ୟ ଜଙ୍ଗଲ |
| ୧୫ | ରାଜପୁର | ଝାରସୁଗୁଡ଼ା | ୧୮୫ | ୧୬୦/୧୩୫୫ | ୦.୨୪୪ | ୦.୦୯୯ | ଗ୍ରାମ୍ୟ ଜଙ୍ଗଲ |
| ୧୬ | ରାଜପୁର | ଝାରସୁଗୁଡ଼ା | ୧୮୫ | ୧୫୯ | ୦.୨୫୯ | ୦.୧୦୫ | ଗ୍ରାମ୍ୟ ଜଙ୍ଗଲ |
| ୧୭ | ରାଜପୁର | ଝାରସୁଗୁଡ଼ା | ୧୮୫ | ୧୬୧ | ୦.୦୭୩ | ୦.୦୩୦ | ଗ୍ରାମ୍ୟ ଜଙ୍ଗଲ |
| ୧୮ | ଗୌଡମାଳ | ଝାରସୁଗୁଡ଼ା | ୭୨ | ୩୯୦ | ୧.୧୮୯ | ୦.୪୮୧ | ବଡ଼ ଜଙ୍ଗଲ |
| ୧୯ | ବ୍ରଜରାଜନଗର ଟାଉନ୍ ୟୁନିଟ୍ ନଂ.୧ | ଝାରସୁଗୁଡ଼ା | ୬୧୬ | ୩୮୬୮ | ୩.୪୮୦ | ୧.୪୦୮ | ଜଙ୍ଗଲ |
| ୨୦ | ବ୍ରଜରାଜନଗର ଟାଉନ୍ ୟୁନିଟ୍ ନଂ.୧ | ଝାରସୁଗୁଡ଼ା | ୬୧୮ | ୩୬୩୪ | ୨.୪୨୩ | ୦.୯୮୧ | ଜଙ୍ଗଲ |
| ୨୧ | ବ୍ରଜରାଜନଗର ଟାଉନ୍ ୟୁନିଟ୍ ନଂ.୧ | ଝାରସୁଗୁଡ଼ା | ୬୧୮ | ୩୬୬୪ | ୧.୬୬୫ | ୦.୬୭୪ | ଜଙ୍ଗଲ |
| ୨୨ | ବ୍ରଜରାଜନଗର ଟାଉନ୍ ୟୁନିଟ୍ ନଂ.୧ | ଝାରସୁଗୁଡ଼ା | ୬୧୮ | ୩୬୪୭ | ୩.୯୮୨ | ୧.୬୧୧ | ଜଙ୍ଗଲ |
| ୨୩ | ବ୍ରଜରାଜନଗର ଟାଉନ୍ ୟୁନିଟ୍ ନଂ.୧ | ଝାରସୁଗୁଡ଼ା | ୬୧୮ | ୩୬୪୩ | ୦.୧୧୦ | ୦.୦୪୫ | ଜଙ୍ଗଲ |
| ୨୪ | ବ୍ରଜରାଜନଗର ଟାଉନ୍ ୟୁନିଟ୍ ନଂ.୧ | ଝାରସୁଗୁଡ଼ା | ୬୧୮ | ୩୬୬୫ | ୩.୧୮୧ | ୧.୨୮୭ | ଜଙ୍ଗଲ |
| ୨୫ | ବ୍ରଜରାଜନଗର ଟାଉନ୍ ୟୁନିଟ୍ ନଂ.୧ | ଝାରସୁଗୁଡ଼ା | ୬୧୬ | ୪୬୦୭ | ୦.୩୧୬ | ୦.୧୨୮ | ଗ୍ରାମ୍ୟ ଜଙ୍ଗଲ |
| ୨୬ | ବ୍ରଜରାଜନଗର ଟାଉନ୍ ୟୁନିଟ୍ ନଂ.୧ | ଝାରସୁଗୁଡ଼ା | ୬୧୬ | ୪୨୩୨ | ୦.୭୩୨ | ୦.୨୯୬ | ଗ୍ରାମ୍ୟ ଜଙ୍ଗଲ |
| ୨୭ | ବ୍ରଜରାଜନଗର ଟାଉନ୍ ୟୁନିଟ୍ ନଂ.୧ | ଝାରସୁଗୁଡ଼ା | ୬୧୬ | ୪୬୦୮ | ୦.୫୯୩ | ୦.୨୪୦ | ଗ୍ରାମ୍ୟ ଜଙ୍ଗଲ |
| ୨୮ | ବ୍ରଜରାଜନଗର ଟାଉନ୍ ୟୁନିଟ୍ ନଂ.୧ | ଝାରସୁଗୁଡ଼ା | ୬୧୬ | ୪୨୩୮ | ୦.୦୦୫ | ୦.୦୦୨ | ଗ୍ରାମ୍ୟ ଜଙ୍ଗଲ |
| ୨୯ | ବୁନ୍ଦିଆ | ଝାରସୁଗୁଡ଼ା | ୮୧ | ୧୬୭ | ୯.୯୫୮ | ୪.୦୩୦ | ଗ୍ରାମ୍ୟ ଜଙ୍ଗଲ |
| ୩୦ | ବୁନ୍ଦିଆ | ଝାରସୁଗୁଡ଼ା | ୮୩ | ୧୭୦ | ୫.୩୦୦ | ୨.୧୪୫ | ପତ୍ରା ଜଙ୍ଗଲ |
| ୩୧ | ବୁନ୍ଦିଆ | ଝାରସୁଗୁଡ଼ା | ୮୩ | ୧୬୯ | ୧.୧୧୦ | ୦.୪୪୯ | ପତ୍ରା ଜଙ୍ଗଲ |
| ୩୨ | ବାଲିପୁଟ | ଝାରସୁଗୁଡ଼ା | ୩୬ | ୧୫୪ | ୧.୫୯୧ | ୦.୬୪୪ | ପତ୍ରା ଜଙ୍ଗଲ |
| ୩୩ | କିରାରମା | ଲଖନପୁର | ୧୧୧ | ୭୩୩ | ୪.୭୦୯ | ୧.୯୦୬ | ଗ୍ରାମ୍ୟ ଜଙ୍ଗଲ |
| ୩୪ | ବନହରପାଲି | ଲଖନପୁର | ୭୯ | ୬୨୪ | ୧.୨୩୧ | ୦.୪୯୮ | ଗ୍ରାମ୍ୟ ଜଙ୍ଗଲ |
| ୩୫ | ବନହରପାଲି | ଲଖନପୁର | ୮୧ | ୮୦୪ | ୦.୯୮୮ | ୦.୪୦୦ | ଜଙ୍ଗଲ |
| ୩୬ | ବନହରପାଲି | ଲଖନପୁର | ୮୧ | ୬୪୪ | ୦.୩୮୫ | ୦.୧୫୬ | ଜଙ୍ଗଲ |
| ୩୭ | ବନହରପାଲି | ଲଖନପୁର | ୮୧ | ୬୧୮ | ୦.୧୩୫ | ୦.୦୫୫ | ଜଙ୍ଗଲ |
| ୩୮ | ବନହରପାଲି | ଲଖନପୁର | ୮୧ | ୬୦୮ | ୦.୦୮୫ | ୦.୦୩୪ | ଜଙ୍ଗଲ |
| ୩୯ | ବନହରପାଲି | ଲଖନପୁର | ୮୧ | ୬୦୬ | ୦.୨୮୪ | ୦.୧୧୫ | ଜଙ୍ଗଲ |
| | | | | **ମୋଟ** | **୫୬.୨୪୪** | **୨୨.୭୬** | |

**ଜଙ୍ଗଲ ଜମି ଅନୁସୂଚୀ - ସୁନ୍ଦରଗଡ଼ ଜିଲ୍ଲା - ୨.୮୦ ହେକ୍ଟର**

| କ୍ର. ସଂ. | ଗ୍ରାମର ନାମ | ତହସିଲର ନାମ | ଖାତା ସଂ. | ପ୍ଲଟ୍ ସଂ. | ରକବା ଏକରରେ | ରକବା ହେକ୍ଟରରେ | କିସମ |
|---|---|---|---|---|---|---|---|
| ୧ | ଦର୍ଲିପାଲି | ଲେଫ୍ରିପଡ଼ା | ୫୭୧/୧୫୯ | ୩୫୮୪/୬୫୮୮ | ୦.୩୭୦ | ୦.୧୫୦ | ଗୋଡା - II |
| ୨ | କନକତୋରା | ହେମଗିର | ୧୯୯ | ୧୯୩୭/୨୩୯୩ | ୦.୦୩୦ | ୦.୦୧୨ | ମା.ସା |
| ୩ | କନକତୋରା | ହେମଗିର | ୨୦୧ | ୮୬୭ | ୧.୧୪୨ | ୦.୪୬୨ | ଜଙ୍ଗଲ |
| ୪ | କନକତୋରା | ହେମଗିର | ୨୦୧ | ୮୬୫ | ୦.୪୪୦ | ୦.୧୭୮ | ଜଙ୍ଗଲ |
| ୫ | କନକତୋରା | ହେମଗିର | ୨୦୧ | ୮୬୬ | ୦.୯୯୬ | ୦.୪୦୩ | ଜଙ୍ଗଲ |
| ୬ | କନକତୋରା | ହେମଗିର | ୨୦୧ | ୮୨୨ | ୦.୨୯୦ | ୦.୧୧୭ | ଜଙ୍ଗଲ |
| ୭ | କନକତୋରା | ହେମଗିର | ୨୦୧ | ୭୫୬ | ୦.୩୨୪ | ୦.୧୩୧ | ଜଙ୍ଗଲ |
| ୮ | କନକତୋରା | ହେମଗିର | ୨୦୧ | ୭୪୮ | ୦.୦୪୪୬ | ୦.୦୧୯ | ଜଙ୍ଗଲ |
| ୯ | କନକତୋରା | ହେମଗିର | ୨୦୧ | ୧୦୦୧ | ୦.୫୫୦ | ୦.୨୨୩ | ଜଙ୍ଗଲ |
| ୧୦ | କନକତୋରା | ହେମଗିର | ୨୦୧ | ୧୯୮୧ | ୦.୨୫୨ | ୦.୧୦୨ | ଜଙ୍ଗଲ |
| ୧୧ | କନକତୋରା | ହେମଗିର | ୨୦୧ | ୮୪୫ | ୦.୦୧୪ | ୦.୦୦୬ | ବଡ଼ ଜଙ୍ଗଲ |
| ୧୨ | କନକତୋରା | ହେମଗିର | ୨୦୧ | ୯୭୮ | ୦.୦୨୭ | ୦.୦୧୧ | ପତ୍ରା ଜଙ୍ଗଲ |
| ୧୩ | କନକତୋରା | ହେମଗିର | ୨୦୧ | ୯୮୦ | ୨.୦୨୨ | ୦.୮୧୮ | ପତ୍ରା ଜଙ୍ଗଲ |
| ୧୪ | କନକତୋରା | ହେମଗିର | ୨୦୧ | ୧୮୯୩/୨୩୮୫ | ୦.୦୭୮ | ୦.୦୩୨ | ବଡ଼ ଜଙ୍ଗଲ |
| ୧୫ | କନକତୋରା | ହେମଗିର | ୨୦୧ | ୧୮୯୫ | ୦.୧୮୪ | ୦.୦୭୪ | ବଡ଼ ଜଙ୍ଗଲ |
| ୧୬ | କନକତୋରା | ହେମଗିର | ୨୦୧ | ୭୪୯ | ୦.୦୪୫ | ୦.୦୧୮ | ପତ୍ରା ଜଙ୍ଗଲ |
| ୧୭ | କନକତୋରା | ହେମଗିର | ୨୦୦ | ୮୯୯ | ୦.୧୨୮ | ୦.୦୫୨ | ବଡ଼ ଜଙ୍ଗଲ |
| | | | | **ମୋଟ** | **୬.୯୩୮** | **୨.୮୦** | |

## ସଂକ୍ଷେପରେ

### ଷ୍ଟାଲିନ୍ ଅସୁସ୍ଥ, ହସ୍ପିଟାଲରେ ଭର୍ତ୍ତି



ଚେନ୍ନାଇ,୨୧।୭(ପି.ଟି.)

ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ହଠାତ୍ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ଚେନ୍ନାଇସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଷ୍ଟାଲିନ୍ ସବୁଦିନ ଭଳି ସୋମବାର ସକାଳେ ପ୍ରାତଃଭ୍ରମଣ କରୁଥିବାବେଳେ ଦୁର୍ବଳ ଅନୁଭବ କରିଥିଲେ। ପରେ ତାଙ୍କୁ ଆପୋଲୋ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ସେ ଚିକିତ୍ସାଧୀନ ଥିବା ଓ ଆରୋଗ୍ୟ ଲାଭ କରୁଥିବା ନେଇ ରାଜ୍ୟ ଜଳସମ୍ପଦ ମନ୍ତ୍ରୀ ଦୁରାଇମୁରୁଗାନ୍ ସୂଚନା ଦେଇଛନ୍ତି।

### ଆନ୍ଧ୍ର ମଦ ଦୁର୍ନୀତି ଚାର୍ଜଶିଟ୍‌ରେ ଜଗନମୋହନଙ୍କ ନାଁ

**ମାସକୁ ୫୦ରୁ ୬୦ କୋଟି ପାଉଥିଲେ**

ଅମରାବତୀ,୨୧।୭

ଆନ୍ଧ୍ରପ୍ରଦେଶରେ ହୋଇଥିବା ୩,୫୦୦ କୋଟି ଟଙ୍କାର ମଦ ଦୁର୍ନୀତି ମାମଲାରେ ରାଜ୍ୟ ପୋଲିସ ଶନିବାର ସ୍ଥାନୀୟ ଅଦାଲତରେ ଚାର୍ଜଶିଟ୍ ଦାଖଲ କରିଛି। ଏହି ଦୁର୍ନୀତିରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ୱାଇ.ଏ. ଜଗନମୋହନ ରେଡ୍ଡୀ ମାସିକ ହାରାହାରି ୫୦ରୁ ୬୦ କୋଟି ଟଙ୍କା ଲାଞ୍ଚ ପାଉଥିଲେ ବୋଲି ଅଭିଯୋଗ ଫର୍ଦ୍ଦରେ ଦର୍ଶାଯାଇଛି। ତେବେ ୩୦୫ ପୃଷ୍ଠାର ଏହି ଚାର୍ଜଶିଟ୍‌ରେ ଜଗନମୋହନଙ୍କୁ ଅଭିଯୁକ୍ତ ଦର୍ଶାଯାଇ ନାହିଁ। ସଂଗୃହୀତ ଟଙ୍କାକୁ ପ୍ରଥମ ଅଭିଯୁକ୍ତ କେସିରେଡ୍ଡୀ ରାଜଶେଖର ରେଡ୍ଡୀଙ୍କୁ ହସ୍ତାନ୍ତର କରାଯାଉଥିଲା। ସେ ଏହାକୁ ଅନ୍ୟ ଅଭିଯୁକ୍ତ ବିଜୟ ସାଇ ରେଡ୍ଡୀ, ମିଥୁନ ରେଡ୍ଡୀ ଏବଂ ବାଲାଜୀଙ୍କ ପାଖକୁ ପଠାଉଥିଲେ।



ୱାଇ.ଏ. ଜଗନମୋହନ ରେଡ୍ଡୀ

ସେମାନେ ଉକ୍ତ ଟଙ୍କାକୁ ଜଗନମୋହନଙ୍କ ପାଖକୁ ଟ୍ରାନ୍ସଫର କରୁଥିଲେ ବୋଲି ଚାର୍ଜଶିଟ୍‌ରେ ଉଲ୍ଲେଖ ରହିଛି। ରାଜଶେଖର ହେଉଛନ୍ତି ମଦ ଦୁର୍ନୀତିର ମାଷ୍ଟରମାଇଣ୍ଡ ଏବଂ ଅନ୍ୟତମ ଷଡ଼ଯନ୍ତ୍ରକାରୀ। ଅବକାରୀ ନୀତିରେ ଜାଲିଆତି କରିବାରେ ସେ ପ୍ରଭାବ ପକାଇବା ସହ ଓଏଫ୍ଏସ୍(ଯୋଗାଣ ନିର୍ଦ୍ଦେଶ) ବଦଳାଇବାରେ ସାମିଲ ଥିଲେ ଏବଂ ଆନ୍ଧ୍ରପ୍ରଦେଶ ରାଜ୍ୟ ପାନୀୟ ନିଗମ ଲିଃରେ ନିଜ ଅନୁଗତଙ୍କୁ ରଖାଇଥିଲେ।

# ମୋଦିଙ୍କ ବିବୃତି ଦାବିରେ ବିରୋଧୀ ଅଟଳ


ନୂଆଦିଲ୍ଲୀ,୨୧।୭

ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଓ ଅପରେଶନ ସିନ୍ଦୂର ଉପରେ ଲୋକ ସଭାରେ ୧୬ ଘଣ୍ଟା ଆଲୋଚନା ପାଇଁ କେନ୍ଦ୍ର ସରକାର ସହମତି ପ୍ରକାଶ କରିଛନ୍ତି। ବିରୋଧୀ ଦଳଗୁଡ଼ିକ ଏହି ପ୍ରସଙ୍ଗରେ ଚଳିତ ସପ୍ତାହରେ ଆଲୋଚନା କରାଯାଉ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜେ ବିବୃତି ରଖନ୍ତୁ ବୋଲି ଦାବି କରିଥିବାବେଳେ ଆସନ୍ତା ସପ୍ତାହରେ ଏନେଇ ଆଲୋଚନା ହୋଇପାରେ।

ଲୋକ ସଭା ବାଚସ୍ପତି ଓମ୍ ବିର୍ଲାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବିଜ୍‌ନେସ୍ ଆଡ୍‌ଭାଇଜରି କମିଟି (ବିଏସି)ର ଏକ ବୈଠକରେ ବିଭିନ୍ନ ଦଳ ସଦସ୍ୟମାନେ ଯୋଗଦେଇଥିଲେ। ପ୍ରଧାନମନ୍ତ୍ରୀ ଚଳିତ ସପ୍ତାହରେ ବିଦେଶ ଗସ୍ତ କରିବାକୁ ଥିବାରୁ ଆସନ୍ତା ସପ୍ତାହରେ ସେ ଫେରିବା ପରେ ଏହା ଉପରେ ବିତର୍କ ହେଉ ବୋଲି ସରକାରଙ୍କ ପ୍ରତିନିଧିମାନେ ମତ ଦେଇଥିଲେ। ତେବେ ଏହି ପ୍ରସଙ୍ଗରେ ସରକାରଙ୍କ ଆଭିମୁଖ୍ୟ ସମ୍ପର୍କରେ ପ୍ରଧାନମନ୍ତ୍ରୀ ବକ୍ତବ୍ୟ ରଖିବେ କି ବୋଲି ପ୍ରଶ୍ନ କରାଯିବାରୁ ଏନେଇ ନିଷ୍ପତ୍ତି ହୋଇ ନ ଥିବା ସରକାରୀ ସୂତ୍ରରୁ ପ୍ରକାଶ।

ପ୍ରଧାନମନ୍ତ୍ରୀ ମୋଦି ତାଙ୍କ କ୍ୟାବିନେଟ୍‌ର ବରିଷ୍ଠ ସହଯୋଗୀମାନଙ୍କୁ ଭେଟିଛନ୍ତି। ସେମାନେ ଶାସକ ମେଣ୍ଟର ରଣନୀତି ଉପରେ ନିଜ ନିଜ ମଧ୍ୟରେ ଆଲୋଚନା କରିଛନ୍ତି। ତେବେ ବିରୋଧୀ ସଦସ୍ୟମାନେ ସେମାନଙ୍କ ଦାବି ମୁତାବକ ଏହି ପ୍ରସଙ୍ଗ ବିତର୍କ ଚଳିତ ସପ୍ତାହରେ ସରକାରଙ୍କ କାର୍ଯ୍ୟସୂଚୀରେ ସ୍ଥାନ ପାଇ ନ ଥିବାରୁ ବିଏସି ବୈଠକରେ ପ୍ରତିବାଦ ଜଣାଇଛନ୍ତି। ପ୍ରଧାନମନ୍ତ୍ରୀ ବିବୃତି ରଖିବେ ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଓ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ମଧ୍ୟ ଉପସ୍ଥିତ ରହିବା ଉଚିତ ବୋଲି ସେମାନେ କହିଛନ୍ତି। ଏପରି କି କେତେଜଣ ବିରୋଧୀ ସଦସ୍ୟ ବିହାର ବିଧାନସଭା ଭୋଟ ପୂର୍ବରୁ ନିର୍ବାଚନ କମିଶନ (ଇସି) ଚଳାଇଥିବା ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ (ଏସ୍ଆଇଆର୍) ଏବଂ ମଣିପୁର ସ୍ଥିତି ଉପରେ ମଧ୍ୟ ଆଲୋଚନା ପାଇଁ ଦାବି କରିଛନ୍ତି। ଲୋକ ସଭା ଓ ରାଜ୍ୟ ସଭାରେ ଅଧିବେଶନ ଆରମ୍ଭରୁ ବିରୋଧୀଙ୍କ ହଟ୍ଟଗୋଳ ଯୋଗୁ ସଂସଦୀୟ କାର୍ଯ୍ୟ ବାଧାପ୍ରାପ୍ତ ହୋଇ ଅଚଳାବସ୍ଥା ସୃଷ୍ଟିହେବାରୁ ଉଭୟ ଗୃହକୁ ବାରମ୍ବାର ମୁଲତବୀ ଘୋଷଣା କରାଯାଇଥିଲା। ଶେଷରେ ଲୋକ ସଭା ଓ ରାଜ୍ୟ ସଭାକୁ ଦିନକ ପାଇଁ ମୁଲତବୀ କରାଯାଇଛି।

### ଅଧିବେଶନ ଆରମ୍ଭରୁ ସଂସଦରେ ହଟ୍ଟଗୋଳ



ରାଜ୍ୟ ସଭାରେ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେ।

ସଂସଦର ମୌସୁମୀ ଅଧିବେଶନ ସୋମବାର ଆରମ୍ଭ ହେବା ମାତ୍ରେ ଅପରେଶନ ସିନ୍ଦୂର ଓ ଅନ୍ୟ ପ୍ରସଙ୍ଗଗୁଡ଼ିକ ଉପରେ ଲୋକ ସଭାରେ ବିରୋଧୀ ବିତର୍କ ଦାବିକରି ହଙ୍ଗାମା କରିଥିଲେ। ଅପରାହ୍ନ ୪ଟା ପରେ ଗୃହକାର୍ଯ୍ୟ ପୁଣି ଆରମ୍ଭ ହେବାରୁ ବିରୋଧୀ ସଦସ୍ୟ ସରକାର ବିରୋଧୀ ସ୍ଲୋଗାନ ଦେଇଥିଲେ। ସରକାର ଏହି ପ୍ରସଙ୍ଗରେ ଦୀର୍ଘ ଆଲୋଚନା ପାଇଁ ପ୍ରସ୍ତୁତ ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଆଶ୍ୱାସନା ଦେଇଥିଲେ। ସେହିପରି ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ ବିରୋଧୀ ସଦସ୍ୟମାନଙ୍କୁ ସେମାନଙ୍କ ଦାବି ଅପରାହ୍ନ ୨ଟା ୩୦ରେ ଆରମ୍ଭ ହେବାକୁ ଥିବା ବିଏସି ବୈଠକରେ ଉପସ୍ଥାପନ କରିବାକୁ ଅନୁରୋଧ କରିଥିଲେ। କିନ୍ତୁ ବିରୋଧୀ ସଦସ୍ୟମାନେ ହଟ୍ଟଗୋଳ ଜାରି ରଖିଥିଲେ। ଉଚ୍ଚ ସଦନ ରାଜ୍ୟ ସଭାରେ ମଧ୍ୟ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେ ଏହି ପ୍ରସଙ୍ଗ ଉଠାଇ କେନ୍ଦ୍ର ସରକାରଙ୍କୁ ଘେରିଥିଲେ। ଅପରେଶନ ସିନ୍ଦୂର ବେଳେ ଭାରତ-ପାକିସ୍ତାନ ଉପରେ ଚାପ ପକାଇ ଅସ୍ତ୍ରବିରତି କରାଇଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦାବି ପ୍ରସଙ୍ଗ ସେ ଉଠାଇଥିଲେ। ଖାର୍ଗେ କହିଥିଲେ, ଟ୍ରମ୍ପଙ୍କ ବାରମ୍ବାର ମଧ୍ୟସ୍ଥତା ଦାବି ଭାରତ ପାଇଁ ଅପମାନଜନକ। ସରକାର ଏହା ଉପରେ ସ୍ପଷ୍ଟୀକରଣ ଦିଅନ୍ତୁ। ଖାର୍ଗେଙ୍କ ସହ କଂଗ୍ରେସର ଅନ୍ୟ ସଦସ୍ୟମାନେ ମଧ୍ୟ ପ୍ରଧାନମନ୍ତ୍ରୀଙ୍କଠାରୁ ଉତ୍ତର ଦାବି କରିଥିଲେ। ଅନେକ ବିରୋଧୀ ସଦସ୍ୟ ପହଲଗାମ୍ ଓ ଅପରେଶନ ସିନ୍ଦୂର ଉପରେ ଆଲୋଚନା ପାଇଁ ରୁଲ୍ ୨୬୭ ଅଧୀନରେ ମୁଲତବୀ ନୋଟିସ ଦେଇଛନ୍ତି। ଏନେଇ ୨ ଦିନ ପାଇଁ ବିତର୍କ ହେଉ ଏବଂ ପ୍ରଧାନମନ୍ତ୍ରୀ ଉତ୍ତର ରଖନ୍ତୁ ବୋଲି ଖାର୍ଗେ ଦାବି କରିଛନ୍ତି। ଖାର୍ଗେ କହିଛନ୍ତି, ଏପ୍ରିଲ ୨୨ ପହଲଗାମ୍ ଆକ୍ରମଣର ଆତଙ୍କବାଦୀମାନଙ୍କୁ ଧରାଯାଇ ପାରିନାହିଁ କିମ୍ବା ମରାଯାଇ ପାରିନାହିଁ। ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ଜେନେରାଲ ଅନିଲ ଚୌହାନ ଏବଂ ଜଣେ ବରିଷ୍ଠ କ୍ୟାପ୍‌ଟେନ୍ ଅପରେଶନ୍ ସିନ୍ଦୂର ସମ୍ପର୍କରେ କିଛି ପ୍ରଘଟ କରିଛନ୍ତି। ଏହା ବ୍ୟତୀତ ଟ୍ରମ୍ପ ମଧ୍ୟ ଅସ୍ତ୍ରବିରତି କରାଇଥିବା ନେଇ ୨୪ ଥର ଦାବି କଲେଣି। ଖାର୍ଗେଙ୍କ ଦାବି ଉପରେ ଗୃହର ନେତା ଜେ.ପି. ନଡ୍ଡା କହିଥିଲେ, ସରକାର ଏହି ସମସ୍ତ ପ୍ରସଙ୍ଗ ଉପରେ ଆଲୋଚନା ପାଇଁ ପ୍ରସ୍ତୁତ। ତେବେ ହଟ୍ଟଗୋଳ ମଧ୍ୟରେ ରାଜ୍ୟ ସଭା ଅଧ୍ୟକ୍ଷ ଜଗଦୀପ ଧନକର ଶେଷରେ ଗୃହକୁ ଦିନକ ପାଇଁ ମୁଲତବୀ ଘୋଷଣା କରିଥିଲେ।

**ପହଲଗାମ୍, ଅପରେଶନ ସିନ୍ଦୂର ଉପରେ ୧୬ ଘଣ୍ଟା ଆଲୋଚନା ପାଇଁ ସରକାର ରାଜି**




ପାର୍ଲାମେଣ୍ଟ ମୌସୁମୀ ଅଧିବେଶନର ପ୍ରଥମ ଦିନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗଣମାଧ୍ୟମକୁ ସମ୍ବୋଧନ କରୁଛନ୍ତି। ତାଙ୍କ ସହ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ, ରାଷ୍ଟ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ, ଅର୍ଜୁନରାମ ମେଘୱାଲ ଏବଂ ଏଲ୍. ମୁରୁଗାନ୍ ଉପସ୍ଥିତ।

### ବୋଟ୍‌ରେ ନିଆଁ ଲାଗି ୫ ମୃତ



ମନାଡୋ(ଇଣ୍ଡୋନେସିଆ),୨୧।୭

ଇଣ୍ଡୋନେସିଆର ସୁଲାୱେସି ଦ୍ୱୀପ ନିକଟବର୍ତ୍ତୀ ସମୁଦ୍ରରେ ରବିବାର ଏକ ଯାତ୍ରୀବାହୀ ବୋଟ୍‌ରେ ନିଆଁ ଲାଗିଯାଇ ଅନ୍ୟୂନ ୫ ଜଣଙ୍କ ମୃତ୍ୟୁ ଘଟିଛି। ବୋଟ୍‌ରୁ ୨୮୪ ଜଣଙ୍କୁ ଉଦ୍ଧାର କରାଗଲାଣି। କେଏମ୍ ବାର୍ସେଲୋନା୫ ନାମକ ଏହି ବୋଟ୍‌ଟି ତଲାଉଦ୍‌ରୁ ଉତ୍ତର ସୁଲାୱେସି ପ୍ରଦେଶର ରାଜଧାନୀ ମନାଡୋ ଅଭିମୁଖେ ଯାଉଥିବାବେଳେ ଟାଲିସେ ନିକଟରେ ନିଆଁ ଲାଗିଯାଇଥିଲା। ଉଦ୍ଧାର କାର୍ଯ୍ୟରେ ନୌସେନାର ୩ଟି ଜାହାଜକୁ ନିୟୋଜିତ କରାଯାଇଛି। ସ୍ଥାନୀୟ ମତ୍ସ୍ୟଜୀବୀମାନେ ମଧ୍ୟ କେତେଜଣ ଯାତ୍ରୀଙ୍କୁ ଉଦ୍ଧାର କରିଛନ୍ତି। ବୋଟ୍‌ରେ ମୋଟ କେତେ ଯାତ୍ରୀ ଓ କର୍ମଚାରୀ ଥିଲେ ତାହା ସ୍ପଷ୍ଟ ହୋଇନାହିଁ।

## କେରଳର ପୂର୍ବତନ ମୁଖ୍ୟମନ୍ତ୍ରୀ ଭି.ଏସ୍. ଅଚ୍ୟୁତାନନ୍ଦନଙ୍କ ପରଲୋକ

ଥିରୁଭାନନ୍ତପୁରମ, ୨୧।୭



ଭେଟାରାନ ବାମପନ୍ଥୀ ନେତା ତଥା ପୂର୍ବତନ କେରଳ ମୁଖ୍ୟମନ୍ତ୍ରୀ ଭି.ଏସ୍. ଅଚ୍ୟୁତାନନ୍ଦନଙ୍କର ସୋମବାର ୧୦୧ ବର୍ଷ ବୟସରେ ପରଲୋକ ହୋଇଯାଇଛି। ଥିରୁଭାନନ୍ତପୁରମର ଏକ ଘରୋଇ ହସ୍ପିଟାଲରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ଗତ ଜୁନ୍ ୨୩ରେ ଥିରୁଭାନନ୍ତପୁରମରେ ନିଜ ପୁଅଙ୍କ ବାସଭବନରେ ଥିବା ସମୟରେ ତାଙ୍କର ହୃଦ୍‌ଘାତ ହୋଇଥିଲା। ଏହାପରଠାରୁ ସେ ହସ୍ପିଟାଲର ଇଣ୍ଟେନସିଭ କେୟାର ୟୁନିଟ(ଆଇସିୟୁ)ରେ ଭେଣ୍ଟିଲେଟର ସପୋର୍ଟରେ ଥିଲେ। କେରଳ ରାଜନୀତିରେ ତାଙ୍କର ବହୁ ପ୍ରଭାବ ରହିଥିଲା। ୨୦୦୧ରୁ ୨୦୦୬ ମଧ୍ୟରେ ଅଚ୍ୟୁତାନନ୍ଦନ କେରଳ ବିଧାନସଭାରେ ବିରୋଧୀ ଦଳ ନେତା ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ୨୦୦୬ରେ ତାଙ୍କ ନେତୃତ୍ୱରେ କେରଳରେ ଲେଫ୍ଟ ଡେମୋକ୍ରାଟିକ୍ ଫ୍ରଣ୍ଟ(ଏଲ୍‌ଡିଏଫ୍) ସରକାର ଗଠନ କରିଥିଲା। ୨୦୦୬ରୁ ୨୦୧୧ ଯାଏ ରାଜ୍ୟର ମୁଖ୍ୟମନ୍ତ୍ରୀ ଭାବେ ସେ ଦାୟିତ୍ୱ ନିର୍ବାହ କରିଥିଲେ। ୨୦୧୧ରେ ତାଙ୍କ ନେତୃତ୍ୱାଧୀନ ଏଲ୍‌ଡିଏଫ୍ ଅଳ୍ପ ବ୍ୟବଧାନରେ କଂଗ୍ରେସ ନେତୃତ୍ୱାଧୀନ ୟୁନାଇଟେଡ୍ ଡେମୋକ୍ରାଟିକ୍ ଫ୍ରଣ୍ଟ(ୟୁଡିଏଫ୍)ଠାରୁ ପରାସ୍ତ ହୋଇଥିଲା। କେରଳ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ୍ ଅଚ୍ୟୁତାନନ୍ଦନଙ୍କ ମୃତ୍ୟୁକୁ ନେଇ ଶୋକ ପ୍ରକଟ କରିଛନ୍ତି।


## ସିବିଏସ୍‌ଇ ସ୍କୁଲରେ ସିସିଟିଭି ବାଧ୍ୟତାମୂଳକ

ନୂଆଦିଲ୍ଲୀ,୨୧।୭

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ସ୍କୁଲଗୁଡ଼ିକରେ ଛାତ୍ରୀଛାତ୍ରଙ୍କ ସୁରକ୍ଷା ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ପାଇଁ ସିସିଟିଭି କ୍ୟାମେରା ସଂଯୋଗକୁ ବାଧ୍ୟତାମୂଳକ କରିଛି। ବୋର୍ଡ ପକ୍ଷରୁ ଏହାର ଆଫିଲିଏଶନ୍ ବାଇଲଜ୍-୨୦୧୮ରେ ଥିବା ଚାପ୍ଟର ୪ (ଫିଜିକାଲ ଇନ୍‌ଫ୍ରାଷ୍ଟ୍ରକ୍ଚର)ରେ ସଂଶୋଧନ ଅଣାଯାଇଛି। ସ୍କୁଲଗୁଡ଼ିକରେ ପିଲାଙ୍କ ନିରାପତ୍ତା ଓ ସୁରକ୍ଷା ସମ୍ପର୍କିତ ଏନ୍‌ସିପିସିଆର୍ ମାନୁଆଲ କ୍ଲଜ୍ ୧(୫) ଅନୁସାରେ ବିଦ୍ୟାଳୟଗୁଡ଼ିକରେ ସିସିଟିଭି ସଂଲଗ୍ନ ସହ ଏହାକୁ ନିୟମିତ ଭାବେ ପରିଚାଳନା ଓ ଅନୁଧ୍ୟାନ କରାଯିବ। ଏହି ଆଧାରରେ ସିବିଏସ୍‌ଇ ସମସ୍ତ ସହଅନୁବନ୍ଧିତ ସ୍କୁଲରେ ହାଇ-ରେଜୋଲ୍ୟୁଶନ୍ ସିସିଟିଭି କ୍ୟାମେରା ସଂଲଗ୍ନ କରିବାକୁ ନିର୍ଦ୍ଦେଶ ଦେଇଛି। ସିସିଟିଭି କ୍ୟାମେରାଗୁଡ଼ିକ ଜରିଆରେ ସମସ୍ତ ଗୁରୁତ୍ୱପୂର୍ଣ୍ଣ ସ୍ଥାନର ରିଅଲ୍-ଟାଇମ୍ ଅଡିଓ-ଭିଜୁଆଲ ରେକର୍ଡିଂ ରହିବ। ସମସ୍ତ ପ୍ରବେଶ ଓ ପ୍ରସ୍ଥାନ ଦ୍ୱାର, ଲବି ଓ କରିଡର, ଶିଡି, ଶ୍ରେଣୀଗୃହ, ଲାଇବ୍ରେରି, ଲାବରେଟୋରି, କ୍ୟାଣ୍ଟିନ୍, ଷ୍ଟୋର ରୁମ୍, ଖେଳପଡ଼ିଆ ଏବଂ ଅନ୍ୟ କମନ୍ ଏରିଆରେ ସିସିଟିଭି କ୍ୟାମେରା ରହିବା ଜରୁରୀ। ତେବେ ଟଏଲେଟ୍, ୱାଶ୍‌ରୁମ୍ ଭଳି ସ୍ଥାନକୁ ଏଥିରୁ ବାଦ୍ ଦିଆଯାଇଛି। ପ୍ରତ୍ୟେକ ସିସିଟିଭି ସିଷ୍ଟମ୍‌ରେ ଅନ୍ୟୂନ ୧୫ ଦିନ ଧରି ଫୁଟେଜ୍ ମହଜୁଦ ରହିବା ଭଳି ସାମର୍ଥ୍ୟ ଥିବା ଜରୁରୀ, ଯାହାକୁ ଆବଶ୍ୟକ ସ୍ଥଳେ କର୍ତ୍ତୃପକ୍ଷ ଯାଞ୍ଚ କରିପାରିବେ। ଛାତ୍ରୀଛାତ୍ରଙ୍କ ସୁରକ୍ଷା ଓ ନିରାପତ୍ତାକୁ ସୁନିଶ୍ଚିତ କରିବା ପାଇଁ ପ୍ରତ୍ୟେକ ଆଫିଲିଏଟେଡ୍ ସ୍କୁଲ ଏହାକୁ କଡ଼ାକଡ଼ି ଭାବେ ପାଳନ କରିବେ ବୋଲି ବୋର୍ଡ ଗୁରୁତ୍ୱାରୋପ କରିଛି।

## ପରିବା ବିକାଳିଙ୍କୁ ୨୯ ଲକ୍ଷର ଜିଏସ୍‌ଟି ନୋଟିସ

ହାଭେରୀ, ୨୧।୭



କର୍ଣ୍ଣାଟକରେ ଜଣେ ପନିପରିବା ବିକ୍ରେତା ଶଙ୍କରଗୌଡ଼ା ହଦିମନି ଏବେ ଚର୍ଚ୍ଚାରେ ରହିଛନ୍ତି। ତାଙ୍କୁ ଜିଏସ୍‌ଟି ଅଧିକାରୀଙ୍କ ପକ୍ଷରୁ ୨୯ ଲକ୍ଷ ଟଙ୍କାର ଜିଏସ୍‌ଟି ନୋଟିସ୍ ଆସିଛି। ସ୍ଥାନୀୟ ହାଭେରି ମୁନିସିପାଲିଟି ହାଇସ୍କୁଲ ନିକଟରେ ତାଙ୍କର ଏକ ପନିପରିବା ଦୋକାନ ରହିଛି। ସେହି ଦୋକାନରେ ସେ ଗତ ୪ ବର୍ଷ ଧରି ପନିପରିବା ବିକ୍ରି କରି ନିଜ ଜୀବିକା ନିର୍ବାହ କରୁଛନ୍ତି। ତାଙ୍କର ଅଧିକାଂଶ ଗ୍ରାହକ ୟୁପିଆଇ କିମ୍ବା ଅନ୍ୟାନ୍ୟ ଡିଜିଟାଲ ପ୍ଲାଟଫର୍ମ ମାଧ୍ୟମରେ ପେମେଣ୍ଟ କରୁଥିବାରୁ ଏହା ତାଙ୍କ ପାଇଁ ବଡ଼ ସମସ୍ୟା ପାଲଟିଛି। ଜିଏସ୍‌ଟି ଅଧିକାରୀ ଶଙ୍କରଗୌଡ଼ାଙ୍କୁ ଏକ ନୋଟିସ୍ ପଠାଇଛନ୍ତି, ଯେଉଁଥିରେ କୁହାଯାଇଛି, ଗତ ୪ ବର୍ଷ ମଧ୍ୟରେ ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୧.୬୩ କୋଟି ଟଙ୍କାର କାରବାର ହୋଇଛି। ଏହି ଅନୁଯାୟୀ, ତାଙ୍କୁ ୨୯ ଲକ୍ଷ ଟଙ୍କାର ଜିଏସ୍‌ଟି ଦେବାକୁ ପଡ଼ିବ। ଏହି ନୋଟିସ୍ ପାଇ ଶଙ୍କରଗୌଡ଼ା କହିଛନ୍ତି, ସେ କୃଷକଙ୍କଠାରୁ ତାଜା ପନିପରିବା କିଣି ନିଜର ଛୋଟ ଦୋକାନରେ ଏହାକୁ ବିକ୍ରି କରିଥାନ୍ତି। ଅଧିକାଂଶ ଗ୍ରାହକ କିଣିଥିବା ପନିପରିବାର ପେମେଣ୍ଟ ୟୁପିଆଇ ଜରିଆରେ କରିଥାନ୍ତି। ସମ୍ପ୍ରତି ନଗଦ ଟଙ୍କା କାରବାର କମ୍ ହୋଇଛି ଏବଂ ଅଧିକାଂଶ କାରବାର ଡିଜିଟାଲ ମାଧ୍ୟମରେ ହେଉଥିବା ସେ ସ୍ୱୀକାର କରିଛନ୍ତି। ପ୍ରତିବର୍ଷ ସେ ଆୟକର ରିଟର୍ନ ଫାଇଲ କରନ୍ତି ଏବଂ ଏହାର ରେକର୍ଡ ମଧ୍ୟ ରଖନ୍ତି ବୋଲି ଶଙ୍କରଗୌଡ଼ା କହିଛନ୍ତି। ୨୯ ଲକ୍ଷ ଟଙ୍କା ଭରିବା ତାଙ୍କ ପକ୍ଷେ ଅସମ୍ଭବ ବୋଲି ସେ କହିଛନ୍ତି। କର୍ଣ୍ଣାଟକରେ ଏହି ମାମଲା ସାମ୍ନାକୁ ଆସିବା ପରେ କିଛି ଛୋଟ ବିକ୍ରେତା ଗ୍ରାହକଙ୍କଠାରୁ ୟୁପିଆଇ ପେମେଣ୍ଟ ସ୍ୱୀକାର କରିବା ବନ୍ଦ କରିବା ସହ କେବଳ ନଗଦ କାରବାର କରୁଛନ୍ତି।

### ୟୁଏଇ ଆପାର୍ଟମେଣ୍ଟରୁ ମିଳିଲା ଭାରତୀୟ ମହିଳାଙ୍କ ମୃତଦେହ

ଶାରଜା, ୨୧।୭

ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ ଜଣେ ଭାରତୀୟ ମହିଳାଙ୍କର ମୃତ୍ୟୁ ହୋଇଯାଇଛି। ମୃତ ମହିଳା ହେଉଛନ୍ତି କେରଳର ଅତୁଲ୍ୟା ଶେଖର। ରବିବାର ଶାରଜାସ୍ଥିତ ନିଜ ଆପାର୍ଟମେଣ୍ଟରୁ ତାଙ୍କ ମୃତଦେହ ଜବତ ହୋଇଛି। ଅତୁଲ୍ୟାଙ୍କ ଗଳା ଚିପି ସ୍ୱାମୀ ସତୀଶ ହତ୍ୟା କରିଥିବା ନେଇ କେରଳରେ ଥିବା ତାଙ୍କ ବାପଘର ଲୋକେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ କେରଳ ପୋଲିସ ଅତୁଲ୍ୟାଙ୍କ ସ୍ୱାମୀଙ୍କ ବିରୋଧରେ ମାମଲା ରୁଜୁ କରିଛି।



ଅତୁଲ୍ୟା ଶେଖର

## ଫୁରସତ୍

# ୩୦ ଲକ୍ଷ ଗଲା, ପ୍ରେମିକାଙ୍କୁ ବି ପାଇଲେନି

ପ୍ୟାରିସ୍

ବେଲଜିୟମର ମିଚେଲ ନାମକ ଜଣେ ବ୍ୟକ୍ତି ତାଙ୍କ ଭାବୀ ସ୍ତ୍ରୀ ସୋଫି ଭୁଜେଲାଉଡ୍‌ଙ୍କୁ ଫ୍ରାନ୍ସରେ ଥିବା ତାଙ୍କ ଘରେ ଭେଟିବା ପାଇଁ ୪୭୨ ମାଇଲ (ପ୍ରାୟ ୭୫୬ କି.ମି.) ଯାତ୍ରା କରିଥିଲେ। ତେବେ ସେ ସୋଫିଙ୍କ ବାସଭବନରେ ପହଞ୍ଚିବା ପରେ ସର୍ବପ୍ରଥମେ ତାଙ୍କ ସ୍ୱାମୀ ଫାବିଏନ୍ ବୁଟାମାଇନଙ୍କୁ ଭେଟିଥିଲେ। ତାଙ୍କ ଭାବୀ ସ୍ତ୍ରୀ ବିବାହିତ ଥିବା ଏବଂ ସେ ଠକାମିରେ ପଡ଼ିଥିବା ଜାଣି ମିଚେଲ ନିରାଶ ହୋଇ ଫେରିଥିଲେ।

ଜଣେ ଲୋକପ୍ରିୟ ଫ୍ରେଞ୍ଚ୍ ମଡେଲ ଭାବେ ସୋଫି ବେଶ୍ ପରିଚିତ। ସେ ମିସ୍ ଫ୍ରାନ୍ସ ୨୦୦୭ ପ୍ରତିଯୋଗିତାରେ ପ୍ରଥମ ରନର୍ ଅପ୍ ହୋଇଥିଲେ। ନିକଟରେ ସେ ତାଙ୍କ ଇନ୍‌ଷ୍ଟାଗ୍ରାମରେ ଏକ ଭିଡିଓ ଅପ୍‌ଲୋଡ କରିଛନ୍ତି, ଯେଉଁଥିରେ ତାଙ୍କ ସ୍ୱାମୀ ଫାବିଏନ୍ କହୁଛନ୍ତି, ମିଚେଲ ନାମକ ଜଣେ ବ୍ୟକ୍ତି ତାଙ୍କ ଘରକୁ ଆସି ସୋଫିଙ୍କର ଭାବୀ ସ୍ୱାମୀ ବୋଲି ନିଜକୁ ଦାବି କରୁଛନ୍ତି। ଚାଲନ୍ତୁ କ୍ୟାମେରା ସମ୍ମୁଖରେ ତାଙ୍କୁ ପଚାରିବା ଘଟଣା କ'ଣ। ଏହାପରେ ଫାବିଏନ୍ ଯାଇ ମିଚେଲଙ୍କୁ କହିଥିଲେ, ସେ ହେଉଛନ୍ତି ସୋଫିଙ୍କର ସ୍ୱାମୀ ଫାବିଏନ୍। ଏହାକୁ ମିଚେଲ ବିଶ୍ୱାସ କରିପାରି ନ ଥିଲେ। କିଛି ସମୟର କଥାବାର୍ତ୍ତା ପରେ ସୋଫିଙ୍କ ଫଟୋ ଥିବା ଏକ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟ ସହ ସେ ଦୀର୍ଘ ଦିନ ଧରି ଚାଟିଂ କରି ଆସୁଛନ୍ତି ଏବଂ ଉଭୟେ ପରସ୍ପରକୁ ପ୍ରେମ କରୁଥିବା ନେଇ ମିଚେଲ କହିଥିଲେ। ଏପରିକି ସୋଫି ତାଙ୍କୁ ବିବାହ କରିବା ପାଇଁ ରାଜି ହୋଇଥିଲେ ଏବଂ ତାଙ୍କୁ ନିଜ ବାସଭବନକୁ ଡକାଇଥିଲେ ବୋଲି ମିଚେଲ କହିଥିଲେ। ଏହାପରେ ମିଚେଲ ସୋଫିଙ୍କ ସହ ତାଙ୍କ ଚାଟିଂକୁ ଫାବିଏନ୍‌ଙ୍କୁ ଦେଖାଇଥିଲେ। ଉକ୍ତ ଚାଟିଂ ଦେଖି ଫାବିଏନ୍ କହିଥିଲେ, ଏହା ସୋଫିଙ୍କ ଆକାଉଣ୍ଟ ନୁହେଁ। ଏହା ତାଙ୍କ ନାମରେ ଖୋଲା ଯାଇଥିବା କୌଣସି ଫେକ୍ ଆକାଉଣ୍ଟ। ଏପରି ବୋକା କିପରି ହୋଇ ପାରିଲ ବୋଲି ସେ ମିଚେଲଙ୍କୁ ପ୍ରଶ୍ନ କରିଥିଲେ। ଠକାମିର ଶିକାର ହୋଇଥିବା ଜାଣି ମିଚେଲ ଦୁଃଖ ପ୍ରକାଶ କରିଥିଲେ। ସେ ସୋଫିଙ୍କ ସହ ଚାଟିଂ କରୁଥିବା ଭାବି ଫେକ୍ ଆକାଉଣ୍ଟ କରିଥିବା ବ୍ୟକ୍ତିଙ୍କୁ ବର୍ତ୍ତମାନ ସୁଦ୍ଧା ମୋଟ ୩୫ ହଜାର ଡଲାର (ପ୍ରାୟ ୩୦ ଲକ୍ଷ ଟଙ୍କା) ଦେଇ ସାରିଥିବା ପ୍ରକାଶ କରିଥିଲେ। ଶେଷରେ ନିଜେ ସୋଫି ମିଚେଲଙ୍କୁ ଦେଖା କରିଥିଲେ। ତାଙ୍କ ନାଁରେ ମିଚେଲ ସମ୍ମୁଖୀନ ହୋଇଥିବା ଠକେଇ ପାଇଁ ସୋଫି ଦୁଃଖ ପ୍ରକାଶ କରିଥିଲେ। ଉକ୍ତ ନକଲି ଆକାଉଣ୍ଟ ସହ କରିଥିବା ସମସ୍ତ ଚାଟିଂ ଏବଂ ଅନ୍ୟ ସମସ୍ତ ପ୍ରମାଣକୁ ସୁରକ୍ଷିତ ରଖି ପୋଲିସ ନିକଟରେ ଅଭିଯୋଗ କରିବା ପାଇଁ ସେ ମିଚେଲଙ୍କୁ ପରାମର୍ଶ ଦେଇଥିଲେ। ସେହିପରି ବିଭିନ୍ନ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମର ବ୍ୟବହାର ସମୟରେ ସତର୍କ ରହିବାକୁ ସେ ମିଚେଲଙ୍କୁ ସତର୍କ କରାଇଥିଲେ। ସୋଫି ତାଙ୍କ ପୋଷ୍ଟର କ୍ୟାପ୍‌ଶନ୍‌ରେ ଲେଖିଛନ୍ତି, ଏହି ବ୍ୟକ୍ତି ଜଣକ ପାଇଁ ମୁଁ ଦୁଃଖିତ। ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମରେ ଫେକ୍ ଆକାଉଣ୍ଟ ପ୍ରତି ସତର୍କ ରୁହନ୍ତୁ। ବିଭିନ୍ନ ନକଲି ଆକାଉଣ୍ଟ ମାଧ୍ୟମରେ ଲୋକମାନେ କିପରି ଠକାମିର ଶିକାର ହେଉଛନ୍ତି, ତାହା ଜଣାଇବା ପାଇଁ ଏହି ଭିଡିଓ ଶେୟାର କରିଛି।



ଫ୍ରେଞ୍ଚ୍ ମଡେଲ ସୋଫି ଭୁଜେଲାଉଡ୍

# ୧୦୦ କୋଟି କ୍ଲବ୍‌ରେ 'ସୈୟାରା'

ମୁମ୍ବାଇ

ମୋହିତ ସୁରୀଙ୍କ ନିର୍ଦ୍ଦେଶିତ 'ସୈୟାରା' ଫିଲ୍ମ ବକ୍ସ ଅଫିସ୍‌ରେ ଲୋକପ୍ରିୟ ହେବାରେ ଲାଗିଛି। ଏହି ଫିଲ୍ମ ଯୋଗେ ଅଭିନେତା ଅହାନ ପାଣ୍ଡେ ଏବଂ ଅଭିନେତ୍ରୀ ଅନୀତ ପଡ୍ଡା ବଲିଉଡ୍‌ରେ ଡେବ୍ୟୁ କରିଛନ୍ତି। ଫିଲ୍ମରେ ଉଭୟଙ୍କ ଲଭ୍ କେମେଷ୍ଟ୍ରିକୁ ଦର୍ଶକ ଖୁବ୍ ପସନ୍ଦ କରୁଛନ୍ତି। ବିଭିନ୍ନ ରିପୋର୍ଟ ଅନୁଯାୟୀ, ରିଲିଜ୍ ହେବାର ପ୍ରଥମ ୩ ଦିନ ମଧ୍ୟରେ 'ସୈୟାରା' ଫିଲ୍ମ ୧୦୦ କୋଟି କ୍ଲବ୍‌ରେ ପହଞ୍ଚିଛି। ସାକ୍‌ନିଲ୍କର ରିପୋର୍ଟ ଅନୁଯାୟୀ, ରବିବାର ମଧ୍ୟରାତ୍ରି ସୁଦ୍ଧା ଏହି ଫିଲ୍ମ କେବଳ ଭାରତୀୟ ସିନେମା ହଲଗୁଡ଼ିକରୁ ୮୩ କୋଟି ଟଙ୍କା ସଂଗ୍ରହ କରିଥିବା ବେଳେ ବିଶ୍ୱବ୍ୟାପୀ ଏହା ୧୧୫ କୋଟିର ବ୍ୟବସାୟ କରିଛି। ଏହି ଫିଲ୍ମ କେବଳ ରବିବାର ଭାରତୀୟ ସିନେମାହଲ୍‌ଗୁଡ଼ିକରୁ ୩୭ କୋଟିର ବ୍ୟବସାୟ କରିଛି। ସେହିପରି ପିଙ୍କଭିଲାର ରିପୋର୍ଟ ଅନୁଯାୟୀ, ଏହି ଫିଲ୍ମ ରିଲିଜ୍ ହେବାର ପ୍ରଥମ ୩ ଦିନ ମଧ୍ୟରେ ଘରୋଇ ବକ୍ସ ଅଫିସ୍‌ରୁ ୯୬.୭୫ କୋଟି ଏବଂ ବିଦେଶରୁ ୧୨.୨୫ କୋଟି ଟଙ୍କାର ବ୍ୟବସାୟ କରିଛି। ଏହିପରି ଭାବେ ପ୍ରଥମ ୩ ଦିନରେ 'ସୈୟାରା' ଫିଲ୍ମ ୧୦୯ କୋଟି ଟଙ୍କାର ବ୍ୟବସାୟ କରିଥିବା ନେଇ ପିଙ୍କଭିଲା କହିଛି। ପ୍ରକାଶ ଯେ, 'ସୈୟାରା' ଫିଲ୍ମର କାହାଣୀକୁ ସଂକଳ୍ପ ସଦାନହ ଏବଂ ରୋହନ ଶଙ୍କର ଲେଖିଛନ୍ତି।




# ଆର୍‌ଡିସି ଅଫିସ ସମ୍ମୁଖରେ ବିଜେଡିର ବିକ୍ଷୋଭ

ସମ୍ବଲପୁର,୨୧।୭ (ପ୍ରମୋଦ ବହିଦାର)

ରାଜ୍ୟରେ ବର୍ତ୍ତମାନ କର୍ମବୀର ଗୁହଙ୍କ ବଡ଼ ଏକ ବାକ୍ୟବୀର ସରକାର ଚାଲିଛି। ରାଜ୍ୟ ଶାସନ ପ୍ରକ୍ରିୟାରେ ଓଡ଼ିଆ ଡବଲ ଇଞ୍ଜିନ୍ ସରକାର ସମ୍ପୂର୍ଣ୍ଣ ବିଫଳ। ସୋମବାର ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମାହୁତି ଘଟଣାରେ ବିଚାର ବିଭାଗୀୟ ତଦନ୍ତ ଓ ଏଥିରେ ରାଜ୍ୟପାଳଙ୍କ ହସ୍ତକ୍ଷେପ ଦାବିରେ ବିଜେଡି ପକ୍ଷରୁ ଆର୍‌ଡିସିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆୟୋଜିତ ବିକ୍ଷୋଭ ସମାବେଶରେ ଏହିଭଳି ଢଙ୍ଗରେ ସରକାରଙ୍କୁ ସମାଲୋଚନା କରିଛନ୍ତି ଓଡ଼ିଶା ବିଧାନସଭାରେ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ। ରାଜ୍ୟର ୧୩ମାସର ଭାଜପା ଶାସନରେ ଆଇନଶୃଙ୍ଖଳା ସମେତ ସବୁକ୍ଷେତ୍ରରେ ସରକାର ବିଫଳ ହୋଇଥିବା ସମାବେଶରେ ଅନ୍ୟ ବିଜେଡି ନେତୃବର୍ଗ ଅଭିଯୋଗ କରିଥିଲେ।

ପୂର୍ବତନ ମନ୍ତ୍ରୀ ତଥା ସମ୍ବଲପୁର ଜିଲା ବିଜେଡି ସଭାପତି ଇଂ. ରୋହିତ ପୂଜାରୀଙ୍କ ନେତୃତ୍ୱରେ ଆର୍‌ଡିସି କାର୍ଯ୍ୟାଳୟ ସମ୍ମୁଖରେ ଆୟୋଜିତ ସମାବେଶରେ ଉତ୍ତରାଞ୍ଚଳ ଆର୍‌ଡିସିପ୍ରରୀୟ ୧୦ଟି ଜିଲାର ବରିଷ୍ଠଧାରର ଯୁବ, ଛାତ୍ର, ମହିଳା ବିଜେଡିର କର୍ମକର୍ତ୍ତା, ବରିଷ୍ଠ ନେତୃମଣ୍ଡଳୀ ଏକତ୍ରିତ ହୋଇଥିଲେ। ରାଜ୍ୟ ଶାସନରେ ସରକାରଙ୍କ ଚରମ ଅବହେଳା, ଦିନକୁଦିନ ବୃଦ୍ଧି ପାଉଥିବା ନାରୀ ନିର୍ଯାତନା, ହତ୍ୟା, ବଳାତ୍କାର ଆଦିର ପ୍ରତିବାଦ କରି ଦଳୀୟ ନେତୃବର୍ଗ ରାଜ୍ୟ ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ। ସମାବେଶରେ ପୂର୍ବତନ ମନ୍ତ୍ରୀ ସାରଦା ନାୟକ, ପୂର୍ବତନ ଏମ୍‌ପି ମହେଶ ଆମାତ, ପୂର୍ବତନ ବିଧାୟକ ସରୋଜ ସାହୁ, ପୂର୍ବତନ ବିଧାୟକ ସରୋଜ ମେହେର, ସୁଧାର ସାମଲ, ମୁକେଶ ପାଲ, ଆୟୁବ ଖାନ, ସୁବ୍ରତ ତରାଇ, ବିଧାୟକ ପ୍ରାର୍ଥୀ ରାଜେନ୍ଦ୍ର ଛତରିଆ, ଅନୀଲ ବାର୍ଲା, ଲମ୍ବୋଦର ନିଆଲ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

ପରେ ବରିଷ୍ଠ ନେତା ବିଧାୟକ ଆଚାର୍ଯ୍ୟ, ଜିଲା ସଭାପତି ଇଂ. ପୂଜାରୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଆର୍‌ଡିସି ସଚିନ୍ ରାମଚନ୍ଦ୍ର ଯାଧବଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଥିଲେ। ସରକାରଙ୍କ ଅବହେଳା ଯୋଗୁ ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନ ଛାତ୍ରୀଙ୍କ ପାଇଁ ଅସୁରକ୍ଷିତ ହୋଇ ପଡ଼ିଛି। ତେଣୁ ଉକ୍ତ ଦାବିପତ୍ର ଜରିଆରେ ବାଲେଶ୍ୱର ଏଫ୍‌ଏମ୍ ମହାବିଦ୍ୟାଳୟରେ ଛାତ୍ରୀ ଆତ୍ମାହୁତି ଭଳି ସର୍ବଶେଷ ଘଟଣାରେ ରାଜ୍ୟପାଳଙ୍କ ହସ୍ତକ୍ଷେପ ଦାବି କରିଛି ବିଜେଡି। ପ୍ରତିନିଧି ଦଳରେ ବିଧାୟକ ନିରଞ୍ଜନ ପୂଜାରୀ, ବିଜୁ ମହିଳା ଜନତା ଦଳର ରାଜ୍ୟ ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ବିଧାୟକ କଳିକେଶ ନାରାୟଣ ସିଂଦେଓ, ବିଧାୟକ ନଳିନୀ ପ୍ରଧାନ, ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ବିଧାୟିକା ବର୍ଷା ସିଂ ବରିହା, ବିଧାୟକ ସୁଦର୍ଶନ ହରିପାଲ, ବିଧାୟକ ଅଧିରାଜ ପାଣିଗ୍ରାହୀ, ବିଧାୟକ ଅଭିମନ୍ୟୁ ସେଠୀ, ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ, ପୂର୍ବତନ ବିଧାୟିକା ଅଲକା ମହାନ୍ତି, ପୂର୍ବତନ ମନ୍ତ୍ରୀ ରୀତା ସାହୁ, ସମ୍ବଲପୁର ଜିଲା ପରିଷଦ ଅଧ୍ୟକ୍ଷା କୁମୁଦିନୀ ନାଏକ ପ୍ରମୁଖ ସାମିଲ ହୋଇଥିଲେ।



ସୋମବାର ବିଜେଡି ନେତୃବର୍ଗ ଆର୍‌ଡିସିଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

**ଏଫ୍‌ଏମ୍ କଲେଜ ଛାତ୍ରୀ ଆତ୍ମାହୁତି ଘଟଣାର ବିଚାର ବିଭାଗୀୟ ତଦନ୍ତ ଦାବି**

# ଡିଏଭି ବିଶ୍ୱବିଦ୍ୟାଳୟ ଛାତ୍ର ସଂସଦ ଶପଥ ଗ୍ରହଣ




ଅତିଥିଙ୍କ ଗହଣରେ ନୂତନ ଛାତ୍ର ସଂସଦ କର୍ମକର୍ତ୍ତା ଶପଥ ଗ୍ରହଣ କରୁଛନ୍ତି।

ସମ୍ବଲପୁର,୨୧।୭ (ପ୍ରମୋଦ ବହିଦାର)

ବୁର୍ଲାସ୍ଥିତ ଡିଏଭି ବିଦ୍ୟାଳୟ ଛାତ୍ର ସଂସଦର ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିସରରେ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ବେଦବାକ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ତଥା ଏମ୍‌ସିଏଲ୍ ଜନମଣ୍ଡଳ ବିଭାଗ, ମାନବସମ୍ବଳ ମୁଖ୍ୟ ପ୍ରବନ୍ଧକ ସନ୍ଦିପ କୁମାର ସାହା ଯୋଗ ଦେଇଥିଲେ। ମୁଖ୍ୟଅତିଥି ସାହା ଉତ୍ସବକୁ ଉଦ୍‌ଘାଟନ କରି ବିଦ୍ୟାର୍ଥୀଙ୍କୁ ଛାତ୍ରଜୀବନରେ ଶୃଙ୍ଖଳା ଓ ଦାୟିତ୍ୱବୋଧର ଗୁରୁତ୍ୱ ବିଷୟରେ କହିଥିଲେ। ପରେ ଅତିଥିଙ୍କ ଉପସ୍ଥିତିରେ ନୂତନ ଛାତ୍ର ସଂସଦ କର୍ମକର୍ତ୍ତାମାନେ ଶପଥ ଗ୍ରହଣ କରିଥିଲେ। ମୁଖ୍ୟଅତିଥି ସାହା ଛାତ୍ରସଂସଦର ଛାତ୍ରଙ୍କ ମୁଖ୍ୟ ଆର୍ଯ୍ୟା ପ୍ରତୀକ ସାହୁ, ଛାତ୍ରୀଙ୍କ ମୁଖ୍ୟ ଅବନ୍ତିକା ବେହେରା ଶପଥ ପାଠ କରିଥିଲେ। ଚାରିଟି ଗୃହ ବିଭାଗ ମଧ୍ୟରେ ବ୍ରହ୍ମପୁତ୍ର ଗୃହ ବିଭାଗରେ ହର୍ଷିତ ନାୟକ, ସୋନାକ୍ଷୀ ନାୟକ, ଗୋଦାବରୀ ଗୃହ ବିଭାଗରେ ଆର୍ଯ୍ୟନ ପ୍ରଧାନ, ଭୂମିପ୍ରଜ୍ଞା ସାହୁ; ଋଷିକୂଲ୍ୟା ଗୃହ ବିଭାଗରେ ଚିନ୍ମୟ ସାହୁ, ଅଙ୍କିତା ମହାରଣା ଏବଂ ଯମୁନା ଗୃହ ବିଭାଗରେ ଋଷଭ ବର୍ମା, ଅନନ୍ୟା ମହାନନ୍ଦ ଯଥାକ୍ରମେ ଛାତ୍ର ଓ ଛାତ୍ରୀ ମୁଖ୍ୟ ରୂପେ ଶପଥ ଗ୍ରହଣ କରିଥିଲେ। ଛାତ୍ର ସଂସଦରେ କ୍ରୀଡ଼ା ସମ୍ପାଦକ, ସାଂସ୍କୃତିକ ସମ୍ପାଦକଗଣ ମଧ୍ୟ ଶପଥ ନେଇଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ଇତିଶ୍ରୀ ପାଣିଗ୍ରାହୀ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ କ୍ରୀଡ଼ା ଶିକ୍ଷୟିତ୍ରୀ ରାଜଶ୍ରୀ ସାହାଣୀ, ବିନ୍ଦୁ ନାୟର, ପବିତ୍ର ମୋହନ ଶତପଥୀ ସହଯୋଗ କରିଥିଲେ।

# ଯୁବକଙ୍କୁ ପିଟି ହତ୍ୟା ଘଟଣାରେ ୬ଗିରଫ

ସମ୍ବଲପୁର, ୨୧।୭(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଠେଲକଲୋଇ ଥାନା ଅନ୍ତର୍ଗତ ବୋମାଲୋଇ ଗ୍ରାମରେ ଯୁବକଙ୍କୁ ପିଟି ହତ୍ୟା ଘଟଣାରେ ସୋମବାର ପୋଲିସ ୬ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସ୍ଥାନୀୟ ଏସ୍‌ଡିଜେଏମ୍ କୋର୍ଟରେ ସେମାନଙ୍କ ଜାମିନ ଆବେଦନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ସମ୍ବଲପୁର ମଣ୍ଡଳ ଜେଲକୁ ପଠାଇ ଦିଆଯାଇଛି। ସେମାନେ ହେଲେ ଠେଲକଲୋଇ ଥାନା ଅନ୍ତର୍ଗତ ବୋମାଲୋଇ ଗ୍ରାମର ସୁଜିତ ମୁଣ୍ଡା(୨୨), ରଣଜିତ ମୁଣ୍ଡା ଓରଫ୍ ଧୁଲୁ(୨୦), ପ୍ରମୋଦ ମୁଣ୍ଡା ଓରଫ ରଘୁ(୩୨), ଦଶରଥ ମୁଣ୍ଡା ଓରଫ ଜୁନୁ(୨୨), ରାଜେଶ ମୁଣ୍ଡା ଓରଫ ଛୋଟୁ(୨୦) ଓ ଜିତେନ୍ଦ୍ର କିଷାନ ଓରଫ କାଳକୁଟ(୧୮)। ରବିବାର ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଦଳ ଓ ସନ୍ଧାନୀ କୁକୁର ସହାୟତାରେ ପୋଲିସ ତଦନ୍ତ କରିଥିଲା ଓ ଅଭିଯୁକ୍ତମାନଙ୍କୁ ପୋଲିସ ଧରିବାରେ ସକ୍ଷମ ହୋଇଥିଲା। ସେମାନଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରାଯାଇଥିଲା। ପଚରାଉଚରା ବେଳେ ଦୋଷ ସ୍ୱୀକାର କରିବା ପରେ ପୋଲିସ ସମସ୍ତଙ୍କୁ ଗିରଫ କରିଥିଲା। ସୂଚନାଯୋଗ୍ୟ ଯେ, ଶନିବାର ରାତିରେ ଜନ୍ମେଜୟ ରେଙ୍ଗାଲି ନିକଟସ୍ଥ କର୍ଣ୍ଣପଡ଼ା ଶ୍ମଶାନଘାଟ ପଡ଼ିଆକୁ ଭୋଜି କରିବାକୁ ଯାଇଥିଲେ। ଏହି ସମୟରେ ସେଠାରେ କୌଣସି କଥାକୁ ନେଇ ଅଭିଯୁକ୍ତମାନଙ୍କ ସହିତ ତାଙ୍କର ବଚସା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଅଭିଯୁକ୍ତମାନେ ସଂଘବଦ୍ଧ ହୋଇ ବାଡ଼ି, ହାତରେ ପିନ୍ଧିଥିବା ଷ୍ଟିଲ୍ ବଲା ଓ ଫାଇବରରେ ଜନ୍ମେଜୟଙ୍କୁ ଆକ୍ରମଣ କରି ଲହୁଲୁହାଣ କରି ପକାଇଥିଲେ। ଖବରପାଇ ତାଙ୍କର କକା ବୀରେନ୍ଦ୍ର ଓ ଭାଇ ତୋଫାନ ଘଟଣାସ୍ଥଳରେ ପହଞ୍ଚି ଜନ୍ମେଜୟଙ୍କୁ ଅତ୍ୟନ୍ତ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଠେଲକଲୋଇ ଥାନାକୁ ଖବର ଦେଇଥିଲେ। ତୁରନ୍ତ ତାଙ୍କୁ ଝାରସୁଗୁଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ମୃତ ଜନ୍ମେଜୟ ଭାଇଙ୍କ ଏତଲା କ୍ରମେ ଠେଲକଲୋଇ ଥାନାରେ ଏକ ମାମଲା (ନଂ.୨୯୫/୨୦୨୫) ରୁଜୁ ହୋଇଥିଲା।

# ଗାଡ଼ି ଧକ୍କାରେ ବାଇକ ଚାଳକ ମୃତ, ୨ଗୁରୁତର

ଜମନକିରା,୨୧।୭ (ରବୀନ୍ଦ୍ର ପ୍ରସାଦ ଦାନୀ)

ସମ୍ବଲପୁର ଜିଲା ଜମନକିରା ଥାନା ଗୌଡ଼ାପାଲି ଫାଣ୍ଡି ଅନ୍ତର୍ଗତ ବଡରମା ଘାଟି ଜାତୀୟ ରାଜପଥ ୫୩ ପ୍ରଥମ ବୁଲାଣିରେ ଏକ ଗାଡ଼ି ଧକ୍କାରେ ଜଣେ ବାଇକ ଚାଳକଙ୍କ ମୃତ୍ୟୁ ଘଟିଛି। ବାଇକରେ ଥିବା ଅନ୍ୟ ୨ଯୁବକ ଗୁରୁତର ହୋଇଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଗୁରୁତର ଥିବା ଅନ୍ୟ ୨ଜଣଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ବୁର୍ଲା ସ୍ଥାନାନ୍ତର କରାଯାଇଛି। ତେବେ ମୃତ ଯୁବକଙ୍କ ପରିଚୟ ମିଳି ନ ଥିବା ବେଳେ ସେ ମାନେଶ୍ୱର ଅଞ୍ଚଳର ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିପାରିଛି। ଜମନକିରା ଥାନାରେ ଏନେଇ ଏକ ଦୁର୍ଘଟଣା ମାମଲା ରୁଜୁ କରି ପୋଲିସ ଅଧିକ ତଦନ୍ତ ଚାଲୁ ରଖିଛି। ପୋଲିସ ସୂଚନା ଅନୁଯାଇ, ସୋମବାର ଅପରାହ୍ଣରେ ୩ଜଣ ଯୁବକ ଏକ ବାଇକରେ ସମ୍ବଲପୁର ଅଭିମୁଖେ ଯାଉଥିବା ବେଳେ ବଡରମା ଘାଟି ପ୍ରଥମ ବୁଲାଣିରେ କୌଣସି ଏକ ଅଜଣା ଗାଡ଼ି ସହ ଧକ୍କା ହୋଇଥିଲା।

# ଗୁଣିଗାରେଡ଼ି ସନ୍ଦେହରେ ହୋଇଥିଲା ହତ୍ୟା, ୨ଗିରଫ

ନାକଟିଦେଉଳ, ୨୧।୭ (ବୈକୁଣ୍ଠନାଥ ସାହୁ)

**ନାଳରୁ ମୃତଦେହ ଉଦ୍ଧାର ଘଟଣା**

ଅନ୍ଧ ବିଶ୍ୱାସର ଅନ୍ତନାହିଁ। ଗୁଣିଗାରେଡି ସନ୍ଦେହରେ ଜଣେ ୬୫ ବର୍ଷୀୟ ବ୍ୟକ୍ତିଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରାଯାଇଛି। ଏଭଳି ଏକ ଘଟଣା ଘଟିଛି ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ କିସିଣ୍ଡା ଥାନା ଅଞ୍ଚଳରେ। କିସିଣ୍ଡା ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଗତ ୧୧ ତାରିଖରେ କିସିଣ୍ଡା ଥାନା ଅନ୍ତର୍ଗତ ବୁରୁବୁଡ଼ା ଶଗଡାପଟା ଗ୍ରାମ ମଝିରେ ଥିବା ବ୍ରାହ୍ମଣୀପାଲି ନାଳ ନିକଟରୁ ଶଗଡ଼ପଟା ଗ୍ରାମର ଦୁଖିଆ ମୁଣ୍ଡାଙ୍କର ଗଳିତ ମୃତଦେହ ନିଖୋଜର ତିନିଦିନ ପରେ ପୋଲିସ ଜବତ କରିଥିଲା। ଦୁଖିଆ ମୁଣ୍ଡା ଗତ ୯ ତାରିଖ ବୁଧବାର କିସିଣ୍ଡା ହାଟକୁ ଆସିଥିଲେ। ସନ୍ଧ୍ୟା ପର୍ଯ୍ୟନ୍ତ ସେ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ ହେଁ ପାଇ ନ ଥିଲେ। ତହିଁ ପରଦିନ ମଧ୍ୟ ସେ ଘରକୁ ନ ଫେରିବାରୁ ପରିବାର ଲୋକେ ବନ୍ଧୁ ପରିଜନ ଘର ସହ ଯୋଗାଯୋଗ କରି ନିରାଶ ହେବା ପରେ ୧୧ତାରିଖ ସେ ଯେଉଁ ରାସ୍ତାରେ ଯାତାୟାତ କରନ୍ତି ସେହି ରାସ୍ତାରେ ଖୋଜାଖୋଜି କରିଥିଲେ। ବ୍ରାହ୍ମଣୀପାଲି ଜୁଡୁକି ନାଳ ନିକଟରେ ତାଙ୍କର ସାଇକେଲ ପଡ଼ିଥିବା ଦେଖିବାକୁ ପାଇ କିସିଣ୍ଡା ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ନାଳପାର୍ଶ୍ୱରୁ ଦୁଖିଆଙ୍କ ଗଳିତ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ରେଢ଼ାଖୋଲ ପଠାଇଥିଲା। ଶବ ବ୍ୟବଚ୍ଛେଦ ପରେ ଏହା ଏକ ହତ୍ୟାକାଣ୍ଡ ବୋଲି ଜଣା ପଡିବା ପରେ କିସିଣ୍ଡା ପୋଲିସ ଘଟଣାର ଅଧିକ ତଦନ୍ତ କରିଥିଲା। ବିଭିନ୍ନ ପାରିପାର୍ଶ୍ୱିକ ଘଟଣାର ତଦନ୍ତ ପରେ ପୋଲିସ ଶଗଡ଼ପଟା ଗ୍ରାମର ସୁରେନ୍ଦ୍ର ଦେହୁରୀ ଏବଂ ଯୋଗେଶ ସିଂଙ୍କୁ ରବିବାର ଗିରଫ କରିଥିଲା। ଏଥିସହ ହତ୍ୟାକାଣ୍ଡରେ ବ୍ୟବହୃତ ଟାଙ୍ଗିଆକୁ ଜବତ କରିଛି। ଗୁଣିଗାରେଡି ସନ୍ଦେହରେ ଅଭିଯୁକ୍ତମାନେ ଦୁଖିଆଙ୍କୁ ହତ୍ୟା କରିଥିବା ସ୍ୱୀକାର କରିଛନ୍ତି। ୯ତାରିଖ ସନ୍ଧ୍ୟାରେ ଦୁଖିଆ ମୁଣ୍ଡା କିସିଣ୍ଡା ହାଟରୁ ଏକୁଟିଆ ସାଇକେଲରେ ଘରକୁ ଫେରୁଥିବା ବେଳେ ବ୍ରାହ୍ମଣୀପାଲି ଜୁଡୁକିନାଳ ନିକଟରେ ପୂର୍ବରୁ ଛକି ରହିଥିବା ଶଗଡ଼ପଟା ଗ୍ରାମର ସୁରେନ୍ଦ୍ର ଦେହୁରୀ ଏବଂ ସମ୍ପର୍କୀୟ ଭାଇ ଯୋଗେଶ ସିଂ ଏକୁଟିଆ ପାଇ ଟାଙ୍ଗିଆରେ ହତ୍ୟା କରି ମୃତଦେହ କୁ ନିକଟସ୍ଥ ନାଳଖଣ୍ଡିରେ ଫୋପାଡି ଦେଇ ଥିଲେ। କିସିଣ୍ଡା ପୋଲିସ ଏହି ଘଟଣାରେ ଏକ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କୁ ସୋମବାର କୋର୍ଟଚାଲାଣ କରିଥିବା କିସିଣ୍ଡା ଥାନା ଅଧିକାରୀ ଅଞ୍ଜଳି କୁମ୍ଭାର ପ୍ରକାଶ କରିଛନ୍ତି।


**ଦ.ପୂ. ରେଳପଥ – ଟେଣ୍ଡର**

ଟେଣ୍ଡର ବିଜ୍ଞପ୍ତି ନଂ.: ଏସ୍ଆର୍‌ସି-ବି ଟଏଲେଟ୍-ତା.-୧୮.୦୭.୨୫ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ବରିଷ୍ଠ ସିଡିଓ, ସାନ୍ତ୍ରାଗାଛି, ଦ.ପୂ. ରେଳପଥ, ଖଡ଼ଗପୁର ମଣ୍ଡଙ୍କ ଦ୍ୱାରା ନିମ୍ନଲିଖିତ ବିବରଣୀ ଅନୁଯାୟୀ www.ireps.gov.in ୱେବ୍‌ସାଇଟ୍‌ରେ ଇ–ଟେଣ୍ଡରିଂ ମାଧ୍ୟମରେ ଖୋଲା ଟେଣ୍ଡର ଆହ୍ୱାନ କରାଯାଉଛି । ଯୋଗ୍ୟ ଟେଣ୍ଡରଦାତାମାନଙ୍କୁ ତାହା କେବଳ ଅନ୍‌ଲାଇନ୍ ଜରିଆରେ www.ireps.gov.in ୱେବ୍‌ସାଇଟ୍‌ରେ ନିମ୍ନଦର୍ଶିତ ବିବରଣୀ ଅନୁଯାୟୀ ଆବେଦନ କରିବା ଲାଗି ଅନୁରୋଧ କରାଯାଉଛି । କୌଣସି ଅଫ୍‌ଲାଇନ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବିବରଣୀ ପାଇଁ ଦୟାକରି ଦସ୍ତାବିଜ ସେକ୍ସନରେ ଅପ୍‌ଲୋଡ୍ ହୋଇଥିବା ଟେଣ୍ଡର ଦସ୍ତାବିଜ ପଢ଼ନ୍ତୁ । **କାର୍ଯ୍ୟର ନାମ:** ତିନି ବର୍ଷ ଅବଧି ପାଇଁ କୋଚିଂ ଡିପୋ, ସାନ୍ତ୍ରାଗାଛି ଓ ପଦ୍ମପୁକୁରର କୋଚ୍‌ଗୁଡ଼ିକରେ ବାୟୋ ଟଏଲେଟ୍ (ଡିଆର୍‌ଡିଇ ଟାଇପ୍)ର ବାର୍ଷିକ ରକ୍ଷଣାବେକ୍ଷଣ ଓ ପରିଚାଳନା ଠିକା (ଏଏମ୍‌ଓସି) । **ଟେଣ୍ଡର ମୂଲ୍ୟ:** ₹୨୨,୫୮,୨୨,୦୯୨.୦୬ । **ଇଏମ୍‌ଡି:** ₹୧୨,୭୯,୧୦୦/– । **ଟେଣ୍ଡର ଦସ୍ତାବିଜ ମୂଲ୍ୟ:** ₹୧୦,୦୦୦/– (ଅଣ–ଫେରସ୍ତଯୋଗ୍ୟ) । **ଟେଣ୍ଡର ବନ୍ଦ ହେବା ତାରିଖ:** ୧୪।୦୮।୨୦୨୫, ୧୨.୦୦ ଘଟିକାରେ । (PR-423)



**GOVERNMENT OF ODISHA** No. O-457
**OFFICE OF THE SUPERINTENDING ENGINEER RURAL WORKS DIVISION, DHENKANAL**
E-Mail: eerwdivisiondhenkanal@yahoo.co.in

**e-Procurement Notice No. 03/Building Works/2025-26**

1. Name of the Work : Building Works
2. Total No. of Works : 01 (One) Nos.
3. Estimated Cost : Rs.89.65 lakh (approx.)
4. Class of Contractor : "B" Class
5. Period of Completion : 08 (Eight) Months
6. EMD Required : As mentioned in the Annexure at Column - 04
7. Online for Bidding : 23.07.2025 at 11.00 A.M. to 30.07.2025 upto 5.00 P.M.
8. Last date & time of seeking tender clarification : 29.07.2025 upto 4.00 P.M.
9. Date & time of openig of tender: (Technical & Financial Bid) 31.07.2025 Technical Bid at 11.00 A.M. and Financial Bid open on Dtd.02.08.25 at 11.00 A.M.

Other details can be seen from the website http://tendersorissa.gov.in.

OIPR-25101/11/0022/2526 — Sd./- Superintending Engineer, R.W. Division, Dhenkanal



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, KANUPUR REHABILITATION, CAMPS & BUILDING DIVISION**
At/P.O.: Basudevpur, Dist.: Keonjhar, PIN - 758047
**e-PROCUREMENT NOTICE**
No. A- Bid Identification No. SE, KRC & BD - 08/2025-26
Email: eekrcbdbasudevpur@gmail.com

| Sl. No. | Name of Work | Approx. Value of Work (Rs. in Lakh) | E.M.D./Bid Security in Rs. (To be remitted Online) | Cost of Bid Document in Rs. (To be remitted Online) | Period of Completion | Class of Contractor | Name & Address of the Division under which the work will be executed |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 01 | "Construction of Sanitary facilities to each house at Sankarpur Resettlement Colony for the DPs of Village Dhobakuchuda under KIP" | 55.30 | 55300.00 | 10,000/- | 08 (Eight) Calendar Months | "B" | Kanupur Reh. Camps & Building Division, At/P.O.: Basudevpur, Dist.: Keonjhar |

| Procurement Officer | Bid Identification No. | Availability of Tender online for Bidding From | Availability of Tender online for Bidding To | Date & time of Opening of Tender (Technical Bid | Last date of seeking clarification | Place of Opening |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| Superintending Engineer, Kanupur Reh. C & B Division, Basudevpur, Dist.: Keonjhar | SE, KRC & BD - 08/2025-26 | 24.07.25 From 10.00 hours | 07.08.2025 Upto 17.00 hours | 08.08.25 at 11.00 hours | 07.08.25 Upto 11.00 hours | O/o. the Superintending Engineering, Kanupur Reh. C & B Division, Basudevpur, Dist.: Keonjhar |

OIPR-46009/11/0003/2526 — Sd./- Superintending Engineer, Kanupur Reh. C & B. Division, Basudevpur



**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.ST-OT-AMC-EI-KYOSAN-480 ତା. : 14.07.2025ରିଖ

**କାର୍ଯ୍ୟର ନାମ :** 36 (ଛତିଶ) ମାସର ସମୟାବଧି ନିମନ୍ତେ ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍ ମଣ୍ଡଳର ମାର୍ଶାଘାଇ (MSGR), କଳାଘର (KLGA), ନୂଆଗାଁ (NUGN), ସିଜୁ (SIJU) ଷ୍ଟେସନ ଗୁଡ଼ିକରେ KYOSAN ଦ୍ୱାରା ନିର୍ମିତ ଇଲେକ୍ଟ୍ରୋନିକ ଇଣ୍ଟରଲକିଙ୍ଗ ସିଷ୍ଟମ ପାଇଁ ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତିର ବ୍ୟବସ୍ଥା ।

**ଟେଣ୍ଡର ମୂଲ୍ୟ :** ₹ 1,65,77,870.76, **EMD :** ₹ 2,32,900/-, ବିଡ୍ ଆରମ୍ଭ ହେବା ତାରିଖ: 22.07.2025, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : ₹ 5,900/-

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.05.08.2025ରିଖ 1100 ଘଟିକା ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ । ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ବରିଷ୍ଠ ମଣ୍ଡଳ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ୍
PR-379/Q/25-26



**ପୂର୍ବ ତଟ ରେଳପଥ**

ଫାଇଲ ସଂ. DRM/Engg/KUR/25-26/ E-Tender/44, ତା.17.07.2025ରିଖ

(1) ଟେଣ୍ଡର ସଂ. e-Tender-CENTKUR-126-2025, ତା.07.07.2025ରିଖ
**ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର ଅନୁଗୁଳ ଷ୍ଟେସନରେ ସିନିୟର ସେକ୍ସନ ଇଞ୍ଜିନିୟର (କାର୍ଯ୍ୟ)ଙ୍କ ନିମନ୍ତେ ଷ୍ଟୋର ସହିତ ନୂତନ କାର୍ଯ୍ୟାଳୟ ଭବନର ନିର୍ମାଣ ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 141.20 ଲକ୍ଷ, **EMD :** ₹ 2,20,600/-

(2) ଟେଣ୍ଡର ସଂ. e-Tender-CENTKUR-128-2025, ତା.07.07.2025ରିଖ
**ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର ବାରଙ୍ଗ ଷ୍ଟେସନରେ ସିନିୟର ସେକ୍ସନ ଇଞ୍ଜିନିୟର (କାର୍ଯ୍ୟ)ଙ୍କ ନିମନ୍ତେ ଷ୍ଟୋର ସହିତ ନୂତନ କାର୍ଯ୍ୟାଳୟ ଭବନର ନିର୍ମାଣ ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 150.76 ଲକ୍ଷ, **EMD :** ₹ 2,25,400/-

(3) ଟେଣ୍ଡର ସଂ. e-Tender-CENKUR-150-2025, ତା.08.07.2025ରିଖ
**ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର କଟକ-ତାଳଚେର ଲାଇନରେ ହିନ୍ଦୋଳ ରୋଡ୍-ମେରାମଣ୍ଡଳୀ ଷ୍ଟେସନ ମଧ୍ୟରେ କି.ମି. 473/29-31 ଠାରେ ବର୍ତ୍ତମାନର ଜଗୁଆଳିଥିବା ଲେଭେଲ୍ କ୍ରସିଂ ନଂ. CT-65 ପରିବର୍ତ୍ତେ ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ଉପମାର୍ଗ (LHS)ର ବ୍ୟବସ୍ଥା । (ଏୟାର ପୁସିଙ୍ଗ ଟେକ୍ନିକ୍ ଦ୍ୱାରା) ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 477.19 ଲକ୍ଷ, **EMD :** ₹ 3,88,600/-

(4) ଟେଣ୍ଡର ସଂ. e-Tender-CENKUR-151-2025, ତା.08.07.2025ରିଖ
**ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର କଟକ-ତାଳଚେର ଲାଇନରେ ଢେଙ୍କାନାଳ-ସଦାଶିବପୁର ଷ୍ଟେସନ ମଧ୍ୟରେ କି.ମି. 499/9-11 ଠାରେ ବର୍ତ୍ତମାନର ଜଗୁଆଳିଥିବା ଲେଭେଲ୍ କ୍ରସିଂ ନଂ. CT-42 ପରିବର୍ତ୍ତେ ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ଉପମାର୍ଗ (LHS)ର ବ୍ୟବସ୍ଥା । (ଏୟାର ପୁସିଙ୍ଗ ଟେକ୍ନିକ୍ ଦ୍ୱାରା) ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 422.57 ଲକ୍ଷ, **EMD :** ₹ 3,61,300/-

**ଶେଷ ହେବା ଅବଧି :** 10 (ଦଶ) ମାସ (କ୍ରମ ସଂ. 1, 2 ଓ 4 ପାଇଁ) ଏବଂ 12 (ବାର) ମାସ (କ୍ରମ ସଂ. 3 ପାଇଁ) ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.30.07.2025ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ) ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ(Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ । ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ପୁନଃପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି । ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଞ୍ଜିନିୟରିଂ), ଖୋର୍ଦ୍ଧା ରୋଡ୍
PR-385/Q/25-26



No.gg

**Government of Odisha**
**Department of Social Security & Empowerment of Persons with Disabilities**

ଯୁକ୍ତ ଦୁଇ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଏବଂ ଉଚ୍ଚଶିକ୍ଷା ଅଧ୍ୟୟନରତ ଦୃଷ୍ଟିବାଧିତ ଛାତ୍ର/ଛାତ୍ରୀମାନଙ୍କୁ ପ୍ରୋତ୍ସାହନ ନିମନ୍ତେ ବିଭାଗ ତରଫରୁ ନିଃଶୁଳ୍କ ଲ୍ୟାପଟପ ଯୋଗାଇଦେବାର ବ୍ୟବସ୍ଥା କରାଯାଇଅଛି ।

ଆଗ୍ରହୀ ଛାତ୍ର/ଛାତ୍ରୀମାନେ ନିମ୍ନଲିଖିତ ବିଭାଗୀୟ ୱେବ୍‌ସାଇଟ https://ssepd.odisha.gov.in/ରେ ଆବେଦନ କରିପାରିବେ ।

OIPR-46001/11/0056/2526 — Sd./- Director, SS&EPD Department



**JHARKHAND URBAN INFRASTRUCTURE DEVELOPMENT COMPANY LIMITED**
(Govt. of Jharkhand Undertaking)
JUIDCO Bhawan, Kutchery Chowk, Ranchi-834001, Jharkhand.
Ph No.: +91-651-2225878; e-mail Id-; pdt.juidco@gmail.com
CIN: U45200JH2013SGC001752

NIT No: - JUIDCO/NIT/Rehla Bishrampur/UWSS/25/657 Date: 21/07/2025
Tender ID: -2025_UDD_102783_1 PR No.: 356332

**Corrigendum- 1**

All bidders are hereby announced that Corrigendum- 1 is released for tender having details as mentioned above for the project of **"Rehla & Bishrampur Urban Water Supply Scheme with 5 years of Operation and Maintenance"**. The bidders are advised to consider the same before submission of their bids against the tender.

Note: Corrigendum- 01 can be referred from the e-tender site of Govt. of Jharkhand i.e., (https://jharkhandtenders.gov.in)

Sd/-
Project Director (Technical)
JUIDCO Ltd., Ranchi

PR 357857 (Urban Development and Housing) 25-26 (D)



**NOTICE INVITING BID**
**OFFICE OF THE COMMISSIONER, BERHAMPUR MUNICIPAL CORPORATION**
Address with Phone Nos:
Berhampur Municipal Corporation
Berhampur, Ganjam, PIN:760001, Phone No.0680-2250290
Website: http://www.berhampur.gov.in, e-Mail:cpmuberhampur@gmail.com

Bid Reference No.2 Date:22.07.2025

**No.E-248:** Bids are invited from eligible transporters to transport Khushi-Sanitary Napkins from the City Warehouses of Berhampur City to different Govt. Schools under the City as per the details in Annexure I and as per the particulars mentioned below:

| Sl.No. | Particulars | Date and Time | |
|---|---|---|---|
| 1. | Date & Time of release of bid | 22.07.2025 | |
| 2. | Date & Time of Pre-Bid Meeting | 05.08.2025, 11 AM | Venue: Conference Hall, Office of the Commissioner, BeMC |
| 3. | Last date & time for submission of bid | 13.08.2025, 17.00 Hours | Office of the Commissioner, BeMC |
| 4. | Date & Time of opening of Bid | 14.08.2025, 11.30 AM | Venue: Conference Hall, Office of the Commissioner, BeMC |

The Bid document with all information relating to the bidding process including cost of bid document, EMD, Eligibility criteria and terms & conditions are available in the website: http://www.berhampur.gov.in. The Authority reserves the right to cancel the tender or modify any part thereof without assigning any reason.

Sd./- Commissioner
Berhampur Municipal Coporation,
Berhampur

OIPR-10212/11/0005/2526



**TENDER NOTICE**

Sealed quotations from eligible and experienced contractors/firms are invited for plantation of trees as per the specifications and terms mentioned below:-

2. Scope of Work:
   i. Collection and Transportation of sapling trees (1600 Nos.) from Forest Range Office, Khordha to INS Chilka.
   ii. Preparation of land for plantation of sapling trees including digging, filling with manure/vermicompost and watering.
   iii. Plantation of 1600 saplings at earmarked area of INS Chilka, P.O.: Chilka, Distt.: Khordha, Odisha - 752037.
3. Interested parties may submit their lowest rate @ per sapling tree as per scope of work including all taxes leviable (if any).
4. Important Dates:
   i. Last date for quotation submission: 28.07.2025
   ii. Address for submission: Defence Estates Office, Odisha Circle, 163, Prachi Enclave, Chandrasekharpur, Bhubaneswar - 751016.
5. For detail terms & condition & any further information or site visit, please contact Defence Estates Office, Odisha Circle, Plot No. 163, Prachi Enclave, Chandrasekharpur, Bhubaneswar - 751016, E-mail: **deobhub-stats@nic.in**.



**ମଧ୍ୟସ୍ଥତା ଦ୍ୱାରା ବିଚାରାଧୀନ ମାମଲାର ଆଇନଗତ ସମାଧାନ ପାଇଁ ଏକ ଦେଶବ୍ୟାପୀ ଅଭିଯାନ – ଦେଶ ନିମନ୍ତେ "ମଧ୍ୟସ୍ଥତା"**

No. CAD-1114: "ମଧ୍ୟସ୍ଥତା" ହେଉଛି ମାମଲାର ପରିସମାପ୍ତି ନିମନ୍ତେ ଆଇନ ଅନୁମୋଦିତ ଏକ ବିକଳ୍ପ ପଦ୍ଧତି। ଉଭୟପକ୍ଷଙ୍କ ସହମତିରେ ବା ଅଦାଲତଙ୍କର ନିର୍ଦ୍ଦେଶରେ ମଧ୍ୟସ୍ଥତା ଦ୍ୱାରା ବିଚାରାଧୀନ ମାମଲାର ସମାଧାନ ହୋଇଥାଏ ଓ ମାମଲାର ଅନ୍ତ ଘଟିଥାଏ। ପକ୍ଷମାନଙ୍କୁ ଅଦାଲତରେ ମିଳୁଥିବା ନିଷ୍ପତ୍ତିଠାରୁ ସନ୍ତୋଷଜନକ ଫଳ ଏହି ବିକଳ୍ପ ପଦ୍ଧତି ମାଧ୍ୟମରେ ଶୀଘ୍ର ମିଳିଥାଏ। ଏହି ବିକଳ୍ପ ପଦ୍ଧତିରେ ପକ୍ଷମାନେ ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧି ବା ଆଇନ ପରାମର୍ଶଦାତାମାନେ ସକ୍ରିୟ ଭାଗ ନେଇ ସେମାନଙ୍କର ପକ୍ଷ ରଖିପାରିବେ ଓ ମାମଲା ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିପାରିବେ। ମାମଲାର ଚୂଡ଼ାନ୍ତ ଫଳର ରୂପରେଖ ଉଭୟ ପକ୍ଷଙ୍କ ସହମତିରେ ନିର୍ଣ୍ଣୟ କରାଯାଇପାରିବ।

ଏହି ପଦ୍ଧତି ଦ୍ୱାରା ମାନ୍ୟବର ଉଚ୍ଚ ନ୍ୟାୟାଳୟ, ଜିଲ୍ଲା ଅଦାଲତ ଓ ତାଲୁକ ଅଦାଲତରେ ବିଚାରାଧୀନ ବିଭିନ୍ନ ପ୍ରକାରର ମାମଲା ଯଥା:

- ପାରିବାରିକ ବିବାଦ
- ମଟର ଦୁର୍ଘଟଣାଜନିତ କ୍ଷତିପୂରଣ
- ଘରୋଇ ହିଂସାଜନିତ ମାମଲା
- ଚେକ୍ ବାଉନ୍ସ ମାମଲା
- ଉଚ୍ଛେଦ ମାମଲା
- ନିଯୁକ୍ତି ସମ୍ପର୍କୀୟ ମାମଲା
- ବାଣିଜ୍ୟିକ ଅଦାଲତରେ ଥିବା ମାମଲା
- ରଫାଯୋଗ୍ୟ ଫୌଜଦାରି ମାମଲା
- ଖାଉଟି ଅଦାଲତରେ ଥିବା ବିବାଦ
- ଋଣ ଅସୁଲ ମାମଲା
- ସମ୍ପତ୍ତି ବଣ୍ଟନ ବିବାଦ
- ଭୂ–ଅଧିଗ୍ରହଣଜନିତ ମାମଲା

ଓ ଅନ୍ୟାନ୍ୟ ଯୋଗ୍ୟ ଦେୱାନୀ ମାମଲାଗୁଡ଼ିକର ପରିସମାପ୍ତି କରାଯାଇପାରିବ।

ମଧ୍ୟସ୍ଥତା ଦ୍ୱାରା ମାମଲାର ପରିସମାପ୍ତି ପାଇଁ ସମଗ୍ର ଦେଶରେ ନବେଦିନ ବ୍ୟାପୀ ଏକ ଅଭିଯାନ ଚାଲୁଅଛି। ଯାହାକି **ଦେଶ ନିମନ୍ତେ "ମଧ୍ୟସ୍ଥତା"** ନାମରେ ନାମିତ ହୋଇଛି। ଏହି ଅଭିଯାନ ଆସନ୍ତା ଅକ୍ଟୋବରର ପ୍ରଥମ ସପ୍ତାହ ପର୍ଯ୍ୟନ୍ତ ଚାଲୁରହିବ। ମାମଲାରେ ପକ୍ଷଭୁକ୍ତ ବ୍ୟକ୍ତି ବା ସଂସ୍ଥା ଏହାର ସୁଯୋଗ ନେଇ ନିଜ ମାମଲାର ପରିସମାପ୍ତି ପାଇଁ ସମ୍ପୃକ୍ତ ଅଦାଲତ କିମ୍ବା ନିକଟସ୍ଥ ଆଇନ ସେବା ସଂସ୍ଥା ସହ ଯୋଗାଯୋଗ କରନ୍ତୁ।

ଅଧିକ ବିବରଣୀ ପାଇଁ ଦେୟମୁକ୍ତ ନମ୍ବର – ୧୫୧୦୦ ଯୋଗାଯୋଗ କରନ୍ତୁ।

**ସଦସ୍ୟ ସଚିବ**
**ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ, କଟକ**
**ଆଇନ ସେବା ଭବନ, ସେକ୍ଟର–୧, ସିଡିଏ, କଟକ**
**ଯୋଗାଯୋଗ: ୯୪୩୮୫୭୮୫୮୬**
e-mail ID: **oslsa1997@gmail.com**

OIPR-18008/11/0019/2526

# ଘରୁ ଦୂରାନ୍ତୁ ଝିଟିପିଟି

ଝିଟିପିଟି ପ୍ରାୟ ଅଧିକାଂଶଙ୍କ ଘରେ ଥିବା ଦେଖିବାକୁ ମିଳିଥାଏ। କେହି କେହି ଏହାକୁ ଦେଖିଲେ ଭୟ ମଧ୍ୟ କରିଥାନ୍ତି। ଯଦି ଆପଣଙ୍କ ଘରେ ବି ଅଧିକ ଝିଟିପିଟି ଅଛନ୍ତି ଏବଂ ତାଙ୍କୁ ନ ମାରି ଘରୁ ବାହାର କରିବାକୁ ଚାହାନ୍ତି ତେବେ ଜାଣିରଖନ୍ତୁ କେତୋଟି ସହଜ ଉପାୟ...



★କର୍ପୂରର ଗନ୍ଧ ଝିଟିପିଟିଙ୍କୁ ପସନ୍ଦ ନୁହେଁ। ତେଣୁ ୪ଟି କର୍ପୂରକୁ ଗୁଣ୍ଡକରି ୧୫୦ମି.ଲି. ପାଣିରେ ମିଶାନ୍ତୁ। ସେଥିରେ ଅଳ୍ପ ଡେଟଲ ମିଶାଇ ସ୍ପ୍ରେ ବଟଲରେ ରଖି ଘରର ସବୁ କାନ୍ଥରେ ସ୍ପ୍ରେ କରନ୍ତୁ, ଝିଟିପିଟି କିମ୍ବା ଅନ୍ୟ ପୋକ ମଧ୍ୟ ଆସିବେ ନାହିଁ।

★ଯଦି କେମିକାଲ ବ୍ୟବହାର ପସନ୍ଦ ନୁହେଁ ତେବେ ପିଆଜ ଏବଂ ରସୁଣ ଆପଣଙ୍କ ପାଇଁ ସବୁଠୁ ସହଜ ପ୍ରାକୃତିକ ଉପାୟ। ଗୋଟିଏ ବଡ଼ ପିଆଜକୁ କାଟି ଦିଅନ୍ତୁ। ସେଥିରେ ଗୋଟିଏ ରସୁଣର ୧୦-୧୨ କୋଲା ମିଶାଇ ଗ୍ରାଇଣ୍ଡ କରିଦିଅନ୍ତୁ। ଏହାକୁ ଏକ କପଡ଼ାରେ ଚିପୁଡି ରସ ବାହାର କରନ୍ତୁ। ସେଥିରେ ସମ ପରିମାଣର ପାଣି ମିଶାଇ ସ୍ପ୍ରେ ବଟଲ୍‌ରେ ରଖି ଘରେ ସ୍ପ୍ରେ କରନ୍ତୁ। ଏହାର ତୀବ୍ର ଗନ୍ଧରେ ଘରୁ ଝିଟିପିଟି ଚାଲିଯିବେ।

★ସେହିପରି ପିପରମିଣ୍ଟ ଅଏଲ ୧୦-୧୫ ଟୋପା ନେଇ ପାଣିରେ ମିଶାଇ ସ୍ପ୍ରେ ବଟଲ୍‌ରେ ରଖି ଝିଟିପିଟି ହେଉଥିବା ସ୍ଥାନରେ ସ୍ପ୍ରେ କରନ୍ତୁ ଦେଖିବେ ଝିଟିପିଟି ଆଉ ଆସିବେ ନାହିଁ।

★ଘରର ବିଭିନ୍ନ ସ୍ଥାନରେ ଅଣ୍ଡା ଖୋଳ ରଖିଲେ ବି ଝିଟିପିଟି ଘରକୁ ଆସି ନ ଥାନ୍ତି।

★ଝିଟିପିଟି ନ ଆସିବା ଲାଗି ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଘରକୁ ସଫା ରଖିବା। ତେଣୁ ନିୟମିତ ସମୟ ଅନ୍ତରାଳରେ ଘରର ଛାତ, ଆଲମିରା ଓ କପ୍‌ବୋର୍ଡ ପଛପଟ, ବିଭିନ୍ନ ଫର୍ନିଚରର ପଛପଟ ଆଦିକୁ ସଫା କରନ୍ତୁ।



ଖାଦ୍ୟରୁଚି

## ମଖାନା ରାଇତା



**ଆବଶ୍ୟକ ସାମଗ୍ରୀ:** ୨ କପ୍ ମଖାନା, ୨ କପ୍ ଦହି, ଅଧା ଚାମଚ ଲେଖାଏ ଜିରା ଏବଂ ଧନିଆ ପାଉଡର, ଗୋଟିଏ କଞ୍ଚାଲଙ୍କା(ଛୋଟ ଛୋଟ କଟାହୋଇଥିବା), କଳା ଲୁଣ, ଧନିଆ ପତ୍ର( ଛୋଟ ଛୋଟ କଟାହୋଇଥିବା)।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଏକ ପାତ୍ରରେ ମଖାନା ଭିଜାଇ ଦିଅନ୍ତୁ। ୨ମିନିଟ୍ ପରେ ଏହାକୁ ଭଲ ଭାବେ ଧୋଇ ଛାଣିଦିଅନ୍ତୁ। ଆଉ ଏକ ପାତ୍ରରେ ଦହି ନେଇ ସେଥିରେ ଜିରା ଏବଂ ଧନିଆ ପାଉଡର ପକାନ୍ତୁ। ସେଥିରେ କଟା ଲଙ୍କା ଏବଂ ସ୍ୱାଦ ଅନୁସାରେ କଳା ଲୁଣ ପକାଇ ମିଶାନ୍ତୁ। ବର୍ତ୍ତମାନ ସେଥିରେ ମଖାନା ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ଏହାକୁ ୧୫-୨୦ମିନିଟ୍ ଫ୍ରିଜ୍‌ରେ ରଖନ୍ତୁ। ଏହା ଉପରେ କଟା ଧନିଆପତ୍ର ପକାଇ ଗାର୍ନିସ୍ କରି ଖାଇବାର ମଜା ନିଅନ୍ତୁ।

# ଗୋଲ୍ଡ ଲୋନ୍



ମହିଳାମାନେ ସାଧାରଣତଃ ସୁନାଗହଣା ପ୍ରିୟ। ତେଣୁ ସୁନା ଦର ଦିନକୁ ଦିନ ବଢୁଥିଲେ ସୁଦ୍ଧା ଅନେକେ ଏହାକୁ କିଣିବାକୁ ଆଦୌ ପଛଘୁଞ୍ଚା ଦିଅନ୍ତି ନାହିଁ। ଏହା ପଛର ମୁଖ୍ୟ କାରଣ ହେଉଛି ସୁନା ଏଭଳି ଏକ ମୂଲ୍ୟବାନ୍ ଧାତୁ ଯାହାକି ଇନ୍‌ଭେଷ୍ଟମେଣ୍ଟ ପାଇଁ ମଧ୍ୟ ଏକ ଭଲ ବିକଳ୍ପ ସାଜିପାରେ। ତେବେ ହଠାତ୍ ଟଙ୍କା ଆବଶ୍ୟକ ସମୟରେ ପାଖରେ ସୁନା ଥିଲେ ଏହାକୁ ନିବେଶକରି ସହଜ ଏବଂ ସୁରକ୍ଷିତ ଭାବେ ଲୋନ୍ ଅଣାଯାଇପାରିବ। ବର୍ତ୍ତମାନ ଆମ ଦେଶରେ ମଧ୍ୟ ଗୋଲ୍ଡ ଲୋନ୍ ନେବା ପାଇଁ ଅନେକ ସୁବିଧା ଉପଲବ୍ଧ ହେଲାଣି ; ଯେଉଁଥିପାଇଁ ଅସମୟରେ ଲୋକଙ୍କୁ ଆଉ ସୁନା ବିକ୍ରି କରିବାକୁ ପଡୁନାହିଁ। ବିବାହ, ଚିକିତ୍ସା, ପିଲାଙ୍କ ହାୟର ଷ୍ଟଡି ଏମିତିକି କେହି କେହି ଗାଡ଼ି କିଣିବା ଲାଗି ମଧ୍ୟ ସୁଧ ହାର କମ୍ ଥିବାରୁ ଗୋଲ୍ଡ ଲୋନ୍ ନେଉଛନ୍ତି। ତେବେ ଗୋଲ୍ଡ ଲୋନ୍ କିପରି ମିଳିଥାଏ, ଏଥିରେ କ'ଣ ସୁବିଧା ବା ଅସୁବିଧା ରହିଛି, ସମ୍ପୂର୍ଣ୍ଣ ଋଣ ଶୁଝିବା ପରେ ସୁନା ମିଳିବା କଷ୍ଟକର ନୁହେଁ ତ ଇତ୍ୟାଦି ଭଳି ପ୍ରଶ୍ନ ଅନେକଙ୍କ ମନରେ ଆସୁଥାଇପାରେ। ଜାଣନ୍ତୁ ଏହା ସମ୍ପର୍କରେ...


**ଗୋଲ୍ଡ ଲୋନ୍ ମିଳେ କିପରି:** ଏହି ପ୍ରକ୍ରିୟା ଆଦୌ କଷ୍ଟକର ନୁହେଁ। ଯଦି କୌଣସି ବ୍ୟାଙ୍କ୍ , ଗୋଲ୍ଡ ଲୋନ୍ ଦେଉଥିବା କମ୍ପାନୀ ବା ନନ୍ ବ୍ୟାଙ୍କିଙ୍ଗ୍ ଫାଇନାନ୍ସିଆଲ୍ କମ୍ପାନୀ(ଏନ୍‌ବିଏଫ୍‌ସି)ରେ ନିଜର ସୁନାଗହଣା, ବାର୍, କଏନ୍ ଆଦି ବନ୍ଧକ ରଖି ଲୋନ୍ ନେବାକୁ ଚାହୁଁଥାନ୍ତି ତେବେ ସେଠାରେ ସେମାନେ ପ୍ରଥମେ ଏହାର କ୍ୱାଲିଟି ଯାଞ୍ଚ କରିଥାନ୍ତି। ଏହାକୁ ଆଧାରକରି ବର୍ତ୍ତମାନର ମାର୍କେଟ୍ ରେଟ୍ ବା ବଜାର ମୂଲ୍ୟ ଅନୁଯାୟୀ କେତେ ଲୋନ୍ ମିଳିପାରିବ ତାହା ନିର୍ଦ୍ଧାରଣ କରିଥାନ୍ତି। ଏହି ଦାମ୍ ନିବେଶକାରୀଙ୍କୁ ପସନ୍ଦ ଆସିଲେ କେତେକ ଅଫିସିଆଲ୍ କାଗଜପତ୍ର କାମ ବା ଡକ୍ୟୁମେଣ୍ଟେସନ କରାଯିବା ପରେ ଲୋନ୍ ମିଳିଥାଏ। ଅନ୍ୟ ଲୋନ୍ ପରି ଏଥିପାଇଁ ଦିନ ଦିନ ବ୍ୟାଙ୍କକୁ ଧାଇଁବାର ଟେନ୍‌ସନ ନ ଥାଏ। ମାତ୍ର କେତେଘଣ୍ଟାରେ ଏହା ମିଳିଯାଏ। ଯଦି ଲୋନ୍ ରାଶି ଅଳ୍ପ ଥାଏ ତେବେ କ୍ୟାଶ୍ ଆକାରରେ ମିଳିଯାଉଥିବା ବେଳେ ଅଧିକ ହୋଇଥିଲେ ଅନ୍‌ଲାଇନରେ ଆକାଉଣ୍ଟକୁ ଟ୍ରାନ୍ସଫର କରିଦିଆଯାଇଥାଏ।

### ଜାଣିରଖନ୍ତୁ

➔ଗୋଲ୍ଡ ଲୋନ୍ ନେଉଥିଲେ ଯଦି ମଝିରେ ମଝିରେ କିଛି ମାସ ଆଦୌ ସୁଧ ନ ଦିଅନ୍ତି ତେବେ ବ୍ୟାଙ୍କ କିମ୍ବା ଉକ୍ତ କମ୍ପାନୀ ପକ୍ଷରୁ ନୋଟିସ ଆସିଥାଏ। ତଥାପି ସୁଧ ନ ଦେଲେ ଉକ୍ତ ବ୍ୟାଙ୍କ୍‌ର ଅଧିକାର ଅଛି ଯେ ସେ ଆପଣଙ୍କ ସୁନାଗହଣାକୁ ନିଲାମ କରିଦେଇପାରିବ। କେବଳ ଏତିକି ନୁହେଁ, ଠିକ୍ ସମୟରେ ସୁଧ ନ ଦେଲେ ସିଭିଲ ସ୍କୋର ଡାଉନ୍ ହୋଇଯାଇଥାଏ।

➔ଲୋନ୍ ସେତିକି ନିଅନ୍ତୁ ଯେତିକି ଶୁଝିପାରିବେ। ଅର୍ଥାତ୍ ଇଏମ୍‌ଆଇ ଯେପରି ନିଜ ମାସିକ ରୋଜଗାରର ୪୦%ରୁ କମ୍ ହୁଏ ସେଥିପ୍ରତି ଧ୍ୟାନଦିଅନ୍ତୁ।

**ସୁନା କେବଳ ଏକ ଦାମୀ ଆଭୂଷଣ ଭାବେ ନାରୀର ସୌନ୍ଦର୍ଯ୍ୟ ବୃଦ୍ଧିକରି ନ ଥାଏ ବରଂ ପାଖରେ ସୁନା ଥିଲେ ଅସମୟରେ ଏହାକୁ ବନ୍ଧକ ରଖି ଲୋନ୍ ଆଣିବା, ଆର୍ଥିକ ସଙ୍କଟ ଦୂରକରିବାର ସବୁଠୁ ଭଲ ବିକଳ୍ପ ବି ସାଜିପାରେ ...**






ସବୁଠୁ ଭଲ କଥା ହେଉଛି ଅନ୍ୟ ଲୋନ୍ ତୁଳନାରେ ଏଥିରେ ସୁଧହାର କମ୍ ରହିଥାଏ।

**କେତେ ମିଳେ ଲୋନ୍:** ରିଜର୍ଭ ବ୍ୟାଙ୍କର ଗୋଲ୍ଡଲୋନ୍ ଗାଇଡ୍‌ଲାଇନ ଅନୁଯାୟୀ ଲୋନ୍ ଟୁ ଭାଲ୍ୟୁ(ଏଲ୍‌ଟିଭି) ବା ସୁନାର ଦାମ୍ ଅନୁଯାୟୀ ଲୋନ୍‌ର ଅନୁପାତ ସର୍ବାଧିକ ୭୫% ରହିଥାଏ। ଅର୍ଥାତ୍ ଯଦି ଜଣେ ୧୦୦୦ ଟଙ୍କାର ସୁନା ବନ୍ଧକ ରଖେ ତେବେ ତାଙ୍କୁ ସର୍ବାଧିକ ୭୫୦ ଟଙ୍କା ପର୍ଯ୍ୟନ୍ତ ଲୋନ୍ ମିଳିପାରିବ। ତେବେ ନିକଟରେ ରିଜର୍ଭ ବ୍ୟାଙ୍କ ପକ୍ଷରୁ ୨ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୁନା ପାଇଁ ୮୫% ପର୍ଯ୍ୟନ୍ତ ଲୋନ୍ ଦେବାକୁ ନିଷ୍ପତ୍ତି ନିଆଯାଇଛି। ଗୋଲ୍ଡ ଲୋନ୍‌ରେ କେତେ ହଜାର ଟଙ୍କାରୁ ଲକ୍ଷ ଲକ୍ଷ ଟଙ୍କା ଲୋନ୍ ନେଇପାରିବେ। ଯେଉଁଥିରେ ଲୋନ୍ ଶୁଝିବାର ସମୟ ସୀମା ୩ ମାସରୁ ୫ ବର୍ଷ ପର୍ଯ୍ୟନ୍ତ ରହିଥାଏ।

**କିପରି କରିବେ ଗଣନା:** କେତେ ସୁନା ପାଇଁ କେତେ ଟଙ୍କା ଲୋନ୍ ପାଇପାରିବେ ଜାଣିବା ଲାଗି ବ୍ୟାଙ୍କ୍ କିମ୍ବା ଗୋଲ୍ଡ ଲୋନ୍ କମ୍ପାନୀ ସହ ଯୋଗାଯୋଗ କରିପାରିବେ। ଯଦି ଘରେ ରହି ଏହା ଅନୁମାନ ଲଗାଇବାକୁ ଚାହାନ୍ତି ତେବେ ବ୍ୟାଙ୍କ୍ କିମ୍ବା କମ୍ପାନୀର ୱେବ୍‌ସାଇଟ୍‌ରେ ଦିଆଯାଇଥିବା କାଲ୍‌କୁଲେଟରର ସାହାଯ୍ୟ ନେଇପାରିବେ। ଏଥିରୁ ଆପଣଙ୍କୁ ପ୍ରତି ମାସରେ କେତେ ଟଙ୍କା ପର୍ଯ୍ୟନ୍ତ ଇଏମ୍‌ଆଇ ଦେବାକୁ ପଡ଼ିବ ମଧ୍ୟ ଜାଣିପାରିବେ।

**ସୁଧ ହାର:** ବିନା ସିକ୍ୟୁରିଟି ଥିବା ପର୍ସନାଲ ଲୋନ୍ କିମ୍ବା କ୍ରେଡିଟ୍ କାର୍ଡରେ ନେଉଥିବା ଲୋନ୍‌ରେ ସୁଧ ହାର ୯%ରୁ ଆରମ୍ଭକରି ୪୫% ପର୍ଯ୍ୟନ୍ତ ରହୁଥିବା ବେଳେ ଗୋଲ୍ଡ ଲୋନ୍‌ରେ ଏହି ସୁଧ ହାର ଅପେକ୍ଷାକୃତ କମ୍ ଅର୍ଥାତ୍ ବିଭିନ୍ନ ବ୍ୟାଙ୍କ ତଥା କମ୍ପାନୀ ଅନୁଯାୟୀ ୮.୮%ରୁ ୨୭% ପର୍ଯ୍ୟନ୍ତ ରହିଥାଏ। ଏହାକୁ ଚାହିଁଲେ ପ୍ରତି ମାସରେ ଇନ୍‌ଷ୍ଟାଲ୍‌ମେଣ୍ଟରେ ଶୁଝିପାରିବେ କିମ୍ବା ଏକକାଳୀନ ମଧ୍ୟ ଶୁଝିପାରିବେ।

**ଲୋନ୍ ନେବାର ଯୋଗ୍ୟତା:** ଯେକେହି ଚାହିଁଲେ ଗୋଲ୍ଡ ଲୋନ୍ ନେଇପାରିବେ ନାହିଁ। ଏଥିପାଇଁ ବୟସ ସୀମା ୧୮ରୁ ଊର୍ଦ୍ଧ୍ୱ ଏବଂ ୭୫ ବର୍ଷରୁ କମ୍ ହୋଇଥିବା ଦରକାର। ପାଖରେ ପ୍ୟାନ୍ କାର୍ଡ, ଆଧାର କାର୍ଡ, ଡ୍ରାଇଭିଂ ଲାଇସେନ୍ସ, ଭୋଟର ଆଇଡି, ପାସ୍‌ପୋର୍ଟ ଭଳି କୌଣସି ଆଇଡି ପ୍ରୁଫ୍ ଦରକାର। ଏହାସହ ଇଲେକ୍ଟ୍ରି ବିଲ୍, ପୋଷ୍ଟପେଡ୍ ଫୋନ୍ ବିଲ୍, ୱାଟର ବିଲ୍ ଭଳି ଆଡ୍ରେସ୍ ପ୍ରୁଫ୍ ଏବଂ ୨ଟି ପାସ୍‌ପୋର୍ଟ ସାଇଜ୍ ଫଟୋଗ୍ରାଫ୍ ସହ ବନ୍ଧା ରଖିବା ଲାଗି ସୁନା ଥିବା ଦରକାର।





ସୌନ୍ଦର୍ଯ୍ୟ

# ବର୍ଷାରେ କେଶ ଝଡୁଥିଲେ...

ବର୍ଷାଦିନେ କେଶ ଝଡ଼ିବା ସମସ୍ୟା ସାଧାରଣତଃ ବଢ଼ିଯାଏ। ବର୍ଷାପାଣି ସଂସ୍ପର୍ଶରେ ଆସି କେଶ ନ ଶୁଖିବା, ଫଙ୍ଗାଲ୍ ଇନ୍‌ଫେକ୍ସନ ହେବା ଆଦି ଏହାର ମୁଖ୍ୟ କାରଣ। ତେଣୁ ଏଦିନେ କିପରି ଯତ୍ନ ନେଲେ କେଶ ଝଡ଼ିବ ନାହିଁ ଜାଣିରଖନ୍ତୁ ସେ ସମ୍ପର୍କରେ...

❖ଏହିଦିନେ କେଶକୁ ବର୍ଷାପାଣି ସଂସ୍ପର୍ଶରେ ଆସିବାକୁ ଦିଅନ୍ତୁ ନାହିଁ। କାରଣ ବର୍ଷାପାଣି ସାଧାରଣତଃ ସାମାନ୍ୟ ଅମ୍ଳଯୁକ୍ତ ହୋଇଥିବା ବେଳେ ଏଥିରେ ଅନେକ ଧୂଳିକଣା ମଧ୍ୟ ମିଶାଥାଏ, ଯାହାକି କେଶକୁ କ୍ଷତି ପହଞ୍ଚାଇଥାଏ। ଯଦି ହଠାତ୍ ବର୍ଷାରେ ଓଦାହୋଇଯାଏ ତେବେ ତୁରନ୍ତ ଶୁଖିଲା ଟାୱେଲ୍‌ରେ ଭଲ ଭାବେ କେଶ ପୋଛିଦିଅନ୍ତୁ। ମାଇଲ୍ଡ, ସଲ୍‌ଫେଟ୍ ଫ୍ରି ଶାମ୍ପୁରେ ଧୋଇପାରିଲେ ଖୁବ୍ ଭଲ। ନଚେତ୍ ପାଣି ଜମି ରହିବା ଯୋଗୁ ଫଙ୍ଗାଲ୍ ଇନ୍‌ଫେକ୍ସନ ହୋଇ କେଶ ଝଡ଼ିପାରେ।



❖ବର୍ଷାଦିନେ ସପ୍ତାହରେ ଅତି କମ୍‌ରେ ୨-୩ ଥର ମାଇଲ୍ଡ ହର୍ବାଲ ଶାମ୍ପୁ ଲଗାଇ କେଶ ଧୁଅନ୍ତୁ। ନିୟମିତ ନଡ଼ିଆତେଲ, ଅଁଳା, ଆଲମଣ୍ଡ ତେଲ କିମ୍ବା ବ୍ରାହ୍ମି ତେଲ ଲଗାଇ ସ୍କାଲ୍ପ ଏବଂ କେଶକୁ ଭଲ ଭାବେ ମସାଜ କରନ୍ତୁ, କେଶ ମଜଭୁତ ହେବ। ତା'ଛଡ଼ା ଏପରି କଲେ କେଶରେ ଫଙ୍ଗାଲ ଇନ୍‌ଫେକ୍ସନ ହେବ ନାହିଁ ଏବଂ କେଶ ଝଡ଼ିବା ସମସ୍ୟା ମଧ୍ୟ ଦେଖାଦେବ ନାହିଁ।

❖ଅନେକେ ବର୍ଷାପାଣି ପଡ଼ିଲେ ହେୟାର ଡ୍ରାୟର, ଷ୍ଟ୍ରେଟ୍‌ନର ଆଦି ସାହାଯ୍ୟରେ କେଶ ଶୁଖାଇଦିଅନ୍ତି। ହେଲେ କେଶକୁ ଅଧିକ କ୍ଷତି ପହଞ୍ଚାଇଥାଏ। ତେଣୁ ଏପରି ଆଦୌ କରନ୍ତୁ ନାହିଁ।

❖ଏଦିନେ ଖାଦ୍ୟପେୟରେ ଅବହେଳା ମଧ୍ୟ କେଶ ଝଡ଼ିବାର ଅନ୍ୟତମ ମୁଖ୍ୟ କାରଣ। ତେଣୁ ଯଥା ସମ୍ଭବ ବାହାର ଖାଦ୍ୟ, ଜଙ୍କ୍‌ଫୁଡ୍, ଷ୍ଟ୍ରିଟ୍‌ଫୁଡ୍ ବଦଳରେ ସନ୍ତୁଳିତ ଖାଦ୍ୟ ଖାଆନ୍ତୁ। ଏହାଦ୍ୱାରା ଶରୀରର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବା ସହ କେଶ ଝଡ଼ିବା ସମସ୍ୟା ବି କମାଇବ।

❖ବର୍ଷାଦିନେ ଅନେକେ ପାଣି ପିଇବା କମ୍ କରିଦିଅନ୍ତି। ହେଲେ ଏପରି ନ କରି ଅତି କମ୍‌ରେ ଦିନକୁ ୩-୪ ଲିଟର ପାଣି ପିଅନ୍ତୁ, ଯାହା କେଶ ଏବଂ ସ୍କାଲ୍ପକୁ ଭିତରୁ ମଶ୍ଚରାଇଜ୍ ରଖିବ ଏବଂ ଝଡ଼ିବାକୁ ଦେବ ନାହିଁ।

❖ବର୍ଷାରେ ବାୟୁମଣ୍ଡଳର ଆର୍ଦ୍ରତା ବଢ଼ିଯାଉଥିବାରୁ କେଶ ଝଡିବା ସମସ୍ୟା ବୃଦ୍ଧିପାଇଥାଏ। ଚର୍ମ ବିଶେଷଜ୍ଞଙ୍କ କହିବା ଅନୁଯାୟୀ ଯଦି ଏହିଦିନେ ୧୦୦ରୁ ୧୫୦ଟି କେଶ ଝଡୁଥାଏ ତେବେ ତାହା ସାଧାରଣ କଥା। ହେଲେ ଯଦି ଏହାଠାରୁ ଅଧିକ କେଶ ଝଡୁଛି ତେବେ ଡାକ୍ତରଙ୍କ ପରାମର୍ଶ ନେବା ଆବଶ୍ୟକ।



# ବର୍ଷାରେ ଗର୍ଭବତୀଙ୍କ ଯତ୍ନ

ବର୍ଷାଦିନେ ସାଧାରଣତଃ ଅନେକଙ୍କଠାରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇଥାଏ। ଗର୍ଭବତୀ ନାରୀମାନଙ୍କୁ ନିଜ ସହ ଗର୍ଭସ୍ଥ ଶିଶୁ ପାଇଁ ବିଶେଷ ଧ୍ୟାନ ଦେବା ଆବଶ୍ୟକ...

➔ବର୍ଷା ସମୟରେ ଗର୍ଭବତୀ ନାରୀମାନଙ୍କ ଦେହର ରୋଗ ପ୍ରତିରୋଧକ ଶକ୍ତି କମିଯାଉଥିବାରୁ ଝାଡ଼ା, ବାନ୍ତି, ଜଣ୍ଡିସ୍, ଜ୍ୱର ଆଦି ଅନେକ ଖାଦ୍ୟଜନିତ ସଂକ୍ରମଣ ରୋଗ ହୋଇଥାଏ। ତେଣୁ ନିଜ ସହ ଗର୍ଭସ୍ଥ ଶିଶୁର ଶରୀରକୁ ଶକ୍ତି ଯୋଗାଇ ଦେବା ଭଳି ସୁଷମ ତଥା ବେଶି ପୁଷ୍ଟିକର ଖାଦ୍ୟ ଖାଇବା ଆବଶ୍ୟକ। ବେଶି ତେଲ ମସଲାଯୁକ୍ତ, ବାସିଖାଦ୍ୟ, ବଜାରରେ ମିଳୁଥିବା ଖାଦ୍ୟ ଖାଇବା ଅନୁଚିତ।

➔ ବର୍ଷା ଅଧିକ ହେଲେ ଅନେକେ ଜଳବାୟୁ ଆର୍ଦ୍ର ଥିବାରୁ ପାଣି ପିଇବାରେ ଅବହେଳା କରି ବସନ୍ତି। ହେଲେ ଏ ସମୟରେ କମ୍ ପାଣି ପିଇଲେ ଗର୍ଭବତୀଙ୍କୁ ଡିହାଇଡ୍ରେଶନ ହୋଇ ବାନ୍ତି ଲାଗେ, ମୁଣ୍ଡ ବିନ୍ଧେ ଏବଂ ଅଚେତ ହେବା ଭଳି ଲାଗେ। ତେଣୁ ସେମାନେ ଫଳରସ, ପଇଡ଼, ପାଣି, ଲେମ୍ବୁ ସରବତ, ସୁପ୍ ଆଦି ପ୍ରଚୁର ପରିମାଣରେ ପିଇବା ଦରକାର।

➔ ଗର୍ଭବତୀଙ୍କୁ ସ୍ୱାସ୍ଥ୍ୟରକ୍ଷା ନିମନ୍ତେ ସଫାସୁତରା ରହିବା ଆବଶ୍ୟକ। ଭଲ ଭାବରେ ସ୍ନାନ କରିବା ଦ୍ୱାରା ଚର୍ମ ପରିଷ୍କାର ହୁଏ ଓ ଜୀବାଣୁ ଚର୍ମ ଭିତରକୁ ଯାଇପାରେ ନାହିଁ। ଖାଇବା ଆଗରୁ ଡିସ୍-ଇନ୍‌ଫ୍ୟାକ୍ଟାଣ୍ଟ ହ୍ୟାଣ୍ଡୱାଶ୍ ଲଗାଇ ହାତ ଧୋଇବା ଆବଶ୍ୟକ।

➔ମ୍ୟାଲେରିଆ ଓ ଡେଙ୍ଗୁ ରୋଗରୁ ରକ୍ଷା ପାଇଁ ମଶାରି ଟାଣି ଶୋଇବା ଦରକାର।

➔ଗର୍ଭବତୀ ମହିଳା ବର୍ଷାଦିନେ ବାହାରକୁ ଯାଉଥିଲେ ପାଖରେ ଛତା, ରେନିକୋଟ ରଖିବା ନିହାତି ଆବଶ୍ୟକ।

➔ଏଦିନେ ଶୋଇବା ପୂର୍ବରୁ ପାଦରେ ଉଷୁମତେଲ ମାଲିସକଲେ ଉପକୃତ ହେବେ।



# ସମ୍ପତ୍ତି ତାଲିକାରେ ଲୁଚାଇଥିଲେ ଜମି ତଥ୍ୟ

## ଡିଏଫ୍‌ଓଙ୍କ ସରକାରୀ ବାସଭବନରୁ ମିଳିଲା ଆଉ ୮.୫ ଲକ୍ଷ

■୯ଟି ବ୍ୟାଙ୍କ ଆକାଉଣ୍ଟରେ ୫୦ ଲକ୍ଷ ଜମାରାଶି

■ମଙ୍ଗଳବାର ଚଢ଼ାଉ ଜାରି ରହିବ

ଭୁବନେଶ୍ୱର/ କେନ୍ଦୁଝର, ୨୧।୭
(ସତ୍ୟଜିତ୍ ରାଉତ/ ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା କେନ୍ଦୁପତ୍ର ଡିଭିଜନର ବନଖଣ୍ଡ ଅଧିକାରୀ (ଡିଏଫ୍‌ଓ) ନିତ୍ୟାନନ୍ଦ ନାୟକଙ୍କ ଘରେ ଭିଜିଲାନ୍ସ ଯେତେ ଯାଞ୍ଚ କରୁଛି ସେତେ ସମ୍ପତ୍ତି ଠାବ ହେଉଛି। ସୋମବାର ଚଢ଼ାଉର ଦ୍ୱିତୀୟ ଦିନ ବହୁ ସମ୍ପତ୍ତି ଠାବ ହୋଇଛି। ଏପରିକି ସମ୍ପତ୍ତି ତାଲିକାରେ ନିତ୍ୟାନନ୍ଦ ଜମି କିଣା ତଥ୍ୟ ଲୁଚାଇଥିଲେ ବୋଲି ଜଣାପଡ଼ିଛି। ନିତ୍ୟାନନ୍ଦଙ୍କୁ ଭିଜିଲାନ୍ସ ଟିମ୍ କେନ୍ଦୁଝରସ୍ଥିତ ଫରେଷ୍ଟ କଲୋନୀରେ ଥିବା ସରକାରୀ ବାସଭବନରେ ଯାଞ୍ଚ କରିଥିଲା। କ୍ୱାର୍ଟରରୁ ସୋମବାର ୮.୫ ଲକ୍ଷ ଟଙ୍କା ଠାବ ହୋଇଛି। ଫଳରେ ମୋଟ ଜବତ ଟଙ୍କାର ପରିମାଣ ୧୦ ଲକ୍ଷରେ ପହଞ୍ଚିଛି।

ନିତ୍ୟାନନ୍ଦ ଓ ତାଙ୍କ ପରିବାର ସଦସ୍ୟଙ୍କ ନାଁରେ ୯ଟି ବ୍ୟାଙ୍କ ଆକାଉଣ୍ଟ ଥିବା ଜଣାପଡ଼ିଥିବାବେଳେ ଏସବୁଥିରେ ୫୦ଲକ୍ଷ ଟଙ୍କା ଜମା ରହିଛି। ଏଥିସହ ତାଙ୍କ ପାଖରୁ ଆହୁରି ଜମି ଦସ୍ତାବିଜ୍, ବ୍ୟାଙ୍କ ପାସବୁକ୍ ଓ ଜୀବନବୀମା ଜମା ଦସ୍ତାବିଜ୍ ଆଦି ଠାବ ହୋଇଥିବାବେଳେ ଏସବୁ ସମ୍ପର୍କରେ ଭିଜିଲାନ୍ସ ଟିମ୍ ଅଧିକ ଯାଞ୍ଚ ଚଳାଇଛି। ତେବେ ବଡ଼ କଥା ହେଲା, ନିତ୍ୟାନନ୍ଦ ସରକାରଙ୍କୁ ଦେଇଥିବା ସମ୍ପତ୍ତି ତାଲିକାରେ ମାତ୍ର ୧୨ଟି ପ୍ଲଟ ଥିବା ଦର୍ଶାଇଥିବା ବେଳେ ଅନ୍ୟ ପ୍ଲଟ ସମ୍ପର୍କିତ ତଥ୍ୟ ଲୁଚାଇଥିଲେ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ମଙ୍ଗଳବାର ତାଙ୍କ ଅଫିସ ଚାମ୍ବର ଓ ଅନ୍ୟାନ୍ୟ ସ୍ଥାନରେ ମଧ୍ୟ ଯାଞ୍ଚ ହେବ। ତେଣୁ ଆହୁରି ଅଧିକ ସମ୍ପତ୍ତି ଠାବ ହୋଇପାରେ ବୋଲି ଆଶଙ୍କା କରାଯାଉଛି। ସୂଚନାଯୋଗ୍ୟ, ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ରବିବାର ନିତ୍ୟାନନ୍ଦଙ୍କ ୭ଟି ସ୍ଥାନରେ ଭିଜିଲାନ୍ସ ଚଢ଼ାଉ କରିଥିଲା। ଯାଞ୍ଚବେଳେ ୧୧୫ଟି ପ୍ଲଟ୍, ଅନୁଗୋଳ ଟାଉନରେ ୪ମହଲାର ଏକ ଆଲିଶାନ୍ କୋଠା, ଘରୁ ୨୦୦ ଗ୍ରାମ ସୁନା ଅଳଙ୍କାର, କାଠ ନିର୍ମିତ ବିଭିନ୍ନ ଆକର୍ଷଣୀୟ କଳାକୃତି ଓ ତୀର, ବନ୍ଧୁକ, ଟାଙ୍ଗିଆ ଆଦି ଜବତ ହୋଇଛି। ଏଥିସହ ୧୫ ଲକ୍ଷ ଟଙ୍କାର ଘରୋଇ ଉପକରଣ ଏବଂ ଦୁଇଟି ଚାରିଚକିଆ ଯାନ ଓ ୪ଟି ଦୁଇଚକିଆ ଯାନ ଠାବ ହୋଇଥିଲା। ମଙ୍ଗଳବାର ଆୟବହିର୍ଭୂତ ସମ୍ପତ୍ତି ଠୁଳ ନେଇ ମାମଲା ରୁଜୁ ହେବ ବୋଲି ସୂଚନା ମିଳିଛି।



# ୨ ଶିକ୍ଷକ ଗିରଫ, ପ୍ରଧାନ ଶିକ୍ଷକ ଅଟକ

## ନବମ ଶ୍ରେଣୀ ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗ

ଜଳେଶ୍ୱର,୨୧।୭(ନବୀନ ସାହୁ/ ସତ୍ୟରଞ୍ଜନ ପ୍ରଧାନ)

ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶି ବିଭାଗୀୟ ଏଚ୍‌ଓଡିଙ୍କ ଦ୍ୱାରା ନିର୍ଯାତିତ ହୋଇ ଶେଷରେ ଆତ୍ମାହୁତି ଦେବା ଘଟଣାର ୧୦ଦିନ ନ ପୂରୁଣୁ ଜଣେ ନବମ ଶ୍ରେଣୀ ଛାତ୍ରୀଙ୍କୁ ଶିକ୍ଷକ ଅସଦାଚରଣ କରିବା ଆଲୋଡ଼ନ ସୃଷ୍ଟି କରିଛି। ଏହି ଘଟଣାରେ ପୋଲିସ ଅଭିଯୁକ୍ତ ୨ ଶିକ୍ଷକଙ୍କୁ ଗିରଫ କରିଥିବା ବେଳେ ପ୍ରଧାନ ଶିକ୍ଷକଙ୍କୁ ଅଟକ ରଖି ପଚରାଉଚରା କରୁଛି।

ଅଭିଯୋଗ ଅନୁଯାୟୀ, ଜଳେଶ୍ୱର ବ୍ଲକ୍ ରାଇବଣିଆ ଥାନା ଅଧୀନ ଏକ ସରକାରୀ ଉଚ୍ଚ ବିଦ୍ୟାଳୟର ସହକାରୀ ଗଣିତ ଶିକ୍ଷକ କୈଳାସ ଚନ୍ଦ୍ର ବେଜ ଜଣେ ନବମ ଶ୍ରେଣୀ ଛାତ୍ରୀଙ୍କୁ ଦୀର୍ଘଦିନ ଧରି ଅସଦାଚରଣ କରିବା ସହ ଅଶ୍ଳୀଳ ଇଙ୍ଗିତ ଦେଇ ଆସୁଥିଲେ। କଥା ନ ମାନିଲେ ପରୀକ୍ଷାରେ ଫେଲ୍ କରିଦେବେ ବୋଲି ଧମକ ଦେଉଥିଲେ। ଏ ନେଇ ଛାତ୍ରୀ ଜଣକ ମାନସିକ ଚାପରେ ରହୁଥିଲେ। ଛାତ୍ରୀ ଜଣକ ଏ ସମ୍ପର୍କରେ ପ୍ରଧାନ ଶିକ୍ଷକ ଭବାନୀ ଶଙ୍କର ପାଲ୍‌ଙ୍କଠାରେ ୮ ଦିନ ପୂର୍ବେ ଅଭିଯୋଗ କରିଥିଲେ ମଧ୍ୟ ସେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିଲେ। ଛାତ୍ରୀ ଜଣକ ଏ ସମ୍ପର୍କରେ ତାଙ୍କ ମା'ଙ୍କୁ ଜଣାଇଥିଲେ। ଛାତ୍ରୀଙ୍କ ମା' ରବିବାର ରାତିରେ ଘଟଣା ସମ୍ପର୍କରେ ରାଇବଣିଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ପୋଲିସ ସୋମବାର ଏକ ମାମଲା (ନଂ. ୬୩/୨୫) ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ଛାତ୍ରୀଙ୍କ ବୟାନକୁ ନେଇ ସହକାରୀ ଶିକ୍ଷକ କୈଳାସ ବେଜ ଓ କାଳିଚରଣ ମାଝୀ, ପ୍ରଧାନ ଶିକ୍ଷକ ଭବାନୀ ଶଙ୍କର ପାଲ୍‌ଙ୍କୁ ପୋଲିସ ଥାନାକୁ ଆଣି ପଚରାଉଚରା କରିଥିଲେ। ଦୁଇ ଶିକ୍ଷକ କୈଳାସ ବେଜ ଓ କାଳିଚରଣ ମାଝୀଙ୍କୁ ଗିରଫ କରାଯାଇଥିବା ବେଳେ ପ୍ରଧାନ ଶିକ୍ଷକଙ୍କୁ ଅଟକ ରଖାଯାଇ ଅଧିକ ତଦନ୍ତ ଜାରି ରହିଥିବା ରାଇବଣିଆ ଥାନା ଓଆଇସି ଲୋପାମୁଦ୍ରା ପଣ୍ଡା ସୂଚନା ଦେଇଛନ୍ତି।

# ବନ୍ୟପ୍ରାଣୀ ଦେହାବଶେଷ ଜବତ, ୨ ଗିରଫ

ବାରିପଦା,୨୧।୭(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଉତ୍ତର ଡିଭିଜନ ବନବିଭାଗ ମିଳିତ ଚଢ଼ାଉ କରି ୨ ଶିକାରୀଙ୍କୁ ଗିରଫ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ଠାକୁରମୁଣ୍ଡା ଥାନା ଅଧିନ ଅଶନକୁଦର ଗ୍ରାମର ଫକୀର ଚାକିଆ(୪୪) ଓ ରାଣୀଭୋଳ ଗ୍ରାମର କମଳା ଡାଙ୍ଗିଲ(୨୧)। ସେମାନଙ୍କ ଘରୁ ବନ୍ୟପ୍ରାଣୀ ଦେହାବଶେଷ, ଧନୁ, ତୀର ଓ ଶିକାର ସରାମକୁ ଜବତ କରିଛି । ବନ୍ୟପ୍ରାଣୀ ସୁରକ୍ଷା ଆଇନ ୧୯୭୨ ଅନୁଯାୟୀ ପୃଥକ ମାମଲା ରୁଜୁ କରି ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି ବୋଲି ଉତ୍ତର ଡିଭିଜନର ଉପ ନିର୍ଦ୍ଦେଶକ ସାଇ କିରଣ ପ୍ରକାଶ କରିଛନ୍ତି। ତେବେ ଏଆଇ କ୍ୟାମେରାରୁ ଉକ୍ତ ଶିକାରୀଙ୍କୁ ଠାବ କରାଯାଇ କରିଆ ଡିଭିଜନ, ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନ ଓ ଉତ୍ତର ଡିଭିଜନର କର୍ମଚାରୀ ଚଢ଼ାଉ କରିଥିଲେ। ଅଭିଯୁକ୍ତଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି।



ଅଭିଯୁକ୍ତ ଶିକାରୀ ଓ ଜବତ ସାମଗ୍ରୀ।

# ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ଭିକମପାଲି ଶାଖାରୁ ଡକାୟତି

■ବନ୍ଧୁକ ଦେଖାଇ ନେଇଗଲେ ୧ ଲକ୍ଷ ଟଙ୍କା

■ନାହାନ୍ତି ସୁରକ୍ଷା କର୍ମୀ

ଲଖନପୁର,୨୧।୭(ଗୌତମ ସାହୁ)

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ସୀମାନ୍ତ ଅଞ୍ଚଳ ଚିଖଲାପାଲି ଜାତୀୟ ରାଜପଥ ପାର୍ଶ୍ୱ ନାଥ କମ୍ପ୍ଲେକ୍ସସ୍ଥିତ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ଭିକମପାଲି ଶାଖାରୁ ସୋମବାର ଅପରାହ୍ନ ପ୍ରାୟ ୧ଟା ୧୫ ମିନିଟ୍‌ରେ ଡକାୟତି ହୋଇଛି। ୩ ଜଣ ଦୁର୍ବୃତ୍ତ ଉକ୍ତ ବ୍ୟାଙ୍କରୁ ଟଙ୍କା ଲୁଟ୍ କରି ଫେରାର ହୋଇଯାଇଛନ୍ତି। ଦିନ ଦ୍ୱିପ୍ରହରରେ ଏଭଳି ଘଟଣା ଘଟୁଥିଲେ ମଧ୍ୟ ବ୍ୟାଙ୍କର ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସୂଚନା ଅନୁଯାୟୀ, ରେଙ୍ଗାଲୀ ଥାନାଠାରୁ ପ୍ରାୟ ସାଢେ ୩ କିମି ଦୂର ତଥା ପଡୋଶୀ ରାଜ୍ୟ ଛତିଶଗଡ଼ ସୀମାଠାରୁ ୪ କିମି ଦୂରରେ ଏହି ବ୍ୟାଙ୍କ ରହିଛି। ୩ ଜଣ ଦୁର୍ବୃତ୍ତ ହେଲ୍‌ମେଟ୍ ପିନ୍ଧି ବାଇକ୍‌ରେ ଆସି ବ୍ୟାଙ୍କ ସମ୍ମୁଖରେ ପହଞ୍ଚିଥିଲେ। ସେମାନଙ୍କ ମଧ୍ୟରୁ ଜଣେ ବ୍ୟାଙ୍କ ଫାଟକ ନିକଟରେ ଜଗି ରହିଥିବାବେଳେ ଅନ୍ୟ ୨ ଜଣ ବନ୍ଧୁକ ଧରି ଭିତରେ ପଶିଥିଲେ। ସେମାନେ ବ୍ୟାଙ୍କ କର୍ମଚାରୀ ଓ ଗ୍ରାହକଙ୍କୁ ଭୟଭୀତ କରିବା ସହ ବ୍ୟାଙ୍କ ଡ୍ରୟରରୁ ପ୍ରାୟ ୧ ଲକ୍ଷ ଟଙ୍କା ଲୁଟ୍ କରି ଫେରାର ହୋଇଯାଇଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏହି ବ୍ୟାଙ୍କରେ ସୁରକ୍ଷା କର୍ମୀ ନିୟୋଜିତ ନଥିବାରୁ ଦୁର୍ବୃତ୍ତମାନେ ଲୁଟ୍ କରିବା ସହଜ ହୋଇଛି। ବ୍ୟାଙ୍କରେ ଲାଗିଥିବା ସିସିଟିଭି କ୍ୟାମେରାରେ ଲୁଟ୍‌ବେଳର ଦୃଶ୍ୟ କଏଦ ହୋଇଛି। ଖବରପାଇ ବ୍ରଜରାଜନଗର ଏସ୍‌ଡିପିଓ ଚିନ୍ତାମଣି ପ୍ରଧାନଙ୍କ ସମେତ ବେଲପାହାଡ଼, ବ୍ରଜରାଜନଗର ଓ ରେଙ୍ଗାଲୀ ଥାନାର ପୋଲିସ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ କରିଛନ୍ତି। ଏଥିସହ ବ୍ୟାଙ୍କର ବିଭିନ୍ନ ସାମଗ୍ରୀ ଓ ହାର୍ଡଡିକ୍ସ ଜବତ କରାଯାଇଛି। ଏନେଇ ଏସ୍‌ଡିପିଓ ପ୍ରଧାନ କହିଛନ୍ତି, ବ୍ୟାଙ୍କରୁ ପ୍ରାୟ ୧ ଲକ୍ଷ ଟଙ୍କା ଲୁଟ୍ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ଦୁର୍ବୃତ୍ତଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି।



ସିସିଟିଭି ଫୁଟେଜରେ କଏଦ ହୋଇଥିବା ଲୁଟ୍‌ର ଦୃଶ୍ୟ।

# ଜମି ବିବାଦରୁ ଭଉଣୀଙ୍କୁ ହାଣିଦେଲେ ଭାଇ

ବଇଣ୍ଡା, ୨୧।୭ (ପରିକ୍ଷିତ ସାହୁ)

ପୈତୃକ ସମ୍ପତ୍ତିରେ ଘର କରିବାକୁ ଭଉଣୀ ଯୋଜନା କରିଥିବା ବେଳେ ଏହାକୁ ନେଇ ଭାଇଙ୍କ ସହ ବିବାଦ ବଢ଼ିଥିଲା। ସୋମବାର ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହେବାରୁ ଉତ୍‌କ୍ଷିପ୍ତ ହୋଇ ଭାଇ ଏକ ଟାଙ୍ଗିଆରେ ହାଣି ଭଉଣୀଙ୍କ ଜୀବନ ନେଇଛନ୍ତି। ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ଥାନା ସୋଲଣ୍ଡା ଗ୍ରାମରେ ଏହି ହତ୍ୟାକାଣ୍ଡ ଘଟିଛି। ମୃତା ହେଲେ କଳ୍ପନା ସାହୁ (୪୫)। ଏହି ହତ୍ୟାକାଣ୍ଡ ପରେ ଟାଙ୍ଗିଆ ଧରି ଅଭିଯୁକ୍ତ ଭାଇ ଗୟାଧର ପ୍ରଧାନ ଫେରାର ହୋଇଯାଇଛନ୍ତି।

ପୋଲିସ କହିଛି, କଳ୍ପନା ପାପସରା ଗ୍ରାମରେ ବିବାହ କରିଥିଲେ। ତାଙ୍କର ୨ଟି ସନ୍ତାନ ଅଛନ୍ତି। ସ୍ୱାମୀଙ୍କ ପରଲୋକ ହୋଇଯାଇଥିବାରୁ ସେ କିଛି ମାସ ହେବ ବାପଘର ସୋଲଣ୍ଡା ଗ୍ରାମରେ ରହୁଥିଲେ। ସେ ବାପାଙ୍କ ସମ୍ପତ୍ତିରେ ଏକ ଘର ନିର୍ମାଣ କରିବାକୁ ଯୋଜନା କରିଥିବାରୁ ଏହାକୁ ନେଇ ଭାଇ ଗୟାଧରଙ୍କ ସହ ବିବାଦ ଦେଖାଦେଇଥିଲା। ଉଭୟଙ୍କ ମଧ୍ୟରେ ସାମାନ୍ୟ କଥାକୁ ନେଇ ଝଗଡ଼ା ହେଉଥିଲା। ଅପରାହ୍ନ ପ୍ରାୟ ୨ଟାରେ କଳ୍ପନା ଘରେ ଥିବାବେଳେ ଗୟାଧର ମଦ୍ୟପାନ କରି ଘରକୁ ଆସିଥିଲେ। ପରେ ଘର ନିର୍ମାଣକୁ ନେଇ ଭଉଣୀ–ଭାଇଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଗୟାଧର ଘରେ ଥିବା ଟାଙ୍ଗିଆରେ କଳ୍ପନାଙ୍କ ବେକକୁ ହାଣି ହତ୍ୟା କରିଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ହଣ୍ଡପା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଦେବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି।

## ରାଜ୍ୟ ଖବର

# ୩୦ ମଧ୍ୟରେ ଯୁକ୍ତ୨ ଇନ୍‌ଷ୍ଟାଣ୍ଟ ପରୀକ୍ଷା ଖାତା ରିଚେକିଂ ଆବେଦନ

ଭୁବନେଶ୍ୱର,୨୧।୭(ସୁସ୍ମିତା ସାହୁ): ଯୁକ୍ତ୨ ଇନ୍‌ଷ୍ଟାଣ୍ଟ ପରୀକ୍ଷାର ଖାତା ପୁନଃ ଯାଞ୍ଚ (ରିଚେକିଂ) ଓ ମାର୍କ ପୁନଃ ମିଶ୍ରଣ (ରିଆଡିଶନ୍) ପାଇଁ ସୋମବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଆସନ୍ତା ୩୦ ତାରିଖ ସୁଦ୍ଧା ଆଶାୟୀମାନେ ଏନେଇ ଆବେଦନ କରିପାରିବେ। ସମୟ ଅବଧି ପରେ କୌଣସି ଆବେଦନ ଗ୍ରହଣ କରାଯିବ ନାହିଁ ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ପକ୍ଷରୁ କୁହାଯାଇଛି। ଆବେଦନ କରିବା ପାଇଁ ୨୦୦ଟଙ୍କା ପୈଠ କରିବାକୁ ସ୍ଥିର କରାଯାଇଛି। ବ୍ୟାଙ୍କ ଚାଲାନ ମାଧ୍ୟମରେ ଛାତ୍ରୀଛାତ୍ର ଫି ପୈଠ କରିପାରିବେ। ପରିଷଦ ପକ୍ଷରୁ ଦିଆଯାଇଥିବା ଫର୍ମାଟ୍‌ରେ ଛାତ୍ରୀଛାତ୍ର ଆବେଦନ କରିବାକୁ କୁହାଯାଇଛି। ସୂଚନାଅନୁସାରେ, ଚଳିତ ବର୍ଷ ୧୦୦୮ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୯୧୩ ଜଣ କୃତକାର୍ଯ୍ୟ ହୋଇଛନ୍ତି। କଳାରେ ସର୍ବାଧିକ ୪୪୯ ଜଣ ଛାତ୍ରୀଛାତ୍ର ପାସ୍ କରିଥିବାବେଳେ ବିଜ୍ଞାନରେ ୩୧୧, ବାଣିଜ୍ୟରେ ୧୨୧ ଏବଂ ଧନ୍ଦାମୂଳକ ଶିକ୍ଷାରେ ୨୯ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି।

## ଛାତ୍ରୀ ବଳାତ୍କାର ମାମଲା

# ଜେଲ ଗଲେ ଛାତ୍ର କଂଗ୍ରେସ ସଭାପତି

## ପୀଡ଼ିତାଙ୍କ ବୟାନ ରେକର୍ଡ କଲା ପୋଲିସ

ଭୁବନେଶ୍ୱର,୨୧।୭
(ସତ୍ୟଜିତ୍ ରାଉତ)

ଜଣେ ଛାତ୍ରୀ(୧୯)ଙ୍କୁ ମୃଦୁ ପାନୀୟରେ ନିଶା ଦେଇ ବଳାତ୍କାର ମାମଲାରେ ଗିରଫ ହୋଇଥିବା ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଉଦିତ ପ୍ରଧାନଙ୍କୁ ମଞ୍ଚେଶ୍ୱର ଥାନା ପୋଲିସ ସୋମବାର ଭୁବନେଶ୍ୱର ଜେଏମ୍‌ଏଫ୍‌ସି–୨ କୋର୍ଟକୁ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ଉଦିତ୍‌ଙ୍କୁ ୧୪ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅପରପକ୍ଷେ ପୋଲିସ ପୀଡ଼ିତାଙ୍କ ବୟାନ ରେକର୍ଡ କରିବା ସହ ଘଟଣା ଘଟିଥିବା ହୋଟେଲକୁ ଯାଇ ତଦନ୍ତ କରିଛି। ଗତ ମାର୍ଚ୍ଚ ୧୮ ରାତିରେ ହୋଟେଲ ରୁମ୍‌ରେ ଉଦିତ୍‌ଙ୍କ ସମେତ ଆଉ କେଉଁମାନେ ଥିଲେ, କେତେବେଳେ ଯାଇଥିଲେ, ଫେରିଥିଲେ ଆଦି ତଥ୍ୟ ଯୋଗାଡ଼ କରିଛି। ପୋଲିସ ଟିମ୍ ହୋଟେଲର ରେଜିଷ୍ଟର ଓ ସିସିଟିଭି ଫୁଟେଜକୁ ଜବତ କରି ଛାନଭିନ୍ ଚଳାଇଛି। ଏଥିସହ କର୍ମଚାରୀଙ୍କୁ ଉକ୍ତ ଦିନର ଘଟଣା ବିଷୟରେ ପଚରାଉଚରା କରି ତଥ୍ୟ ହାସଲ କରିଛି।

ଏନେଇ ଖବରଦାତା ସମ୍ମିଳନୀରେ ଜୋନ–୫ ଏସିପି ବିଶ୍ୱରଞ୍ଜନ ସେନାପତି କହିଛନ୍ତି, ଉଦିତ୍‌ଙ୍କ ବିରୋଧରେ ପ୍ରାଥମିକ ପ୍ରମାଣ ଥିବାରୁ ତାଙ୍କୁ ଗିରଫ କରାଯାଇଛି। ଉଦିତଙ୍କ ସହ ଥିବା ଅନ୍ୟମାନଙ୍କୁ ପଚରାଉଚରା କରାଯିବ। ସମ୍ପୃକ୍ତି ଆସିଲେ ସେମାନଙ୍କୁ ମଧ୍ୟ ଗିରଫ କରାଯିବ ବୋଲି ଏସିପି କହିଛନ୍ତି। ଅଭିଯୋଗ ଅନୁଯାୟୀ, ପୀଡ଼ିତା ହେଉଛନ୍ତି ଚନ୍ଦକା ଥାନା ଅଞ୍ଚଳର। ସେ ଓ ତାଙ୍କର ଜଣେ ସାଙ୍ଗ ଅନ୍ୟ ଜଣେ ଯୁବକଙ୍କ ସହ ଗତ ମାର୍ଚ୍ଚ ୧୮ ସନ୍ଧ୍ୟାରେ ମାଷ୍ଟରକ୍ୟାଣ୍ଟିନକୁ ବୁଲି ଯାଇଥିଲେ। ଏହାପରେ ସେଠାରେ ଉଦିତ୍ ସେମାନଙ୍କ ଗାଡ଼ିରେ ବସିବା ସହ ସମସ୍ତେ ମଞ୍ଚେଶ୍ୱରସ୍ଥିତ ଏକ ହୋଟେଲକୁ ଯାଇଥିଲେ। ସେଠାରେ ଉଦିତ୍ ଓ ଅନ୍ୟମାନେ ମଦ୍ୟପାନ କରିଥିଲେ। ପୀଡ଼ିତା ମଦ୍ୟପାନ କରିବାକୁ ମନା କରିବାରୁ ଉଦିତ୍ ତାଙ୍କୁ ମୃଦୁ ପାନୀୟରେ ନିଶା ଦେଇ ପିଇବାକୁ ଦେବା ପରେ ତାଙ୍କ ମୁଣ୍ଡ ବୁଲେଇଥିଲା। ସେ ଘରକୁ ଯିବାକୁ ଚେଷ୍ଟା କରିବାରୁ ସେମାନେ ତାଙ୍କୁ ଛାଡ଼ି ନ ଥିଲେ। ସେ ଚେତାଶୂନ୍ୟ ହୋଇଯିବା ପରେ ଉଦିତ ତାଙ୍କୁ ବଳାତ୍କାର କରିଥିଲେ। ପ୍ରାୟ ୩୦ମିନିଟ ପରେ ତାଙ୍କ ଆଖି ଖୋଲିବାରୁ ଏ ବିଷୟରେ ସେ ଜାଣିପାରିଥିଲେ। ଉଦିତ୍ ତାଙ୍କୁ ଧମକ ଦେବାରୁ ସେ ଏବିଷୟରେ ଚୁପ ରହିଥିଲେ। ତେବେ ବର୍ତ୍ତମାନ ପରିସ୍ଥିତିରେ ନାରୀକୁ ନ୍ୟାୟ ଦେବାକୁ ଅଭିଯାନ ଚାଲିଥିବା ବେଳେ ପୀଡ଼ିତା ସାହସ କରି ଅଭିଯୋଗ କରିଛନ୍ତି ବୋଲି ଏତଲାରେ ଦର୍ଶାଇଥିଲେ। ରବିବାର ରାତି ୮ଟା ୩୦ରେ ଅଭିଯୋଗ ପାଇ ପୋଲିସ ମାମଲା (ନଂ.୪୧୭/୨୦୨୫) ରୁଜୁ କରିବା ସହ ବିଳମ୍ବିତ ରାତିରେ ଉଦିତ୍‌ଙ୍କୁ ଗିରଫ କରିଥିଲା।



ଉଦିତ୍ ପ୍ରଧାନ

# କଂଗ୍ରେସରୁ ଉଦିତ୍ ନିଲମ୍ବିତ

ଭୁବନେଶ୍ୱର,୨୧।୭(ରବିନାରାୟଣ ଜେନା)

ଜଣେ ଛାତ୍ରୀଙ୍କୁ ବଳାତ୍କାର ଅଭିଯୋଗରେ ମଞ୍ଚେଶ୍ୱର ଥାନା ପୋଲିସ ରବିବାର ବିଳମ୍ବିତ ରାତିରେ ଗିରଫ କରିଥିବା ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ଉଦିତ୍ ପ୍ରଧାନଙ୍କୁ କଂଗ୍ରେସ ନିଲମ୍ବନ କରିଛି।

ସୋମବାର ଏନ୍‌ଏସ୍‌ୟୁଆଇର ଜାତୀୟ ସଭାପତି ବରୁଣ ଚୌଧାରୀ ଏକ ପ୍ରେସ୍ ବିବୃତିରେ କହିଛନ୍ତି, ମହିଳାଙ୍କ କ୍ଷେତ୍ରରେ କଂଗ୍ରେସ ସବୁବେଳେ ଶୂନ୍ୟ ସହନଶୀଳ ନୀତି ଉପରେ ବିଶ୍ୱାସ କରେ। ବର୍ତ୍ତମାନ ଘଟିଥିବା ଘଟଣାକୁ ନେଇ ଏନ୍‌ଏସ୍‌ୟୁଆଇ ଓଡ଼ିଶା ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ପ୍ରଧାନଙ୍କୁ ବରଖାସ୍ତ କରିଛି। କଂଗ୍ରେସ ସର୍ବଦା ନିଜ ଦାୟିତ୍ୱ ଓ ନ୍ୟାୟ ପ୍ରତି ଦୃଢ଼ ସଂକଳ୍ପବଦ୍ଧ। ବାଲେଶ୍ୱର ପୀଡ଼ିତାଙ୍କୁ ନ୍ୟାୟ ପାଇଁ ଆମର ସଂଘର୍ଷ ଜାରି ରହିବ ବୋଲି ବରୁଣ କହିଛନ୍ତି।

# ସତ୍ୟାସତ୍ୟ ଜାଣିବା ପାଇଁ ପିସିସି ଗଠନ କଲା କମିଟି

ଭୁବନେଶ୍ୱର,୨୧।୭(ରବିନାରାୟଣ ଜେନା)

ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ଉଦିତ୍ ପ୍ରଧାନଙ୍କ ବିରୋଧରେ ଆସିଥିବା ସଙ୍ଗିନ ଅଭିଯୋଗକୁ ନେଇ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶକ୍ରମେ ଏକ ତଥ୍ୟ ଅନୁସନ୍ଧାନ କମିଟି ସୋମବାର ଗଠନ କରାଯାଇଛି। ଉକ୍ତ କମିଟି ସଂପୃକ୍ତା ଛାତ୍ରୀଙ୍କୁ ଭେଟି ସତ୍ୟାସତ୍ୟ ଜାଣିବା ସହିତ ସଭାପତିଙ୍କୁ ଏ ନେଇ ଅବଗତ କରାଇବାକୁ କୁହାଯାଇଛି। ଏହି କମିଟିରେ ପିସିସି ଉପସଭାପତି ସସ୍ମିତା ବେହେରା ଅଧ୍ୟକ୍ଷା ରହିଥିବାବେଳେ ବିଧାୟିକା ସୋଫିଆ ଫିର୍ଦ୍ଦୋସ, ସମ୍ପାଦିକା ଡ. ଦେବସ୍ମିତା ଶର୍ମା, ବିଧାୟିକା ପ୍ରାର୍ଥୀ ସୋନାଲି ସାହୁ, ମୁଖପାତ୍ର ଜୟଶ୍ରୀ ପାତ୍ର ଓ ଡ. ମନୀଷା ଦାସ ପଟ୍ଟନାୟକ ସଦସ୍ୟା ରହିଛନ୍ତି।

# ଓଡ଼ିଶାରେ ମିଳିବ ଏମ୍‌ଆର୍‌ଓ ସୁବିଧା

## ବିମାନ ଚଳାଚଳରେ ନୂଆ ମାଇଲଖୁଣ୍ଟ

ଭୁବନେଶ୍ୱର, ୨୧।୭
(ଅନୁରାଧା ମହାରଣା)

ରାଜ୍ୟ ସରକାରଙ୍କ 'ନୂଆ ଗନ୍ତବ୍ୟନୀତି' ଦ୍ୱାରା ପରିଚାଳିତ ତଥା ବାଣିଜ୍ୟ ଓ ପରିବହନ ବିଭାଗର ନେତୃତ୍ୱରେ ଆଞ୍ଚଳିକ ଓ ଆନ୍ତର୍ଜାତୀୟ ବିମାନ ସଂଯୋଗକୁ ପ୍ରୋତ୍ସାହିତ କରାଯାଉଛି। ଏହି କ୍ରମରେ ଭୁବନେଶ୍ୱରରେ ରାଜ୍ୟର ପ୍ରଥମ ବିମାନ ରକ୍ଷଣାବେକ୍ଷଣ, ମରାମତି ଓ ପରିଚାଳନା (ଏମ୍‌ଆରଓ) ସୁବିଧା ସ୍ଥାପନ କରାଯିବ। ଏଥିପାଇଁ ସମସ୍ତ ଆନୁଷ୍ଠାନିକ ପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇଛି। ଏହା ବିମାନ ଚଳାଚଳ ସହ ଜଡ଼ିତ ଅର୍ଥନୈତିକ ଇକୋସିଷ୍ଟମ ଗଢ଼ି ତୋଳିବାରେ ଏକ ବଡ଼ ଅଗ୍ରଗତି ହେବ ବୋଲି ଆଶା କରାଯାଉଛି।

ବାଣିଜ୍ୟ ଓ ପରିବହନ ବିଭାଗର ସୂଚନାନୁସାରେ, ଅଳ୍ପ ସମୟ ମଧ୍ୟରେ 'ନୂଆ ଗନ୍ତବ୍ୟ ନୀତି' ଓଡ଼ିଶାକୁ ଅନ୍ତର୍ଜାତୀୟ ଓ ଘରୋଇ ବିମାନ ସଂଯୋଗରେ ଏକ ନୂଆ ପରିଚୟ ଦେଇଛି। ଏହି ନୀତି ଅଧୀନରେ ୧୩ଟି ନୂଆ ଅନ୍ତର୍ଜାତୀୟ ଓ ଘରୋଇ ବିମାନ ସେବା ଆରମ୍ଭ ହୋଇଛି। ଏହା ବାଣିଜ୍ୟ, ପର୍ଯ୍ୟଟନ ଓ ଆଞ୍ଚଳିକ ସମନ୍ୱୟକୁ ନୂଆ ମାତ୍ରା ଦେଇଛି। ଅନ୍ତର୍ଜାତୀୟ ସ୍ତରରେ ଭୁବନେଶ୍ୱରରୁ ଦୁବାଇ ଓ ଆବୁଧାବିକୁ ସିଧାସଳଖ ବିମାନ ସେବା ଓଡ଼ିଶାକୁ ବିଶ୍ୱ ବିମାନ ମାନଚିତ୍ରରେ ସ୍ଥାନିତ କରିବା ସହ ପ୍ରବାସୀ ସମ୍ପର୍କକୁ ମଜବୁତ କରି ବିଶ୍ୱ ବଜାରରେ ପ୍ରବେଶକୁ ସହଜ କରିଛି। ଘରୋଇ ସ୍ତରରେ ଝାରସୁଗୁଡ଼ା–ମୁମ୍ବାଇ, ଝାରସୁଗୁଡ଼ା–ହାଇଦ୍ରାବାଦ, ଭୁବନେଶ୍ୱର–ଗୋଆ, ଭୁବନେଶ୍ୱର–ଡେରାଡୁନ୍ ଏବଂ ଭୁବନେଶ୍ୱର–ପୋର୍ଟ ବ୍ଲେୟାର ଆଦି ରୁଟ୍‌ଗୁଡ଼ିକୁ ଆଦିବାସୀ ଅଞ୍ଚଳ, ଶିଳ୍ପ କ୍ଷେତ୍ର ଏବଂ ପ୍ରମୁଖ ପର୍ଯ୍ୟଟନସ୍ଥଳୀଗୁଡିକୁ ସଂଯୋଗ କରିଛି। ଉଡାନ ଯୋଜନା ଅଧୀନରେ ଜୟପୁର, ରାଉରକେଲା, ଉତ୍କେଳା ଓ ରଙ୍ଗେଇଲୁଣ୍ଡାରେ ଆଞ୍ଚଳିକ ଏୟାରଷ୍ଟ୍ରିପ୍‌ଗୁଡ଼ିକର କାର୍ଯ୍ୟକାରୀତା ଯାତାୟତ ବ୍ୟବସ୍ଥାକୁ ସୁଦୃଢ଼ କରିଛି। ପ୍ରସ୍ତାବିତ ପୁରୀ ବିମାନବନ୍ଦର ପ୍ରକଳ୍ପ ନୋକାସ୍ ୨.୦ରେ ଇଣ୍ଟରଆକ୍ଟିଭ କଲର କୋଡେଡ ଜୋନିଂ ମ୍ୟାପ (ସିସିଜେଡ୍‌ଏମ୍) ଲଞ୍ଚ ସହିତ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଷ୍ଟୋନ ହାସଲ କରିଛି। ଏହି ଡିଜିଟାଲ ଉପକରଣ ଅନ୍‌ଲାଇନ ଉଚ୍ଚତା ମଞ୍ଜୁରୀ ପ୍ରକ୍ରିୟାକୁ ସରଳ କରି ବିମାନ ଯୋଜନାକୁ ନିରାପଦ ସହରୀ ବିକାଶ, ନିୟନ୍ତ୍ରିତ ଭିତ୍ତିଭୂମି ଏବଂ ପରିବେଶ ସୁରକ୍ଷା ସହ ସମନ୍ୱୟ ରକ୍ଷା କରୁଛି। ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶାର ଲକ୍ଷ୍ୟ ସହ ସମନ୍ୱିତ ଭବିଷ୍ୟତମୁଖୀ ଭିତ୍ତିଭୂମି ପ୍ରତି ପ୍ରତିବଦ୍ଧତା ଦ୍ୱାରା ଓଡ଼ିଶା ଏକ ଉଦୀୟମାନ ବିମାନ ହବ ଭାବେ ଗଢ଼ି ତୋଳିବାକୁ ରାଜ୍ୟ ସରକାର ଯୋଜନା ରଖିଛନ୍ତି।

# ଯୁବବର୍ଗଙ୍କ ସମର୍ପଣ ଭାରତକୁ ବିଶ୍ୱର ଅଦ୍ୱିତୀୟ ରାଷ୍ଟ୍ରରେ ରୂପାନ୍ତରିତ କରିବ

## ଯୁବୋଦୟ ପକ୍ଷରୁ 'ଆଚିଭର୍ସ ମିଟ୍'

ଭୁବନେଶ୍ୱର, ୨୧।୭(ଅନୁରାଧା ମହାରଣା)

ପ୍ରତିଭାଦୀପ୍ତ ତରୁଣ ଓ ଯୁବବର୍ଗଙ୍କ ସମର୍ପଣ ଭାରତକୁ ବିଶ୍ୱର ଅଦ୍ୱିତୀୟ ରାଷ୍ଟ୍ରରେ ରୂପାନ୍ତରିତ କରିବ। ନିଜ ମେଧା, ପ୍ରତିଭା ଓ ଉଦ୍‌ଯୋଗକୁ ଦେଶ ଗଠନ ଏବଂ ରାଷ୍ଟ୍ର ନିର୍ମାଣରେ ବିନିଯୋଗ କରି ଏକ ଜାତୀୟ କର୍ତ୍ତବ୍ୟରେ ସମ୍ପାଦନ କରିବାକୁ ଯୁବୋଦୟର 'ଆଚିଭର୍ସ ମିଟ୍' ସମାବେଶରେ ଅତିଥିମାନେ ଆହ୍ୱାନ ଦେଇଛନ୍ତି। ନିଟ୍ ଓ ଜେଇଇ–୨୦୨୫ର ସଫଳ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା ଦେବା ପାଇଁ ଯୁବୋଦୟ ପକ୍ଷରୁ ସୋଆ ବିଶ୍ୱବିଦ୍ୟାଳୟ ପରିସରରେ ସ୍ୱତନ୍ତ୍ର ସମାବେଶ ରବିବାର ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଜାତୀୟ ମାନବାଧିକାର ଆୟୋଗର ସଭ୍ୟ ଜଷ୍ଟିସ୍ ଡ. ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ, ଅନ୍ତର୍ଜାତୀୟ ସ୍ନାୟୁଶଲ୍ୟ ବିଶେଷଜ୍ଞ ପ୍ରଫେସର ଡା. ଅଶୋକ ମହାପାତ୍ର, ହୃଦ୍‌ରୋଗ ବିଶେଷଜ୍ଞ ପ୍ରଫେସର ଡା. ଶିଶୁ ଶଙ୍କର ମିଶ୍ର ଓ ପୂର୍ବତନ ରାଷ୍ଟ୍ରଦୂତ ସଞ୍ଜୟ ପଣ୍ଡା ପ୍ରମୁଖ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଛାତ୍ରୀଛାତ୍ରମାନେ ଯୁବୋଦୟରେ ପ୍ରଶିକ୍ଷଣ ନେଇ ସର୍ବଭାରତୀୟ ପ୍ରବେଶିକା ପରୀକ୍ଷା ନିଟ୍ ଓ ଜେଇଇରେ କୃତିତ୍ୱ ଲାଭ କରିଛନ୍ତି। ଯୁବୋଦୟ ଅଧ୍ୟକ୍ଷ ଅଭିରାମ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷା ଉଦ୍ୟୋଗୀ ଅମ୍ବରୀଶ ଦାଶ ସ୍ୱାଗତ ଭାଷଣ ଦେଇଥିଲେ। ସମ୍ପାଦିକା ମିତ୍ରବିନ୍ଦା ଦାଶ ଅତିଥିମାନଙ୍କୁ ସମ୍ମାନିତ କରିଥିଲେ। ଏହାସହ ବିଗତ ବର୍ଷଗୁଡିକରେ ମେଡିକାଲ କଲେଜରେ ଅଧ୍ୟୟନ କରିଥିବା ଯୁବୋଦୟର ପୁରାତନ ଛାତ୍ରୀଛାତ୍ରମାନଙ୍କୁ ଉପହାର ଓ ଉପଢ୍ୌକନ ଦେଇ ଅଭିନନ୍ଦନ ଜଣାଇଥିଲେ। ଅଧ୍ୟାପକ ଡ. ମୃତ୍ୟୁଞ୍ଜୟ ରଥ ମଞ୍ଚ ସଞ୍ଚାଳନ କରିବା ସହ ଧନ୍ୟବାଦ ଦେଇଥିଲେ।



ଯୁବୋଦୟର 'ଆଚିଭର୍ସ ମିଟ୍' ସମାବେଶରେ ଅତିଥିମାନେ ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଅନଲାଇନ୍ କାରବାରରେ ନୂଆ ମାଇଲଷ୍ଟୋନ୍

## ପ୍ରତି ମିନିଟରେ ୧୮,୦୦୦ ଅର୍ଡର

ଭୁବନେଶ୍ୱର,୨୧।୭

ବର୍ତ୍ତମାନ ସବୁବର୍ଗର ଗ୍ରାହକ ଅନ୍‌ଲାଇନ ପ୍ଲାଟଫର୍ମରେ କାରବାର କରିବାକୁ ପସନ୍ଦ କରୁଥିଲାବେଳେ ପ୍ଲାଟଫର୍ମର ଚାହିଦା ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ମଧ୍ୟ ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଛି। ଏପରିକି ନିକଟରେ ଆରମ୍ଭ ହୋଇଥିବା ଆମାଜନ ପ୍ରାଇମ ଡେ-୨୦୨୫ ସେଲରେ ଏକ ଉତ୍ସାହଜନକ କାରବାର ଦେଖିବାକୁ ମିଳିଥିଲା। ଫଳରେ ଉପଭୋକ୍ତ ପ୍ରତି ମିନିଟ୍‌ରେ ୧୮,୦୦୦ ଅର୍ଡର ଅନଲାଇନ ପ୍ଲାଟଫର୍ମରେ କରି ଏକ ନୂଆ ମାଇଲଷ୍ଟୋନ ତିଆରି କରିଛନ୍ତି। ଏହି ଅର୍ଡର ସହରାଞ୍ଚଳ ଅପେକ୍ଷା ଟାୟାର-୨ ସହରଗୁଡିକରେ ଦେଖିବାକୁ ମିଳିଛି। ସେହିଭଳି ଏହି ସେଲର ଅବଧି ମଧ୍ୟରେ ଆମାଜନ ଫ୍ରେସ ସର୍ବାଧିକ ୯୦% ଅର୍ଡର ଟାୟାର-୨ ସହରରୁ ଗ୍ରହଣ କରିଥିଲାବେଳେ ସେଥିମଧ୍ୟରୁ ୭୦% ଅର୍ଡର ଅତ୍ୟାବଶ୍ୟକ ସାମଗ୍ରୀର ଚିଠା ରହିଥିଲା। ଏହି ଅର୍ଡର ଦେଶର ପ୍ରମୁଖ ସହରର ଟାୟାର ୨ଓ ୩ ବଜାରରେ ହୋଇଥିଲା ବୋଲି ପ୍ଲାଟଫର୍ମ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ସେହିପରି ଏହି ସେଲ ସମସ୍ତ ରେକର୍ଡ ଭଙ୍ଗ କରି ନୂଆ ରେକର୍ଡ ହାସଲ ସହ ଅନଲାଇନ କାରବାରରେ ନୂଆ ମାଇଲଷ୍ଟୋନ ହାସଲ କରିଛି। ୨୦୨୪ରେ ଏହି ସେଲ ୫୦% ପାରକରିଥିଲାବେଳେ ୭୦% ଗ୍ରାହକ ଏହି ସେଲରେ ସାମିଲ ଥିଲେ। ବର୍ତ୍ତମାନ ସମୟରେ ପ୍ଲାଟଫର୍ମର ନେଟୱର୍କ ବୃଦ୍ଧି ସହ ଡେଲିଭରି ଓ ପହଞ୍ଚଯୋଗ୍ୟ ସେବାର ସମ୍ପ୍ରସାରଣ ଯୋଗୁ ଅର୍ଡରରେ ଉଲ୍ଲେଖନୀୟ ବୃଦ୍ଧି ଘଟିଛି। ଫଳରେ ବାର୍ଷିକଭିତ୍ତିରେ ଏହି ଅର୍ଡର ବୃଦ୍ଧି ପାଇ ୮୦%ରେ ପହଞ୍ଚିଛି। ଅପରପକ୍ଷରେ ପ୍ଲାଟଫର୍ମର ପ୍ରାଇମ ମେମ୍ବରମାନେ ଅଧିକ ସୁବିଧା ଓ ରିହାତି ପାଇପାରିଥିବାରୁ କାରବାର ପ୍ରାୟ ୨ ଗୁଣା ବୃଦ୍ଧି ଘଟିଛି। ପ୍ଲାଟଫର୍ମର ସମସ୍ତ ସେବାକୁ ସମ୍ପ୍ରସାରଣ କରାଯାଇଛି। ଏ ନେଇ ପ୍ଲାଟଫର୍ମ ପ୍ରାୟ ୨୦୦୦ କୋଟି ଟଙ୍କା ନିକଟରେ ନିବେଶ କରିଥିଲା ବୋଲି କମ୍ପାନୀ ପକ୍ଷରୁ ବିସ୍ତୃତ ଭାବେ କୁହାଯାଇଛି।



# ଆର୍ଥିକ ଅନ୍ତର୍ଭୁକ୍ତୀକରଣକୁ ଗୁରୁତ୍ୱ



ଭୁବନେଶ୍ୱର,୨୧।୭

ଭାରତ ସରକାରଙ୍କ ଆର୍ଥିକ ସେବା ବିଭାଗ ଦ୍ୱାରା ଆର୍ଥିକ ଅନ୍ତର୍ଭୁକ୍ତୀକରଣକୁ ଗୁରୁତ୍ୱାରୋପ କରାଯାଇଛି। ଏପରିକି ଦେଶବ୍ୟାପୀ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଅଭିଯାନ ମାଧ୍ୟମରେ ନାଗରିକମାନଙ୍କୁ ସୁଲଭ ବ୍ୟାଙ୍କ ଏବଂ ଆର୍ଥିକ ସେବା ଯୋଗାଇ ଦିଆଯାଉଛି। ଚଳିତ ବର୍ଷ ଜୁଲାଇ ପହିଲାରୁ ଆରମ୍ଭ ହୋଇଥିବା ଏହି ଅଭିଯାନ ୨୦୨୫ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ଚାଲିବ। ଓଡ଼ିଶାରେ ମଧ୍ୟ ଏହି ଅଭିଯାନ ଆରମ୍ଭ ହୋଇସାରିଛି ଏବଂ ଏହାକୁ ତିନି ମାସର ଅବଧି ମଧ୍ୟରେ ଶେଷ କରିବା ସହ ରାଜ୍ୟର ୬,୭୯୪ଟି ଗ୍ରାମ ପଞ୍ଚାୟତରେ ପହଞ୍ଚାଇବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଭୁବନେଶ୍ୱରରେ ୟୁକୋ ବ୍ୟାଙ୍କ ନେତୃତ୍ୱରେ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି (ଏସଏଲବିସି) ଏବଂ ପିଆଇବି ଭୁବନେଶ୍ୱର ପକ୍ଷରୁ ସୋମବାର ଏକ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି। ରାଜ୍ୟରେ ଆର୍ଥିକ ଅନ୍ତର୍ଭୁକ୍ତିକରଣକୁ ଗଭୀର କରିବା ଏବଂ ପ୍ରମୁଖ ସାମାଜିକ ସୁରକ୍ଷା ଯୋଜନାଗୁଡ଼ିକୁ ତୃଣମୂଳସ୍ତରରେ ପହଞ୍ଚାଇବାର ପ୍ରୟାସକୁ ଆହୁରି ବ୍ୟାପକ କରିବା ଲାଗି ଏସଏଲବିସି ନିଷ୍ପତ୍ତି ନେଇଛି। ଏହି ସମ୍ମିଳନୀରେ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଅଭିଯାନର ଅଗ୍ରଗତି ଏବଂ ଭବିଷ୍ୟତର ରୂପରେଖ ସମ୍ପର୍କରେ ଆଲୋକପାତ କରାଯାଇଛି। ଏ ସମ୍ପର୍କରେ ୟୁକୋ ବ୍ୟାଙ୍କର ମୁଖ୍ୟ ମହାପ୍ରବନ୍ଧକ ଏବଂ ଏସଏଲବିସି ଓଡ଼ିଶାର ସଂଯୋଜକ ଗୌତମ ପାତ୍ର ଏହି ଅଭିଯାନର ଅଗ୍ରଗତି ଓ ଭବିଷ୍ୟତର ରୂପରେଖ ଉପରେ ଆଲୋକପାତ କରିଛନ୍ତି। ସେ କହିଛନ୍ତି, ଅଭିଯାନର ସଫଳ କାର୍ଯ୍ୟକାରିତା ପାଇଁ ୨୦୨୫ ଜୁନ୍ ୨୧ ରେ ରାଜ୍ୟସ୍ତରୀୟ ରଣନୀତି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ବ୍ୟାଙ୍କଗୁଡ଼ିକର ନିୟନ୍ତ୍ରଣ ମୁଖ୍ୟ, ଲିଡ୍ ଜିଲ୍ଲା ପରିଚାଳକ (ଏଲଡିଏମ୍), ନାବାର୍ଡ, ଆରବିଆଇର ପ୍ରତିନିଧି ଏବଂ ଓଡ଼ିଶା ସରକାରଙ୍କ ବରିଷ୍ଠ ଅଧିକାରୀମାନଙ୍କ ସମେତ ପ୍ରମୁଖ ଅଂଶୀଦାରମାନେ ଯୋଗ ଦେଇଥିଲେ। ଏହି ସମ୍ମିଳନୀରେ ପିଆଇବି ଭୁବନେଶ୍ୱରର ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର, ଭୁବନେଶ୍ୱର ଜୋନ ୟୁକୋ ବ୍ୟାଙ୍କର ଉପମହାପ୍ରବନ୍ଧକ ଏବଂ ଜୋନାଲ ମ୍ୟାନେଜର ଭାଗବତ ସିଂହ ଭାକୁନି, କଟକ ଜୋନର ୟୁକୋ ବ୍ୟାଙ୍କର ଉପମହାପ୍ରବନ୍ଧକ ଏବଂ ଜୋନାଲ ମ୍ୟାନେଜର ସୁଶ୍ରୀ ବର୍ଷା ଏବଂ ଏସଏଲବିସି ଓଡ଼ିଶାର ପ୍ରଭାରୀ ସହାୟକ ମହାପ୍ରବନ୍ଧକ ଲିଙ୍ଗରାଜ ନାୟକ ଉପସ୍ଥିତ ଥିଲେ।

# ଏଲ୍ଆଇସି ସହ ଡିଓଆର୍‌ଡିର ବୁଝାମଣା



ଏମ୍‌ଓୟୁ ଅବସରରେ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଅଛନ୍ତି।

ଭୁବନେଶ୍ୱର,୨୧।୭ (ଅଭୟ ଦାଶ)

ଭାରତୀୟ ଜୀବନ ବୀମା ନିଗମ (ଏଲ୍ଆଇସି) ଏବଂ ଡିପାର୍ଟମେଣ୍ଟ ଅଫ ରୁରାଲ ଡେଭଲପମେଣ୍ଟ (ଡିଓଆର୍‌ଡି), ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ଏପରିକି ସାରା ଦେଶରେ ଏଲ୍ଆଇସିର ବହୁ ପ୍ରତୀକ୍ଷିତ ଯୋଜନା 'ବୀମା ସଖୀ ସ୍କିମ୍'ର ପ୍ରଚାର-ପ୍ରସାରକୁ ଅଧିକ ଲୋକାଭିମୁଖୀ କରିବା ପାଇଁ ଉଭୟ ଏଲ୍ଆଇସି ଏବଂ ଡିଓଆରଡି ମଧ୍ୟରେ ଏକ ବୁଝାମଣା ପତ୍ର (ଏମଓୟୁ) ସ୍ୱାକ୍ଷର ହୋଇଛି।

ଉଲ୍ଲେଖଯୋଗ୍ୟ, ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ଗୋଆଠାରେ ଆୟୋଜିତ ୩ ଦିନିଆ ଜାତୀୟ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ସମ୍ମିଳନୀ 'ଅନୁଭୂତି' ଅବସରରେ ଏହି ଏମଓୟୁ ସ୍ୱାକ୍ଷରିତ ହୋଇଯାଇଛି।

ସେହିଭଳି ଏହି ଯୋଜନାର ପ୍ରଚାର ଓ ପ୍ରସାରକୁ ଉଭୟ ସରକାର ଓ ଏଲ୍ଆଇସି ଗୁରୁତ୍ୱ ଦେଉଥିଲାବେଳେ ବୀମା ସଖୀ ସ୍କିମ୍ ବିଶେଷ କରି ମହିଳାମାନଙ୍କ ପାଇଁ ଡିଜାଇନ କରାଯାଇଛି। ଏହାଫଳରେ ମହିଳାମାନେ ସ୍ୱାବଲମ୍ବୀ ହେବା ସହିତ ମାସିକ ରୂପେ ୭୦୦୦ ଟଙ୍କାର ଆର୍ଥିକ ସୁବିଧା ମଧ୍ୟ ଏହାର ବିକ୍ରୟ ବାବଦକୁ ବୃତ୍ତି ଆକାରରେ ପାଇବେ। ସେହିପରି ମହିଳାମାନଙ୍କୁ ଆର୍ଥିକ ଭାବେ ସ୍ୱାବଲମ୍ବୀ ସହ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରାଇବାକୁ ଏହାକୁ ବିଶେଷ ଭାବେ ଡିଜାଇନ କରାଯାଇଛି।

# ଏଫ୍‌ଡବ୍ଲ୍ୟୁଏ ସେବା କ୍ଷେତ୍ରରେ ଜିଓ ବିଶ୍ୱର ଅଗ୍ରଣୀ

ଭୁବନେଶ୍ୱର,୨୧।୭

ଫିକ୍ସଡ୍ ୱାୟାରଲେସ୍ ଆକ୍ସେସ୍ (ଏଫ୍‌ଡବ୍ଲ୍ୟୁଏ) ସେବା କ୍ଷେତ୍ରରେ ରିଲାଏନ୍ସ ଜିଓ ବିଶ୍ୱର ଏକ ନମ୍ବର ସେବା ପ୍ରଦାନକାରୀ ସଂସ୍ଥା (କମ୍ପାନୀ) ଭାବେ ଉଭା ହୋଇଛି। ଏପରିକି ୭୪ ଲକ୍ଷରୁ ଅଧିକ ଗ୍ରାହକ ଜିଓର ଏଫଡବ୍ଲ୍ୟୁଏ ସେବା ସହ ଯୋଡି ହୋଇଛନ୍ତି। ଏହା ବିଶ୍ୱରେ ସର୍ବାଧିକ ବୋଲି କମ୍ପାନୀ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ବର୍ତ୍ତମାନ ରିଲାଏନ୍ସ ଜିଓ ଆମେରିକାର ଟି-ମୋବାଇଲ କମ୍ପାନୀକୁ ପଛରେ ପକାଇ ପ୍ରଥମ ସ୍ଥାନ ଅଧିକାର କରିଛି। ରିଲାଏନ୍ସ ଜିଓ ଏଫଡବ୍ଲ୍ୟୁଏ ଅଧୀନରେ ଜିଓଏୟାରଫାଇବର ସେବା ପ୍ରଦାନ କରୁଛି ବୋଲି ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ଅଧ୍ୟକ୍ଷ ତଥା ଏମ୍‌ଡି ମୁକେଶ ଅମ୍ବାନୀ କମ୍ପାନୀର ତ୍ରୈମାସିକ ଫଳାଫଳ ଘୋଷଣା ଅବସରରେ ଏ ନେଇ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି। ଅପରପକ୍ଷରେ ସେ କହିଛନ୍ତି, ଜିଓ ଏୟାରଫାଇବର ସହ ଜିଓଫାଇବର ମଧ୍ୟ ବେଶ ଭଲ ପ୍ରଦର୍ଶନ କରୁଛି। ଜିଓ ଦୁଇ କୋଟିରୁ ଅଧିକ ଘର ଓ ପରିସରକୁ ହାଇସ୍ପିଡ ହୋମ ବ୍ରଡବ୍ୟାଣ୍ଡ ସଂଯୋଗ କରିଛି। କମ୍ପାନୀ ୫ଜି କ୍ଷେତ୍ରରେ ମଧ୍ୟ ବେଶ ଦ୍ରୁତ ଗତିରେ ଗ୍ରାହକଙ୍କୁ ଯୋଡିଛି। ବର୍ତ୍ତମାନ ୨୧କୋଟି ୩୦ଲକ୍ଷରୁ ଅଧିକ ଗ୍ରାହକ ଜିଓ ଟ୍ରୁ ୫ଜି ନେଟୱର୍କ ସହ ସଂଯୁକ୍ତ ହୋଇଛନ୍ତି। ଆର୍ଥିକ ପ୍ରଦର୍ଶନରେ ମଧ୍ୟ କମ୍ପାନୀ ଅନେକ ରେକର୍ଡ ସ୍ଥାପନ କରିଛି। ଜିଓର ଗ୍ରାହକ ପିଛା ମାସିକ ହାରାହାରି ରାଜସ୍ୱ ୨୦୮.୭ ଟଙ୍କାକୁ ବୃଦ୍ଧି ପାଇଥିବାବେଳେ କମ୍ପାନୀର ତ୍ରୈମାସିକ ନେଟ୍ ଲାଭ ଗତବର୍ଷ ତୁଳନାରେ ୨୪.୮ % ବୃଦ୍ଧି ପାଇ ୭,୧୧୦କୋଟି ଟଙ୍କାରେ ପହଞ୍ଚିଛି। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡର ଅଧ୍ୟକ୍ଷ ତଥା ଏମ୍‌ଡି ମୁକେଶ ଅମ୍ବାନୀ କହିଛନ୍ତି, ଆମର ଡିଜିଟାଲ୍ ସେବା ବ୍ୟବସାୟ ନିରନ୍ତର ଦୃଢ଼ ଆର୍ଥିକ ଏବଂ ପରିଚାଳନାଗତ ପ୍ରଦର୍ଶନ ସହିତ ଏହାର ବଜାର ସ୍ଥିତିକୁ ଆହୁରି ମଜଭୁତ କରିଛି।

# ଶେୟାର ବଜାରରେ ଉତ୍ସାହ

ମୁମ୍ବାଇ,୨୧।୭

କ୍ରମାଗତ ଭାବେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି। ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ଉତ୍ସାହ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢାଇଛନ୍ତି। ବିଶେଷ କରି ସୋମବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନସେକ୍ସ ୪୪୩ (୪୪୨.୬୧) ପଏଣ୍ଟ ବୃଦ୍ଧି ଘଟି ୮୨,୨୦୦ (୮୨,୨୦୦.୩୪) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ)ର ନିଫ୍ଟି-୫୦ ରେ ମଧ୍ୟ ୧୨୨ (୧୨୨.୩୦) ପଏଣ୍ଟ ବଢି ୨୫,୦୯୧ (୨୫,୦୯୦.୭୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନ୍‌ଏସଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଓ ଆଇଟି ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ବୃଦ୍ଧି ଘଟିଛି।

# ବିଏଲ୍ଆଇର ନୂତନ ଉତ୍ପାଦ

ଭୁବନେଶ୍ୱର,୨୧।୭

ବନ୍ଧନ ଲାଇଫ୍ ଇନସ୍ୟୁରାନ୍ସ (ବିଏଲ୍ଆଇ)ର ନୂତନ ଉତ୍ପାଦ ତଥା ବନ୍ଧନ ଲାଇଫ୍ ଆଇଇନକମ୍ ୱେଲଥ୍‌ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ବିଶେଷ କରି ଏହା ପ୍ରିମିୟମ୍ ପୈଠର ୫ରୁ ୭ ଦିନ ମଧ୍ୟରେ ତୁରନ୍ତ ଆୟ ଦେବା ଆରମ୍ଭ ସହ ୧୦୦ ବର୍ଷ ବୟସ ପର୍ଯ୍ୟନ୍ତ ଜୀବନ ସୁରକ୍ଷା ମଧ୍ୟ ପ୍ରଦାନ କରିଥାଏ। ଏହି ଆୟରେ ସୁନିଶ୍ଚିତ ଦେୟ ସହିତ ସମ୍ଭାବ୍ୟ ନଗଦ ବୋନସ୍ ଅନ୍ତର୍ଭୁକ୍ତ ରହିଛି। ବନ୍ଧନ ଲାଇଫ୍ ଇନସ୍ୟୁରାନ୍ସର ଏମଡି ତଥା ସିଇଓ ସତୀଶ୍ୱର ବି କହିଛନ୍ତି, ଆମେ ବାସ୍ତବ ଜୀବନର ଆର୍ଥିକ ଚ୍ୟାଲେଞ୍ଜଗୁଡ଼ିକୁ ସମାଧାନ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ରହିଛୁ। ଏପରିକି ଅଧିକାଂଶ ଭାରତୀୟ ଯାହା ଆୟ କରନ୍ତି, ତାହା ଖର୍ଚ୍ଚରେ ସାରିଦେଇଥାନ୍ତି ଏବଂ ସଞ୍ଚୟ ପାଇଁ ସେମାନଙ୍କ ପାଖରେ କିଛି ବଳକା ରହେ ନାହିଁ, ଏପରିକି ସାମାଜିକ ସୁରକ୍ଷା ପାଇଁ ଅର୍ଥର ଅଭାବ ରହିଥାଏ। ଅପରପକ୍ଷରେ ଅନେକ ବ୍ୟକ୍ତି, ଜରୁରୀ ମାସିକ ଖର୍ଚ୍ଚ ଉଠାଇବା ପାଇଁ ମଧ୍ୟ ଋଣ କରିଥାନ୍ତି। ଚାକିରୀ ହରାଇବା କିମ୍ବା ଜରୁରୀକାଳୀନ ଚିକିତ୍ସା ପରିସ୍ଥିତି ପରିବାରକୁ ଆର୍ଥିକ ସଙ୍କଟରେ ପକାଇପାରେ ଏବଂ ଆଇଇନକମ୍ ୱେଲଥ୍ ଏହି ଆବଶ୍ୟକତାକୁ ପୂରଣ କରିବା ପାଇଁ ପ୍ରସ୍ତୁତ କରାଯାଇଛି।


# Classified Everyday
0674-2580101, 9692975378


REAL ESTATE
SALE

BDA Approved Apartment Near SumHospital, Kalinganagar, Times Gurukul, Duplex near CVRaman, Tamando, Bhubaneswar-7854015157 D-76295

କଟକ ମହାନଦୀବିହାରରେ 2/3 BHK flat ଗୋପାଳପୁର, ଫୁଲନଖରା ଛକ, ତ୍ରିନାଥବଜାରରେ 3BHK duplex readymade ଅଛି। 8327785834. D-76286

Stitiban plot sale near IIT Argul, Khurdha, Bhubaneswar immediate Registration possession sqft.- 350/-, SC plot 250/-. 8328868883. D-76284

ଭୁବନେଶ୍ୱର ହଂସପାଳ ଭିଙ୍ଗାରପୁର ପାଖରେ 1300sqft. 5,80,000/- ପ୍ଲଟ୍ ବିକ୍ରିହେବ। 9114705579. D-76288

Ready to move 1/2BHK flat for sale @ 18/ 24 Lakh at Gudiapokhari Bhubaneswar. Call-9861642492. D-1376

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

3BHK ready to move flat for sale at Jayadev Vihar Square, 2/4 BHK flat for sale at Hansapal Square, NH facing. Contact No.- 9437307086, 7008789347. D-1241




Newly open health benefits SPA by expert therapist. Contact-8280961126. D-76928

Full body massage experience, good looking therapist @999 (Bhubaneswar). 9078484455. D-1325

Newly open SPA positively health benefits (expert therapist). Contact- 7327030529. D-76929

Newly open Jyoti SPA positively health benefits (expert therapist). 8458067955. D-76927

## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## AFFIDAVIT

I, Sanjukta Kumari Acharya, aged about 51 years, W/o- Arvind Tripathy, Resident of Plot No.- 803-P, Jaydev Vihar, near May Fair Lagoon, Bhubaneswar, P.S.- Nayapalli, Dist.- Khurda, PIN- 751013, Odisha declared by this affidavit No.- 28825, dtd- 08.07.2025. That now onwards I shall be known as Sanjukta Tripathy for all future purposes. D-1377

ମୁଁ, ସୋନାଲି, ସ୍ୱାମୀଙ୍କ ନାମ ପ୍ରବୀଣ ଦିଙ୍କର ଚନ୍ନେ, ବାସିନ୍ଦା- ୬୦୮, ବ୍ଲକ୍-୫, କ୍ଲବ୍ ଟାଉନ ଆପାର୍ଟମେଣ୍ଟ, ଡମଣା ଛକ, ଭୁବନେଶ୍ୱର, ଖୋର୍ଦ୍ଧା, ଓଡ଼ିଶା- ୭୫୧୦୧୬, ଏହିପରି ଘୋଷଣା କରୁଛି ଯେ, ଏହା ପରଠାରୁ ମୋ ନାମ ସୋନାଲି ପ୍ରବୀଣ ଚନ୍ନେ ବୋଲି ପରିଚିତ ହେବ। ଏହି ସମ୍ପର୍କରେ ମୁଁ ଏକ ଶପଥପତ୍ର (Affidavit) ସି.ଇ.ନମ୍ବର ୪୨, ଯାହା ୧୧।୦୭।୨୦୨୫ ତାରିଖରେ ଭୁବନେଶ୍ୱରରେ କାର୍ଯ୍ୟରତ ଏକ୍‌ଜିକ୍ୟୁଟିଭ ମ୍ୟାଜିଷ୍ଟ୍ରେଟ୍‌ଙ୍କ ସମ୍ମୁଖରେ ଶପଥ ନେଇ ସ୍ୱୀକୃତ କରିଛି। ଧ-୧୩୭୦

By virtue of an affidavit No.- 5569, dtd. 31.05.25 sworn before Executive Magistrate, Bhadrak, I, Basanti Nayak, W/o- Bhagaban Charan Nayak, Vill- Sananda, P.O.- Haripur, P.S.- Khaira, Dist.- Balasore, PIN-756115, Odisha declare that I have changed my name Basant Manjari Nayak to Basanti Nayak. Henceforth, I shall be known as Basanti Nayak for all future purposes. D-1369

By virtue of an affidavit sworn before Executive Magistrate, Bijepur, dated 18/07/2025, I Bhubaneswar Bhue, Address: At/P.O.- Saipali, P.S.- Bijepur, Dist.- Bargarh, PIN-768032 declare that I have changed my name from Beda Dharua to Bhubaneswar Bhue. Henceforth, I shall be known as Bhubaneswar Bhue for all purposes. D-1374

I, Sofiya Khanam, W/o- Hussain Mohammad Khan, resident of Bada Shankarpur, Puruna Bazar, Bhadrak-756100, Odisha, India, declare by this affidavit No.-1566, dated - 16.07.2025. That now onwards I shall be known as SOFIA KHANAM for all future purposes. D-1373

ମୁଁ, ଶ୍ରୀ ଲୋକନାଥ ପଟ୍ଟନାୟକ, ବୟସ: ୫୭ ବର୍ଷ, ପିତା: ସ୍ୱର୍ଗତ ସୀତାକାନ୍ତ ପଟ୍ଟନାୟକ, ଗ୍ରାମ: ସିଂହାରସାହି ହାଜିପୁର, ତହସିଲ/ଥାନା: ଏରସମା, ଜିଲ୍ଲା: ଜଗତ୍‌ସିଂହପୁର, ଶପଥ କରି କହୁଅଛି କି, ଆମ୍ଭର ପିତା ସ୍ୱର୍ଗତ ସୀତାକାନ୍ତ ପଟ୍ଟନାୟକ, ତା।.୦୮।୦୧।୨୦୧୯ରେ ସ୍ୱର୍ଗାରୋହଣ କଲେ। ସେତେବେଳେ ଉତ୍ତରାଧିକାରୀ ପ୍ରମାଣପତ୍ର ଆବେଦନ କରିବାକୁ ମୋର ଆଧାର କାର୍ଡର ନକଲ ଦେଇଥିଲି। ଏବେ ଜାଣିବାକୁ ପାଇଲି ଯେ, ଜାଲ୍ ଦସ୍ତଖତ କରି ମୋର ଆଧାର କାର୍ଡର ଅପବ୍ୟବହାର କରାଯାଉଛି। ଇତିମଧ୍ୟରେ ଯଦି ପୈତୃକ ସମ୍ପତ୍ତି ବନ୍ଧକ/ଲିଜ/ବିକ୍ରିବଟା, ବ୍ୟାଙ୍କ ଲୋନ ଅବା ଅନ୍ୟ କିଛି କରାଯାଇଥାଏ / ଭବିଷ୍ୟତରେ କରାଯିବ, ସେଥିପାଇଁ ମୁଁ ଆଇନଗତ ଭାବେ ଦାୟୀ ରହିବି ନାହିଁ। ଉପରୋକ୍ତ ବିଷୟ ସମ୍ପୂର୍ଣ୍ଣ ସତ୍ୟ ଅଟେ। ଧ-୧୩୭୧

By virtue of an affidavit sworn before Executive Magistrate, Nabarangpur, on 16th July 2025, I, K Shiva Prasad resident of Gadabaguda, Nabarangpur, P.O./P.S./Dist.- Nabarangpur, Odisha, PIN-764059, declare that I have changed my name from Korada Shiva Prasad to K Shiva Prasad. Henceforth, I shall be known as K Shiva Prasad for all purposes.
K Shiva Prasad
D-1372

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।


## ମନେ ପଡ଼ନ୍ତି

ଏକବିଂଶତମ ଶ୍ରାଦ୍ଧବାର୍ଷିକୀ



୰ ବିଷ୍ଣୁପ୍ରିୟା ମହାନ୍ତି
ଆବିର୍ଭାବ : ୨୫.୦୪.୧୯୩୦
ତିରୋଧାନ : ୧୩.୦୮.୨୦୦୪
ମା' ତୁ ଯିବାର ୨୧ବର୍ଷ ହୋଇଗଲାଣି। ତୋ ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁ ଦେଇଥିବା ସ୍ନେହ, ଶ୍ରଦ୍ଧା ଓ ପ୍ରେରଣା ଆମ ପାଇଁ ଚିର ସ୍ମରଣୀୟ ହୋଇ ରହିଥିବ। ତୋର ଅମର ଆତ୍ମାର ସଦ୍‌ଗତି ପାଇଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।
ପୁତ୍ର : ମୁନ୍ନା, ବୋହୂ: ରିନି, ଝିଅ: ରୁନି, ରୁଚି, ରେବା ଜ୍ୱାଇଁ: ଅନିମେଷ, ଗଗନ, ସୁବ୍ରତ, ନାତୁଣୀ ନାତି: ରିୟା, ଶ୍ରୀୟା, ସୋନୁ ଓ ଶୁଭମ୍
ଧ-୧୨୬୫

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ଜ୍ୟୋତ୍ସ୍ନାମୟୀ ରାଉତ
ପୂର୍ବତନ ସରପଞ୍ଚ, ସନ୍ତପୁର
ଗଁଦିଆ ବ୍ଲକ, ଢେଙ୍କାନାଳ
ଆବିର୍ଭାବ-୦୧।୦୧।୧୯୬୮
ତିରୋଧାନ-୦୨।୦୮।୨୦୨୪
ଆପଣଙ୍କ ଅମରାତ୍ମା ଶାନ୍ତି ଓ ସଦ୍‌ଗତି ଲାଭ କରୁ, ଏତିକି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ସ୍ୱାମୀ-ପ୍ରତାପ, ଦିଅର-ନିର, ସୁଧୀର, ଶିଶିର,ଝିଅ-ଚିଙ୍କି, ରିଙ୍କି, ପୁତୁରା, ଝିଆରୀ, ବନ୍ଧୁ ଓ ପରିବାରବର୍ଗ।
ସୌଜନ୍ୟ-ଶେଷଦେବ ରାଉତ, ସମାଜସେବୀ-ସମ୍ପାଦକ (ନ୍ୟୁ ଇଣ୍ଡିଆ)
ଧ-୧୩୬୫

## ସଂକ୍ଷେପରେ

### ବଜ୍ରପାତରେ ଚାଷୀ ମୃତ

**କୋକସରା,୨୧।୭ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ):** କଳାହାଣ୍ଡି ଜିଲା କୋକସରା ବ୍ଲକ ଆମପାଣି ଥାନା ଅନ୍ତର୍ଗତ ଡୁଡୁକାଠେଙ୍ଗା ପଞ୍ଚାୟତ ମୁନୁଗା ପଦର ଗ୍ରାମର ଚାଷୀ ଭୋଦେ ଦଳପତି(୪୮)ଙ୍କ ସୋମବାର ସନ୍ଧ୍ୟାରେ ବଜ୍ରପାତରେ ମୃତ୍ୟୁ ଘଟିଛି। ସୂଚନାକ୍ରମେ ଭୋଦେ ନିଜ ଚାଷଜମିରୁ ଫେରିବା ବାଟରେ ହଠାତ୍ ଘଡଘଡି ସହ ପ୍ରବଳ ବର୍ଷା ହୋଇଥିଲା। ଗାଁ ପୋଖରୀ ନିକଟରେ ବଜ୍ରପାତରେ ଭୋଦେ ଗୁରୁତର ହୋଇପଡିଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ପରିବାର ଲୋକେ ତାଙ୍କୁ ଏକ ଅଟୋରେ କୋକସରା ଡାକ୍ତରଖାନା ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ ହେବ ବୋଲି ଜଣାପଡିଛି। ତାଙ୍କ ମୃତ୍ୟୁ ପରେ ସ୍ତ୍ରୀ ଓ ଦୁଇ ପିଲା ଏବେ ବେସାହାରା ହୋଇପଡିଛନ୍ତି। ଗରିବ ଶ୍ରେଣୀର ଏହି ପରିବାରକୁ ପ୍ରଶାସନ ପକ୍ଷରୁ ସହାୟତା ପ୍ରଦାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ଭାରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କୁ ବଦଳି ଦାବି

**କେସିଙ୍ଗା,୨୧।୭ (ଡୁମେଶ୍ୱର ସାହୁ):** କଳାହାଣ୍ଡି ଜିଲା କେସିଙ୍ଗା ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଧୀନ ବାଲସି ଗ୍ରାମ ପଞ୍ଚାୟତର କୋକୋଡ଼ମାଲ ସରକାରୀ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ବଦଳି ପାଇଁ ଦାବି ହୋଇଛି। ଏ ନେଇ ସ୍କୁଲ କମିଟି ସଭାନେତ୍ରୀ ଓ ସଦସ୍ୟବୃନ୍ଦ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ନିକଟରେ ଦାବି କରିଛନ୍ତି। ସେମାନେ ଦାବିପତ୍ରରେ ଦର୍ଶାଇଛନ୍ତି, ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ମାସକରେ ଅଧାରୁ କମ୍ ଦିନ ସ୍କୁଲ ଆସିଥାନ୍ତି। ଫଳରେ ଶିକ୍ଷାଦାନ କ୍ଷେତ୍ରରେ ଘୋର ସମସ୍ୟା ଦେଖାଯାଉଛି। ଏ ନେଇ ସ୍କୁଲ କମିଟି ସଭାନେତ୍ରୀ ଫାଲଗୁନୀ ସାହୁଙ୍କୁ ପଚାରିବାରୁ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦୈନିକ ନ ଆସି ଦିନେ କିମ୍ବା ଦୁଇଦିନ ପରେ ସ୍କୁଲ ଆସିଥାନ୍ତି ବୋଲି କହିଥିଲେ। ସିଆର୍‌ସିସି ଆଶୁତୋଷ ଭୋଇ କହନ୍ତି, ସେ ଯେଉଁଦିନ ସ୍କୁଲ ଆସନ୍ତି ସେଦିନ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଅନୁପସ୍ଥିତ ଥିବାରୁ ଆବ୍‌ସେଣ୍ଟ କରିଥାଉ ବୋଲି ପ୍ରକାଶ କରିଥିଲେ। କେସିଙ୍ଗା ଗୋଷ୍ଠୀ ଶିକ୍ଷା ଅଧିକାରୀ ଆନନ୍ଦ କୁମାର ବେହେରାଙ୍କୁ ପଚାରିବାରୁ ଶିକ୍ଷା କମିଟିର ଅଭିଯୋଗ କ୍ରମେ ଭାରପ୍ରାପ୍ତ ପ୍ରଧାନଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କାରାଯିବ ବୋଲି ପ୍ରକାଶ କରିଥିଲେ।

# ୨୫ ବର୍ଷରେ ଇନ୍ଦ୍ରାବତୀ ପ୍ରକଳ୍ପ

**ଭବାନୀପାଟଣା,୨୧।୭ (ଉତ୍ତମ କୁମାର ଦାଶ)**


ମୁଖିଗୁଡ଼ାଠାରେ ଥିବା ଇନ୍ଦ୍ରାବତୀ ବିଦ୍ୟୁତ୍ ପ୍ରକଳ୍ପ।

- ଜିଲାର ୧.୧୮ଲକ୍ଷ ହେକ୍ଟର ଜମିକୁ ଜଳସେଚନ
- ୩୫୯୭ କୋଟି ଟଙ୍କାର ବିଦ୍ୟୁତ୍ ବିକ୍ରି

ଇନ୍ଦ୍ରାବତୀ ପ୍ରକଳ୍ପ ପାଇଁ ରାଜ୍ୟରେ କଳାହାଣ୍ଡି ଜିଲା ଏକ ସ୍ୱତନ୍ତ୍ର ପରିଚୟ ପାଇଛି। ଏହି ପ୍ରକଳ୍ପ ଏବେ ୨୫ ବର୍ଷ ପୂରଣ କରିସାରିଛି। ଇନ୍ଦ୍ରାବତୀର ଜଳସେଚନକୁ ପାଥେୟ କରି ଏବେ ଜିଲାର ୧.୧୮ଲକ୍ଷ ହେକ୍ଟର ଜମିରେ ଜଳସେଚନ ହେବା ସହ ଦୁଇଫସଲି ଚାଷ ହୋଇପାରୁଛି। ଅନ୍ୟପଟେ ୬୦୦ ମେଗାୱାଟ ବିଜୁଳି ଉତ୍ପାଦନ କ୍ଷମତା ରଖିଥିବା ଇନ୍ଦ୍ରାବତୀ ପ୍ରକଳ୍ପ ବିଗତ ୨୫ବର୍ଷ ମଧ୍ୟରେ ୩୫୯୭.୨୫କୋଟି ଟଙ୍କାର ବିଦ୍ୟୁତ୍ ବିକ୍ରିକରି ରାଜ୍ୟ ମାନଚିତ୍ରରେ ନିଜକୁ ପ୍ରତିଷ୍ଠିତ କରିପାରିଛି।

୧୯୭୮ମସିହାରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ମୋରାର୍‌ଜୀ ଦେଶାଇ ଇନ୍ଦ୍ରାବତୀ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବା ପରେ ପ୍ରକଳ୍ପ କାମ ଆରମ୍ଭ ହୋଇଥିଲା। ସମୁଦ୍ର ପତ୍ତନରୁ ପ୍ରାୟ ୭ଶହ ମିଟର ପାହାଡ଼ ପରିବେଷ୍ଟନି ମଧ୍ୟରେ ଇନ୍ଦ୍ରାବତୀ, କପୁର, ମୂରାନ, ଓ ପୋଡ଼ାଗଡ ଭଳି ଚିରସ୍ରୋତା ନଦୀମାନଙ୍କ ସମଷ୍ଟିରେ ୧୧୦ବର୍ଗ କିଲୋମିଟର ପରିବ୍ୟାପ୍ତ ଏକ ସୁଉଚ୍ଚ ଜଳଭଣ୍ଡାର ସୃଷ୍ଟି ହେଲା। ସେହି ଜଳରାଶିକୁ ଉଦୟଗିରି ପାହାଡ଼କୁ ଭେଦକରି ଚାରି କିଲୋମିଟର ଲମ୍ବର ଏକ ସୁଡ଼ଙ୍ଗ ତିଆରକରି ମୁଖିଗୁଡ଼ା ଶକ୍ତି ଗୃହରୁ ବିଦ୍ୟୁତ୍ ଉତ୍ପାଦନ କରାଗଲା। ପ୍ରକଳ୍ପର ବିକାଶଧାରା ସାଙ୍ଗରେ ବିଜୁଳି ଉତ୍ପାଦନ ସହ ମଙ୍ଗଳପୁର ହାତୀ ବ୍ୟାରେଜର ବାମ, ଦକ୍ଷିଣ ଓ ମେଗା ଉଠା ଜଳସେଚନ କେନାଲ ମାଧ୍ୟମରେ ଜିଲାର ୮ଟି ବ୍ଲକରେ ଜଳସେଚନ ହେଲା। ପ୍ରକଳ୍ପକୁ ୧୯୯୧ମସିହାରେ ଏକ ବଡ଼ଧରଣର ଆଘାତ ମିଳିଥିବା ସତ୍ତ୍ୱେ ପ୍ରକଳ୍ପ କାମ ପୁନର୍ଜୀବିତ ହୋଇଥିଲା। ଶେଷରେ ୧୯୯୯ମସିହାରେ ପ୍ରଥମ ୟୁନିଟ କାର୍ଯ୍ୟକ୍ଷମ ହୋଇ ବିଦ୍ୟୁତ୍ ଉତ୍ପାଦନ ସହ ବାମ କେନାଲରେ ଜଳସେଚନ ଶୁଭାରମ୍ଭ ହୋଇଥିଲା। ପରେ ୨୦୦୧ମସିହାରେ ଚାରିଟି ଯାକ ୟୁନିଟ କାର୍ଯ୍ୟକ୍ଷମ ହୋଇ ୬୦୦ ମେଗାୱାଟ ବିଦ୍ୟୁତ୍ ଉତ୍ପାଦନ କରିବା ସହ ଦକ୍ଷିଣ ମୁଖ୍ୟ କେନାଲରେ ଜଳସେଚନ ଆରମ୍ଭ କରାଯାଇଥିଲା। ଇନ୍ଦ୍ରାବତୀ ପ୍ରକଳ୍ପରୁ ୧୯୯୯-୨୦୦୦ ଆର୍ଥିକବର୍ଷରେ ୪୯୦.୩୮ ମିଲିୟନ ୟୁନିଟ ବିଜୁଳି ଉତ୍ପାଦନ ହୋଇ ୪୫.୯୫ କୋଟି ଟଙ୍କାର ରାଜସ୍ୱ ମିଳିଥିଲା। ସେହିପରି ୨୦୨୪-୨୦୨୫ ଆର୍ଥିକ ବର୍ଷ ସୁଦ୍ଧା ପ୍ରକଳ୍ପରୁ ମୋଟ ୪୯, ୭୬୫ମିଲିୟନ ୟୁନିଟ୍ ବିଦ୍ୟୁତ୍ ଉତ୍ପାଦନ ହୋଇ ୩୫୯୭.୨୫କୋଟି ଟଙ୍କାର ବିଦ୍ୟୁତ୍ ବିକ୍ରିକରି ସାରିଥିବା ସୂଚନା ମିଳିଛି। ୨୦୦୭-୦୮ରେ ପ୍ରକଳ୍ପରୁ ସର୍ବାଧିକ ୩୦୧୯ମିଲିୟନ ୟୁନିଟ ବିଦ୍ୟୁତ୍ ଉତ୍ପାଦନ ହୋଇ ୧୮୨.୬୭କୋଟି ଟଙ୍କା ଉପାର୍ଜନ କରିଥିବା ବେଳେ ୨୦୦୩- ୦୪ବର୍ଷରେ ସର୍ବନିମ୍ନ ୮୦୭.୦୭ମିଲିୟନ ୟୁନିଟ ବିଦ୍ୟୁତ୍ ଉତ୍ପାଦନ କରି ମାତ୍ର ୫୦.୪୦କୋଟି ଟଙ୍କା ରାଜସ୍ୱ ଆଦାୟ କରିଥିଲା। ଏଭଳି ଏକ ନିର୍ଭରଯୋଗ୍ୟ ପ୍ରକଳ୍ପର ସ୍ଥାୟୀ ରକ୍ଷଣାବେକ୍ଷଣ ପାଇଁ ସରକାର ଚିନ୍ତାଶୀଳ ହେବା ପାଇଁ ସାଧାରଣରେ ଦାବି ହେଉଛି।

## ଶ୍ରାବଣରେ ଶୁଖିଲା ଚାଷଜମି

**ରିଷିଡ଼ା,୨୧।୭(ସୁଶାନ୍ତ ମଲ୍ଲିକ)**

### ଅଟକିଛି ଧାନରୁଆ, ବିହୁଡା



କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକରେ ଚଳିତ ଖରିଫରେ ବର୍ଷାଭାବ ଚାଷୀଙ୍କ ମୁଣ୍ଡବ୍ୟଥାର କାରଣ ସାଜିଛି। ଶ୍ରାବଣ ମାସରେ ଚାଷ ଜମିରେ ପାଣି ନାହିଁ। ଫଳରେ ଧାନରୁଆ ଓ ବିହୁଡା କାର୍ଯ୍ୟ ଅଟକି ରହିଛି। ରିଷିଡ଼ା ଗ୍ରାମର ପ୍ରମୋଦ ସାହୁ, ପୌରକେଲା ଗ୍ରାମର ଦୟାନିଧି ସାହୁ, କର୍ଲାମୁଣ୍ଡାରୁ ନନ୍ଦୀକିଶୋର ଭୋଇ ପ୍ରମୁଖ ଚାଷୀମାନେ ଏହା ପ୍ରାକ ମରୁଡ଼ିର ସୂଚନା ବୋଲି କହିଛନ୍ତି। ଚଳିତ ବର୍ଷା ଋତୁରେ କେବେ କେମିତି କାଁ ଭାଁ ବର୍ଷା ହେଉଛି। ପୋଖରୀ, ଜୋର, ନାଳ, ଶୁଖିଲା ରହିଥିବା ବେଳେ ବାହାଲରେ ଅଦ୍ୟାବଧି ପାଣି ଚାଲି ନାହିଁ। ଅନେକ ଜମି ଫାଟି ଆଁ କଲାଣି। କେନାଲ ଦ୍ୱାରା ଜଳସେଚନ ହେଉଥିଲେ ମଧ୍ୟ ତଳ ମୁଣ୍ଡରେ ପାଣି ପହଞ୍ଚି ପାରୁନାହିଁ। କେନାଲ ସଫେଇ କିଛି ସ୍ଥାନରେ କରି ଅଧାପନ୍ତରିଆ ହୋଇଥିବା ଚାଷୀମାନେ ପ୍ରକାଶ କରିଛନ୍ତି। ଜିଲା ପ୍ରଶାସନ ତୁରନ୍ତ ସମସ୍ୟା ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି। ଏ ସମ୍ପର୍କରେ କର୍ଲାମୁଣ୍ଡା ବ୍ଲକ କୃଷି ଅଧିକାରୀ ଜିତେନ୍ଦ୍ର ସିଂଙ୍କୁ ପଚାରିବାରୁ ବ୍ଲକର ସମସ୍ତ ପଞ୍ଚାୟତ ଚାଷ ଜମି ବୁଲି ସର୍ଭେ କରାଯାଉଛି ବୋଲି କହିଛନ୍ତି।

## ରାଜ୍ୟ ବ୍ୟାଡ଼ମିଣ୍ଟନ ର୍‌ୟାଙ୍କିଙ୍ଗ୍ ପ୍ରତିଯୋଗିତା ଉଦ୍‌ଯାପିତ



କୃତୀ ପ୍ରତିଯୋଗୀଙ୍କ ସହ ଅତିଥିଗଣ।

**ଭବାନୀପାଟଣା,୨୧।୭(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଭବାନୀପାଟଣା ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମରେ ଗତ ୧୮ ତାରିଖଠାରୁ ଚାଲିଥିବା ରାଜ୍ୟ ଜୁନିୟର ଓ ସବ୍‌ଜୁନିୟର ବ୍ୟାଡ୍‌ମିଣ୍ଟନ ରାଙ୍କିଙ୍ଗ୍ ପ୍ରତିଯୋଗିତା ରବିବାର ଅପରାହ୍ଣରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ୨୦ଟି ସେମିଫାଇନାଲ ଓ ୧୦ଟି ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଜିଲା ବ୍ୟାଡ୍‌ମିଣ୍ଟନ ସଂଘ ସଭାପତି ପ୍ରଦୀପ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ଭବାନୀପାଟଣା ବିଧାୟକ ସାଗର ଚରଣ ଦାସ ମୁଖ୍ୟ ଅତିଥି ଓ ରାଜ୍ୟ ପର୍ଯ୍ୟବେକ୍ଷକ ସୁଦୀପ୍ତ ବିଷୋୟୀ, ଜିଲା କ୍ରୀଡ଼ା ଅଧିକାରୀ ରମେଶ ଚନ୍ଦ୍ର ପାଢ଼ୀ, ରେଫରି ରିତା ଦାସ, ନିମନ୍ତ୍ରିତ ଅତିଥି ଭାବେ ଆନ୍ତର୍ଜାତିକ ବୈଷୟିକ ଅଧିକାରୀ ବିଜୟ କୁମାର ବାଗ, ରାଜ୍ୟ ବୈଷୟିକ କର୍ମକର୍ତ୍ତା ତଥା ଅଧ୍ୟକ୍ଷ ମନୋରଞ୍ଜନ ଦାସ, ଜିଲା ସଂଘ ସମ୍ପାଦକ ସନ୍ଦିପ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସରୋଜ ମହାରଣା ମଞ୍ଚ ପରିଚାଳନା କରିଥିବାବେଳେ ମହେଶ କୁକ୍ରେଜା, ଜିଲା ଉପସଭାପତି ଅରୁଣ ରଥ, ଉପସଭାପତି ସମୀର ସାହୁ, ରଞ୍ଜିତ ସାହୁ, ମାଣିକେଶ୍ୱରୀ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

### ଉଚ୍ଚ ବିଦ୍ୟାଳୟରେ ମା'ଙ୍କ ନାମରେ ଗଛଟିଏ କାର୍ଯ୍ୟକ୍ରମ

**ଲାଞ୍ଜିଗଡ଼,୨୧।୭ (ରମେଶ ଚନ୍ଦ୍ର ନାୟକ):** କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁରସ୍ଥିତ ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ ପରିସରରେ ସୋମବାର ଜିଲା ଶିକ୍ଷା ବିଭାଗ ପକ୍ଷରୁ ମା'ଙ୍କ ନାମରେ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସଚିନ ପାୱାର ପ୍ରକାଶ ମୁଖ୍ୟ ଅତିଥି ଓ ଭବାନୀପାଟଣା ଉପଜିଲାପାଳ ପ୍ରଭାତ କୁମାର ପରିଡ଼ା, ଜିଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛେତ୍ରି, ଆଇଏଏସ୍ ଅନିମେସ ପଧାନ, ଅବକାରୀ ଅଧୀକ୍ଷକ ରଞ୍ଜନ କୁମାର ନାଏକ, କଳାହାଣ୍ଡି ଦକ୍ଷିଣ ବନଖଣ୍ଡ ଅତିରିକ୍ତ ବନ ସଂରକ୍ଷକ ଓମ୍‌କାର ଦାସ, ବିଶ୍ୱନାଥପୁର ଭାରପ୍ରାପ୍ତ ବନାଞ୍ଚଳ ଅଧିକାରୀ ତଥା ଅତିରିକ୍ତ ବନ ସଂରକ୍ଷକ ନରୋତ୍ତମ ମାଝୀ, ଲାଞ୍ଜିଗଡ ଗୋଷ୍ଠୀ ଶିକ୍ଷା ଅଧିକାରୀ ରୁଷିଆ ମେହେର, ଲାଞ୍ଜିଗଡ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶଶାଙ୍କ ପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସ୍କୁଲ ପରିସରରେ ବିଭିନ୍ନ ପ୍ରକାର ଚାରା ରୋପଣ କରିଥିଲେ। ବିଶ୍ୱନାଥପୁର ବନପାଳ ସୁରେଶ ରାଉତ, ଚିନ୍ତାମଣି ମାଝୀଙ୍କ ସମେତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରୀଛାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର


ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି ଅଧିକାରୀ।

**ଖଡ଼ିଆଳ,୨୧।୭(ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ସୋମବାର ଖଡ଼ିଆଳ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ମଧୁସୂଦନ ଦାଶ ଯୋଗଦେଇ ବିଭିନ୍ନ ଅଭିଯୋଗ ଗ୍ରହଣକରି ସମାଧାନ ପାଇଁ ଜିଲାସ୍ତରୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଶିବିରରେ ମୋଟ ୫୮ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ଏଥିରୁ ୪୮ଟି ବ୍ୟକ୍ତିଗତ ଓ ୧୦ଟି ଗୋଷ୍ଠୀଗତ ରହିଥିଲା। ଜିଲା ଆରକ୍ଷୀ ଅଧୀକ୍ଷକ ଜି.ଆର୍ . ରାଘବେନ୍ଦ୍ର, ଖଡ଼ିଆଳ ବନଖଣ୍ଡ ଅଧିକାରୀ ଅଜିଜ୍ ଖାନ, ଖଡ଼ିଆଳ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦ, ବିଡିଓ ନରସିଙ୍ଗ ଗଡ଼ବା, ଖଡ଼ିଆଳ ଗୋଷ୍ଠୀ ଶିକ୍ଷା ଅଧିକାରୀ କାହ୍ନୁ ଚରଣ ନାଏକ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ମନୋଜ କୁମାର ସାହୁଙ୍କ ସମେତ ସମସ୍ତ ଜିଲାସ୍ତରୀୟ ଅଧିକାରୀ ଯୋଗଦେଇଥିଲେ।

## ଗୋଲାଙ୍ଗବନ୍ଦ ଗାଁ ରାସ୍ତା ମରଣଯନ୍ତା


ଖାଲଖମା ପୂର୍ଣ୍ଣ ରାସ୍ତା।

**ଲାଞ୍ଜିଗଡ଼,୨୧।୭(ରମେଶ ଚନ୍ଦ୍ର ନାୟକ)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ୍ ଚମ୍ପାଦେଇପୁର ପଞ୍ଚାୟତ ଅନ୍ତର୍ଗତ ଗୋଲାଙ୍ଗବନ୍ଦ ଗାଁରୁ ମୁଖ୍ୟ ସଡ଼କକୁ ସଂଯୋଗ କରୁଥିବା ରାସ୍ତା ମରଣଯନ୍ତା ପାଲଟିଛି। ୨କି.ମି. ଦୀର୍ଘ ରାସ୍ତାରେ ଖାଲଖମା ସୃଷ୍ଟିହୋଇ ପାଣି ଜମି ରହୁଥିବାରୁ ଲୋକେ ଯାତାୟାତରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କାଦୁଅ ପଚପଚ ହୋଇଥିବାରୁ ଲୋକେ ବାଇକ୍‌ରେ ଯିବା ସମୟରେ ଦୁର୍ଘଟଣାର ଶିକାର ହେଉଛନ୍ତି। ସୂଚନା ଅନୁସାରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୨୦୨୨-୨୩ ଆର୍ଥିକ ବର୍ଷରେ ୬ଲକ୍ଷ ଟଙ୍କା ଅଟକଳ ମୂଲ୍ୟରେ ମାଟି ଓ ମୋରମ ପାଇଁ ମଞ୍ଜୁରୀ ହୋଇ ରାସ୍ତା ନିର୍ମାଣ ହୋଇଥିଲା। କିନ୍ତୁ ଏହା ପରଠାରୁ ମରାମତି ହୋଇ ନ ଥିବାରୁ ଏହା ଖାଲଖମାରେ ପୂର୍ଣ୍ଣ ରହିଛି। ବ୍ଲକ ଓ ପଞ୍ଚାୟତ କାର୍ଯ୍ୟାଳୟଠାରୁ ଏହି ଗାଁ ୩ କି.ମି. ଦୂରରେ ରହିଥିଲେ ସୁଦ୍ଧା କାହାରି ଦୃଷ୍ଟି ନ ପଡିବା ପରିତାପର ବିଷୟ ବୋଲି ଗ୍ରାମବାସୀ ପ୍ରକଶ କରିଛନ୍ତି। ତୁରନ୍ତ ରାସ୍ତା ମରାମତି କରିବାକୁ ଗୋଲାଙ୍ଗବନ୍ଦ ଗ୍ରାମର ନୀଳକଣ୍ଠ ଦୋରା, ବାବୁଲା ଦୋରା, ରାଜେନ୍ଦ୍ର ଦୋରା, ଗୋପୀ ଦୋରା, ଉମାକାନ୍ତ ଦୋରା, ଶଙ୍କର ଦୋରା, ନାରାୟଣ ଦୋରା, ସୁକାନ୍ତି ଦୋରା, କଳ୍ପନା ଦୋରା, ସୁଷମା ଦୋରା ପ୍ରମୁଖ ଦାବି କରିଛନ୍ତି। ଏ ନେଇ ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀ ଅସିତ ଖଟୁଆଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ସେ ଫୋନ୍ କଲ୍ ରିସିଭ କରି ନ ଥିଲେ।

## ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ରାହୁଲ ଗାନ୍ଧୀଙ୍କ କୁଶ ପୁତ୍ତଳିକା ଦାହ

**ଖଡ଼ିଆଳ,୨୧।୭ (ସୁଜିତ କୁମାର ପ୍ରଧାନ)**

ଜଣେ ଛାତ୍ରୀଙ୍କୁ ବଳାତ୍କାର କରିବା ଅଭିଯୋଗରେ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଉଦିତ ପ୍ରଧାନଙ୍କୁ ପୋଲିସ ଗିରଫ କରିଛି। ଏହାକୁ ନେଇ ଖଡିଆଳ ଭାଜପା ଯୁବମୋର୍ଚ୍ଚା କର୍ମକର୍ତ୍ତା ଅଜିତ କିଶୋର ଚଲାନ, ଜ୍ଞାନ ରଞ୍ଜନ ମେଘ ଓ ସୌମ୍ୟା ରଞ୍ଜନ ସିଂଙ୍କ ନେତୃତ୍ୱରେ ଥାନା ଛକଠାରେ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ପିସିସି ସଭାପତି ଭକ୍ତ ଚରଣ ଦାସ ଓ ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ଉଦିତ ପ୍ରଧାନଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା। କଂଗ୍ରେସ ନାରୀ ସୁରକ୍ଷା ନେଇ କେବଳ କୁମ୍ଭୀର କାନ୍ଦଣା କାନ୍ଦୁଛି ବୋଲି କର୍ମକର୍ତ୍ତା ଦର୍ଶାଇଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଯୁବ ମୋର୍ଚ୍ଚାର ବିଟୁ ପଣ୍ଡା, ଗୌରବ ସିଂ ବାରିକ, ନବୀନ ନାଏକ, ରାଜେଶ ବନଛୋର, ବଣ୍ଟି ମାଝି, ହରେନ୍ଦ୍ର ବେହେରା, କେଶ୍ରୀ ମାଝି, ଜୟରାମ କୈବର୍ତ୍ତ ସମେତ ଶତାଧିକ କର୍ମୀ ସାମିଲ ହୋଇଥିଲେ।

## ୬୩ ଅଭିଯୋଗର ଶୁଣାଣି କଲେ ଜିଲାପାଳ


**ଲାଞ୍ଜିଗଡ଼,୨୧।୭(ରମେଶ ଚନ୍ଦ୍ର ନାୟକ)**


ଲୋକଙ୍କ ଆପତ୍ତି ଅଭିଯୋଗ ଶୁଣୁଛନ୍ତି ଅଧିକାରୀ।

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ପରିସର ସମ୍ମିଳନୀ କକ୍ଷରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ପାୱାର ସଚିନ ପ୍ରକାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ପ୍ରଶାସନିକ ସେବା ଅଧିକାରୀ (ପ୍ରୋବେଶନ) ଅନିମେସ ପ୍ରଧାନ, ମୁଖ୍ୟ ଉନ୍ନୟନ ତଥା ଜିଲାପରିଷଦ ନିର୍ବାହୀ ଅଧିକାରୀ ଦୟାମୟ ପାଢ଼ୀ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଆନନ୍ଦ ଗୁରୁ, ଉପଜିଲାପାଳ ପ୍ରଭାତ ପରିଡ଼ା, ଲାଞ୍ଜିଗଡ଼ ପଞ୍ଚାୟତ ସମିତି ଅଧ୍ୟକ୍ଷା କମଳା ପାତ୍ର, ବିଡ଼ିଓ ଶଶାଙ୍କ ପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଶିବିରରେ ବ୍ଲକର ୨୬ ଗ୍ରାମ ପଞ୍ଚାୟତର ଜନସାଧାରଣ ଯୋଗଦେଇ ଅଭିଯୋଗ ଦାଖଲ କରିଥିଲେ। ମୋଟ ୬୩ ଗୋଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିରୁ ୪୦ଟି ବ୍ୟକ୍ତିଗତ ଓ ୨୩ଟି ସାମୂହିକ ରହିଥିଲା। ଜିଲାପାଳଙ୍କ ଦ୍ୱାରା ଜଣକୁ ହୁଇଲ ଚେୟାର ପ୍ରଦାନ କରାଯାଇଥିଲା। ଶିବିର ପରିଚାଳନାରେ ବ୍ଲକସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ସହଯୋଗ କରିଥିଲେ।

## ବସୁଧା ପ୍ରକଳ୍ପ ଅଚଳ, ଝରଣା ପାଣି ପିଉଛନ୍ତି ଲୋକେ

**ଥୁଆମୂଳ ରାମପୁର, ୨୧।୭ (ଦୁର୍ଗା କୀର୍ତ୍ତି)**


ଅଚଳ ପାଣିଟାଙ୍କି।

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ କର୍ଲାପାଟ ଗ୍ରାମପଞ୍ଚାୟତ ଅନ୍ତର୍ଗତ ପୁରୁଣାଗୁମାରେ ବସୁଧା ଯୋଜନାରେ ନିର୍ମାଣ ହୋଇଥିବା ପାନୀୟଜଳ ପ୍ରକଳ୍ପ ଅଚଳ ଯୋଗୁ ଲୋକେ ଝରଣା ପାଣି ପିଇବାକୁ ବାଧ ହେଉଛନ୍ତି। ସୂଚନାକ୍ରମେ ପୁରୁଣାଗୁମାରେ କିଛିବର୍ଷ ତଳେ ୧୪, ୩୧୪, ୨୪୬ ଟଙ୍କା ବ୍ୟୟବରାଦରେ ବସୁଧା ଯୋଜନାରେ ଓଭରହେଡ୍ ଟାଙ୍କି ନିର୍ମାଣ ହେବା ପରେ ଲୋକେ ବିଶୁଦ୍ଧ ପାଣି ପାଇବା ନେଇ ଖୁସି ହୋଇଥିଲେ। ହେଲେ ୨୦ ଦିନ ହେଲା ପାଣିଟାଙ୍ଗି ଅଚଳ ଅବସ୍ଥାରେ ପଡ଼ିରହିଛି। ଫଳରେ ପୁରୁଣାଗୁମା ଗାଁର ୫ ପଡ଼ା ଯଥା ଲାଇନିଗୁଡ଼ା, କୋସପାଏର, ପୂର୍ଣ୍ଣାଗୁମା ଡୁକୁରିପଡ଼ା, ପୂର୍ଣ୍ଣାଗୁମା ଟିକ୍ରାପଡ଼ା, ପୂର୍ଣ୍ଣାଗୁମା ବସ୍ତିପଡ଼ାର ପ୍ରାୟ ୨୫୦ ପରିବାର ଲୋକେ ଝରଣାର ଗୋଳିଆ ପାଣି ବ୍ୟବହାର କରୁଛନ୍ତି। ବସୁଧା ଯୋଜନାରେ ଗଭୀର ନଳକୂପ ଖନନ ପରେ ନଳକୂଅରୁ ବର୍ତ୍ତମାନ ପାଣି ବାହାରୁ ନ ଥିବା ଲୋକେ ଅଭିଯୋଗ କରିଛନ୍ତି। ଯେଉଁ ଗୋଟିଏ ଦୁଇଟି ନଳକୂଅ ଅଛି ସେଥିରୁ ବାହାରୁଥିବା ପାଣି ସମୁଦ୍ରକୁ ଶଙ୍ଖେ ସଦୃଶ। ଫଳରେ ଗ୍ରାମର ପିଲାଛୁଆଠାରୁ ବୟସ୍କ ପର୍ଯ୍ୟନ୍ତ ନାଳପାଣି ବ୍ୟବହାର କରି ଚର୍ମରୋଗରେ ଆକ୍ରାନ୍ତ ହେଉଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏ ନେଇ ପଡ଼ାବାସୀ ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ ସୁଫଳ ମିଳି ନ ଥିବା କହିଛନ୍ତି। ତୁରନ୍ତ ଅଚଳ ପ୍ରକଳ୍ପ ମରାମତି ପାଇଁ ଅଞ୍ଚଳବାସୀ ଦାବି ଜଣାଇଛନ୍ତି । ଏ ନେଇ ଜଳ ଓ ପରିମଳ ବିଭାଗ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ମନ୍ମଥ ମୁର୍ମୁଙ୍କୁ ପଚାରିବାରୁ ଓଭର ହେଡ ଟାଙ୍କିକୁ ସପ୍ଲାଏ ହୋଇଥିବା ଟ୍ରାନ୍ସଫର୍ମର ଫ୍ୟୁଜ ହୋଇଛି। ଏଣୁ କରେଣ୍ଟ ସମସ୍ୟା ହେତୁ ପାଣି ମୋଟର ଚାଲିପାରୁ ନାହିଁ। ଗାଁ ଲୋକେ ବିଦ୍ୟୁତ୍ ବିଭାଗ ସହ ଯୋଗାଯୋଗ କରି ସମସ୍ୟା ସମାଧାନ କରିବା କଥା। ସେ ମଧ୍ୟ ବିଭାଗୀୟ ଜେଇଙ୍କୁ କହିଥିଲେ, ହେଲେ ସେମାନେ ଶୁଣୁନାହାନ୍ତି ବୋଲି କହିଛନ୍ତି।

# ନାଳ ଚୁଆ ଉପରେ ଭରସା

### କଛାରପଡ଼ାରେ ପାନୀୟଜଳ ସମସ୍ୟା

**ନୂଆପଡ଼ା,୨୧।୭(ମକାରୁ ବେମାଲ)**


ପଡ଼ାବାସୀ ବାଲି ଚୁଆ କରି ପାଣି ସଂଗ୍ରହ କରୁଛନ୍ତି।

କେନ୍ଦ୍ର ଓ ରାଜ୍ୟ ସରକାର ବିଶୁଦ୍ଧ ପାନୀୟଜଳ ଯୋଗାଇଦେବା ପାଇଁ ଅନେକ ଯୋଜନା କାର୍ଯ୍ୟକାରୀକରି ବହୁ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ଆଦିବାସୀ ଅଧ୍ୟୁଷିତ ଦୁର୍ଗମ ଅଞ୍ଚଳରେ ଉକ୍ତ ଯୋଜନା ସମ୍ପୂର୍ଣ୍ଣ ଫେଲ୍ ମାରିଛି। ସ୍ୱାଧୀନତାର ଦୀର୍ଘବର୍ଷ ପରେ ମଧ୍ୟ ଲୋକେ ବିଶୁଦ୍ଧ ପାନୀୟ ଜଳରୁ ବଞ୍ଚିତ ହୋଇ ନଈ, ନାଳ, ଝରଣା, ଖୋଲା କୂଅ ଉପରେ ନିର୍ଭର କରୁଛନ୍ତି। ଏହାର ଏକ ଉଦାହରଣ ନୂଆପଡ଼ା ଜିଲା ସିନାପାଲି ବ୍ଲକ୍ ଦୁର୍ଗମ ଘାଟମାଳ ପଞ୍ଚାୟତ ତାଲାକୋଟ ଗାଁର କଛାରପଡ଼ାରେ ଦେଖିବାକୁ ମିଳିଛି। ପଡ଼ାବାସୀ ନାଳପାର୍ଶ୍ୱ ବାଲିରେ ଚୁଆ ଖୋଳି ପାନୀୟ ଜଳ ସଂଗ୍ରହ କରୁଛନ୍ତି। କଛାରପଡ଼ାରେ ଆଦିବାସୀ ସମ୍ପ୍ରଦାୟର ୩୦ରୁ ଊର୍ଦ୍ଧ୍ୱ ପରିବାରର ୧୫୦ରୁ ଅଧିକ ସଦସ୍ୟ ବସବାସ କରୁଛନ୍ତି। ତାଲାକୋଟ ଗାଁରେ ଓଭରହେଡ୍ ଟାଙ୍କି ନିର୍ମାଣ କରାଯାଇ ଅନ୍ୟ ଗାଁ ବା ପଡ଼ାକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ହେଲେ ତାଲାକୋଟଠାରୁ କଛାରପଡ଼ା ମାତ୍ର ୨ କି.ମି. ହୋଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଫଳରେ ପଡ଼ାବାସୀ ବାଧହୋଇ ନିକଟସ୍ଥ ବୁଢ଼ଗେଲ ନାଳରୁ ବାଲି ଚୁଆ ଖୋଳି ପାଣି ସଂଗ୍ରହ କରୁଛନ୍ତି । ସେହି ଗୋଳିଆପାଣି ବ୍ୟବହାରକରି ଲୋକେ ବିଭିନ୍ନ ରୋଗର ଶିକାର ହେଉଛନ୍ତି। ଏହି ସମସ୍ୟା ନେଇ ପଡ଼ାବାସୀ ନିର୍ବାଚିତ ପ୍ରତିନିଧିଠାରୁ ଆରମ୍ଭକରି ବ୍ଲକ୍ ପ୍ରଶାସନକୁ ଗୁହାରି କରିଥିଲେ ମଧ୍ୟ ସୁଫଳ ମିଳିନାହିଁ। ବିଭାଗୀୟ ଅଧିକାରୀ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ପଡ଼ାର କରୁଣା ମାଝି, ପୁରନ୍ଦୀ ମାଝି, ରାମଲୁ ମାଝି, ସୋମନାଥ ଦେବଗୁନିଆ, ମଞ୍ଜୁଳା ମାଝି, ସୁରେଖା ମାଝି, ଭୁଜେଶ୍ୱରୀ ମାଝି ପ୍ରମୁଖ ଦାବି କରିଛନ୍ତି । ଏ ସଂକ୍ରାନ୍ତରେ ସିନାପାଲି ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ କେଶବ ସାହୁଙ୍କୁ ପଚାରିବାରୁ ଏହି ପଡ଼ାକୁ କିଭଳି ବିଶୁଦ୍ଧ ପାନୀୟ ଜଳ ଯୋଗାଣ କରାଯିବ ସେ ନେଇ ଆମେ ବ୍ୟବସ୍ଥା କରୁଛୁ। ଅଳ୍ପ କିଛିଦିନ ଭିତରେ ପାଣି ସମସ୍ୟା ଦୂରହୋଇଯିବ ବୋଲି କହିଥିଲେ।

## ସଂକ୍ଷେପରେ

### ବିଦ୍ୟୁତ୍ ସଂସ୍ପର୍ଶରେ ବୃଦ୍ଧଙ୍କ ମୃତ୍ୟୁ

**ହରଭଙ୍ଗା,୨୧।୭(ନରେନ୍ଦ୍ର କୁମାର ସାହୁ):** ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ବାଣିଭୂଷଣପୁର ଗ୍ରାମପଞ୍ଚାୟତର ପାଟଦୋହଲି ଗ୍ରାମରେ ସୋମବାର ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ନୀଳମଣି ନାୟକ (୬୦)। ସେ ଜଙ୍ଗଲକୁ ଗାଈ ଚରାଇବାକୁ ଯାଇଥିଲାବେଳେ କୌଣସି କାରଣରୁ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପୁରୁଣାକଟକ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୋଲିସ ତଦନ୍ତ ଆରମ୍ଭ କରିଛି।

### ଜିପି ହେଲେ ଆଇନଜୀବୀ ଓମ୍ ପ୍ରକାଶ ମିଶ୍ର

**ହରଭଙ୍ଗା,୨୧।୭(ନରେନ୍ଦ୍ର କୁମାର ସାହୁ):** ରାଜ୍ୟ ସରକାର ବୌଦ୍ଧ ଜିଲାରେ ନୂତନ ସରକାରୀ ଓକିଲ ନିଯୁକ୍ତି କରିଛନ୍ତି। ଏ



ନେଇ ରାଜ୍ୟ ଆଇନ ବିଭାଗ ପକ୍ଷରୁ ସୋମବାର ତାଲିକା ପ୍ରକାଶ ପାଇଛି। ବରିଷ୍ଠ ଆଇନଜୀବୀ ଓମ୍ ପ୍ରକାଶ ମିଶ୍ରଙ୍କୁ ଜିପି ଭାବେ ନିଯୁକ୍ତି ମିଳିଥିବା ଜଣାପଡିଛି। ସେହିପରି ତୁଷାରକାନ୍ତ ଦୀପଙ୍କୁ ଏଜିପି, ପ୍ରଦେଶୀ ବେହେରା, ଚିତ୍ତରଞ୍ଜନ ପାଣିଗ୍ରାହୀ, ଧବଳେଶ୍ୱର ମନହୀରା, କୁନାଲ କିଶୋର ପାଣିଗ୍ରାହୀ, ଆଶୁତୋଷ ଦାସ, ତରଣୀସେନ ଭୋକ୍ତା, ବିବେକାନନ୍ଦ ଦେହୁରୀ, ଡୋଲାମଣି ପ୍ରଧାନ, ଆଶୁତୋଷ ସାହୁ, ଅଶୋକ କୁମାର ସାହୁ, ମନୋରଞ୍ଜନ ମହାକୁଡ, ଚିତ୍ତରଞ୍ଜନ ପାତ୍ର, ରତନ କୁମାର ପଟ୍ଟନାୟକ, ପ୍ରତାପ ଚନ୍ଦ୍ର ସାହୁ, ସୁଶୀଲ କୁମାର ପାଣିଗ୍ରାହୀଙ୍କୁ ସରକାରୀ ଓକିଲ ଭାବେ ନିଯୁକ୍ତି ମିଳିଥିବା ସୂଚନା ମିଳିଛି।

### ଚଣ୍ଡୀଭଟା ଉଚ୍ଚ ବିଦ୍ୟାଳୟରେ ବନ ମହୋତ୍ସବ

**ଝାରବନ୍ଧ,୨୧।୭(ଦେବେନ୍ଦ୍ର ସାହୁ):** ଝାରବନ୍ଧ ବ୍ଲକ ଚଣ୍ଡୀଭଟା ବୀର ସୁରେନ୍ଦ୍ର ସାଏ ଉଚ୍ଚ ବିଦ୍ୟାଳୟ ପରିସରରେ ବନ ମହୋତ୍ସବ ପ୍ରଧାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲା ପରିବେଶ ସୁରକ୍ଷା ମଞ୍ଚ ଉପ ସଭାପତି ପ୍ରକୃତି ବନ୍ଧୁ ଭୁବନେଶ୍ୱର ପ୍ରଧାନ ମୁଖ୍ୟ ଅତିଥି, ସୁରକ୍ଷା ମଞ୍ଚ ସମ୍ପାଦକ ପ୍ରକୃତି ବନ୍ଧୁ ମୀନକେତନ ସାହୁ ମୁଖ୍ୟ ବକ୍ତା ଭାବରେ ଯୋଗଦାନ କରିଥିଲେ। ପ୍ରେମରାଜ ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅତିଥିବୃନ୍ଦ ବୃକ୍ଷ ପୂଜନ ସହ ପ୍ରଦୀପ ଜାଳି କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରିଥିଲେ। ବନରକ୍ଷୀ ସଙ୍ଗୀତା ଭଗତ ଯୋଗଦାନ କରି ଜଙ୍ଗଲ ସୁରକ୍ଷା ଓ ତାର ଉଦ୍ଦେଶ୍ୟ ପ୍ରତିପାଦନ କରିଥିଲେ। ପରିବେଶ, ଜଙ୍ଗଲ, ପ୍ରକୃତି ସୁରକ୍ଷା ସଚେତନତା ସଭା ପରେ ବିଦ୍ୟାଳୟ ପରିସରରେ ଅଁଳା, ପଣସ, କରଞ୍ଜ ଆଦି ଚାରା ରୋପଣ କରାଯାଇ ୧୧୦ଟି ଚାରା ବଣ୍ଟନ କରାଯାଇଥିଲା। ଶେଷରେ ବିମଳ ଭୋଇ ଧନ୍ୟବାଦ ଦେଇଥିଲେ। ନିର୍ମଳ ଚନ୍ଦ୍ର ସାହୁ, ଦୋଳମଣୀ ବିଶ୍ୱାଳ, ନଳିନୀ ପାଣିଗ୍ରାହୀ ଓ ଅନ୍ୟମାନେ ସହଯୋଗ କରିଥିଲେ।

### ଜନଶୁଣାଣି ଶିବିର: ୫୮ ଅଭିଯୋଗ ପଞ୍ଜୀକୃତ



ଜନଶୁଣାଣି ଶିବିରରେ ଜିଲାପାଳ ଓ ଅନ୍ୟମାନେ।

**କଣ୍ଟାମାଳ/ପଲଶାଗୋରା,୨୧।୭ (ଆଦିତେଶ୍ୱର ମିଶ୍ର/ଅଶ୍ୱିନୀ କୁମାର ନନ୍ଦ):** ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ କାର୍ଯ୍ୟାଳୟରେ ସୋମବାର ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସୁବ୍ରତ କୁମାର ପଣ୍ଡା ଏବଂ ଏସ୍‌ପି ରାହୁଲ ଗୋଏଲଙ୍କ ଉପସ୍ଥିତିରେ ଅଭିଯୋଗ ଶୁଣାଣି ହୋଇଥିଲା। ଏହି ଶିବିରରେ ସମୁଦାୟ ୫୮ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ୪୯ଟି ବ୍ୟକ୍ତିଗତ ଏବଂ ୯ଟି ସାମୂହିକ ମାମଲା ରହିଥିଲା। ଶିବିରରେ ୨୫ଟି ଅଭିଯୋଗର ତତ୍କାଳ ଫଇସଲା ହୋଇଥିଲା ଏବଂ ୫ଜଣଙ୍କୁ ଭତ୍ତା ପ୍ରଦାନ କରାଯାଇଥିଲା। ଅତିରିକ୍ତ ଜିଲାପାଳ ଅନିରୁଦ୍ଧ ପଧାନ, ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପଜିଲାପାଳ ପ୍ରବୀଣ କୁମାର ବାଣୁଆ ଓ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# ୨୧୭୧ ବୋତଲ କଫ୍‌ସିରପ୍ ଜବତ

**ନିଶା କାରବାର ଉପରେ ପୋଲିସର ଧରପଗଡ଼**

- ଦମ୍ପତିଙ୍କ ସମେତ ୭ ଅଭିଯୁକ୍ତ ଗିରଫ
- ଫେରାର୍ ଅଭିଯୁକ୍ତଙ୍କୁ ଧରିବାକୁ ତନାଘନା



ଜବତ କଫ ସିରପକୁ ପୋଲିସ ଦେଖାଉଛି।

**ବରଗଡ଼,୨୧।୭(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲାରେ ନିଶା କାରବାରକୁ ନେଇ ଜନଅସନ୍ତୋଷ ଲାଗିରହିଛି। ଅନ୍ୟପଟେ ଏହାକୁ ନେଇ ଲୋକେ ବିକ୍ଷୋଦ୍‌ଗାର କରିବା ପରେ ପୋଲିସ ଧରପଗଡ଼ ଅଭିଯାନକୁ ଜୋର୍‌ଦାର କରିଛି। ସୋମବାର ସକାଳେ ସ୍ଥାନୀୟ ଟାଉନ ଥାନା ପୋଲିସ ବରଗଡ଼ ସହରସ୍ଥିତ ବିଶିପଡ଼ା ଛକ ନିକଟରୁ ବିପୁଳ ପରିମାଣର କଫ୍‌ସିରପ ଜବତ କରିଛି। ଏଥିରେ ସମ୍ପୃକ୍ତ ଦମ୍ପତିଙ୍କ ସମେତ ୭ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ ନଂ-୭ ବିଶିପଡ଼ାର ନିଖିଳ ପାଢ଼ୀ(୨୯), ଝାରସୁଗୁଡ଼ା ଜିଲା ବନହରପାଲି ଥାନା ବନ୍ଧବାହାଲ ଗ୍ରାମର ମୂଳବାସିନ୍ଦା ତଥା ବର୍ତ୍ତମାନ ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ ନଂ-୭ ବିଶିପଡ଼ାରେ ରହୁଥିବା ନରେଶ ବିଶାର(୩୯), ସ୍ତ୍ରୀ ଖୁସ୍‌ବୁ(୩୦), ବରଗଡ଼ ଜିଲା ଅମ୍ବାଭୋନା ଥାନା ଭୁକ୍ତାର ବବଲୁ ସୁନା(୩୦), ଚିଟୋଲିର ଘନଶ୍ୟାମ ନାଏକ(୩୬), ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ ନଂ-୧୬ ଡ୍ୟାମ୍ କଲୋନୀର ବିକାଶ ଥପା(୩୧) ଏବଂ ପଦ୍ମପୁର ଥାନା ସାମପିଆର ମୂଳବାସିନ୍ଦା ତଥା ବର୍ତ୍ତମାନ ବରଗଡ଼ ବିଶିପଡ଼ାରେ ରହୁଥିବା ବିଶାଳ ସୁନା(୩୬)। ସେମାନଙ୍କ ପାଖରୁ ୨୧୭୧ ବୋତଲ କଫ୍‌ସିରପ୍, ୬ ମୋବାଇଲ ଫୋନ୍ ଏବଂ ନଗଦ ୭୪,୧୦୦ ଟଙ୍କା ଜବତ ହୋଇଛି। ଗିରଫ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ପରେ ସେମାନଙ୍କୁ ସ୍ଥାନୀୟ କାରାଗାରକୁ ପଠାଇ ଦିଆଯାଇଛି। ସେମାନଙ୍କ ବିରୋଧରେ ବରଗଡ଼ ଟାଉନ ଥାନାରେ ଏକ ମାମଲା(ନଂ.୩୫୯/୨୫) ରୁଜୁ ହୋଇଛି। ସେହିପରି ଅନ୍ୟ ଅଭିଯୁକ୍ତଙ୍କୁ ଧରିବାଲାଗିପୋଲିସତନାଘନାଚଳାଇଛି।

ଏ ନେଇ ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ବରଗଡ଼ ଏସ୍‌ପି ପି.ଏସ୍. ମୀନା ସୂଚନା ଦେଇ କହିଥିଲେ, ନିଶା କାରବାର ରୋକିବା ପାଇଁ ବରଗଡ଼ ପୋଲିସ ସବୁବେଳେ ସଜାଗ ରହିଛି। ବିଭିନ୍ନ ସୂଚନାକୁ ଆଧାରକରି ପୋଲିସ ନିଶାଦ୍ରବ୍ୟ ଜବତ ସହିତ ଅଭିଯୁକ୍ତମାନଙ୍କୁ ଗିରଫ କରିଛି। ଗତ କିଛିଦିନ ତଳେ ପୋଲିସକୁ ବଡ଼ଧରଣର ସଫଳତା ମିଳିଥିଲା ଏବଂ ୫୦ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ ହୋଇଥିଲା। ସେହିପରି ସୋମବାର ସକାଳେ ବିଶିପଡ଼ାର ଗିରଫ ଅଭିଯୁକ୍ତ ଦମ୍ପତି ନରେଶ ଏବଂ ଖୁସ୍‌ବୁଙ୍କ ଘର ପାଖରେ ବିପୁଳ ପରିମାଣର କଫ୍‌ସିରପ ଅନ୍‌ଲୋଡ୍ ହୋଇ ରହିଥିବା ସୂଚନା ମିଳିଥିଲା। ସୂଚନା ପାଇବା ମାତ୍ରେ ପୋଲିସର ଏକ ଟିମ୍ ସେଠାରେ ପହଞ୍ଚିଥିଲା। ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ସେଠାରୁ କଫସିରପ ଜବତ ସହ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଥିଲା। ସେହିପରି ଖସିଯାଇଥିବା ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ତନାଘନା ଜାରି ରଖିଛି। ଏଭଳି ନିଶା କାରବାରରେ ପୂର୍ବରୁ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କ ଉପରେ ମଧ୍ୟ ପୋଲିସର ନଜର ରହିଛି ଏବଂ ସେଭଳି ନିଶାଦ୍ରବ୍ୟ ଚାଲାଣ ସୂଚନା ମିଳିଲେ କାର୍ଯ୍ୟାନୁଷ୍ଠାନ ହେଉଛି ବୋଲି ଏସ୍‌ପି ମୀନା କହିଥିଲେ। ଏହାସହିତ ବସ୍‌ଷ୍ଟାଣ୍ଡ, ପାର୍କ ଆଦି ଜନଗହଳି ସ୍ଥାନରେ ପୋଲିସ ପାଟ୍ରୋଲିଂ କରୁଥିବାବେଳେ ସାଦା ପୋଷାକରେ ମଧ୍ୟ ମୁତୟନ ରହୁଛନ୍ତି। ଲୋକମାନେ ଯେଭଳି ସୁରକ୍ଷିତ ରହିପାରିବେ, ସେଥିପ୍ରତି ପୋଲିସ ସବୁବେଳେ ଗୁରୁତ୍ୱ ଦେଇଆସୁଛି ବୋଲି ଏସ୍‌ପି ସୂଚନା ଦେଇଥିଲେ।

## ଛତୁ ଚୋରିରୁ ଡବଲ ମର୍ଡର

**ପଦ୍ମପୁର,୨୧।୭(ପ୍ରଦୀପ୍ତ ଦାଶ)**

- ମା, ଝିଅ ମୃତ
- ପୁତୁରାଙ୍କ ଆତ୍ମସମର୍ପଣ

ବରଗଡ ଜିଲା ପଦ୍ମପୁର ଉପଖଣ୍ଡ ପଥୁରୀ ଗ୍ରାମରେ ସୋମବାର ଏକ ଅଭାବନୀୟ ଘଟଣା ଘଟିଛି। ଛତୁଚୋରିରୁ ପାରିବାରିକ କଳହ ହେବା ଏବଂ ପରେ ଏହା ଡବଲ ମର୍ଡର ରୂପ ନେବା ଅଞ୍ଚଳବାସୀଙ୍କୁ ସ୍ତବ୍ଧ କରି ପକାଇଛି। ଏଥିରେ ଗ୍ରାମର ବେଳମତୀ ନାଗ ଏବଂ ତାଙ୍କ ଝିଅ ସାବିତ୍ରୀଙ୍କ ମୃତ୍ୟୁ ହୋଇଛି। ସେହିପରି ମୃତ ବେଳମତୀଙ୍କ ସ୍ୱାମୀ ବିଶିକେଶନ ଗୁରୁତର ଆହତ ହୋଇଛନ୍ତି। ଚିକିତ୍ସା ପାଇଁ ତାଙ୍କୁ ପଦ୍ମପୁର ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ହତ୍ୟାକାଣ୍ଡ ପରେ ମୃତ ବେଳମତୀଙ୍କ ପୁତୁରା ଶଶିଭୂଷଣ ପଦ୍ମପୁର ଥାନାରେ ଆତ୍ମସମର୍ପଣ କରିଛନ୍ତି। ପୋଲିସ ଏ ନେଇ ଏକ ହତ୍ୟା ମାମଲା(ନଂ-୨୦୧/୨୫) ରୁଜୁ କରିବା ସହିତ ଅଭିଯୁକ୍ତ ଶଶିଭୂଷଣଙ୍କୁ ଅଟକ ରଖି ପଚରାଉଚରା କରୁଛି।

ସୂଚନା ଅନୁଯାୟୀ, ମୃତ ବେଳମତୀଙ୍କ ପୁତୁରା ଶଶିଭୂଷଣ ଛତୁଚାଷ କରିଥିଲେ। ବିଭିନ୍ନ ସମୟରେ ତାଙ୍କର ଛତୁ ଚୋରି ହେଉଥିଲା। ଏହି ଛତୁଚୋରି ନେଇ ବେଳମତୀ ଓ ଶଶୀଭୂଷଣଙ୍କ ପରିବାର ମଧ୍ୟରେ ଝଗଡ଼ା ହୋଇଥିଲା। ପରେ ଏହା ଉଗ୍ରରୂପ ନେଇଥିଲା। ଶଶୀଭୂଷଣ ରାଗିଯାଇ ବେଳମତୀଙ୍କ ଘରକୁ ଯାଇଥିଲେ। ସେଠାରେ ବେଳମତୀ ଓ ସାବିତ୍ରୀ ଏବଂ ବିଶିକେଶନଙ୍କୁ ସେ ଟାଙ୍ଗିଆରେ ଆକ୍ରମଣ କରିଥିଲେ। ଫଳରେ ଘଟଣାସ୍ଥଳରେ ବେଳମତୀ ଓ ସାବିତ୍ରୀଙ୍କ ମୃତ୍ୟୁ ଘଟିଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବାବେଳେ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଦ୍ମପୁର ଉପଖଣ୍ଡ ଡାକ୍ତରଖାନାକୁ ପଠାଇଛି।

## ଅଭିଯୋଗର ସମାଧାନ ନିର୍ଦ୍ଦେଶ ଦେଲେ ଜିଲାପାଳ



ଜିଲାପାଳ ଏବଂ ଏସ୍‌ପି ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

**ବରଗଡ଼,୨୧।୭(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସୋମବାର ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଆଦିତ୍ୟ ଗୋୟଲ, ଆରକ୍ଷୀ ଅଧିକ୍ଷକ ପ୍ରହ୍ଲାଦ ସହାୟ ମୀନା ଏହି ଶିବିରରେ ଉପସ୍ଥିତ ରହି ଲୋକଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିଥିଲେ। ଅତିରିକ୍ତ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସୁରଜ କୁମାର ପଟ୍ଟନାୟକ, ଉପଜିଲାପାଳ ପ୍ରସନ୍ନ କୁମାର ପାଣ୍ଡେ ଏବଂ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ କୁବେର ମହନ୍ତ ପ୍ରମୁଖ ମଧ୍ୟ ଶିବିରରେ ଉପସ୍ଥିତ ଥିଲେ। ଉକ୍ତ ଶିବିରରେ ଜଳସେଚନ, ବିଦ୍ୟୁତ୍ ଯୋଗାଣ, ପାନୀୟଜଳ ଯୋଗାଣ, ରାଶନ କାର୍ଡ, ବାର୍ଦ୍ଧକ୍ୟ ଏବଂ ବିକଳାଙ୍ଗ ଭତ୍ତା, ରାସ୍ତା ନିର୍ମାଣ, କୃଷି ଆଦି ସମସ୍ୟା ଆଧାରିତ ସମୁଦାୟ ୭୨ ଅଭିଯୋଗ ହୋଇଥିଲା। ସେଥିରୁ ୫୪ ଅଭିଯୋଗ ବ୍ୟକ୍ତିଗତ ଏବଂ ୧୮ ସାମୂହିକ ଅଭିଯୋଗ ରହିଥିଲା। ଏହି ଅଭିଯୋଗ ଗୁଡିକର ଶୁଣାଣି କରି ତୁରନ୍ତ ସମାଧାନ କରିବା ପାଇଁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ସିଆର୍‌ପି-ସିଏମ୍ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ



ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ସିଆରପି-ସିଏମ୍ ।

**ବୌଦ୍ଧ,୨୧।୭(ଅଜିତ କୁମାର ବାରିକ)**

ସିଆର୍‌ପି-ସିଏମ୍‌ମାନଙ୍କ ବିଭିନ୍ନ ଦାବିନେଇ ସୋମବାର ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ସିଆର୍‌ପି-ସିଏମ୍‌ମାନଙ୍କୁ ମାସିକ ବେତନ ଦଶ ହଜାର ଟଙ୍କା ପ୍ରଦାନ କରାଯିବା ସହିତ ଇନସେନଟିଭ୍ ବନ୍ଦ, ଅନ୍‌ଲାଇନ କାର୍ଯ୍ୟ ପାଇଁ ଟାବଲେଟ ମେସିନ ପ୍ରଦାନ, ପରିଚୟ ପତ୍ର ପ୍ରଦାନ, ମାସିକ ବେତନ ଏକାଉଣ୍ଟ ମାଧ୍ୟମରେ ପ୍ରଦାନ ଏବଂ ସାମାଜିକ ସୁରକ୍ଷା ପ୍ରଦାନ କରିବା ପାଇଁ ଦାବି ହୋଇଥିଲା। ଦାବିପତ୍ର ପ୍ରଦାନ ସମୟରେ ଭାରତୀୟ ମଜଦୂର ସଂଘର ଜିଲା ସମ୍ପାଦକ ଲୋକନାଥ ଶତପଥୀ, ଗୋଷ୍ଠୀ ସହାୟକା ସଭାପତି ମଞ୍ଜୁଳା ବିଶିଙ୍କ ସମେତ ସିଆର୍‌ପି-ସିଏମ୍‌ମାନେ ଉପସ୍ଥିତ ଥିଲେ।

## ୨ ଗିରଫ, ଜେଜେବି ଗଲେ ନାବାଳକ

**ଦୁଇଜଣଙ୍କୁ ଅପହରଣ ଘଟଣା**

**ବାଉଁଶୁଣୀ,୨୧।୭(ଦେବାଶିଷ ନେପାକ)**

ବୌଦ୍ଧ ଜିଲା ବାଉଁଶୁଣୀ ଥାନା ମୁଣ୍ଡିପଦର ନିକଟରୁ ୨ ଜଣଙ୍କୁ ଅପହରଣ କରିବା ଓ ସେମାନଙ୍କ ମୁକ୍ତି ପାଇଁ ୩ ଲକ୍ଷ ଟଙ୍କା ଦାବି କରାଯାଇଥିବା ନେଇ ଅଭିଯୋଗ ହୋଇଥିଲା। ଏହି ଘଟଣାରେ ରବିବାର ପୋଲିସ ୩ ଅପହର୍ତ୍ତାଙ୍କୁ ଧରିଥିଲା। ସେମାନଙ୍କ ମଧ୍ୟରୁ ୨ ଜଣଙ୍କୁ ସ୍ଥାନୀୟ ପୋଲିସ ଗିରଫକରି ସୋମବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ମନମୁଣ୍ଡା ଥାନା ସାହୁପଡା ଗ୍ରାମର ପୀତବାସ କାମିଲା ଓ ରେଙ୍ଗାଲି ଗ୍ରାମର କର୍ମବୀର ମେହେର। ସେହିପରି ଏଥିରେ ସମ୍ପୃକ୍ତ ନାବାଳକଙ୍କୁ ଜେଜେବିରେ ହାଜର କରାଯାଇଥିବା ଆଇଆଇସି ସାରଦା ପ୍ରସନ୍ନ ଦାଶ ସୂଚନା ଦେଇଛନ୍ତି।

ବଘିଆପଡ଼ା ଫାଣ୍ଡି ସାନଗୋଛାପଡ଼ା ଗ୍ରାମର ଅପହୃତ୍ତାଙ୍କ ବାପା ରମେଶ ସାହୁଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ପୁଅ ମାନସ ଓ ଡ୍ରାଇଭର ଦନ୍ତାପାଲି ଗ୍ୟାରେଜ୍‌ରେ ଟ୍ରାକ୍ଟର ମରାମତି ସାରି ଶନିବାର ରାତିରେ ଘରକୁ ଫେରୁଥିଲେ। ମୁଣ୍ଡିପଦର ନିକଟରେ ୩ ଅଭିଯୁକ୍ତ ଆସି ମାନସ ଓ ଡ୍ରାଇଭରଙ୍କୁ ଅପହରଣ କରିନେଇଥିଲେ। ଅଭିଯୋଗ ପାଇବା ପରେ ବାଉଁଶୁଣୀ ପୋଲିସ ମନମୁଣ୍ଡା ଥାନା ମନୁପାଲି ନିକଟରୁ ଉଭୟଙ୍କୁ ଉଦ୍ଧାର କରିବା ସହ ୩ ଅପହରଣକାରୀଙ୍କୁ କାବୁ କରିଥିଲା। ସେମାନଙ୍କ ନିକଟରୁ ଗୋଟିଏ ଟ୍ରାକ୍ଟର, ଦୁଇଟି ବାଇକ୍, ୩ଟି ମୋବାଇଲ, ମନିପର୍ସ ଓ ଦୁଇଟି ଲାଠି ଜବତ କରିଥିଲା।

## ବିକାଶରେ ଆଇନ ସଚେତନତା ଶିବିର

**ବରଗଡ଼,୨୧।୭(ପ୍ରେମାନନ୍ଦ ଖମାରୀ)**



ଶିବିରରେ ଲକ୍ଷ୍ମୀ ବିକାଶ ଗ୍ରୁପ ଚେୟାରମ୍ୟାନ ବକ୍ତବ୍ୟ ରଖିଛନ୍ତି।

ବରଗଡ଼ ସ୍ଥିତ ବିକାଶ ଲ ସ୍କୁଲରେ ସୋମବାର ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଲ ସ୍କୁଲର ଅଧ୍ୟକ୍ଷ ଡଃ ବିକ୍ରମ କୁମାର ଦାସ ଅଧ୍ୟକ୍ଷତା କରିଥିଲେ। ଅଧ୍ୟାପକ ଶିବାନନ୍ଦ ସାହୁ ଶିବିର ପରିଚାଳନା କରିଥିଲେ। ଅଧ୍ୟକ୍ଷ ଦାସ କାର୍ଯ୍ୟକ୍ଷେତ୍ରରେ ନାରୀମାନଙ୍କର ସୁରକ୍ଷା ଏବଂ ତାଙ୍କର ଅଧିକାର ଉପରେ ଆଲୋକପାତ କରିଥିଲେ। ଲକ୍ଷ୍ମୀ ବିକାଶ ଗ୍ରୁପର ଚେୟାରମ୍ୟାନ ଡି. ନାଗେଶ୍ୱର ରାଓ ଶିବିରରେ ମୁଖ୍ୟଅତିଥିଭାବେ ଯୋଗଦାନ କରିଥିଲେ। ସି.ଏ.ଓ ଅଜୟ କୁମାର ମହାପାତ୍ର ଯୋଗଦେଇ ନାରୀମାନଙ୍କର ସୁରକ୍ଷା ପାଇଁ ସମସ୍ତେ ସଚେତନ ହେବାର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ଅଧ୍ୟାପିକା ସାଗରିକା ବିଶ୍ୱାଳ ପିଓଏସଏଚ୍ ଆଇନ ସମ୍ବନ୍ଧରେ ଆଲୋଚନା କରିଥିଲେ। ଅଧ୍ୟାପକ ଅଭିନନ୍ଦନ ଖୁଣ୍ଟିଆ, ନିହାର ରଞ୍ଜନ ବିଶ୍ୱାଳ, ଅଧ୍ୟାପିକା ରୋଜି ମେହେର, ସ୍ୱାଗତିକା ସାହୁ, ସୁଶୋଭିତା ଦାସ, ସନ୍ତୋଷୀ ସାହୁଙ୍କ ସମେତ ଲ ସ୍କୁଲର ଛାତ୍ରୀଛାତ୍ର ଶିବିରରେ ଉପସ୍ଥିତ ଥିଲେ। ଅଧ୍ୟାପିକା ଜୈମିନୀ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ପେପର୍ ବ୍ୟାଗ, ପତ୍ରରୁ ପ୍ଲେଟ ତିଆରି କର୍ମଶାଳା

**ବରଗଡ଼,୨୧।୭(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ଭଟଲି ବ୍ଲକ ଅନ୍ତର୍ଗତ କର୍ଲାଯୋରୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶନିବାର ପେପର୍ ବ୍ୟାଗ, କାଗଜ ଠୁଙ୍ଗା ଓ ପତ୍ରରୁ ପ୍ଲେଟ ତିଆରି ପାଇଁ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ଅଜିତ ଖମାରୀଙ୍କ ତତ୍ତ୍ୱାବଧାନରେ ଏହି କର୍ମଶାଳା ହୋଇଥିଲା। ଅନୁଷ୍ଠାନର ଇକୋ କ୍ଲବ ଆନୁକୂଲ୍ୟାରେ ଅନୁଷ୍ଠିତ ଏହି କର୍ମଶାଳାରେ ଗୁରୁମା ସୁଦୀପ୍ତା ବେହେରା ଅତିଥି ସ୍ୱାଗତ ଓ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଧାନ ଆଚାର୍ଯ୍ୟ କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସ୍ୱତନ୍ତ୍ର ଅତିଥି ଭାବରେ ଇକୋ କ୍ଲବ ମାଷ୍ଟର ଟ୍ରେନର ତଥା ପରିବେଶବିତ୍ ସଞ୍ଜୟ ଖମାରୀ ଯୋଗ ଦେଇ ଯଥାସମ୍ଭବ ପେପର୍ ବ୍ୟାଗ, କାଗଜ ଠୁଙ୍ଗା ଓ ପତ୍ର ନିର୍ମିତ ପ୍ଲେଟ ବ୍ୟବହାର କରି ସବୁଜ ଜୀବନ ଶୈଳୀକୁ ଆପଣାଇବା ସହିତ ଏକକ ବ୍ୟବହୃତ ପ୍ଲାଷ୍ଟିକ ମୁକ୍ତ ପରିବେଶ ସୃଷ୍ଟି କରିବା ପାଇଁ ସମସ୍ତଙ୍କୁ ଆହ୍ୱାନ କରିଥିଲେ। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଇକୋ କ୍ଲବର ସମସ୍ତ ସଦସ୍ୟ ଏହି କର୍ମଶାଳାରେ ସକ୍ରିୟ ଅଂଶଗ୍ରହଣ କରି ପତ୍ରରୁ ଖଲି ନିର୍ମାଣ କରିବା ପ୍ରଣାଳୀ, ପେପର୍ ବ୍ୟାଗ ଓ କାଗଜରୁ ଠୁଙ୍ଗା ତିଆରି କରିବା ପ୍ରଣାଳୀ ଶିକ୍ଷା ଲାଭ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପରିଚାଳନା ସମିତିର ଉପସଭାପତି ତେଜରାଜ ସାହୁ, ଗୁରୁମା ଅନସୂୟା ପଧାନ, ସୁଜାତା ସାହୁ, ସୁଦୀପ୍ତା ବେହେରା, କଳ୍ପନା ପଧାନ, ମାନସୀ ମୁଦୁଲି, ଗୋପଲକ୍ଷ୍ମୀ ଥପା, ଅନୀତା ସେଠ, କୋଇଲି ଡୁମଲିଆ ପ୍ରମୁଖ ସହଯୋଗ କରିଥିଲେ। ଗୁରୁମା ଗୋପଲକ୍ଷ୍ମୀ ଥପା ଧନ୍ୟବାଦ ଅର୍ପଣ କରିଥିଲେ।

## ଭକ୍ତିମୟ ସରଣ୍ଡା ଅଷ୍ଟଶମ୍ଭୁ ବିଶ୍ୱେଶ୍ୱର ଶୈବପୀଠ

**ଅତାବିରା/ପାଇକମାଳ,୨୧।୭ (ଯୁଧିଷ୍ଠିର ମହାପାତ୍ର/ବଢ଼ ଶତପଥୀ)**

ଅତାବିରା ବ୍ଲକ ସରଣ୍ଡାରେ ରହିଛି ବାବା ବିଶ୍ୱେଶ୍ୱରଙ୍କ ଶୈବ ପୀଠ। ଏଠି ବର୍ଷର ବିଭିନ୍ନ ସମୟରେ ନାନା ପର୍ବ ପାଳନ କରାଯାଏ। ଶ୍ରାବଣ ମାସର ଦ୍ୱିତୀୟ ସୋମବାର ଅବସରରେ ବୋଲବମ ଭକ୍ତଙ୍କ ସହ ଶ୍ରଦ୍ଧାଳୁ ବାବା ବିଶ୍ୱେଶ୍ୱରଙ୍କ ଦର୍ଶନ କରି ଜଳାଭିଷେକ କରିଛନ୍ତି। ଲମ୍ବାଧାଡ଼ିରେ ଶାନ୍ତିଶୃଙ୍ଖଳା ସହ ଦୀର୍ଘ ସମୟ ଦର୍ଶନ ପାଇଁ ଅପେକ୍ଷା କରିବା ବାବା ଓ ଭକ୍ତଙ୍କ ମଧ୍ୟରେ ଏକ ଭିନ୍ନ ଆସ୍ଥା ଓ ବିଶ୍ୱାସର ପରିବେଶ ଜାଗ୍ରତ ହୋଇଛି । ଭିଡ଼କୁ ଦୃଷ୍ଟିରେ ରଖି ଶୃଙ୍ଖଳିତ ଦର୍ଶନ ପାଇଁ ମନ୍ଦିର ପରିଚାଳନା କମିଟିର ସ୍ୱେଚ୍ଛାସେବୀଙ୍କ ସହ ଅତାବିରା ଥାନା ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯାଇଥିଲା। ସୋମବାର ବୋଲବମ ଧ୍ୱନିରେ କମ୍ପି ଉଠିଥିଲା ମନ୍ଦିର ପରିସର। ସେହିପରି ଓଡ଼ିଶାର ପ୍ରସିଦ୍ଧ ତୀର୍ଥକ୍ଷେତ୍ର ନୃସିଂହନାଥରେ ସୋମବାର ବୋଲବମ ଭକ୍ତଙ୍କ ଭିଡ ହୋଇଥିଲା। ପ୍ରବଳ ବର୍ଷା ଯୋଗୁ ସେତେଟା ଭିଡ଼ ପୂର୍ବବର୍ଷ ପରି ହୋଇ ନଥିଲେ ବି ଭକ୍ତମାନେ ପାପନାଶିନୀ ଝରଣାରେ ଗାଧୋଇ ମଜାଉଠାଇବା ସହ ଠାକୁର ଦର୍ଶନ କରିଥିଲେ।



ଅଷ୍ଟଶମ୍ଭୁ ବିଶ୍ୱେଶ୍ୱର ଶୈବ ପୀଠରେ ଭକ୍ତଙ୍କ ଲମ୍ବା ଧାଡ଼ି।

# ସଂଯୁକ୍ତ କୃଷକ ସଙ୍ଗଠନର ଦାବିପତ୍ର

**ବରଗଡ଼,୨୧।୭(ପ୍ରେମାନନ୍ଦ ଖମାରୀ)**



ସଂଯୁକ୍ତ କୃଷକ ସଙ୍ଗଠନର ପ୍ରତିନିଧିମାନେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ଧାନବିକ୍ରି ପାଇଁ ରାଜ୍ୟ ସରକାର ଚାଷୀ ପଞ୍ଜିକରଣରେ ନୂତନ ନୀତି ଆଣିଛନ୍ତି। ଏହାକୁ ସଂଯୁକ୍ତ କୃଷକ ସଂଗଠନ, ବରଗଡ଼ ବିରୋଧ କରିଛି। ଫଳରେ ଏହାର ପୁନର୍ବିଚାର କରିବାକୁ ସୋମବାର ସଙ୍ଗଠନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବରଗଡ଼ ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଉଲ୍ଲେଖ ରହିଛି, ଯେ ଚଳିତ ଖରିଫ ଋତୁ ଧାନ ବିକ୍ରି ପାଇଁ ରାଜ୍ୟ ସରକାର ବଳକା ଧାନ ବିକ୍ରି କରିବାକୁ ଚାହୁଁ ଥିବା କୃଷକମାନଙ୍କୁ ଜମି ପଞ୍ଜିକରଣ ପାଇଁ ଗତ ଜୁଲାଇ ମାସ ୧୯ତାରିଖରୁ ଆସନ୍ତା ଅଗଷ୍ଟ ମାସ ୨୦ ତାରିଖ ମଧ୍ୟରେ ଆବଶ୍ୟକ କାଗଜପତ୍ର ଦେଇ ପଞ୍ଜିକୃତ ପାଇଁ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଯେଉଁଥିରେ ସମସ୍ତ ଚାଷୀଙ୍କୁ ନୂତନ ପଞ୍ଜିକରଣ ପାଇଁ ପରାମର୍ଶ ରହିଛି। ନୂତନ ନିର୍ଦ୍ଦେଶିକାରେ ଜମି ରେକର୍ଡଧାରୀଙ୍କ କ୍ଷେତ୍ରରେ କୌଣସି ଅସୁବିଧା ନାହିଁ। ଗତବର୍ଷ ଗୁଡ଼ିକରେ ଯେମିତି କାଗଜପତ୍ର ଦରକାର ଥିଲା, ସେତିକି ଦେବାକୁ ପଡ଼ିବ। କିନ୍ତୁ ରେକର୍ଡଧାରୀଙ୍କ ଯଦି ଦେହାନ୍ତ

**ଚାଷୀ ପଞ୍ଜୀକରଣ ନୂଆନୀତିକୁ ବିରୋଧ**

ହୋଇଯାଇଛି, ସେ କ୍ଷେତ୍ରରେ ରାଜସ୍ୱ ନିରୀକ୍ଷକଙ୍କଠାରୁ ବଂଶାବଳି ଆଣିବାକୁ ପଡ଼ିବ। ବଂଶାବଳିରେ ବଂଶର ସମସ୍ତ ମହିଳା ଏବଂ ପୁରୁଷ ସମାନ ଭାବରେ ଜମିର ହକଦାର ହେବେ ଏବଂ ସମସ୍ତେ ଧାନ କାର୍ଡ କରିପାରିବେ। ଯଦି ଜମି ଚାଷ କରୁଥିବା ଚାଷୀ ନିଜର ନାମରେ ସମସ୍ତ ଜମିର ଧାନ କାର୍ଡ ତିଆରି କରିବାକୁ ଚାହିଁବ, ତାହାହେଲେ ସମସ୍ତ ଅଂଶୀଦାରମାନଙ୍କୁ ପ୍ରାଥମିକ କୃଷି ସମବାୟ ସମିତିକୁ ଆଣି ସାକ୍ଷର ଦେବା ସହିତ ସମସ୍ତଙ୍କ ଆଖି ସ୍କାନ କରିବାକୁପଡିବ। ଏହାପରେ ମୋବାଇଲକୁ ଓଟିପି ଆସିବ ସେହି ଓଟିପି ଦେଲେ ଯାଇ ଧାନ କାର୍ଡ ତିଆରି ହୋଇ ପାରିବ। ରାଜ୍ୟ ସରକାରଙ୍କ ଏଭଳି ନିଷ୍ପତ୍ତି ବିରୋଧରେ ସଂଯୁକ୍ତ କୃଷକ ସଙ୍ଗଠନ ଅଭିଯୋଗ କରି ମୁଖ୍ୟମନ୍ତ୍ରୀ, କୃଷିମନ୍ତ୍ରୀ, ସମବାୟ ମନ୍ତ୍ରୀ, ଯୋଗାଣ ମନ୍ତ୍ରୀ, ଜିଲାପାଳ ଏବଂ ଏସ୍‌ପିଙ୍କୁ ଲିଖିତ ଭାବେ ଜଣାଇଛି । ଯଦି ଏହି ନିୟମ କାର୍ଯ୍ୟକାରୀ କରାଯାଏ, ତାହାହେଲେ ୭୦ରୁ ୮୦ ପ୍ରତିଶତ କୃଷକ ଧାନବିକ୍ରିରୁ ବଞ୍ଚିତ ହେବେ ଏବଂ ତାହା ରାଜ୍ୟର କୃଷି ଅର୍ଥନୀତି ଉପରେ ଗଭୀର ପ୍ରଭାବ ପଡ଼ିବ। ସେହିପରି ସରକାରୀ ସଂସ୍ଥାରୁ ଧାନ ବିକ୍ରି କରିବାରେ ବଞ୍ଚିତ ହେଲେ ଦଲାଲମାନେ ଆହୁରି ସକ୍ରିୟ ହେବେ। କେବଳ ସେତିକି ନୁହେଁ, ଖାଦ୍ୟ ସୁରକ୍ଷା ଉପରେ ମଧ୍ୟ ବହୁତ ପ୍ରଭାବ ପଡିବ ଏବଂ ଚାଷୀ ନିରୁତ୍ସାହିତ ହୋଇ ଚାଷ ଛାଡ଼ିବ ବୋଲି ସଂଗଠନ ତରଫରୁ ଅଭିଯୋଗ ହୋଇଛି। ସେଭଳି କଟକଣା ସବୁ ଉଠାଇ ନେଇ ସରଳ କରିବା ଏବଂ ଥରେ ପଞ୍ଜିକୃତ ହେଲେ କେବଳ ଆବଶ୍ୟକ ସ୍ଥଳେ ସଂଶୋଧନ କରିବାକୁ ସଙ୍ଗଠନ କହିଛି। ଏଣୁ ଗତ ବର୍ଷ ପରି ଚଳିତ ବର୍ଷ ମଧ୍ୟ ପୁରୁଣା ପଦ୍ଧତିରେ ପଞ୍ଜିକରଣ କରାଯାଉ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଏହାର ଶୀଘ୍ର ସମାଧାନ କରିବା ପାଇଁ ସାଙ୍ଗଠନିକ ନିଷ୍ପତ୍ତି ଅନୁସାରେ ମଙ୍ଗଳବାର ଜିଲାର ସମସ୍ତ ତହସିଲ ଅଫିସରେ ଦାବିପତ୍ର ଦିଆଯିବ ବୋଲି ସଙ୍ଗଠନ ଘୋଷଣା କରିଛି। ସଙ୍ଗଠନର ଉପଦେଷ୍ଟା ରମେଶ ମହାପାତ୍ର, ସୁଦାମ ପାତ୍ର, ନିରଞ୍ଜନ ପଧାନ, ବୃନ୍ଦାବନ ଭୋଇ, ସୁରେଶ ନିକେଣ୍ଟି, ରବିଶଙ୍କର ପଧାନ, କୁଶ ପଧାନ, ଲକ୍ଷ୍ମୀକାନ୍ତ ପଧାନ, ସୁବଳ ପଧାନ, ଜୟ ପ୍ରକାଶ ବେହେରା ପ୍ରମୁଖ ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ମହିଳାଙ୍କୁ ବଳାତ୍କାର ବେଳର ଭିଡିଓ ଦେଖାଇ ହତ୍ୟା ଧମକ
**ଅଭିଯୁକ୍ତ ଗିରଫ**

ସୁନ୍ଦରଗଡ଼/ବାଲିଶଙ୍କରା,୨୧।୭ (ଜୟନାରାୟଣ ମେଣ୍ଡୁଲି/ ସତ ସେଠ): ମହିଳାଙ୍କୁ ବଳାତ୍କାର ବେଳର ଭିଡିଓ ଦେଖାଇ ହତ୍ୟା ଧମକ ଦେଇଥିବା ଯୁବକଙ୍କୁ ସୁନ୍ଦରଗଡ ଟାଉନ ଥାନା ପୋଲିସ ସୋମବାର ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ଅଶ୍ୱିନୀ ନାଏକ। ଏନେଇ ପୋଲିସ ଏକ ମାମଲା ନଂ. ୨୧୭/୨୫ ରୁଜୁ କରି ଘଟଣାର ତଦନ୍ତ କରୁଛି। ପୋଲିସ ସୂଚନା ଅନୁଯାୟୀ, ଦୀର୍ଘ ଦିନରୁ ଅଶ୍ୱିନୀ ଓ ମହିଳାଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ମାର୍ଚ୍ଚ ୮ରେ ଅଶ୍ୱୀନ ମହିଳାଙ୍କୁ ବାଇକ୍ ଯୋଗେ ଏନଟିପିସି ହସ୍ପିଟାଲରୁ ବାରଗାଡ଼ ଜଙ୍ଗଲକୁ ନେଇ ବଳାତ୍କାର କରିଥିଲେ। ସେହି ସମୟର ଭିଡିଓ କରି ତାଙ୍କୁ ବାରମ୍ବାର ହତ୍ୟା ଧମକ ଦେଇଥିଲେ। ଏନେଇ ମହିଳା ଜଣଙ୍କ ୩୧/୫/୨୦୨୫ରେ ଟାଉନ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରି ସୋମବାର କାଳି ମଣ୍ଡପ ନିକଟରୁ ଅଭିଯୁକ୍ତ ଅଶ୍ୱିନୀଙ୍କୁ ଗିରଫ କରିଥିଲା।

### ବ୍ରାହ୍ମଣ ସମାଜ ପକ୍ଷରୁ ପର୍ବ ପର୍ବାଣି ଲଗ୍ନ ଧାର୍ଯ୍ୟ

ବଡ଼ଗାଁ,୨୧।୭(ଅଶୋକ ଷଡଙ୍ଗୀ) : ସୁନ୍ଦରଗଡ଼ ଜିଲା ବଡ଼ଗାଁ ଅନୁଶୀଳନ ବ୍ରହ୍ମପୁରା ସମାଜ ପକ୍ଷରୁ ରାକ୍ଷୀ ପୂର୍ଣ୍ଣିମା ଠାରୁ ମହାବିଷୁବ ସଂକ୍ରାନ୍ତି ପର୍ଯ୍ୟନ୍ତ ବର୍ଷସାରା ପାଳନ ହେଉଥିବା ପର୍ବପର୍ବାଣିର ଲଗ୍ନ ଧାର୍ଯ୍ୟ ସୋମବାର ବୈଠକ କରାଗଲା ପରେ ଘୋଷଣା କରାଯାଇଛି। ବଡ଼ଗାଁ ଦେବ ମଣ୍ଡପଠାରେ ସମାଜର ସଭାପତି ପରମାନନ୍ଦ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ପଣ୍ଡିତ ସ୍ୱପ୍ନେଶର ନାୟକ ଲଗ୍ନ ଧାର୍ଯ୍ୟ କରିଥିବା ବେଳେ ତାଙ୍କୁ ବିଭୂତି ନାୟକ, ଅର୍ଜୁନ ନାୟକ, ସତ୍ୟବାନ ବିଶି, ପଦ୍ମଲୋଚନ ପାଣିଗ୍ରାହୀଙ୍କ ସହିତ ସମାଜ କର୍ମକର୍ତ୍ତାମାନେ ସହଯୋଗ କରିଥିଲେ। ଏଥିରେ ସମାଜର ବରିଷ୍ଠ କାର୍ଯ୍ୟକର୍ତ୍ତା ଉପାଧ୍ୟାୟ ପାଣିଗ୍ରାହୀ, ରେଣୁ ମାଧବ ହୋତା, ଫକିର ପାଣିଗ୍ରାହୀ, ସମ୍ପାଦକ ସୌରଭ ପଣ୍ଡା ଯୋଗଦେଇଥିଲେ।

### ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ କଲେ ଜେପି ହସ୍ପିଟାଲ ନିର୍ଯାତିତା

ରାଉଲକେଲା,୨୧।୭(ସଙ୍ଗୀତା ଜେନା): ରାଉରକେଲା ଜେପି ହସ୍ପିଟାଲରେ ମହିଳା କର୍ମଚାରୀଙ୍କୁ ନିର୍ଯାତନା ଅଭିଯୋଗ ମାମଲାର ସଠିକ୍ ଯାଞ୍ଚ ହେବ ବୋଲି ମୁଖ୍ୟମନ୍ତ୍ରୀଙ୍କ ପ୍ରକୋଷ୍ଠରୁ ଆଶ୍ୱାସନା ମିଳିଛି। ସୋମବାର ପୀଡ଼ିତା ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ ଦାଖଲ କରିଥିଲେ। ପୋଲିସ୍ କାର୍ଯ୍ୟାନୁଷ୍ଠାନ ନେଉ ନ ଥିବାରୁ ସେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଲିଖିତ ଭାବେ ଜଣାଇଥିଲେ। ସୂଚନାଯୋଗ୍ୟ, ଏବେ ମହିଳା ଥାନା ପୋଲିସ୍ ଏହି ନିର୍ଯାତନା ମାମଲାର ତଦନ୍ତ କରୁଛି।



ଡେଙ୍ଗୁ ପ୍ରତିରୋଧ ଓ ନିୟନ୍ତ୍ରଣ ସଚେତନତା ଅଧିବେଶନରେ ଉପସ୍ଥିତ ଛାତ୍ରୀଛାତ୍ର।

# ଚିକିତ୍ସା ଅପେକ୍ଷା ପ୍ରତିରୋଧକୁ ଗୁରୁତ୍ୱ

**ଡେଙ୍ଗୁ ନିୟନ୍ତ୍ରଣ ସଚେତନତା କାର୍ଯ୍ୟକ୍ରମ**

ରାଉରକେଲା,୨୧।୭(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପିର ଟାଉନ ଇଞ୍ଜିନିୟରିଂ ବିଭାଗର ଜନସ୍ୱାସ୍ଥ୍ୟ ୟୁନିଟ ପକ୍ଷରୁ ସୋମବାର ସେକ୍ଟର-୨୦ ସ୍ଥିତ ଇସ୍ପାତ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟରେ ଡେଙ୍ଗୁ ପ୍ରତିରୋଧ ଓ ନିୟନ୍ତ୍ରଣ ଉପରେ ଏକ ସଚେତନତାଭିତ୍ତିକ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଏହି ଅଧିବେଶନ ଟାଉନ ଇଞ୍ଜିନିୟରିଂ ଜନସ୍ୱାସ୍ଥ୍ୟ ବିଭାଗର ଉପ ମୁଖ୍ୟ ଚିକିତ୍ସାଧିକାରୀ ଡକ୍ଟର ଦୀପା ଲାଭାଙ୍ଗରେଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଡେଙ୍ଗୁ ସମ୍ବନ୍ଧୀୟ କାରଣ ଏବଂ ଏହାର ଲକ୍ଷଣ ସହିତ ପ୍ରତିରୋଧମୂଳକ ପଦକ୍ଷେପ ବିଷୟରେ ଛାତ୍ରୀଛାତ୍ରମାନଙ୍କୁ ସଚେତନ କରାଯାଇଥିଲା। ଆୟୋଜିତ ଅଧିବେଶନରେ ପ୍ରାୟ ୨ଶହ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ସମ୍ମିଳିତ ଛାତ୍ରୀଛାତ୍ରମାନଙ୍କୁ ସ୍ୱଚ୍ଛତା ବଜାୟ ରଖିବା, ମଶା ପ୍ରଜନନ ସ୍ଥାନ ଚିହ୍ନଟ କରିବା ଏବଂ ରୋଗ ବ୍ୟାପିବାରୁ ରୋକିବା ପାଇଁ ସହଜ ଏବଂ ପ୍ରଭାବଶାଳୀ ଉପାୟ ସହ ଅଭ୍ୟସ୍ତ କରିବା ଏହି ଅଧିବେଶନର ଲକ୍ଷ୍ୟ ଥିଲା। ଡକ୍ଟର ଲାଭାଙ୍ଗରେ ଚିକିତ୍ସା ଅପେକ୍ଷା ପ୍ରତିରୋଧ ଉତ୍ତମ ଏହି ପୁରୁଣା ଉକ୍ତି ଉପରେ ଗୁରୁତ୍ୱାରୋପ କରିବା ସହିତ ଛାତ୍ରୀଛାତ୍ରଙ୍କୁ ସ୍ୱଚ୍ଛତା ବଜାୟ ନେଇ ସତର୍କତା ଓ ଦାୟିତ୍ୱବାନ ହେବାକୁ ପରାମର୍ଶ ଦେଇଥିଲେ। ଡକ୍ଟର ଲାଭାଙ୍ଗରେ ପ୍ରାରମ୍ଭିକ ରୋଗ ନିର୍ଣ୍ଣୟ ଏବଂ ସମୟୋଚିତ ଚିକିତ୍ସା ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମକୁ ଜନସ୍ୱାସ୍ଥ୍ୟ ବିଭାଗ ସହାୟକ ପରିଚାଳକ ରସାନନ୍ଦ ପ୍ରଧାନ ସଂଯୋଜନା କରିଥିଲେ। ଉଲ୍ଲେଖଯୋଗ୍ୟ, ଜନସ୍ୱାସ୍ଥ୍ୟ ବିଭାଗ ଇସ୍ପାତ ସହରାଞ୍ଚଳରେ ଡେଙ୍ଗୁ ନିରାକରଣ ଉପରେ ବ୍ୟାପକ ସଚେତନତା ଅଭିଯାନ କରିଆସୁଛି। ଏଥିପାଇଁ ଆର୍‌ଏସ୍‌ପି ତରଫରୁ ୨୧ଜଣିଆ ଡେଙ୍ଗୁ ନିରାକରଣ ଟିମ୍ କରି ସେମାନଙ୍କୁ ଡେଙ୍ଗୁ ବିଷୟରେ ବ୍ୟାପକ ତାଲିମ ଦିଆଯାଇ ପରେ କାର୍ଯ୍ୟକ୍ଷେତ୍ରରେ ଲାଭ କରିଥିବା ତାଲିମ ମାଧ୍ୟମରେ ଡେଙ୍ଗୁ ନିରାକରଣ ପାଇଁ ନିୟୋଜିତ କରାଯାଉଛି। ଇତିମଧ୍ୟରେ ସମ୍ପୃକ୍ତ ଦଳ ଶିଳ୍ପାଞ୍ଚଳର ୭ହଜାର କ୍ୱାର୍ଟର୍ସରେ ଏହି ଅଭିଯାନକୁ ସମ୍ପାଦନ କରିସାରିଲେଣି। ମଶା ପ୍ରଜନନ ସ୍ଥାନ ଚିହ୍ନଟ କରାଯାଇ ଲାର୍ଭା ପ୍ରତିରୋଧୀ ଚିକିତ୍ସା ସହ ପ୍ରତ୍ୟେକ ଘରେ ଔଷଧ ମଧ୍ୟ ସିଞ୍ଚନ କରାଯାଉଛି। ଏଥିସହ ମଶା ପ୍ରଜନନ ସ୍ଥାନକୁ ସମ୍ପୂର୍ଣ୍ଣ ନଷ୍ଟ କରାଯାଉଛି ଏବଂ ବିଭିନ୍ନ ଅଞ୍ଚଳରେ ଲତାବୁଦା ମଧ୍ୟ ସଫେଇ କରାଯାଉଛି।

# ଚାକିରି କରାଇଦେବା ନାଁରେ ଠକେଇ, ଅଭିଯୁକ୍ତ ଗିରଫ

କୁଆଁରମୁଣ୍ଡା,୨୧।୭(ମହେନ୍ଦ୍ର କୁମାର ସାହୁ)

ଜଣେ ମାଟ୍ରିକ ପଢୁଆ ଯୁବକ ଅନ୍ୟ ଜଣେ ବି-ଟେକ୍ ଇଞ୍ଜିନିୟରିଂ ଡିଗ୍ରୀ ହାସଲ କରିଥିବା ଯୁବକଙ୍କୁ ରାଜଗାଙ୍ଗପୁର ସିମେଣ୍ଟ କାରଖାନାରେ ଜୁନିଅର ଇଞ୍ଜିନିୟର ଚାକିରି କରାଇ ଦେବା କହି ବିଭିନ୍ନ ପର୍ଯ୍ୟାୟରେ ୧ ଲକ୍ଷ ଟଙ୍କା ଠକି ନେଇଥିବା ବୀରମିତ୍ରପୁର ଥାନାରେ ସୋମବାର ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା (ନଂ. ୩୨୯/୨୫) ରୁଜୁ କରି ଅଭିଯୁକ୍ତ କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ତେଲିପୋଷ ଗ୍ରାମର ବିଜୟ କୁମାର କୁଜୁରଙ୍କୁ ଫାଣ୍ଡି ପୋଲିସ ଗିରଫ କରିଛି। ମଙ୍ଗଳବାର କୋର୍ଟ ଚାଲାଣ କରାଯିବ ବୋଲି ଫାଣ୍ଡି ଅଧିକାରୀ ଅଭୟ ମହାପାତ୍ର ସୂଚନା ଦେଇଛନ୍ତି। ପୋଲିସ ସୂଚନା ମୁତାବକ, କୁଆଁରମୁଣ୍ଡାର ସ୍ମୃତି ରଞ୍ଜନ ସେଠୀଙ୍କୁ ରାଜଗାଙ୍ଗପୁର ସିମେଣ୍ଟ କାରଖାନାରେ ଜୁନିଅର ଇଞ୍ଜିନିୟର ଚାକିରି କରାଇ ଦେବା କହି ବିଜୟ ଗତ ଫେବୃଆରୀ ୧୦ ତାରିଖରୁ ୨୨ ତାରିଖ ମଧ୍ୟରେ ଅନଲାଇନ ମାଧ୍ୟମରେ ୧୬ ହଜାର ୫ ଶହ ଓ ଏହାପରେ ହାତରେ ୮୩ ହଜାର ୫ ଶହ ଟଙ୍କା ନେଇଥିଲେ। ଦୀର୍ଘ ୫ ମାସ ବିତି ଯାଇଥିଲେ ମଧ୍ୟ ଚାକିରି କରାଇଦେବା ତ ଦୂର କଥା ନେଇଥିବା ଟଙ୍କାକୁ ଫାଙ୍କିଥିଲେ। ଶେଷରେ ସ୍ମୃତି ରଞ୍ଜନ ଥାନାରେ ଅଭିଯୋଗ କରିଥିଲେ। ବିଜୟ ଅନଲାଇନରେ ୧୬ ହଜାର ୫ ଶହ ଟଙ୍କା ନେଇଥିବା ଥାନାରେ ମାନିଥିବା ବେଳେ ଅବଶିଷ୍ଟ ୮୩ ହଜାର ୫ ଶହ ଫାଙ୍କି ଚାଲିଛନ୍ତି। ପୋଲିସ ତାଙ୍କୁ ପଚରାଉଚରା ଜାରି ରଖିଛି ବୋଲି କହିଛି।

# ସାପକାମୁଡ଼ା ସଚେତନତା କାର୍ଯ୍ୟକ୍ରମ

କୁତ୍ରା,୨୧।୭(ଦେବାଶିଷ ସାହୁ)

କୁତ୍ରା ବ୍ଲକ ଅନ୍ତର୍ଗତ ସର୍ଗୁକିଶାନ ଉଚ୍ଚ ବିଦ୍ୟାଳୟରେ କିଭଳି ଭାବରେ ସର୍ପାଘାତ ଜନିତ ମୃତ୍ୟୁ ଘଟୁଛି ସେନେଇ ସୋମବାର ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଶେଷ ଭାବରେ ବର୍ଷା ଦିନରେ ସାପଙ୍କ ପ୍ରାଦୁର୍ଭାବ ଅଧିକ ମାତ୍ରାରେ ଦେଖିବାକୁ ମିଳେ। ଏପରିକି ଅନେକ ଜୀବନ ଅକାଳରେ ଚାଲିଯାଇଥାଏ। ଏଥି ନିମନ୍ତେ ସରକାରଙ୍କ ପକ୍ଷରୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସହଯୋଗରେ ବିଦ୍ୟାଳୟ ଗୁଡିକରେ ସର୍ପାଘାତ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ଏହି କ୍ରମରେ ସର୍ଗୁ କିଶାନ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଅମରେଶ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଶେଷ ଅତିଥି ଭାବେ ଡ. ଗଣେଶ ସରାଫ, ଡ. ରାଜଲକ୍ଷ୍ମୀ ପାଣିଗ୍ରାହୀ, ଏବିଇଓ ମୀନା କୁମାରୀ ଜେନା ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ସାପ କାମୁଡ଼ାର ଲକ୍ଷଣ ଓ ଏହାର ଚିକିତ୍ସା ଉପରେ ସୂଚନା ପ୍ରଦାନ କରିଥିଲେ। ସାପ କାମୁଡିଥିବା ଲୋକଙ୍କୁ ଅନ୍ଧ ବିଶ୍ୱାସର ବଶବର୍ତ୍ତୀ ହୋଇ ଗୁଣି ଗାରେଡ଼ି ନ କରାଇ ତୁରନ୍ତ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇ ଆବଶ୍ୟକ ଚିକିତ୍ସା କରିବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ, ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ପାଢ଼ୀ ପରିଚାଳନା କରିଥିଲେ।



ଶୈବପୀଠରେ ଭକ୍ତଙ୍କ ଭିଡ ଲାଗିଛି।

# ବଜ୍ରପାତରେ ଚାଷୀ ମୃତ

କୋକସରା,୨୧।୭ (ଦୁଷ୍ମନ୍ତ କୁମାର ପାଇଯୋଷୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ଆମପାଣି ଥାନା ଅନ୍ତର୍ଗତ ଡୁଡୁକାଠେଙ୍ଗା ପଞ୍ଚାୟତ ମୁନୁଗା ପଦର ଗ୍ରାମର ଚାଷୀ ଭୋଦେ ଦଳପତି(୪୮)ଙ୍କ ସୋମବାର ସନ୍ଧ୍ୟାରେ ବଜ୍ରପାତରେ ମୃତ୍ୟୁ ଘଟିଛି। ସୂଚନାକ୍ରମେ ଭୋଦେ ନିଜ ଚାଷଜମିରୁ ଫେରିବା ବାଟରେ ହଠାତ୍ ଘଡଘଡି ସହ ପ୍ରବଳ ବର୍ଷା ହୋଇଥିଲା। ଗାଁ ପୋଖରୀ ନିକଟରେ ବଜ୍ରପାତରେ ଭୋଦେ ଗୁରୁତର ହୋଇପଡିଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ପରିବାର ଲୋକେ ତାଙ୍କୁ ଏକ ଅଟୋରେ କୋକସରା ଡାକ୍ତରଖାନା ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ ହେବ ବୋଲି ଜଣାପଡିଛି। ତାଙ୍କ ମୃତ୍ୟୁ ପରେ ସ୍ତ୍ରୀ ଓ ଦୁଇ ପିଲା ଏବେ ବେସାହାରା ହୋଇପଡିଛନ୍ତି। ଗରିବ ଶ୍ରେଣୀର ଏହି ପରିବାରକୁ ପ୍ରଶାସନ ପକ୍ଷରୁ ସହାୟତା ପ୍ରଦାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଯୌନ ନିର୍ଯାତନା ନିରାପତ୍ତା ଆଇନ ସମ୍ପର୍କିତ କର୍ମଶାଳା



କର୍ମଶାଳାରେ ଅଧ୍ୟାପିକା ଅଧ୍ୟାପକ ଓ ଅନ୍ୟମାନେ।

ସୁନ୍ଦରଗଡ,୨୧।୭(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟରେ ଯୌନ ନିର୍ଯାତନା ନିରାପତ୍ତା ଆଇନ-୨୦୧୩ ଏବଂ ବିଶ୍ୱ ବିଦ୍ୟାଳୟ ଅନୁଦାନ ଆୟୋଗ ନିୟମାବଳୀ- ୨୦୧୫ ସମ୍ପର୍କିତ କର୍ମଶାଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର କୁଳମଣି ବେହେରା ସଭାପତିତ୍ୱ କରି ବର୍ତ୍ତମାନ ସମୟରେ ଯୌନ ନିର୍ଯାତନା ନିରାପତ୍ତା ଆଇନ-୨୦୧୩ ଆଇନର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟ ଅତିଥି ତଥା ବିଶେଷ ବିଶେଷଜ୍ଞଭାବେ ୟୁନିସେଫର ବୈଷୟିକ ପରାମର୍ଶଦାତା ଡକ୍ଟର ନେହା ସିଂହ ଯୋଗଦାନ କରିଥିଲେ। ସେ ଯୌନ ନିର୍ଯାତନା ଆଇନର ବିସ୍ତୃତଭାବେ ବାଖ୍ୟା କରିଥିଲେ। ସେହିପରି ମହାବିଦ୍ୟାଳୟ ଅର୍ନ୍ତ ଅଭିଯୋଗ କମିଟିର ମୁଖ୍ୟ ସହକାରୀ ପ୍ରଫେସର ଡକ୍ଟର ସେବତୀ ପ୍ରଧାନ ସ୍ୱାଗତ ଅଭିଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସହକାରୀ ପ୍ରଫେସର ଆଞ୍ଜେଲିନା କିଣ୍ଡୋ ଧନ୍ୟବାଦ ଦେଇଥିଲେ। ଅର୍ନ୍ତ ଅଭିଯୋଗ କମିଟିର ସଦସ୍ୟ ସହକାରୀ ପ୍ରଫେସର ଡକ୍ଟର ବିନୋଦ ମଲ୍ଲିକ, ଦୀପାଞ୍ଜଳୀ ମେହେର, ରୂପମା ତନ୍ତୀ, ଅନୁସ୍ମିତା ବାଖଲା ପ୍ରମୁଖ ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ଘୋଘର ଧାମରେ ଲକ୍ଷାଧିକ ଭକ୍ତଙ୍କ ସମାଗମ

ରାଜଗାଙ୍ଗପୁର,୨୧।୭(ଅଶୋକ ପାଣି)

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁରରେ ଥିବା ପ୍ରସିଦ୍ଧ ଶୈବପୀଠ ଘୋଘର ଧାମରେ ଶ୍ରାବଣ ମାସର ଦ୍ୱିତୀୟ ସୋମବାରରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥିଲା। ଭକ୍ତମାନେ ରାଉରକେଲାର ବେଦବ୍ୟାସ ତ୍ରିବେଣୀ ସଙ୍ଗମରୁ ଜଳନେଇ ଘୋଘର ଧାମ ଶୈବପୀଠ ଅଭିମୁଖେ ଆସିଥିଲେ। ରବିବାର ରାତିରୁ ଭକ୍ତଙ୍କ ପ୍ରବଳ ଭିଡ ହୋଇଥିଲା। ଘୋଘର ଧାମ କମିଟି ପକ୍ଷରୁ ତଥା ରାଜଗାଙ୍ଗପୁର ପୋଲିସ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା ନିମିତ୍ତ ବିଭିନ୍ନ ପଦକ୍ଷେପ ମାନ ନିଆଯାଇଥିଲା। ରାଜଗାଙ୍ଗପୁର ଏସ୍‌ଡିପିଓ ବିଭୂତି ଭୂଷଣ ଭୋଇ, ଥାନାଧିକାରୀ ବିଜୟ ଦାସ, କାଂଶବାହାଲ ଫାଣ୍ଡି ଅଧିକାରୀ ପ୍ରଭସିମରଣ ସିଂ ପ୍ରମୁଖଙ୍କ ସହ ୬ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା।

# ୧୩ ଅଭିଯୋଗର ତତ୍କ୍ଷଣାତ ସମାଧାନ

ସୁନ୍ଦରଗଡ଼,୨୧।୭(ଜୟ ନାରାୟଣ ମେଣ୍ଡୁଲି)

ଟାଙ୍ଗରପାଲି ବ୍ଲକ ପରିସରରେ ଜିଲା ପ୍ରଶାସନ ପକ୍ଷରୁ ସୋମବାର ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ମନୋଜ ମହାଜନ ଏବଂ ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକର ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ। ମୋଟ ୭୨ଟି ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ୨୬ଟି ବ୍ୟକ୍ତିଗତ ଏବଂ ୩୬ଟି ସାମୂହିକ ଅଭିଯୋଗ ରହିଥିଲା। ସେହିଭଳି ୧୩ଟି ଅଭିଯୋଗ ଗୁଡ଼ିକର ତତ୍କ୍ଷଣାତ ସମାଧାନ କରାଯାଇଥିଲା। ସେଥିମଧ୍ୟରୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ନିମନ୍ତେ ୧୦ଟି ଆବେଦନ ରହିଥିଲା। ଏହି ଯୁଗ୍ମ ଅଭିଯୋଗ ଶୁଣାଣିରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ସଦର ଉପଜିଲାପାଳ ଦାଶରଥି ସରାବୁ, ଆଇଏଏସ ଶିକ୍ଷାନବିଶ ଫାବୀ ରସିଦ, ଟାଙ୍ଗରପାଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର ଏବଂ ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।




ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ଅଭିଯୋଗ ଶୁଣୁଛନ୍ତି।

# ପଞ୍ଚାୟତ ସ୍ତରୀୟ ଅଭିଯୋଗ ଶୁଣାଣି

ବଡ଼ଗାଁ,୨୧।୭(ଅଶୋକ ଷଡଙ୍ଗୀ)

ବଡ଼ଗାଁ ବ୍ଲକ ଅନ୍ତର୍ଗତ ପାମରା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ବ୍ଲକ ପ୍ରଶାସନ ପକ୍ଷରୁ ପଞ୍ଚାୟତ ସ୍ତରୀୟ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ଦୁଲାରୀ ସରେଙ୍ଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଡିଓ ପୂର୍ଣ୍ଣଚନ୍ଦ୍ର ଭୋଇ ଲୋକଙ୍କ ଅଭିଯୋଗ ଶୁଣିବା ସହ ସମାଧାନ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ଶୁଣାଣିରେ ତହସିଲଦାର ଝରଣା ପ୍ରଧାନ, ବ୍ଲକ ସହକାରୀ ଯନ୍ତ୍ରୀ ସୁନିଲ ମୁର୍ମୁ, ବ୍ଲକ ଶିକ୍ଷା ଅଧିକାରୀ ଶାନ୍ତି ମୁନି ସୁରେଖା ହରୋ ଅଂଶ ଗ୍ରହଣ କରିଥିଲେ। ପାମରା ସରପଞ୍ଚ ଏମାନେଲି ଡୁଙ୍ଗଡୁଙ୍ଗ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ କୁରେସୁ ପଣ୍ଡା ସହଯୋଗ କରିଥିଲେ।



ଅଭିଯୋଗ ଶୁଣାଣିରେ ଅଧିକାରୀମାନେ।

# ଜୋଜିଲା ସୁଡ଼ଙ୍ଗ ନିର୍ମାଣକୁ ସେଲ୍ ଯୋଗାଇଛି ୩୧ହଜାର ଟନ୍ ଇସ୍ପାତ

ରାଉରକେଲା,୨୧।୭(ବିପ୍ଳବ ରଞ୍ଜନ ଦାଶ)

ଭାରତର ସର୍ବବୃହତ୍ ଇସ୍ପାତ ନିର୍ମାଣକାରୀ ମହାରତ୍ନ ରାଷ୍ଟ୍ରାୟତ ଉଦ୍ୟୋଗ ଭାରତୀୟ ଇସ୍ପାତ ପ୍ରାଧିକରଣ ଲିମିଟେଡ (ସେଲ୍) ଜୋଜିଲା ସୁଡଙ୍ଗ ପ୍ରକଳ୍ପକୁ ସର୍ବାଧିକ ଇସ୍ପାତ ଯୋଗାଣକାରୀ ଭାବେ ଉଭା ହୋଇଛି। ଏହି ମହତ୍ୱାକାଂକ୍ଷୀ ଓ ନିର୍ମାଣାଧୀନ ପ୍ରକଳ୍ପ ଭାରତର ସବୁଠାରୁ ଦୀର୍ଘ ସୁଡ଼ଙ୍ଗ ରାସ୍ତା ଏବଂ ଏସିଆ ମହାଦେଶର ସର୍ବବୃହତ୍ ସୁଦୀର୍ଘ ଦ୍ୱି-ଦିଗୀୟ ସୁଡ଼ଙ୍ଗ ହେବାକୁ ଯାଉଛି। ସେଲକୁ ଏହି ରଣନୈତିକ ଭିତ୍ତିଭୂମି ପଦକ୍ଷେପର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶୀଦାର ଭାବେ ସ୍ଥାନିତ କରାଯାଇଥିବା ବେଳେ ଏହା ୩୧ ହଜାର ଟନ୍‌ରୁ ଅଧିକ ଇସ୍ପାତ ଯୋଗାଇଛି। ୨୦୨୭ ମସିହା ସୁଦ୍ଧା ଏହି ପ୍ରକଳ୍ପ ଶେଷ ହେବା ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ବେଳେ ସେଲ୍‌ର




ନିରନ୍ତର ଇସ୍ପାତ ଯୋଗାଣ ଏହାର ଅଟଳ ପ୍ରତିବଦ୍ଧତାକୁ ସ୍ପଷ୍ଟ କରୁଛି। ଉକ୍ତ ଜୋଜିଲା ସୁଡ଼ଙ୍ଗ ନିର୍ମାଣରେ ସେଲ୍‌ର ଏହି ଅବଦାନ ରାଷ୍ଟ୍ର ନିର୍ମାଣରେ ଦୀର୍ଘକାଳୀନ ଐତିହ୍ୟକୁ ଦୃଢ କରୁଛି। ଜୋଜିଲା ଟନେଲ ଭଳି ମେଗା-ପ୍ରକଳ୍ପ ଗୁଡିକ ସେଲ୍ ଇସ୍ପାତର ନିର୍ଭରଯୋଗ୍ୟତା ଓ ସାମର୍ଥ୍ୟ ଉପରେ ନିରନ୍ତର ଭରସାକୁ ସୁଦୃଢ କରୁଛି, ଯାହା ଏହି କମ୍ପାନୀର ଗୁଣବତ୍ତା, ସମର୍ପଣ ଏବଂ ଭାରତର ଭବିଷ୍ୟତ ଗଠନରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ପ୍ରମାଣ କରୁଛି। ଏହି ଟନେଲଟି ଆହ୍ୱାନପୂର୍ଣ୍ଣ ଭାବେ ହିମାଳୟ ଭୂଖଣ୍ଡରେ ନିର୍ମାଣ କରାଯାଉଛି । ଏହା ୧୧,୫୭୮ ଫୁଟ ଉଚ୍ଚତାରେ ଅବସ୍ଥିତ। ଏହି ସୁଡଙ୍ଗ ୩୦କିମିରୁ ଅଧିକ ହୋଇଥିବା ବେଳେ ଏହା ଶ୍ରୀନଗର ଏବଂ ଲେହ ମଧ୍ୟ ଦେଇ କାରଗିଲର ଗୁରୁତ୍ୱପୂର୍ଣ୍ଣ ସ୍ଥାନକୁ ସଂଯୋଗ କରିବ। ଏହି ସୁଡ଼ଙ୍ଗଟି ଜାତୀୟ ଭିତ୍ତିଭୂମି ବିକାଶର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଭାବେ ବିଶେଷକରି ଶ୍ରୀନଗର-କାରଗିଲ-ଲେହ ଜାତୀୟ ରାଜପଥ ସହ ଏହି ଅଞ୍ଚଳରେ ନାଗରିକ ଏବଂ ସାମରିକ ଗତିଶୀଳତାକୁ ଉଲ୍ଲେଖନୀୟ ଭାବେ ବୃଦ୍ଧି କରିବ। ଏହି ପ୍ରକଳ୍ପ କେବଳ ଏକ ରଣନୈତିକ ଭିତ୍ତିଭୂମି ସମ୍ପଦ ନୁହେଁ ବରଂ ଏହି ଅଞ୍ଚଳ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ସୁଯୋଗ ଆଣିଦେବାରେ ମଧ୍ୟ ପ୍ରତିନିଧିତ୍ୱ କରିବ। ଜୋଜିଲା ସୁଡ଼ଙ୍ଗ ପ୍ରତି ସେଲ୍‌ର ଏହି ଅବଦାନ ଭାରତର ସବୁଠାରୁ ପ୍ରତୀକାତ୍ମକ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକୁ ସମର୍ଥନ କରିବ। ଏହାର ବ୍ୟାପକ ଐତିହ୍ୟକୁ ଯୋଡିବ ଯେଉଁଥିରେ ଚେନାବ ରେଳ ସେତୁ, ଅଟଳ ଟନେଲ, ବାନ୍ଦ୍ରା-ୱର୍ଲି ସି ଲିଙ୍କ୍, ଧୋଲା ସାଦିଆ ଏବଂ ବୋଗବିଲ ସେତୁମାନ ଅନ୍ତର୍ଭୁକ୍ତ ରହିଛି।

# ରାସ୍ତା ଶୋଚନୀୟ, ଯାତାୟାତରେ ସମସ୍ୟା

ଝାରସୁଗୁଡ଼ା, ୨୧।୭
(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ସଦର ବ୍ଲକ ଅନ୍ତର୍ଗତ ଜମେରା ଗ୍ରାମ ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ଫଳରେ ଯାତାୟାତ ପାଇଁ ଜମେରା, ଇବ୍ ଏବଂ ଜମାପାଲି ଗ୍ରାମର ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ଏହି ରାସ୍ତାର ପୁନଃ ନିର୍ମାଣ ପାଇଁ ସେମାନେ ଦାବି କରିଛନ୍ତି।

ସୂଚନା ଅନୁଯାୟୀ, ଏହି ରାସ୍ତା ଦେଇ ଝାରସୁଗୁଡ଼ା ସହର ଏବଂ ପଡ଼ୋଶୀ ଜିଲା ସମ୍ବଲପୁରକୁ ଲୋକମାନେ ଯାତାୟାତ କରିଥାନ୍ତି। ୨୦୦୩-୦୪ ମସିହାରେ ପୂର୍ତ୍ତ ବିଭାଗ ଦ୍ୱାରା ଏହି ରାସ୍ତା ନିର୍ମାଣ କରାଯାଇଥିଲା। ହେଲେ ଏବେ ଏହି ରାସ୍ତାରୁ ପିଚୁ ଉଠି ବିଭିନ୍ନ ସ୍ଥାନରେ ଖାଲ ସୃଷ୍ଟି ହୋଇଛି। ବର୍ଷାହେଲେ ସେଥିରେ ପାଣି ଜମିରହୁଛି। ସେହିପରି ବର୍ଷାରେ ମାଟି ଧୋଇଯିବାରୁ ରାସ୍ତାର ଉଭୟ ପାର୍ଶ୍ୱକୁ ଗଡ଼ାଣି ହୋଇଯାଇଛି। ଏଥିଯୋଗୁ ବିଭିନ୍ନ ସମୟରେ ଛାତ୍ରୀଛାତ୍ରଙ୍କ ସମେତ ଜନସାଧାରଣ ବିପଦର ସମ୍ମୁଖୀନ ହେଉଛନ୍ତି। ଇବ୍ ନଦୀରେ ବିଭିନ୍ନ କମ୍ପାନୀର ପମ୍ପ୍ ହାଉସ୍ ଥିବାରୁ ସବୁବେଳେ ଏହି ରାସ୍ତା ଦେଇ ଭାରିଯାନ ଚଳାଚଳ କରୁଛି। ଫଳରେ ରାସ୍ତାର ଅବସ୍ଥା ଅଧିକ ଖରାପ ହୋଇଯାଇଛି। ଖରାଦିନେ ଭାରିଯାନ, ଟ୍ରାକ୍ଟର ଓ କାର ଚଳାଚଳ କଲେ ରାସ୍ତାଟି ଧୂଳିମୟ ହୋଇପଡୁଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ତୁରନ୍ତ ଉକ୍ତ ରାସ୍ତାର ପୁନଃ ନିର୍ମାଣ ପାଇଁ ଜମେରା, ଇବ୍ ଓ ଜମାପାଲି ଗ୍ରାମର ସହଦେବ ସିଂ, ତେଜରାଜ ସିଂ, ଈଶ୍ୱର ନେଟି, ବିଜୟ ସିଂ, ନିତ୍ୟା ମେହେର, ସମ୍ପଦ ସିଂ, ପିଣ୍ଟୁ ରୋହିଦାସ ପ୍ରମୁଖ ଦାବି କରିଛନ୍ତି। ଏନେଇ ଝାରସୁଗୁଡ଼ା ପୂର୍ତ୍ତ ବିଭାଗର ଏସ୍‌ଡିଓ ଆଶିଷ ଲେଙ୍କାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।


ରାସ୍ତାରେ ସୃଷ୍ଟି ହୋଇଥିବା ଖାଲ।

**ନିର୍ମାଣ ଦାବିକଲେ ଗ୍ରାମବାସୀ**

# ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର


ଶିବିରରେ ଲୋକଙ୍କ ଅଭିଯୋଗର ଶୁଣାଣି କରାଯାଉଛି।

ଦେବଗଡ଼, ୨୧।୭(ଶଶାଙ୍କ ଶେଖର ଝାଙ୍କର)

ବାରକୋଟ ବ୍ଲକ ଅଧୀନ ରାଇତାବାହାଲ ଗ୍ରାମପଞ୍ଚାୟତ ସମ୍ମିଳନୀ କକ୍ଷଠାରେ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ ଯୋଗଦେଇ ୫୫ଟି ଅଭିଯୋଗ ଗ୍ରହଣ କରିଥିଲେ। ବିଶେଷକରି ବିଦ୍ୟୁତ୍ ସମସ୍ୟା, ରାସ୍ତା ମରାମତି, ସୁଭଦ୍ରା ଯୋଜନା, ବନ୍ଦ ସ୍କୁଲ ପୁନର୍ବାର ଖୋଲିବା ସମ୍ପର୍କିତ ଅଭିଯୋଗ ଆସିଥିଲା। ଅତିରିକ୍ତ ଜିଲାପାଳ ଅଭିଯୋଗଗୁଡ଼ିକ ଶୁଣିବା ପରେ ତୁରନ୍ତ ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଶିବିରରେ ଆରକ୍ଷୀ ଅଧୀକ୍ଷକ ଅନିଲ କୁମାର ମିଶ୍ର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ମିଞ୍ଜ, ଉପଜିଲାପାଳ ପରିକ୍ଷିତ ସାହୁ, ବାରକୋଟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସିଦ୍ଧେଶ୍ୱର ନାୟକ, ଅତିରିକ୍ତ ତହସିଲଦାର ଶିବବ୍ରତ ନାଏକ, ଡେପୁଟି କଲେକ୍ଟର ଏଜଲିନ ବାରା, ସହକାରୀ ଜିଲାପାଳ ହେମନ୍ତ ସିଂଙ୍କ ସମେତ ସମସ୍ତ ବିଭାଗର ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# ବରିଷ୍ଠ ମଞ୍ଚ କଳାକାର ଉପେନ୍ଦ୍ର ଭଞ୍ଜଙ୍କ ପରଲୋକ

ଦେବଗଡ଼, ୨୧।୭
(ଶଶାଙ୍କ ଶେଖର ଝାଙ୍କର)

ସାମାଜିକ କର୍ମୀ, ହାସ୍ୟ ଅଭିନେତା ତଥା ବରିଷ୍ଠ ମଞ୍ଚ କଳାକାର ଭାବେ ପରିଚିତ ଦେବଗଡ଼ ପୌରାଞ୍ଚଳ ବାବୁସାହିର ଉପେନ୍ଦ୍ର ଭଞ୍ଜଙ୍କର ରବିବାର ବିଳମ୍ବିତ ରାତିରେ ହୃଦ୍‌ଘାତରେ ପରଲୋକ



ହୋଇଯାଇଛି। ଏହି ଖବର ପ୍ରଚାରିତ ହେବା ପରେ ଦେବଗଡ଼ ସହରର ବହୁ ନାଟ୍ୟକାର, କଳାକାର, ସାମାଜିକ କର୍ମୀ, ବିଶିଷ୍ଟ ବ୍ୟକ୍ତି ଓ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଉପେନ୍ଦ୍ରଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ପ୍ରଧାନପାଟସ୍ଥିତ ଶ୍ମଶାନରେ ତାଙ୍କର ଅନ୍ତିମ ସତ୍କାର କରାଯାଇଥିଲା। ସାନଭାଇ ବୀରେନ୍ଦ୍ର ଭଞ୍ଜ ମୁଖାଗ୍ନି ଦେଇଥିଲେ।

ସୂଚନାଯୋଗ୍ୟ, ବାବୁସାହିର ଭୋଳାନାଥ ଭଞ୍ଜ ଓ ସ୍ନେହଲତା ଭଞ୍ଜଙ୍କ ଜ୍ୟେଷ୍ଠପୁତ୍ର ଉପେନ୍ଦ୍ର ୧୯୭୭ ମସିହାରେ ଜନ୍ମଗ୍ରହଣ କରିଥିଲେ। ପରବର୍ତ୍ତୀ ସମୟରେ ଉପେନ୍ଦ୍ର ବିଭିନ୍ନ ସାମାଜିକ, ସାଂସ୍କୃତିକ ଏବଂ ନାଟ୍ୟାନୁଷ୍ଠାନ ସହିତ ଜଡିତ ରହିବା ସହ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହିଥିଲେ। ସ୍ଥାନୀୟ ଅଞ୍ଚଳର ନବନାଟ୍ୟ ନିକେତନ, ଉତ୍ସର୍ଗ ,ବାମଣ୍ଡା କଳାକାର ସଂଘ, ଜିଲା ସଂସ୍କୃତି ପରିଷଦର କର୍ମକର୍ତ୍ତା ଓ ସଦସ୍ୟ ଭାବେ ଉପେନ୍ଦ୍ର ଦର୍ଶକଙ୍କର ମନୋରଞ୍ଜନ କରିବା ସହ ଜନସେବା ନିୟୋଜିତ ଥିଲେ। ସେହିପରି ବିଭିନ୍ନ ସାଂସ୍କୃତିକ ଓ ନାଟ୍ୟାନୁଷ୍ଠାନ ଜରିଆରେ ଦେବଗଡ଼ ଜିଲା ସମେତ ରାଜ୍ୟ ବାହାରେ ମଞ୍ଚସ୍ଥ ହୋଇଥିବା ଶତାଧିକ ନାଟକରେ ନିଖୁଣ ଅଭିନୟ କରି ଦର୍ଶକଙ୍କ ମନୋରଞ୍ଜନ କରିଥିଲେ।

# ଜିଏମ୍‌ୟୁ ବାଣିଜ୍ୟ ବିଭାଗରେ ଇଣ୍ଡକ୍ସନ କାର୍ଯ୍ୟକ୍ରମ


ଜିଏମ୍‌ୟୁ ବାଣିଜ୍ୟ ବିଭାଗ ପକ୍ଷରୁ ଆୟୋଜିତ ଇଣ୍ଡକ୍ସନ କାର୍ଯ୍ୟକ୍ରମରେ ନିମନ୍ତ୍ରିତ ଅତିଥି ଓ ଛାତ୍ରୀଛାତ୍ରମାନେ।

ସମ୍ବଲପୁର, ୨୧।୭(ବି.ଶଙ୍କର)

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ) ବାଣିଜ୍ୟ ବିଭାଗରେ ଇଣ୍ଡକ୍ସନ କାର୍ଯ୍ୟକ୍ରମ ସୋମବାର ଅଧ୍ୟାପନା ପ୍ରକୋଷ୍ଠ-୧ରେ ଅନୁଷ୍ଠିତ ହୋଇଯାଇଛି। ବାଣିଜ୍ୟ ବିଭାଗ ବିଭାଗୀୟ ମୁଖ୍ୟ ଡ.ପ୍ରିୟବ୍ରତ ପଣ୍ଡାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ବରଗଡସ୍ଥିତ କ୍ରୀଷ୍ଣା ବିକାଶ ଶିକ୍ଷାନୁଷ୍ଠାନ ଅଧକ୍ଷ ଡି. ମୂରଲୀ କ୍ରିଷ୍ଣା ମୁଖ୍ୟ ଅତିଥି ଭାବେ ଯୋଗ ଛାତ୍ରୀଛାତ୍ରଙ୍କୁ ଦାୟିତ୍ୱବୋଧ ଓ ଭାବପ୍ରବଣ ବୁଦ୍ଧିମତା ବିଷୟରେ ଆଲୋକପାତ କରିଥିଲେ। ବିଶ୍ୱବିଦ୍ୟାଳୟ ଉପକୁଳସଚିବ ଡ. ଉମାଚରଣ ପତି ସ୍ୱାଗତ ଭାଷଣ ଦେଇ ଥିବାବେଳେ ବାଣିଜ୍ୟ ବିଭାଗର ପ୍ରାକ୍ତନ ବିଭାଗୀୟ ମୁଖ୍ୟ ପ୍ରାଧାପକ ପ୍ରଫେସର ଶ୍ୟାମା ଚରଣ ଆଚାର୍ଯ୍ୟ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ବିଭାଗୀୟ ମୁଖ୍ୟ ଡ. ପଣ୍ଡା ଜାତୀୟ ଶିକ୍ଷାନୀତି -୨୦ ଉପରେ ଆଧାରିତ ପାଠ୍ୟକ୍ରମ, ପରୀକ୍ଷା ପଦ୍ଧତି ଓ ଅନ୍ୟାନ୍ୟ ଆନୁଷଙ୍ଗିକ ନିୟମାବଳୀ ଉପରେ ବିବରଣୀ ଉପସ୍ଥାପନା କରିଥିଲେ। ବାଣିଜ୍ୟ ବିଭାଗ ଅଧ୍ୟାପିକା ଶୁଭେଚ୍ଛା ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ନୂତନ ଶିକ୍ଷାନୀତି ବିଷୟରେ ଛାତ୍ରୀଛାତ୍ରଙ୍କୁ ସଚେତନ କରିବା, ଶିକ୍ଷାଗତ ସଂସ୍କାରକୁ ଗ୍ରହଣ କରିବା ଏବଂ ଉପକୃତ କରିବା ଦିଗରେ ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ରହିଥିଲା। ବାଣିଜ୍ୟ ବିଭାଗ ପ୍ରସ୍ତୁତ ହୋଇଥିବା ବୁଣାକାର ସମ୍ପର୍କିତ 'ଦ ହେଣ୍ଡଲୁମ ଉଇଭିଙ୍ଗ : ଏ ମଲ୍ଟିଡାଇମନ୍ସନାଲ ଏନାଲିସିସ' ପୁସ୍ତକ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । କାର୍ଯ୍ୟକ୍ରମରେ ବାଣିଜ୍ୟ ବିଭାଗ ଅଧ୍ୟାପିକା ଡ. ପୂଜାବାଇ କେୱଟ, ଅରୁଣା ଶର୍ମା, ଝର୍ଣ୍ଣାରାଣୀ ପରିଡା, ଅଧ୍ୟାପକ ଡ. ମୁକେଶ ଶର୍ମା, ଡ. କ୍ଷୀରୋଦ ମହାରଣା, ଅମ୍ରିଶ ପ୍ରତାପ ସିଂହ, ସହକାରୀ ଅଧ୍ୟାପକ ସୁଭାଷ ଚନ୍ଦ୍ର ଝାଙ୍କାର ଓ ଜ୍ଞାନ ରଞ୍ଜନ ବଳ ଉପସ୍ଥିତ ଥିଲେ । ବାଣିଜ୍ୟ ବିଭାଗ ସହକାରୀ ଅଧ୍ୟାପିକା ସରୋଜା ମେହେର ଧନ୍ୟବାଦ ଅର୍ପଣ କରିଥିଲେ ।

# ନିଶାସକ୍ତ ଯୁବକଙ୍କ ଆକ୍ରମଣରେ ସୁରକ୍ଷାକର୍ମୀ ଆହତ

ଝାରସୁଗୁଡ଼ା, ବେଲପାହାଡ଼, ୨୧।୭
(ଆଶିଷ ରଞ୍ଜନ ଦାଶ/ସୁବାସ ପ୍ରଧାନ)

ଝାରସୁଗୁଡ଼ା ଜିଲା ସାହାଜବାହାଲସ୍ଥିତ ଏକ କମ୍ପାନୀରେ କାର୍ଯ୍ୟରତ ସୁରକ୍ଷା କର୍ମୀଙ୍କୁ ନିଶାସକ୍ତ ଅବସ୍ଥାରେ ଜଣେ ଯୁବକ ଆକ୍ରମଣ କରିଛନ୍ତି। ଫଳରେ ସୁରକ୍ଷା କର୍ମୀ ସାହାଜବାହାଲ ଗ୍ରାମର ବୀରେନ୍ଦ୍ର ଭୋଇ (୨୫) ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ରବିବାର ଅପରାହ୍ନ ପ୍ରାୟ ସାଢ଼େ ୪ଟାରେ କୁମ୍ଭାରବନ୍ଧ ବୁଢ଼ାପାଲି ଗ୍ରାମର ନିରୋଜ ବାଗ୍ ମଦ୍ୟପାନ କରି ଆସି କମ୍ପାନୀ ରାସ୍ତାରେ ଟ୍ରକ୍‌ଗୁଡ଼ିକୁ ଅଟକାଇ ଚାଳକଙ୍କଠାରୁ ବେଆଇନ ଭାବେ ଚାନ୍ଦା ଆଦାୟ କରୁଥିଲେ। ଏଥିଯୋଗୁ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହୋଇଥିଲା। ସେଠାରେ କାର୍ଯ୍ୟରତ ସୁରକ୍ଷାକର୍ମୀ ବୀରେନ୍ଦ୍ର ସମ୍ପୃକ୍ତ ଯୁବକଙ୍କୁ ଏଭଳି ନ କରିବା ପାଇଁ କହିଥିଲେ। ଏଥିରେ ଯୁବକ ଜଣଙ୍କ ଉତ୍ତ୍ୟକ୍ତ ହୋଇ ହାତରେ ପିନ୍ଧିଥିବା ବଳାରେ ବୀରେନ୍ଦ୍ରଙ୍କ ମୁହଁ ଓ ମୁଣ୍ଡକୁ ଆକ୍ରମଣ କରିଥିଲେ। ବେଲପାହାଡ଼ସ୍ଥିତ ଟିଆର୍‌ଏଲ୍ କ୍ରୋସାକି ଡାକ୍ତରଖାନାରେ ତାଙ୍କର ପ୍ରାଥମିକ ଚିକିତ୍ସା କରାଯାଇଛି। ଅଭିଯୋଗ ହେବା ପରେ ବେଲପାହାଡ଼ ପୋଲିସ ତଦନ୍ତ ଚଳାଇଛି। ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି।

# ହୀରାକୁଦ ଜଳଭଣ୍ଡାର: ଜଳପତ୍ତନ ୬୧୦.୭୩ ଫୁଟ୍

ସମ୍ବଲପୁର, ୨୧।୭(ପ୍ରମୋଦ ବହିଦାର)

ହୀରାକୁଦ ଜଳଭଣ୍ଡାରରୁ ୪ଟି ସ୍ଲୁଇସ୍ ଗେଟ୍ ଜରିଆରେ ଅତିରିକ୍ତ ବନ୍ୟାଜଳ ନିଷ୍କାସନ ଜାରି ରହିଛି। ସୋମବାର ରାତି ସାଢ଼େ ୯ଟାର ସୂଚନା ଅନୁସାରେ ଜଳଭଣ୍ଡାର ଜଳସ୍ତର ୬୧୦.୭୩ ଫୁଟ୍‌ରେ ପହଞ୍ଚିଛି। ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ହାରାହାରି ୯୦ ହଜାର ୭୭୫ ଘନଫୁଟ୍ ଜଳ ପ୍ରବେଶ କରୁଥିବା ବେଳେ ୯୮ ହଜାର ୮୦୧ ଘନଫୁଟ୍ ଅତିରିକ୍ତ ବନ୍ୟାଜଳ ନିଷ୍କାସିତ ହେଉଛି। ୪ଟି ଗେଟ୍‌ରେ ମହାନଦୀକୁ ପ୍ରତି ସେକେଣ୍ଡରେ ହାରାହାରି ୫୯ ହଜାର ୭୦୮ ଘନଫୁଟ, ଶକ୍ତି ଉତ୍ପାଦନ ପାଇଁ ପାୱାର ଚାନେଲରେ ୩୫,୦୩୭ ଘନଫୁଟ୍, ଶିଳ୍ପସଂସ୍ଥା ପାଇଁ ୨୩୪ ଘନଫୁଟ୍ ଏବଂ ଜଳ ସେଚନ ପାଇଁ ବରଗଡ଼ କେନାଲରେ ୩୧୦୪, ଶାସନ କେନାଲରେ ୬୩୦ ଓ ସମ୍ବଲପୁର କେନାଲରେ ୮୮ ଘନଫୁଟ୍ ଜଳ ମିଶି ମୋଟ୍ ୩୮୨୨ ଘନଫୁଟ୍ ଜଳ ନିଷ୍କାସନ କରାଯାଉଛି।

# ଦୁର୍ଘଟଣାରେ ମହିଳା ମୃତ

ଝାରସୁଗୁଡ଼ା, ୨୧।୭(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ବାଇପାସ୍ ରାସ୍ତାର ଗୁପ୍ତା ଢ଼ାବା ନିକଟରେ ରବିବାର ଟ୍ରକ୍ ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବ୍ରଜରାଜନଗର ଖଲିଆମାଲ ଅଞ୍ଚଳର ଗେଲ ସାହୁ। ସୂଚନା ଅନୁଯାୟୀ, ଗେଲ, ତାଙ୍କ ସ୍ୱାମୀ ପ୍ରସନ୍ନ ଓ ପୁଅ ଗୋବିନ୍ଦ ଏକ ବାଇକ୍‌ରେ ବଡ଼ମାଲ ପଟରୁ ପ୍ରସନ୍ନ ପଣ୍ଡା ଛକ ଅଭିମୁଖେ ଯାଉଥିବାବେଳେ ପଛରୁ ଏକ ଟ୍ରକ୍ ସେମାନଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଚିକିତ୍ସା ଲାଗି ଗେଲ ଓ ଗୋବିନ୍ଦଙ୍କୁ ସ୍ଥାନୀୟ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଗେଲଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ସଦର ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରଜୁ କରି ତଦନ୍ତ କରିଥିଲା। ସୋମବାର ବ୍ୟବଚ୍ଛେଦ ପରେ ମୃତଦେହକୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ

ଲଖନପୁର, ୨୧।୭(ଗୌତମ ସାହୁ)

ଲଖନପୁର ବ୍ଲକ ଅଧୀନ ବାଉସେନପାଲି (ଖ) ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଇକୋ କ୍ଲବ୍‌ର ଛାତ୍ର ସଭାପତି ସମ୍ରାଟ କଅଁର ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ଅଶୋକ ଖଡ଼ିଆ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ରୂପସାଗର କଅଁର ଯୋଗଦେଇ ପରିବେଶ ସନ୍ତୁଳନ ପାଇଁ ଚାରା ରୋପଣ କରିବାକୁ କହିଥିଲେ। ମୁଖ୍ୟବକ୍ତା ଭାବେ ବିଦ୍ୟାଳୟ ପ୍ରଧାନଶିକ୍ଷକ ଶିବ କାଲୋ ଯୋଗଦେଇ ଚାରା ରୋପଣ କରି ତାହାର ଯତ୍ନ ନେବାକୁ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ କରିଥିଲେ। ଏହି ଉପଲକ୍ଷେ ଅନୁଷ୍ଠିତ ପ୍ରବନ୍ଧ, ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଭିକମପାଲି ବନପାଳଙ୍କ ସହଯୋଗରେ ନରୋତ୍ତମ ସା, ନୁନୁ ସା, ଅଶୋକ କଅଁର, ୱାର୍ଡସଭ୍ୟ ଲଛମନ ବାଗଙ୍କ ସମେତ ଅନ୍ୟମାନେ ସ୍ଥାନୀୟ ଜଙ୍ଗଲ କିସମ ଜମିରେ ବିଭିନ୍ନ ଚାରା ରୋପଣ କରିଥିଲେ। ଶିକ୍ଷୟିତ୍ରୀ ରୋମି ନାଏକ ଧନ୍ୟବାଦ ଦେଇଥିଲେ।

# ଶ୍ରଦ୍ଧାଳୁଙ୍କ ସୁରକ୍ଷାକୁ ଗୁରୁତ୍ୱ ଦିଆଯିବ

**ଦୁର୍ଗାପୂଜା ପ୍ରସ୍ତୁତି ବୈଠକ**

ଝାରସୁଗୁଡ଼ା,ବେଲପାହାଡ଼, ୨୧।୭
(ଆଶିଷ ରଞ୍ଜନ ଦାଶ/ସୁବାସ ପ୍ରଧାନ)

ଝାରସୁଗୁଡ଼ା ଜିଲା ବେଲପାହାଡ଼ର ଗୁମାଡେରାଠାରେ ଚଳିତବର୍ଷ ଦୁର୍ଗାପୂଜାକୁ ଜାକଜମକରେ କରିବା ପାଇଁ ଗ୍ରାମ ଜମିଦାରଙ୍କ ବାସଭବନ ପ୍ରାଙ୍ଗଣରେ ସୋମବାର ପୂର୍ବାହ୍ନରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜମିଦାର ବ୍ରଜକିଶୋର ସିଂଦେଓ ଅଧକ୍ଷତା କରିଥିଲେ। ଚଳିତବର୍ଷ ଦୁର୍ଗାପୂଜାରେ ମଣ୍ଡପକୁ ରଙ୍ଗବେରଙ୍ଗର ଆଲୋକମାଳାରେ ସଜ୍ଜିତ କରାଯିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ସେହିପରି ଶ୍ରଦ୍ଧାଳୁଙ୍କ ସୁରକ୍ଷା ପ୍ରତି ବିଶେଷ ଧ୍ୟାନ ଦିଆଯିବା ସହ ଭସାଣି ଶୋଭାଯାତ୍ରାକୁ ଆକର୍ଷଣୀୟ କରିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ଏଥିସହ ଗତବର୍ଷ ଦୁର୍ଗାପୂଜାର ଆୟବ୍ୟୟ ବିବରଣୀ ଉପସ୍ଥାପନ କରାଯାଇଥିଲା। ଏହି ଅବସରରେ ଆସନ୍ତା ଦୁର୍ଗାପୂଜା ପାଇଁ ସର୍ବସମ୍ମତିକ୍ରମେ ନୂତନ କାର୍ଯ୍ୟକାରୀ କମିଟି ଗଠନ କରାଯାଇଥିଲା। ଏହି ପୂଜା କମିଟିରେ ସଭାପତି ଭାବେ ଜମିଦାର ବ୍ରଜକିଶୋର ସିଂଦେଓ, ଉପସଭାପତି ଗୌନ୍ତିଆ ଦୁବରାଜ ନାଏକ, କନ୍ହେଇ ଚରଣ ସେଠ, ସାଧାରଣ ସମ୍ପାଦକ ଦେବେନ୍ଦ୍ର ରାଉତ, ସହସମ୍ପାଦକ ଗଣେଶ ସେଠ, ଯୁଗ୍ମସମ୍ପାଦକ ଶ୍ରୀଧର ମାଣିକ ଓ ଶୁଭଙ୍କର ଦତ୍ତ, କୋଷାଧ୍ୟକ୍ଷ କ୍ରିଷ୍ଣେନ୍ଦୁ ବିଶ୍ୱାସ, ସହକୋଷାଧ୍ୟକ୍ଷ ବିଶାଳ ପତି ମନୋନିତ ହୋଇଛନ୍ତି। ସେହିପରି ପୂଜା ସମ୍ପାଦକ ଭାବେ ରବି ରଞ୍ଜନ ସାମଲ, ସମୀକ୍ଷକ କିଶୋର ସାହୁ, ଉପଦେଷ୍ଟା ଭାବେ କୁଳମଣି ବଗାର, ପୀତବାସ ପ୍ରଧାନ, ଦିଲୀପ ପ୍ରଧାନ, ଗୋକୁଳାନନ୍ଦ ପ୍ରଧାନ, ନିର୍ମଳ ସିଂ, ସାଗର ସାହୁ, ଆରତି ରାଏ, ଗଜେନ୍ଦ୍ର ନାଏକ, ଗିରିଶ ଜୟପୁରିଆ, ଗଣେଶ ଭୋଇଙ୍କ ସମେତ ବିଭିନ୍ନ ଦାୟିତ୍ୱରେ ପୃଥ୍ୱୀରାଜ ସିଂଦେଓ, କଳାକାର ନାଗ, କନ୍ହେୟା ଶର୍ମା, କୁନୁ ଭୋଇ, ପୁରୁଷୋତ୍ତମ ଭୋଇ, ଦେବାନନ୍ଦ ଭୋଇ, ଶଙ୍କର ପ୍ରଧାନ, ମନୋଜ ପ୍ରଧାନ, ସୁକଦେବ ଓରାମ, ମନୋଜ ଦାଶ, ବିଦ୍ୟାଧର ପ୍ରଧାନ, ରାକେଶ ଶତପଥୀ, ରବୀନ୍ଦ୍ର ବଢେଇ, ଦୀପକ ମିଶ୍ରଙ୍କୁ ମନୋନୀତ କରାଯାଇଛି।

# ଗଣେଶ ପୂଜା ପ୍ରସ୍ତୁତି ବୈଠକ

ଝାରସୁଗୁଡ଼ା,ବେଲପାହାଡ଼, ୨୧।୭
(ଆଶିଷ ରଞ୍ଜନ ଦାଶ/ସୁବାସ ପ୍ରଧାନ)

ଝାରସୁଗୁଡ଼ା ଜିଲା ବେଲପାହାଡ଼ସ୍ଥିତ ଗୁମାଡେରା ମାର୍କେଟ ବଏଜ ଆସୋସିଏଶନ ପକ୍ଷରୁ ଚଳିତବର୍ଷ ଗଣେଶ ପୂଜାର ୨୫ ବର୍ଷ ପୂର୍ତ୍ତି ଉପଲକ୍ଷେ ରଜତ ଜୟନ୍ତୀ ସମାରୋହ ପାଳନ କରାଯିବ। ଏନେଇ ସୋମବାର ପୂର୍ବାହ୍ନରେ ଗୁମାଡେରାସ୍ଥିତ ଗୌରୀଶଙ୍କର ମନ୍ଦିରଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ଧୁମ୍‌ଧାମ୍‌ରେ ପୂଜା ପାଳନ କରାଯିବ। ସୁନ୍ଦର ମୂର୍ତ୍ତି ନିର୍ମାଣ ଓ ସାଜସଜ୍ଜା ସାଙ୍ଗକୁ ଭସାଣି ଶୋଭାଯାତ୍ରାକୁ ଆହୁରି ଆକର୍ଷଣୀୟ କରାଯିବ ବୋଲି କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ବେଲପାହାଡ଼ ଥାନାଧିକାରୀ କୃଷ୍ଣଚନ୍ଦ୍ର ମେହେର, ନାଟ୍ୟକାର ଡ. ସୁବାସ ଚନ୍ଦ୍ର ପ୍ରଧାନ, ସଞ୍ଜୟ ସିଂ, ବିପ୍ଳବ ଅଗ୍ରୱାଲ, ସୁନୀଲ ଅଗ୍ରୱାଲ, ବୀରେନ୍ଦ୍ର ମହାରାଜ, ପ୍ରେମ୍ ପ୍ରକାଶ ସିଂ, ଅରୁଣଦେବ ଝା, ରଶ୍ମିରଞ୍ଜନ ମହାନ୍ତି, ସରୋଜ ମିର୍ଦ୍ଧା, ସୁରେଶ ସିଂ, ଶ୍ରୀରାମ ଦୁବେ, ସୁଶାନ୍ତ ଲେଙ୍କା, ସୁନୀଲ ଗର୍ଗ, ରାକେଶ ଶର୍ମା, ସଞ୍ଜୟ ମହାନ୍ତିଙ୍କୁ ସମ୍ମାନିତ କରାଯାଇଥିଲା। ଚଳିତବର୍ଷ ଆସୋସିଏଶନର ଗଣେଶ ପୂଜା କମିଟିରେ ମୁଖ୍ୟ ପୃଷ୍ଟପୋଷକ ଭାବେ ବିପ୍ଳବ ଅଗ୍ରୱାଲ, ସଭାପତି ଭାବେ ନବୀନ ଅଗ୍ରୱାଲ, ସମ୍ପାଦକ କନ୍ହେୟା ଶା, କୋଷାଧ୍ୟକ୍ଷ ଶିଭମ ଦୁବେ, ଉପଦେଷ୍ଟା ଭାବେ ବବନ ସିଂ, ସୁନୀଲ ଅଗ୍ରୱାଲ, ସଦସ୍ୟଙ୍କ ମଧ୍ୟରେ ରାଜେଶ ଜେନା, ସଞ୍ଜୀବ ବେହେରା, ଅମନ ମହାରାଜ, କିଶୋର ଗୁପ୍ତା, ଶୋନୁ ରାଏ, ହରେଶ ଅଗ୍ରୱାଲ, ଗୋବିନ୍ଦ ଗୁପ୍ତା, ଶ୍ୟାମ ରଣା, ବୀରକିଶୋର ଠାକୁର, ବଣ୍ଟି ସ୍ୱାଇଁ ପ୍ରମୁଖ କାର୍ଯ୍ୟଭାର ଗ୍ରହଣ କରିଛନ୍ତି।

# ଅଗଷ୍ଟ ୨୦ ସୁଦ୍ଧା ପଞ୍ଜୀକରଣ ସାରିବାକୁ ନିର୍ଦ୍ଦେଶ

**ପ୍ରଶିକ୍ଷଣ କାର୍ଯ୍ୟକ୍ରମ**

ଝାରସୁଗୁଡ଼ା, ୨୧।୭
(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲାରେ ୨୦୨୫-୨୬ରେ ଧାନ ବିକ୍ରି ପାଇଁ ନାମ ପଞ୍ଜିକରଣ ସକାଶେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଝାରସୁଗୁଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟରେ ସୋମବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ସମବାୟ ସମିତିର ଉପନିବନ୍ଧକ ମମତାରାଣୀ କୁଜୁରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ଖାଦ୍ୟ ଯୋଗାଣ ଅଧିକାରୀ ଦୁର୍ଗାଚରଣ ଭେସେରା, ସହ ଯୋଗାଣ ଅଧିକାରୀ ପୀତାମ୍ବର ସେଠ, ସହକାରୀ ନିବନ୍ଧକ ରମେଶ ଚନ୍ଦ୍ର ଟପ୍ପୋ, ଉପ ସହଯୋଗୀ ନିବନ୍ଧକ ବନମାଳୀ ନାଇକଙ୍କ ସମେତ ପ୍ରାଥମିକ ସମବାୟ ସମିତି ସମ୍ପାଦକ, ସମବାୟ ବିଭାଗର ଅଧିକାରୀ ଓ ଯୋଗାଣ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ। ଆସନ୍ତା ଅଗଷ୍ଟ ୨୦ ତାରିଖ ସୁଦ୍ଧା ସମସ୍ତ ପଞ୍ଜିକରଣ କାର୍ଯ୍ୟ ଶେଷ କରିବାକୁ ଅଧିକାରୀମାନଙ୍କୁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।


କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅଧିକାରୀ।

# ସମସ୍ୟା ସମାଧାନ ପାଇଁ ଅଧିକାରୀଙ୍କୁ ନିର୍ଦ୍ଦେଶ

**ଜନଶୁଣାଣି ଶିବିର**

ଝାରସୁଗୁଡ଼ା/ଲଇକେରା, ୨୧।୭(ଆଶିଷ ରଞ୍ଜନ ଦାଶ/ରଞ୍ଜନ କୁମାର ମେହେର)

ଝାରସୁଗୁଡ଼ା ଜିଲା ଲଇକେରା ପଞ୍ଚାୟତ ସମିତି ସଭାଗୃହରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ସୋମବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଆବୋଲୀ ସୁନୀଲ ନରୱଣେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ମୋଟ ୧୫ଟି ଅଭିଯୋଗ ଆଗତ ହୋଇଥିଲା। ବିଶେଷକରି ଭାତଲଇଡ଼ା ପଞ୍ଚାୟତ ଅନ୍ତର୍ଗତ ମୁରାଦିପାଲି ଗ୍ରାମରେ ବେଆଇନ ଦେଶୀ ମଦ ବିକ୍ରି ବନ୍ଦ କରାଯିବା, ତିଲିଆମାଲ ପଞ୍ଚାୟତରେ ଧାନ ସଂଗ୍ରହରେ ନିୟୋଜିତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ପରିବର୍ତ୍ତନ କରାଯିବା, ଜମିପଟ୍ଟା ପ୍ରଦାନ, ବ୍ୟକ୍ତିଗତ ଭାବେ ଉତ୍ପାଦିତ ଜିଆଖତ ସରକାରୀ ସଂସ୍ଥା ତରଫରୁ କ୍ରୟ କରାଯିବା, ୧୧ ନମ୍ବର ୱାର୍ଡର ଖପରାପଡ଼ା ଏବଂ ୧୫ ନମ୍ବର ୱାର୍ଡର ଓପିଏମ୍ କଲୋନିବାସୀଙ୍କୁ ପାନୀୟଜଳ ଯୋଗାଣ, ଲମ୍ପଟିବାହାଲ ଗ୍ରାମ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଉପରେ ଯାଇଥିବା ୧୧ କେଭି ବିଦ୍ୟୁତ୍ ସଂଯୋଗ ସ୍ଥାନାନ୍ତର ସମ୍ପର୍କିତ ଅଭିଯୋଗର ଶୁଣାଣି କରାଯାଇଥିଲା। ସମସ୍ୟା ସମାଧାନ ପାଇଁ ପଦକ୍ଷେପ ନେବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଶିବିରରେ ଆରକ୍ଷୀ ଅଧୀକ୍ଷକ ସ୍ମିତ୍ ପି. ପର୍‌ମାର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ନାଏକ, ଆଇଏଏସ୍ ଅଧିକାରୀ(ପ୍ରୋବେଶନର) ପ୍ରଜ୍ଞାନନ୍ଦ ଗିରି, ଉପଜିଲାପାଳ ସବ୍ୟସାଚୀ ପଣ୍ଡା, ଲଇକେରା ପଞ୍ଚାୟତ ସମିତି ଅଧକ୍ଷ ସଞ୍ଜିତ ନାଏକ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ମହେଶ ମୋହନ ପଣ୍ଡାଙ୍କ ସମେତ ଜିଲା ଓ ବ୍ଲକସ୍ତରୀୟ ଅଧିକାରୀ ଯୋଗଦେଇଥିଲେ।


ଶିବିରରେ ଜିଲାପାଳ, ଏସ୍‌ପିଙ୍କ ସମେତ ଅନ୍ୟମାନେ।

ଧରିତ୍ରୀ 51 Years
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ଜୁଲାଇ ୨୨/୨୦୨୫ Bhubaneswar, Tuesday, July 22/ 2025

# ଇଂଲଣ୍ଡ ଟୁର୍‌ରୁ ନୀତୀଶ ବାଦ୍




ଓଲ୍ଡ ଟ୍ରାଫୋର୍ଡ କ୍ରିକେଟ ଗ୍ରାଉଣ୍ଡରେ ପ୍ରାକ୍ଟିସ ସେସନରେ ଯଶସ୍ୱୀ ଜୟସ୍ୱାଲ ଓ ଯଶପ୍ରୀତ ବୁମ୍‌ରା। ଅଂଶୁଲ କାମ୍ବୋଜ।

**ମାଞ୍ଚେଷ୍ଟର,୨୧।୭(ପି.ଟି.)**

ଭାରତୀୟ ଅଲ୍‌ରାଉଣ୍ଡର ନୀତୀଶ କୁମାର ରେଡ୍ଡୀ ଇଂଲଣ୍ଡ ବିପକ୍ଷରେ ଚାଲିଥିବା ଟେଷ୍ଟ ସିରିଜ୍‌ର ବଳକା ମ୍ୟାଚ୍‌ରୁ ବାଦ୍ ପଡ଼ିଛନ୍ତି। ସେହିଭଳି ପେସର ଅର୍ଶଦୀପ ସିଂ ଚତୁର୍ଥ ଟେଷ୍ଟ ଲାଗି ଉପଲବ୍ଧ ହେବେ ନାହିଁ ବୋଲି ବିସିସିଆଇ ପକ୍ଷରୁ ସୋମବାର କୁହାଯାଇଛି।

ଦ୍ୱିତୀୟ ଓ ତୃତୀୟ ଟେଷ୍ଟରେ ଖେଳିଥିବା ରେଡ୍ଡୀ ରବିବାର ଜିମ୍‌ରେ

## ଅର୍ଶଦୀପ ଚତୁର୍ଥ ଟେଷ୍ଟ ପାଇଁ ଅନୁପଲବ୍ଧ

ଟ୍ରେନିଂ କରୁଥିବା ବେଳେ ଆହତ ହୋଇଛନ୍ତି। ସ୍କାନ୍‌ରୁ ତାଙ୍କ ଲିଗାମେଣ୍ଟ ଡ୍ୟାମେଜ୍ ହୋଇଥିବା ଜଣାପଡ଼ିଛି। ବାମ ଆଣ୍ଠୁରେ ଆଘାତ ଲାଗିଥିବାରୁ ରେଡ୍ଡୀ ବଳକା ଦୁଇ ଟେଷ୍ଟରୁ ବାଦ୍ ପଡ଼ିଛନ୍ତି। ସେ ସ୍ୱଦେଶ ଫେରିବେ। ଏପର୍ଯ୍ୟନ୍ତ ସିରିଜ୍‌ରେ ଖେଳି ନ ଥିବା ଅର୍ଶଦୀପ ମଧ୍ୟ ଆହତ ହୋଇଛନ୍ତି। ଗତ ସପ୍ତାହରେ ନେଟ୍ସରେ ବୋଲିଂ ପ୍ରାକ୍ଟିସ୍ ବେଳେ ତାଙ୍କ ବାମହାତ ବୁଢ଼ା ଆଙ୍ଗୁଠିରେ ଆଘାତ ଲାଗିଥିଲା। ବିସିସିଆଇ ମେଡିକାଲ ଦଳ ତାଙ୍କ ଉପରେ ନଜର ରଖିଛି ବୋଲି ବିସିସିଆଇ ପକ୍ଷରୁ ଜାରି ବିଜ୍ଞପ୍ତିରେ କୁହାଯାଇଛି। ଦଳରେ ଆହତ ଖେଳାଳିଙ୍କ ସଂଖ୍ୟା ବୃଦ୍ଧି ପାଇବାରୁ ହରିୟାଣା ପେସର ଅନ୍‌ଶୁଲ କାମ୍ବୋଜଙ୍କୁ ଦଳରେ ସାମିଲ କରାଯାଇଛି। ସିରିଜ୍‌ର ଚତୁର୍ଥ ଟେଷ୍ଟ ବୁଧବାରଠାରୁ ଆରମ୍ଭ ହେବ।

**ଭାରତୀୟ ଦଳ:** ଶୁବମନ ଗିଲ୍ (ଅଧିନାୟକ), ରିଷଭ ପନ୍ତ(ଉଇକେଟ୍‌କିପର ଓ ଉପ ଅଧିନାୟକ), ଯଶସ୍ୱୀ ଜୟସ୍ୱାଲ, ଲୋକେଶ ରାହୁଲ, ସାଇ ସୁଦର୍ଶନ, ଅଭିମନ୍ୟୁ ଈଶ୍ୱରନ, କରୁନ ନାୟାର, ରବୀନ୍ଦ୍ର ଜାଡେଜା, ଧ୍ରୁବ ଜୁରେଲ(ଉଇକେଟ୍‌କିପର), ୱାଶିଂଟନ ସୁନ୍ଦର, ଶାର୍ଦ୍ଦୂଳ ଠାକୁର, ଯଶପ୍ରୀତ ବୁମ୍‌ରା, ମହମ୍ମଦ ସିରାଜ, ପ୍ରସିଦ୍ଧ କ୍ରିଷ୍ଣା, ଆକାଶ ଦୀପ, କୁଲ୍‌ଦୀପ ଯାଦବ ଓ ଅନ୍‌ଶୁଲ କାମ୍ବୋଜ୍।

## ଓଲ୍ଡ ଟ୍ରାଫୋର୍ଡରେ ଇଞ୍ଜିନିୟରଙ୍କ ନାମରେ ନାମିତ ହେବ ଷ୍ଟାଣ୍ଡ

ଭାରତର ପୂର୍ବତନ ଉଇକେଟ୍‌କିପର-ବ୍ୟାଟର ଫାରୁଖ୍ ଇଞ୍ଜିନିୟର ଓ ୱେଷ୍ଟଇଣ୍ଡିଜ୍ ଲିଜେଣ୍ଡ କ୍ଲାଇଭ୍ ଲୟଡଙ୍କ ନାମରେ ଆଇକନିକ୍ ଓଲ୍ଡ ଟ୍ରାଫୋର୍ଡ ଗ୍ରାଉଣ୍ଡରେ ଷ୍ଟାଣ୍ଡ ନାମିତ କରାଯିବ। ଉଭୟଙ୍କର ପୂର୍ବତନ କାଉଣ୍ଟି କ୍ଲବ ଲଙ୍କାଶାୟାର ପକ୍ଷରୁ ଏହି ଘୋଷଣା କରାଯାଇଛି। ଭାରତ ଓ ଇଂଲଣ୍ଡ ମଧ୍ୟରେ ଏଠାରେ ବୁଧବାରଠାରୁ ଆରମ୍ଭ ହେବାକୁଥିବା ଚତୁର୍ଥ ଟେଷ୍ଟର ପ୍ରଥମ ଦିନରେ ଷ୍ଟାଣ୍ଡର ନାମକରଣ ଉତ୍ସବ ଆୟୋଜନ ହୋଇପାରେ। ଇଂଲଣ୍ଡ ଏବେ ୫ ମ୍ୟାଚ୍‌ବିଶିଷ୍ଟ ଆଣ୍ଡରସନ-ତେନ୍ଦୁଲକର ଟ୍ରଫି(ଏଟିଟି) ସିରିଜ୍‌ରେ ୨-୧ରେ ଆଗରେ ରହିଛି।

ଫାରୁଖ୍ ୧୯୬୮ରୁ ୧୯୭୬ ମଧ୍ୟରେ ଲଙ୍କାଶାୟାର ପାଇଁ ୧୭୫ ମ୍ୟାଚ୍ ଖେଳି ୫,୯୪୨ ରନ୍ କରିବା ସହ ୪୨୯ କ୍ୟାଚ୍ ଓ ୩୫ ଷ୍ଟମ୍ପିଂ କରିଥିଲେ। ଦୁଇଥରର ବିଶ୍ୱକପ୍ ବିଜୟୀ ୱେଷ୍ଟଇଣ୍ଡିଜ ଦଳର ଅଧିନାୟକ ଲୟଡ୍ ୧୯୭୦ ଦଶକରେ ଦଳରେ ଯୋଗଦେବା ପରେ କ୍ଲବର ଭାଗ୍ୟ ବଦଳାଇ ଦେଇଥିଲେ। ୮୭ ବର୍ଷୀୟ ଫାରୁଖ୍ ଲଙ୍କାଶାୟାର ପକ୍ଷରୁ ଖେଳିବା ପୂର୍ବରୁ ଏହି କ୍ଲବ କଦାପି କୌଣସି ଟାଇଟଲ ଜିତି ନ ଥିଲା। ତାଙ୍କ ପ୍ରତିନିଧିତ୍ୱରେ ଏହି କ୍ଲବ ୧୯୭୦ରୁ ୧୯୭୫ ମଧ୍ୟରେ ୪ଥର ଜିଲେଟ୍ କପ୍ ଜିତିଛି। ଅବସର ନେବା ପରେ ଇଞ୍ଜିନିୟର ମାଞ୍ଚେଷ୍ଟରକୁ ନିଜ ଘର କରିଥିଲେ। ଏପର୍ଯ୍ୟନ୍ତ ସେ ସେଠାରେ ରହୁଛନ୍ତି। ବ୍ୟକ୍ତିଗତ କାର୍ଯ୍ୟ ଯୋଗୁ ଇଂଲଣ୍ଡ ଟୁର୍‌ରେ ଥିବା ଭାରତର ପୂର୍ବତନ ଅଧିନାୟକ ଦିଲୀପ ଭେଙ୍ଗ୍‌ସରକାର ଓ କ୍ଲବର ଅନ୍ୟ ସିନିୟର ସଦସ୍ୟ ଷ୍ଟାଣ୍ଡ ନାମକରଣ ଉତ୍ସବରେ ଯୋଗଦେବେ।




## ଅନୁଶ ଜିତିଲେ ଡ୍ରେସେଜ ଇଭେଣ୍ଟ

**ବର୍ଲିନ,୨୧।୭(ପି.ଟି.):** ଭାରତର ଅନୁଶ ଅଗ୍ରୱାଲ ଜୁବିଲୌମଷ୍ଟରନିୟର ହଫଗେସ୍ମାର ଓପନ୍‌ର ଡ୍ରେସେଜ ଇଭେଣ୍ଟରେ ଚାମ୍ପିୟନ ହୋଇଛନ୍ତି। ପ୍ୟାରିସ୍ ଅଲିମ୍ପିକ୍ସରେ ଭାରତକୁ ପ୍ରତିନିଧିତ୍ୱ କରିଥିବା ଅନୁଶ ୬୯.୮୯୧ ପ୍ରତିଶତ ପଏଣ୍ଟ ସହ ୬ ପ୍ରତିଯୋଗୀବିଶିଷ୍ଟ ଫାଇନାଲରେ ସ୍ୱର୍ଣ୍ଣ ପଦକ ଅଧିକାର କରିଛନ୍ତି। ତାଙ୍କ ବ୍ୟତୀତ ଅନ୍ୟ ସମସ୍ତ ପ୍ରତିଯୋଗୀ ଜର୍ମାନୀର ଥିଲେ। ପିଆ ପିଓଟ୍ରୋୱସ୍କି ଓ କାଥାରିନା ହେମର ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଥିଲେ। ଅନୁଶ ଓ ତାଙ୍କ ୭ ବର୍ଷର ଘୋଡ଼ା ଫ୍ଲୋରିଆନାଙ୍କ ଲାଗି ଏସ୍ ଲିଭେଲରେ ପ୍ରଥମ ସଫଳତା ହାସଲ କରିଛନ୍ତି।





ସିଙ୍ଗାପୁରରେ ଚାଲିଥିବା ୱାର୍ଲ୍ଡ ଆକ୍ୱାଟିକ୍ ଚାମ୍ପିୟନଶିପ୍‌ର ଆର୍ଟିଷ୍ଟିକ୍ ସୁଇମିଂର ଓମେନ୍ସ ଡୁଏଟ୍ ଟେକ୍‌ନିକାଲ ଫାଇନାଲରେ ଅଂଶଗ୍ରହଣ ଅବସରରେ ଫ୍ରାନ୍ସର ଆନାସ୍ତାସିଆ ବାୟାନ୍‌ଡିନା ଓ ରୋମେନ୍ ଲୁନେଲ।

## ଇଂଲଣ୍ଡର ଚୂଡ଼ାନ୍ତ ଏକାଦଶ ଘୋଷଣା

**ମାଞ୍ଚେଷ୍ଟର,୨୧।୭(ପି.ଟି.)**

ଆସନ୍ତା ବୁଧବାରଠାରୁ ଭାରତ ବିପକ୍ଷରେ ଆରମ୍ଭ ହେବାକୁ ଥିବା ଚତୁର୍ଥ ଟେଷ୍ଟ ଲାଗି ସୋମବାର ଇଂଲଣ୍ଡ ତା'ର ଚୂଡ଼ାନ୍ତ ଏକାଦଶ ଘୋଷଣା କରିଛି। ଆହତ ସମସ୍ୟା ଯୋଗୁ ଦଳରୁ ବାଦ୍ ପଡ଼ିଥିବା

### ଭାରତ ବିପକ୍ଷ ଚତୁର୍ଥ ଟେଷ୍ଟ

ଶୋଏବ ବଶିରଙ୍କ ବଦଳରେ ବାମହାତୀ ସ୍ପିନର ଲିଆନ ଡସନଙ୍କୁ ଦଳରେ ସାମିଲ କରାଯାଇଛି। ଏହା ଛଡ଼ା ଦଳରେ ଅନ୍ୟ କୌଣସି ପରିବର୍ତ୍ତନ କରାଯାଇ ନାହିଁ। ବଶିରଙ୍କ ବିଦାୟ ଯୋଗୁ ୩୫ ବର୍ଷୀୟ ଡସନ ୮ ବର୍ଷର ବ୍ୟବଧାନ ପରେ ଜାତୀୟ ଦଳକୁ ଫେରିଛନ୍ତି। ଇଂଲଣ୍ଡର ଚୂଡ଼ାନ୍ତ ଏକାଦଶ: ଜ୍ୟାକ କ୍ରଲି, ବେନ ଡକେଟ, ଓଲି ପୋପ (ଉପ ଅଧିନାୟକ), ଜୋ ରୁଟ, ହ୍ୟାରୀ ବ୍ରୁକ, ବେନ ଷ୍ଟୋକ୍ସ (ଅଧିନାୟକ), ଜେମି ସ୍ମିଥ (ଉଇକେଟ କିପର), ଲିଆନ ଡସନ, କ୍ରିସ ୱୋକ୍ସ, ବ୍ରାଇଡନ କାର୍ସ ଓ ଜୋଫ୍ରା ଆର୍ଚ୍ଚର।

## ଅଷ୍ଟ୍ରେଲିଆକୁ ଜିତାଇଲେ ଓୱେନ୍

**ଜାମାଇକା,୨୧।୭**

ପଦାର୍ପଣକାରୀ ମିଚେଲ ଓୱେନଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ ବଳରେ ୱେଷ୍ଟଇଣ୍ଡିଜ୍ ବିପକ୍ଷ ରବିବାର ରାତିରେ ଖେଳାଯାଇଥିବା ପ୍ରଥମ ଟି୨୦ ମ୍ୟାଚ୍‌କୁ ଅଷ୍ଟ୍ରେଲିଆ ୩ ଉଇକେଟରେ ଜିତିନେଇଛି। ଏହି ବିଜୟ ସହ ୫ ମ୍ୟାଚ୍‌ବିଶିଷ୍ଟ ଟି୨୦ ସିରିଜ୍‌ରେ ଭ୍ରମଣକାରୀ ଅଷ୍ଟ୍ରେଲିଆ ୧-୦ରେ ଅଗ୍ରଣୀ ହାସଲ କରିଛି। କ୍ୟାରିୟରର ପ୍ରଥମ ମ୍ୟାଚ୍‌ରେ ଓୱେନ ପ୍ଲେୟର ଅଫ୍ ମ୍ୟାଚ୍ ବିବେଚିତ ହୋଇଛନ୍ତି। ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ସମାନ ଭେନ୍ୟୁରେ ମଙ୍ଗଳବାର ଖେଳାଯିବ।

ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ୱେଷ୍ଟଇଣ୍ଡିଜ ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୧୮୯ ରନ୍ କରିଥିଲା। ଦଳ ପକ୍ଷରୁ ରୋଷ୍ଟନ ଚେଜ୍ ୬୦(୯ ଚୌକା ଓ ୨ ଛକା), ଅଧିନାୟକ ଶାଇ ହୋପ୍ ୫୫(୪ ଚୌକା ଓ ୩ ଛକା) ଓ ସିମରନ ହେଟମେୟର ୩୮(୨ ଚୌକା ଓ ୩ ଛକା) ରନ୍ କରିଥିଲେ। ବୋଲିଂରେ ଅଷ୍ଟ୍ରେଲିଆ ପାଇଁ ବେନ୍ ଡ୍ୱାରଶୁଇସ ୪ ଉଇକେଟ ନେଇଥିବା ବେଳେ ସିନ ଆବଟ, କୁପର କୋନୋଲି, ନାଥନ ଏଲିସ ଓ ଓୱେନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଅଷ୍ଟ୍ରେଲିଆ ୧୮.୫ ଓଭରରେ ୭ ଉଇକଟ ହରାଇ ୧୯୦ ରନ୍ କରି ମ୍ୟାଚ୍ ଜିତି ନେଇଥିଲା। ଦଳ ଲାଗି କାମେରନ ଗ୍ରୀନ୍ ୨୬ ବଲରେ ୫୧(୨ ଚୌକା ଓ ୫ ଛକା) ଓ ଓୱେନ ୨୭ ବଲରେ ୫୦(୬ ଛକା) ରନ୍ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ମିଚେଲ ମାର୍ଶ ୨୪ (୩ ଛକା) ଓ ଜୋଶ ଇଙ୍ଗଲିସ ୧୮(୨ ଚୌକା ଓ ୩ ଛକା) ରନ୍ କରିଥିଲେ। ଘରୋଇ ୱେଷ୍ଟଇଣ୍ଡିଜ ପକ୍ଷରୁ ଜାସନ ହୋଲ୍ଡର, ଅଲ୍‌ଜାରି ଯୋଶେଫ ଓ ଗୁଡାକେଶ ମୋତି ଦୁଇଟି ଲେଖାଏ ଉଇକେଟ ନେଇଥିଲେ।



ଅର୍ଦ୍ଧଶତକୀୟ ଇନିଂସ ଅବସରରେ ମିଚେଲ ଓୱେନ (ବାମ)।

**ସଂକ୍ଷିପ୍ତ ସ୍କୋର**

ୱେଷ୍ଟଇଣ୍ଡିଜ: ୨୦ ଓଭରରେ ୧୮୯/୮(ରୋଷ୍ଟନ ଚେଜ୍-୬୦, ଶାଇ ହୋପ୍-୫୫, ସିମରନ ହେଟମେୟର-୩୮, ବେନ୍ ଡ୍ୱାରଶୁଇସ-୪/୩୬)। ଅଷ୍ଟ୍ରେଲିଆ: ୧୮.୫ ଓଭରରେ ୧୯୦/୭(କାମେରନ ଗ୍ରୀନ୍-୫୧, ମିଚେଲ ଓୱେନ-୫୦, ମିଚେଲ ମାର୍ଶ-୨୪, ଗୁଡାକେଶ ମୋତି-୨/୨୯, ଜାସନ ହୋଲ୍ଡର-୨/୩୨, ଅଲ୍‌ଜାରି ଯୋଶେଫ-୨/୩୯)।

## ରାଜ୍ୟସ୍ତରୀୟ ସ୍କୁଲ ଚେସ୍: ଶ୍ରଦ୍ଧା ସ୍ମରଣିକା ଚାମ୍ପିୟନ

**ଭୁବନେଶ୍ୱର, ୨୧।୭ (ବିଜୟ ରଣା)**

କଟକ ତ୍ରିଶୁଳିଆସ୍ଥିତ ସେରିମୋନିୟମ ମଣ୍ଡପଠାରେ ପ୍ରଥମ ରାଜ୍ୟସ୍ତରୀୟ ଏସ୍.ଆର ଦିନିକିଆ ରାପିଡ୍ ରାଜ୍ୟସ୍ତରୀୟ ସ୍କୁଲ ଚେସ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସିଡିଏ ଡିଏଭି ସ୍କୁଲ ଛାତ୍ରୀ ଶ୍ରଦ୍ଧା ସ୍ମରଣିକା ନନ୍ଦ ୭ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତାରେ ୬.୫ ପଏଣ୍ଟ ଅର୍ଜନ କରି ଚାମ୍ପିୟନ ହୋଇଛନ୍ତି। ଅନ୍ତର୍ଜାତୀୟ ଚେସ୍ ଦିବସ ଉପଲକ୍ଷେ ରାଜ୍ୟର ଅଗ୍ରଣୀ ଚେସ୍ ପ୍ରଶିକ୍ଷଣ କେନ୍ଦ୍ର ଏସ୍.ଆର୍ ଚେସ୍ ସେଣ୍ଟର ଓ କ୍ରୀଡ଼ା ସଂଗଠନ ଡି ୱେଟ୍‌ବିୱର୍ବର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଟୁର୍ନାମେଣ୍ଟରେ ରାଜ୍ୟର ୧୭ଟି ଜିଲାରୁ ୩୦ ଅନ୍ତର୍ଜାତୀୟ ରେଟେଡ ଖେଳାଳିଙ୍କ ସମେତ ମୋଟ ୧୯୦ ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ। ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଡିଏଭି ସ୍କୁଲର ଓମ୍ ସ୍ୱରୂପ ପାଢୀ ସମାନ ୬.୫ ପଏଣ୍ଟ ଅର୍ଜନ କରି ରନରଅପ୍ ହୋଇଥିବା ବେଳେ ଓଡ଼ିଏମ୍ ପବ୍ଲିକ ସ୍କୁଲର ସାୟାଂଶ ଦାସ ତୃତୀୟ ଏବଂ ଆୟାଶା ମହାନ୍ତି ୪ର୍ଥ, ଆଦଭିକ୍ ଆଦିତ୍ୟ ସ୍ୱାଇଁ ୫ମ, ସତ୍ୟ ସ୍ୱରୂପ ସାହୁ ୬ଷ୍ଠ ଏବଂ ଲଳିତ ରଞ୍ଜନ ସାହୁ ୭ମ ସ୍ଥାନରେ ରହିଥିଲେ। ଏମାନେ ସମସ୍ତେ ୬ ପଏଣ୍ଟ ଲେଖାଏଁ ଅର୍ଜନ କରିଥିଲେ। ସେହିପରି ୬ ବର୍ଷରୁ କମ୍, ୭ ବର୍ଷରୁ କମ୍, ୯ ବର୍ଷରୁ କମ୍, ୧୧ ବର୍ଷରୁ କମ୍ ବିଭାଗରେ ପ୍ରତିଯୋଗିତା ମାନ ହୋଇଥିଲା। ଏସ୍.ଆର୍ ଚେସ୍‌ର ସଭାପତି ସୁଭାଶିଷ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଚାଟାର୍ଡ ଆକାଉଣ୍ଟାଣ୍ଟ ରାଜନାରାୟଣ ତ୍ରିପାଠୀ ଓ ପୂର୍ବତନ ରାଜ୍ୟ ଚେସ୍ ସଂଘର ଆଡହକ୍ କମିଟି ଅଧ୍ୟକ୍ଷ ଅସିତ ମୁଖାର୍ଜୀ ଚେସ୍ ବୋର୍ଡରେ ପ୍ରଥମ ଚାଲ୍ ଚଳାଇ ପ୍ରତିଯୋଗିତାର ଉଦ୍‌ଘାଟନ କରି ଥିଲେ। ସନ୍ଧ୍ୟାରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ରାଜ୍ୟର ପ୍ରଥମ ଗ୍ରାଣ୍ଡମାଷ୍ଟର ଦେବାଶିଷ ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କୃତୀ ଶ୍ରେଷ୍ଠ ୧୫ ଖେଳାଳିଙ୍କୁ ୨୦ ହଜାର ଟଙ୍କାର ଆର୍ଥିକ ପୁରସ୍କାର ସହ ବିଭିନ୍ନ ବୟସବର୍ଗର ୬୫ ଜଣଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। ଏଥିରେ ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ବ୍ୟବସାୟୀ ସିଦ୍ଧାର୍ଥ ଦାସ, କଟକ ଜିଲା ଚେସ୍ ସଂଘର ମେଣ୍ଟର ହେମନ୍ତ କୁମାର ନାୟକ ଏବଂ ବଲାଙ୍ଗୀର ଚେସ୍ ଜିଲା ଚେସ୍ ସଂଘର ସମ୍ପାଦକ ପ୍ରିୟବ୍ରତ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ।




ଅତିଥିଙ୍କ ସହ କୃତୀ ଖେଳାଳି।

## ସାହାଣୀ କପ୍ ଫୁଟ୍‌ବଲ: ଖୋର୍ଦ୍ଧା, କଟକ ବିଜୟୀ

**ରାଜକନିକା, ୨୧।୭ (ରବୀନ୍ଦ୍ର କୁମାର ଦାସ)**

ଓଡ଼ିଶା ଫୁଟ୍‌ବଲ ଆସୋସିଏଶନ୍ ଆନୁକୂଲ୍ୟରେ କେନ୍ଦ୍ରାପଡ଼ା ଜିଲା କ୍ରୀଡ଼ା ସଂସଦ ଅନୁବନ୍ଧିତ ରାଜକନିକା ଆଥ୍‌ଲେଟିକ ଆସୋସିଏଶନ ଦ୍ୱାରା ଆର୍.ଏନ୍. ହାଇସ୍କୁଲ ମିନି ଷ୍ଟାଡିୟମରେ ସିନିୟର ଆନ୍ତଃ ଜିଲା ସାହାଣୀ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟରର ୬ଷ୍ଠ ଦିନ ଖେଳ ସୋମବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ମ୍ୟାଚ ଖୋର୍ଦ୍ଧା ଓ ପୁରୀ ମଧ୍ୟରେ ହୋଇଥିଲା। ଏଥିରେ ଖୋର୍ଦ୍ଧା ୫ -୦ ଗୋଲରେ ବିଜୟ ଲାଭ କରିଥିଲା। ଏହି ଖେଳରେ ମୁଖ୍ୟ ଅତିଥି ଭାବେ ଆସୋସିଏଶନର ଉପସଭାପତି କପିଳେନ୍ଦ୍ର ମଲ୍ଲିକ, ସମ୍ମାନିତ ଅତିଥି ଭାବେ କାର୍ଯ୍ୟକାରୀ ସଦସ୍ୟ ବେଣୁଧର ପରିଡା, ରଙ୍ଗାଧର ବେହୁରା ଓ ଶରତ କୁମାର ମଲ୍ଲିକ ପ୍ରମୁଖ ଯୋଗଦେଇ ଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ କଟକ ଓ ପାରାଦୀପ ମଧ୍ୟରେ ହୋଇଥିଲା। ଏଥିରେ କଟକ ୬-୦ ଗୋଲରେ ବିଜୟ ଲାଭ କରିଥିଲା। ପ୍ରଥମ ମ୍ୟାଚରେ ଖୋର୍ଦ୍ଧା ଦଳର ଜଳଧର ନାୟକ ଓ ଦ୍ୱିତୀୟ ମ୍ୟାଚରେ କଟକ ଦଳର ଦୀନବନ୍ଧୁ ଦାସ ମ୍ୟାନ ଅଫ ଦି ମ୍ୟାଚ ହୋଇଥିଲେ। ରିଫେରି ଭାବେ ଆଲୋକ ଦେହୁରୀ, ଶଶିକାନ୍ତ ଦାସିଆ ଖେଳ ପରିଚାଳନା କରିଥିବାବେଳେ ଦିଲୀପ ରାଉତ ମ୍ୟାଚ କମିଶନର କାର୍ଯ୍ୟ ସମ୍ପାଦନ କରିଥିଲେ।

ଏହି ଖେଳରେ ମୁଖ୍ୟ ଅତିଥି ଭାବେ ଆସୋସିଏଶନର ସଭାପତି ଦୋଳ ଗୋବିନ୍ଦ ନାୟକ, ସମ୍ମାନିତ ଅତିଥି ଭାବେ ଉପସଭାପତି ପ୍ରଫେସର ବୈକୁଣ୍ଠ ନାଥ ପରିଡା, ଯୁଗ୍ମ ସମ୍ପାଦକ ଡ. ଫକୀର ଚନ୍ଦ୍ର ପ୍ରଧାନ, କୋଷାଧ୍ୟକ୍ଷ ଦେବେନ୍ଦ୍ର କୁମାର ନାୟକ, କାର୍ଯ୍ୟକାରୀ ସଦସ୍ୟ ବିଜୟ କୁମାର ଭୂୟାଁ ଓ ଅକ୍ଷୟ କୁମାର ନାଥ, ମିଡ଼ିଆ ସମ୍ପାଦକ ଅଜୟ କୁମାର ରାଉତ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅନୁଷ୍ଠାନର ସାଧାରଣ ସମ୍ପାଦକ ଅଜୟ କୁମାର ନାୟକ, ଉପଦେଷ୍ଟା ଆଦିକନ୍ଦ ଦାସ, ବାସୁଦେବ ବେହେରା, କେତନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଗୋଲକ ବିହାରୀ ମଲ୍ଲିକ, ପର୍ଶୁରାମ ସାହୁ, ଶରତ ଜେନା, ସୋମ୍ୟକାନ୍ତ ନାୟକ, ବିଶ୍ୱନାଥ ଦାଶ, ବିଶ୍ୱ ରଞ୍ଜନ ପଢ଼ିଆରୀ ଆଦି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ମ୍ୟାଚ୍ ପୂର୍ବରୁ ଅତିଥିଙ୍କ ସହ ଖେଳାଳିମାନେ।

### ଅନ୍ୟ ଜୋନ୍ ଫଳାଫଳ

**କେନ୍ଦୁଝର ଜୋନ୍**
ବାଲେଶ୍ୱର-୦, ସୁନ୍ଦରଗଡ଼-୧
ଢେଙ୍କାନାଳ-୦, ସୁବର୍ଣ୍ଣପୁର-୦

**ବ୍ରହ୍ମପୁର ଜୋନ୍**
କୋରାପୁଟ-୪, ରାୟଗଡ଼ା-୦
ମାଲକାନଗିରି-୦, ମୟୂରଭଞ୍ଜ-୫।

ପ୍ରତିଯୋଗିତାର କ୍ୱାର୍ଟର ଫାଇନାଲ ପର୍ଯ୍ୟାୟ ୨୩ ତାରିଖରୁ ଆରମ୍ଭ ହେବ। ରାୟଗଡ଼ା ଜୋନ୍‌ରେ ସେଦିନ କଟକ ବନାମ ଝାରସୁଗୁଡ଼ା, ବ୍ରହ୍ମପୁର ଜୋନ୍‌ରେ ଭୁବନେଶ୍ୱର ବନାମ କୋରାପୁଟ, କେନ୍ଦୁଝର ଜୋନ୍‌ରେ ସୁନ୍ଦରଗଡ଼ ବନାମ ରାଉରକେଲା ଷ୍ଟିଲ୍‌ପ୍ଲାଣ୍ଟ ମ୍ୟାଚ୍ ଖେଳାଯିବ। ବୌଦ୍ଧ ଜୋନ୍‌ରେ ଲିଗ୍ ପର୍ଯ୍ୟାୟ ଶେଷ ହେବା ପରେ କ୍ୱାର୍ଟର ଫାଇନାଲ ପାଇଁ ଦିନ ଧାର୍ଯ୍ୟ ହେବ।

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ